# ଆମ ସ୍ୱାଭିମାନ, ଆମ ଅସ୍ମିତା

## ବିଜୟିନୀ - ୨୦୧୭

# ଆମ ସ୍ୱାଭିମାନ, ଆମ ଅସ୍ମିତା

ପ୍ରକାଶକ
ବିଜୟିନୀ ସ୍ମୃତି ଟ୍ରଷ୍ଟ
ସମାରୋହ, ୧୨୮, ଡୁମୁଡୁମା (କ), ଭୁବନେଶ୍ୱର-୩୦

ପ୍ରକାଶ କାଳ : ୧୬-୯-୨୦୧୭

ମୁଦ୍ରଣ :
ଶ୍ରୀରାମ ସ୍କ୍ରିନ୍ ପ୍ରିଣ୍ଟିଂ, ୩୭୧, ସହୀଦନଗର, ଭୁବନେଶ୍ୱର-୭

ମୂଲ୍ୟ : ୧୦୦ ଟଙ୍କା

# ଉତ୍ସର୍ଗ

ହସୁନି ମୋନାଲିସା ! କେମିତି ? ତୁମର ମୋନାଲିସା ପରା ସେଇ କାଳର ଓଡ଼ିଶା, ଉତ୍କଳ ଜନନୀ - ଓଡ଼ିଆ ମା ! ସତରେ ସିଏ କଷଣରେ ହସିବ ବା କେମିତି ? କିନ୍ତୁ ତା'ରି ଗାରିମାମୟ ଅସ୍ମିତାକୁ ଯିଏ ଗୋଟିପଣେ ଆପଣାଇ ଜୀବନରେ ସଦା ବିଜୟିନୀ, ସେଇ ବିଜୟିନୀଙ୍କୁ.....

– ଇନ୍ଦ୍ରମଣି

# ପ୍ରଫେସର ବିଜୟିନୀ ମହାନ୍ତି

## (୧୪.୧୧.୧୯୫୭ - ୧୬.୦୯.୨୦୧୩)

ପ୍ରଫେସର ବିଜୟିନୀ ମହାନ୍ତି ନିଜ ଜୀବନର ୫୫ ବର୍ଷରୁ ୩୭ ବର୍ଷ ଅଧ୍ୟାପନାରେ ବ୍ୟସ୍ତ ରହିଛନ୍ତି । ସେହି ଅବଧି ମଧ୍ୟରେ ତାଙ୍କର ଗବେଷଣା କ୍ଷେତ୍ର ହୋଇଛି ପୌର ଶାସନ, ମହିଳା ସଶକ୍ତିକରଣ, ଅନୁସୂଚିତ ଗିରିଜନ, ପଞ୍ଚାୟତିରାଜ, ଓଡିଶା ପ୍ରଶାସନ, ଅମଲାତନ୍ତ୍ର ଓ ଅନେକ ନୂତନ ପ୍ରଶାସନିକ ଭାବଧାରା । ପ୍ରଥମ ଦୁଇଟି ବିଷୟରେ ନିଜର ପି.ଏଚ.ଡି ଓ ଡି.ଲିଟ୍ ଲାଭ କରିଛନ୍ତି । ବହୁ ଗୁଡିଏ ଅମୂଲ୍ୟ ପୁସ୍ତକ ରଚନା କରିଛନ୍ତି ।

ସାମାଜିକ ଜୀବନରେ ବିଜୟିନୀ ସବୁ କ୍ଷେତ୍ରରେ ଉଦାହରଣ ହୋଇ ରହିଛନ୍ତି । ସମାଜରେ ଆଦର୍ଶ କନ୍ୟା, ଭଉଣୀ ହେବା ସହିତ ସମସ୍ତଙ୍କର ଆଦରଣୀୟା ହୋଇଛନ୍ତି । ମଣିଷପଣିଆ ନେଇ ବିଜୟିନୀ କାର୍ଯ୍ୟ କ୍ଷେତ୍ରରେ ବି ପୂର୍ଣ୍ଣ ଲକ୍ଷ୍ୟ ହାସଲ କରିଥିଲେ - ପାଠପଢା, ଘରକରଣା, ଗବେଷଣ. ଶିକ୍ଷାଦାନ ଅବା ପୁସ୍ତକ ପ୍ରଣୟନ ହେଉ ।

ତାଙ୍କର ତିରୋଧାନ ପରେ ତାଙ୍କର ସ୍ମୃତି ପାଇଁ ଗଠିତ ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ କିଛି କାର୍ଯ୍ୟକ୍ରମ କରାଯାଏ । 'ବିଜୟିନୀ ସ୍ମୃତି ସଭା' ହୁଏ ତିରୋଧାନ ଦିବସ, ସେପ୍ଟେମ୍ବର ୧୬ ତାରିଖରେ । ଏହି ଉପଲକ୍ଷେ 'ବିଜୟିନୀ' ସ୍ମରଣିକା ପ୍ରକାଶିତ ହୁଏ । ଆତ୍ମୀୟ ଓ ବନ୍ଧୁମାନଙ୍କ ପରାମର୍ଶକ୍ରମେ ବିଜୟିନୀ ମହାନ୍ତିଙ୍କ ସମ୍ମାନରେ ଜଣେ କୃତୀ ମହିଳାଙ୍କୁ 'ବିଜୟିନୀ ସମ୍ମାନ' ଦିଆଯାଉଛି । ଶିକ୍ଷା କ୍ଷେତ୍ରରେ ତାଙ୍କର କର୍ମକ୍ଷେତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗର ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀଙ୍କୁ 'ବିଜୟିନୀ ମେମୋରିଆଲ ଆଓ୍ୱାର୍ଡ', ରମାଦେବୀ ମହିଳା ମହାବିଦ୍ୟାଳୟ (ବିଶ୍ୱବିଦ୍ୟାଳୟ)ର ରାଜନୀତି ବିଜ୍ଞାନରେ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରୀଙ୍କୁ 'ବିଜୟିନୀ ସ୍ମୃତି ପୁରସ୍କାର' ଓ ଶୈଳବାଳା ମହିଳା ମହାବିଦ୍ୟାଳୟରେ ସେହି ପରି 'ବିଜୟିନୀ ସ୍ମାରକୀ ପୁରସ୍କାର' ୨୦୧୪ରୁ ଦିଆ ହେଉଛି ।

ଏହା ବ୍ୟତୀତ ତାଳପଦେଶ୍ୱରୀ ସାହିତ୍ୟ ଆସରର ମୂଳ ଉପଦେଷ୍ଟା ଭାବରେ ଏହି ଅନୁଷ୍ଠାନର ଜଣେ କୃତୀ ସାହିତ୍ୟିକଙ୍କୁ 'ତାଳପଦେଶ୍ୱରୀ ବିଜୟିନୀ ସମ୍ମାନ' ଦିଆ ହେଉଛି ।

ନିଜର ଅନେକ ଅଭୀପ୍ସା ରହିଥିଲା, ଯାହା ଅପୂରଣୀୟ ହୋଇ ରହିଯାଇଥିଲା, କେତେଜଣ ଉତ୍କୃଷ୍ଟ ଗବେଷକଙ୍କୁ ଅଧାରେ ରଖିଦେଇ ନିୟତିର ନିର୍ଦ୍ଦେଶରେ ଚାଲିଯାଇଛନ୍ତି । ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ସଯତ୍ନ ଆଗ୍ରହରୁ ସେ ସବୁ ପରିପୂର୍ଣ୍ଣ ହୋଇପାରିଛି । ବିଭାଗର କେତୋଟି ପୁସ୍ତକ ପ୍ରଣୟନ କରିବା ବିଜୟିନୀଙ୍କର ଲକ୍ଷ୍ୟଥିଲା, ସେହି କାର୍ଯ୍ୟକ୍ରମରେ ଲୋକ ପ୍ରଶାସନ ବିଭାଗ ସହଯୋଗରେ ସମ୍ପାଦିତ ହେବ ବୋଲି ଆଶା ।

ଗତବର୍ଷ ଡିସେମ୍ବରରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗରେ 'ପ୍ରଥମ ବିଜୟିନୀ ମେମୋରିଆଲ ବକ୍ତୃତା' ଅନୁଷ୍ଠିତ ହେଲା, ବକ୍ତା ଥିଲେ ଦିଲ୍ଲୀ ଜାମିଆ ମିଲିଆର ପ୍ରଫେସର ରୁମ୍କି ବସୁ । ୨୦୧୭ ମସିହା ଠାରୁ ବିଜୟିନୀ ମେମୋରିଆଲ ବକ୍ତୃତା ତାଙ୍କ ସ୍ମୃତି ସଭାସହିତ ଅନୁଷ୍ଠିତ ହେବାର ନିଷ୍ପତ୍ତି ନିଆଯାଇଛି । ଏଥର ବନାରସ ହିନ୍ଦୁ ୟୁନିଭରସିଟିର ପ୍ରାକ୍ତନ ପ୍ରଫେସର ଆର୍.ଆର୍. ଝା ଦ୍ୱିତୀୟ ସ୍ମାରକୀ ବକ୍ତୃତା ଦେବାପାଇଁ ସମ୍ମତି ପ୍ରଦାନ କରିଛନ୍ତି ।

***ଡାକ୍ତର ଇନ୍ଦ୍ରମଣି ଜେନା,***

*ସଭାପତି ଓ ଦାତା, ବିଜୟିନୀ ସ୍ମୃତି ଟ୍ରଷ୍ଟ*

●●●●



# ଆମ ସ୍ୱାଭିମାନ, ଆମ ଅସ୍ମିତା


| | | | |
|---|---|---|---|
| | ଉପକ୍ରମ | ଡା ଇନ୍ଦ୍ରମଣି ଜେନା | ୦୯ |
| | ଅଭିମତ | ଡ. ଗୌରହରି ଦାସ | ୧୩ |
| ୧. | **ଓଡିଆ ସ୍ୱାଭିମାନ – ଓଡିଆ ଅସ୍ମିତା** | | |
| | ବଂଶୀବାଦକ | ଡ. ଫନୀ ମହାନ୍ତି | ୧୯ |
| | ଓଡ଼ିଆ ଅସ୍ମିତାର ସ୍ଥିତି, ଦିପ୍ତି ଓ ବିବର୍ତ୍ତନ | ଡ. ଜୀବନ କୃଷ୍ଣ ମହାପାତ୍ର | ୨୦ |
| | ପରିଚୟ – ଓଡିଶାର ଓ ଓଡିଆଙ୍କର | ଡ. ସୂର୍ଯ୍ୟନାରାୟଣ ମିଶ୍ର | ୨୪ |
| | ଆମ ଜନ୍ମଭୂମି | ସୁଲୋଚନା ଦାସ | ୨୭ |
| | ଆମ ଅସ୍ମିତା | ଡ. ସଂଘମିତ୍ରା ମିଶ୍ର | ୩୦ |
| | ଗୋଷ୍ଠୀଗତ ସ୍ୱାଭିମାନ – ଓଡିଶା ପରିପ୍ରେକ୍ଷୀରେ | ଡ. ଫକୀର ମୋହନ ସାହୁ | ୩୪ |
| | ଉତ୍କଳ ସନ୍ତାନ | ଉତ୍କଳ ଗୌରବ ମଧୁସୂଦନ ଦାସ | ୩୭ |
| ୨. | **ଚାରୁହାସମୟୀ ଉତ୍କଳ ଜନନୀ** | | |
| | ଏବେ ଏବେ ଆବେଗରେ | ଉମାକାନ୍ତ ମହାପାତ୍ର | ୪୧ |
| | ମନୋରମ ଉତ୍କଳ | ପରିକଳ୍ପିତ | ୪୩ |
| | ମନୋରମ ଉତ୍କଳରେ ପର୍ଯ୍ୟଟନ ବ୍ୟବସ୍ଥା | ଡ. ବିନ୍ଦୁଶ୍ରୀ ମିଶ୍ର | ୪୬ |
| ୩. | **କଳିଙ୍ଗାଃ ସାହସିକାଃ** | | |
| | ପଥ ହରା ଆଜି........। | ମନଜ୍ୟୋତ୍ସ୍ନା ସାମଲ | ୫୧ |
| | ସିପାହୀ ବିଦ୍ରୋହର ସିପାହୀ ପଣ୍ଡା – ଚାଖି ଖୁଣ୍ଟିଆ | ଡ. ଭବାନୀ ଶଙ୍କର ଦାଶ | ୫୨ |
| | ଅପ୍ରସ୍ତୁତ ଓଡ଼ିଆ: ତା' ଜାତୀୟ ହିରୋ | ରବି କାନୁନ୍‌ଗୋ | ୫୫ |
| | ପୂର୍ବପୁରୁଷ | ତପନ ମହାପାତ୍ର | ୬୦ |
| | ଅନ୍ଧାରି ମୂଳକର ଆଲୋକଶିଖା–ବାଳକ ସହିଦ ବାଜି ରାଉତ | ଡ. ଉଦ୍ଧବ ଚରଣ ନାୟକ | ୬୫ |
| | ଖାରବେଳବୋଧ | ଡାକ୍ତର ଇନ୍ଦ୍ରମଣି ଜେନା | ୭୦ |
| | ଓଡିଆ ଅସ୍ମିତା ଓ ମଧୁବାବୁ | ଡ.ଦେବେନ୍ଦ୍ର କୁମାର ପତି | ୭୪ |
| | ଉତ୍କଳର ବରପୁତ୍ର ଉତ୍କଳମଣି ଗୋପବନ୍ଧୁ | ଡ. ହରେକୃଷ୍ଣ ସ୍ୱାଇଁ | ୭୬ |
| | ନିର୍ଭୀକ ଓଡିଆ ପୁଅ | କୁଶାନ୍ ବନ୍ଧୁ ଆଚାର୍ଯ୍ୟ | ୭୯ |
| | ଉତ୍କଳ ଜନନୀ | – | ୮୧ |
| ୪. | **ଦରିଆପାରି କଳିଙ୍ଗ ସମ୍ରାଜ୍ୟ** | | |
| | ଦୁତି କଳିଙ୍ଗ | ଡ. ଅଶୋକ ନାଥ ପରିଡା | ୮୫ |
| | ଆମ ରକତ ଏଇ ଜଗନ୍ନାଥ ମାଟିର | ଡାକ୍ତର ତନୟା ଜେନା | ୮୯ |
| | ଉତ୍କଳ ଜନନୀ | – | ୯୫ |

| | | | |
|---|---|---|---|
| ୫. | **ଉତ୍କୃଷ୍ଟ କଳାର ସମ୍ଭାର ଉତ୍କଳ** | | |
| | ଏହି ସେ ଉତ୍କଳ ଭୂମି | ବିଜୟଲକ୍ଷ୍ମୀ ଦାଶ | ୯୯ |
| | ଆମେ ସବୁ ଭାଇଭାଇ | ସୁଶାନ୍ତ କୁମାର ଆଚାର୍ଯ୍ୟ | ୯୯ |
| | ଦୁଃଖ | ସୁଜାତା ସିହ୍ନା | ୧୦୦ |
| | ପ୍ରକୃତି କୋଳରୁ ଓଡ଼ିଆ ଗୀତି ଓ ସଂସ୍କୃତି | ସୁଶିଲ କୁମାର ପଟ୍ଟନାୟକ | ୧୦୧ |
| ୬. | **ପୂଣ୍ୟଭୂମି ଉତ୍କଳ** | | |
| | ଓଡ଼ିଆ ହୃଦୟ ସ୍ପନ୍ଦନର ଆଧାର - ଜଗନ୍ନାଥ | ଡ. ଯୁଗଳ କିଶୋର ଶତପଥୀ | ୧୦୯ |
| | ଓଡ଼ିଶାର ଗଜପତି - ଓଡ଼ିଆ ଅସ୍ମିତାର ବଳିଷ୍ଠ ନିଦର୍ଶନ | ଡ. ଭାସ୍କର ମିଶ୍ର | ୧୧୬ |
| | ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ଏକକ ପ୍ରତୀକ | ବିଜୟ ଦାଶ | ୧୨୨ |
| | କୀର୍ତ୍ତି ଯା'ର ଭୁବନଘୋଷିତ | ଡ.କେଶବ ଚନ୍ଦ୍ର ଶତପଥୀ | ୧୨୪ |
| ୭. | **ଚିର ଲାସ୍ୟମୟୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି** | | |
| | ନବ ଉତ୍କଳର ନିର୍ମାତା | ହଂସନାଥ ମୁଦୁଲି | ୧୨୭ |
| | ଅକ୍ଷୁଣ୍ଣ ଓଡ଼ିଆ ଭାଷା | ଡ. ସଂଘମିତ୍ରା ଭଂଜ | ୧୨୯ |
| | ଓଡ଼ିଆ ସାହିତ୍ୟର ଅବୟବ | ସଂଘମିତ୍ରା ନାୟକ | ୧୩୧ |
| | ଓଡ଼ିଆଭାଷାର ଅସ୍ମିତା - ବ୍ୟାସାବତାର ସାରଳା ଦାସ | ଦ୍ୱାରିକା ମୋହନ ମିଶ୍ର | ୧୩୫ |
| | ଓଡ଼ିଆ ଜାତିର ଆତ୍ମ-ପ୍ରତ୍ୟୟ ସମୀକ୍ଷା | ଡ଼. ଶ୍ରୀକାନ୍ତ ମହାନ୍ତି | ୧୩୯ |
| | ଲୋକକବିତା: ଓଡ଼ିଆ ଅସ୍ମିତା | ଡ. ମନୋରମା ବିଶ୍ୱାଳ ମହାପାତ୍ର | ୧୪୪ |
| | ଚିନ୍ତା ଓ ଚେତନାର ଭାଷା ଓଡ଼ିଆ | ମନୋଜ କୁମାର ମହାପାତ୍ର | ୧୪୭ |
| | ମୁଁ ପରା ଓଡ଼ିଆ | ଡ. ସୋମନାଥ ବିଷୋୟୀ | ୧୪୯ |
| | ମାତୃଭାଷା : ନିଜେ କହିବା, ବାଧ କରିବାନି | ଶତ୍ରୁଜିତ୍ | ୧୫୩ |
| | ସ୍ନେହ, ସୌହାର୍ଦ୍ଦ୍ୟର ସହାବସ୍ଥାନ- ଓଡ଼ିଆ ପାର୍ବଣ | ଡ. ଉର୍ମିମାଳା ଆଚାର୍ଯ୍ୟ | ୧୫୫ |
| | ନୀଳାଦ୍ରି ବିଜୟ ଯାତ୍ରାର ରସଗୋଲା ଉପାଖ୍ୟାନ | ଡ଼. ସୁରେନ୍ଦ୍ରନାଥ ମିଶ୍ର | ୧୫୯ |
| | ଓଡ଼ିଆ ସନ୍ତକ | ଡାକ୍ତର ସୋମନାଥ ପ୍ରସାଦ ଜେନା | ୧୬୩ |
| ୮. | **ଓଡ଼ିଆ ଚେତନାର ଦିଗବଳୟ - "ସ୍ୱପ୍ନର ଓଡ଼ିଶା" ଦିଗଦିଶା** | | |
| | ସମୟ ଆଖିରେ ପ୍ରଶ୍ନ | ବିଦେଶୀ ଭଞ୍ଜ | ୧୬୯ |
| | ସ୍ୱୀକାରୋକ୍ତି | ନିକୁଞ୍ଜ ଜେନା | ୧୭୧ |
| | ପଛଘରର ମଣିଷ | ଡ. ନାରାୟଣ ସାହୁ | ୧୭୨ |
| | ଅଲିଭା ବାର୍ତ୍ତା | ଡ. ରାମଚନ୍ଦ୍ର ମହାନ୍ତି | ୧୭୪ |
| | ଓଡ଼ିଆ ଜାତିର ପରିଚୟ ଏବଂ ଅସ୍ମିତା ଅନ୍ୱେଷଣରେ: ଏକ ଉପକ୍ରମଣିକା | ଡ. ତନୟା ମହାନ୍ତି | ୧୭୬ |
| | ମୋ ଅଭିଜ୍ଞତାରେ ଅତିଥି ଚର୍ଚ୍ଚା | ରାଧାମାଧବ ମହାପାତ୍ର | ୧୭୯ |
| | ସଂକଳ୍ପିତ ଓଡ଼ିଆ ଜାତି | ରଞ୍ଜନ କୁମାର ସାମଲ | ୧୮୧ |
| | କାଲି ପାଇଁ ମାଆର କଲ୍ୟାଣ... | ବଳଭଦ୍ର ରଥ | ୧୮୩ |


●●●●

# ଉପକ୍ରମ

ଅନେକ ଚାଲିଗଲେଣି, ବହୁତ ବି ଆଜି ଅଛନ୍ତି। କେଜାଣି କାହିଁକି ସେମାନେ 'ଓଡ଼ିଆ' 'ଓଡିଆ' ହୁଅନ୍ତି। ନିଜର ନିଜସ୍ୱ, ନିଜ ପରିବାର, ଗାଁ ବା ସହର ନୁହେଁ, ସେମାନଙ୍କ ପାଇଁ 'ଓଡିଆ' ପରିଚୟର ମର୍ଯ୍ୟାଦା ରହିଛି। ମନରେ ଆସେ ଓଡିଶା ତ ଶ୍ରୀଲଙ୍କା କି ବିଲାତ ପରି ସୀମିତ ଦ୍ୱୀପ ନୁହେଁ ଯେ କିଏ ଖୋଜିବ ଦ୍ୱୀପବାସୀଙ୍କର ପରିଚିତି। ଓଡିଶାପରି ସୀମା ପରିବର୍ତ୍ତନଶୀଳ ଏକଦା ଇତିହାସର ପ୍ରାତଃକାଳରେ ସାଂସ୍କୃତିକ ଉପନିବେଶ ରଚାଇଥିବା ଭୂଖଣ୍ଡରେ ଆତ୍ମମର୍ଯ୍ୟାଦା  ଗଢି ତୋଳିବା ନିଶ୍ଚିତ ଭାବରେ ଏକ ଜାଗରଣ। ଏହା ମର୍ଯ୍ୟାଦାଜନକ, ଏକ ସାମୂହିକ ସ୍ୱଭାବର ପ୍ରବର୍ତ୍ତକ, ଜାତିର ଆଚାର ଆଚରଣର ଏକ ମାନପତ୍ର ତଥା ଲୋକଲୋଚନକୁ ବୋହି ଆଣୁଥିବା କୌଳିନ୍ୟ ଐତିହ୍ୟ, ପୂର୍ବପୁରୁଷମାନଙ୍କର କୃତୀର ସନ୍ତକ। ଏହାର କିଛିଟା ରାଜନୈତିକ ପୃଷ୍ଠଭୂମି ଥାଇପାରେ।

ଆଜି କିନ୍ତୁ ଏଇ ଓଡିଶା ଭୂଖଣ୍ଡର ଅଧିବାସୀ ବକ୍ସି ଜଗବନ୍ଧୁ ବିଦ୍ୟାଧର କି ସୁରେନ୍ଦ୍ର ସାଏଙ୍କ ମନୋବୃତ୍ତି ଶୁଣିଲେ ତାଜା ହୋଇଯାଆନ୍ତି, କଳିଙ୍ଗ ଯୁଦ୍ଧ ନାଁ ଶୁଣିଲେ ନିଜକୁ ଜଣେ କଳିଙ୍ଗ ଯୋଦ୍ଧା ବୋଲି ମନେମନେ ମଣି ନିଅନ୍ତି, ନିଜକୁ କେତେବେଳେ ଅତୀତର ସେଇ ଖାରବେଳଙ୍କ ସିଂହାସନରେ ବସାଇ କଳ୍ପନା କରନ୍ତି ଓଡିଶାର ବିକାଶ। ଏଇଟା ଅସ୍ମିତା ପ୍ରବୃତିର ଆଭାସ ନୁହେଁ କି ?

ଓଡ଼ିଆ ଜାତିଟା ବର୍ଣ୍ଣାଶ୍ରମର ଜାତି ନୁହେଁ, ଏଇଟା ଗୋଟିଏ କର୍ମଠ ଜାତି। ଏଇଠିକାର ଅଧିବାସୀ ପାଇକ, ନାବିକ, କୃଷକ, ଶିଳ୍ପୀ ଆଉ ସାଧକ। ନଜିନିଜ ବେଉସାରେ ତନ୍ମୟ ହୋଇ ରହିଥିବା ଏହି ଭୌଗୋଳିକ ପରିସୀମାରେ କିଏ ବା କାହିଁକି ତାଙ୍କର ପରିଚୟ ଖୋଜିଲା ? କାହିଁକି ସେମାନେ ନିଜର ପରିଚୟ ଗଢିବାର ମାନସିକତା ନେଲେ ? ଓଡିଆ ଜାତି ବୋଲି କହି ବୋଲାଇଲେ ?

ନିଶ୍ଚୟ ଅତୀତରେ କିଛି ସୁବୁଦ୍ଧିସମ୍ପନ୍ନ ଓଡିଶାର ଲୋକଙ୍କ ମନରେ ଅବସାଦଘୋଟି ଯାଇଥିଲା। ଓଡିଶାର ପ୍ରଭୂତ କ୍ଷତି ହୋଇଥିଲା ବା ବିନା କ୍ଷତିରେ ଅପମାନିତ ହେବାର ସମୟ ଆସନ୍ନ ଥିଲା। ଅପର ପକ୍ଷରେ ଯୁଦ୍ଧ ବା ବାଣିଜ୍ୟ ଶିଳ୍ପରେ କୃତିତ୍ୱ ପାଇଁ ଓଡିଆ ଆତ୍ମଭାବନା ପ୍ରତିଷ୍ଠା ଲାଭ କରିବାର ସମୟ ଉପଗତ ହେଲା। ସଠିକ୍ ଘଟଣାଟି ଠଉରେଇ ହେଉନି, କିନ୍ତୁ ଇତିହାସ ଏମିତି ଅନେକ ସମୟ ଦେଇ ବହି ଆସିଛି ଯେତେବେଳେ ଓଡିଶାବାସୀ ଏମିତି ଗୋଟେ ମାନସିକ ଝଡର ବଶବର୍ତ୍ତୀ ହୋଇଥାଇ ପାରନ୍ତି। ହୋଇପାରେ ଓଡିଶା ରାଷ୍ଟ୍ରର ସୀମାନ୍ତରେ ଗଜପତି ବିଜୟଲାଭ କରି ହାତରେ ବିଜୟ ପତାକା ଧରି ଆତ୍ମବିଭୋର ହୋଇ ଗର୍ଜି ଉଠିଲେ, "ଆମେ ଓଡିଆ ଗର୍ବିତ ସନ୍ତାନ !" ଅବା କେଉଁ ଘରମୁହାଁ ସାଧବ ସୁନା ରୁପା ମୋତି ମାଣିକ୍ୟ ଭରା ବୋଇତ ଉପରେ ପ୍ରଫୁଲ୍ଲ ମନରେ ଲହରାଇ ଦେଇଥିବ, "ଦେଶମାତୃକାର ସମ୍ପଦରେ ବଳୀୟାନ ଓଡିଆ ପୁଅ।" ଏମିତି ବି ହୋଇପାରେ, ଓଡିଶାର ପ୍ରକୃତି ପରବେଶର ଜଙ୍ଗଲଭରା ଗାଁ ଆଖଡାଘରେ କୁସ୍ତି, ଯୁଦ୍ଧବିଦ୍ୟା ପ୍ରଶିକ୍ଷଣରେ ବ୍ୟସ୍ତ କୁଶଳୀ ଅସିଚାଳନାରେ ରଣହୁଙ୍କାର ଦେଉଥିବା ଗରିଲା ଯୋଦ୍ଧା ମାନେ ଆହ୍ୱାନ ଦେଉଥିବେ, ଶତ୍ରୁପକ୍ଷକୁ, "ଓଡିଆପୁଅର ବିସ୍ତାରିତ ବକ୍ଷ ଦେଖିବ ଆସ !"

ଅବା ନିଜକୁ ହଜାଇ ଦେଇଥିବା ଓଡିଆ ନିଜର ପୂର୍ବପୁରୁଷଙ୍କ କୀର୍ତ୍ତିର ସନ୍ଧାନ ପାଇବା ପରେ ନିଜର ଜନ୍ମ ଜାତକର ଶ୍ରେୟତା ପ୍ରତିପାଦନ କରିବାପାଇଁ ଅହଂଜ୍ଞାନରେ ଆତ୍ମହରା ହୋଇ ଗଢି ତୋଳିଛି ଓଡିଆ ସ୍ୱାଭିମାନ। ଇତିହାସ କିନ୍ତୁ ନିରବ। ମନକୁ ପାଉନି ଓଡିଆ ସ୍ୱାଭିମାନର ଏଇ ପାଞ୍ଚଟି ସୂତ୍ର। ସତେ କି କହୁଛି, ସବୁ ସ୍ୱାଭିମାନ କଳିଙ୍ଗ ପୃଷ୍ଠରେ ତୋଳି ଏବେ ଲେଖୁଛ ଓଡିଆ ସ୍ୱାଭିମାନ। ଭାଷା, ସଂସ୍କୃତି ଓ ଜଗନ୍ନାଥ ଏ ସବୁର ସତ୍ତାର କେଉଁଠୁ ? ଖାଲି ଓଡିଶା ରାଷ୍ଟ୍ର ଗଠନର ମାନସିକତା ପରର ଘଟଣାରେ ସୀମିତ ହୋଇଗଲେ ହେବନି। ବିସ୍ତୃତ ଇତିହାସ ଭରା ଆତ୍ମଗର୍ବର କଳିଙ୍ଗ ବି ତୁମର ସନ୍ତକ। ମୂକସାକ୍ଷୀ କୁମାରୀ ପର୍ବତ ଖଣ୍ଡଗିରି ଉଦୟଗିରିର ମଗଧ ବିଜୟ ଦୃଶ୍ୟ। ସୌରଭଗିରି ଆଜି ସିନା ଧଉଳି, ଏହା ବୀରଭୂମି କଳିଙ୍ଗର ପରାକାଷ୍ଠାର ପରିଚୟ। ଜାତିଟା ସାରା ଭାରତ ଶାସନ କରୁଥିବା ଦୁର୍ଦ୍ଦଶ ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କୁ ମୁକାବିଲା କରିଛି। ପ୍ରାଣ ଯାଇଛି, କିନ୍ତୁ କଳିଙ୍ଗ ପ୍ରେମ ଆଜି ବିଶ୍ୱବାସୀଙ୍କ ପାଖରେ ଉଦାହରଣ ହୋଇଯାଇଛି। ତା ସହିତ ରହିଛି ମନ୍ଦିର ମାଳିନୀ ଏକାମ୍ର କ୍ଷେତ୍ରର ଶିଳାଶିଳ୍ପ, ଅର୍କକ୍ଷେତ୍ରର ବିସ୍ମୟ। ଏ ସବୁ ବି କଳିଙ୍ଗର କୃତିତ୍ୱ। ଅସ୍ମିତାର ହାସ୍ୟ।

ଅନେକ ଘଟଣାରେ ମନକୁ ଦୁଃଖ ଆସେ। ସନ୍ଦେହ ଆସେ ଏହି ଓଡ଼ିଆ ସ୍ୱାଭିମାନ କି ଚୂର୍ଣ୍ଣ ହୋଇଯାଇଛି ସମୟର କଷଣରେ ? ପରାଜୟର ଅନୁଶୋଚନା ବା ପରାଜିତ ହେବାର ଆଶଙ୍କାରେ ଅସ୍ମିତାର ଅଭ୍ୟୁଦୟ ଘଟିବା ସମ୍ଭବ। କଳିଙ୍ଗ ଯୁଦ୍ଧ ପରର କଳିଙ୍ଗରେ ଗଢ଼ି ଉଠିଛି ଉଗ୍ର କଳିଙ୍ଗ ଜାତୀୟତା, ମହାମେଘବାହାନ ଖାରବେଳଙ୍କର ଅପ୍ରତିହତ କଳିଙ୍ଗବାହିନୀ ସାରା ଦେଶକୁ କଳିଙ୍ଗାଧୀନ କରିପାରିଛନ୍ତି। ତା ସହିତ ରହଛି ବଙ୍ଗ ଓ ଗୌଡ ବିଜୟ, ଦାକ୍ଷିଣାତ୍ୟ ଓ କାଞ୍ଚିବିଜୟ। ମାତ୍ର ଅସଲ ଗଙ୍ଗାରୁ ଗୋଦାବରୀ ଓ ଅମରକ□କରୁ କଳିଙ୍ଗୋଦ୍ର ସୀମାର ଓଡ଼ିଶା ରାଷ୍ଟ୍ର ମୋଗଲ ମରହଟ୍ଟା ଓ ଇଂରେଜ ଶାସନରେ ଛିନ୍ନଛତ୍ର ହୋଇଯାଇଛି। ସହସ୍ରାବ୍ଦର କଳିଙ୍ଗ ବନାମ ଓଡ଼ିଶା। ସବୁଦିନ ପାଇଁ ହଜିଯାଇଛି। ତିନିଶ ସତୁରୀ ବର୍ଷର ଇତିହାସରେ। ଉତ୍ତର, ଦକ୍ଷିଣ, ପଶ୍ଚିମ ସବୁ ଦିଗରୁ ବିଖଣ୍ଡିତ। ପୂର୍ବ ଦିଗର ସାଗରପଥର କଳିଙ୍ଗ ସାମ୍ରାଜ୍ୟ ଲୋପ ପାଇଛି। ସମସ୍ତ ସ୍ମୃତିହରା କୀଟଦଂଷ୍ଟ କ୍ଷୁଦ୍ର ମାନଚିତ୍ର। ଚିଲ ଶାଗୁଣା ପରି ପଡୋଶୀ ମାନେ ଏ ଜାତିର ଅସ୍ତିତ୍ୱକୁ ଅସ୍ୱୀକାର କରି ଯେତେବେଳେ ଶେଷ ପର୍ଯ୍ୟାୟରେ ଓଡିଆ ଭାଷାର ନିଜତ୍ୱକୁ ଆହ୍ୱାନ କଲେ, ତାହା ଯୁଗଜନ୍ମା ଓଡ଼ିଶାର ସୁଯୋଗ୍ୟସନ୍ତାନ ମାନଙ୍କ ଦ୍ୱାରା ପୁନଃପ୍ରତିଷ୍ଠିତ ହୋଇଛି, ଯଥା ସମ୍ଭବ ପୁନର୍ଗଠିତ ହୋଇଛି। ଏଥିପାଇଁ ପାଥେୟ ହୋଇଛି ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା ଓ ଜଗନ୍ନାଥଙ୍କ ଭକ୍ତି ଭାବନା। ପଡୋଶୀ ମାନଙ୍କ ଦୌରାତ୍ମ୍ୟ ସତ୍ତ୍ୱେ ସେଇ ବିଦେଶୀ ଶାସକମାନେ ଯାହା ଓଡିଶା ପାଇଁ କରିଯାଇଛନ୍ତି ନିଖୁଣ ସତ୍ୟତା ବଳରେ। ଉତ୍କୃଷ୍ଟ କଳାର ପରିଚାୟକ ସୂକ୍ଷ୍ମ କଳାଭାସ୍କର୍ଯ୍ୟ, ଭାଷାର ମୌଳିକତା ଓ ସଂସ୍କୃତିର ପରିଚୟ ଓଡ଼ିଶା ଓ ଓଡିଆକୁ ରାଜନୈତିକ ଭିତ୍ତିଭୂମି ଦେଇଛି।

ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିବା ପାଇଁ କୁହା ଯାଇପାରେ ଓଡ଼ିଆ ସ୍ୱାଭିମାନର ବିପ୍ଳବ ସୃଷ୍ଟି ହୋଇଛି। ଓଡ଼ିଆ ମୌଳିକତାର ଉଦ୍ଧାର ଘଟିଛି। ସର୍ବଭାରତୀୟ ସ୍ତରରେ ଏଇ ଜାତି ଭାଷା ଓ ସଂସ୍କୃତିର ଅଗ୍ରଦୂତ ବୋଲି ପରିଚିତ ହୋଇଛନ୍ତି। ଏହି ରାଜ୍ୟ ଦିନେ ଖଣ୍ଡଖଣ୍ଡ ହୋଇ ନିଶ୍ଚିହ୍ନ ହୋଇଯିବାର ଆଶଙ୍କା ଥିଲା। ପଡ଼ୋଶୀ ରାଜ୍ୟମାନେ ବିଦେଶୀ କାର୍ପଟଦାର କେବଳ ନଥିଲେ, ନିଜେ ଚାକିରି କରି ଓଡ଼ିଶା ଦାନା ଖାଇ ଓଡ଼ିଶା ଓ ଓଡ଼ିଆଙ୍କୁ ବିଦ୍ରୂପ କରୁଥିଲେ। ପରିସ୍ଥିତି ଦୃଷ୍ଟିରୁ ଶିକ୍ଷା, ଗମନାଗମନ ଓ ବ୍ୟବସାୟରେ ସୀମିତ ହୋଇଯାଇଥିବା ରାଜ୍ୟଟିକୁ ଶାସନ ସ୍ତରରେ ଆହୁରି ଶୋଚନୀୟ କରି ପକାଉଥିଲେ ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଦାବିକରି।

ପରିସ୍ଥିତିଚକ୍ରରେ ଓଡ଼ିଶା ରାଜ୍ୟରେ ପଛରେ ପଶିଛନ୍ତି ଇଂରେଜମାନେ। ଶିକ୍ଷା ଓ ଗମନାଗମନର ବିକାଶରେ ବହୁ ବିଳମ୍ବ ଘଟିଛି। ଏହି ରାଜ୍ୟ ଦିନେ ବିଶ୍ୱଦରବାରରେ ସବୁଠାରୁ ବିରାଟ ଦୁର୍ଭିକ୍ଷ ମୃତ୍ୟୁର କରାଳ କବଳରେ ପଡି ଲଜ୍ଜିତ ହୋଇଛି। ଇଏ ତ ଇତିହାସ, ଇତିହାସର ଗୌରବୋଜ୍ଜ୍ୱଳ ଅଧ୍ୟାୟ। କଅଣ ମିଳିବ ଦୁଇ ହଜାର ତଳର ଘିଅଖିଆ ବୃତ୍ତାନ୍ତରୁ ? ସେଇ ପୁରାତନ ସାମର୍ଥ୍ୟ ଦେଖିବାକୁ ମିଳିବ କି ? ସେଇ ମାନସିକତାରେ ଏବର ଓଡ଼ିଆ ଲୋକ ମିଳିବେ କି ?

ଯଦି ଆମେ କଳିଙ୍ଗ ବା ଓଡ଼ିଶାକୁ ଏତେ ଉଦ୍ୟମଶୀଳ ଓ ପରାକ୍ରମୀ ବୋଲି ବିବେଚନା କରିବା, କୁଆଡେ ଗଲା ସେଇ ବିଜୟ ଚେତନା ? ଏବେ ଜଣେ ଭୋଇ ବା ମହାରଥା ନିଜକୁ ରାଜକୀୟ ପରିବାରର ବୋଲି ବଂଶ ପରିଚୟ ଦିଅନ୍ତି, ଆମେ ଦେଖିବା ସେ ବି ସାଧାରଣ ଲୋକପରି ଗରିବ। ନିଜର ସାମାଜିକ ଚଳଣି ଦାରିଦ୍ର୍ୟର ସୀମାରେଖା ତଳେ। କେବଳ ନିଜର ବଂଶ ପରିଚୟ ହେଉଛି ତିନିଶହ ବର୍ଷ ଆଗରୁ ତାଙ୍କ ପିତାଙ୍କ ପ୍ରପିତାମହ ଗୋଟିଏ ସାମନ୍ତରାଜା ଥିଲେ। ହେଲା, ତାଙ୍କର ଗାଦିଚ୍ୟୁତ ହୋଇ ମରିବାର ଏତେ ବର୍ଷପରେ ନିଜକୁ ରାଜବଂଶୀୟ ବୋଲି କହି ବଂଶ ପରମ୍ପରା ଓ ଅସ୍ମିତା ବଳରେ ସାଧାରଣ ଲୋକ ପରି କାମ କରିବାକୁ ତଳକୁ ଓହ୍ଲାନ୍ତିନାହିଁ। ଏଠାରେ ବଂଶଗତ ସ୍ୱାଭିମାନର ମୂଲ୍ୟ କେତେ ରହିଲା ?

ଖାଲି କଅଣ ଓଡ଼ିଆ ଜାତିର ସ୍ୱାଭିମାନ ବା ଅସ୍ମିତା ରହିଛି ? ଭାରତରେ ଯେତେ ଗୁଡିଏ ରାଜ୍ୟ ରହିଛି ସମସ୍ତଙ୍କର ରହିଛି ନିଜର ଐତିହ୍ୟ, ନିଜସ୍ୱ କଥନ ଓ ଇତିହାସ ପୃଷ୍ଠାରେ କିଏ କେତେବେଳେ ରାଜେନ୍ଦ୍ରାସନେ ତ କେତେବେଳେ କିଏ ଫକିର। ଦେଶର ଇଲାକା ସେତିକି, ସେଇଥିପାଇଁ ରାଜ୍ୟେ ରାଜ୍ୟ ମଧ୍ୟରେ ଧର୍ମଗତ, ମତ ଗତ, ଭାଷାଗତ ଅବା ବ୍ୟବହାରଗତ ବିଭେଦ ସୀମା ସୃଷ୍ଟି କରେ। ଜଣେ ନେତା ନିଜର ସୈନ୍ୟବଳ ବୃଦ୍ଧିକରି ସୀମା ଅଧିକାର କରିବସନ୍ତି। କିନ୍ତୁ ଏହା ଚିରସ୍ଥାୟୀ ହୋଇ ରହେନି। କେତେ ଶତାବ୍ଦୀରେ ପୁଣି ନୂଆ ରୂପ ଦେଖାଦିଏ। ସେଇ ଦୃଷ୍ଟିରୁ କଳିଙ୍ଗ ବା ଓଡ଼ିଶା ଇତିହାସରେ ଯେମିତି ପରାକାଷ୍ଠା ସୃଷ୍ଟି କରିଛି, ସେମିତି ବି ମଗଧ, ବଂଗଳା, ମରାଠା, ତାମିଲ ଓ କର୍ଣ୍ଣାଟକ ସବୁର ଉତ୍ଥାନ ରହିଛି, ଭାଷାର ଜାଗରଣ ରହିଛି। କେତେ ସଂଖ୍ୟାର ଲୋକ ନିଜ ଜାତି ପ୍ରତି ସଚେତନ, ନିଜ ଭାଷାକୁ ପୂର୍ଣ୍ଣ ବ୍ୟବହାର କରନ୍ତି, ପୁସ୍ତକ ରଚନା ଓ କ୍ରୟ କରିବାର ଆନ୍ତରିକତା ରଖନ୍ତି ତାହା ତୁଳନା କରାଯାଇପାରେ।

ଅଧୁନା ଦ୍ରୁତ ବିବର୍ତ୍ତମାନ ଦୁନିଆରେ ପୁରାତନ ଲିଭିଯିବାର ଅବଧି ସର୍ବନ୍ୟୁନ ହୋଇଯାଇଛି। ଗଲାକାଲିର ପ୍ରଥା ଆଜିକୁ ସ୍ୱପ୍ନ ହୋଇଗଲାଣି। ଗୋଟିଏ ସାଧାରଣ କଥା ଗାଁ ମାନଙ୍କରେ ହଳଲଙ୍ଗଳ, ଶଗଡଗାଡି ସ୍ୱପ୍ନ ହୋଇଗଲାଣି। ଗୋଟିଏ ଶଗଡ ବିଷୟରେ ଛୋଟ ପିଲାକୁ ବୁଝାଇବାକୁ ଏତେ ସରଳ ନୁହେଁ। ଖାଲି ପୁରୁଣା ଭାଷାକୋଷ ବୋଲି ସିନା ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଦୀର୍ଘ ଦୁଇ ତିନି ପୃଷ୍ଠାର ବର୍ଣ୍ଣନା ରହିଛି। ସେମିତି ଦିନେ ବୋଇତ ବା ନୌବାଣିଜ୍ୟ ବିଷୟ ଓଡ଼ିଶାରୁ ଅନ୍ତର ହୋଇଯାଇଛି। ଏମିତି ଦ୍ରୁତ ସାମାଜିକ ପରିବର୍ତ୍ତନଶୀଳ ଦୁନିଆରେ କେତେ କେତେ କଥା ପୁରୁଣା ହୋଇଯାଉଛି। ସବୁ ପରିବର୍ତ୍ତନ କାଳରେ ଜାତି, ଭାଷା ବା ସଂସ୍କୃତି ସ୍ଥିର ନରହିପାରିଲେ, କ୍ଷୟ ଏବଂ ଅବଲୁପ୍ତ ହୋଇଯିବାର ସମ୍ଭାବନା ବେଶ୍ ଅଧିକ।

ଅତୀତରେ ଆମ କଳିଙ୍ଗ ବା ଓଡ଼ିଶା ଇତିହାସରେ ଏମିତି ବହୁ ନିର୍ଣ୍ଣାୟକ ସମୟ ଆସିଛି, ଯେତେବେଳେ ଆମେ ଅତୀତରେ ରହିଯାଇଛୁ ଅବା ବର୍ତ୍ତମାନରେ ମରଣ ମୁହଁରେ ପଡିଛୁ। ପ୍ରାକୃତିକ ମହାଭାରତ ବର୍ଣ୍ଣିତ ଯୁଦ୍ଧରେ କଳିଙ୍ଗ ହାତୀ ବଳରେ ବଳୀୟାନ୍। କିନ୍ତୁ ଯେତେବେଳେ ଯବନ ମାନଙ୍କର

ଗୁଳିଗୋଳା କମାଣ ଆସିଲା, ଓଡ଼ିଶା ପଛକୁ ଚାଲିଗଲା । ଯେତେବେଳେ ଆରବୀୟଙ୍କର ପୋତ ଓ ଇଉରୋପୀୟ ମୋଟର ଚାଳିତ ଜଳଜାହାଜ ଆସିଗଲା, ସାଦା ଅର୍ଣ୍ଣବ ତରୀ ଓ ବୋଇତ ସାଗର ଯାତ୍ରାରୁ ଅବ୍ୟାହତି ନେଲେ । ସେମିତି ତାଳପତ୍ର ପୋଥିର ବହୁଳ ପ୍ରସାର ଥିବା ଓଡ଼ିଶାରେ କାଗଜ ଓ ମୁଦ୍ରଣ ଯନ୍ତ୍ର ଆସିବା ବେଳକୁ ସାହିତ୍ୟ ଓ ଭାଷାର ଦୁର୍ଦ୍ଦଶା ଆସିଗଲା । ବଳରେ ଆମେ ସମାନ, ଧନରେ ଆମେ ସମାନ କିନ୍ତୁ ଆମର କଉଡି ବଦଳରେ ମୁଦ୍ରା ପ୍ରଚଳନ ହେଲେ ଆମର ସ୍ଥିତି ନାହିଁ । ସେମିତି ଅଧୁନା ଆସିଛି ଜଗତୀକରଣ ଯୁଗ, ବାର୍ତ୍ତା ସରବରାହ ଯୁଗ, ସଦାପ୍ରାପ୍ତ ଓ ସଦାପ୍ରେରିତ ସମ୍ବାଦର ଯୁଗ । ଏହି ସମରରେ ଯେଉଁ ଭାଷାର ୱିକିପିଡ଼ିଆ ଓ ପ୍ରସାରମୁଖୀ ଖବର ରାସ୍ତାରେ ଚଳପ୍ରଚଳ ରହିଛି, ସେମାନେ ତିଷ୍ଠି ରହିବାର ଆଶା ରହୁଛି । ନଚେତ ଏହି ଜଗତୀକରଣ ହରଡଘଣାରେ ସର୍ବାଦୃତ ଇଂରାଜୀ, ସ୍ପେନିସ୍, ହିନ୍ଦି, ଚିନା ଏମିତି କେତେ ଗୁରୁତ୍ୱପୂର୍ଣ୍ଣ ଭାଷା ବାଦ୍ ଦେଲେ, ସବୁଭାଷା ଫିକା ପଡ଼ିଗଲେଣି । ତିନି ପୁରୁଷ ବେଳକୁ ଅବସ୍ଥା ଶୋଚନୀୟ ହୋଇପଡ଼ିବାର ଘୋର ସନ୍ଦେହ ଆସୁଛି । ଦିନକୁ ଦିନ ସମସ୍ତଙ୍କର ଅସ୍ମିତା ଫିକା ପଡ଼ିଯିବ, ଦେବାଦେବୀ, ଭାଷା, ପରିବେଶ ସବୁ ଅହଂ ଆବରଣରୁ ବାହାରି ବୟଂ ବା ବିଶ୍ୱର ସର୍ବସାଧାରଣ ହୋଇଯିବାର ଆଶଙ୍କା ରହିଛି ।

ଯାହା ଭବିଷ୍ୟତରେ ଆସିବ, ନଈ ନ ଦେଖି ଆମକୁ ଆଜିଠୁ ସତର୍କ ହେବା ଅପେକ୍ଷା ଆଜିର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଦୁନିଆରେ ନିଜର ମୂଲ୍ୟ କାହିଁକି ବଜାୟ ନ ରଖିବା ? ଯେତେବେଳେ ଅନ୍ୟ ଭାଷାଭାଷୀ ମାନେ ଗୁଗୁଲ୍ ବା ୱିକିପିଡ଼ିଆରେ ନିଜର ଉପସ୍ଥିତି ଜାହିର କଲେଣି, ଆମକୁ ବି ସେଇ ପଥରେ ଯିବାକୁ ହେବ । ଠକାମିରେ ପଡ଼ିଲେ, ଜଣେ ଶିଖିବ । ଅତି କମ୍‌ରେ ଜଣେ ଓଡ଼ିଆ ସ୍ୱାଭିମାନୀ ଏ ବିଷୟରେ ସଚେତନ । ଇତିହାସରେ ଯେବେ ଆମେ ଯବନ ମାନଙ୍କୁ କେତେ ଶତାବ୍ଦୀ ଦୂରେଇ ରଖିଲୁ, ଇଂରେଜ ସହିତ ବିଦ୍ରୋହ କଲୁ, ସେମାନଙ୍କ ସହ ଅସହଯୋଗ କଲୁ, କେତେକ ସମାଲୋଚକ କହନ୍ତି, ଯଦି ଆମ ଓଡ଼ିଆ ମାନେ ଯବନ ମାନଙ୍କ ସେନାବାହିନୀରେ ମିଶିଥାଆନ୍ତେ, ତେବେ ପରିସ୍ଥିତି ଅଲଗା ହୋଇଥାଆନ୍ତା ।

ଯଦି ଓଡ଼ିଆ ଲୋକ ଇଂରେଜ ଶାସନ ବେଳେ ଶାସନକଳରେ ଉଚ୍ଚ ପଦପଦବୀରେ ରହିଥାଆନ୍ତେ, ତେବେ କେତେଟା ପରିବର୍ତ୍ତନ ଆସିଥାଆନ୍ତା । ଏମିତି କହିବାରେ ବା ହିସାବ କରିବା କେବଳ ନକାରାତ୍ମକ ମନ୍ତବ୍ୟ ହୋଇପାରେ । ଇତିହାସର ସ୍ରୋତ, ଭୌଗୋଳିକ ପରିସ୍ଥିତି, ସାମରିକ ବିରୋଧ ସବୁର ସମ୍ବନ୍ଧ ରହିଛି । ବହିଯାଇଥିବା ସୁଅକୁ ବା ଗତ ହୋଇଥିବା କଥାକୁ ବଦଳାଇବା ସମ୍ଭାବନା ନାହିଁ । ବର୍ତ୍ତମାନର ସୁଧାର ଆବଶ୍ୟକ ।

ଆମେ ଅସ୍ମିତା ଭାବରେ ମନକୁ ମନ ଯେତିକି ଫୁଲି ଉଠୁ, ଇତିହାସ ଉପାଖ୍ୟାନରେ ଯେତିକି ଗର୍ବିତ ହୋଇପଡୁ, ବର୍ତ୍ତମାନ ଓ ଭବିଷ୍ୟତର ଭାରସାମ୍ୟ ରଖି ସ୍ୱାଭିମାନର ମୂଲ୍ୟ ବଜାୟ ରଖିବା ପାସୋରି ଦେଉ । ଏଥିପାଇଁ ଆମକୁ ଆମର କେତେକ ସାମାଜିକ ଅପରିସ୍ଥିତିର ଅନାବୃତ କରିବା ଜରୁରୀ । ଆମର ମାନସିକତା ଦେଖିବା ଆବଶ୍ୟକ ।

ମାଗିଯାଚି ଭିକମାଗି ଚଳିବା ପ୍ରବୃତ୍ତି ବଦଳାଇବାକୁ ହେବ । ଏପରି ବିନା ଶ୍ରମରେ ଭିକ୍ଷାବୃତ୍ତିରେ ଜୀବନ ବଞ୍ଚାଇ ରଖିବା କଅଣ କେବଳ ଓଡ଼ିଶାର ଚଳଣି ହୋଇ ପଡିଛି ? କର୍ମଠ ଲୋକମାନେ ଏମିତି ଶ୍ରମକାତର ହୋଇ ସହଜରେ ସୁସ୍ଥି ଖୋଜିବା ଓଡ଼ିଶାର ଏକ ପ୍ରବୃତ୍ତି ହୋଇଯାଇଛି, ଏହାର ଆରମ୍ଭ କେବେ କେହି କହିପାରିବେନି । ଦାନ, ଦକ୍ଷିଣା ଓ ଭିକ୍ଷା ପ୍ରାଚୀନ ଇତିହାସରୁ ସ୍ପଷ୍ଟ ହୁଏ । କେବଳ ଧନୀ ରାଜା ଓ ରାଜୁଡା ମାନେ ଦାନଧର୍ମ କରିବାକୁ ନିଜର ପଦବୀର ମର୍ଯ୍ୟାଦା ବୋଲି ମନେକରୁଥିଲେ । କିନ୍ତୁ ଏବେ ସବୁ ମନ୍ଦିର, ଧର୍ମାନୁଷ୍ଠାନ ଓ ଗହଳି ଛକ ମାନଙ୍କରେ ନିଜର ଅକର୍ମଣ୍ୟତା ପ୍ରଦର୍ଶନ କରି ହାତ ପତେଇ ଭିକାରି ଗୁଡ଼ିକ ଚଳପ୍ରଚଳ ହେଉଥିବା ଯାତ୍ରୀ ମାନଙ୍କର ମନର ବେଦନା ହୋଇଛନ୍ତି । ଶତ ଚେଷ୍ଟା ସତ୍ତ୍ୱେ ଏହି ପ୍ରକାରର ମାନସିକତାକୁ ଦୂର କରିବା ସମ୍ଭବ ହୋଇପାରୁନି । ଭିକ୍ଷା ଆଜି ଆବଶ୍ୟକତା ନୁହେଁ ବରଂ ମାନସିକତା କୁହାଯାଇପାରେ ।

କେବଳ ପରିଶ୍ରମ ନକରି ଭିକ୍ଷାବୃତ୍ତି କରିବା ପରି ଅନେକ ସେହି ମାନସିକତାରେ ଚଳୁଛନ୍ତି । ଗୋଟିଏ ଉଦାହରଣ ହେଉଛି, ବହିଟିଏ କିଣିବାର ମାନସିକତା ନାହିଁ । ନିହାତି ଦରକାର ହେଲେ, ୧୦୦ ପୃଷ୍ଠାର ବହି କିଣିବାକୁ ପରାଙ୍ମୁଖ ପାଠକ ୧୦୦ ଟଙ୍କାରେ ପଛେ ଜେରୋକ୍ସ କରାଇନେବ, ଅଶି ଟଙ୍କାରେ ବହିଟିଏ କିଣିବନାହିଁ । ଏଇଟାକୁ ଆମେ କଅଣ କହିବା ? ଦାରିଦ୍ର୍ୟ ନା ମାନସିକତା ? ଏହି ହୀନମାନ୍ୟତା ନେଇ ମଣିଷ କଅଣ ଉନ୍ନତି କରିବ ? ଅସ୍ମିତାକୁ ଦ୍ୱାହି ଦେଇ କଅଣ ଅଗ୍ରଗତି କରିହେବ ? ବହୁ କ୍ଷେତ୍ରରେ ଓଡ଼ିଶାରେ ଏମିତି ମନୋବୃତ୍ତି ଦେଖିଲେ ମନରେ ଦୟା ଆସେ । ଇତିହାସରେ କେଉଁ ପୃଷ୍ଠାରେ ଆମେ ଏମିତି ମାନସିକତା ଆଦରି ନେଇଛେ ? ବର୍ତ୍ତମାନର ଓଡ଼ିଶାର ଭୂଗୋଳ ଓ ଜଳସେଚନ ଦେଖି ଆମେ କଦାପି କହି ପାରିବାନି ଏଇ ରାଜ୍ୟ ଦିନେ ବିଭବଶାଳୀ ଥିଲା । କିନ୍ତୁ ପ୍ରତ୍ନତତ୍ତ୍ୱ ଓ ଇତିହାସର ଆଭାସ ବିଶ୍ୱର ଗୋଟିଏ ଧନଧାନ୍ୟଭରା ବଣିକ, କୃଷକ ଓ ପାଇକ ମାନଙ୍କର ରାଜ୍ୟ । ଦୁର୍ବିପାକ ପ୍ରବଣ ଏଇ ଭୂଖଣ୍ଡରେ ମାଟିର ମଣିଷ ମାନେ ରାଜ୍ୟଟିକୁ ଖାଦ୍ୟ, ପୋଷାକ, ସଂସ୍କୃତି, କଳାକୃତି ଓ ମାନସିକତାରେ ଶୀର୍ଷରେ ରଖି ସନ୍ତକ ରୂପରେ ଶ୍ରୀ ଜଗନ୍ନାଥଙ୍କୁ ପୁରୁଷୋତ୍ତମ କ୍ଷେତ୍ରରେ ପ୍ରତିଷ୍ଠା କରିଥିଲେ । ଆଜି ସେଇ କଳିଙ୍ଗ ବା ଓଡ଼ିଶା ରାଷ୍ଟ୍ରର ଅଧିବାସୀ ମାନଙ୍କର ମାନସିକତାର ଚରମ ଅଧୋଗତି ହୋଇନି ତ କଅଣ ?

କିଏ କିଏ ମନ୍ତବ୍ୟ ଦିଅନ୍ତି, ଅଳ୍ପକେ ସନ୍ତୁଷ୍ଟ ଓଡ଼ିଆ । ଯିଏ ଖାଇବାକୁ ପାଉନି, ଖାଦ୍ୟ ଗଣ୍ଡେ ନିଶ୍ଚିତ ହୋଇଗଲେ, କହିବେ – ଯାହା ହେଉ, ମୋର ପେଟ ପାଇଁ ଆଉ ଚିନ୍ତା ନାହିଁ । ଶାନ୍ତିରେ ଟିକେ ନିଶ୍ୱାସ ନିଏ । ଆଉ ନିଜ ଶକ୍ତିର ସଦୁପଯୋଗ କରି ଅଧିକ ସାଧନ କରିବାର ଉଜ୍ଜ୍ୱଳ ଭବିଷ୍ୟତ ଥିଲେ ବି ଏମାନେ ଆଗଭର ହୁଅନ୍ତିନାହିଁ । ଏମିତି ବହୁ ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରକୁ ପ୍ରବେଶ କରିବାକୁ ଆନ୍ତରିକତା ବିହୀନ ନିସ୍ପୃହ ମାନସିକତା ବହୁ ଓଡ଼ିଆ ଉଦ୍ୟୋଗୀ ମାନଙ୍କଠାରେ ପରିଲକ୍ଷିତ ହୁଏ ।

ଏଇ ନିରୁତ୍ସାହିତ ମାନସିକ ଅଧୋଗତି ସହିତ ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ପ୍ରତିଯୋଗିତା ଏତେ ନୀଚସ୍ତରକୁ ଚାଲି ଯାଇଛି, ଜାତୀୟ ସ୍ତରରେ ଅନ୍ୟ ରାଜ୍ୟ ଗୁଡିକ ତୁଳନାରେ ଓଡ଼ିଆ ଆନ୍ତରିକରା ବିପଜ୍ଜନକ। ଏଇ ଓଡ଼ିଆମାନେ କୁହାକୁହି ହୁଅନ୍ତି, ପଞ୍ଜାବୀ ହୁଅନ୍ତୁ କି ବଙ୍ଗାଳୀ, ଜଣେ କିଏ ଗଛରେ ଚଢୁଥିଲେ, ତାକୁ ଚଢାଇବାକୁ ତଳୁ ବା ଉପରୁ ଜାତିଭାଇ ସାହାଯ୍ୟ କରିବେ। କିନ୍ତୁ ଓଡ଼ିଆ ? ଉପରେ ଥିଲେ ପେଲି ଦେବେ, ତଳୁ ଗୋଡ଼ ଭିଡି ଦେବେ ! ଏଇ ମନୋବୃତ୍ତି କିପରି ଏକ ସାମାଜିକ ବ୍ୟାଧି ହେଲା, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦିଏ। ସମ୍ଭବତଃ ଇତିହାସ ପୃଷ୍ଠାରେ ରାଜା ବା ସାମନ୍ତରାଜାଙ୍କର କାନକୁହା ମାନଙ୍କର ଏମିତି ଚାଟୁକତା ଅବା ଅଖଣ୍ଡ ଓଡ଼ିଶାର ଦ୍ରୋହୀ ହିସାବରେ କଳାପାହାଡ ବେଳର ଶିକ୍ଷା, ମଣେଇ ଓ ଇଂରେଜ କାଳର ନିମକହାରାମ ମାନଙ୍କର ଗାଁ ମାନଙ୍କରେ ଉଦାହରଣ ହୋଇପାରେ। ଲୋକମାନେ ରାଜ୍ୟଟିର ଦୁର୍ଦ୍ଦିନର ପ୍ରାତଃକାଳରେ ଏମିତି ମାନସିକତା ଆଦରି ନେଇଛନ୍ତି। "ମୁଁ ତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେଲିନି, ଆଉ କୋଉ ଓଡିଆ କାହିଁକି ଜିତିବେ", ଏଇ ମାନସିକତା ଗୋଟିଏ ନିନ୍ଦନୀୟ ନକାରାତ୍ମକ ହୀନମାନ୍ୟତା ଛଡା କଅଣ ହୋଇପାରେ ?

କୌଣସି ଗୋଟିଏ ସଭା ସମିତି କଲେ, ନିଜେ କାରଣ ନଥାଇ ନ ଯିବା ନିଜର ଅଧିକାର, କିନ୍ତୁ ସଭା ହେବ ଶୁଣିବା ସମୟରୁ ଏହାର ପରୋକ୍ଷ ବିରୋଧାଚରଣ କରିବା ମାନସିକତା ସଞ୍ଚିତ ହୋଇ ରହିଛି। ସାମାନ୍ୟ ଆର୍ଥିକ ବା ରାଜନୈତିକ ସୁବିଧା ପାଇଁ ସମସ୍ତେ ଦଣ୍ଡିତ ବା କ୍ଷତିଗ୍ରସ୍ତ ହୁଅନ୍ତୁ, ଏହି ନୀଚ ଧାରଣା ଆମର ସାମାଜିକତା ଓ ପାଖ ପଡୋଶୀ ମାନଙ୍କ ସହ ଅନ୍ତରଙ୍ଗ ସମ୍ପର୍କ ଗଢିବାରେ ଅନ୍ତରାୟ ହୁଏ।

ପୁଣି ନିଜର ରୋଜଗାର ଓ ଅର୍ଥର ବିନିଯୋଗରେ ଓଡ଼ିଆ ମାନସିକତା ଅନ୍ୟ ମାନଙ୍କ ଠାରୁ ଭିନ୍ନ। ପଇସାର ସଦୁପଯୋଗ କରିବାରେ ଏମାନେ ଟାଳଟୁଳ, ଖାଇବାରୁ କାଟିଦେବେ ପଛେ, ଚାଟୁର କଥାରେ ଭାସିଯାଇ ଚିଟ୍ ଫଣ୍ଡ ଲୋକଙ୍କ ପାଖକୁ ଲୁଚିଛପି ଯାଇ ଟଙ୍କା ଜମାକରିବେ ଦି ଦିନରେ ଦି ଗୁଣା କରିବାକୁ ! ଏଇଟା କୋଉ ମାନସିକତା ? ଏଇଟାକୁ ସରଳ, ନିଷ୍କପଟ ଅବା ନିରୀହ ବୋଲି କହିଲେ, ସତ୍ୟର ଅପଳାପ ହେବ। ବରଂ ଶିକ୍ଷା ଓ ବ୍ୟବହାରିକ ଜ୍ଞାନର ଅଭାବ ବୋଲି କୁହାଯାଇପାରେ। ଏଇଟା କେବଳ ଅଳ୍ପ ଲୋକଙ୍କର ମାନସିକତା କହିଲେ ଭୁଲ ହେବ, ବହୁ ଲୋକ ଏମିତି ଦିବାସ୍ୱପ୍ନ ଦ୍ୱାରା ଧନ ହରାଇ ମନକଥା ମନରେ ମାରି ରହନ୍ତି। ଏହାର ପ୍ରତିକାର ସ୍ପଷ୍ଟବାଦୀ ଓ ସରଳତା। ବହୁ ଶିକ୍ଷିତ ଓ ସାହାଯ୍ୟ ମନୋବୃତ୍ତିର ପଡ଼ୋଶୀ ଅଛନ୍ତି, ସେମାନଙ୍କଠାରୁ ପରାମର୍ଶ ନେଇପାରନ୍ତି।

ଏଇ ପରିପ୍ରେକ୍ଷୀରେ ଓଡ଼ିଆ ଅସ୍ମିତାର ବର୍ତ୍ତମାନର ସ୍ଥିତି କିପରି ହୋଇଛି ତାହାର ଟିକିଏ ସ୍ୱରୂପ ଅବଲୋକନ କରିବା ଆବଶ୍ୟକ। ଜଣାଯାଏ, ଯେଉଁ ସାୟଂକାଳରେ ଏହି ମାନସିକତା ଜନ୍ମ ନେଇଛି, ତାହା ଅନ୍ୟରାଜ୍ୟ ଗୁଡ଼ିକଠାରୁ ଅଲଗା। ପ୍ରତ୍ୟେକ ନାଗରିକ ନିଜର ମତ ସାବ୍ୟସ୍ତ କରିବାର କ୍ଷମତା ରହିଛି। ଏହାକୁ ଆମେ ଅହଂତା ବା ସ୍ୱାଭିମାନର ଛାପରେ ରଖିପାରିବା ଆବଶ୍ୟକ କି ? ଏହାର ସମାଧାନ ପାଠକ ନିଜେ ମନକୁ ମନ ଚିନ୍ତାକରି କରନ୍ତୁ। କିନ୍ତୁ ଏ ବିଷୟରେ ମୁଁ କହିପାରେ କି ରାଜ୍ୟର ଅଖଣ୍ଡତା ଓ ବିକାଶ ପାଇଁ ପ୍ରତି ଶିକ୍ଷିତ ନାଗରିକ ନିଜର ସ୍ୱର ଉତ୍ତୋଳନ କରି ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପ୍ରତି ଦୃଷ୍ଟି ରଖି କାର୍ଯ୍ୟ କରିବା ଉଚିତ। ଦଳୀୟ ନୀତିର ଶିକାର ନ ହୋଇ ଦେଶମାତୃକାର ଉନ୍ନତି କଳ୍ପେ ନିଜର ମତଦାନ କରିବା ଦରକାର, ପ୍ରଚାରମୁଖୀ ଭାଷାରେ ଭାସିଯିବାରୁ ନିଜକୁ ବିରତ ରଖି ସକ୍ଷମ ପ୍ରତିନିଧି ବାଛନ୍ତୁ। ଏଇଟା ବି ଓଡ଼ିଆ ଅସ୍ମିତାର ଏକ ବିରାଟ ଦିଗ।

ସେଥିପାଇଁ ଓଡ଼ିଆ ଅସ୍ମିତା ବା ସ୍ୱାଭିମାନ ପାଇଁ ଆମେ ଅତୀତର ଆମ ପୂର୍ବଜ ମାନଙ୍କ ପାଇଁ ଯେତିକି ଗର୍ବିତ ହେବାର ଅଧିକାର ରହିଛି, ନିଜକୁ ବର୍ତ୍ତମାନ ପାଇଁ ସନ୍ତୁଳିତ କରିବା ସେତିକି ପ୍ରୟୋଜନ। କାରଣ ଆମର ଚରିତ୍ର ନଥିଲେ ସବୁ ସ୍ୱାଭିମାନ ଅସାର ହୋଇଯିବ। ଏଇଟା ଆଲୋଚନାର ବିଷୟ, ଆଜିର ପରିବର୍ତ୍ତିତ ଦୁନିଆରେ ଆମର ଓଡ଼ିଆ ଚରିତ୍ର ସନ୍ତୁଳିତ ତ ? ତା ସହିତ ରହିଛି ଆମର ଭବିଷ୍ୟତ ପାଇଁ ଦୂରଦୃଷ୍ଟି, ଦୂରନ୍ତ ପରିକଳ୍ପନା ଓ ସୁସ୍ଥ ଓଡ଼ିଆ ତଥା ସୁନ୍ଦର ଓଡ଼ିଶା ଗଠନର ବ୍ରତ। ଏଥିପାଇଁ ଆମର ଜାତି ନିମିତ୍ତ ଯେତିକି କରିବାର ଅଭିପ୍ରାୟ ରହିବ, ତାହା ନିଷ୍ଠାର ସହିତ ସମାହିତ ହେବା ଆବଶ୍ୟକ। ଭାଷା, ଶିଳ୍ପ, ସଂସ୍କୃତି, ଧର୍ମ, ସମାଜ ସବୁ ପାଇଁ ସକାରାତ୍ମକ ଆଭିମୁଖ୍ୟ ହିଁ ଅସ୍ମିତାର ପରିଚୟ।

'ଆମ ସ୍ୱାଭିମାନ – ଆମ ଅସ୍ମିତା' ଶୀର୍ଷକ ଏଇ ବର୍ଷ ବିଜୟିନୀ ପତ୍ରିକାଟି ପାଇଁ ବହୁ ସହୃଦୟ କବି ଓ ଲେଖକ ନିଜ ନିଜର ସୁଚିନ୍ତିତ କବିତା ଓ ପ୍ରବନ୍ଧରେ ଯେମିତି ଅତୀତର ରୋମନ୍ଥନ କରି ବର୍ତ୍ତମାନର ମୂଲ୍ୟାୟନ କରିଛନ୍ତି, ତାହା ନିଶ୍ଚିତ ଆମ ଭବିଷ୍ୟତ ଚିନ୍ତାଧାରାରେ ସକାରାତ୍ମକ ବିଶିଷ୍ଟ ଓଡ଼ିଆ ପ୍ରାଣର ଉପାଦାନ ଖଞ୍ଜି ଯୋଡିବ, ଏଥିରେ ସନ୍ଦେହ ନାହିଁ।

ପ୍ରକାଶକ ବ୍ୟକ୍ତିଗତ ଭାବରେ ଏହି ପ୍ରକାଶନକୁ ରଚନା ପ୍ରଦାନ କରିଥିବା ପ୍ରତି କବି ଓ ଲେଖକ, ଉପଦେଶ ଦେଇଥିବା ପ୍ରତି ଶୁଭଚିନ୍ତକ ଓ ପ୍ରକାଶନରେ ସାହାଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

ଧନ୍ୟବାଦ

**ଡାକ୍ତର ଇନ୍ଦ୍ରମଣି ଜେନା**

●●●●

# ଅଭିମତ

*ଗୌରହରି ଦାସ*

ଗୋଟିଏ ବାକ୍ୟରେ କହିବାକୁ ଗଲେ, ବିଜୟିନୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ ପ୍ରକାଶିତ ଓ ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ସଂପାଦିତ 'ଆମ ସ୍ୱାଭିମାନ, ଆମ ଅସ୍ମିତା' ଶୀର୍ଷକ ସ୍ମରଣିକାଟି ଏକ ସାର୍ଥକ, ସଂଗ୍ରହଣୀୟ ସଂକଳନ। ଏଥିରେ ସ୍ଥାନୀତ ପ୍ରତିଟି ଲେଖା – ପ୍ରବନ୍ଧ, ଗଳ୍ପ ଓ କବିତାରେ ଓଡିଶାକୁ ନେଇ ଉଙ୍କକିତ ପ୍ରଶ୍ନମାନ ଉତ୍‌ଥାପିତ ହୋଇଛି। ସେ ପ୍ରଶ୍ନଗୁଡିକର ଶବ୍ଦ ସବୁ ଆବେଗରେ ଗଢା, ଯାହାର ରଙ୍ଗ କେତେବେଳେ ଉଲ୍ଲାସ ଓ ସ୍ୱପ୍ନ ତ ଆଉ କେତେବେଳେ ଅବସୋସ ଓ ମୋହଭଙ୍ଗ।

ଓଡିଶାକୁ ନେଇ ଭାବୁଥିବା ପ୍ରତିଟି ସଚେତନ ଓଡିଆ ମନରେ ଗୋଟେ ପ୍ରଶ୍ନ ବାରମ୍ବାର ଉଙ୍କିମାରେ। ସେ ପ୍ରଶ୍ନଟି ହେଉଛି – ଆମର ପରମ୍ପରା ସହ ଆମର ବର୍ତ୍ତମାନର ଏତେ ଅସାମଞ୍ଜସ୍ୟ କାହିଁକି ? ସମୃଦ୍ଧ ପରମ୍ପରାର ବିଶାଳ ହର୍ମ୍ମ୍ୟ ନିକଟରେ ବର୍ତ୍ତମାନ କାହିଁକି ଦିଶେ ଦୟନୀୟ ଝାଟିମାଟି କୁଡିଆ ପରି ନିଆଶ୍ରୀ ? ଏହା ଭିତରୁ କୋଉଟି ସତ୍ୟ – ଶ୍ରୀସମୃଦ୍ଧ ପରମ୍ପରା ନା ଦରିଦ୍ରତମ ରାଜ୍ୟ ଭାବେ ବର୍ତ୍ତମାନର ପରିଚୟ ? ଏଇଠୁ ପୁଣି ଆଉ ଏକ ପ୍ରଶ୍ନ ଉଠେ – ଓଡିଆ ଜାତି କଅଣ ପରମ୍ପରା ପାଖରେ ଅଟକି ଗଲା କି ? ଯେଉଁ ପରମ୍ପରାକୁ ନିଶୁଣି ଭାବେ ବ୍ୟବହାର କରି ସେ ଉପରକୁ ଉଠିବା କଥା ସେହି ପରମ୍ପରା ତା ପାଇଁ ଅବରୋଧର ପାଚେରି ପାଲିଟିଗଲା କି ? ଆମେମାନେ ଭାଷଣ ପ୍ରସଙ୍ଗରେ କହୁ ଯେ ଦିନେ ଓଡିଶାର ରାଜାମାନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ଜୟ କରିଥିଲେ। ଆମର ସୌଦାଗରମାନେ ଯାଉଥିଲେ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ଓଡିଶାର ତାରକସୀ କାମ ଓ ସମ୍ବଲପୁରୀ ପାଟ ଦେଖି ପର୍ଯ୍ୟଟକଙ୍କ ଆଖି ଖୋସି ହୋଇ ଯାଉଥିଲା ଇତ୍ୟାଦି ଇତ୍ୟାଦି। ଏସବୁ ଶୁଣୁଥିବା ଲୋକ ମନରେ ଧାରଣା ହେବ, ଯାହାର ଅତୀତ ଏତେ ସମୃଦ୍ଧ, ତାହାର ବର୍ତ୍ତମାନ ଏଭଳି ଦୟନୀୟ ଏବଂ ଭବିଷ୍ୟତ ଅନିଶ୍ଚିତ କାହିଁକି ? କିଛି ବର୍ଷ ତଳେ ମୋତେ ଭାରତୀୟ ଲେଖକ ଦଳରେ ଓଡିଶାର ପ୍ରତିନିଧି ହୋଇ ଚୀନ୍ ଯିବାର ସୁଯୋଗ ଜୁଟିଥିଲା। ସେଇଠି ଥିବାବେଳେ ଆମକୁ 'ଟେରାକୋଟା ଆର୍ମି' ଦେଖିବାକୁ ନିଆଯାଇଥିଲା। ବେଜିଂରେ ପହଞ୍ଚିବା ଆଗରୁ 'ଟେରାକୋଟା ଆର୍ମି' ସମ୍ପର୍କରେ ମୁଁ କିଛି ଜାଣି ନଥିଲି। ଚୀନ୍‌ରେ ଦର୍ଶନୀୟ ସ୍ଥାନ କହିଲେ ମୁଁ ଜାଣିଥିଲି 'ଗ୍ରେଟ୍ ୱାଲ୍'। 'ଟେରାକୋଟା ଆର୍ମି' ହେଉଛି ଚୀନର ସାନ୍‌ସି ରାଜ୍ୟର ସିଆନ୍ ସହର ପାଖରେ ଆବିଷ୍କୃତ ମାଟି ତିଆରି ବିଶାଳ ସେନାବାହିନୀ। ୧୯୭୪ ମସିହାରେ ଏଇଟି ଆବିଷ୍କୃତ ହୋଇଥିଲା। କୁହାଯାଏ, ଚୀନ୍‌ର ପ୍ରଥମ ଶାସକ ସିନ୍ ସି ହୁଆଙ୍ଗ୍ ଏହି ମୃଣ୍ମୟ ସେନାବାହିନୀ ତିଆରି କରାଇଥିଲେ। ତାଙ୍କର ଧାରଣା ଥିଲା, ଦିନେ ସେ ପୁନର୍ଜନ୍ମ ପାଇ ପୁଣି ଫେରିବେ ଓ ଶାସନ କରିବେ। ସେତେବେଳେ ଏହି ବିଶାଳ ସେନାବାହିନୀ ପୁନର୍ଜୀବନ ଲାଭ କରି ତାଙ୍କର ସେବାରେ ନିୟୋଜିତ ହେବ। ପ୍ରାୟ ଅଢେଇ ବର୍ଗ କିଲୋମିଟର ଊର୍ଦ୍ଧ୍ୱ ଜାଗାରେ ପୋତି ହୋଇ ପଡିଥିବା ଏହି ସେନାବାହିନୀ ଆବିଷ୍କୃତ ହେଲା ପରେ ତାହାକୁ ଦେଖିବାକୁ ଦେଶ ବିଦେଶରୁ ପର୍ଯ୍ୟଟକ ଛୁଟିଥିଲେ। ଆମେରିକାର ବୈଦେଶିକ ସଚିବ ହେନେରି କିସିଞ୍ଜର ମଧ୍ୟ ଏଠାକୁ ଆସିଥିଲେ। ଏହି ବିଶାଳ କୀର୍ତ୍ତି ପରିଦର୍ଶନ କରି ସେ ମନ୍ତବ୍ୟ ଦେଇଥିଲେ ଯେ "ଯେଉଁ ଚୀନା ଜାତି ଏତେ ବଡ଼ ଅତୀତ ନିର୍ମାଣ କରିପାରିଥିଲା ସେ ଏହାଠାରୁ ବଡ଼ ଭବିଷ୍ୟତ ନିଶ୍ଚୟ ନିର୍ମାଣ କରିପାରିବ।" ଆଜି ଚୀନର ଅର୍ଥନୀତି ଓ ସାମରିକ ଶକ୍ତିକୁ ଦେଖିଲା ବେଳେ କିସିଞ୍ଜରଙ୍କ ବକ୍ତବ୍ୟର ଯାଥାର୍ଥ୍ୟ ବେଶ୍ ଉପଲବ୍ଧି କରିହୁଏ। ଚୀନ୍‌ର ଏହି 'ଟେରାକୋଟା ଆର୍ମି' ମାଟିରେ ତିଆରି, ମାତ୍ର ଓଡିଶାର ଇତିହାସ ଆମ ପାଖରେ ନିଦା ପଥରର କୀର୍ତ୍ତି ପରମ୍ପରା ରଖି ଯାଇଛି। ଓଡିଶା ଭ୍ରମଣରେ ଆସିଥିବା ଐତିହାସିକ ଜେମ୍‌ସ ଫର୍ଗ୍ୟୁସନ୍ ଏକଦା କହିଥିଲେ ଯେ "ସମଗ୍ର ହିନ୍ଦୁସ୍ତାନରେ ଯେତିକି ମନ୍ଦିର ରହିଛି ତାହାର ଅଧାରୁ ଅଧିକ ମନ୍ଦିର କେବଳ ଓଡିଶାରେ ରହିଛି।" ଏସବୁ ମନ୍ଦିର ଭିତରେ କୋଣାର୍କ, ଲିଙ୍ଗରାଜ ଓ ଶ୍ରୀମନ୍ଦିର ଛଡା ରାଜରାଣୀ ଓ ମୁକ୍ତେଶ୍ୱର ଭଳି ବିଖ୍ୟାତ କୀର୍ତ୍ତି ଅନ୍ତର୍ଭୁକ୍ତ। ଚୀନ୍‌ର ସେନାମୂର୍ତ୍ତି ମାଟି କାଦୁଅର, ଯାହା ହୁଏତ କିଛି ଅନେକ ପରେ ଭାଙ୍ଗିଯିବ; ମାତ୍ର ଓଡିଶାର କଳାକୀର୍ତ୍ତି ନିଦା ପାଷାଣର ଯାହା ଅନେକ ବର୍ଷ ପର୍ଯ୍ୟନ୍ତ ଏହିଭଳି ଅକ୍ଷୁଣ୍ଣ ରହିଥିବ। ତେବେ ଚୀନ୍ ସମ୍ପର୍କରେ କିସିଞ୍ଜର କହିଲା ଭଳି ଆମେ ଓଡିଶା ସମ୍ପର୍କରେ କହିପାରିବା କି ଏକ ଜାତି ଭାବରେ ଓଡିଆ ଜାତି ଅତୀତଠାରୁ ଏକ ବଡ ଭବିଷ୍ୟତ ନିର୍ମାଣ କରିପାରିବ !

ଏହି ସ୍ମରଣିକାରେ ସଂକଳିତ ବହୁ ଲେଖାରେ ଓଡିଶାର ସମୃଦ୍ଧ ପରମ୍ପରା ସମ୍ପର୍କରେ ଚର୍ଚ୍ଚା ହୋଇଛି ଏବଂ ଅତି ସୁନ୍ଦର ଭାବରେ ଲେଖକ ଲେଖିକା ପ୍ରାସଙ୍ଗିକ ପ୍ରଶ୍ନମାନ ଉତଥାପନ କରିଛନ୍ତି। ଓଡିଆମାନେ ଅଳ୍ପରେ ସନ୍ତୁଷ୍ଟ ଏବଂ ସେମାନଙ୍କର ଉଚ୍ଚାଭିଳାଷ ନାହିଁ ବୋଲି କେତେକ ଲେଖକ ମଧ୍ୟ ଉଲ୍ଲେଖ କରିଛନ୍ତି। ଓଡିଆମାନଙ୍କ ସମ୍ପର୍କରେ ଏହା ଅବଶ୍ୟ ନୂଆ ତଥ୍ୟ ନୁହେଁ। ଆଜିକୁ ୧୧୭ ବର୍ଷ ତଳେ ବାଲେଶ୍ୱରର ଗେଜେଟିୟର୍‌ରେ ସମ୍ପାଦନା କରିଥିବା ମିଃ



ଓ. ମାଲେ ତାଙ୍କ ପୂର୍ବରୁ ମିଃ ଷ୍ଟର୍ଲିଂ ଦେଇଥିବା ଏକ ମନ୍ତବ୍ୟ ଉଦ୍ଧାର କରିଥିଲେ। ତାହା ଏହିପରି – "The Oriya has long had an unenviable raputation as a weak, effeminate and stupid creature; and early writers almost all condemn them. It is said that they "prefer dirt and scarcity of food with idleness to cleanliness and plenty with hard labour." that "industry and enterprise are as foeign to them as opium-eating and noon-day sleep to the English husbandmen" that "there are few, if any, districts in India where the natives are so listless and idle as in this -- as long as the poorer classes have food enough to eat from day to day, they will not exert themselves to get more or make provision for an evil hour; hence the misery, disease, and starvation occasioned by dearth of grain."

ତେବେ ଏକଥା ଉଦ୍ଧାର କରିସାରି ମିଃ ମାଲେ ମତ ଦେଇଥିଲେ ଯେ ମିଃ ଷ୍ଟର୍ଲିଂଙ୍କର ଅଭିମତ ସମ୍ପୂର୍ଣ୍ଣ ଗ୍ରହଣଯୋଗ୍ୟ ନୁହେଁ। ଅତ୍ୟନ୍ତ ମିତ୍ର ଦୃଷ୍ଟିରେ ମିଃ ମାଲେ ଓଡିଆଙ୍କର ଏହି ଦୁର୍ବଳତାର କାରଣ ସମ୍ପର୍କରେ ଲେଖିଥିଲେ ଯେ, "In justice to the Oriyas it should be remembered that for ages they have been a conquered nation, and that within the last few centuries they suffered at the hands first of the Mughals and then of Martha conquerors. From the end of the 17th century they were continually harried and oppressed; and miserable as their lot had been under the Mughals, it was worse under the Marathas. The misrule of these marauders presents a decimal scene of exortion, desolation and rapine; their cavalry harried the country at stated periods each year; and, to quote stiriling's Account, "their administration was fatal to the welfare of the people and the prosperity of the country, and exhibits a picture of misrule, anarchy, weakness, rapacity and violence combined, which makes one wonder how society can have kept together under so calamitous a tyranny." It would have been strange if the Oriya character had not been affected by this tyranny; and it is not surprising that the bitter experience of their forefathers should have discouraged thrift, promoted improvidence, and tended to make the people a feeble and timid race."

ଯେ ଉଭୟ ଷ୍ଟର୍ଲିଂ ଏବଂ ମାଲେ ଓଡିଆମାନଙ୍କ ସମ୍ପର୍କରେ ଏ କଥା କହିବାର ଅନେକ ବର୍ଷ ଚାଲିଗଲାଣି; ମାତ୍ର ତାହା ସତ୍ତ୍ୱେ ଆମେ ଆମର ସମୃଦ୍ଧ ଐତିହ୍ୟ ଏବଂ ପରମ୍ପରାକୁ ବାସ୍ତବ ସତ୍ୟ ବୋଲି ଏହ ବିଶ୍ୱାସରେ ପରିଣତ କରିପାରି ନାହୁଁ।

ଏ ସ୍ମରଣିକାର କିଛି ଲେଖକ ଲେଖିକା ଯଥାର୍ଥରେ କହିଛନ୍ତି ଯେ ଓଡିଶାକୁ ନେଇ ଗର୍ବ କରିବାର ଅନେକ କାରଣ ଅଛି। ଆମର ମନ୍ଦିର, ନୌବାଣିଜ୍ୟ ପରମ୍ପରା, ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ, ବିସ୍ତୀର୍ଣ୍ଣ ବେଳାଭୂଇଁ, ଅରଣ୍ୟ, ପ୍ରପାତ, ପାହାଡ ଏବଂ ଝରଣା ଏସବୁ ଆମ ଭିତରେ ଗର୍ବ ସଞ୍ଚାର କରେ। ଏଭଳି ଖଣ୍ଡିଏ ସୁନ୍ଦର ଓ ସମ୍ପୂର୍ଣ୍ଣ ରାଜ୍ୟ ଭାରତରେ ବିରଳ, ଯେଉଁଠି ତତଲା ଟିଟିଲାଗଡ ଅଛି ପୁଣି ଅଛି ହିମଶୀତଳ ଦାରିଙ୍ଗବାଡି। ଅଛି ସମୁଦ୍ର ଓ ନଦୀ ପୁଣି ବିସ୍ତୀର୍ଣ୍ଣ ପାର୍ବତ୍ୟାଞ୍ଚଳ। ସେହିଭଳି ଓଡିଶାର ଆଦିବାସୀ ସଂସ୍କୃତିର ତୁଳନା ନାହିଁ। ଏ ରାଜ୍ୟର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଏବଂ ତାଙ୍କ ସଂସ୍କୃତି ଭଳି ବର୍ଣ୍ଣାଢ୍ୟ ଓ ଉଦାର ସଂସ୍କୃତି ବାସ୍ତବିକ ଅଦ୍ୱିତୀୟ। କିନ୍ତୁ ଏସବୁ ସତ୍ତ୍ୱେ ବିଶ୍ୱସ୍ତରରେ ଦୂରର କଥା ସର୍ବଭାରତୀୟ ସ୍ତରରେ ଆମେ ନିଜକୁ ଯେଉଁଭଳି ପ୍ରତିଷ୍ଠିତ କରିବା କଥା ସେହିଭଳି କରିପାରି ନାହୁଁ।



ସ୍ମରଣିକାରେ ସଂକଳିତ କିଛି ଲେଖକ ଓଡିଶାର ଦୁର୍ବଳ ପର୍ଯ୍ୟଟନ ଓ କର୍ମକୁଣ୍ଠତା ସମ୍ପର୍କରେ ପ୍ରଶ୍ନ କରିଛନ୍ତି। କେରଳ ଓଡିଶା ପରି ଏକ ସମୁଦ୍ର ତଟୀୟ ରାଜ୍ୟ। ସେ ରାଜ୍ୟର ପର୍ଯ୍ୟଟନ ଭିତ୍ତିଭୂମି ଏହ ଆମ ରାଜ୍ୟର ପର୍ଯ୍ୟଟନକୁ ତୁଳନା କଲେ ଆମେ ଯେ ଢେର୍ ପଛରେ ଅଛନ୍ତି ତାହା ଜଣାପଡିଯାଏ। ସେହିଭଳି ଆଉ କେତେକ ଲେଖକ ଆମେ ଆମର ସଂସ୍କୃତି ସମ୍ପର୍କରେ ବଡ ଉଦାସୀନ ବୋଲି କହିଛନ୍ତି। ଦକ୍ଷିଣ ଭାରତୀୟ ଶିଳ୍ପୀମାନେ ତାଙ୍କର ଶାସ୍ତ୍ରୀୟ ସଂଗୀତ ପରିବେଷଣ ବେଳେ ବେଶପୋଷାକରେ ଯେଉଁ କୌଳିନ୍ୟ ଅକ୍ଷୁଣ୍ଣ ରଖିଥାନ୍ତି ଆମର ଓଡିଶୀ ସଂଗୀତ ପରିବେଷଣ ବେଳେ ସେଭଳି ଦେଖୁ ନାହୁଁ। ଆମର ଭାଷା, ପୋଷାକ, ଖାଦ୍ୟ, ନୃତ୍ୟ, ଗୀତ ଓ ପର୍ବପର୍ବାଣି ସବୁର ବିଶେଷତ୍ୱ ରହିଛି; ମାତ୍ର ଆମେ ସେହି ବିଶେଷତ୍ୱକୁ ଯେଭଳି ମର୍ଯ୍ୟାଦା ଦେବା କଥା ତାହା ଦେଉ ନାହୁଁ। ଓଡିଶା ପରି ଅନେକ ରାଜ୍ୟ ଶତ୍ରୁ ଆକ୍ରମଣ ଏବଂ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ରାଜସ୍ଥାନ, ଗୁଜୁରାଟ ଏ ଧରଣର ବିପତ୍ତିର କମ୍ ସମ୍ମୁଖୀନ ହୋଇନାହାନ୍ତି। ମାତ୍ର ତାହା ସତ୍ତ୍ୱେ ସେମାନେ ଆଜି ଆମଠାରୁ ଆଗରେ। ଆମେ ଆମର ସ୍ୱାଭିମାନ ନେଇ ଯେତିକି ସଚେତନ ହେବା କଥା ସେତିକି ହେଉନାହୁଁ। ଉଦାହରଣ ସ୍ୱରୂପ, ୧୯୩୬ରୁ ଓଡିଆ ସ୍ୱତନ୍ତ୍ର ଭାଷାର ମାନ୍ୟତା ପାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହାକୁ ଆମେ ଗର୍ବର ସହ ନିଜର ଭାଷା ଭାବେ ବ୍ୟବହାର କରି ଶିଖିନାହୁଁ। ଏଥିପାଇଁ ଆମକୁ ବିକ୍ଷୋଭ ପ୍ରଦର୍ଶନ କରିବାକୁ ପଡୁଛି। ଓଡିଶାରେ କୃଷି, ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ ଯେତିକି ସମୃଦ୍ଧ ହେବା କଥା ତାହା ହୋଇନାହିଁ। ଆମର ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା ଆଜି ଉଦ୍‌ବେଗଜନକ। କେଉଁ ଦିନ ଆମେ ଏ ଦିଗରେ ଅଗ୍ରଗତି ହାସଲ କରିବା ? ଗୋଟିଏ କଥା ଅଛି କେହି ଗରିବ ହୋଇ ଜନ୍ମନେବା ପାପ ନୁହେଁ, ମାତ୍ର ଗରିବ ହୋଇ ରହିଯିବା ପାପ। ଏକଥା ଆମକୁ ଚିନ୍ତା କରିବାକୁ ହେବ।

'ଆମ ସ୍ୱାଭିମାନ, ଆମ ଅସ୍ମିତା'ରେ ଉତ୍ତର ଅପେକ୍ଷା ବେଶୀ ପ୍ରଶ୍ନ ଉତ୍ଥାପିତ ହୋଇଛି । ମୋର ବିଶ୍ୱାସ ଏହାର ଲେଖାଗୁଡ଼ିକ ପାଠକ ପାଠିକାଙ୍କୁ ଆନ୍ଦୋଳିତ କରିବ । ଉତ୍କଳମଣି ଗୋପବନ୍ଧୁ ଦାସ ଏକଦା କହିଥିଲେ ଯେ ଆମେ ଜନ୍ମ ହେଲାବେଳେ ଓଡ଼ିଶାକୁ ଯେଉଁ ରୂପରେ ଦେଖିଲୁ, ବିଦାୟ ନେଇ ଗଲାବେଳେ ତାହା ଠାରୁ ଭଲ ଅବସ୍ଥାରେ ଦେଖିଯିବା । ଓଡ଼ିଶାର ପ୍ରତ୍ୟେକ ପୁଅ ଝିଅ, ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି, ଯଦି ଦିନକୁ ଥରୁଟିଏ ନିଜେ ନିଜକୁ ଏହି କଥା ପଦକ ଶୁଣାଇବେ ଏବଂ ସିଏ ଯେଉଁ କ୍ଷେତ୍ରରେ କାମ କରୁ ଥାଆନ୍ତୁ ନା କାହିଁକି ଓଡ଼ିଶାକୁ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିବା ଦିଗରେ ନିଜର ଯୋଗଦାନ ଦେବେ, ତା'ହେଲେ ଉତ୍କଳମଣିଙ୍କର ସ୍ୱପ୍ନ ନିଶ୍ଚୟ ସାକାର ହେବ ।

*ଅନୁଭବ,*
*୩୭୮ ବରମୁଣ୍ଡା ଗ୍ରାମ, ଭୁବନେଶ୍ୱର - ୭୫୧ ୦୦୩*
*ମୋ - ୯୧୭୮୪୬୭୦୦୮*
*email: gourhari60@gmail.com*

●●●●



# ୧. ଓଡିଆ ସ୍ୱାଭିମାନ – ଓଡିଆ ଅସ୍ମିତା

# ବଂଶୀବାଦକ

*ଡ. ଫନୀ ମହାନ୍ତି*

ଶରଦର ନିଶୂନ୍ ନଈପଠାରେ
କିଏ ଜଣେ ମନଖୁସିରେ ସାରା ରାତି
ବଂଶୀ ବଜାଉଛି ?
ଅଧା ଦୃଶ୍ୟ ଅଧା ଅଦୃଶ୍ୟ ଛାଇ ଆଲୁଅରେ
ମାତାଲ ପବନ ପରି ମନକୁମନ ହସୁଛି କାଂଦୁଛି
କାଂଦିକାଂଦି ହସିହସି ଧୂଳିମାଟିରେ ଲୋଟିଯାଉଛି ।

ଅଗୁରୁଚନ୍ଦନ ଗୋଳା ମହମହ ସୁଗଂଧ
ଜଳରେ କିଏ ଜଣେ ଜୁଡୁବୁଡୁ ଭିଜି
ମତେ ଭିଜଉଛି ଓ
ପାଦଠୁଁ କପାଳ ଯାଏଁ ସମଗ୍ର
ଶରୀର ଗାଢ଼ ଆବେଗରେ ଚୁମିଚୁମି ଯାଉଛି ।

ଲାଲଟୁକୁଟୁକୁ ହରିଦ୍ରାବନରେ ଅଶରୀରୀ
ପରି ଲୁଚିଛପି ବସି ଠାରରେ ଠାରରେ ଯିଏ
ମତେ ଆଦରେ ଡାକୁଛି
ପର ମୁହୂର୍ତ୍ତରେ ପୁଣି, ବିଷମ ବିରହେ ହୁତୁହୁତୁ
ପୋଡ଼ିଜଳି ଯାଇ ମୁଠାଏ ପବନ ପରି ପଡ଼ି ରହୁଛି ।

ଖାଁ ଖାଁ ନିଧୁବନରେ ଅର୍ଧନାରୀଶ୍ୱର ଭଳି
ଯାହା ମୁହଁ ବେଲୁବେଲ ଟୋଫା ଓ ଉଜ୍ଜ୍ୱଳ
ଦିଶୁଛି ସେ କେଉଁ ନଥିବା
ଗ୍ରହର ଈଶ୍ୱର କି, ନାରୀ ମୁ କଣ ଜାଣିଛି ?
ଛାଡ଼ବାଡ଼ ହୋଇ ମୁଁ ତ କେବେଠୁ ହାତେ ମାପି
ଚାଖଣ୍ଡେ ଦୂରରେ ତାଠାରୁ ରହିଛି ।

ଶରଦର ନିଶୂନ୍ ନଈପଠାରେ ଆଗପଛ
ଭଲମନ୍ଦ ବିଚାର ନକରି ମନଖୁସିରେ
ଏକାଏକା ବସି ଯିଏ
ବଂଶୀ ବଜାଉଛି ସେ ମୋର କିଏ ଯେ ?
ସେ କ'ଣ ମୋ ଇହ ପରକାଳର ଜିଦିଖୋର
ନିର୍ବୋଧ ସ୍ୱାମୀ ନା ମୋର ଅପାସୋରା
ଅବୁଝା ପ୍ରିୟତମ ନା, ପ୍ରଥମ ଓ ଶେଷ ପ୍ରେମିକ ?,



ମୋହନବଂଶୀର ଛଳଛଦ୍ମରେ ଅଜଣା ଭୟରେ
ଗୋଟିପଣେ ମୁଁ ଥର୍ଥର ଥରୁଛି ଅଥଚ ସେ ମୂଢ଼
ବଂଶୀବାଦକ ସ୍ଥାନକାଳପାତ୍ର ଭୁଲି
ଘନଘନ ବଂଶୀନାଦ କରି ଲୁତପୁତୁ
ଶ୍ୟାମଘନ ଶରୀରକୁ ମୋର ଶହେରୁ ଶହେ
ଭାଗ ମୁହୁର୍ମୁହୁଃ ଅସ୍ଥିର ଓ ଅଥୟ କରୁଛି ।

କିଏ ଜଣେ ଶରଦ ରାତିରେ
ନିଶୂନ ନଈପଠାରେ ଏକାଏକା ବସି ବଂଶୀ ବଜଉଛି ।

*ପୁଷ୍ପଧନ୍ୱ, ବମିଖାଲ, ଭୁବନେଶ୍ୱର*
ମୋ - ୯୯୩୭୯୬୧୮୭୮

●●●●

# ଓଡ଼ିଆ ଅସ୍ମିତାର ସ୍ଥିତି, ବ୍ୟାପ୍ତି ଓ ବିବର୍ତ୍ତନ

*ଡ. ଜୀବନ କୃଷ୍ଣ ମହାପାତ୍ର*

ଯେମିତି ପ୍ରଚଣ୍ଡ ପ୍ରସବ ବେଦନାରୁ ଜନ୍ମନିଏ ଗୋଟିଏ ଅମୃତ ସନ୍ତାନ, ସିଏ ସୃଷ୍ଟିକରେ ତା ନିଜର ପରିଚୟ - ତା'ର ସ୍ୱପ୍ନ, ତା'ର ଦକ୍ଷତା, ତା'ର କୌଶଳ, ତା'ର ସଫଳତା, ତା'ର ସଂସ୍କୃତି, ତା'ର ବ୍ୟକ୍ତିତ୍ୱ। ଠିକ୍ ସେହିପରି ପ୍ରଚଣ୍ଡ ପ୍ରାକୃତିକ, ରାଜନୈତିକ ଓ ସାମାଜିକ ଯନ୍ତ୍ରଣାରୁ ସୃଷ୍ଟି ହୋଇଥିଲା ସ୍ୱତନ୍ତ୍ର ଓଡ଼ିଶା, ୧୯୩୬ ମସିହା ଅପ୍ରେଲ ପହିଲାଦିନ। ପର ଅବସ୍ଥାରେ ତାହା ସୃଷ୍ଟି କରିଥିଲା ତାର ପରିଚୟ, ସଂସ୍କୃତି ଓ ଅନନ୍ୟ ଅସ୍ତିତ୍ୱ। ତେବେ ଦୁଃଖର କଥା ଯେ ଅସ୍ମିତାର ପ୍ରଥମ ପାହାଚ ରୂପେ, ନିଜ ଜାତିର ଇତିହାସ ପଢ଼ିବା, ବୁଝିବା, ହୃଦୟଙ୍ଗମ କରିବାଟା ପରିଗଣିତ ହେଲେ ମଧ୍ୟ ଆମ ଭିତରୁ ଅନେକ ଓଡ଼ିଶାର ସେ ଯନ୍ତ୍ରଣାସିକ୍ତ ଇତିହାସ ବିଷୟରେ ଅବଗତ ନାହାଁନ୍ତି।

ବର୍ତ୍ତମାନ ଓଡ଼ିଆ ଜାତିର ରୁଗ୍ଣ ଅସ୍ମିତା ବିଷୟରେ ସଚେତନତା ପାଇଁ ସେ ଇତିହାସର ସଂକ୍ଷିପ୍ତ ବିବରଣୀ ଉପସ୍ଥାପନର ପ୍ରୟୋଜନ ରହିଛି। ୧୯୩୬ ମସିହା ଏପ୍ରିଲ ପହିଲାରେ ଭାଷାଭିତ୍ତିକ ଉତ୍କଳ ପ୍ରଦେଶ ଗଠନ ଭାରତବର୍ଷ ଇତିହାସରେ ଏକ ଅବିସ୍ମରଣୀୟ ଅଧ୍ୟାୟ, କାରଣ ସାରା ଦେଶରେ ଏକମାତ୍ର ଭାଷା ଯାହାର ଭାଷାଭାଷୀ ଲୋକଙ୍କୁ ଏକତ୍ର କରି ସେଇ ସୂତ୍ରରେ ରାଜ୍ୟ ଗଠନ କରାଯାଇଛି। ତେବେ ସମସ୍ତଙ୍କ ଅଜ୍ଞାତସାରରେ ଏହି ଗଠନ ପ୍ରକ୍ରିୟାର ମୂଳଦୁଆ ପଡ଼ିଥିଲା ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ବେଳରୁ। ତତ୍କାଳୀନ ବିଲାତର ଭାରତ ମନ୍ତ୍ରୀ ଷ୍ଟାଫୋର୍ଡ୍ ନର୍ଥ୍ କୋର୍ଟ୍ ଏହି ଚରମ ଦୁର୍ବିପାକରେ ଓଡ଼ିଶାପ୍ରତି ଅବହେଳା କରାଯାଉଥିବା ଉପଲବ୍ଧି କରି ବଙ୍ଗଳାରୁ ଓଡ଼ିଶାକୁ ଅଲଗା କରିବାକୁ ପରାମର୍ଶ ଦେଇଥିଲେ। ଏହି ସମ୍ବେଦନଶୀଳ ପରାମର୍ଶ ସମସାମୟିକ ଶିକ୍ଷିତ ଓଡ଼ିଆଙ୍କ ମଧ୍ୟରେ ଏକ ରାଜନୈତିକ ଉନ୍ମାଦନା ସୃଷ୍ଟି କରିଥିଲା।

ଏଥିରେ ଉଦ୍‌ବୁଦ୍ଧ ହୋଇ ୧୮୬୬ ମସିହାରେ କର୍ମଯୋଗୀ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ଜନ୍ମନେଲା ପ୍ରଥମ ଓଡ଼ିଆ ଖବର କାଗଜ ଉତ୍କଳ ଦୀପିକା। ଏଥିରେ ଓଡ଼ିଶାବାସୀଙ୍କର ଦୁଃଖ-ଯାତନାଠାରୁ ଭାଷା ସୁରକ୍ଷା ପର୍ଯ୍ୟନ୍ତ ଅନେକ ଆଲେଖ୍ୟ ପ୍ରକାଶ ପାଇଲା। ଫଳରେ ଓଡ଼ିଆ ଚେତନା ଜାଗ୍ରତହେଲା, ତାହାରି ପ୍ରଭାବରେ ୧୮୭୩ ମସିହାରେ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ବିଷୟ ଭାବରେ ପ୍ରବର୍ତ୍ତନ କରାଗଲା। ଏପରିକି, ମାନ୍ଦ୍ରାଜ ସରକାର ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ କୋର୍ଟ କଚେରିରେ ଓଡ଼ିଆ ଭାଷା ପ୍ରଚଳନ କରିବାକୁ ନିର୍ଦ୍ଦେଶ ଦେଲେ ଏବଂ ଏହି ଭାଷାକୁ ଶୁଦ୍ଧ ଭାବରେ ଲେଖିପଢ଼ି ପାରୁଥିବା ଅମଲା ମାନଙ୍କୁ ନିଯୁକ୍ତି ଦିଆଗଲା। ଓଡ଼ିଆ ଭାଷାଭିତ୍ତିକ ପ୍ରଦେଶ ଗଠନର ଏହା ଥିଲା ଦ୍ୱିତୀୟ ନିର୍ଣ୍ଣାୟକ ପଦକ୍ଷେପ।

ଏହି ଘଟଣାପ୍ରବାହରେ ଉତ୍ସାହିତ ହୋଇ ଉତ୍କଳର ଭାଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ନିମନ୍ତେ ଊନବିଂଶ ଶତାବ୍ଦୀରେ ଅନେକ ଅନୁଷ୍ଠାନ ଆତ୍ମପ୍ରକାଶ କରିବା ଆରମ୍ଭକଲେ। ଏହି ଅନୁଷ୍ଠାନ ମଧ୍ୟରେ କାଳାନୁକ୍ରମେ 'ଉତ୍କଳଭାଷା ବିଧାୟିନୀ ସଭା, ୧୮୬୬'; 'ଉତ୍କଳୋଲ୍ଲାସିନୀ ସଭା, ୧୮୬୯'; 'ଉତ୍କଳ ଭାଷୋଦ୍ଦୀପନୀ ସଭା, ୧୮୭୩'; 'ଉତ୍କଳ ସଭା, ୧୮୭୭'; 'ହରିଭକ୍ତି ପ୍ରଦାୟିନୀ ଶିକ୍ଷା ବିବର୍ଦ୍ଧିନୀ ସଭା, ୧୮୯୪' ଏବଂ 'ଅବଜରର୍ଭର କ୍ଲବ, ୧୮୯୬' ଉଲ୍ଲେଖଯୋଗ୍ୟ। ସେଗୁଡ଼ିକର ଅବଦାନକୁ ଭୁଲିହେବ ନାହିଁ। କାରଣ ଏ ସବୁ ଅନୁଷ୍ଠାନଗୁଡ଼ିକର ଆବିର୍ଭାବ ଓଡ଼ିଆ ହୃଦୟରେ ନୂଆ ଜାଗରଣ ସୃଷ୍ଟି କରିଥିଲେ, ନୂଆ ଆଶାର ପ୍ରଦୀପ ଜଳାଇଥିଲେ। ଏହି ଅବଧି ମଧ୍ୟରେ ୧୮୭୫ ମସିହାବେଳକୁ ବାଲେଶ୍ୱରର ରାଜା ଶ୍ୟାମାନନ୍ଦ ଦେ ଏବଂ ଜାତିପ୍ରେମୀ ବିଚିତ୍ରାନନ୍ଦ ଦାସ ଗଭର୍ଣ୍ଣରଙ୍କୁ ସାକ୍ଷାତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ପଦକ୍ଷେପ ନେବାପାଇଁ ସ୍ମାରକପତ୍ର ଦେଇଥିଲେ।

ସେଇଟି ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ପ୍ରଥମ ଦାବିପତ୍ର।

ଏ ନୂତନ ଜାଗରଣର ଆଲୋକ ଶିଖା ପଡ଼ୋଶୀ ରାଜ୍ୟ ଗୁଡ଼ିକରେ ଅସୂୟା ଭାବ ସୃଷ୍ଟି କରିବା ଫଳରେ ଓଡ଼ିଆ ଭାଷାର ବିଲୋପ ସାଧନ ପାଇଁ ବିଶେଷ କରି ବଙ୍ଗାଳୀ ମାନେ ବିଧିବଦ୍ଧ ଷଡ଼ଯନ୍ତ୍ର ଆରମ୍ଭ କରିଦେଲେ। ଏହାର ନେତୃତ୍ୱ ନେଇଥିଲେ ରାଜେନ୍ଦ୍ରଲାଲ ମିତ୍ର। ତାଙ୍କୁ ସହାୟତା କରିବାପାଇଁ ଆଗେଇ ଆସିଥିଲେ କାନ୍ତିଲାଲ ଭଟ୍ଟାଚାର୍ଯ୍ୟ। ତାଙ୍କ ଉଚ୍ଚାରିତ 'ଓଡ଼ିଆ ଯାକଟା ସ୍ୱତନ୍ତ୍ର ଭାଷା ନୟ' ପଦଟି ଓଡ଼ିଆ ପ୍ରାଣକୁ କରତିଦିଏ।

ଓଡ଼ିଆଭାଷାକୁ ଆସନ୍ନ ଧ୍ୱଂସ ମୁଖରୁ ରକ୍ଷାକରି ବଞ୍ଚାଇ ରଖିବାପାଇଁ ଏହି ଘଡିସନ୍ଧି ମୁହୂର୍ତ୍ତରେ ଓଡ଼ିଶାର ତତ୍କାଳୀନ ଶିକ୍ଷିତ ଗୋଷ୍ଠୀ ଅଣ୍ଟାଭିଡି ବାହାରି ପଡିଲେ। ୧୯୦୨ ମସିହାରେ ବ୍ରହ୍ମପୁରରେ 'ଓଡ଼ିଆ ସଭା' ତରଫରୁ ଗଞ୍ଜାମର ପ୍ରଥମ ଗ୍ରାଜୁଏଟ୍ ଶ୍ୟାମ ସୁନ୍ଦର ରାଜଗୁରୁଙ୍କ ଅଧକ୍ଷତାରେ ଗୋଟିଏ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷାକୁ ଶିକ୍ଷାନୁଷ୍ଠାନ ଓ କୋର୍ଟକଚେରିରେ

ପ୍ରବର୍ତ୍ତନ କରିବାକୁ ସରକାରଙ୍କୁ ଅନୁରୋଧ କରିବା ପ୍ରସ୍ତାବ ଗୃହୀତ ହୋଇଥିଲା । ଉତ୍କଳ ଗୌରବ ମଧୁସୂଦନ ଦାସ ଏହି ସଭାରେ ଯୋଗଦାନ କରିଥିଲେ । ଏହାପରେ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ରମ୍ଭାରେ ଆଉ ଏକ ସଭାର ଆୟୋଜନ କରି ଓଡ଼ିଆଭାଷାର ଭିତ୍ତିଭୂମି ସୁଦୃଢ଼ କରିବା ସକାଶେ ଉଦ୍ୟମ କରିଛନ୍ତି । ମଧୁବାବୁ ସେଠାକୁ ବି ଧାଇଁଯାଇଛନ୍ତି କଟକରୁ ।

ଏ ଦୁଇଟି ସଭା ମଧୁବାବୁଙ୍କୁ ଗଭୀରଭାବେ ପ୍ରଭାବିତ କରିଛି ଯାହାଫଳରେ ସିଏ ଉତ୍ସାହିତ ହୋଇପଡିଛନ୍ତି । ନିଜର ସ୍ୱାଭିମାନ ଅଡି ବସିଛି ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ନହେଲେ ଓଡ଼ିଆ ଓ ଓଡ଼ିଶାର ଅସ୍ତିତ୍ୱ ଲୋପ ପାଇଯିବ । ବଳିଷ୍ଠ ମାନସିକ ଶକ୍ତି ଓ ସୁସଂଯୋଜିତ ଭାବଧାରାରେ ତାଙ୍କର ଅସ୍ମିତାର ପରିଚାୟକ ଭାବରେ ଆତ୍ମପ୍ରକାଶ କଲା ଉତ୍କଳ ସମ୍ମିଳନୀ । ୧୮୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖ, କଟକର ପ୍ରସିଦ୍ଧ ଇଦ୍‌ଗା ପଡ଼ିଆରେ । ଏହି ସମ୍ମିଳନୀରେ ପୌରହିତ୍ୟ କରିଥିଲେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ । ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ଏହି ସମ୍ମିଳନୀରେ ଯୋଗଦାନ କରିଥିଲେ ୩୬୫ ଜଣ ପ୍ରତିନିଧି, ଯେଉଁମାନଙ୍କ ମଧ୍ୟରେ ଥିଲେ ଅନେକ ରାଜା, ମହାରାଜା, ଜମିଦାର, ବିଦ୍ଧିଜୀବୀ, ଆଇନଜ୍ଞ, କବି ଓ ସାହିତ୍ୟିକ । କେତେ ସ୍ୱନାମଧନ୍ୟ ଯୋଗଜନ୍ମା ଯୁଗପୁରୁଷ ଯେଉଁମାନେ ଏହି ସମ୍ମିଳନୀ ମଣ୍ଡନ କରିଥିଲେ ଯଥା - ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ବ୍ୟାସକବି ଫକୀରମୋହନ, କବିବର ରାଧାନାଥ, ପଲ୍ଲୀକବି ନନ୍ଦକିଶୋର, ଭକ୍ତକବି ମଧୁସୂଦନ ରାଓ, କର୍ମବୀର ଗୌରୀଶଙ୍କର ରାୟ ପ୍ରଭୃତି ।

ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରି ଜଣେ ଚିଫ୍ କମିସନରଙ୍କ ଶାସନାଧୀନ କରିବାପାଇଁ ଏହି ସମ୍ମିଳନୀ ପ୍ରସ୍ତାବ ଦେଲା । ଏହି ସମ୍ମିଳନୀରେ ଧନ୍ୟବାଦ ଦେବାକୁ ଯାଇ ମଧୁବାବୁ କହିଥିଲେ -

ଜନନୀ ସେବାରେ ଆତ୍ମଗର୍ବ ଓ ସ୍ୱାର୍ଥପରତା ତ୍ୟାଗ କରିବାକୁ ହେବ । ଏହି କ୍ଷୁଦ୍ର କିନ୍ତୁ ଭାବାର୍ଥକ ବାକ୍ୟଟି ଅସ୍ମିତାର ସ୍ୱତଃସ୍ଫୂର୍ତ୍ତ ଉଦଗୀରଣ ଓ ମାର୍ଗଦର୍ଶିକା । ଓଡ଼ିଆ ଅସ୍ମିତା ବୀଜବପନର ଦୁଇଟି ମୂଳମନ୍ତ୍ର ଏଥିରେ ସନ୍ନିବେଶିତ -

୧. ଗର୍ବ ପରିତ୍ୟାଗକରି ଆମକୁ ଓଡ଼ିଶାର ସେବା କରିବାକୁ ପଡିବ ।

୨. ସ୍ୱାର୍ଥପରତା ତ୍ୟାଗକରି ଓଡ଼ିଶାର ଉନ୍ନତି ଓ ପ୍ରଗତି କଳ୍ପେ ଆମକୁ ସମର୍ପଣ କରିବାକୁ ହେବ ।

'ସେବା' ଓ 'ତ୍ୟାଗ' ହିଁ ଅସ୍ମିତାର ମୂଳମନ୍ତ୍ର । ଆମେ ନିଜକୁ ନିଜେ ପ୍ରଶ୍ନ କରିବା ଉଚିତ । ସତ କହିବାକୁ ଗଲେ, ଏବେ ଓଡ଼ିଶା ପରିପ୍ରେକ୍ଷୀରେ ଆମେ ଏଥିରୁ କେଉଁଟିକୁ ଜୀବନର ବ୍ରତ ଭାବରେ କ୍ରୀୟାଶୀଳ କରି ରଖିଛେ ?

ଏହି ଆଧାରରେ କିଛି ସୂଚନା ଦେବା ପୂର୍ବରୁ ମଧୁସୂଦନ ଓ ସମସାମୟିକ ମହାପୁରୁଷ ମାନଙ୍କର କିଛି ପଙ୍‌କ୍ତି ଉଲ୍ଲେଖ କରିବା ପ୍ରୟୋଜନ, ଯଥା -

"ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ ?
ପୂରୁବ ଗୌରବ ପୂରୁବ ମହିମା
ପଡୁନି କି ତୋର ମନେ ?"

"ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଅସ୍ମିତା ଜାଗରୁକ କରିବାର ସୂକ୍ଷ୍ମ ପ୍ରୟାସ ।"

"ନିଜର ଜୀବନ ଜାତିକୁ ଅର୍ପଣ
କଲେ ମିଳେ ଜାତି ପ୍ରାଣ,
ଜାତୀୟ ଜୀବନ ନ ମିଳିବ କଲେ
ହାଟେ ବାଟେ ଅନ୍ୱେଷଣ ।"

"ଉତ୍କଳ ଗୌରବ ମଧୁସୂଦନ ଜାତିପାଇଁ ଜୀବନକୁ ଉତ୍ସର୍ଗୀତ କରିବାକୁ ଆହ୍ୱାନ ଦେଇଛନ୍ତି"

"ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ
ଟାଣେ କିରେ ଗାଡି ଦାନାର ତୋବଡା
ଘୋଡାମୁହେଁ ବନ୍ଧାଥିଲେ ?"

"ଉତ୍କଳ ଗୌରବ ମଧୁସୂଦନ ଜାତିପାଇଁ ନିଃସ୍ୱାର୍ଥସେବା ଉଦ୍‌ଘୋଷିତ କରିଛନ୍ତି"

ଗୋଦାବରୀଶ ମହାପାତ୍ରଙ୍କର ଲେଖନୀରୁ ଝରିଥିଲା-
"ସମ୍ବଲପୁର ଡାକୁ ଗଞ୍ଜାମେ
ସେ ଡାକ ଉଠୁରେ ସିଂହଭୂମ ଧାମେ
ଜୟପୁର ଥରୁ ଜନନୀ ନାମେ,
ସାରା ଦେଶେ ଉଠୁ ରୋଳ,
ହାତ ଧରାଧରି ଠିଆ ହୋଇ ଥରେ ଜୟ ଉତ୍କଳ ବୋଲ ।"
"ଦେଶସେବା ପାଇଁ ଏକତାବଦ୍ଧ ଆନ୍ଦୋଳନ କରିବାକୁ ଆହ୍ୱାନ"

ସେଭଳି ବ୍ୟାସକବି ଫକୀରମୋହନଙ୍କର ରଚନାରୁ ମନେପଡେ
"ଉତ୍କଳ ଜନନୀ ଅଛନ୍ତି ଚାହିଁ
କର କିଛି କାର୍ଯ୍ୟ ଲୋକଙ୍କ ପାଇଁ,
ପଛଘୁଞ୍ଚା ଦେଲେ କାର୍ଯ୍ୟ ସାଧନେ
କିବା ପ୍ରୟୋଜନ ସେହି ଜୀବନେ ।"

"ଏଠାରେ ଦେଶସେବା ପାଇଁ ପ୍ରତିଶ୍ରୁତିବଦ୍ଧତା ଓ ଏକନିଷ୍ଠତା ଉପରେ ଗୁରୁତ୍ୱ ଦିଆଯାଇଛି"

ଅନ୍ୟତମ ଜାତୀୟତା ସ୍ୱର ଉତ୍ତୋଳନ କରିଛନ୍ତି ସ୍ୱଭାବ କବି ଗଙ୍ଗାଧର ଆହ୍ୱାନୀ କଣ୍ଠରେ -

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା ।"

ସ୍ୱଭାବ କବି ଜାତିର ସ୍ଥିତି, ଉନ୍ନତି, ପ୍ରଗତି ଓ ଅସ୍ମିତା ପାଇଁ ମାତୃଭାଷାର ଦୃଢ଼ତା ସ୍ଥାନିତ କରିଛନ୍ତି ।

ଉତ୍କଳମଣି ଗୋପବନ୍ଧୁଙ୍କର କାଳଜୟୀ ଲେଖନୀ ଆମ ଐତିହ୍ୟ, ପରମ୍ପରାରେ ଉଦ୍‌ବୁଦ୍ଧ ହେବାଲାଗି ସୂଚାଇଛନ୍ତି -

"ପୂର୍ବ ପୁରୁଷର ପବିତ୍ର ଶ୍ମଶାନ
ଦେଶର ଜାତିର ଗଉରବ ଗାନ
ମାନବ ଜୀବନ ହୁଅଇ ସଫଳ
ଏ ମହାଦୀକ୍ଷା କି ବୁଝିବ ଉତ୍କଳ ?"

ଅନେକ ଯୁଗସ୍ରଷ୍ଟାଙ୍କଦ୍ୱାରା ରଚିତ ଏପରି ତ୍ୟାଗ, ପ୍ରେରଣା, ସେବା ଓ ଅସ୍ମିତାସୂଚକ ବାଣୀ ଓଡ଼ିଆ ଭାଷାରେ ରହିଛି, ସେ ସବୁ ଅଧ୍ୟୟନ କରିବା, ହୃଦୟଙ୍ଗମ କରିବା ପାଇଁ ଆମର ମାନସିକତା ଅତ୍ୟାବଶ୍ୟକ । ଏବେ ଉପର ସୂଚୀତ କେତେ ଗୁଡ଼ିଏ ବିଷୟ ପ୍ରତି ଧ୍ୟାନ ଦେବାକୁ ଯାଇ ତିନୋଟି ସିଦ୍ଧାନ୍ତ ମୂଳକ ଶବ୍ଦ - 'ତ୍ୟାଗ', 'ସେବା' ଓ 'ଅସ୍ମିତା' ର ସମାହାର ବିଷୟରେ ଆଲୋଚନା କରିବା । ଏହି ତିନୋଟି ଶବ୍ଦ ପରସ୍ପର ସହିତ ନିବିଡ଼ ଭାବରେ ସମ୍ପର୍କିତ । ଅସ୍ମିତା ନଥିଲେ ଦେଶ ଓ ଜାତିପାଇଁ ତ୍ୟାଗ ବା ସେବା କରିବା ପାଇଁ ମନରେ ସଂକଳ୍ପବଦ୍ଧତା ଜାଗ୍ରତ ହେବନି । ଅନ୍ୟ ପକ୍ଷରେ ଦେଶପାଇଁ ତ୍ୟାଗ ଓ ଜାତିର ସେବା କରି ନଥିଲେ ମନରେ, ହୃଦୟରେ ଅସ୍ମିତା ପରି ଆପଣାପଣ ଜାତ ହେବାର ସମ୍ଭାବନା ନାହିଁ । ତେବେ ଏହି ତିନୋଟି ଶବ୍ଦ ଆମ ଆଲୋଚନାର ମୂଳମନ୍ତ୍ରକୁ କିପରି ଭାବରେ ଆଲୋଡ଼ିତ କରେ ତାହା ବିଶ୍ଳେଷଣ କଲାବେଳେ ଅନ୍ତରରେ ଦୁଃଖର ତରଙ୍ଗ ଆସିଯାଏ ।

**ପ୍ରଥମ ତରଙ୍ଗ -**

ଆମକୁ ଯଦି ଓଡ଼ିଆ କି ଓଡ଼ିଶା ବିଷୟରେ ଦି ପଦ କହିବାକୁ କିଏ ଚାହିବ, ଆମର କହିବାର ଅଭିପ୍ରାୟ ହେବ -

ଏକଦା ଆଜିର ଓଡ଼ିଶା ସେତେବେଳର ଆଗଙ୍ଗା-ଗୋଦାବରୀ ଯାଏ ବିସ୍ତୃତ ଥିଲା । ଆମର ନରପତି ମାନଙ୍କର ଶୌର୍ଯ୍ୟ, ବୀର୍ଯ୍ୟ ଓ ବିକ୍ରମରେ ଅଧିକାଂଶ ପଡ଼ୋଶୀ ରାଜା ପରାସ୍ତ ହୋଇଥିଲେ, ଅଥବା ଉତ୍କଳାଧିପତିଙ୍କ ସାର୍ବଭୌମତ୍ୱ ସ୍ୱୀକାର କରି ତାଙ୍କର ଶରଣାଗତ ହେଉଥିଲେ । ଏହି ପରିପ୍ରେକ୍ଷୀରେ କେହି କେହି ଖାରବେଳ ବା କପିଳେନ୍ଦ୍ରଦେବଙ୍କ ନାମ ମଧ୍ୟ ଉଚ୍ଚାରଣ କରିପାରନ୍ତି । ଆହୁରି ବି କହିପାରନ୍ତି ଯେ କଳିଙ୍ଗର ସୈନ୍ୟ ଆଲେକ୍‌ଜାଣ୍ଡାରଙ୍କ ସୈନ୍ୟବାହିନୀକୁ ପରାସ୍ତ କରିଥିଲେ ଓ ସେମାନଙ୍କୁ ଭାରତର ସୀମା ବାହାରକୁ ତଡ଼ିଦେଇଥିଲେ ।

ଯେତେବେଳେ ପୃଥିବୀର ଅନ୍ୟ ଦେଶମାନେ ନୌବାଣିଜ୍ୟ କ'ଣ ଜାଣି ନଥିଲେ, ଅଥବା ନୌବାଣିଜ୍ୟ କରିବାପାଇଁ ସମାନଙ୍କର ସାହସ ନଥିଲା, ସେତେବେଳେ କଳିଙ୍ଗର ବଣିକ ଜାଭା, ସୁମାତ୍ରା, ବାଲି ଦ୍ୱୀପରୁ ବଡ଼ବଡ଼ ପାଲବାହୀ ପୋତରେ ବଣିଜ କରିବାକୁ କାର୍ତ୍ତିକ ପୂର୍ଣ୍ଣିମାଦିନ ବାହାରି ଯାଉଥିଲେ । ସେଥିପାଇଁ କଳିଙ୍ଗ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ତାର ସଭ୍ୟତା ବିସ୍ତାର କରିଥିଲା । ଏପରିକି ଆଜି ବି ସେଇ ଦେଶଗୁଡ଼ିକରେ କଳିଙ୍ଗ ଗୌରବର ମୂକସାକ୍ଷୀରୂପେ ଧ୍ୱଂସାବଶେଷ ଦେଖିବାକୁ ମିଳିଥାଏ । ସର୍ବୋପରି ପ୍ରାଚୀନକାଳରେ ପୃଥିବୀରେ ଯେତିକି ନୌଶକ୍ତି ଥିଲା, କଳିଙ୍ଗ ସେଗୁଡ଼ିକ ମଧ୍ୟରେ ଥିଲା ଅଗ୍ରଗଣ୍ୟ ।

ଓଡ଼ିଶାର ସଂସ୍କୃତିର ପରାକାଷ୍ଠା କହିବାକୁ ଯାଇ ଆମେ ଆମର ସ୍ଥାପତ୍ୟ, ଭାସ୍କର୍ଯ୍ୟ ତଥା ଦକ୍ଷ ପ୍ରସ୍ତର ଶିଳ୍ପୀଓ କାରିଗର ମାନଙ୍କର କାଳଜୟୀ ସୃଷ୍ଟି ବିଷୟରେ କୋଣାର୍କର ଉଦାହରଣ ଦେଇ ଭାବବିହ୍ୱଳ ହୋଇ କହିଥାଉ । ଆଉ କେହି ଜ୍ୟୋତିର୍ବିଜ୍ଞାନର ରହସ୍ୟ ଉଦ୍‌ଘାଟନ କରିବାରେ ପଠାଣି ସାମନ୍ତଙ୍କ ନିର୍ଭୁଲ ଦକ୍ଷତା, କୌଶଳ, ଅଦ୍ଭୁତ ଛନ୍ଦମୟ କାବ୍ୟ ରଚନା କରିବାରେ ଉପେନ୍ଦ୍ର ଭଞ୍ଜଙ୍କର କୀର୍ତ୍ତିମାନ, ପୁଣି ଓଡ଼ିଆରେ ରଚିତ 'ମହାଭାରତ', 'ଭାଗବତ' ଓ 'ଗୀତଗୋବିନ୍ଦ' ପରି ମୌଳିକ ରଚନାର ଉଦାହରଣ ଉପସ୍ଥାପନ କରନ୍ତି ।

ତେବେ ଏ ସବୁ ଆମର ଉଜ୍ଜ୍ୱଳମୟ ଇତିହାସର ଦୃଷ୍ଟାନ୍ତ । ଏ ସବୁ ବିଷୟରେ ପଢ଼ିବା ଓ ଜାଣିବା ନିହାତି ଆବଶ୍ୟକ । କାରଣ ଏହା ଅସ୍ମିତା ଭାବନା ସୃଷ୍ଟିକରିବାରେ ସହାୟକ ହୋଇଥାଏ । ତେଣୁ ପ୍ରଶ୍ନ ଉଠେ, ଆମେ ଏ ସବୁ ବିଷୟରେ ସଂପୂର୍ଣ୍ଣ ଓ ବିଶଦ ଭାବେ ସବୁ ତଥ୍ୟ ବିଷୟରେ ଅଜ୍ଞ କି ନା ?

ତା'ପରେ ଏପରି ଅତୀତର ଦୃଷ୍ଟାନ୍ତ ଗୁଡ଼ିକ ସହିତ ଆବିଷ୍ଟ ହୋଇରହିବା କ୍ଷତିକାରକ, ଆମପାଇଁ ଓ ଓଡ଼ିଶା ଜାତିପାଇଁ । କାରଣ ଏପରି ତୀବ୍ର ଆବିଷ୍ଟତା ଓଡ଼ିଶାର ଓ ଓଡ଼ିଆ ଭାଷାର ନୂତନ କୀର୍ତ୍ତିମାନ ସ୍ଥାପନ କରିବାରେ ବାଧକ ହୋଇପାରେ । ଆମେ ଯଦି ଅତୀତ ସର୍ବସ୍ୱ ହୋଇ ରହିଯିବା, ତେବେ କୁହାଯାଇଛି ଯେ, ଯେଉଁମାନେ ଅତୀତ ସର୍ବସ୍ୱ ହୋଇ ରହିଯାଆନ୍ତି, ସେମାନଙ୍କର ଭବିଷ୍ୟତ ଅନ୍ଧକାରମୟ । କିନ୍ତୁ ଯେଉଁମାନେ ଅତୀତକୁ ଭୁଲିଯାଆନ୍ତି, ସେମାନଙ୍କର ଭବିଷ୍ୟତ ବି ଆଲୋକମୟ ନୁହେଁ ।

କାରଣ ଆମର ଇତିହାସ ତ ଆମ ଅସ୍ମିତାର ଅୟମାରମ୍ଭ । କିନ୍ତୁ ମାତୃଭୂମି, ଜାତି ଓ ଭାଷା ପାଇଁ ଆମର ତ୍ୟାଗ ଓ କର୍ମ ହିଁ ଆମ ଅସ୍ମିତାର ପରିଚୟ । ଦୁଃଖର କଥା ଯେ ଆମର ବର୍ତ୍ତମାନର ଓଡ଼ିଆ ଅସ୍ମିତା ଏବେ ବିସ୍ମୃତ ହୋଇଯାଇଛି । ଆମେ ଓଡ଼ିଆଜାତି ଓ ଓଡ଼ିଶା ରାଜ୍ୟ ସ୍ୱାର୍ଥ ପଛରେ ପକାଇ ଆତ୍ମ-ସର୍ବସ୍ୱ ହୋଇଯାଇଛୁ । ତେଣୁ ଆମର ଅସ୍ମିତା କେବଳ ଆଭାସିକ, ସ୍ପଷ୍ଟ ନୁହେଁ !

**ଦ୍ୱିତୀୟ ତରଙ୍ଗ -**

ଅତୀତ ସର୍ବସ୍ୱ ହୋଇବସିଲେ, ଆମ ପାଖରେ ବର୍ତ୍ତମାନର କିଛି କୀର୍ତ୍ତିମାନ ନାହିଁ ଯାହାକୁ ଆମେ ଉଦାହରଣ ଦେବା । ସର୍ବ ଭାରତୀୟ ସ୍ତରରେ ଏବେ ଓଡ଼ିଶା କହିଲେ, ଅନେକ ପ୍ରଶ୍ନ କରନ୍ତି, ଓଡ଼ିଶା କେଉଁଠି ? ଏଇଟା ସେମାନଙ୍କର ସାଧାରଣଜ୍ଞାନର ଅଭାବ ହୋଇପାରେ, କିନ୍ତୁ ସରଳରେ ବୁଝାଇବାକୁ ଆମକୁ ଶ୍ରୀଜଗନ୍ନାଥ ଓ ପୁରୀର ନାମ ନେଇ ନିଜକୁ ପରିଚିତ କରିଥାଉ ।

କଥୋପକଥନରେ ଓଡିଶା ଭିତରେ ଜଣେ ବଙ୍ଗାଳୀ ନିଜ ଭାଷାରୁ ବିଚ୍ୟୁତ ନହୋଇ ପଚାରିବ, "ଆପଣ ବଂଗଳା ବୁଝିପାରୁଛନ୍ତି ନା ?" ସେତେବେଳେ ଯଦି ଆମେ ଓଡିଆରେ ନ କହି ତାର ବଂଗଳା ସ୍ୱାଭିମାନରେ ଭାସିଯାଇ ତାକୁ ଖଣ୍ଟି ବଂଗଳାରେ ଉତ୍ତର ଦେବା, ଏହା ଓଡିଆ ଅସ୍ମିତାର କେଉଁ ଦିଗ ? ଆମେ ଯେତିକି ବଂଗଳା ବୁଝିପାରିବା, ସେମାନେ ସେତିକି ଓଡିଆ ବୁଝିପାରିବେ । ଏଠି ଆମକୁ ଖାଣ୍ଟି ଓଡିଆରେ କହିବା ଆମ ଅସ୍ମିତାର ପରିଚୟ ହେବ । ଆମର ସମର୍ପଣ ଭାବ କାହିଁକି ?

**ତୃତୀୟ ତରଙ୍ଗ -**

ତୃତୀୟ ଦୁଃଖ ହେଉଛି ଓଡିଶା ବାହାରେ ଅନେକ ସମୟରେ ଆମେ ନିଜ ନିଜ ମଧ୍ୟରେ ଓଡିଆରେ କଥାଭାଷା ହେବାକୁ କାହିଁକି ସଙ୍କୋଚ ଅନୁଭବ କରୁ ? ଏହା ଆମର ଓଡିଆ ଅସ୍ମିତାର କେଉଁ ଦିଗ ?

ଭାରତରେ ରାଜ୍ୟ ଅଛି ଯେଉଁଠାକୁ ଗଲେ, ଆପଣ ପଢିପାରୁ ନଥିବା ତାମିଲ୍ ସାଇନବୋର୍ଡରେ କଅଣ ଲେଖା ହୋଇଛି ବୋଲି ସେଠିକାର ଜଣେ ଲୋକକୁ ପଚାରିଲେ, ସିଏ କହିବ, "ଆପଣ ତାମିଲ ପଢି ପାରୁ ନାହାନ୍ତି ତ ତାମିଲନାଡୁ କାହିଁକି ଆସିଛନ୍ତି ?" ଅବଶ୍ୟ ଏହା ଉତ୍କଟ ତାମିଲ ଜାତୀୟତା ହୋଇପାରେ । ସେମିତି ବି ଇଂରେଜ ଓ ଫରାସୀଙ୍କ ମଧ୍ୟରେ ବିଭେଦ ରହିଛି ।


ସେମିତି ୟୁନେସ୍କୋର ଏକ ଆନ୍ତର୍ଜାତୀୟ ବିଜ୍ଞାନ ସମ୍ମିଳନୀ ଲେଖକ ଥାଇଲ୍ୟାଣ୍ଡର ବ୍ୟାଙ୍କକରେ ଯୋଗଦାନ କରିଥିଲେ ଭାରତର ପ୍ରତିନିଧି ଭାବରେ । ସେଠାରେ ସେ ଦେଖିଲେ ଥାଇ ବିଜ୍ଞାନୀ ମାନେ ଇଂରାଜୀ ବଦଳରେ ତାଙ୍କ ଥାଇ ଭାଷାରେ ସବୁ କହୁଛନ୍ତି । କିନ୍ତୁ ସେମାନେ ଭଲରେ ଇଂରାଜୀ କହିପାରିବେ ଓ ବୁଝିପାରିବେ । ଏହା ଯେବେ ଥାଇ ଭାଷାର ଉଗ୍ର ଅସ୍ମିତାର ପରିଚୟ, ଆମ ଓଡିଆ କ୍ଷେତ୍ରରେ ଆମର ଏତେ ସଂକୋଚ କାହିଁପାଇଁ ?

ଖାଲି ଭାଷଣବାଜି ବା ଲେଖିବା ଦ୍ୱାରା ଅସ୍ମିତା ଗୁଣକାରକ ହୁଏନି, ଏହା କାମରେ ମୂଳ ଅସ୍ମିତାରୁ ଦୂରେଇ ଆଂଶିକ, ଆଭାସୀ ବା ମିଥ୍ୟା ଅସ୍ମିତା ଭାବରେ ରୂପ ନେଇପାରେ ।

ଦୃଢ ଓଡିଆ ଅସ୍ମିତା ଆମର ଓଡିଆ ଢଙ୍ଗର ବ୍ୟବହାର ଓ ମାତୃଭାଷା ପ୍ରୟୋଗରୁ ଆସିବ, ଓଡିଶା ବାହାରେ ଏପରି ବ୍ୟବହାର ଆମର ଅସ୍ମିତାର ପରିଚୟର ଗଢିତୋଳିବ, ଏଥିରେ ସନ୍ଦେହ ନାହିଁ ।

*ପ୍ଲଟ ନମ୍ବର-୨୧/୪, ଆଚାର୍ଯ୍ୟ ବିହାର*
*ଭୁବନେଶ୍ୱର - ୭୫୧୦୧୩*
*ମୋ - ୮୦୯୩୬୮୦୬୬*

●●●●



# ପରିଚୟ - ଓଡ଼ିଶାର ଓ ଓଡିଆଙ୍କର

*ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର*

ଓଡ଼ିଶା ଭାରତବର୍ଷର ଗୋଟିଏ ଆଧୁନିକ ପ୍ରଦେଶ, କିନ୍ତୁ ଏହା ପ୍ରାଚୀନ ଭାରତୀୟ ସଭ୍ୟତାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସତ୍ୟ ଯୁଗରୁ ଓଡିଶା ବିଭିନ୍ନ ନାମରେ ପରିଚିତ । ମହାଭାରତ ଯୁଦ୍ଧରେ କଳିଙ୍ଗର ରାଜା ଓ ସୈନ୍ୟସାମନ୍ତ କୌରବଙ୍କ ପକ୍ଷନେଇ ମହାଭାରତ ଯୁଦ୍ଧରେ ଯୋଗ ଦାନ କରିଥିଲେ । ଇତିହାସର ବିଭିନ୍ନ ସମୟରେ ଏହା କଳିଙ୍ଗ, ଓଡ୍ର, କଂଗୋଦ, ଉତ୍କଳ ଓ ପରେ ଏହା ଓଡିଶା ନାମରେ ଜଣା । ଐତିହାସିକ କଳିଙ୍ଗ ଯୁଦ୍ଧ ଖ୍ରୀଷ୍ଟପୂର୍ବ ୨୬୧ରେ ଗୋଟିଏ ନୂଆ ସମ୍ଭାବନା ସୃଷ୍ଟି କରିଥିଲା ।ଏଠାରେ ଯୁଦ୍ଧରେ ଜୟଲାଭ କରି ମଗଧ ସମ୍ରାଟ ଅଶୋକ ଯୁଦ୍ଧର ବିଭିଷିକା ଦେଖି ହିଂସାତ୍ୟାଗ କରିଥିଲେ ଓ ଚଣ୍ଡାଶୋକରୁ ଧର୍ମାଶୋକଙ୍କୁ ପରିବର୍ତ୍ତିତ ହୋଇଥିଲେ । ସେ ଏଠାରେ ବୋଦ୍ଧଧର୍ମ ଗ୍ରହଣକରି ତାର ପଚାର ଓ ପ୍ରସାର ପାଇଁ ନିଜର ପୁତ୍ର ଓ କନ୍ୟାଙ୍କୁ ନିୟୋଜିତ କରିଥିଲେ । ବସ୍ତୁତଃ ସେହି ଦିନ ଠାରୁ ଆଧୁନିକ ଲୋକ ସମ୍ପର୍କ ବିଭାଗ ସୃଷ୍ଟି ହୋଇଥିଲା ।

ପରବର୍ତ୍ତୀ ସମୟରେ ଚେଦିବଂଶର ପ୍ରତାପୀ ସମ୍ରାଟ ଖାରବେଳ ନିଜର ଦକ୍ଷତା, ପାରଦର୍ଶିତା, ଓ ବୁଦ୍ଧି ବଳରେ ଓଡିଶାର ସୀମାକୁ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବଢାଇଥିଲେ । ଆଜି ସାରା ଭାରତ ତାଙ୍କୁ କଳିଙ୍ଗ ସମ୍ରାଟ ଖାରବେଳ ନାମରେ ଜାଣନ୍ତି । ତାଙ୍କର ଜନ୍ମ ଜୈନଧର୍ମାବଲମ୍ବୀ ପରିବାରରେ । ନିଜେ ଜଣେ ନୈଷ୍ଠିକ ଜୈନ ଭାବରେ ରାଜ୍ୟ ତ୍ୟାଗ କରି ଶେଷ ଜୀବନରେ କୁମାରଗିରି ଉପରେ ବିଶାଳ କଳିଙ୍ଗ ଶିକ୍ଷାୟତନ ଓ ସାଂସ୍କୃତିକ ବିକାଶରେ ମନୋନିବେଶ କରିଥିବା ଅନୁମାନ କରାଯାଏ ।

ଯୀଶୁ ଖ୍ରୀଷ୍ଟଙ୍କର ଜନ୍ମର ଅବ୍ୟବହିତ ପୂର୍ବରୁ ଓଡିଶା (ତତ୍କାଳୀନ କଳିଙ୍ଗ)ରେ ବୌଦ୍ଧଧର୍ମ ଓ ଜୈନଧର୍ମ ବିସ୍ତାର ଲାଭ କରିଥିଲା । ଭାରତବର୍ଷକୁ ଆସିଥିବା ବିଖ୍ୟାତ ଫାହିଏନ, ମେଗାସ୍ଥିନିସ୍ ଓ ହୁଏନସାଂ ପରି ପରିବ୍ରାଜକ ନିଜ ନିଜ ଲିଖିତ ବିବରଣୀରେ କଳିଙ୍ଗକୁ ସ୍ଥାନ ଦେବାକୁ ଭୁଲି ନଥିଲେ । ବିଭିନ୍ନ ସମୟରେ ଓଡିଶାରେ ରକ୍ଷଣଶୀଳ ଓ ସଂସ୍କାରବାଦ ଧର୍ମଧାରା ସୃଷ୍ଟି ହୋଇଥିଲା । ଫଳରେ ବିଷ୍ଣୁ, ଶିବ, ଶକ୍ତି ଓ ସମସ୍ତ ମୂଲ୍ୟବୋଧ ସଂହତିର ପରିଚାୟକ ଜଗନ୍ନାଥ ସଂସ୍କୃତି ଓଡିଶାର ପରିଚିତିକୁ ଆହୁରି ଶାଣିତ କରିଥିଲା । ମଧ୍ୟଯୁଗରେ ଓଡଶାର ରାଜାମାନେ ସୁଶାସନ ଦେବା ସହିତ ମନ୍ଦିର ନିର୍ମାଣ ପ୍ରତି ଧ୍ୟାନ ଦେଇଥିଲେ ।

ଐତିହାସିକ ହଉର ସାହେବ ଇଂରାଜୀରେ ରଚିତ ଇତିହାସରେ ଉଲ୍ଲେଖ କରିଛନ୍ତି, ୯୮୯ ଖ୍ରୀଷ୍ଟାବ୍ଦରେ କେଶରୀ ସମ୍ରାଟଙ୍କ ଦ୍ୱାରା କଟକ ସହର ସ୍ଥାପିତ ହୋଇଥିଲା । ଏହାର ଦୁଇ ଶହ ବର୍ଷ ପରେ ଇଂଲଣ୍ଡର ଲଣ୍ଡନ ସହର ପ୍ରତିଷ୍ଠିତ ହୋଇଥିବାର ତଥ୍ୟ ମିଳେ । ସେତେବେଳକୁ ଆମେରିକା ଭୂଖଣ୍ଡ ଆବିଷ୍କାର ହେବାକୁ ପାଞ୍ଚ ଶତାବ୍ଦୀର ଅବଧି ବାକିଥିଲା ।

ଓଡିଶାରେ କେଶରୀ, ସୂର୍ଯ୍ୟ, ଭୋଇ ଇତ୍ୟାଦି ବଂଶ ରାଜୁତି କରିଥିଲେ । ସେହି ସମୟରେ ସ୍ୱର୍ଣ୍ଣତ୍ରିଭୂଜ ର ଅଂଶ ବିଶେଷ ପୁରୀ, - କୋଣାର୍କ - ଭୁବନେଶ୍ୱର ଠାରେ ଯଥାକ୍ରମେ ବିଷ୍ଣୁ, ସୂର୍ଯ୍ୟ ଓ ଶିବଙ୍କ ଉପାସନାର ପରମ୍ପରା ଆରମ୍ଭ ହୋଇଥିଲା । ଓଡିଶାରେ ଲଳିତଗିରି - ଉଦୟଗିରି ବୌଦ୍ଧଧର୍ମ ସ୍ଥିତି ଓ ସ୍ୱରୂପ ବୟାନକରେ ।

ଏଠାରେ ଦୁର୍ଗା, କାଳୀ, ଲକ୍ଷ୍ମୀ ଓ ସରସ୍ୱତୀ ମନ୍ଦିର ଓ ଏଇ ଦେବୀମାନେ ଘରେଘରେ ପୂଜା ପାଇଥାନ୍ତି । ଏମାନଙ୍କୁ ନେଇ ବିଭିନ୍ନ ସ୍ଥାନର ସ୍ୱତନ୍ତ୍ର ପରିଚୟ ଅଦ୍ୟାବଧି ବିଦିତ । ବିରଜା କ୍ଷେତ୍ର, ଚର୍ଚ୍ଚିକା, ସାରଳା, ଭଗବତୀ, ମଝିଘରିଆଣୀ, ସମଲେଶ୍ୱରୀ, ଘଣ୍ଟେଶ୍ୱରୀ, ବିମଳା, କୀଚକେଶ୍ୱରୀ, ନାରାୟଣୀ ଓ ତାରିଣୀ ପୀଠ ଗୁଡିକ ଓଡିଶାର ଧର୍ମୀୟ ଭାବନା ଓ ଉତ୍ସବ ଆଦିକୁ ପ୍ରଦର୍ଶନ କରାଇଥାଏ । ସେ ସବୁକୁ ନେଇ ଓଡିଶାରେ ଜଗନ୍ନାଥ ସଂସ୍କୃତି ଓ ଧର୍ମ ଏକ ନୂତନ ଭବିଷ୍ୟତର କାମନା କରି ଉଦ୍ଭାସିତ ହୋଇଥିଲା । ଏହା ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗଭେଦଠାରୁ ଉର୍ଦ୍ଧ୍ୱରେ ରହି ସମଗ୍ର ବିଶ୍ୱକୁ ସଂହତି, ସଂପ୍ରୀତି, ଓ ସହନଶୀଳତାର ବାର୍ତ୍ତା ପ୍ରଦାନ କରିଥାଏ ।

ଓଡ଼ିଶା ସବୁଠାରୁ ପଛରେ ବ୍ରିଟିଶ୍ଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ୧୮୦୩ ମସିହା ଦେଓ ଗାଁ ଯୁଦ୍ଧରେ ଓଡିଶାର ପରାଜୟ ଘଟିଥିଲା । କିନ୍ତୁ ତା ପୂର୍ବରୁ ମୁକୁନ୍ଦଦେବ ଶେଷ ସ୍ୱାଧୀନ ରାଜା ଭାବରେ ରାଜ୍ୟର ଅନ୍ତଃକନ୍ଦଳର ଫଳ ସ୍ୱରୂପ ମୁସଲିମ୍ ମାନଙ୍କଦ୍ୱାରା ପରାଜିତ ହୋଇଥିଲେ । ପରବର୍ତ୍ତୀ ସମୟରେ ମୋଗଲ, ମରାଠା ଓ ଶେଷରେ ଇଂରେଜମାନେ ଦଖଲ କରିବା ଦ୍ୱାରା ଓଡିଶା ତାହାର ଭୌଗୋଳିକ ଅସ୍ତିତ୍ୱ ହରାଇଥିଲା । କେବଳ ସେତିକି ନୁହେଁ, ୧୮୪୮ ମସିହାରୁ ଓଡିଶାର ପ୍ରିୟ ଭାଷା ଓଡିଆ ଉପରେ ପ୍ରହାର ଆରମ୍ଭହେଲା । ତତ୍କାଳୀନ କଟକ କଲେକ୍ଟର ବିଦ୍ୟାଳୟ

ମାନଙ୍କରେ ଓଡ଼ିଆକୁ ଉଠାଇଦେଇ ବଙ୍ଗଳା ଭାଷା ପ୍ରଚଳନ କରିବାକୁ ପ୍ରୟାସ ଆରମ୍ଭ କଲେ । ୧୮୬୬ ମସିହା 'ନଅଙ୍କ' ଦୁର୍ଭିକ୍ଷ ପରେ ପରେ କେତେ ଜଣ ପଡ଼ୋଶୀ ବଙ୍ଗଭାଷୀ ଓଡ଼ିଆ ଭାଷାକୁ ଅସ୍ତିତ୍ୱବିହୀନ ଏବଂ ଏହା ଭାଷା ମାନ୍ୟତା ପାଇବା ପାଇଁ ଅନୁପଯୋଗୀ ଦର୍ଶାଇ ଅଶିକ୍ଷିତ ଓଡ଼ିଆଙ୍କୁ ବଙ୍ଗଳା ଭାଷା ମାଧ୍ୟମରେ ପଢ଼ାଇବା ଓ ଶାସନ କରିବା ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ ।

ଏହା ପରଠାରୁ ହିଁ ଓଡ଼ିଆ ସ୍ୱାଭିମାନର ବିସ୍ଫୋରଣ ଓ ଓଡ଼ିଆ ଭାଷା ଆନ୍ଦୋଳନରୁ ଓଡ଼ିଆ ଜାତୀୟତାବାଦ ତଥା ବିଚ୍ଛିନ୍ନ ଓଡ଼ିଶା ଭୂଖଣ୍ଡକୁ ଏକତ୍ର କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଆରମ୍ଭ ହେଲା । ୧୯୦୩ ମସିହାରେ 'ଉତ୍କଳ ସମ୍ମିଳନୀ' ସ୍ଥାପିତ ହୋଇଥିଲା ଏବଂ ଓଡ଼ିଆ ଜାତୀୟତା ଆନ୍ଦୋଳନକୁ ତୀବ୍ରତର କରିଥିଲା । ଫଳତଃ ବେଙ୍ଗଲ-ବିହାର-ଓଡ଼ିଶା ପ୍ରେସିଡେନ୍ସିରୁ ୧୯୧୨ ମସିହାରେ ବିହାର-ଓଡ଼ିଶା ଯୁଗ୍ମ ପ୍ରଦେଶ ଓ ୧୯୩୬ ମସିହାରେ ଭାରତବର୍ଷର ପ୍ରଥମ ଭାଷା-ଭିତ୍ତିକ ରାଜ୍ୟ ଭାବରେ ସ୍ୱତନ୍ତ୍ର ଓଡ଼ିଶାର ଜନ୍ମ । ସ୍ୱାଧୀନ ଭାରତର ବ୍ରିଟିଶ ଯୁଗର ଶେଷ ରାଜ୍ୟ ଥିଲା ଓଡ଼ିଶା ଓ ପରବର୍ତ୍ତୀ କାଳରେ କୌଣସି ଭାଷା-ଭିତ୍ତିକ ରାଜ୍ୟ ସୃଷ୍ଟି ନ କରିବାକୁ ଜେ-ଭି-ପି କମିଟି ଓ ଦର୍ କମିଶନ ସୁପାରିଶ କରିଥିଲେ ।

ତଦ୍ୱାରା ରାଜ୍ୟ ପୁନର୍ଗଠନ ଆୟୋଗ ଭାଷାକୁ ପ୍ରାଧାନ୍ୟ ନଦେଇ ରାଜ୍ୟପୁନର୍ଗଠନ ସମସ୍ୟା ସମାଧାନ କରିଥିଲେ । ମାତ୍ର ୧୯୫୬ ମସିହାର ସେଇ ୧୪ଟି ପ୍ରଦେଶ ବର୍ତ୍ତମାନ ଭାଷା ଆନ୍ଦୋଳନ ଯୋଗୁଁ ବସ୍ତୁତଃ ୨୯ଟି ରାଜ୍ୟରେ ପରିଣତ ହୋଇଅଛି । ବିଡମ୍ବନା ଏହି କି, ସଂସ୍କୃତ, ତାମିଲ, ତେଲୁଗୁ, କନ୍ନଡ, ମାଲୟାଲାମ୍ ଭାଷା ଗୁଡିକୁ ଭାରତ ସରକାର କ୍ଲାସିକାଲ ଭାଷା ବା ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ଦ୍ୱାରା ଓଡ଼ିଆ ଓ ବଂଗଳା ଭାଷାକୁ ଏମିତି ମାନ୍ୟତା ପାଇଁ ଯୁକ୍ତି ଉପସ୍ଥାପିତ ହେଲା । ତଥ୍ୟ ଓ ଆଧାର ଭିତ୍ତିରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କଲା । ଏମିତି ଭାଷା ଭିତ୍ତିକ ପଡ଼ୋଶୀ ଈର୍ଷାର ଅସୂୟା ଅନ୍ୟ କେତେ ପରିସରରେ ସ୍ୱାଭିମାନର ସୀମା ସ୍ପର୍ଶ କରେ । ଏମିତି ଗୋଟିଏ କନ୍ଦଳ ସୃଷ୍ଟି ହୋଇଛି ଓଡ଼ିଶାର ସୁମିଷ୍ଟ 'ରସଗୋଲାର ଜନ୍ମ ବୃତ୍ତାନ୍ତ' ବିଷୟରେ ।

ରାଜନୀତି କ୍ଷେତ୍ରରେ ଓଡ଼ିଶା କେବଳ ପ୍ରଥମ ଭାଷା-ଭିତ୍ତିକ ରାଜ୍ୟ ନୁହେଁ, ୧୯୫୨ ମସିହା ନିର୍ବାଚନ ପରେ ଯେତେବେଳେ ସାରା ଭାରତବର୍ଷ କଂଗ୍ରେସର ଏକଚାଟିଆ ଶାସନ ବଳୟ ମଧ୍ୟରେ ଥିଲା, ସେତେବେଳେ କଂଗ୍ରେସ କ୍ଷମତାରେ ରହିବାକୁ ଓଡ଼ିଶାରେ ସଂଘର୍ଷ କରୁଥିଲା । ୧୯୫୨ ଓ ୧୯୫୭ ମସିହା ନିର୍ବାଚନ ଫଳ ଏହା ସୂଚାଏ । ମିଳିତ ସରକାର ତତ୍ତ୍ୱ ଓଡ଼ିଶାରେ ବହୁ ପୂର୍ବରୁ ପ୍ରଚଳିତ ଓ ପରୀକ୍ଷିତ । ୧୯୫୯ ସମୟର କଂଗ୍ରେସ-ଗଣତନ୍ତ୍ର ପରିଷଦ, ୧୯୬୭ର ସ୍ୱତନ୍ତ୍ର-ଜନକଂଗ୍ରେସ, ୧୯୭୧ର ସ୍ୱତନ୍ତ୍ର-ଉତ୍କଳ କଂଗ୍ରେସ-ଝାଡ଼ଖଣ୍ଡ ଦଳ ଓ ପରେ ପ୍ରଗତିରୁ ସୃଷ୍ଟ ଜନତା ପାର୍ଟି, ଜନତା ଦଳ ଓ ପରିଶେଷରେ ଇତିହାସ ସୃଷ୍ଟିକାରୀ ବି.ଜ.ଦ.-ଭାଜପା ମିଳିତ ସରକାର ଓ ଏକାକୀ ବିଜଦ ସରକାର ଓଡ଼ିଶାର ରାଜନୀତି ଇତିହାସ ବଖାଣି ଥାଏ । 'ବିଗ୍ ମେଜରିଟି ପଲିଟିକ୍ସ' ପଦଟି ୧୯୭୭ ମସିହାରୁ ଅଦ୍ୟାବଧି ଓଡ଼ିଶାରେ ଦେଖା ଦେଇଛି, ୧୯୯୫-୨୦୦୦ ଅବଧି ଏହି ସୂତ୍ରରୁ ବାଦ୍ ଦିଆଯିବ ।

୨୦୦୯ରୁ ଓଡ଼ିଶା ଗୋଟିଏ ନୂତନ ସ୍ୱାକ୍ଷର ରାଜନୀତି ଅନୁଭବ କରାଇଛି । କେନ୍ଦ୍ର ଶାସନରେ ଥିବା ଦଳ ବା ରାଜନୈତିକ ଗୋଷ୍ଠୀଠାରୁ ସମ ଦୂରତ୍ୱ ରକ୍ଷା କରିବା ଓଡ଼ିଶାର ନୂତନ ପରିଚୟ ହୋଇଛି । ଏମିତିକି କେନ୍ଦ୍ରର ଊ.ପା .କି ଏନ୍.ଡି.ଏ ମେ□ ସରକାର ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରିବାର ସାହସ କରିପାରୁ ନାହାନ୍ତି । ୨୦୧୨ ଓ ୨୦୧୭ ରାଷ୍ଟ୍ରପତି ନିର୍ବାଚନରେ ପ୍ରଥମେ ଓଡ଼ିଆ ମଙ୍ଗୁଆଳ ଓ ପରେ ଓଡ଼ିଶା ପ୍ରଥମ ପସନ୍ଦଲୋଡ଼ା ରାଜ୍ୟ ହିସାବରେ ପରିଗଣିତ ।

ଏକଦା ନଦୀବହୁଳ ରାଜ୍ୟ ଓ ନଦୀ ସଂଯୋଗକାରୀ ତତ୍ତ୍ୱର ପ୍ରବର୍ତ୍ତକ ଓଡ଼ିଶା ତାର ଜୀବନରେଖା ମହାନଦୀକୁ କଙ୍କାଳ ରୂପେ ଦେଖିବାକୁ ପାଉଛି । ରସଗୋଲା କଳି, ଆଳୁ ବିବାଦ ପରେ ମହାନଦୀ ଓ ପୋଲାଭରମ୍ ସମସ୍ୟା ଜଗନ୍ନାଥଙ୍କ ପ୍ରିୟଭୂମି ଓଡ଼ିଶାକୁ ବିପଦ ମୁଖକୁ ଟାଣିନେଉଛି । ଓଡ଼ିଶାର ୧୯୯୯ 'ମହାବାତ୍ୟା', ୨୦୧୬ର 'ଦାନ ମାଝି' ଆନ୍ତର୍ଜାତିକ କ୍ଷେତ୍ରରେ ଜଗନ୍ନାଥ ସଂସ୍କୃତି ଓ କୋଣାର୍କର ଶିଳାକୃତିକୁ ପଛରେ ପକାଇ ଦେଇଛି ।

ଆଜି ଓଡ଼ିଶାର ଘରେଘରେ ଅଣ ଓଡ଼ିଆରେ କଥାବାର୍ତ୍ତା ହେଉଛନ୍ତି ପିଲାମାନେ । ଓଡ଼ିଆ ଖବର କାଗଜ, ବହି ବା କଥା ପଢ଼ିବାରେ ଆଗ୍ରହ ଥିଲେ ବି ପଢ଼ିବାକୁ ଅକ୍ଷମ । ପିଠାପଣାର ଆଦର କମି 'ନୁଡୁଲ୍ ସଭ୍ୟତା' ଓ 'ଫାଷ୍ଟ୍ ଫୁଡ୍' ଆଗ୍ରହ ବଢ଼ି ଚାଲିଛି । ଡାଲ୍ମା, ସନ୍ତୁଳା, ଶାଗ-ବଡ଼ି ଭଜା, ବଡ଼ିଚୂରା, ବାଇଗଣ ଭରତା, ମଞ୍ଜା ରାଇ, ଅଥାର ଇଲିସି, ଚିଙ୍ଗୁଡ଼ି ହଳଦୀପାଣି, ଆରିସା, ଚିତଉ, ନଡ଼ିଆ ଦୋରୁଅ, ତାଳ ପୋଡ଼ପିଠା, ମଣ୍ଡା, ଅମାଲୁ, ମହନଭୋଗ, ନଡ଼ିଆ ବଡ଼ା, କଖାରୁ ଠୁକୁଠୁକା ଆଦି ଘରେ ତିଆରି କରିବାକୁ ଓ ଖାଇବାକୁ ଆଗ୍ରହ ଦେଖାଯାଉନି ।

'ହାଏ ସଂସ୍କୃତି' ଯୋଗୁ ମହାପ୍ରସାଦ, ଗୋଲାପ, ମକର, ସଙ୍ଗାତ, ମଇତ୍ର, ଚାନ୍ଦ ଆଦି ଦ୍ୱିପାକ୍ଷିକ ସମ୍ପର୍କବୋଧ ଦୂରେଇ ଗଲାଣି । ଅକ୍ଷୟ ତୃତୀୟାରେ ଦୁଆର ମୁହଁରେ ବିଭିନ୍ନ ବସ୍ତୁର ସମ୍ଭାର ପ୍ରଦର୍ଶନ କରି ବଣ୍ଟାଯିବାର ପ୍ରଥା ଦେଖାଯାଉନି । ପଣାସଂକ୍ରାନ୍ତିରେ ବ୍ରାହ୍ମଣ ପିଲାଟିକୁ ପଣା ଓ ଛତୁଆ ଦେଇ ବିଞ୍ଚିଦେବା ଦୃଶ୍ୟ ଆଉ ଦେଖାଯାଉନି ।

ଆଧୁନିକ ମହିଳାମାନେ ବିନା ପିଆଜରେ ଆଜିକାଲି ରାନ୍ଧିବା ବୋଧେ ଭୁଲିଗଲେଣି । ପରିବା ପିଠାରେ ପିଆଜ ପକାଇ ସୋମବାର ଦିନ ଶାଶୂ ଓ ଶଶୁରଙ୍କୁ ପରଷାଯାଉଛି । ପଚାରିଲେ କୁହନ୍ତି, "କ'ଣ ହେଲା ? ମୁଁ ଘିଅରେ କରିଛି ।" ଆଜିକାଲିର ଝିଅ ଘିଅ ପିଆଜକୁ କ୍ଲୀବ କରିପକାଏ ବୋଲି ଭାବନ୍ତି ।

ମହିଳାମାନେ ଓଡ଼ିଶାରେ ଲକ୍ଷ୍ମୀଙ୍କ ଓଷା କରନ୍ତି, ସମସ୍ତଙ୍କର ହାତରେ ସୁଦଶାବ୍ରତର ସନ୍ତକ । ସେମାନେ ନିଷ୍ଠାର ସହିତ ଏହି ଦିନଟିରେ ନିରାମିଷ ଭୋଜନ କରି ଥାଆନ୍ତି । କିନ୍ତୁ ଆଜିକାଲି ଉତ୍ସବମାନଙ୍କରେ ଗୁରୁବାରରେ ଓଡ଼ିଆ ବୋହୂ ଆମିଷ ଖାଇବାକୁ ବେଶୀ ଆଗ୍ରହ ଦେଖାଉଛନ୍ତି । ସେହିଭଳି

ପୁରୁଷମାନେ ସଭ୍ୟତା ଓ ସଂସ୍କୃତି ବିଷୟରେ ସମ୍ୟକ୍ ଜ୍ଞାନ ନ ରଖିବା ହେତୁ ଆଗାମୀ ପିଢ଼ିକୁ ଦିଗ୍‌ଦର୍ଶନ ଦେବାରେ ତାଙ୍କର ଭୂମିକା ରହିବନାହିଁ ବୋଲି ଜାଣି ସୁଦ୍ଧା ପ୍ରତିକାର କରୁନାହାନ୍ତି ।

ପରିଶେଷରେ ଏହା କୁହା ଯାଇପାରେ ଯେ, ଆମେ ସାମାଜିକ ଜୀବନରେ ଜଗନ୍ନାଥ ସଂସ୍କୃତିର ମୂଳତତ୍ତ୍ୱଠାରୁ ବହୁ ଦୂରରେ । ଆମର ଆଚାର, ବ୍ୟବହାର, ଚାଲିଚଳଣ, ବନ୍ଧୁଚର୍ଚ୍ଚା, ଅତିଥିପରାୟଣତା ଓ ପ୍ରୀତିଭୋଜନ ତଥା ସହୃଦୟତା ଆସ୍ତେ ଆସ୍ତେ ଅସ୍ତିତ୍ୱ ହରାଇବାକୁ ବସିଲାଣି । ଚାକଚକ୍ୟର ଦୁନିଆ, ମଲ କଲ୍‌ଚର, ଟ୍ୟୁସନ ସଂସ୍କୃତି, ଆନ୍ଦୋଳନ, ରାସ୍ତାରୋକ, ଧାରଣା, ଅଣ୍ଡାମାଡ, ବୋମା ଫୋପଡା, ମୁଁ ଭଲ ଅନ୍ୟମାନେ ଖରାପ ଆଦି ବହୁଳ ମାତ୍ରାରେ ଦେଖିବାକୁ ମିଳୁଛି । ସତ୍ୟଯୁଗରୁ ରହି ଆସିଥିବା ଏହି କ୍ଷୁଦ୍ର ଭୂଖଣ୍ଡ ତାର ସୀମାରେଖା ହରାଇଛି ସତ, ମାତ୍ର ଆମେ କିଏ, କଅଣ, କେବେଠାରୁ, କାହିଁକି, କିପରି, କେତେବେଳେ ଆଦି ପ୍ରଶ୍ନର ଉତ୍ତର ନ ଖୋଜିବା, ତାହେଲେ, ଇତିହାସ ହୋଇଯିବା ।

୬୦, ରୟାଲ୍ ଗାର୍ଡନ, ପଟିଆ, ଭୁବନେଶ୍ୱର - ୩୧
ଫୋନ୍ : ୯୩୩୭୧୨୫୬୨୯

••••



# ଆମ ଜନ୍ମଭୂମି

***ଡ. ସୁଲୋଚନା ଦାସ***

ଚନ୍ଦ୍ରଭାଗାର ବେଳାଭୂଇଁରେ ଅରୁଣସୂର୍ଯ୍ୟ ଉଦୟ ଉତ୍ସବ ମୁଠା ମୁଠା ସ୍ୱର୍ଣ୍ଣ ରେଣୁ ବୁଣିଦିଏ ଉତ୍କଳର ଶୁଭକାମନା କରି। ମହେନ୍ଦ୍ରଗିରିର ଅସ୍ତାଚଳରେ ସୂର୍ଯ୍ୟ ଅସ୍ତଗାମୀ ହେଲେ ସାରା ଓଡିଶାରେ ଖେଳିଯାଏ ବର୍ଣ୍ଣର ମହୋତ୍ସବ। ମହୋଦଧି ଯାହାର ପଦ ଧୌତ କରେ, ପ୍ରକୃତି ଯେଉଠି ନିତ୍ୟ ନୂତନ ରୂପରେ ଶୋଭାପାଏ, ପାଷାଣ ଯେଉଁ ମାଟିରେ ବାଙ୍‌ମୟ ହୋଇଉଠେ କୋଣାର୍କର ନଟନଟୀ ରୂପରେ, ନଈର କୁଳୁକୁଳୁ ବିତାନ, ତପମଗ୍ନ ପାହାଡର ଧ୍ୟାନସ୍ଥ ମୂର୍ତ୍ତି, ସବୁଜ ଅରଣ୍ୟର କଟିମେଖଳା, ଖଣିଖାଦାନର କୁବେର ଭଣ୍ଡାର, ଶ୍ୟାମଳ ଶସ୍ୟକ୍ଷେତ୍ର, ଫୁଲଫଳଭରା ବୃକ୍ଷରାଜି, ମରାଳମାଳିନୀ ଚିଲିକାର ନୀଳ ଜଳରାଶି, ପ୍ରକୃତିର ଅନନ୍ୟଐଶ୍ୱର୍ଯ୍ୟରେ ଯେଉଁ ଭୂମି ଶ୍ରୀମୟୀ ସେଇ ଓଡିଶା ଆମର ଜନ୍ମଭୂମି, କର୍ମଭୁମି।

ଦିନେ ଲକ୍ଷ ଲକ୍ଷ ଲୋକ ଆତ୍ମବଳି ଦେଇ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଥିଲେ। ରାଜଧର୍ମକୁ ରୂପାନ୍ତରିତ କରିଥିଲେ ପ୍ରେମଧର୍ମରେ। କଳିଙ୍ଗାଧିପତି ଐର ଖାରବେଳ ଦିନେ କଳିଙ୍ଗର ପୂର୍ବ ଗୌରବ ଫେରାଇ ଆଣିବାକୁ ମଗଧ ଆକ୍ରମଣ କରିଥିଲେ। ସସମ୍ମାନେ ଫେରିଆସିଥିଲା ଓଡିଶାର ମର୍ଯ୍ୟାଦାର ପ୍ରତୀକ ଜୀନାସନ। ଗଙ୍ଗାଠାରୁ ଗୋଦାବରୀ ଯାଏ ଓଡିଶା ସୀମାକୁ ପ୍ରଲମ୍ବିତ କରିଥିଲେ ଦଗବିଜୟୀ ସମ୍ରାଟ କପିଳେନ୍ଦ୍ରଦେବ। ଷୋଡଶ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ସାରା ଭାରତରେ ମୋଗଲ ସମ୍ରାଟମାନେ ଶାସନ କରୁଥିବା ବେଳେ ଓଡିଶା ଉପଭୋଗ କରୁଥିଲା ଅଖଣ୍ଡ ସ୍ୱାଧୀନତା। ୧୫୬୮ ମସିହାରୁ ଆଫଗାନ, ମୋଗଲ ଓ ମରହଟ୍ଟା ଅଧ୍ୟୁସିତ ହେବା ପରେ ୧୮୦୩ ମସିହାରେ ଇଂରେଜ କବଳକୁ ଆସିଲା ସ୍ୱାଧୀନଚେତ ଓଡିଶା। କିନ୍ତୁ ୧୮୧୭ ମସିହାରୁ ଆରମ୍ଭ ହୋଇଗଲା ଇଂରେଜ ବିରୁଦ୍ଧରେ ପାଇକ ବିଦ୍ରୋହ, ଘୁମୁସର ବିଦ୍ରୋହ, ବୀର ସୁରେନ୍ଦ୍ର ସାଏଙ୍କ ଆମରଣ ସ୍ୱାଧୀନତା ସଂଗ୍ରାମ। ଭାରତର ସ୍ୱାଧୀନତା ଆନ୍ଦୋଳନର ଇତିହାସରେ ସମୁଚିତ ସ୍ଥାନ ପାଇ ନଥିଲେ ସୁଦ୍ଧା ଏହାହିଁ ଥିଲା ବ୍ରିଟିଶ୍ ବିରୋଧର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ। ଓଡିଆର ବୀରତ୍ୱ, ଶୌର୍ଯ୍ୟ, ବୀର୍ଯ୍ୟର କାହାଣୀ ଲିପିବଦ୍ଧ ହୋଇ ରହିଛି ଓଡିଆର ପ୍ରତ୍ୟେକ ରକ୍ତ ବିନ୍ଦୁରେ, ତାର ଅସ୍ଥିମଜ୍ଜାରେ। ଏ ଜାତିର ସମୃଦ୍ଧିର ଗନ୍ତାଘରରେ ରହିଛି ମାଟି ପାଇଁ ବୀର ପାଇକମାନଙ୍କ ଆତ୍ମବଳିଦାନର ଗୌରବମୟ ଗାଥା।

ଓଡିଆମାନେ ହେଉଛନ୍ତି ଭାରତବର୍ଷର ଏକ ଜାତି ଯିଏ ସର୍ବ ପ୍ରଥମ ବିଦେଶୀ ଉପନିବେଶ ପ୍ରତିଷ୍ଠା କରିବା ଗୌରବର ଅଧିକାରୀ। ଇତିହାସ କୁହେ, ବିଜୟ ସିଂହ ନାମକ ଜଣେ କଳିଙ୍ଗର ରାଜବଂଶଜ ସିଂହଳ ଦ୍ୱୀପ ପ୍ରତିଷ୍ଠା କରିଥିଲେ। ତାଙ୍କ ନାମାନୁସାରେ ସିଂହରୁ ସିଂହଳ ହୋଇଛି। ଭାରତବର୍ଷରେ ଭାଷାଭିତ୍ତିକ ରାଜ୍ୟ ଭାବେ ସର୍ବ ପ୍ରଥମେ ଓଡିଆକୁ ସ୍ୱୀକୃତି ମିଳିଥିଲା। ୧୯୩୬ ମସିହା ଏପ୍ରିଲ ପହିଲାରେ। ସେହିପରି ଓଡିଆ ଭାଷାକୁ ଭାରତୀୟ ଆର୍ଯ୍ୟଭାଷା ଗୁଡିକ ମଧ୍ୟରେ ପ୍ରଥମେ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ଓଡିଶାର ଅନ୍ୟତମ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିଜୁ ପଟ୍ଟନାୟକ ଇଣ୍ଡୋନେସିଆରୁ ରାଜା ସୁକର୍ଣ୍ଣଙ୍କୁ ଉଦ୍ଧାର କରି ଆଣିବାର ଦୁଃସାହାସିକ ବୀରତ୍ୱ ଇତିହାସରେ ବିରଳ। ସ୍ୱାଧୀନତା ସଂଗ୍ରାମରେ ବହୁ ବହୁ ଓଡିଆ ଆତ୍ମବଳିଦାନ ଦେଇ ଦେଶକୁ ସ୍ୱାଧୀନ କରିଥିଲେ। ସେମାନଙ୍କର ତାଲିକା ଏତେ ଦୀର୍ଘ ଯେ, ତାର ସମ୍ପୂର୍ଣ୍ଣ ବିବରଣୀ ଏ ସୀମିତ କଳେବରରେ ସମ୍ଭବ ନୁହେଁ। ଓଡିଆ ରାଣୀ ଶୁକଦେଇ ହୁଅନ୍ତୁ କି ମା ରମାଦେବୀ ହୁଅନ୍ତୁ, କାରୁବାକି ହୁଅନ୍ତୁ କି ସରଳାଦେବୀ ହୁଅନ୍ତୁ – ବହୁ ଓଡିଆଣୀ ଇତିହାସରେ ସ୍ୱର୍ଣ୍ଣାଭ ଦୀପ୍ତିରେ ଭାସ୍ୱରିତ ସେମାନଙ୍କ କୃତି ଓ କୀର୍ତ୍ତିପାଇଁ।

ଓଡିଶାର ଗଜପତି ଠାକୁର ରାଜା ହାତରେ ସୁବର୍ଣ୍ଣ ସମାର୍ଜନୀ ଧରି ସର୍ବଜନ ସମ୍ମୁଖରେ ସେବକ ଭୂମିକା ନିଭାଇ ପାରନ୍ତି। ଉଦ୍‌ଘୋଷିତ ହୁଏ ସେବା ହିଁ ପରମଧର୍ମ – ଯାହା ଜଗନ୍ନାଥ ଚେତନାର ଉଦାତ ମନ୍ତ୍ର। ବିଶ୍ୱମୈତ୍ରୀ, ବିଶ୍ୱ ଭାତ୍ତୃତ୍ୱର ପ୍ରତୀକ ଶ୍ରୀଜଗନ୍ନାଥ ଆଧାତ୍ମିକ ଚେତନାର ମୂଳକଥା ହେଉଛି ମାନବଧର୍ମ ହିଁ ଶ୍ରେଷ୍ଠଧର୍ମ। ଶ୍ରୀମନ୍ଦିର ପରି ବିଶାଳ ମନ୍ଦିର ନିର୍ମାଣ କରି ଏହାର ନିର୍ମାତା କହନ୍ତି – ମୋତେ ନିବଂଶ କର ପ୍ରଭୁ ! ମୋ ବଂଶରେ କେହି ଜଣେ ବି ନ ରହୁ ଯିଏ କହିବ ଏ ମନ୍ଦିର ମୋର, ମୋ ପିତୃପୁରୁଷଙ୍କର। ଯେଉଁ ମାଟିର ସନ୍ତାନ ଚଉଦବର୍ଷର ବାଳକ ଧର୍ମପଦ ମନ୍ଦିର ଚୂଡାରେ ଦଧିନଉତି ବସାଇ ସମୁଦ୍ରରେ ଆତ୍ମଝାସ ଦେବାକୁ ଯାଇ କୁହେ –ହେ ବିଶୁ ମହାରଣା, ତୁମେ ବାରଶ ବଢେଇରେ ଦାୟ। ଗୋଟିଏ ପୁଅରେ ନୁହଁ। ବାରବର୍ଷର ବାଳୁତ ବାଜି ରାଉତ ଇଂରେଜମାନଙ୍କ ଗୁଳିକୁ ଛାତି ପରେଇ କହିପାରେ, ମୋ ଦେହରେ ବିନ୍ଦୁଏ ରକ୍ତଥିବା ଯାଏ, ତମେମାନେ ନଈପାରି ହୋଇ ଆସି ପାରିବନାହିଁ।

ଏ ମାଟିର କବି ଜୟଦେବ – ଯାଙ୍କର ଭକ୍ତିର ବଭୂତି ଟାଣି ଆଣିଥିଲା ପରମ ପ୍ରେମିକ ଶ୍ରୀକୃଷ୍ଣଙ୍କୁ ଏ ଧରାଧାମକୁ – ଦେହି ପଦପଲ୍ଲବ ମୁଦାରଂ– –– ପଦ ପୂରଣ କରିବାପାଇଁ। ମଧୁର କୋମଳ କାନ୍ତ ପଦାବଳୀ – "ଲଳିତ ଲବଙ୍ଗଲତା ପରିଶୀଳନମ୍‌" ଆଜି ବି ଗୁଞ୍ଜରିତ ହୁଏ ଓଡିଶାର ପୁରପଲ୍ଲୀରେ, ଜନପଦରେ ଆଉ ଶ୍ରୀମନ୍ଦିରରେ। ଓଡିଆ ସନ୍ଥ କନ୍ଧ ଭୀମଭୋଇ ଗାଇ ପାରନ୍ତି –

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ,
ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ।"

ମାନବଧର୍ମର ସର୍ବଶ୍ରେଷ୍ଠ ସବିଶେଷ ମନ୍ତ୍ରପାଠ ଉଚ୍ଚାରିତ ହୋଇଥିଲା କେଉଁ ଅଖ୍ୟାତ ବଣ ଭୂଇଁରେ, ଯାହା ଆଜି ଜାତିସଂଘରେ ସ୍ଥାନିତ ହୋଇ ଓଡିଶା ପାଇଁ ଅଶେଷ ଗୌରବ ଆଣି ଦେଇଛି। ମା'ର ମନ ବୁଝି ଆଉ ଜଣେ ଯୋଗଜନ୍ମା ପୁରୁଷ ରଚନା କରିଦେଇ ଗଲେ ଓଡିଆ 'ଭାଗବତ'। ଯାହା ଓଡିଶାରେ ସର୍ବତ୍ର ଭାଗବତ ଟୁଙ୍ଗୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଥିଲା। କବିଙ୍କ କଣ୍ଠରେ–

'ଧନ ଅର୍ଜନେ ଧର୍ମ କରି, ଧର୍ମେ ପ୍ରାପତ ନରହରି।'

ଏଇ ମାଟିର ଆଉ ଜଣେ କବି ସମ୍ରାଟ ସ୍ୱପ୍ନ ଦେଖିଥିଲେ, 'ବହିତ୍ର ଲାଗିଲା ଯାଇ ସିଂହଳ ଦ୍ୱୀପରେ।' କଳିଙ୍ଗ ଆଉ ସିଂହଳର ରାଜକୁମାର, ରାଜକୁମାରୀଙ୍କ ପ୍ରଣୟର ଚିତ୍ରଟିଏ ଆଙ୍କୁ ଆଙ୍କୁ କବି ଓଡିଆ ସାଧବ ପୁଅର ନୌବାଣିଜ୍ୟ କଥା କହିଦେଇଗଲେ କାଳକାଳକୁ। କଳିଙ୍ଗୀଃ ସାହସିକାଃକୁ ଆଜି ସ୍ମରଣ କରନ୍ତି ଓଡିଆଏ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଇବାବେଳେ। ଓଡିଆ କବି ସାରଳା ଦାସ, ଜଗନ୍ନାଥ ଦାସ, ବନମାଳୀ, ଗୋପାଳକୃଷ୍ଣ, ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ରାଧାନାଥ, ଫକୀରମୋହନ, ମଧୁସୂଦନ, ଗଙ୍ଗାଧରଙ୍କଠାରୁ ଆରମ୍ଭକରି ସାଂପ୍ରତିକ କାଳର ସ୍ରଷ୍ଟାଗଣଙ୍କ ପର୍ଯ୍ୟନ୍ତ ପ୍ରଲମ୍ବିତ ଏହି ସୃଜନଶୀଳତାର ଧାରା। ଏସବୁ କୀର୍ତ୍ତିକୁ ଆୟୁଷ୍ମାନ କରିଛି ମହାକାଳର କଷଟିରେ। ମାନବବାଦର ଜୟଗାନ ସହିତ ଜୀବନ ପାଇଁ ଅସୁମାରି ଆଶା, ବିଶ୍ୱାସ, ପ୍ରେମ, ଆନନ୍ଦର ବାର୍ତ୍ତା ଦେଇଛନ୍ତି ଜଗତକୁ।

ସେଦିନ ସାଧବ ଝିଅ ତଅପୋଇ ସ୍ୱପ୍ନ ଦେଖିଥିଲା ଧୂଳି ଖେଳିବ ରୂପା କୁଲେଇରେ ସୁନାଚାନ୍ଦ ଧରି। ଓଡିଆଘରର କୁନି ଝିଅଟିଏ ଯଦି ଏମିତି ସ୍ୱପ୍ନ ଦେଖିପାରେ, ସେ ଜାତି କଅଣ କେବେ ଦରିଦ୍ର ହୋଇପାରେ ? ହାତପାତି ଭିକ୍ଷା ମାଗିପାରେ ଅନ୍ୟର ଦୟା, କରୁଣାକୁ ? ଯାହାର ଭାଇମାନେ ହାତୀଦାନ୍ତ, ପାଟଲୁଗା, ହୀରାନୀଳାରେ ବେପାର ବଣିଜ କରୁଥିଲେ ସୁଦୂର ଜାଭା, ବାଲି, ସୁମାତ୍ରା, ସିଂହଳ, ଇଣ୍ଡୋନେସିଆ ପ୍ରଭୃତି ଦୂର ବିଦେଶରେ ସେ ଜାତି କ'ଣ କାହାର କୃପାଭିକ୍ଷୁ ହୋଇପାରେ ? ଜାତିର ମହିମା ଓ ଗାରିମା ଆଜି ବି ମର୍ମରିତ ହୁଏ ବଙ୍ଗୋପସାଗରର ନୀଳଜଳବେଣୀରେ। ସମୁଦ୍ର ବକ୍ଷରେ ପୋତ ମେଲି ଯାଉଥିବା ସାଧବର ଐଶ୍ୱର୍ଯ୍ୟକୁ ସ୍ତୁତିଚାରଣ କରେ ଆଜିର ବାଲିଯାତ୍ରା। ସେଇ ବିଭବର ମୂକସାକ୍ଷୀ ତ କୋଣାର୍କ ମନ୍ଦିର, ପୁରୀ ମନ୍ଦିର, ଲିଙ୍ଗରାଜ ମନ୍ଦିର, ରାଜରାଣୀ ମନ୍ଦିର, କୀଚକେଶ୍ୱରୀ ମନ୍ଦିର ପ୍ରଭୃତି ଅସଂଖ୍ୟ ମନ୍ଦିର। ଛୋଟ ବଡ ହୋଇ ଓଡିଶାରେ ସହସ୍ରାଧିକ ମନ୍ଦିର ରହିଛି। ଯାହାର ଅନୁପମ କାରୁକଳାର ପଟାନ୍ତର ନାହିଁ। ନିଖୁଣ କଳା କାରିଗରୀ ଓଡିଆ ଶିଳ୍ପୀର ପାରଦର୍ଶିତା ପ୍ରତିପାଦନ କରିଥାଏ। ସମଗ୍ର ଭାରତବର୍ଷରେ ଏଥିପାଇଁ ଓଡିଶାର ପ୍ରସିଦ୍ଧି। ସ୍ଥାପତ୍ୟର ଏହି ଦକ୍ଷତା ଆଜି ବି ଓଡିଆ ସ୍ଥପତି ମାନଙ୍କଠାରେ ଦେଖିବାକୁ ମିଳିଥାଏ।

କଥାରେ ଅଛି ''ମନ ଫୁଲାଣିଆ ଗୀତ ଗାଏ।' ସେଥିପାଇଁ ଓଡିଶୀନୃତ୍ୟ ସଂଗୀତର ସାଧନା। ଦେଶ ବିଦେଶରେ ଯାହାର ଜୟ ଜୟକାର। ଶତ କଣ୍ଠରେ ଝରିପଡେ ପ୍ରଶଂସାର ଫୁଲଝରି। ଶାସ୍ତ୍ରୀୟ ମାନ୍ୟତା ପାଇବାରେ ମଧ୍ୟ ଓଡିଶୀ ସଂଗୀତର ଗୌରବ ବୃଦ୍ଧି ପାଇଛି। କଳାରେ, କାରିଗରୀରେ ଭଲା ତା' ସମକକ୍ଷ କିଏ ଅଛି ? ସମ୍ବଲପୁରୀ ଶାଢୀ ହେଉ କି ମାଣିଆବନ୍ଧ, ବ୍ରହ୍ମପୁରୀ ପାଟ ହେଉ, ପିପିଲିର ଚାନ୍ଦୁଆ ହେଉ କି ରଘୁରାଜପୁରର ପଟ୍ଟଚିତ୍ର ହେଉ, ଖିଚିଙ୍ଗର ପଥରମୂର୍ତ୍ତି ହେଉ କି କଳାହାଣ୍ଡି ନବରଙ୍ଗପୁର କାଠର ଖୋଦେଇ କାମ ହେଉ, ସବୁଥିରେ ତା'ର ସ୍ୱର୍ଣ୍ଣ ହସ୍ତର ସ୍ୱାକ୍ଷର ! ଅଭାବୀ ମଣିଷଟିଏ କ'ଣ କଳ୍ପନା କରିପାରିବ ଏ ସବୁ କଥା ?ପେଟ ଚାଖଣ୍ଡେ ଚିନ୍ତା ଯାହାର, ସେ କ'ଣ ଦେଖିପାରିବ ଏମିତି ସ୍ୱପ୍ନ? ନା କଳାରେ, ନା ସ୍ଥାପତ୍ୟରେ, ନା କାରିଗରୀରେ, ନା ନୃତ୍ୟ ସଙ୍ଗୀତରେ, ନା ସାହିତ୍ୟରେ ?


ଆର୍ଯ୍ୟ, ଦ୍ରାବିଡ, ଶାବର ସଂସ୍କୃତିର ମିଳନପୀଠ ଓଡିଶାର ପ୍ରାଣପ୍ରିୟ ପ୍ରଭୁ ଶ୍ରୀଜଗନ୍ନାଥ ପୁରୁଷୋତ୍ତମ ଧାମରେ ଅଧିଷ୍ଠିତ ଆମର ରାଷ୍ଟ୍ରଦେବତା ଭାବରେ ପୂଜିତ ଓ ଉପାସିତ। ନବ କଳେବର କାଳରେ ଶରୀର ତ୍ୟାଗକରି ମୃତ୍ୟୁକୁ ଜୟ କରୁଥିବା ମଣିଷକୁ ବରାଭୟ ଦେଇ କହନ୍ତି, – ନ ହନ୍ୟତେ ହନ୍ୟାମାନ ଶରୀରେ। ଆତ୍ମା ଅବିନାଶୀ, ଅକ୍ଷୟ ଅବିନଶ୍ୱର। ମୃତ୍ୟୁ ଏକ ଘଟାନ୍ତର ମାତ୍ର। ଶ୍ରୀଜଗନ୍ନାଥ ନିଜେ ଜଣେ ସାଧାରଣ ଗୃହୀ ମଣିଷ ପରି ମାନନ୍ତି ସବୁ ବିଧିବିଧାନ, ସାଂସ୍କୃତିକ ପରମ୍ପରା,ଐତିହ୍ୟ ଓ ପର୍ବପର୍ବାଣିକୁ। ଦୀପାବଳି ଉତ୍ସବ, ପୟାଶ୍ରାଦ୍ଧ, ନବକଳେବର ସମୟରେ ଅନ୍ତ୍ୟେଷ୍ଟିକ୍ରିୟା, ରଥଯାତ୍ରା, ସ୍ନାନଯାତ୍ରା, ଅଣସର ବିଶ୍ରାମ ଓ ପଥ୍ୟପାଳନ ବିଧି, ସ୍ନାନ, ଶୟନ, ଭୋଜନରେ ମାନବୀୟ ଲୀଳା ପ୍ରଭୃତି ବାରମାସରେ ତେର ପର୍ବ ଜଗନ୍ନାଥ ଚେତନାରେ ମାନବିକତା ଉଦ୍‌ଘୋଷିତ ହୋଇଥାଏ। ଷାଠିଏ ପଉଟି, ଛପନ ପ୍ରକାର ଭୋଗର ପରିକଳ୍ପନା ସାରା ବିଶ୍ୱରେ ବିରଳ। ଯେଉଁ ଜାତି ତାର ଇଷ୍ଟ ଦେବତାଙ୍କୁ ଏପରି ଭୋଗ ନୈବେଦ୍ୟ ବାଢିପାରେ, ସେ ଜାତିର ଆଭିଜାତ୍ୟ ଓ ବୁନିଆଦି କ'ଣ କେବେ ଗୋଟଏ ଦରିଦ୍ର ଜାତିର ହୋଇପାରେ ? ଏକଥା ଭାବିବା ହାସ୍ୟାସ୍ପଦ ନୁହେଁ କି ? ଯେଉଁ ଜାତି ତ୍ୟାଗର ମହିମାଗାନ କରେ, ସେବାର ଜୟ ଗାନକରେ, ପ୍ରେମ କରୁଣାର ଅମୃତ ଗାନ କରେ, ଯିଏ ହୃଦୟର ରତ୍ନସିଂହାସନରେ ଧାରଣ କରିଛି ବିଶ୍ୱମୈତ୍ରୀ, ବିଶ୍ୱ ଭ୍ରାତୃତ୍ୱର ପ୍ରତୀକ ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ, ସେ ପୁଣ୍ୟଭୂମି ହେଉଛି କୋଟି କୋଟି ଓଡିଆଙ୍କ ତୀର୍ଥଭୂମି। କୁହାଯାଏ, ଭଗବାନ ବିଷ୍ଣୁ ଚାରିଧାମ ମଧ୍ୟରୁ ଦ୍ୱାରକାଧାମରେ ସ୍ନାନତର୍ପଣ କରନ୍ତି, ରାମେଶ୍ୱରରେ ପୂଜା ଉପାସନା, ଶ୍ରୀପୁରୁଷୋତ୍ତମ ଧାମରେ ଭୋଜନ କରନ୍ତି ଓ ବଦ୍ରିନାଥରେ ଶୟନ କରନ୍ତି। ଏଥିରୁ ଓଡିଶାର ଐଶ୍ୱର୍ଯ୍ୟ ପ୍ରତିପାଦିତ ହୁଏ।

ଚିନ୍ତା ଓ ଚେତନାରେ, କର୍ମ ପ୍ରେରଣାରେ,ସ୍ୱପ୍ନ ଓ ସଂକଳ୍ପରେ ଏଇସବୁ ମହାଭାବର ଅଧିକାରୀ ଓଡିଆଏ ନିଜକୁ ହୀନ ମଣିବାର କୌଣସି କାରଣ ନାହିଁ । ନଅଙ୍କ ଦୁର୍ଭିକ୍ଷ ଓଡିଶାର ଅର୍ଥନୈତିକ ସ୍ଥିତିକୁ ଦୋହଲାଇ ଦେଇଥିଲା । ତା ପୂର୍ବରୁ ଓଡିଶାକୁ ଖଣ୍ଡ ବିଖଣ୍ଡିତ କରି ଇଂରେଜ ସରକାର ମାଡ୍ରାସ୍ ପ୍ରେସିଡେନ୍ସି, ବଙ୍ଗଳା ପ୍ରେସିଡେନ୍ସି ଓ ମଧ୍ୟପ୍ରଦେଶ ଓ ବେରାର ସହିତ ମିଶାଇ ଭାଗଭାଗ କରିଦେଲେ । ସୂର୍ଯ୍ୟାସ୍ତ ଆଇନ ବଳରେ ଓଡିଆ ଖଣ୍ଡାୟତ, କ୍ଷତ୍ରିୟ, କୃଷକମାନଙ୍କର ଜମିଜୁମା ଓ ଜମିଦାରମାନଙ୍କର ସମ୍ପତ୍ତିକୁ ନାନାଭାବରେ ବଂଗାଳୀମାନଙ୍କୁ ହସ୍ତାନ୍ତର କରିଦେଲେ । ଭୂସମ୍ପଦର ହସ୍ତାନ୍ତର ଫଳରେ ଓଡିଶାର ଅର୍ଥନୀତି ବିପନ୍ନ ହେଲା । ଏହି କୂଟଚକ୍ରାନ୍ତର ଅନ୍ତରାଳରେ ଥିଲା ଗୋଟେ ଦୁର୍ଦ୍ଧର୍ଷ, ସାମରିକ ଶକ୍ତିକୁ ଧୂଳିସାତ୍ କରିଦେବା । କାରଣ ଇଂରେଜମାନଙ୍କ ବିରୋଧରେ ସଂଗଠିତ ହୋଇଥିବା ପାଇକ ବିଦ୍ରୋହ, ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ସମୟରେ ଓଡିଆ ମାନଙ୍କ ବୀରତ୍ୱ ଦେଖି ସରକାର ବିବ୍ରତ ହୋଇଏପରି କୂଟନୀତି ଅବଲମ୍ବନ କଲେ । ଯାହାର ପରିଣାମ ସ୍ୱରୂପ ଓଡିଶାର ଅସ୍ଥିମଜ୍ଜା ଦୋହଲିଗଲା ।

ଓଡିଆଏ ଭୁଲି ଯାଆନ୍ତୁ ନାହିଁ ଯେ ଯେଉଁ ରାଜ୍ୟ ଶସ୍ୟ ଶ୍ୟାମଳା ଭୂମି ସମ୍ପଦ, ଖଣିଜ ସମ୍ପଦ, ଅରଣ୍ୟ ସମ୍ପଦ, ନଦନଦୀ, ସମୁଦ୍ର, ହ୍ରଦ ପ୍ରଭୃତି ଯାବତୀୟ ପ୍ରାକୃତିକ ବୈଭବରେ ଭରପୂର; ତାର ଆତ୍ମଶକ୍ତିକୁ କିଏ ଲୁଣ୍ଠନ କରି ନେଇପାରିବ ? ପାରାଦୀପ ବନ୍ଦର, ରାଉରକେଲା ଇସ୍ପାତ କାରଖାନା, ନାଲକୋ ଆଲୁମିନିୟମ କାରଖାନା, ସୁନାବେଡା ମିଗ୍ କାରଖାନା ପ୍ରଭୃତି ଯେଉଁ ମାଟିର ଗାରିମା ବୃଦ୍ଧି କରିଥାନ୍ତି, ସେ ଜାତି କେବେ ଦରିଦ୍ର ହୋଇପାରେନା । କେବଳ ଭାରତରେ ନୁହେଁ, ସମଗ୍ର ପୃଥିବୀରେ ବିଭିନ୍ନ ମର୍ଯ୍ୟାଦାବନ୍ତ ପଦ ପଦବୀରେ ଅଧିଷ୍ଠିତ ଓଡିଆ ପୁଅ ସାର୍ଥକ ପୁରୁଷାକାର ଓ କର୍ମନିଷ୍ଠାର ପରିଚୟ ଦେବା କିଛି କମ୍ ଗୌରବର କଥା ନୁହେଁ । କ୍ରୀଡା କ୍ଷେତ୍ରରେ ମଧ୍ୟ ଓଡିଶାର ବହୁ ଯୁବକ ଯୁବତୀ ସେମାନଙ୍କ ଦକ୍ଷତା ପ୍ରତିପାଦନ କରି ଓଡିଶାର ମୁଖୋଜ୍ଜ୍ୱଳ କରିପାରିଛନ୍ତି । ସମାଜର ସବୁକ୍ଷେତ୍ରରେ ଆଜି ସେମାନଙ୍କ ପାରଦର୍ଶିତାର ଦୀପ୍ତି ଭାସ୍ୱରିତ । ବହୁ ବହୁ ମନୀଷୀ ଓଡିଆ ଜାତିର ଆତ୍ମବିଶ୍ୱାସ, ସ୍ୱାଭିମାନ, ସ୍ୱାତନ୍ତ୍ର୍ୟ, ମର୍ଯ୍ୟାଦାବୋଧ ଓ ଆତ୍ମ ପରିଚୟକୁ ପ୍ରତିଷ୍ଠା କରିବାପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଛନ୍ତି । ଈଶ୍ୱରଙ୍କ କରୁଣା ଓ ମାହେଶ୍ୱରୀ ପ୍ରକୃତିର ବରଦାନରେ ଐଶ୍ୱର୍ଯ୍ୟଶାଳୀ ଓଡିଶା ଆଜି ରାଜନୈତିକ ଚିତ୍ରପଟରେ ଯେମିତି ଚିତ୍ରିତ ହେଉଛି, ସର୍ବଭାରତୀୟ ସ୍ତରରେ ତାହା ତା'ର ପ୍ରକୃତ ସ୍ୱରୂପ ନୁହେଁ । ଓଡିଶାର ପ୍ରତିଭାଦୀପ୍ତ ସନ୍ତାନମାନେ ଭବିଷ୍ୟତରେ ଅଜସ୍ର ସ୍ୱପ୍ନ ଓ ସମ୍ଭାବନାକୁ ସାକାର କରିବେ । ଓଡିଶାର ସଂସ୍କୃତି, ପରମ୍ପରା, ଐତିହ୍ୟକୁ ପୁନଃ ପ୍ରତିଷ୍ଠିତ କରିପାରିବେ; ଗଭୀର ବିଶ୍ୱାସରେ ଏହା କୁହାଯାଇପାରେ ।

*ବାଦାମବାଡି, କଟକ*
*ମୋ-୯୪୩୭୨୬୯୬୩୯*

••••



# ଆମ ଅସ୍ମିତା

*ଡ. ସଙ୍ଘମିତ୍ରା ମିଶ୍ର*

ଭାଗବତକାର ଜଗନ୍ନାଥ ଦାସ ଆମକୁ ଏକ ବିରାଟ ପରଂପରା ଦେଇଛନ୍ତି । ସେ ଲେଖିଛନ୍ତି–

"ସକଳ ବୈଷ୍ଣବ ପୂଜିବ । ଆପଣା ତତ୍ତ୍ୱ ନଛାଡିବ ॥"

ଏହି ଆପଣା ତତ୍ତ୍ୱଟି ବ୍ୟକ୍ତିର ସ୍ୱାତନ୍ତ୍ର୍ୟ । ତା'ର ଅସ୍ମିତାର ପରିଚାୟକ । ମୋର ମା', ବାପା, ଦେଶ, ରାଜ୍ୟ, ଭାଇ, ଭଉଣୀ ସମସ୍ତେ ମୋ ଲାଗି ସ୍ୱତନ୍ତ୍ର । ଆଚରଣରେ, ଉଚ୍ଚାରଣରେ ଯଦି ପ୍ରକୃତ ଆମର ସ୍ୱାତନ୍ତ୍ର୍ୟ ଫୁଟିଉଠିପାରେ ତାହା ହିଁ ଅସ୍ମିତା ପାଲଟେ । ବ୍ୟକ୍ତିର ଅସ୍ମିତା ଜାତିର ଅସ୍ମିତାକୁ ପରିବର୍ତ୍ତିତ ହେବା ସର୍ବଦା ଶୁଭଙ୍କର । ବାକ୍ ସ୍ୱାଧୀନତା ମୂଲ୍ୟବାନ । ....ବାକ୍ ସ୍ୱାଧୀନତା ପାଇଁ ଲଢିବାକୁ ହୁଏ ବାହାର ଶକ୍ତି ସହିତ । ଚିନ୍ତାର ସ୍ୱାଧୀନତା ମଣିଷ ନିଜ ସହିତ ଲଢିକରି ପାଏ । (ସଂସ୍କୃତି ଅପସଂସ୍କୃତି – ଶରତ କୁମାର ମହାନ୍ତି – ପୃ–୬୧)

ବ୍ୟକ୍ତି ଗୋଷ୍ଠୀର ଏକକ । ଗୋଷ୍ଠୀ ସହିତ ସଂଘର୍ଷ, ସଂଯୋଗ, ସାମ୍ୟ ଓ ସମନ୍ୱୟ ହିଁ ତାର ବ୍ୟକ୍ତିତ୍ୱକୁ ବିକଶିତ କରାଇଥାଏ । ତେଣୁ ଅସ୍ମିତା ନିର୍ମାଣରେ ଗୋଷ୍ଠୀର ଭୂମିକା ରହିଛି । ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ –

"ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ
ପ୍ରତି ଗ୍ରାମ ମୋର ପ୍ରିୟ ପୁରୀଧାମ,
ଥିଲେ ଯହିଁ ତହିଁ ଭାରତ ବର୍ଷରେ
ମଣିବି ଅଛି ମୁଁ ଆପଣା କକ୍ଷରେ"

ଅସ୍ମିତାର କି ରୂପେ ପ୍ରକାଶ ଦେଖିଲେ ତ ? 'ମୁଁ ଅଛି – ଏହି ଭାବ ହିଁ ଅସ୍ମିତା' ଏବେ ମୁଁ ତ ସର୍ବତ୍ର ପରିବ୍ୟାପ୍ତ । ତଥାପି ତା ଭିତରୁ ଖୋଜି ଆମେ ଭାରତୀୟ ବା ଉତ୍କଳୀୟ ଅସ୍ମିତାକୁ ଠାବ କରିବା । ଦିନେ ଆର୍ଯ୍ୟ ଋଷି ଉଚ୍ଚାରଣ କରିଥିଲେ 'ଭୂମି ଆମର ମା' ଓ ଆମେ ପୃଥିବୀବାସୀ ତାର ସନ୍ତାନ' । କ୍ରମେ ଏହି ବିରାଟ ଭବ୍ୟଚେତନା ଖଣ୍ଡିତ ହୋଇଛି । ଦେଶ କାଳ ଭିତରେ ସୀମିତ ରହିଛି । ନିଜର ଦେଶକୁ ନେଇ ଗୌରବ ଅନୁଭବ କରିବା ଆମର ଉଚିତ ମାତ୍ର ଅନ୍ୟ ଦେଶକୁ ହେୟ ମନେକରିବା ସର୍ବଥା ବର୍ଜନୀୟ । ଏହି ସୂକ୍ଷ୍ମ ବ୍ୟାପାରକୁ ଦୃଷ୍ଟିରେ ରଖି ଆମେ ଅସ୍ମିତାର ଆକଳନ କରିବା । ମୁଖ୍ୟତଃ ଏହା ଓଡିଆ ଅସ୍ମିତା, ଯାହା ଆମର ମୂଳଗଣ୍ଡି ବା ଯାହାକୁ ନେଇ ଆମ ବ୍ୟକ୍ତିତ୍ୱ ବିକଶିତ ହୋଇଛି । ଦେଶ ବିଦେଶରେ ଆମକୁ ଲୋକେ 'ଓଡିଆ' ବୋଲି ଚିହ୍ନନ୍ତି କେମିତି ? ତେବେ ଆମେ ପ୍ରଥମେ ନିଜକୁ ଚିହ୍ନିଲେ ସିନା ଆଉ କିଏ ଆମକୁ ଚିହ୍ନିବ । ଏହି ଅସ୍ମିତାର ବ୍ୟାପକ ଅନୁଧ୍ୟାନ ସାହିତ୍ୟ ଜଗତରେ ନୂତନତ୍ୱର ବାହକ ହୋଇଥାଏ ।

କବିବର ରାଧାନାଥ 'ଚିଲିକା'ରେ କହିଲେ–

"ଖର ସୌରକରେ ତାରକା ଯେସନ
ଅସ୍ମିତା ବିସ୍ମୟେ ହେଲା ନିମଗନ ।"

ଅର୍ଥାତ୍ ଖରାରେ ତାରକାଗଣ ନଦିଶିବା ଭଳି ହିମାଳୟ ସଂଦର୍ଶନରେ ସେ ନିଜକୁ ସମ୍ପୂର୍ଣ୍ଣ ରୂପେ ପାସୋରି ଦେଇଛନ୍ତି । ଏବେ ଓଡିଆ ଅସ୍ମିତା ସଂପର୍କରେ ସେ କିଛି ଲେଖିବାକୁ ହେବ । ଅସ୍ମିତାର ଅବିକଳ ଇଂରାଜୀ ପ୍ରତିଶବ୍ଦ ନାହିଁ, Identity କହିଲେ ଭାବ କମିଯିବ, Pride କହିଲେ ଅର୍ଥ ଟିକିଏ ବିକୃତ ହୋଇଯିବ । ଜଣେ ବ୍ୟକ୍ତିର ଐତିହ୍ୟକୁ ନେଇ ଆତ୍ମ ଅଭିମାନ ବା ସ୍ୱାଭିମାନ ହିଁ ଅସ୍ମିତା, ନିଜ ଅତୀତର କୃତି ନେଇ ପରିଚିତି । ଏହି ଦୃଷ୍ଟିରୁ ବିଶିଷ୍ଟ ଚିନ୍ତାନାୟକ ରାଜଗୋପାଳାଚାରୀ କୁହନ୍ତି ଯେ 'ସଭ୍ୟତା ଆମକୁ ଦେଖାଇବାକୁ ପଡେ, ମାତ୍ର ସଂସ୍କୃତି, ଯାହା ଲୋକେ ଆମକୁ ଦେଖି ବୁଝିଯାଆନ୍ତି ।' ଅର୍ଥାତ୍ ଏହା ବ୍ୟକ୍ତିର ଆଚରଣରେ ପ୍ରତିଫଳିତ ହୁଏ । ଆଜିର ବିଶ୍ୱାୟନ ଯୁଗରେ ଏଭଳି କେଉଁ ସ୍ୱାତନ୍ତ୍ର୍ୟ ରହିଛି, ଯାହା ଆମକୁ ଓଡିଆ ଭାବରେ ଚିହ୍ନାଇଦିଏ ତାହା ହିଁ ଆମର ଅସ୍ମିତା । ଏହା ଖୁବ୍ ବ୍ୟାପକ, ତଥାପି ନିଜର ଅବବୋଧ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟଟି ଉପସ୍ଥାପନ କରୁଛି ।

ପ୍ରଥମେ ଆସେ ପରିବାର, ଯାହା ସମାଜର କ୍ଷୁଦ୍ରତମ ଏକକ । ସେଠାରେ ପାରସ୍ପରିକ ଶ୍ରଦ୍ଧା ଓ ସମ୍ମାନ ଆମର ପରିଚିତି । ବୟସ୍କ ଜେଜେ ଅବା ଅଜାଙ୍କ ହାତ ଅବଶ୍ୟ ନାତି ନାତୁଣୀ ଧରିଥିବେ, ଏହା ଆମର ସାମାଜିକ ବାସ୍ତବତା । ବାଣ୍ଟି ଖାଇବା, ଦୁଃଖସୁଖ ବାଣ୍ଟିବା ପାରସ୍ପରିକ ସୌହାର୍ଦ୍ଦ୍ୟ ଏସବୁ ପରିବାରର ସଦସ୍ୟ ମାନଙ୍କ ମଧ୍ୟରେ ଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ମୁରବୀଙ୍କୁ ସମସ୍ତେ ମାନି ଚଳନ୍ତି । ଥରେ ମୁରବିପଣରେ ଆ□ ଆସିଲେ ପରିବାରର ସ୍ଥିତି ଦୋହଲିଯାଏ । ଏଭଳି ପରିବାର ଆଜି ବି ଅଛି, ଯେଉଁଠି ପିଲାଏ ଘରର ସବୁଠାରୁ ବଡ ମାଆ (ବଡ ପୁଅର ସ୍ତ୍ରୀ)ଙ୍କୁ ବୋଉ ବୋଲି ଡାକନ୍ତି । ଓ ଆମେ ଚାରି ଭାଇ ପା□ ଭଉଣୀ ବୋଲି ହିସାବ ଦିଅନ୍ତି । ସେମାନେ ଜାଣି ନଥାନ୍ତି ପ୍ରକୃତରେ ସେମାନେ କେତେଜଣ ।

ତାପରେ ଆସେ ଅତିଥି ଚର୍ଚ୍ଚାର ବ୍ୟାପାର । ଆମ ପରଂପରା କହେ 'ଅତିଥି ଦେବୋଭବ' । ଆମେ ପୁରାଣ କିମ୍ବଦନ୍ତୀରେ ଅନେକ ଅତିଥିଙ୍କ କଥା ପଢ଼ିଛୁ । ସେ ଦୁର୍ବାସା ହୋଇପାରନ୍ତି, ବ୍ରହ୍ମାବିଷ୍ଣୁ, ମହେଶ୍ୱର ହୋଇପାରନ୍ତି ବା କ୍ଷୁଧାର୍ତ୍ତ ବ୍ରାହ୍ମଣ ହୋଇପାରନ୍ତି । ନିଜର ସାଧମତେ ଅତିଥିଚର୍ଚ୍ଚା କରିବା ଗୃହସ୍ଥର ଧର୍ମ ଓ ଏହା ଆମର ଅସ୍ମିତା । ମନ ଖରାପ କରି ବା ବିରକ୍ତ ହୋଇ ରୋଷେଇକଲେ, ତାହା ସ୍ୱାଦିଷ୍ଟ ହୁଏ ନାହିଁ । ଅତିଥି ଯାହା ଘରୁ ନଖାଇ ଫେରନ୍ତି, ତା'ର ଧର୍ମ ନଷ୍ଟ ହୁଏ ବୋଲି ଆମେ ବିଶ୍ୱାସ କରୁ । ପାଦ ଧୋଇ ପୋଛି ଦେବାଠାରୁ ଖାଦ୍ୟ ପରିବେଷଣ କରିବା ଏପରିକି ପଦସେବା କରିବା ମଧ୍ୟ ଗୃହସ୍ଥର ଦାୟିତ୍ୱ ବୋଲି ଆମ ଶାସ୍ତ୍ର ପୁରାଣରେ ରହିଛି ।

ତାପରେ ଆସେ ଶିକ୍ଷା । 'ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ୍ ଈଶ୍ୱର' ଏହି ଗୁରୁଜ୍ଞା କେତେ ଗୁରୁତ୍ୱ ବହନ କରେ ତାହା ଏକଲବ୍ୟ, ଉପମନ୍ୟୁ, ଆରୁଣି, ନଚିକେତା ଓ ସତ୍ୟକାମଙ୍କ କାହାଣୀ ଆମକୁ କହେ । ଯାହାଠାରୁ କିଛି ଶିକ୍ଷା କରିଛୁ, ସେ ମଧ୍ୟ ଆମ ଗୁରୁ । ଭାଗବତରେ ଅବଧୂତଙ୍କର ଚବିଶଗୁରୁ ସମ୍ବାଦ ଆମେ ସମସ୍ତଙ୍କ ପାଖରୁ ଶିକ୍ଷା କରିବାର ଅଛି । ଶିକ୍ଷା ଆମର ବ୍ୟକ୍ତିତ୍ୱ ନିର୍ମାଣ କରେ । ଆମକୁ ଉଦାର କରେ, ସହାନୁଭୂତିଶୀଳ କରେ ଆଉ ଗଭୀର ଜୀବନାନୁଭବରେ ଧନୀକରେ । ଶିକ୍ଷିତ ବ୍ୟକ୍ତିଠାରୁ ସମସ୍ତେ ଉଚ୍ଚ ଓ ସତ୍ ବିଚାର ଆଶା କରନ୍ତି । ପ୍ରାଚୀନ ଗୁରୁକୁଳଠାରୁ ଆଧୁନିକ ଗୁରୁକୁଳ ପର୍ଯ୍ୟନ୍ତ ଶିକ୍ଷାର ବ୍ୟାପକତା ରହିଛି । ଧର୍ମ, ଅର୍ଥ କାମ ଓ ମୋକ୍ଷ ଚତୁର୍ବର୍ଗ ମଧ୍ୟରୁ ଏବେ ଅର୍ଥ ଓ କାମକୁ ନେଇ ଶିକ୍ଷା ମୁଖ୍ୟତଃ ଗତିଶୀଳ । ପୁଣି ଇ□ରନେଟ୍ର ପ୍ରଭାବରେ ଗୁରୁଶିଷ୍ୟ ସମ୍ପର୍କ ହାଲୁକା ହୋଇଯାଉଛି । ତଥାପି ଗୁରୁଙ୍କ ପ୍ରତି ସମ୍ମାନ ଆମର ଅସ୍ମିତାର ଅନ୍ୟ ଏକ ଉଜ୍ଜ୍ୱଳ ଦିଗନ୍ତ ।

ବୟସ୍କଙ୍କ ପ୍ରତି ସମ୍ମାନ, ପରିବେଶ ପ୍ରତି ସଚେତନତା, ଶୈଶବର ସୁରକ୍ଷା ଏସୁ ମଧ୍ୟ ଅସ୍ମିତାର ଗୋଟିଏ ଗୋଟିଏ ସ୍ତର । ନାରୀ ପ୍ରତି ସମ୍ମାନ ଆମର ଅନ୍ୟତମ ସ୍ୱାତନ୍ତ୍ୟ । 'ପରଦାରେସୁ ମାତୃବତ୍' ଆମ ପୁରାଣର କଥା । ଯେଉଁଠି ନାରୀ ଅପମାନିତ ହୁଏ, ସେଠାରେ ବଡବଡ ସଭ୍ୟତା ଧୂଳିସାତ ହୋଇଯାଇଛି । ସେ ସ୍ୱର୍ଣ୍ଣଲଙ୍କା ହେଉ ତ ଇନ୍ଦ୍ରପ୍ରସ୍ଥ ହେଉ । ଯେଉଁଠାରେ ନାରୀକୁ ସମ୍ମାନ କରାଯାଏ, ସେଠାରେ ଦେବତାଗଣ ବାସ କରନ୍ତି । ସେହି ସମ୍ମାନ ଦେବା ଆରମ୍ଭହୁଏ ନିଜ ଜନନୀଠାରୁ ଓ ଭଗିନୀ, ପତ୍ନୀ, କନ୍ୟା ପର୍ଯ୍ୟନ୍ତ ବିସ୍ତୃତ ହୋଇଯାଏ । ପୁଣି ଏବେ ସହକର୍ମିଣୀ, ସେବିକା ପ୍ରଭୃତି ନୂତନ ସୃଷ୍ଟି ସମ୍ପର୍କରେ ମଧ୍ୟ ଶାଳୀନତା ଆମର ଅସ୍ମିତାର ପରିଚାୟକ । ଆମେ ପୃଥିବୀବାସୀ ଭୂମିମାତାର ସନ୍ତାନ । ଏହି ଭାବନା ଆମକୁ ଉଦାର ମାନବିକତାର ଉଜ୍ଜ୍ୱଳମାର୍ଗରେ ପରିଚାଳିତ କରେ । ନଚେତ୍ ନାରୀତ୍ୱ ଲାଞ୍ଛିତ ହୁଏ । ସବୁ ସମ୍ପର୍କ ପାଶବିକତାର ପଞ୍ଝା ଭିତରେ ନଷ୍ଟ ହୋଇଯାଏ ।

ଆଜି ବିଶ୍ୱାୟନ ଯୁଗରେ ମଧ୍ୟ ଆମେ ପିଲାଙ୍କୁ ଶିଖାଉଛୁ ଗୁରୁଜନଙ୍କ ପାଦ ଛୁଇଁ ପ୍ରଣାମ କରିବ । ସନ୍ଧ୍ୟାରେ ପ୍ରାର୍ଥନା କରିବ । ସାହି ପଡୋଶୀଙ୍କ ସହିତ ମିଳିମିଶି ଚଳିବ । ଏଭଳି କିଛି ଆଚରଣ କରିବନାହିଁ ଯଦ୍ୱାରା ନିଜ ପରିବାରର ସମ୍ମାନ ନଷ୍ଟ ହେବ । ଏକଥା ଠିକ୍ ଯେ, ପିଲାମାନେ ସେଥିପ୍ରତି ଗୁରୁତ୍ୱ ଦେଲେ ସେମାନଙ୍କ ବ୍ୟକ୍ତିତ୍ୱ ମାର୍ଜିତ ହେଉଛି । ନ ଦେଲେ ?

ଆମ ଭାଷାକୁ ନେଇ ଆମର ଭାବପ୍ରବଣତା ପଚୁର, ମାତ୍ର ଆମେ ଭାଷା ବ୍ୟବହାରରେ ଉଦାସୀନ । ଭାଷା ଯେ ଶାସ୍ତ୍ରୀୟମାନ୍ୟତା ପାଇଛି, ତାର ଶ୍ରେୟ ଆମ ପୂର୍ବପୁରୁଷଙ୍କର, ଯେଉଁମାନେ ଦୀର୍ଘ ଅଢେଇହଜାର ବର୍ଷ ପୂର୍ବରୁ ଓଡିଆ ଭାଷାରେ ନିଜର କୃତିତ୍ୱମାନ ରଖିଯାଇଛନ୍ତି । ମାତ୍ର ସେହି ସମ୍ମାନର ଯୋଗ୍ୟ ହେବାକୁ ଆମକୁ ରୀତିମତ ଯୋଗ୍ୟତା ଅର୍ଜନ କରିବାକୁ ପଡିବ । ବେଳେ ବେଳେ ଆମେ ଇଂରାଜୀଭାଷାରେ ନିଜର ଭାବ ପ୍ରକାଶ କରି ନପାରି ସେହି ଅଯୋଗ୍ୟତାକୁ ଆମର ଭାଷାପ୍ରୀତି ଭାବେ ଚଳାଇ ନେଉଛୁ କି ? ଭାଷା ଭାଷାର ଶତ୍ରୁ ନୁହେଁ, ବରଂ ଆମେ ହିଁ ଆମର ଶତ୍ରୁ । ଜ୍ଞାନ ବିଜ୍ଞାନ, ପ୍ରଶାସନ, ବାଣିଜ୍ୟ ପ୍ରଭୃତିରେ ଉପଯୋଗୀ ହେବାକୁ ଭାଷାକୁ ବଳିଷ୍ଠ କରିବାକୁ ପଡିବ । ଆଉ ପ୍ରାୟ ଦଶବର୍ଷ ପରେ ଆମେ ଦେଖିବା ଯେ ଯେତେ ରାଜନୀତି କ୍ଷେତ୍ରକୁ ଯୁବ ପ୍ରତିନିଧି ମାନେ ଆସିବେ, ସେମାନେ ଓଡିଆ ମାଧ୍ୟମରେ ପାଠ ପଢି ନଥିବେ । ତେଣୁ ସେଥିପାଇଁ ପ୍ରସ୍ତୁତି କରିବା ନା କାହାକୁ ଓଡିଆ ଆସେନି ତାଙ୍କୁ ଗାଳି ଦେଇ ଦାୟିତ୍ୱମୁକ୍ତ କରିବା ?

ନିଜର ଅସ୍ମିତାକୁ ସୁରକ୍ଷିତ କରିବାପାଇଁ ଆମକୁ ହିଁ ରୀତିମତ ସାଧନା କରିବାକୁ ହେବ । ନିଜର ତ୍ରୁଟି ସଂଶୋଧନ ସହିତ ଯିଏ ଓଡିଆ ବ୍ୟବହାର କରୁଛନ୍ତି, ତାଙ୍କୁ ଅନ୍ତତଃ ପ୍ରଶଂସା କରିବାକୁ ହେବ । ସରକାରୀ ଦାୟିତ୍ୱ କହି ନିରବ ରହିବା ଅସ୍ମିତାର ପରିଚାୟକ ନୁହେଁ । ମନେ କରନ୍ତୁ ଗୋଟିଏ ଶବ୍ଦ ଲାବଣ୍ୟ ଆଉ ଗୋଟିଏ ଅମୂଲ୍ୟ ଏହାର ଅବିକଳ ଇଂରାଜୀ ଅନୁବାଦ ସମ୍ଭବ ନୁହେଁ । ମୂଲ୍ୟବାନ ଓ ଅମୂଲ୍ୟର ଗୋଟିଏ ଇଂରାଜୀ ପ୍ରତିଶବ୍ଦ ହେଉଛି Precious । ପ୍ରତି ଭାଷାର ସାମର୍ଥ୍ୟ ସହିତ ଅସହାୟତା ବା ସୀମିତପଣ ରହିଛି । ମାତ୍ର ଯେଉଁ କେତୋଟି ଭାରତୀୟ ଭାଷା କ୍ରମେକ୍ରମେ ମୃତ୍ୟୁମୁଖକୁ ଯାଉଛନ୍ତି, ତା ଭିତରୁ ଓଡିଆ ଭାଷା ଗୋଟିଏ ବୋଲି ଆଲୋଚକ ମାନେ ଆଶଙ୍କା ପ୍ରକଟ କରନ୍ତି । ଆମର ଅସ୍ମିତା ହେଉଛି, ଭାଷାସୂତ୍ରରେ ଗଠିତ ଓଡିଶା ରାଜ୍ୟ ଓ ଓଡିଆ ଭାଷାର ସମ୍ମାନ ରକ୍ଷା କରିବା । ବ୍ୟବହାର ନକଲେ, ଭାଷାର ସାମର୍ଥ୍ୟ ଊଣା ହୋଇଯିବ, ଏହା କି ଅବା ନଜାଣେ ?

ଆମର ପର୍ବପର୍ବାଣୀ, ମଠମନ୍ଦିର, ଚିତ୍ର ଭାସ୍କର୍ଯ୍ୟ, କାରୁକଳା, ନୃତ୍ୟ, ସଂଗୀତ, ପୋଷାକ ପରିଚ୍ଛଦ, ଖାଦ୍ୟପେୟ ସବୁଠି ଏଭଳି ସ୍ୱାତନ୍ତ୍ୟ ରହିଛି ଯାହା ଖାଲି ଆଖିକୁ ହୁଏତ ଦିଶୁନି, କିନ୍ତୁ ଭାବପ୍ରବଣତା ନେଇ ଦିଶୁଛି । କ'ଣପାଇଁ ଆମେ ମହାମାନ୍ୟ ଅତିଥିଙ୍କୁ ଫୁଲତୋଡା ଦେଲାବେଳେ ସମ୍ବଲପୁରୀ ଶାଢି କି ପୋଷାକ ପିନ୍ଧଉଛୁ ? କାହିଁକି ସେମାନଙ୍କୁ ରାଜାରାଣୀ ମୁକ୍ତେଶ୍ୱର ମନ୍ଦିର ଦେଖାଉଛୁ କି ଓଡିଶୀ ନୃତ୍ୟ ଦେଖାଉଛୁ ? ଫେରିଲା ବେଳେ ସାଂଗରେ ଉପହାର ଦେଉଛୁ ପିପିଲି ବ୍ୟାଗ କି ଚାନ୍ଦୁଆ କାମର କାନ୍ଥଚିତ୍ର ? ଖାଇବାକୁ ଡାକିଲେ, ଦେଉଛୁ ଚକୁଳିପିଠା ଡାଲମା ? ସବୁ ଓଡିଆ ଗୁଣର ଅସ୍ମିତାର ପ୍ରଦର୍ଶନ !

ଅସ୍ମିତା ଅହଂକାର ନୁହେଁ, ବରଂ ଦୃଢତା । ନିଜ ସମ୍ପର୍କରେ ସଚେତନତା ଓ ନିଜ ପରମ୍ପରା ପାଇଁ ଗର୍ବ କରିବା ଲଜ୍ଜାର ବିଷୟ ନୁହେଁ । ସ୍ୱାଧୀନତା ସଂଗ୍ରାମ ଏପରିକି ଚୀନ ଭାରତ ଓ ଭାରତ ପାକିସ୍ଥାନ ଯୁଦ୍ଧ ସମୟରେ ଅନେକ ଦେଶାତ୍ମବୋଧକ ସଂଗୀତ ରଚିତ ହୋଇଥିଲା । ଏଗୁଡିକ ସେତେବେଳେ ଗଣମାଧ୍ୟମରେ ବହୁ ପ୍ରସାରିତ ହେଉଥିଲା ଏବଂ ଆଜି ବି

ଶୁଣିଲେ ମନରେ ଉନ୍ମାଦନା ସୃଷ୍ଟି କରେ । ଆମର କବି ଓ ଲେଖକଗଣ ଆମ ପାଇଁ ଓଡିଆ ଅସ୍ମିତାର ଯେଉଁ ବିଶାଳ ସୌଧ ନିର୍ମାଣ କରିଯାଇଛନ୍ତି, ତାର ପଟାନ୍ତର ନାହିଁ । ସେମାନଙ୍କର ପରମ୍ପରା ସଚେତନତା, ବ୍ୟାପକ ଜୀବାନାନୁଭବ ଓ ଉଦାର ଜୀବନଦୃଷ୍ଟି ଅସ୍ମିତାକୁ ଜୀବନ୍ତ ରଖେ ଓ ସାମାଜିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ ।

ଓଡିଆ ଜାତିର ଅସ୍ମିତା ଏମିତି ଖାଲି କାଗଜ କଲମର ଭାଷା ନୁହେଁ ବା ପଦ୍ୟ ଗଦ୍ୟର ଭାବ ନୁହେଁ । ଏହି ଅସ୍ମିତା ଜନ୍ମ ନେଇ କେତେ ଯେ ଓଡିଶା ବା ଓଡିଆ ପାଇଁ ଜୀବନ ଉତ୍ସର୍ଗ କରି ଦେଇଛନ୍ତି । ଏଇ ଅସ୍ମିତାର ମୂଲ୍ୟବୋଧ ସ୍ଥାନ କାଳ ପାତ୍ର ନେଇ ଜନ୍ମ ହୋଇଥାଏ । ଓଡିଆ ନିଜର ସ୍ୱାଭିମାନ ବଳରେ କଲମ ଚଳାଇ ଫକୀର ମୋହନ ସେନାପତିଙ୍କ ପରି ଭାଷା ସଂରକ୍ଷଣ ପାଇଁ ଡେଇଁ ପଡନ୍ତି, ଏଇ ଓଡିଶା ରାଇଜର ସୀମା ଓ ନାମ ବଜାୟ ରଖିବା ପାଇଁ ଓଡିଶା ମାଆର ଭୀଷ୍ମପୁତ୍ର କେବଳ କୁଳବୃଦ୍ଧ ମଧୁସୂଦନ ନୁହଁନ୍ତି, କେତେ ଦଶନ୍ଧିର ଉତ୍କଳ ସମ୍ମିଳନୀର ସଭ୍ୟମାନେ ଜୀବନ ମୂର୍ଚ୍ଛି ଭାଷାକୁ ମୁଦ୍ରା କରି ସ୍ୱତନ୍ତ୍ର ଓଡିଶା ଗଠନ କରି ଓଡିଆ ଅସ୍ମିତାର ପ୍ରାମାଣିକ ହୋଇ ରହିଛନ୍ତି ।

ଏହି ପରି ସମୟ ଆସିଛି, ପରିସ୍ଥିତି ଆସିଛି, ଯେବେ ବକ୍ସି ଜଗବନ୍ଧୁ ବିଦ୍ୟାଧର ତିଳେ ତିଳେ ଅନୁଭବ କରିଛନ୍ତି ନବାଗତ ଇଂରାଜ ସରକାର ଉପନିବେଶ ଭାବରେ ଓଡିଶା ଶାସନ କରି କେବେ ସୁଫଳ ଦେବେନାହିଁ । କେବଳ ତାଙ୍କର ବ୍ୟକ୍ତିଗତ ସମ୍ପତି ଓ ରାଜକୀୟ ପାଉଣା ବ୍ୟାଜ୍ୟାପ୍ତ ହୋଇଗଲା, ଏହି ଭାବଧାରା ନୁହେଁ, ସାମଗ୍ରିକ ଭାବରେ ଫିରିଙ୍ଗି ଶାସନର କୁଫଳ ସମସ୍ତଙ୍କ ଉପରେ ପଡିବ । ସାରା ଓଡିଶାର ରାଜା ରାଜୁଡା ଓ ଜମିଦାର ମାନଙ୍କୁ ଆଶୁ ବିପଦର ସଂକେତ ଦେଇ ନିଜେ ବାଣପୁର ଓ ଖୋର୍ଦ୍ଧାର ଯୋଦ୍ଧା ମାନଙ୍କୁ ନେଇ ବ୍ରିଟିଶ ଶାସନକୁ ଛିନ୍ନ କରିଥିଲେ । ସେତେବେଳର ସମୟ ଓ ପରିସ୍ଥିତି ଏମିତି ମାନସିକତା ସୃଷ୍ଟି କରିଥିଲା, ଯଦ୍ୱାରା ବକ୍ସିଙ୍କ ପରି ଦେଶପ୍ରେମୀ ନିଜକୁ ଜାତି ଓ ଦେଶ ପାଇଁ ଗର୍ବର ସହିତ ଉତ୍ସର୍ଗ କରିଦେଇ ବର୍ଷ ବର୍ଷର ପାଇକ ବିଦ୍ରୋହର ନେତୃତ୍ୱ ନେଇଥିଲେ । ବକ୍ସି ଜଗବନ୍ଧୁ ବିଦ୍ୟାଧର ଗୋଟିଏ ନାମ, ଏ ଜାତିରେ କେତେ ବକ୍ସି ତାଙ୍କର ସହଯୋଗୀ, ନିଜର ରକ୍ତ ବିନିମୟରେ ଚାହିଁଛନ୍ତି ଦେଶମାତୃକାର ସ୍ୱାଧୀନତା, ବିଦେଶୀ କବଳରୁ ନିସ୍ତାର ।

ଇତିହାସର ପୃଷ୍ଠାରେ ଆଗଙ୍ଗା ଗୋଦାବରୀ ଓଡିଶା ରାଷ୍ଟ୍ରର ଚିହ୍ନ ଯେବେ ଲିଭିଯିବାକୁ ବସିଥିଲା, ବଙ୍ଗୋପସାଗର ତଟରେ ଥିବା କେତୋଟି ଜିଲ୍ଲା ମୋଗଲବନ୍ଦୀ ଓଡିଶା ବୋଲି ବଙ୍ଗଳା ପ୍ରେସିଡେନ୍ସିର ଗୋଟିଏ ଡିଭିଜନ ବା ପ୍ରଶାସନିକ ଅଂଶ ହୋଇଥିଲା, ଏହି ଦୁଃସ୍ଥ ଅପରିଚିତ ଓଡିଶାରେ ଜନ୍ମ ନେଇଥିଲେ ମଧୁସୂଦନ, ନିଜର ନିଷ୍ଠା ବଳରେ ହୋଇଥିଲେ ଭାରତ ବର୍ଷର ଏଇ ଇଲାକାର ପ୍ରଥମ ସ୍ନାତକ, ପ୍ରଥମ ସ୍ନାତକୋତ୍ତର, ପ୍ରଥମ ଓକିଲ । କଲିକତାରୁ ନିଜ ରାଜ୍ୟକୁ ଫେରିଆସିବା ପରେ ଅନୁଭବ କରିଥିଲେ, ନିଜର ରାଜ୍ୟର କିଛି ସତ୍ତା ହିଁ ନାହିଁ । ସମଗ୍ର ଓଡିଆ ଭାଷୀ ଅ□ଳର ରାଜା ଓ ବିଶିଷ୍ଟ ଲୋକମାନଙ୍କ ସହଯୋଗରେ ଗଢିଥିଲେ ଉତ୍କଳ ସମ୍ମିଳନୀ । ନିଜ ବକ୍ତବ୍ୟ, ରଚନା ଓ ଦେଶାତ୍ମବୋଧ ଗୀତର ଧାରା ପାଠକ ମାନଙ୍କ ମନରେ ଶିହରଣ ଖେଳାଇଦିଏ । ସେଇ ସାଧନାର କୃତିତ୍ୱ ହେଉଛି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ । ଏହି ମହାମାନବ ଦିନେ ଦେଶର କଂଗ୍ରେସ ସମ୍ମିଳନୀ ଛାଡି ଓଡିଆ ଜାତୀୟତା ନେଇ ଓଡିଶା ଗଠନ ଦାବିରେ ଅଟଳ ଥିଲେ । ଜାତୀୟ ସ୍ରୋତରେ ଭାସିଗଲେ, ଓଡିଶା ଗଠନ ଉପେକ୍ଷିତ ହୋଇଯିବ, ଏହି ଭାବନାରେ ସିଏ ଉତ୍କଳ ଜନନୀର ସଂହତି କଳ୍ପେ ନିଜର ମନପ୍ରାଣ ଦେଇ କାର୍ଯ୍ୟ କରିଥିଲେ, ମୃତ୍ୟୁ ବେଳକୁ ଶୁଣିଥିଲେ ଯେ ଓଡିଶା ଗଠନ ବିଲାତ ପାର୍ଲିଆମେଣ୍ଟରେ ଗୃହୀତ ହୋଇଯାଇଛି । ତାଙ୍କ ମୃତ୍ୟୁର ଦୁଇବର୍ଷ ପରେ ତାଙ୍କର ସ୍ୱପ୍ନର ଓଡିଶା ସ୍ୱତନ୍ତ୍ର ରୂପ ପାଇଥିଲା ।

ଏଇ ଉତ୍କଳ ଜନନୀ ମଧୁସୂଦନଙ୍କ ପରି ଅନେକ ସୁପୁତ୍ର ମାନଙ୍କର ଅସ୍ମିତା ବୋଧରେ ଆଜି ସମୃଦ୍ଧ, ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ଓଡିଆ ଅସ୍ମିତା କିଏ କଳିପାରିବ ? ସିଏ ଉତ୍କଳ ଜନନୀର ଆଉ ଜଣେ ଦୃଢ ପ୍ରତିଜ୍ଞ ସନ୍ତାନ । ଗଜପତି ମାତୃଭୂମିର ସ୍ୱତନ୍ତ୍ର ପରିଚୟ ଓ ସୀମା ନିର୍ଦ୍ଧାରଣରେ ବହୁ ତ୍ୟାଗ ସ୍ୱୀକାର କରି ନିର୍ଣ୍ଣାୟକ ହୋଇପାରିଥିଲେ । ଭାଷା, ଜଗନ୍ନାଥ ଓ ସଂସ୍କୃତିର ଅସ୍ମିତା ବଳରେ ହଜି ଯାଉଥିବା ଗୋଟିଏ ଜାତିର ପରିଚୟ ଥାପିଛନ୍ତି ବିଶ୍ୱ ଦରବାରରେ ।

ମୁଦ୍ରଣ ଯନ୍ତ୍ରର ବ୍ୟବହାର ଏ ଦେଶର ମାଟିକୁ ଛୁଇଁଲା ବେଳେ, ଓଡିଆରେ ରଚିତ ପୋଥିପତ୍ର ଗତ ପ୍ରଶସ୍ତ ଭାଷାଟି ନିଜର ପରିଚୟ ହରାଇଥିଲା । ଇତିହାସରେ ବିଦେଶୀ ଇଂରେଜମାନଙ୍କ ସହିତ ଅନ୍ତରଙ୍ଗ ହୋଇଥିବା ପଡୋଶୀ ଭାଷାଭାଷୀ ମାନେ ଓଡିଆ ଭାଷାକୁ ଭାଷାର ମାନ୍ୟତା ଦେବାପାଇଁ ମୁଦ୍ରିତ ପୁସ୍ତକ ରାଶିର ହିସାବ ଖୋଜୁଥିଲେ । ଏହି ସମୟରେ ଯେଉଁ କେତେ ଜଣ ଉତ୍କଳ ସନ୍ତାନ ଭାଷାକୁ ରୂପଦେଇ ଓଡିଆ ଭାଷାର ମର୍ଯ୍ୟାଦା ରକ୍ଷା କରିଥିଲେ, ସେମାନଙ୍କ ମଧ୍ୟରେ ବ୍ୟାସକବି ଫକୀର ମୋହନ ସେନାପତି ଅନ୍ୟତମ । ନିଜର ଅନୁଭବକୁ ସରଳରେ ରୂପ ଦେଇ ବ୍ୟଙ୍ଗ, ବିଦ୍ରୂପ ଓ ଲୋକମାନଙ୍କର ପ୍ରକୃତ କଥିତ ଭାଷାରେ ରଚିତ ଗଳ୍ପ, ପଦ୍ୟ ଗୁଡିକରେ ଓଡିଆ ଜାତିର ଗହନ ବ୍ୟାଖ୍ୟା କରିବା ସହିତ ଲୋକ ମାନଙ୍କୁ ଓଡିଆ ଜାତୀୟତାରେ ଉଦ୍‌ବୁଦ୍ଧ କରିଛନ୍ତି । ସିଏ ଓଡିଆ ଭାଷାର ଜଣେ ଯୋଗଜନ୍ମା ସାଧକ, ବ୍ୟାସକବି ଭାବରେ ନାମିତ । ଭାଷା କ୍ଷେତ୍ରରେ ଓଡିଶା ମାତାର ଅନେକ ସନ୍ତାନ ଭାଷାର ବ୍ୟାପକତା ରଚନା କରିଦେଇଛନ୍ତି, ଭାଷାକୁ ଆଜିର ମାନ୍ୟତା ଦେବାର ପୃଷ୍ଠଭୂମି ଗଢିତୋଳିଛନ୍ତି ।

ଦେବଭୂମି ଓଡିଶା । ଇଂରେଜଙ୍କ ଭାରତରେ ରାଜ୍ୟ ପାଇଁ ସୀମା ଖୋଜା ହେବାର ଶହ ଶହ ବର୍ଷ ପୂର୍ବରୁ ଦଣ୍ଡାୟମାନ ନଭଶ୍ଚୁମ୍ବୀ ମନ୍ଦିର ମାଳିନୀ ରାଜ୍ୟ । ଅପର୍ଯ୍ୟାପ୍ତ ପ୍ରତ୍ନତତ୍ତ୍ୱ ସମ୍ବଳରେ ସମୃଦ୍ଧ କଳିଙ୍ଗ ଉତ୍କଳ ଓଡିଶା । ଏ ସବୁ ଅର୍ଜିତ ସମ୍ବଳର ଐତିହ୍ୟରେ ଅଳଙ୍କୃତ ଓଡିଶା ବାସ୍ତବରେ ଶିହରଣ ଖେଳାଇ ଦିଏ ଆଜିର ଦାୟାଦ ମାନଙ୍କ ମନରେ, ପୂର୍ବ ପୁରୁଷ ମାନଙ୍କର କାରିଗରୀ ପ୍ରତିଭାରେ, ସୃଜନଶୀଳତାରେ ଆଉ ଏଇ ଉତ୍କୃଷ୍ଟ କଳାର ଦେଶକୁ ବିଶ୍ୱବିଖ୍ୟାତ କରି ଗଢି ତୋଳିବାର ପ୍ରୟାସରେ । କେତେ ବଡ ମାନସିକତା ଓ ଆଧାତ୍ମିକତାର ଅଦୃଷ୍ଟ ବଳୟରେ ଜଗନ୍ନାଥଙ୍କୁ ସ୍ଥାନ ଦେଇଛି

ଏ ପୁଣ୍ୟଭୂମି, ପ୍ରୋତ୍ସାହନ ଦେଇଛନ୍ତି ଓଡିଶା ରାଷ୍ଟ୍ରର ଗଜପତି ରାଜା ସମ୍ପ୍ରଦାୟ । ବିସ୍ମୟ ଆସେ ମନରେ ଏ ରାଜ୍ୟର ଇତିହାସ ପୃଷ୍ଠା ଅବଲୋକନ କଲେ । ଏଗୁଡିକ ସବୁରି ମନରେ ଅସ୍ମିତା ଗଢି ତୋଳିବାର ଉପାଦାନ ସାଜିଛନ୍ତି ।

ଏମିତି ଇତିହାସ ପୃଷ୍ଠାରେ ଦିନେ ନିଜର ଐତିହ୍ୟ ହରାଇଥିବା ଓଡିଶା ରାଜ୍ୟ ଅଗଣିତ ଓଡିଆ ସନ୍ତାନ ମାନଙ୍କର ଅସ୍ମିତା ବଳରେ ଆଜିର ରୂପ ନେଇଛି । ଯଦି ଏହି ଅସ୍ମିତା ଭାବ ମନରେ ଉଦ୍ରେକ ହୋଇ ନଥାନ୍ତା, ଏ ରାଜ୍ୟ, ଭାଷା ଓ ବିଶାଳ କୀର୍ତ୍ତିରାଜିର ବର୍ତ୍ତମାନ ସ୍ଥିତି କିପରି ଥାଆନ୍ତା, ଅକଳ୍ପନୀୟ ।

ଆଜି ବି ବିଶ୍ୱାୟନ ଯୁଗରେ ଯେତେବେଳେ ରାଜନୀତି ଫିକା ପଡିଗଲାଣି, ଯେତେବେଳେ ବଣିଜ ଆଉ ଅର୍ଥ ସାଜିଛି ଜୀବନର ପାଥେୟ, କୁଆଡୁ ଆସୁଛି ଏହି ଓଡିଆ ଅସ୍ମିତାର ତେଜ ? ମୁଁ ଶୁଣିଥିବା ଜଣେ କୁଶଳୀ ସେଫ୍ ବା ମୁଖ୍ୟ ପାଚକ ଯିଏ ମୋତେ ଅନୁଭବ ହେଉ ନଥିବା ଓଡିଆ ଅସ୍ମିତାର ଉଦାହରଣ ସାଜିଛନ୍ତି । ନିଜେ ପ୍ରଶିକ୍ଷଣ ବଳରେ ବଡ ହୋଟେଲରେ ମୁଖ୍ୟ ରୋଷେଇଆ ବା ସେଫ୍ ଭାବରେ ସୁଦୂର କାନାଡାର ମଣ୍ଟ୍ରିଲ୍‌ର ଏକ ଭାରତୀୟ ହୋଟେଲକୁ ଯାଇଥାନ୍ତି । ବହୁ ଦରମାରେ ବି ମନ ପୂରୁ ନଥାଏ । ଦଶମାସ କାଳ ତାଙ୍କ ପାଟିରୁ ଓଡିଆ ବାହାରୁନି, କାହାରି ମୁହଁରୁ ଓଡିଆ ଶୁଣିବାକୁ ପାଇ ନାହାନ୍ତି । ପାଗଳ ହୋଇଯିବା ପରି ଲାଗୁଛି । ପକେଟରେ ଯେତେ ଡଲାର ଥାଉ, ତାକୁ ମୂଲ୍ୟହୀନ ଲାଗୁଛି । କିଏ ହିନ୍ଦୁସ୍ଥାନୀ ଲୋକ ହିନ୍ଦି କହିଲେ, ତାଙ୍କୁ ଓଡିଆ ପରି ଭ୍ରମ ଆସୁଛି, କିନ୍ତୁ କାହିଁ ଆମ ଓଡିଶାର ଭାଷା ? ଓଡିଆ ପଦଟିଏ କାନରେ ବାଜନ୍ତା କି !

ଯେଉଁ ଦିନ ପ୍ରଥମ ପାଞ୍ଚଜଣ ଭାତ ଶାଗ ମାଛ ଖାଇବାକୁ ବରାଦ ଦେଲେ, ସିଏ ଧାଇଁ ଆସିଲେ ଦେଖିବାକୁ ଏମାନେ କଅଣ ଓଡିଶାରୁ ଆସିଛନ୍ତି ? ସତରେ ଯେତେବେଳେ ଶୁଣିଲେ ଏମାନେ ଓଡିଆରେ କଥାଭାଷା ହେଉଛନ୍ତି, ନିଜେ ବିସ୍ମୟରେ ବିମୂଢ ହୋଇପଡିଲେ । ପାଟିରୁ ଭାଷା ବାହାରିଲା ନାହିଁ । ମୁହଁରେ ତେଜ ଆସିଗଲା । କୁଶଳତାର ବାର୍ତ୍ତା ଦେଇ ଆନନ୍ଦରେ ନାଚି ଉଠିଲେ । ଓଡିଶାର ଭଲମନ୍ଦ, ଜଗନ୍ନାଥଙ୍କ ଦୟା ସବୁ ଆଲୋଚନା କରି ଆପଣ ପଖାଳ ଖାଇବେ କି ବୋଲି ପଚାରିଥିଲେ ।

ତାଙ୍କର ଓଡିଆ ପ୍ରାଣର ପରିଚୟ ପାଇ ତାଙ୍କୁ ଜଣେ ବତାଇଦେଲେ, ଏଠାରେ ଯଦି ଓଡିଆ ସମାଜ ନାହିଁ ନିକଟସ୍ଥ ସହରରେ ଜଗନ୍ନାଥ ମନ୍ଦିର ଅଛି, ଓଡିଆ ସମାଜ ରହିଛି । ଅବସର ପାଇଲେ ସେଠାକୁ ଗଲେ, ନିଜର ଅସ୍ମିତା ବିନୋଦିତ ହେବ । ଓଡିଆ ମାନେ ବିନା ଜଗନ୍ନାଥ ମନ୍ଦିରରେ ବେଶୀଦିନ ତିଷ୍ଠିବାର ଉଦାହରଣ ନାହିଁ । ଓଡିଶାର ଗାଁ ଗାଁର ସଂସ୍କୃତି କେବଳ ଭାରତରେ ନୁହେଁ ବିଶ୍ୱର କୋଣ ଅନୁକୋଣରେ ଗଢି ତୋଳିଛନ୍ତି ।

ଏମିତି ମହାଭାରତ ଯୁଗାନ୍ତରରୁ ବଣିଜପ୍ରିୟ ଏଇ ଓଡିଆ ଜାତି ପୂର୍ବ ପ୍ରାଚ୍ୟରେ ନିଜର ଉପନିବେଶ ଗଠନ କରେ ଇଂରେଜଙ୍କ ଦୁଇ ସହସ୍ରାବ୍ଦ ପୂର୍ବରୁ । ମନ୍ଦିର ଓ ଧର୍ମ ସବୁ କଳିଙ୍ଗରୁ ପ୍ରାପ୍ତ । ଏଇ ରାଜ୍ୟର ପ୍ରାକୃତିକ ବିଭବ, ଦେବଦେବୀ ଓ ସଂସ୍କୃତି ପାଲଟଣା ବୋଇତରେ ବିଦେଶ ମାଟିରେ ଦେଖାଯାଏ ।

ଜାଣି ଶୁଣି ମନରେ ଏଇ ଅସ୍ମିତା ଜାତ ହୁଏନି । ସମୟ କ୍ରମେ ମନରେ ଜାତିର ଗର୍ବ ଗୌରବ ଗଢି ଉଠେ ବାଲ୍ୟ କାଳରୁ । କେଉଁ କାରଣରୁ ଆମର ମନରେ ଜାତିର ଗାଥା, ଜାତିକୁ ଆହ୍ୱାନ ରକ୍ତ ଗରମ କରିଦିଏ, କାହିଁକି ମନକୁ ଆସେ ଯେମିତି ଆମ ଜେଜ ଜେଜବାପା ମାନେ କୋଣାର୍କ ପରି କଳାକୃତିର ପରିଚୟ ଦେଇ ଆମକୁ ମନ ପ୍ରାଣରେ ବଳୀୟାନ ହେବାକୁ ଉତ୍ସାହିତ କରୁଛନ୍ତି । ଆମ ଭାଷା ସାହିତ୍ୟକୁ ପ୍ରାଣବନ୍ତ କରି ଆମର ଭାବ ଓ ଜୀବନର ଦିଗ୍‌ଦର୍ଶକ ହୋଇଛନ୍ତି ।

*ପ୍ରାକ୍ତନ ପ୍ରଫେସର, ଓଡିଆ ଭାଷା ସାହିତ୍ୟ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ*
*ବି-୩୫, ସହିଦନଗର, ଭୁବନେଶ୍ୱର*

●●●●



# ଗୋଷ୍ଠୀଗତ ସ୍ୱାଭିମାନ-ଓଡିଶା ପରିପ୍ରେକ୍ଷୀରେ

*ଡକ୍ଟର ଫକୀର ମୋହନ ସାହୁ*

ସ୍ୱାଭିମାନ ଶବ୍ଦଟି ଆମର ଦୈନନ୍ଦିନ କଥାବାର୍ତ୍ତାରେ ବହୁ ବ୍ୟବହୃତ ପରିଭାଷା। କିନ୍ତୁ କ'ଣ ଏହାର ପରିମାଣ ଏବଂ କ'ଣ ଏହାର ବିକାଶର ମାର୍ଗ ଏ ବିଷୟରେ ବହୁଲୋକ ସଚେତନ ନୁହଁନ୍ତି। ଫଳରେ ସ୍ୱାଭିମାନକୁ କେନ୍ଦ୍ରକରି ବହୁ ସମୟରେ ଆମର ବାଦ ବିସମ୍ବାଦ ସୃଷ୍ଟି ହୁଏ। ଓଡିଆ ହିସାବରେ ଆମର ସ୍ୱାଭିମାନ କମ୍ କି ବେଶୀ ସେ ବିଷୟରେ ତର୍କ ହୁଏ। ସ୍ୱାଭିମାନର ସ୍ତର ଯାହା ହେଉ ନା କାହିଁକି ଏହାର ବିକାଶ ଯେ ଓଡିଆ ଓ ଓଡିଶା ପାଇଁ ହିତକର ଏଥିରେ ସନ୍ଦେହ ନାହିଁ। ସୁତରାଂ ସ୍ୱାଭିମାନକୁ ନେଇ କିପରି ବିଜ୍ଞାନ ସମ୍ମତ ପଦ୍ଧତିରେ ଆନ୍ଦୋଳନ କରାଯାଇ ପାରିବ ଏବଂ ଅଧିକରୁ ଅଧିକ ବିକଶିତ କରାଯାଇ ପାରିବ, ତାହାର ଆଲୋଚନା ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ଲୋକର ନିଜ ସମ୍ପର୍କରେ କିଛିଟା ଧାରଣା ଥାଏ। ଏହାକୁ ସ୍ୱପ୍ରତ୍ୟୟ କୁହାଯାଏ। ଶାରୀରିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ସେ ସୁସ୍ଥ କି ଅସୁସ୍ଥ, ମୋଟାମୋଟି ଧାରଣା କରାଯାଏ। ବ୍ୟକ୍ତିର ବୁଦ୍ଧିମତ୍ତା ଉଚ୍ଚ କି ନୀଚ ସ୍ତରର, ତାହାର ମଧ୍ୟ ଧାରଣାକୁ ଆସେ। ସାମାଜିକ ଜୀବନରେ ସେ କେତେ ଦକ୍ଷ ଏ ପ୍ରଶ୍ନର କିଛିଟା ଉତ୍ତର ଥାଏ। ସେ ଅନ୍ୟମାନଙ୍କ ସହ ମିଳିମିଶି ଚଳି ପାରିବ କି ? ଅନ୍ୟମାନଙ୍କ ସହିତ ବେଶ୍ କିଛି ସମୟ କଥାବାର୍ତ୍ତା କରିପାରିବ କି ? ଏହାର ମାନସିକ ଆକଳନ ଥାଏ ପାରିବାରିକ ପରିପ୍ରେକ୍ଷୀରେ ପରିବାରର ଲୋକମାନେ ତାକୁ ଅଦରକାରୀ କି କ୍ଷତିକାରକ ମନେକରନ୍ତି କି ପରିବାରର ଏକ ସ୍ତମ୍ଭରୂପେ ବିଚାର କରନ୍ତି? ଏହି ବିଷୟ ଗୁଡିକରେ ପ୍ରତ୍ୟେକଙ୍କର ଏକ ନିଜସ୍ୱ ନୈତିକ ଆକଳନ ମଧ୍ୟ ଥାଏ। ନୀତି ଦୃଷ୍ଟିରୁ ସେ ସବଳ କି ଦୁର୍ବଳ ? ମୋଟ ଉପରେ, ବାସ୍ତବ ଦୃଷ୍ଟିକୋଣରୁ ତାର କେଉଁଠାରେ ଓ କେତେ ସବଳତା ବା ଦୁର୍ବଳତା ରହିଛି, ତାହା ଭିନ୍ନକଥା। ମାତ୍ର ବ୍ୟକ୍ତିର ଏକ ନିଜସ୍ୱ ମୂଲ୍ୟାୟନ ଥାଏ। ଏହାକୁ ଚିହ୍ନଟ କରିବା ଅସାଧ୍ୟ ନୁହେଁ। ନିଜ ସମ୍ପର୍କରେ ଏହି ଧାରଣାସବୁ ଅଧିକ ମାତ୍ରାରେ ସକାରାତ୍ମକ ହୋଇଥିଲେ ବ୍ୟକ୍ତି ନିଜକୁ ଶ୍ରଦ୍ଧାକରେ। ନକାରାତ୍ମକ ହୋଇଥିଲେ ସମସ୍ୟା ସୃଷ୍ଟିହୁଏ। ଏହି ସକାରାତ୍ମକ ସ୍ୱପ୍ରତ୍ୟୟ ବା ଆତ୍ମଧାରଣା ହେଉଛି ଆତ୍ମମର୍ଯ୍ୟାଦାବୋଧ।

ଆମର ନିଜ ପ୍ରତି ଧାରଣା ବା ସ୍ୱପ୍ରତ୍ୟୟ ଯେପରି ଆମର ଭଲମନ୍ଦ ଅନୁଭୂତିକୁ ପ୍ରଭାବିତ କରେ, ଆମର ଗୋଷ୍ଠୀଗତ ପ୍ରତ୍ୟୟ ବା ଧାରଣା ମଧ୍ୟ ଆମକୁ ବେଶ୍ ପ୍ରଭାବିତ କରେ।

ଗୋଷ୍ଠୀ ସହିତ ସମ୍ପୃକ୍ତ ହେବା ପ୍ରତି ମଣିଷର ଏକ ସହଜାତ ପ୍ରବୃତ୍ତି। ଏକାଠି ରହିବା, ଏକାଠି କାମକରିବା ଏବଂ ସଂଗ୍ରାମ କରିବା ମାଧ୍ୟମରେ ମଣିଷ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଦଳଭୁକ୍ତ ହୁଏ। ଏପରିକି ଏକାଠି ଖାଇବା ଏବଂ ଏକାଠି ବୁଲିଯିବା ପରି ସହଜ ମାଧ୍ୟମ ବି ଗୋଷ୍ଠୀଗଠନର କାରଣ ହୋଇପାରେ। କିପରି ଭାବରେ ମାମୁଲି କାମ ସାଧନାରେ ଲୋକମାନେ ଦଳକୁ ଆପଣେଇ ନିଅନ୍ତି, ତାହାର ଏକ ସରଳ ଉଦାହରଣ ଦିଆଯାଇପାରେ।

ଧରାଯାଉ ବହୁସଂଖ୍ୟକ ଲୋକଙ୍କୁ ଗୋଟିଏ ଧାଡିରେ ଲମ୍ବାକରି ଠିଆ ହେବାକୁ କୁହାଗଲା। ଧାଡି ଆରମ୍ଭରୁ ୧ ରୁ ୫ ପର୍ଯ୍ୟନ୍ତ ଉଚ୍ଚାରଣ କରିବାକୁ କୁହାଗଲା। ଏହି ଭିତ୍ତିରେ ଉପସ୍ଥିତ ଥିବା ସମସ୍ତଲୋକଙ୍କୁ ପାଞ୍ଚୋଟି ଦଳରେ ବିଭକ୍ତ କରାଗଲା। ପୁଣି ଧରାଯାଉ ଯେ ପ୍ରଥମ ଦଳଟିକୁ ଲାଲ, ଦ୍ୱିତୀୟ ଦଳକୁ ହଳଦିଆ, ତୃତୀୟଟିକୁ ନାରଙ୍ଗୀ, ଚତୁର୍ଥଟିକୁ ଗୋଲାପୀ ଏବଂ ପଞ୍ଚମଦଳଟିକୁ ବାଇଗଣୀ ନାମ ଦିଆଗଲା। ଦଳଗୁଡିକୁ ଏହି ନାମ ନେଇ କିଛି ସମୟ ଲାଗି କୁଇଜ୍ ପ୍ରତିଯୋଗିତାରେ ଭାଗନେଲେ। କୁଇଜ୍ ପ୍ରତିଯୋଗିତାର ଅଳ୍ପ ସମୟ ପରେ ସେମାନଙ୍କୁ ଏହି ପାଞ୍ଚୋଟି ରଂଗର ବୃତ୍ତ ଦେଖାଇଦିଆଗଲା। ଆକର୍ଷଣଶୀଳତାର ଏହି କ୍ରମ ଅନୁଯାୟୀ ବୃତ୍ତ ଗୁଡିକୁ ସଜାଇବାକୁ ପ୍ରତ୍ୟେକ ବ୍ୟକ୍ତିକୁ ଅଲଗା ଅଲଗା କୁହାଗଲା।

ବ୍ୟକ୍ତିମାନେ କେଉଁ ଉତ୍ତର ଦେଇଥିବା ବୋଲି ଆପଣ ଭାବୁଛନ୍ତି ? ଆପଣ ମନେକରିପାରନ୍ତି ଯେ, ରଂଗ ପସନ୍ଦ କ୍ଷେତ୍ରରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଆଖିଦୃଶିଆ ପାର୍ଥକ୍ୟ ଥିବାରୁ ବିଭିନ୍ନ ଲୋକ ବିଭିନ୍ନ ରଂଗକୁ ନିଜର ପ୍ରିୟ ବୃତ୍ତ ବୋଲି ଦର୍ଶାଇବେ। ମାତ୍ର ଦେଖାଗଲା ଯେ, ନାରଙ୍ଗୀ ରଂଗର ଦଳରେ ଅନ୍ତର୍ଭୁକ୍ତ ହୋଇଥିବା ଲୋକମାନେ ନାରଙ୍ଗୀ ବୃତ୍ତକୁ ଅଧିକ ପସନ୍ଦ କରୁଛନ୍ତି। ସେହିପରି ଗୋଲାପୀ ରଂଗର ଦଳରେ ରହିଥିବା ଲୋକମାନେ ଗୋଲାପୀ ରଂଗକୁ ସେମାନଙ୍କ ତାଲିକାରେ ପ୍ରଥମ ସ୍ଥାନ ଦେଉଛନ୍ତି। ଅଳ୍ପକେତେ ସମୟର କୁଇଜ୍ ପ୍ରତିଯୋଗିତାରେ ସମୟ କାଟିବାର ଅନୁଭୂତି ସେମାନଙ୍କର ସାମାଜିକ ପ୍ରବୃତ୍ତ୍ରୁ ଅନାବୃତ କରୁଛି।

ଗୋଷ୍ଠୀ ପରିଚିତି ଏହି ମଂଜକଥାକୁ ଭିତ୍ତିକରି ଓଡିଶାର ଭୌଗୋଳିକ ସ୍ଥିତି, ଇତିହାସ, ପରମ୍ପରା, ଐତିହ୍ୟ ଓ ସଫଳତାକୁ କେନ୍ଦ୍ରକରି ଆମର ସମ୍ପୃକ୍ତିକୁ ବିଚାର କରାଯାଇପାରେ। ସ୍ୱାଭାବିକ ଭାବରେ ଆମର ଗୋଷ୍ଠୀ ପରିଚିତି

ସ୍ୱାଭିମାନ ଗଭୀର ଦେବାର କଥା । କିନ୍ତୁ ଗଭୀରତାର ଆକଳନ ପୂର୍ବରୁ ଆମକୁ ଏକ ବିଜ୍ଞାନ ସମ୍ମତ ଉପାୟରେ ଆକଳନ ପଦ୍ଧତି ପ୍ରୟୋଗ କରିବାକୁ ହେବ ।

ମନୋବିଜ୍ଞାନୀମାନେ ଏକ ସବୁଜ ଓ ସରଳ ଉପାୟରେ ଗୋଷ୍ଠୀଗତ ସ୍ୱାଭିମାନର ସ୍ତର ନିର୍ଦ୍ଧାରଣ କରନ୍ତି । ଏହାକୁ ବିଂଶ ବାକ୍ୟ ପଦ୍ଧତି ବା "ମୁଁ କିଏ ?" ପଦ୍ଧତି କୁହାଯାଏ । ଏହି ପଦ୍ଧତି ଅନୁଯାୟୀ ବ୍ୟକ୍ତିକୁ "ମୁଁ" ଆରମ୍ଭରେ ରଖି କୋଡିଏଟି ବାକ୍ୟ ଗଠନ କରିବାକୁ କୁହାଯାଏ । ଅନ୍ୟ ପ୍ରକାରରେ କହିଲେ, "ମୁ କିଏ ?" ପ୍ରଶ୍ନର ଉତ୍ତର କୋଡିଏଟି ବାକ୍ୟରେ ପ୍ରକାଶ କରିବାକୁ କୁହାଯାଏ ।

ଏପରି ପରିମାପର ସମ୍ମୁଖୀନ ହେଲେ ଲୋକମାନେ ସାଧାରଣତଃ କଣ କରନ୍ତି ? ଦେଖାଯାଇଛି ଯେ, ଏସିଆ ଓ ଆଫ୍ରିକାର ଲୋକମାନେ ସାଧାରଣତଃ ଗୋଷ୍ଠୀମୁଖୀ । ସେମାନେ କୋଡିଏଟି ବାକ୍ୟ ଲେଖିବା ସମୟରେ ପ୍ରଥମରୁ ବେଶୀ ସଂଖ୍ୟକ ଗୋଷ୍ଠୀସଂଶ୍ଲିଷ୍ଟ ବାକ୍ୟସବୁ ଦିଅନ୍ତି (ଯଥା – ମୁଁ ଜଣେ ପୁରୁଷ; ମୁଁ ଜଣେ ଭାରତୀୟ; ମୁଁ ଓଡିଆ; ମୁଁ ଭୁବନେଶ୍ୱର ନିବାସୀ ... ଇତ୍ୟାଦି ଇତ୍ୟାଦି) । ଅନ୍ୟପକ୍ଷରେ ପାଶ୍ଚାତ୍ୟ ଦେଶ ଗୁଡିକ ମୁଖ୍ୟତଃ ବ୍ୟକ୍ତିକୈନ୍ଦ୍ରିକ । ଏସବୁ ଦେଶର ଲୋକମାନେ ଅଧିକ ପରିମାଣରେ ବ୍ୟକ୍ତି-ସଂଶ୍ଲିଷ୍ଟ ବାକ୍ୟ ଦିଅନ୍ତି (ଯଥା – ମୁଁ ଜଣେ ଭିନ୍ନ ପ୍ରକୃତିର ମଣିଷ; ମୁଁ ଖେଳପ୍ରିୟ; ମୁଁ ଅଳସୁଆ ... ଇତ୍ୟାଦି ଇତ୍ୟାଦି) । ବିଶେଷତଃ ଆରମ୍ଭରୁ ଅଧିକ ବ୍ୟକ୍ତି-କୈନ୍ଦ୍ରିକ ବାକ୍ୟ ସ୍ଥାନ ପାଏ ।

ଏ ପଦ୍ଧତିଟି ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ଯେ ଏହାର ପ୍ରୟୋଗ କରି ଆପଣ ଅନେକ କଥା ଜାଣିପାରିବେ । ବ୍ୟକ୍ତିସ୍ତରରେ ଆପଣ ଜାଣିପାରିବେ ଯେ ଏହି ମାପକଟି ଅନୁସାରେ ଉତ୍ତର ଦେଇଥିବା ବ୍ୟକ୍ତିଟି କେତେ ପରିମାଣରେ ଓଡିଆ ଓ ଓଡିଶା ସହିତ ସମ୍ପୃକ୍ତି ଦର୍ଶାଉଛି । ଅବଶ୍ୟ ଏହା ବ୍ୟତୀତ ଏ ପ୍ରକାର ବିଶ୍ଲେଷଣ ବ୍ୟକ୍ତି ସମ୍ପର୍କର ଆଉ କେତେକ ସୂଚନା ଦେଇଥାଏ । ଲୋକଟିର ବ୍ୟକ୍ତିଗତ ବୈଶିଷ୍ଟ୍ୟ (ନାମ, ବୟସ, ଲିଙ୍ଗ, ଧର୍ମ) ଜଣାଯାଏ । ଲୋକଟିର ପେସା, ରଚି, ଆଗ୍ରହ, ଅନାଗ୍ରହ, ବନ୍ଧୁ ବଳୟ ମଧ୍ୟ ଚିହ୍ନଟ କରାଯାଇପାରେ । ବ୍ୟକ୍ତିଗତ ମୂଲ୍ୟବୋଧ (ମାନବିକତା, ସମ୍ବେଦନଶୀଳତା ଇତ୍ୟାଦି) ପ୍ରତିଫଳିତ ହୋଇପାରେ । ବିଷୟା ସମ୍ପତ୍ତି (ମୁଁ କାର ମାଲିକ, କମ୍ପାନୀ ମାଲିକ) ସମ୍ପର୍କରେ ଆଭାସ ମିଳେ । ବ୍ୟକ୍ତିଗତ ବୈଶିଷ୍ଟ୍ୟର (ଯଥା – ସଦ୍‌ଗୁଣ, ବଦ୍‌ଗୁଣ ) ସୂଚନା ମିଳେ । ଆମେ ବିଜ୍ଞାନ ସମ୍ମତ ଉପାୟରେ ଜଣେ ବ୍ୟକ୍ତି ବିଷୟରେ ଯେପରି ଜାଣିପାରୁ, ଗୋଟିଏ ଗୋଷ୍ଠୀ ସମ୍ପର୍କରେ ମଧ୍ୟ ପରିଚିତି ହେବା ସମ୍ଭବପର ହୁଏ । ଧରାଯାଉ ଶହେ ଜଣ ଓଡିଆ ଲୋକଙ୍କୁ ଏପରି ଏକ ପରିମାପକ ଦିଆଗଲା । ଦୁଇଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ହେଉଛି: କେତେ ପ୍ରତିଶତ ଲୋକ "ମୁଁ ଓଡିଆ" ବାକ୍ୟଟି ଲେଖିଛନ୍ତି ? ଦ୍ୱିତୀୟତଃ "ମୁଁ ଓଡିଆ " ବୋଲି ଲେଖିଥିବା ବ୍ୟକ୍ତିମାନେ ସେମାନଙ୍କ ତାଲିକାରେ କେଉଁ ସ୍ଥାନରେ ଏହି ବାକ୍ୟଟିକୁ ସ୍ଥାନିତ କରିଛନ୍ତି ? ଏତଦ୍‌ବ୍ୟତୀତ ଉଡିଆ ଭାଷାସଂସ୍କୃତି ଏବଂ ଓଡିଶାର ଐତିହ୍ୟ ଓ ଗୌରବ ସମ୍ପର୍କରେ କେତେ କେତେ ବାକ୍ୟ ସମଗ୍ର ସର୍ବେକ୍ଷଣ ଦଳରେ କେତେ ପ୍ରତିଶତ ସ୍ଥାନ ପାଇଛି ?

ସର୍ବେକ୍ଷଣର ଫଳାଫଳ ଆପଣମାନେ ଅନୁମାନ କରନ୍ତୁ । ବର୍ତ୍ତମାନ ଅପସଂସ୍କୃତି ଯେପରି ଧସେଇ ପଶୁଛି, ସେଥିରେ ସ୍ୱାଭିମାନ ବିପର୍ଯ୍ୟସ୍ତ ହେବା ସ୍ୱାଭାବିକ । ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍ୱାଭିମାନର ସୁରକ୍ଷା ଓ ବିକାଶ ଲାଗି ଆମେ କଣ ଲରିପାରିବା ? ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ କେତୋଟି ମାର୍ଗଦର୍ଶନର ଅବତାରଣା କରାଯାଇପାରେ ।

## ସ୍ୱାଭିମାନର ବ୍ୟବହାରିକ ଉତ୍ସ ଓ ବିକାଶ –

କେଉଁ ସବୁ ପାରିପାର୍ଶ୍ୱିକ ଅବସ୍ଥା ଆମର ସ୍ୱାଭିମାନକୁ ଉନ୍ନତର କରୁଛି – ସେ ସବୁକୁ ଚିହ୍ନଟ କରିବା ସାଧାରଣ ଲୋକ ପକ୍ଷରେ ମଧ୍ୟ ସମ୍ଭବ । କିନ୍ତୁ ଏଥିରେ ବାଂଛନୀୟ ପରିବର୍ତ୍ତନ ଆଣିବା ହିଁ ପ୍ରକୃତରେ ସ୍ୱାଗତଯୋଗ୍ୟ ।

ଆମର ବିକାଶକାଳୀନ ପର୍ଯ୍ୟାୟରେ ପ୍ରଥମେ ପରିବାର ହିଁ ଆସିଥାଏ । ପରିବାରରେ ପିତାମାତା ଓ ଅନ୍ୟମାନେ ଶିଶୁର ମନୋଭାବ ଗଠନ କରିଥାଆନ୍ତି । ଶିଶୁ କଣ ଭଲ ପାଇବ ଏବଂ କଣ ପସନ୍ଦ କରିବନାହିଁ ତାହାର ମୂଳଦୁଆ ପକାନ୍ତି । ଏ କ୍ଷେତ୍ରରେ ମୌଳିକ ପ୍ରଶ୍ନ ହେଉଛି – ବାପା, ମା ଓ ପରିବାରର ଅନ୍ୟ ସବୁ ଗୁରୁଜନ ମାନେ ଓଡିଆ ଭାଷା ଓ ଓଡିଆ ସଂସ୍କୃତିକୁ କେତେ ଭଲ ପାଆନ୍ତି ? ଘରେ ଓଡିଆ ଖବରକାଗଜ କିଣା ହୁଏ କି ? ଘରର ପାଠାଗାରରେ କେତେ ପ୍ରତିଶତ ଓଡିଆ ବହି ସ୍ଥାନ ପାଏ ? ଓଡିଶାର କଳା, ସ୍ଥାପତ୍ୟ, ସଂସ୍କୃତି, ସାହିତ୍ୟ କେତେ ଆଲୋଚନା ହୁଏ ? ଓଡିଆରେ କଥା କହିବାକୁ ପିତାମାତା ଉତ୍ସାହିତ କରନ୍ତି କି ?

ଲେଖକଙ୍କର ନିଜସ୍ୱ ଅନୁଭବ ରହିଛି ଯେ, କେତେ ପିତାମାତା ସେମାନଙ୍କର ପିଲାମାନଙ୍କୁ ଓଡିଆରେ କଥାବାର୍ତ୍ତା କରିବା କାରଣରୁ କେବଳ ଇଂରାଜୀରେ କଥାଭାଷା ହେଉଥିବା ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ ସ୍ଥାନାନ୍ତର କରନ୍ତି । ସେମାନେ ଗର୍ବର ସହିତ କହନ୍ତି ଯେ, ବିଦ୍ୟାଳୟରେ କଥାଭାଷାର ମାଧ୍ୟମ କେବଳ ଇଂରାଜୀ ହେବା ଉଚିତ । ଅନ୍ୟଥା ପିଲାମାନଙ୍କର ଇଂରାଜୀ ଭାଷାଜ୍ଞାନ ଦୁର୍ବଳ ହେବ ଏବଂ ଭବିଷ୍ୟତରେ ପେସାଗତ ଦକ୍ଷତା କମିଯିବ । ଏବେ ଦେଖାଯାଉଛି, ବହୁ ଓଡିଆ ପରିବାରର ପିଲାମାନେ ଓଡିଆ ବହି ପଢିପାରନ୍ତି ନାହିଁ; ଓଡିଆ ବର୍ଣ୍ଣମାଳା ସହିତ ସେମାନଙ୍କର ପରିଚିତି ନାହିଁ । କହିବା ବାହୁଲ୍ୟ ଯେ, ମା ବାପା ମାନେ ଗର୍ବର ସହିତ କହନ୍ତି, ତାକୁ କଅଣ ଓଡିଆ ଲେଖି ପଢି ଆସେ କି !

ଲେଖକଙ୍କର କାନାଡାରେ ଅବସ୍ଥାନ ସମୟରେ ନିଜସ୍ୱ ଅନୁଭୂତି ରହିଛି ଯେ, ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡାରେ ପରିବାର ମଧ୍ୟରେ ଅନେକ ପିତାମାତା ସେମାନଙ୍କ ପିଲାମାନଙ୍କ ସହିତ ଇଂରାଜୀରେ କଥାବାର୍ତ୍ତା କରନ୍ତି । ଫଳରେ ଏପରି ପିଲାମାନେ ଓଡିଆ ଶିକ୍ଷା କରିପାରନ୍ତି ନାହିଁ । ପିତାମାତା ଓଡିଶା ଆସିଲେ ପିଲାମାନେ ଓଡିଶା ଆସିବାକୁ ଆଗ୍ରହୀ ନୁହନ୍ତି, କାରଣ ଏଠାରେ ଜେଜେବାପା, ଜେଜେମା', ଅଜା, ଆଈ ଓ ଅନ୍ୟ ପ୍ରିୟଜନଙ୍କ ସହିତ ଓଡିଆରେ କଥାବାର୍ତ୍ତା କରିବାକୁ ପଡିବ । ଅନ୍ୟ ପକ୍ଷରେ ଗୋଟିଏ ବଙ୍ଗାଳୀ ପରିବାର ଦେଖିଲେ, ସେଥିରେ ଘରେ ବାପା ମା' ମୁଖ୍ୟତଃ ମାତୃଭାଷା ବଙ୍ଗଳାରେ କଥାଭାଷା ହୁଅନ୍ତି । ପିଲାମାନେ ଲିଖିତ ଭାଷା ନ ଶିଖିଲେ ମଧ୍ୟ ମାତୃଭାଷାରେ କଥା କହି ପାରୁଥିବାରୁ ଭାରତ ଆସିଲେ ସମୟ କଟାଇ

ସ୍ୱଦେଶରେ ଚଳିବା ଉପଭୋଗ୍ୟ ହୁଏ । ଓଡ଼ିଆ ପରିବାରର ପିଲାମାନେ ଏ କ୍ଷେତ୍ରରେ ବଂଚିତ ହୁଅନ୍ତି ।


ପିଲାମନରେ ଭାଷାକୁ ଭଲପାଇବା ଜନ୍ମମାଟିକୁ ଭଲପାଇବାର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ହେଉଛି ବିଦ୍ୟାଳୟ । ଇଂରାଜୀ ମାଧ୍ୟମ ସ୍କୁଲରେ ମଧ୍ୟ ଓଡ଼ିଶାର ପୂର୍ଣ୍ଣ ଅବୟବ ଶିକ୍ଷା କରାଯାଇପାରିବ । ଉତ୍କଳର ବରପୁତ୍ର ମାନଙ୍କର ଜୀବନୀ ଓ ଆଦର୍ଶ ଆଲୋଚିତ ହୋଇପାରିବ । ସ୍ୱାଭିମାନ-ଆଭିମୁଖ୍ୟ ବାତାବରଣ ପାଇଁ ସହାୟକ ମନୋବୃତ୍ତି ଆବଶ୍ୟକ ।

ପିଲା ହେଉ ବା ବଡ ହେଉ, ସ୍ୱାଭିମାନ ଗଠନ ଓ ବିକାଶର ଏକ ଶକ୍ତିଶାଳୀ ଚୁମ୍ବକୀୟ ଶକ୍ତି ହେଉଛି ଆମ ଜୀବନର ଅନୁକରଣୀୟ ବ୍ୟକ୍ତିତ୍ୱ । ଆମେ ଯେଉଁମାନଙ୍କୁ ଶ୍ରଦ୍ଧାକରୁ, ସମ୍ମାନ ଦେଉ ଏବଂ ଅନୁକରଣୀୟ ମନେକରୁ, ସେମାନଙ୍କର ସ୍ୱାଭିମାନୀ କାର୍ଯ୍ୟପନ୍ଥାର ଉଦାହରଣ ହିଁ ଆମର ପ୍ରେରଣା । ଏହା ଆମର ମାନସିକତାରେ ସେହି ବ୍ୟକ୍ତିତ୍ୱର ପ୍ରଭାବ ଏମିତି ପକାଏ, ସେହି ଦେଶପ୍ରେମ, ଭାଷା ଓ ଭାବ ଆମକୁ ଅନୁକରଣରୁ ପ୍ରକୃତ ଓଡ଼ିଆପ୍ରିତି ଜାଗରଣ କରେ । ସ୍ୱାଭିମାନ ଦିଗରେ ଆମର ଯାତ୍ରା ବିଷୟରେ ଅବଚେତନ ରହିଲେ ବି ଆମର ଭାଷା ଓ ସଂସ୍କୃତି ପ୍ରତି ଗଭୀର ଅନୁରକ୍ତି ଆସିଯାଏ ।

ନିଜର ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ଶ୍ରଦ୍ଧା ଓ ଅନୁରାଗ ମାଧ୍ୟମରେ ହିଁ ସ୍ୱାଭିମାନର ବିକାଶ ସମ୍ଭବ । ଆମକୁ ନିଜକୁ ଓ ଅନ୍ୟମାନଙ୍କୁ ବୁଝାଇବାକୁ ହେବ ଯେ, ଓଡ଼ିଆଭାଷା ଓଡ଼ିଶାକୁ ଭଲପାଇବା ଏକ ଦୁର୍ବଳତା ନୁହେଁ । ଆମ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ପାଇଁ ଏହା ପ୍ରୟୋଜନ । ପୂର୍ବେ ଆମେରିକାର ଲୋକମାନେ ଦୁଇଟି କିମ୍ୱା ତିନୋଟି ଭାଷା ଶିକ୍ଷା କରିବାର ନୀତିକୁ ବୋଝ ବୋଲି ମନେକରୁଥିଲେ । ଏବେ ଏପରି ମନୋଭାବର ପରିବର୍ତ୍ତନ ଆସିଛି । ମୂଳରୁ ଇଉରୋପୀୟ ମାନେ ନିଜ ଦେଶର ଭାଷା ସହିତ ଅନ୍ୟ ଗୋଟିଏ ଇଉରୋପୀୟ ଭାଷା ଶିକ୍ଷା କରୁଥିଲେ । ଏହେ ମଧ୍ୟ କରୁଛନ୍ତି । ଏବେ ସ୍ନାୟୁବିଜ୍ଞାନର ଗବେଷଣା ଲବ୍ଧ ତଥ୍ୟ ହେଉଛି, ଯେଉଁମାନେ ଏକାଧିକ ଭାଷା ଶିକ୍ଷାକରନ୍ତି, ସେମାନଙ୍କର ମସ୍ତିଷ୍କର କାର୍ଯ୍ୟରତ ବାମ ଗୋଲାର୍ଦ୍ଧ ପରି ଦକ୍ଷିଣ ଗୋଲାର୍ଦ୍ଧ ବି ସକ୍ରିୟ ହୋଇପଡେ । ଫଳରେ ବିସ୍ମରଣ ରୋଗ ବା ଆଲଜିମର୍ ରୋଗରେ ପଡିବାର ସମ୍ଭାବନା କମିଯାଏ ।

ଆମର ମାତୃଭାଷାର ଶିକ୍ଷା ଓ ବିକାଶ ଆମର ଇଂରାଜୀ କିମ୍ୱା ହିନ୍ଦୀ ଶିକ୍ଷାର ଅଭିବୃଦ୍ଧିକୁ ବ୍ୟାହତ କରିବନାହିଁ । ଏକ ଆନ୍ତର୍ଜାତୀୟ ଭାଷା ହିସାବରେ ଆମେ ଇଂରାଜୀର ଆବଶ୍ୟକ ଦକ୍ଷତା ହାସଲ କରିପାରିବୁ । ଓଡ଼ିଆ ଭାଷାଜ୍ଞାନ ଏ ଦିଗରେ ବାଧକ ନ ହୋଇ ବରଂ ପରିପୂରକ ହେବ । ମୋଟଉପରେ ସ୍ୱାଭିମାନ କେବଳ ଏକ ସ୍ଲୋଗାନ ନୁହେଁ, ଏହା ମଣିଷ ମନର ଏକ ସହଜାତ ସାମାଜିକ ପ୍ରବୃତ୍ତି । ମାନସିକ ସାମ୍ୟତା ଓ ସୁଖାନୁଭୂତି ପାଇଁ ଏହା ଏକ ଅପରିହାର୍ଯ୍ୟ ମାଧ୍ୟମ ।

ଜାଭିୟର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର - ୧୩
ମୋ - ୯୪୩୭୧୨୧୨୭୯



# ଉତ୍କଳ ସନ୍ତାନ

*ଉତ୍କଳ ଗୌରବ ମଧୁସୂଦନ ଦାସ*

ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ତୁହି ଭୀରୁ
ତୋହର ଜନନୀ ରୋଦନ କରିଲେ
କହିବାକୁ କିଆଁ ଡରୁ ? ।୧।

ତୋ ପୂର୍ବ ପୁରୁଷେ ବୀର ପଣିଆରେ
ଲଭିଥିଲେ କେତେ ଖ୍ୟାତି,
ହାକିମ ନିକଟେ ଦୁଃଖ କହିବାକୁ
କିମ୍ପା ଥରେ ତୋର ଛାତି ? ।୨।

ତୋ ପୂର୍ବପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ,
ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ? ।୩।

ବ୍ରିଟେନ୍ ନିବାସୀ ଅତୀବ ସାହାସୀ
କାପୁରୁଷେ ଶ୍ରଦ୍ଧାନାହିଁ,
ଶିଖ ରାଜପୁତ ଯେ ମାନ୍ୟ ଲଭନ୍ତି
ତୋର ଭାଗ୍ୟେ ତାହା କାହିଁ ? ।୪।

ତୁ ମନେ ଭାବିଛୁ ତୋଷାମଦ କରି
ବଢାଇବୁ ଜାତି ମାନ,
ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପରତେ ଧ୍ୟାନ ।୫।

ତୋଷାମଦକାରୀ କ୍ଷିପ୍ର ଶ୍ୱାନ ପରି
ସହଜେ ଚିହ୍ନା ନ ଯାଏ,
ଭୃତ୍ୟଭାବ ଧରି ଗୋଡ ଚାଟୁ ଚାଟୁ
ବିଷ ଲେପି ଦେଇଥାଏ ।୬।

ତୋଷାମଦ ଅଟେ ଅନ୍ଧାର ଗୋହିରୀ
ସ୍ୱାର୍ଥ ତହିଁ ଲୁଚି ବସେ,
ସରଳ ପଥିକ ବାଟରେ ଦେଖିଲେ
ଅକାତରେ ତାକୁ ନାଶେ ।୭।

ଜାତିର ଉନ୍ନତି ହେବ କିରେ ଭାଇ
ସ୍ୱାର୍ଥକୁ ଜଗତ ମଣି,
ଗୋଦର ଗୋଡରେ ମାଉଁସ ବାଗିଲେ
ଦେହର କି ଶୁଭ ଗଣି ? ।୮।

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ? ।୯।

ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡି ଦାନାର ତୋବଡା
ଘୋଡା ମୁହେଁ ବନ୍ଧା ଥିଲେ ? ।୧୦।

ସ୍ୱାର୍ଥର ବନିତା ଅଟେ ତୋଷାମୋଦ
ଭୟ, ମିଥ୍ୟା ତାଙ୍କ ପୁତ୍ର,
ରାଜ୍ୟରେ ବିପ୍ଳବ ନିଶ୍ଚୟ ଘଟିବ
ଏମାନେ ହେଲେ ଏକତ୍ର ।୧୧।

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୂରୁବ ଗୌର ପୂରୁବ ସାହସ
ପଡ଼ିବ କି କେବେ ମନେ ? ।୧୨।

ତୋହର ଜନନୀ ବୀର ପ୍ରସବିନୀ
ଧୂଳିରେ ପଡ଼ିଛି ଦେଖ,
ଜନ ସମାଜରେ ଏ ମହୀ ମଧ୍ୟରେ
କିପରି ଦେଖାଉ ମୁଖ ? ।୧୩।

ତୋ ପୂର୍ବ ପୁରୁଷେ ସ୍ୱର୍ଗଧାମେ ଥାଇ
ଭୋଗୁଛନ୍ତି ମନସ୍ତାପ,
ତାଙ୍କର ଜୀବନ କରି ବିସ୍ମରଣ
କରିଛୁ ତୁ ମହାପାପ ।।୧୪।

ତୋଷାମଦ ଛାଡ଼ି ସ୍ୱାର୍ଥ ପରିହରି
ସତ୍ୟକୁ ଆଶ୍ରୟ କର,
ଦୁଇ ଦିନ ପରେ ସ୍ୱାଧୀନ ରାଷ୍ଟ୍ରରେ
ମଙ୍ଗଳ ହୋଇବ ତୋର ।।୧୫।

●●●●



# ୨. ଚାରୁହାସମୟୀ ଉତ୍କଳ ଜନନୀ

# ଏବେ ଏବେ ଆବେଗରେ

*ଉମାକାନ୍ତ ମହାପାତ୍ର*

କେତେ ଅସହଜ ଲାଗେ
ଏବେ ଏବେ ଗଣ୍ଠିଟିଏ ଫିଟିଗଲେ
ସଂପର୍କର,
କେତେ ଅବାଗ ଲାଗେ
ଅଡୁଆ ତଡୁଆ ହେଲେ, ଅବେଳରେ
ଫାଟିଗଲେ ମନ, ମୁକୁଳା ପ୍ରେମରେ ଅବା
ସପନରେ, ନିଜ ଆବେଗରେ ।

ଏବେ ଶେଷ ଖାଲି ଶେଷ ଅସରନ୍ତି,
ଅଚିହ୍ନା ଅଚିହ୍ନା ଅବସୋସ ଦିନର, ରାତିର ।
ସହଜରେ ଫିଟିଯାଏ ଗଣ୍ଠି ଗୋପନରେ
ଗପର ଗଣ୍ଠିଲି ଖୋଲେ ଗତାୟୁର
ଧୀରେ ଧୀରେ, ହଜିଯାଏ ହସ
ସହଜରେ ସରିଯାଏ ସମ୍ଭାବନା, ଜୀବନର
ଅମାପ ଆୟୁଷ ।

ଏବେ ଏବେ ଜୀବନ ଜିଇଁବା
ଯଦିଓ ସହଜ ଲାଗେ
ଅସହଜ ବୋଧହୁଏ ଆଲୁଅ-ଅନ୍ଧାର,
ଅସହଜ ଲାଗେ ଆପଣା ସଂପର୍କ ଯେତେ
ନିଜ ନିଜପଣ, ପୁଣ୍ୟ ପରିବାର !
ଅଲଗା ଅଲଗା ଲାଗେ
ଅନିଶ୍ଚିତ ଆଶା ଆପଣାର,
କୋଳାହଳ ପାରିବାପଣର ।
ଅପରିଚିତ ଲାଗେ ନିଜ ବିବଶତା
ଆତୁର ଜିଜ୍ଞାସା, ସରଳତା ସକାଳର
ବିଶ୍ୱସତା ଅବୁଝା ମନର ।
ନିଜକୁ ନିଜେ ବୋକା ବୋକା ଲାଗେ,
ଏକଲା ଏକଲା ଆତୁରତା, ନୀରବତା
ଚିତ୍ରପରି ଚହଟିଯାଏ ଗହନ ଗୁମାନ
ସାରା ମନ-ଉପବନ
ବିମୁଖ ବିଭେଦ ପୂର୍ଣ୍ଣ ଲାଗେ ସମନ୍ୱୟ ସମୟର,
ଯେତେ ଯେତେ ପରିଚୟ
ଦିନ ଓ ରାତିର
କରୁଣ ଉଦାସ ଲାଗେ ସାରା ପରିସର ।
ଗମ୍ଭୀର ହେଇଯାଏ ପରିବେଶ କେବେ କେବେ
ନିଜ ନିଜ ପାଖେ ହାରିଗଲେ
ହଜିଗଲେ, ନୀରବରେ ନିତି ଅନ୍ଧାରରେ
ପୁଣି ପାଇଗଲେ ଆପଣାକୁ ମୁକ୍ତିର ମୁଦ ଦୁଆରରେ
ଆଲୁଅର ଅମଡା ବାଟରେ ।

ଏହା କଣ ଜୀବନର ଅନ୍ୟନାମ
ଶେଷ ଇଚ୍ଛା ମଣିଷର ଆବେଗର
ସଂଜ୍ଞା-ସଂପର୍କର, ମଣିଷ ପଣର
ସର୍ବନାମ, ସମୟର ଶେଷ ସମ୍ଭାଷଣ
ଯାହା ଅଲଂଘ୍ୟ ଭୀଷଣ
ନିଃସଙ୍ଗ, ନିର୍ବେଦ ପୁଣି ଯା'ର ପରିସର ।

ସଂସାରର ବଟବୃକ୍ଷ, ବ୍ୟାପ୍ତି ତା'ର କାଳାତୀତ
ଅନନ୍ତ କାଳକୁ, ସିଏ ବି ତ ନଷ୍ଟ ଓ ବିନଷ୍ଟ ହୁଏ
ନିହାତି ପରପରି ଜ୍ଞାତ ହୁଏ ପରିଜନ-ପରିଚିତି
ସବୁ ପ୍ରିୟା-ପ୍ରିତି, ନୀରବ ନିୟତି ତା'ର
କରୁଣ କଟାକ୍ଷ ହାଣି କାଳକାଳ
କାଳିର କାହାଣୀ,
ନିଜ ଲୋକ ବନିଯାଏ ପର,
ନିଜ ଘର ଲାଗେ ନିଜ ପାଇଁ ଅନ୍ୟର-ଅନ୍ୟର ।

ବାସହୀନ-ବସ୍ତ୍ରହୀନ ମୁକୁଳା ପବନ ପରି
ଘୁରୁଥାଏ ମନ ଓ ଚୈତନ୍ୟ ଅନ୍ଧ ମୁହାଣିରେ
ହିତାହିତ ଗୋଚର ତା' କିଛି ବି ନଥାଏ
ବନ୍ଧନରୁ ମୁକୁଳିବା ପାଇଁ 'ମୁଁ' କାର ବୁଲୁଥାଏ
ଏଣେ ତେଣେ, ଭୁଲିସବୁ ସଦାଚାର, ସଣ୍ଣା-ଆଦର
ଆପଣା ଓ ପର, ପାପ କର୍ମେ ଲିପ୍ତ ଥାଏ ଅହୋଃରାତ୍ର
ପାଏ ନାହିଁ ଥଳକୂଳ,  ଚାରିଆଡେ ଚରିଥାଏ ଛବିଳ ଛଳନା
କାହାକୁ ବି ପାରେନାହିଁ ତେଜି,
ଲୋଭ ଆଉ ଲୋଲୁପ ଆଶାରେ ସିଏ
କିଛି ହେଲେ ସଂସାରରୁ ପାରେନି ମୁରୁଛି ।

ଏହା କ'ଣ ସତ୍ୟ ଜୀବନର
ଏହା କ'ଣ ସ୍ଥିତି ମଣିଷର, ନିତ୍ୟ ନୈମିତିକ
ଭ୍ରାନ୍ତି ଓ ଭ୍ରମର
ନା' ମନର ଦୁଃସ୍ଥିତି ଏହା
କରିତ କର୍ମର ।

ଆଲୁଅ ଆଡେଇ ନିତି
ଅନ୍ଧାରକୁ ଖୋଜୁଥାଏ ଅନ୍ଧପରି
ମାଟିରୁ ଆକାଶ ତା'କୁ ଅନ୍ଧାର ଅବୋରି ଥାଏ
ଯେମିତି କି ନିଃଶ୍ୱାସଠୁ ସିଏ ବେଶୀ
ଆପଣାର, ନିୟତିର ଯାହା ସବୁ
ସବୁଜ ସ୍ୱାକ୍ଷର; ନିହିତ ବିଶ୍ୱାସ ସବୁ
ବିଧି ବ୍ୟବସ୍ଥାର ।

ଚାରିଆଡେ ଘେରିଯାଏ ଅନ୍ଧକାର
ବୃତ୍ତାକାରେ, ବହଳ ଆକାରେ
ସାରା ଛାୟାପଥ, ଆକାଶ-ଭୂଖଣ୍ଡ
ବ୍ୟାପିଯାଏ ନୀଳ ହାହାକାର ।
ସୀମାହୀନ ସରହଦ ବୋଧ ହୁଏ
ଧୂମାଳ ଧୂମ୍ରାଭ, ଦୃଶ୍ୟହୀନ ଦିଶାହୀନ
ମାୟାର ଉ□ରା ପରି ବ୍ୟାପିଥାଏ
ଅଦିଗନ୍ତ ଶୂନ୍ୟରୁ ଶୂନ୍ୟକୁ
ପାପ ଆଉ ପ୍ରାଚୁର୍ଯ୍ୟର ସୁନେଲି
ଆକାଶ, ଆବୋରି ରଖିଥାଏ
ମହାକାଳ ଅଦୃଶ୍ୟ ହାତରେ ତା'ର
ବିନ୍ଦୁଏ ଲୋଭର ସାମୁଦ୍ରିକ ଝଡଟିଏ ସେତେବେଳେ
କଡ ଲେଉଟାଏ, ପବନର ପ୍ରଲମ୍ବିତ ଛାତିରେ ତା'
ବିବର୍ଣ୍ଣ ଚୁମ୍ବନ ସତେ ସନ୍ତର୍ପଣେ
ଗୋପନରେ ଗପଟିଏ ଲେଖେ !
ନିଶ୍ୱାସ ତା' ବିଶ୍ୱାସ ତା'
କାୟା ଆଉ ଛାୟାସହ ଖେଳୁଥାଏ ଲୁଚକାଳି
ସାରା ଛାୟା ପଥେ ।

ଲୋଭନୀୟ ନିମନ୍ତ୍ରଣ ହାତଠାରି ଡାକୁଥାଏ
ଜୀବନକୁ, ମରଣର ମୁକୁଳା ଦୁଆରେ
କାୟାହୀନ ସୂଚୀତ କଳପନା ଇଏ
ଏକ ପାଦ ଜୀବନକୁ ଆଉ ପଦେ ମରଣକୁ,
କୋଳ କରେ, ଅତି ପ୍ରିୟ ସାଥୀଟିଏ ପରି
ଯେପରିକି ଉଦ୍‌ଭ୍ରାନ୍ତ ପାଗଳ ପରି ସାଥୀକୁ ତା'
ଜାକିଧରେ ଛାଇପରି ଅନନ୍ତ କାଳକୁ ।

ଏଇ କ'ଣ ଜୀବନର / ମରଣର ଶେଷ ସ୍ୱର୍ଗ
ମୁକ୍ତିପଥ, ଏହା ଆଲିଙ୍ଗନ
ଏହା କ'ଣ ଏ ମନର ଆତୁରତା, ଆକୁଳତା ପାଇବାର
ଆବେଗର ଅନନ୍ତ ସୋପାନ !

*ଶ୍ରୀପର୍ଣ୍ଣା ପ୍ରକାଶନୀ, ଉଦୟରାଗ କମ୍ପ୍ଲେକ୍ସ, ବଳିଆପଣ୍ଡା*
*ସିପସୁରୁବୁଲି, ପୁରୀ,*
*ମୋ - ୯୨୩୮୫୯୨୪୯୨*

●●●●

# ମନୋରମ ଉତ୍କଳ

***ପରିକଳ୍ପିତ***

ଏମାନେ କାହିଁକି ମନୋରମ ଉତ୍କଳ ସହିତ ସମ୍ପୃକ୍ତ ନିଜେ ପ୍ରମାଣ ଦେବାକୁ ଦଣ୍ଡାୟମାନ। ଆକାଶର ବିଦେଶାଗତ ପକ୍ଷୀକୁଳ, ଦୂର ସାଗରଗର୍ଭର ଅଲିଭ୍ ରିଡ଼୍ଲି କଇଁଛ, ଓଡ଼ିଶା ରାଇଜ ସମ୍ମାନ ଦେଇ ଜାତୀୟ ସନ୍ତକ ଭାବରେ ଫୁଲମାଳ ଦେଇ ବରଣ କରିଥିବା ହାତୀ, ମୟୁର, ପଦ୍ମଫୁଲ ଆଉ ବରଗଛ। ସେମାନେ ପ୍ରକୃତିର ଉପାସକ, ଏମାନେ ନିଜନିଜ ଉପସ୍ଥିତିରେ ଉତ୍କଳୀୟ ସୌନ୍ଦର୍ଯ୍ୟରେ ରଙ୍ଗ ଆଣିପାରନ୍ତି। ମନୋରମ ଉତ୍କଳର ଉପଭୋଗୀ କେବଳ ନୁହଁନ୍ତି, ସେମାନେ ପୃଷ୍ଠପୋଷକ !

ଦୂର ହିମାଳୟରୁ ଋତୁଚକ୍ରରେ ଆହତ ମୁକ୍ତ ପକ୍ଷୀଦଳର ମୁଖ୍ୟ ନିଜର ସମ୍ପର୍କୀୟ ବଂଶକୁଟୁମ୍ବକୁ ହୀମ ପ୍ରବାହରୁ ରକ୍ଷାକରିବାକୁ ଦକ୍ଷିଣ ମୁହାଁ ହୋଇ ଆଶ୍ରା ଅନୁସନ୍ଧାନରେ ନିଜର ତୀକ୍ଷ୍ଣ ଦୃଷ୍ଟି ଦେଇଛି ଉତ୍କଳ ଭୂଖଣ୍ଡ ଉପରେ। କେଉଁଟା ହେବ ସେମାନଙ୍କର ଶୀତ କାକର କାଳର ଆଶ୍ରୟ। ନିଜର ମୁକ୍ତ ଭାଷାରେ ସେମାନେ ପରସ୍ପର ଭିତରେ ଧ୍ୱନି ମାଧମରେ ଆକାଶରେ ଆଲୋଚନା ରତ। ବଂଶାନୁକ୍ରମେ ସେମାନେ ପ୍ରକୃତିର ମେଣ୍ଟାଏ ଅପରୂପ ବହନ କରିଥିବା ଚିଲିକା ଓ ଅଂଶୁପାକୁ ବାଛି ନେଇଛନ୍ତି। ମୁକ୍ତ ଆକାଶରେ ଏମାନେ ମାନସରୋବର କି ସାଇବେରିଆରୁ ଉଡ଼ି ଆସିଲା ବେଳେ କଅଣ ଆଉ କୌଣସି ଭୌଗୋଳିକ ଆକର୍ଷଣ ନାହିଁ ଏମାନଙ୍କ ପାଇଁ ? ନାଁ, ଏମାନେ ଏହି ଭୂଖଣ୍ଡର ଉଷ୍ମତାରେ ତନ୍ମୟ ହୋଇଯାଇଛନ୍ତି ବହୁକାଳରୁ। ଏଠି ଅଛି ସେମାନଙ୍କର ପସନ୍ଦ। ଏଠାରେ ମନ ପୁଲକିତ ହୋଇଉଠେ ଓ ସ୍ୱତଃ ନିର୍ଗତହୁଏ ମୁଖରୁ କଳରବ। ଶୋଭନୀୟ ଉତ୍କଳ !



ଆଉ ବେଳାଭୂମିକୁ ଲକ୍ଷ୍ୟକରି ଧାଇଁଛନ୍ତି ଓଲିଭ୍ ରଡ଼୍ଲି କଇଛ। ସେମାନେ ବିରାଟ ଦଳରେ ଏଇ ରାଇଜର ବେଳା ଭୂମିକୁ ମୁହାଁଇଛନ୍ତି ଦକ୍ଷିଣର ମହୋଦଧି ବକ୍ଷରୁ। ବିଦେଶାଗତ ଚଳଚଞ୍ଚଳ ପକ୍ଷୀକୁଳର ତ ସାମୟିକ ଶୀତକାଳୀନ ରହଣି। ଏଇ କଇଁଛ ଦଳ ନିଜର ବଂଶରକ୍ଷା ପରି ଗୁରୁତର କାର୍ଯ୍ୟ ସାଧନ ପାଇଁ ଏହି ରାଇଜକୁ ଧାଇଁ ଆସୁଛନ୍ତି। କାହିଁକି ସେମାନେ ନିଜ ଜାତିର ବଂଶରକ୍ଷା ପରି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟପାଇଁ ଏଇ ପୁରୁଣା ଭୂଖଣ୍ଡଟି ଉପରେ ଲୋଟି ପଡୁଛନ୍ତି ? କଅଣ ଅଛି ଏଠାରେ, ଏ ପୂର୍ବମୁହାଁ ବେଳାଭୂମି ପାଲଟି ଯାଇଛି ତାଙ୍କର ଅଣ୍ଡାଦେବାର ନିର୍ଭରଯୋଗ୍ୟ ସ୍ଥାନ ? ମାଟି, ପାଣି, ପବନ କିପରି ଏମାନଙ୍କୁ ଚୁମ୍ବକ ପରି ଟାଣି ଆଣୁଛି ଏଠାକୁ। ଏମାନେ ଚିହ୍ନନ୍ତିନି କଳିଙ୍ଗ, ଉତ୍କଳ ବା ଓଡ଼ିଶା। ଏମାନେ ଚିହ୍ନନ୍ତି ଏଇ ବେଳାଭୂମିକୁ। ଏଠିକା ବାଲି, ସୂର୍ଯ୍ୟକିରଣ, ଉତ୍ତାପକୁ। ସେମାନଙ୍କର ନିବାସ ବି ଏହି ଭୂଖଣ୍ଡରୁ ନିର୍ଗତ ଜଳରାଶିରେ ପ୍ଲାବିତ ମହୋଦଧି। ଉତ୍କଳର ବାସନାରେ ଏମାନେ ଆକୃଷ୍ଟ।

ସେମିତି କଇଁଛମାନେ ବି ଦେଖିଆସୁଛନ୍ତି ସମୟର ପ୍ରାତଃକାଳରୁ ଏହି ଅଦିନିଆ ଅତିଥି ଓଡ଼ିଶାର ଚିଲିକା ବକ୍ଷରେ। ଗୋଟିଏ ଘରର ଦୁଇ କୁଣିଆ କଅଣ କଥା ହୁଅନ୍ତି କି ? କିନ୍ତୁ ସେମାନେ ନିଜ ନିଜ କଥାଛାଡ଼ି ସମୟାନ୍ତରେ ଆତିଥ୍ୟ ଦେଇଥିବା କଳିଙ୍ଗ ବିଷୟରେ। ଅତି ଦୂର ହିମାଳୟରୁ ଆଉ ବହୁଦୂର ସାଇବେରିଆ ଅ□ଳରୁ ଆସିଥିବା ସୁନ୍ଦର ପକ୍ଷୀମାନେ ନିଜର ଆନନ୍ଦ ବର୍ଣ୍ଣନା କରୁଛନ୍ତି ଏଇ ରାଇଜର। ନିଜ ଦେଶର ଗଛରୁ ଯେବେ ପତ୍ର ଝଡ଼ିବା ଆରମ୍ଭ ହୋଇଯାଏ, ଏମାନେ ଦେଖନ୍ତି ସୂର୍ଯ୍ୟ ମିଞ୍ଜି ମିଞ୍ଜି ଦୂରର ଦୀପଟିଏ ହୋଇଯାଆନ୍ତି। ବରଫ ଘୋଟିଆସେ ଚାରିଆଡୁ। ସେମାନଙ୍କର ବଂଶ ପରମ୍ପରା ହୋଇଗଲାଣି, ଏକାଦମ୍‌ରେ ଉଡ଼ିଉଡ଼ି ନୀଳାମ୍ବୁ ଚିଲିକାରେ ପହଞ୍ଚିଗଲେ ନିଜର ରାହା ମାରିବାକୁ ଫୁରୁସତ ମିଳେ।

ଓଡ଼ିଶା ରାଇଜଟି କାଳକାଳରୁ ମନଲୋଭା ହୋଇରହିଛି। କାହିଁକି କେଜେଣି, ସେମାନେ ଉତ୍କଳ ଆକାଶ ଛୁଇଁଲେ ଜୀବନରୁ ହତାଶା ଦୂର ହୋଇ ବଞ୍ଚିରହିବାର ଦୁର୍ବାର ଆଶା ସଞ୍ଚରିଯାଏ। ଏହି ରାଇଜର ପବନର ଶକ୍ତି ଅଧିକ, ଏହି ସମୀରଣର ସ୍ପର୍ଶରେ ମନରେ ଅପୂର୍ବ ସାହାସ ଭରିଯାଏ। ଆକାଶରୁ ଏଇ ଦେବଦ□ ପ୍ରକୃତି ଅବଲୋକନ କରିବାକୁ ପରମ ସୌଭାଗ୍ୟ ମଣନ୍ତି ଏମାନେ।



ଏମିତି ଅତିଥିମାନଙ୍କର ମୁକ୍ତ ପ୍ରଶଂସା ଶୁଣି ଉତ୍କଳର ଚାରି ପ୍ରତିନିଧି ସେମାନଙ୍କୁ ସ୍ୱାଗତ କରନ୍ତି । ନିଜେ ଏଇ ମୃତ୍ତିକାରୁ ଉଦଭବ ହେଲେ ବି ଏମାନେ ଏବେ ସଜାଗ ଉତ୍କଳୀୟ ମନୋରମ ପ୍ରକୃତି ପାଇଁ । ଏମାନେ ଆନନ୍ଦିତ ଉତ୍କଳର ଜନସାଧାରଣ ସେମାନଙ୍କୁ ପ୍ରକୃତିର ପ୍ରତୀକ ଭାବରେ ଦର୍ଶାଇଥିବାରୁ । ବଣ ଜଙ୍ଗଲର ସବୁଜିମାଭରା ଉତ୍କଳର ଦୀର୍ଘଜୀବୀ ବରଗଛ ହୋଇଛି ବୃକ୍ଷଜଗତର ଉଦାହରଣ । କାଳକାଳର ଦୃଶ୍ୟ ଦେଖିଦେଖି କ୍ଳାନ୍ତ ହୋଇପଡିନି, ବରଂ ନିଜର ସବୁଜିମାକୁ ଆହୁରି ବହଳ କରିଚାଲିଛି । ସେଇ ଘଞ୍ଚ ଜଙ୍ଗଲରେ ମୟୂର ଟିକିଏ ମେଘର ଆଭାସ ପାଇଲେ, ମନରେ ଖେଳାଇଦିଏ ଆନନ୍ଦର ବନ୍ୟା । ପୁଚ୍ଛ ତାର ଖୋଲିଯାଏ, ଇନ୍ଦ୍ରଧନୁ ସହ ପ୍ରତିଦ୍ୱନ୍ଦିତା କରିବାପାଇଁ । ପାଦ ଚଳଚଞ୍ଚଳ ହୋଇଉଠେ । ସତେକି ଗହନ ବନରେ ନିଜକୁ ଓଡିଶୀ ପାଟରେ ସଜାଇ ରଚୁଛି ମଙ୍ଗଳାଚରଣ । ଉତ୍କଳ ଆକାଶର, ପାଣି ଓ ପବନର । ସେଇ ମୟୂର ହୋଇଚି ପକ୍ଷୀକୂଳର ଉତ୍କଳ ପ୍ରତିନିଧି ।

ଦୂରରୁ କଳାବାଦଲ ପରି ଧାଇଁଧାଇଁ ଦନ୍ତାହାତୀଟି ନିଜର ତୃଷା ନିବାରଣ କରୁଛି ପୁଷ୍କରିଣୀଟିରେ । ସେଇଠି ଢଳଢଳ କମଳ ହସି ହସି ଅନେଇଛି ଏହି ବିଶାଳ ଜନ୍ତୁଟିକୁ । ସତରେ ମାଟିର ଗରବ, ଶକ୍ତିମାନ ଏଇ ଜନ୍ତୁଟି । ରଖିଛି ଉତ୍କଳର ଟେକ । ଯେବେ ଯେବେ ଉତ୍କଳ ଗଜଶକ୍ତିକୁ ମନାଇପାରିଛି, ଗଜପତି ଗଢିପାରିଛି, ସେଇ ଶକ୍ତିରେ ଜଗତଜିତା ହୋଇଛି । ଯେବେ ଏଇ ହାତୀର ଚିତ୍ର ଧାରଧାର କରି ଟାଣିଛି, ତାର କୋଣାର୍କର ସ୍ଥାପତ୍ୟ ଗଢିଛି । ପୁଣି ସମ୍ବଲପୁରୀ ଶାଢୀ ଧଡିରେ ହାତୀ ବସେଇ ଜଗତର ପସନ୍ଦ ହୋଇଛି । ସେ ବି ଜନ୍ତୁକୁଳର ପ୍ରତିନିଧି ହୋଇଛି ଉତ୍କଳପାଇଁ ।

ଆଉ ନିଜେ କମଳ । ନିଜେ କଅଣ ଜାଣେ କିପରି ଦିଶେ ଜଳାଧାରରେ ? ଜଣେ ଦର୍ଶକ ପୁଷ୍କରିଣୀ ତଟରେ ଭାବନାରେ ବୁଡିଯାଏ ପଦ୍ମଟିଏ ଦେଖିଲେ । କବି କି ଦାର୍ଶନିକ ହୋଇଯାଏ । ମନ ଅତୀତ ଭବିଷ୍ୟତ ଭୁଲିଯାଏ, କବିତା ରଚିଯାଏ । ସେଇ ପାଣିର ଗଭୀର ମୃତ୍ତିକାରୁ ଉତ୍ପନ୍ନ କମଳ ପାଣିର ଧୀର ଲହରୀରେ କିପରି ଜନ୍ମମାତା ଉତ୍କଳର ସୌନ୍ଦର୍ଯ୍ୟର ଗୋଟିଏ ବିନ୍ଦୁ ପାଲଟିଛି । ସିଏ ବି ଏଇ ଉତ୍କଳୀୟ ପ୍ରକୃତିରେ ଶୋଭାବର୍ଦ୍ଧକ ପୁଷ୍ପଜଗତର ପ୍ରତିଫଳନ କରୁଛି ।

ଏମାନେ ସମସ୍ତେ ମନୋରମ ଉତ୍କଳମାତାର ଗୁଣଗ୍ରାହୀ ପୃଷ୍ଠପୋଷକ ।

ଏଇ ମାତୃକା ସୁଜଳା, ସୁଫଳା, ଶସ୍ୟଶ୍ୟାମଳା । ନଦୀ ଗୁଡିକ ଆବହମାନ କାଳରୁ ଜଳଧାରଣ କରି ଭୁମିକୁ ଉର୍ବର ଓ ସବୁଜ ଶ୍ୟାମଳ କରି ରଖିଥାନ୍ତି । ମହାନଦୀ, ସୁବର୍ଣ୍ଣରେଖା, ଋଷିକୁଲ୍ୟା, ବ୍ରାହ୍ମଣୀ, ବୈତରଣୀ, ବୁଢା ବଳଙ୍ଗ ନିଜ ଅବବାହିକାରେ ଗଠନ କରିଛନ୍ତି ଘନ ଜନବସତି, ସବୁ ନଦୀର ଜଳସ୍ରୋତର ଉର୍ବରତା ଉପରେ ନିଜର ଜୀବନ ଅତିବାହିତ କରନ୍ତି । ଏଇ ନଦୀଗୁଡିକର ଅବବାହିକାରେ ପଟୁ ସୃଷ୍ଟି କରିବା, ଘଞ୍ଚ ବନାନୀ ଗଢିତୋଳେ, ଧାନ ଫସଲର ଧାରେ ଧାରେ କୋଇଲି ନିଜ ତାନରେ ଗୁଣିହୁଏ ଧାନବୁଣାର ଗୀତ । ବର୍ଷକର ଋତୁ ଗୁଡିକର ସମ୍ଭାରରେ ଗଗନ ପବନ ମୁଖରିତ ହୁଏ, କେତେବେଳେ ନାତିଷ୍ଣ ମନ୍ଦ ମଳୟରେ ତ କେତେବେଳେ ଆଦ୍ୟ ଆଷାଢର ଆଚ୍ଛାଦିତ ମେଘ ସଂଚାରରେ । ପୁଣି ଆସେ ଶରତର ଜ୍ୟୋସ୍ନାବିଧୌତ ପୂର୍ଣ୍ଣିମାର ସ୍ୱଚ୍ଛ କଳେବର ଅବା ମାର୍ଗଶୀରର ଶୀତର ଆଢୁଆଳରେ ସୁନେଲୀ ଶସ୍ୟଭରା ଦୃଶ୍ୟ । ବସନ୍ତ ଆସେ ନିଜ ଅପରୂପ ଯୌବନରେ ରଙ୍ଗବେରଙ୍ଗ ଫୁଲ ସଜାଇହୋଇ । ସମତଳ ତଟଦେଶର ଦୃଶ୍ୟରେ ପ୍ରକୃତିରାଣୀ ସବୁଜ ପାଟରେ ଶୋଭାପାଇ ଆନନ୍ଦ ଦେଇଥାଏ ସବୁରି ମନରେ ।

ଉତ୍କଳର ଅଭ୍ୟନ୍ତର ଅତୀବ ମନୋରମ । ପାହାଡ ଓ ଜଙ୍ଗଲଭରା ଓଡିଶା ଯେମିତି ସବୁଜ ପାଟଟିଏ ପିନ୍ଧି ଶୋଇଯାଇଛି ଧରିତ୍ରୀ ମାଆ କୋଳରେ । ମାଆର ଅଭିଆଡି କନ୍ୟା, କେବେ ନୂତନ ମେଘ ଦର୍ଶନରେ ଅଦୃଷ୍ଟ ଭାବରେ କହିଚାଲିଥାଏ, ଗିରିରାଜ ଶିଖରକୁ ଆଲିଙ୍ଗନ କରୁଥିବା ମେଘମାନେ, କାଳିଦାସଙ୍କ ବେଳରୁ ଗନ୍ଧର୍ବର ପ୍ରେମ ଭାଷ୍ୟରେ ତାମସିକ । ଚଳଚଞ୍ଚଳ



ପାହାଡି ନଦୀଗୁଡିକ ନିଜର ତନମନ ଏକକାର କରି ଦେଶମାତୃକାର ଗାଲରେ ଅସ୍ପଷ୍ଟ ରେଖା ଟାଣ ସୌନ୍ଦର୍ଯ୍ୟ ବୃଦ୍ଧିକରନ୍ତି ।

ଉତ୍କଳମାତାର ଚରଣ ପ୍ରକ୍ଷାଳନ କରିଚାଲିଛି ମହୋଦଧି ତାର କ୍ଷିପ୍ର ତରଙ୍ଗରେ । ଚିତ୍ରାଙ୍କନ କରେ ତାର ସ୍ୱର୍ଣ୍ଣିମ ତଟଭୂମି, ସୂର୍ଯ୍ୟଦେବଙ୍କର ଉଦୟ ଓ ଅସ୍ତ । ଅସ୍ତଗାମୀ ସୁର୍ଯ୍ୟଙ୍କର ସଂଧ୍ୟାଘଣ୍ଟି ସାଜେ ପକ୍ଷୀଙ୍କର କାକଳୀ, ସାୟଂ କାଳରେ ସାଗରର ଗର୍ଜନକୁ ନ୍ୟୁନକରି ସମସ୍ତ ପକ୍ଷୀକୁଳ ନିଜ ନିଜ ନୀଡକୁ ଚଞ୍ଚଳ ଫେରିଯିବାର ଉପକ୍ରମ ।

ସେଇ ସୂର୍ଯ୍ୟଦେବ ସଅଳ ଛୁଅନ୍ତି ଉତ୍କଳର ମହୋଦଧିକୂଳ, ପ୍ରଥମ ଆଲୋକର ଧାରା ସନ୍ତର୍ପଣରେ ଉତ୍କଳମାତାର ଚରଣରେ ଅର୍ପଣ କରନ୍ତି । ସେଇ ଆରୋଗ୍ୟର ରଶ୍ମୀ ପୁରାଣରେ ଶାପଗ୍ରସ୍ତ ଯଦୁକୁଳ ଶାମ୍ବଙ୍କୁ ରୋଗମୁକ୍ତ କରିପାରେ । ଯୁଗଯୁଗ ସୂର୍ଯ୍ୟଦେବଙ୍କର ନିୟମିତ ପ୍ରଦକ୍ଷିଣ ଉପାସକ ଗଜପତି ନରସିଂହଙ୍କୁ କରେ ଆମନ୍ତ୍ରଣ, ଗଢିବାକୁ ବିସ୍ମୟ ଏ ଅର୍କକ୍ଷେତ୍ରେ, ଯେଉଁଠି ନିର୍ଜୀବ ପ୍ରସ୍ତର କହିବ କଥା, ଗହନ ଅଭୁଲାକଥା ଦର୍ଶକ ମନରେ ।

କହେ ସେ ଅଲିଭ୍ ରିଡ୍ ଲି କଇଁଛ ଆମେ ସିନା ଏବେ ହାତଗଣତି ହେବାକୁ ବସିଛୁ, ଦିନେ ଆମର ପୂର୍ବଜମାନେ ଭରି ରହିଥିଲେ ଏହି ମହୋଦଧିରେ । ସେମାନେ ଦେଖିଛନ୍ତି, ଆମକୁ ଶୁଣାଇଛନ୍ତି । ଦୁଃସାହାସୀ

ଏହି କଳିଙ୍ଗର କର୍ଣ୍ଣଧାର ମାନେ ଆଖିରେ ଭରିଥିଲେ ସୁବର୍ଣ୍ଣଭୂମିର ସ୍ୱପ୍ନ। ଦ୍ରୁତଗତିରେ ନୌଚାଳନା କରୁଥିଲେ ଲବଙ୍ଗର ସ୍ୱାଦଚାଖି, ମନରେ ଦାରୁଚିନିର ବନମାୟା, କର୍ପୁରପୁରୀର କାମନା। ବାଲିଦ୍ୱୀପର ଅଗ୍ନାଗ୍ନୀ ବନସ୍ତରେ ରଚିଛି ନିଜର କୁଟୀ, ଗଢିଛି ହିନ୍ଦୁବର୍ଣ୍ଣର ବସତି, ମନ୍ଦିର ଆଉ ଜଗତ। କେତେ କେତେ କଳିଙ୍ଗରାଷ୍ଟ୍ର, ଚନ୍ଦ୍ରଭାଗା, ବଡବନ୍ଦର ଆଉ ବୁଦ୍ଧମୂର୍ତ୍ତି ଏଇ ଶକ୍ତିମାନ କଳିଙ୍ଗର ଶିଳ୍ପୀ, ଧାର୍ମିକ ମାନେ ସ୍ଥାପନ କରନ୍ତି। ପାଲଟଣା ବୋଇତରେ ସ୍ୱପ୍ନରେ ବିଭୋର, ପ୍ରବାଳ ଦ୍ୱୀପର ଶୀତଳ ପବନସ୍ପର୍ଶରେ ସୁନିଦ୍ରିତ ପୁଣି ନିଦ୍ରାରେ ଶ୍ରମକ୍ଲାନ୍ତ ସୌଦାଗର ନିଦ୍ରାହରେ ଯେତେବେଳେ ଚମକାଇ ଦିଏ ତାମ୍ରଲିପ୍ତି ଚେଲିତାଳ ପାଲୁରାର ମେଘାଛନ୍ନ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତଟି ଯାତ୍ରାରମ୍ଭ କଲା, ପରିବାର ହସହସ ମୁହଁରେ ଚାହିଁ ରହିଥିଲେ, ଫେରିବାବାଟକୁ ଏବେବି ଚାହିଁ ରହିଥିବେ।

ଗହନ କଥାଟି ରହିଗଲା। ସେଇ କଳିଙ୍ଗର ସୌଦାଗର ଖାଲି ମସଲା ଦ୍ୱୀପକୁ ମୁହାଁଇ ନଥିଲେ। ନାବ ଦିନକୁ ଦିନ ଗରୁ ହୋଇଚାଲିଥିଲା। କଳିଙ୍ଗର ସବୁ ବହନକରି ସୁଦୂର ଚାଲିଥିଲା ବୋଇତ। ଦୂର ଦୀପର ବତୀଘରର ମିଞ୍ଜିମିଞ୍ଜି ଆଲୋକ ଦେଖି ସୌଦାଗର ପାସୋରି ଦେଉଥିଲା ନିଜ ଘରସଂସାର, ଲାଗିପଡି ବଣିଜ ସାରି ବୋଇତ ଭରୁଥିଲା ମସଲା, ସୁନା ରୂପା ତମ୍ବା ଧାତୁରେ। ବୋଇତଭରା ଆତ୍ମତୃପ୍ତିରେ ଘର ଲେଉଟୁଥିଲା।

ଜଗତ ଗଢିଛି ଏଇ ରାଇଜ ଅଣକୁଶଳୀ ପୂର୍ବପ୍ରାଚ୍ୟ ଦ୍ୱୀପ ସମୂହରେ। ସେଇ ନିରୀହ ନିଷ୍କପଟ ଦ୍ୱୀପବାସୀ ଚାହିଁ ବସିଛନ୍ତି, କଳିଙ୍ଗର ଧାର୍ମିକ ପରିବାର ସହ ସଂଘମିତ୍ରାଙ୍କୁ, ଉପଗୁପ୍ତଙ୍କୁ, କଳା ସଂସ୍କୃତି, ସାହିତ୍ୟ, ସ୍ଥାପତ୍ୟ ଓ ଧର୍ମ ସଂସ୍ଥାପକ ମାନଙ୍କୁ। ଶାନ୍ତିଦୁତ ମାନେ ଗଢିବେ ମାନବିକତାର ସୌଧ, ଧର୍ମର ନିବାସ ଆଉ ନିର୍ବିକାର ଜୀବନଚର୍ଯ୍ୟା। କଳିଙ୍ଗ ବଣିକ ରାଜ୍ୟଗ୍ରାସୀ ନୁହେଁ, ଶୋଷକ ନୁହେଁ, ପ୍ରପୀଡକ ନୁହେଁ। ସିଏ ସାଥିରେ ଆଣିଛି ଧର୍ମ, ଭାଷା ଆଉ ମଣିଷପଣିଆ। ବୁଦ୍ଧ ଆଉ ବିଷ୍ଣୁଙ୍କୁ।

ଏଇ ଜାତି ସିନା କଥା କହେ, ଧର୍ମ କରେ କିନ୍ତୁ ସେଇ ଧର୍ମ ଆଉ ସଂସ୍କୃତିକୁ ପଥରରେ ଚିତ୍ରକରେ। ବୁଝିଛି ପଥର ହେଲେ କାଳଜୟୀ ହେବ, ଯୁଗଯୁଗ ନିଜର ଧର୍ମ, ସଂସ୍କୃତି ଓ ଆଦର୍ଶ ଅମର ରଖିପାରିବ। ସେଇ କଳାଟି ହାସଲ କରି ସମର୍ଥ ହୋଇଛି ଆଜିକୁ ଜଣାଇବାକୁ ଏଠାରେ ଏତେ ଶିଳ୍ପୀଥିଲେ, ପୃଷ୍ଠପୋଷକ ରାଜା ଥିଲେ ଆଉ କେତେ ଆଦର୍ଶର ଚଳଣି ଥିଲା। ରାଣୀଗୁମ୍ଫାରେ ରଚିଲେ ସମାଜର ଗାଥା, ମନ୍ଦିର ଗାତ୍ରରେ ଦେବାଦେବୀ, ପଶୁପକ୍ଷୀ ଆଉ ସମାଜିକ ଜୀବନ। ହାତୀକୁଳ ସହ ଯୋଗ କରିଛନ୍ତି ଶିଳାଶିଳ୍ପରେ, କୋଣାର୍କଚୂଳକୁ ପଥର ଉ□ୋଳନ ପାଇଁ। ଗଢିଛନ୍ତି ମନ୍ଦିରମାଳିନୀ ଏକାମ୍ର, ପୁରୁଷୋତ୍ତମ ଆଉ ଅର୍କକ୍ଷେତ୍ର !



ସତରେ ଏଇ ଉତ୍କଳୀୟ ମାନେ ଧର୍ମପ୍ରାଣ। ନିଜେ ଜଗନ୍ନାଥଙ୍କର ଭକ୍ତ। ସେଇ ନିର୍ଗୁଣ ପୁରୁଷ ତାଙ୍କ ପାଖରେ ବୁଦ୍ଧାବତାର, ଜୀନାବତାର, କୃଷ୍ଣାବତାର। ସକଳତୀର୍ଥ ସେ ଚରଣେ। ସିଏ ଶାନ୍ତି, ମୈତ୍ରୀ, ସାମ୍ୟ, କରୁଣା, ଭ୍ରାତୃତ୍ୱ, ମାନବିକତାର ସକଳ ଉପାଦାନର ଉତ୍ସ। ସିଏ ପୁଣି ପତିତପାବନ ନାମରେ ଖ୍ୟାତ। ବିଗ୍ରହ ଉତ୍କଳରେ ବିଗ୍ରହନୁହେଁ, ଚଳଚ□ଳ ସାକ୍ଷୀଗୋପାଳ। ଦେବାଦେବୀ ମନର କଳ୍ପନାର ସଂସ୍କାରବଦ୍ଧ ବିକାର ନୁହଁନ୍ତି, ଜୀବନାନୁରାଗ ଅମୂ□ ପ୍ରେରଣା। ସେଇ ଦେବଦେବୀ ନୈବେଦ୍ୟଭୋଗୀ ନୁହଁନ୍ତି, ସଙ୍କଟମୋଚନ, ସିଏ ହିଁ କାଞ୍ଚି ଅଭିଜାନର ପୁରୋଧା। ଏହି ଅଲୌକିକ ମାନସିକତା ଗଢି ଥୋଇଛି କଳିଙ୍ଗାଃ ସାହସିକାଃ।

ସେଇ ଉତ୍କଳୀୟ ଆଜି କେଉଁ ଧର୍ମର ? ଦେଶର ସବୁ ଧର୍ମର ଅବବାହିକା ପୁରୁଷୋତ୍ତମ। ଯେଉଁ ଧର୍ମର ଧାରା ଏଠାକୁ ଆସିଲା, ଏଠାରେ ଲୀନ ହୋଇଗଲା ଚକାନୟନରେ। ସବୁ ସମନ୍ୱିତ ହୋଇ ଗଢି ଉଠିଲା ଜଗନ୍ନାଥ ଦର୍ଶନ। ମଣିଷର ସ୍ୱଧର୍ମ, ଜୀବନର ବିଧି, ଜନ୍ମ ମରଣର ଲୀଳା। ନା ହିନ୍ଦୁ, ନା ବୁଦ୍ଧ, ନା ଜୈନ, ନା ବୈଷ୍ଣବ ନା ଶୈବ ଏଠାରେ ନିଜ ମତରେ ଦୃଢ। ସବୁ ଏକାକାର ଏହି ପୁରୁଷୋ□ମରେ। ମନୋରମ ଉତ୍କଳ ହୋଇଛି ଓଡିଆ ମହାଭାରତରେ ଦ୍ରୌପଦୀଙ୍କର ପାପହାରିଣୀ ବୈତରଣୀ, ଜୀବନର ସଂସାରବୈରାଗ୍ୟ ମନବୋଧ ଚଉତିଶାର ଷଡରିପୁ ତ୍ୟାଗର ଉଦାହରଣ। ସେଇ ଉଦାହରଣ ସବ୍ୟସାଚୀ, ଗୋପବନ୍ଧୁ ଓ ଅସଂଖ୍ୟ ସ୍ୱାର୍ଥତ୍ୟାଗୀ ଓଡିଆ।

ଅସ୍ଥିର ମତିର ମୟୂରଟି ଶୁଣିଶୁଣି ଅଥୟ ହେଉଥିଲା। ନିଜ ମନକଥା କହିବାକୁ ହକହକ। ବରଷାରାଣୀର ପ୍ରବେଶ ଯେମିତି ତା ମନରେ ତୋଳିଦିଏ ରାଗିଣୀ, ଯେମିତି ସିଏ ନାଚି ଉଠେ ଏଇ ଉତ୍କଳୀୟ ମାନେ ସେମିତି ଗୀତନାଚପ୍ରିୟ। ସିଏ ଓଡିଶୀ ସଙ୍ଗୀତ ଲହରୀରେ ନୃତ୍ୟରତା ମାହାରୀ, ସର୍ବାଙ୍ଗରେ ଓଡିଶୀର ସୁଠାମ। ଘୁଙ୍ଗୁର ତାଳରେ ପଦ ତାର ଚଞ୍ଚଳ, ଆଖିରେ ଆକର୍ଷଣର ଚନ୍ଦ୍ରମା, ବାଦ୍ୟକି ତାକୁ ଅନୁସରଣ କରୁଛି ! ସିଏ ଲାସ୍ୟମୟୀ ରୂପସୀ ଧାରା ଶ୍ରୀରାଧା, ଅଧରରେ ଅମୃତ, ଚକ୍ଷୁରେ କାମାଞ୍ଜନ, ଭ୍ରୁଲତାରେ ନବୀନ ଭଙ୍ଗିମା। ଅଙ୍ଗ ସୌଷ୍ଠବରେ ସମ୍ମୋହନ। ଗୋଟିପୁଅ ସିଏ, ସିଏ ରସଗ୍ରାହୀ, ଚାହିଁଚି ଅର୍କକ୍ଷେତ୍ରର ପ୍ରିତିପ୍ରଲୁବ୍ଧା ନାୟିକାକୁ। (ମୟୁର ନାଚ)

କିନ୍ତୁ ଏଇ ଉତ୍କଳୀୟ ନାୟକ ରସିକପ୍ରବର ଦିନ ଆସିଲେ ରସ ତ୍ୟାଗକରି ହୁଏ ରଣାଙ୍ଗନର ସେନାଧ୍ୟକ୍ଷ। ପାଇକନୃତ୍ୟରେ ରଣ କୌଶଳର ପରାକ୍ରମ ପ୍ରତିପାଦିତ କରେ, ଆଉ ବି ଛଉ ନାଚର ଢେଉ ଖେଳାଇପାରେ।

ସବୁ ଶୁଣିଶୁଣି ଚେଇଁ ଶୋଇଥିବା ବରଗଛ ଜାଗ୍ରତ ହୋଇଗଲା। ସତରେ ମନୋରମ ଉତ୍କଳ। ସହସ୍ର ସହସ୍ର ବର୍ଷ ପରମାୟୁ ତାର। ଏତେ ଘଟଣା ବହୁଳ ଜଗତ, ତାର କଅଣ ପଛକଥା କିଛି ମନେପଡୁଛି ? ଯେତେବେଳେ ଗୋଟିଏ ମୂଳଥିଲା, ସେ ଜାଣିଛି ଶୁଣିଛି ମହାଭାରତ କଥା। କଳିଙ୍ଗର ଅଧିପତି ଖାରବେଳ କି ଶୁଭବେଳରେ ଜନ୍ମନେଲେ, ବରଗଛଟିର ଦ୍ୱିତୀୟ ମୂଳ ଆସିଲା। ସେତେବେଳକୁ ସୁଦୃଢ ଉତ୍କଳ। କେତେ ରାଜା କେତେ କଳିଙ୍ଗପଣିଆ। ସବୁ ଯୁଦ୍ଧଜୟରେ ନୂଆ ମୂଳଟିଏ। ବହୁମୂଳ ହୋଇଗଲା ଗଜପତି ଶାସନରେ। ଉତ୍କଳର ଚିରସାଥୀ ଏଇ ବୃକ୍ଷଟି।

କିନ୍ତୁ ଯୁଗେଯୁଗେ ଉତ୍କଳ ରହିଛି ସେମିତି କମନୀୟ ଶୋଭାରେ, ସବୁଜିମାରେ ଆଉ ଉତ୍କଳୀୟ ମାନଙ୍କର ସଜନ୍ ପ୍ରକୃତି ପୂଜନରେ।

*ଡାକ୍ତର ଇନ୍ଦ୍ରମଣି ଜେନା*

*ମୋ. : ୯୪୩୮୦୦୭୫୦୯*

# ମନୋରମ ଉତ୍କଳରେ ପର୍ଯ୍ୟଟନ ବ୍ୟବସ୍ଥା

*ଡ. ବିନ୍ଦୁଶ୍ରୀ ମିଶ୍ର*

ଓଡିଶା ଏକ ଶାନ୍ତିପ୍ରିୟ ଓ ଅତିଥିବତ୍ସଳ ରାଜ୍ୟ । ଆତିଥେୟ ପାଇଁ ଉଦାରତା, ସହନଶୀଳତା, ସ୍ୱେଚ୍ଛାପ୍ରଣୋଦିତ ନିଃସ୍ୱାର୍ଥ ସେବା ଉତ୍କଳୀୟ ମାନଙ୍କର ସହଜାତ ପ୍ରବୃତ୍ତି । ଏହି ସହଜାତ ପ୍ରବୃତ୍ତିର କାରଣ କଳିଙ୍ଗ ଉତ୍କଳ ନିଜ ସୌନ୍ଦର୍ଯ୍ୟ ପରିବେଶରେ ଇତିହାସର ପ୍ରଥମ ସୂର୍ଯୋଦୟ ଠାରୁ ଏକ ଆକର୍ଷଣୀୟ ପର୍ଯଟନ କ୍ଷେତ୍ର ଭାବରେ ସୃଷ୍ଟ । ଏଥିପାଇଁ ଓଡିଆ ପ୍ରାଣ ଅତିଥି ମାନଙ୍କୁ ସାଦର ଅଭ୍ୟର୍ଥନା ଦେବାକୁ ବ୍ୟଗ୍ର । ଏହି ଉଦାହରଣ ନିକଟ ଅତୀତ ଏସିଆନ ଖେଳକୁଦ ପର୍ବରୁ ଅନୁମେୟ । 'ଅତିଥି ଦେବୋଃ ଭବଃ' କେବଳ କଥିତ ଭାଷା ନୁହେଁ, ଏଇ ଉତ୍କଳରେ ମନ୍ଦିର କି ଗୁମ୍ଫାରେ ସେମିତି ଧାରାବାହିକ ଗାଇଡ୍ ନଥାନ୍ତି, କାରଣ ଏଠାରେ ପ୍ରତି ଉତ୍କଳୀୟ ହିଁ ପର୍ଯ୍ୟଟକମାନଙ୍କ ପାଇଁ ପଥ ପ୍ରଦର୍ଶକ । ଏହି ମନୋରମ ଉତ୍କଳ ବହୁ ପର୍ଯ୍ୟଟକଙ୍କର ପ୍ରମୁଖ ଆକର୍ଷଣର ବିନ୍ଦୁ, କିନ୍ତୁ ପରିବର୍ଦ୍ଧିତ ଦୁନିଆର ଗମନାଗମନ ଓ ପରିବହନ ବିନ୍ୟାସରେ ରାଜ୍ୟଟି ଆନ୍ତର୍ଜାତୀୟ କ୍ଷେତ୍ରରେ ଅବହେଳିତ କାରଣରୁ ପଥହରା ହୋଇ ସୀମିତ ପର୍ଯ୍ୟଟନରେ ସନ୍ତୁଷ୍ଟ ହେବାକୁ ବାଧ ହୋଇଛି । କିନ୍ତୁ ନିଜକୁ ଖାପ ଖୁଆଇ ବିଶ୍ୱ ପର୍ଯ୍ୟଟନ ସ୍ତରକୁ ଆସିବାକୁ ଆଉ ଡେରିନାହିଁ ବୋଲି ମନେହୁଏ ।

ଉଜ୍ଜଳ ଇତିହାସ ଉତ୍କଳର, ସେଥିପାଇଁ ଅନେକ ନାମରେ ପରିଚିତ । କଳିଙ୍ଗ, ଉତ୍କଳ, ଉଡ୍ର, ତ୍ରିକଳିଙ୍ଗ, କୋଶଳ, ତୋଷାଳି, ଉତ୍ତର ତୋଷାଳି ଆଦି ବିଭିନ୍ନ ସମୟରେ ବିଭିନ୍ନ ନାମରେ ସମ୍ବୋଧିତ ଏଇ ରାଜ୍ୟ ବଙ୍ଗୋପସାଗର ତଟଦେଶରେ ଅବସ୍ଥିତ । ଏହା ପ୍ରାଚୀନ ଗୌରବମୟ ଏକ ସଂସ୍କୃତି ସମ୍ପନ୍ନ ରାଜ୍ୟ । ଏକଦା ଆଦିଧର୍ମ ଜୈନରୁ ଆରମ୍ଭ କରି ଏହା ବୌଦ୍ଧ, ଶୈବ, ଶାକ୍ତ, ବ୍ରାହ୍ମଣ୍ୟ ଓ ବୈଷ୍ଣବ ଧର୍ମର ଅନୁଷ୍ଠାନ ସାଜିଛି ଏବଂ ବହୁ ଧାର୍ମିକ ପରମ୍ପରାର ତୀର୍ଥସ୍ଥଳୀ ପାଲଟିଛି । ଏହି ଭୂଖଣ୍ଡରେ ଅନେକ ରାଜବଂଶର ଉତ୍ଥାନ ଓ ପତନ ଘଟିଛି, ଯହିଁରେ ଅଛନ୍ତି ଚେଦି, ଭୌମକର, ସୋମବଂଶୀ, ଗଙ୍ଗ, ସୂର୍ଯ୍ୟ, ଭୋଇ ବଂଶୀ ଗଜପତି ମାନଙ୍କର ପ୍ରଶାସନ । ନିଜର ଅନ୍ତର୍ଦ୍ୱନ୍ଦ୍ୱ ହେଉ ବା ଅପାରଗତା ହେଉ, ଉତ୍କଳ ଶାସନ ହସ୍ତାନ୍ତର ହୋଇଛି ଆଫଗାନ, ମୋଗଲ, ମରହଟ୍ଟା ଓ ପରିଶେଷରେ ଇଂରେଜ ହାତକୁ । ନିଶ୍ଚିତ ଭାବରେ ଦେଶର ସଂସ୍କୃତି, ଭାଷା, କଳାଭାସ୍କର୍ଯ୍ୟ, ଶିଳଶିଳ୍ପ, ବାଣିଜ୍ୟ, ଗମନାଗମନ କ୍ଷୟ ହୋଇଛି, ସୀମା ତାର ହଜିଯାଇଛି ଅତଳ ଗର୍ଭରେ, ଯାହାର ଉପଚାର ସବୁ ସମ୍ଭାବନାରୁ ବହିର୍ଭୁତ । ତା ଭିତରୁ ଉତ୍କଳପୁତ୍ର ମାନଙ୍କର ନିରବଚ୍ଛିନ୍ନ ଉଦ୍ୟମ ବଳରେ ୧୯୩୬ ମସିହା ଅପ୍ରେଲ ପହିଲାରେ ଗଠିତ ହୋଇଛି ସ୍ୱତନ୍ତ୍ର ଓଡିଶା ପ୍ରଦେଶ । ଏହି ପ୍ରଦେଶଟି ପ୍ରଥମେ ୧୩ଟି ଜିଲ୍ଲା ବିଶିଷ୍ଟ ଥିଲା, ଏବେ ଏହା ୩୦ଟି ଜିଲ୍ଲାରେ ବିଭକ୍ତ । ଏହାର ଭୌଗୋଳିକ ପରିସୀମା – ଉତ୍ତରରେ ଝାଡଖଣ୍ଡ, ଦକ୍ଷିଣରେ ଆନ୍ଧ୍ର ପ୍ରଦେଶ, ପଶ୍ଚିମରେ ଛତିଶଗଡ ଏବଂ ଉତ୍ତର ପୂର୍ବରେ ପଶ୍ଚିମ ବଙ୍ଗ ଅବସ୍ଥିତ । ଏହାର ସମୁଦାୟ ଅ□ଳ ୧, ୫୫, ୮୨୦ ବର୍ଗ କିଲୋମିଟର ଏବଂ ୨୦୧୧ ଜନଗଣନା ଅନୁଯାୟୀ ଏହାର ଲୋକସଂଖ୍ୟା ୪, ୧୯, ୪୭୩,୫୮ ଓ ପୂର୍ବ ତଟ ୪୮୫ କିଲୋମିଟର ଲମ୍ବ ବଙ୍ଗୋପସାଗର ସହ ସଲଗ୍ନ । ଏହି ପରିବ୍ୟାପ୍ତ ସୁଦୂର ବେଳାଭୂମି ଓଡିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆହୁରି କମନୀୟ କରିଥାଏ ।

ଓଡିଶା ଭାରତବର୍ଷର ଏକ ଅତୁଳନୀୟ ରାଜ୍ୟ, ଏହା ଭାରତର ଆତ୍ମା ବୋଲି ବିଶ୍ୱାସ କରାଯାଏ । କାରଣ ଏହାର ସଂସ୍କୃତି, ଐତିହ୍ୟ, ପରମ୍ପରା, କଳାଭାସ୍କର୍ଯ୍ୟ, ନଦୀ, ଉପନଦୀ, ହ୍ରଦ, ବନଝରଣା, ଉଷ୍ଣପ୍ରସ୍ରବଣ, ଜଳପ୍ରପାତ, ପାହାଡ ପର୍ବତ, ଜଙ୍ଗଲ, ସବୁଜିମା, ବେଳାଭୂମି, ବନ୍ୟପ୍ରାଣୀ, ଗଛଲତା ଆଦି ଅଧିବାସୀଙ୍କ ମନୋରଞ୍ଜନ ପାଇଁ ଯେତିକି ପରିବ୍ୟାପ୍ତ, ପର୍ଯ୍ୟଟକଙ୍କୁ ଚକିତ କରିବାର ଉପାଦାନ ହୋଇ ବିଶ୍ୱବିଦିତ । ପ୍ରାକୃତିକ ବିଭବ ସହିତ ପ୍ରାଚୀନ କୀଉସାମଗ୍ରୀ, ବୌଦ୍ଧ ଓ ଜୈନ ଧର୍ମର ଚମତ୍କାର ସ୍ମୃତି ପଥର ଅବା କୀର୍ତ୍ତିସ୍ତମ୍ଭ, ଲେଖା ଓ ଅଭିଲେଖା, ହସ୍ତଶିଳ୍ପ ଇତ୍ୟାଦି ସବୁ ସମୟରେ ଦେଶ ବିଦେଶର ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିଥାଏ । ଓଡିଶାର ଶାସ୍ତ୍ରୀୟ ସଂଗୀତ ଓ ଓଡିଶୀ ତଥା ବିଭିନ୍ନ ପ୍ରକାରର ନୃତ୍ୟ, ରଙ୍ଗବେରଙ୍ଗ ମେଳା, ପର୍ବପର୍ବାଣୀ, ଯାନିଯାତ୍ରା, ବିଦେଶୀ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିଥାଏ ।

ଓଡିଶାକୁ ଜଣେ ବିଦେଶୀ ପର୍ଯ୍ୟଟକ ଦେଖିବାକୁ ମନସ୍ଥ କଲେ, ସବୁଠାରୁ ବଡ ଆକର୍ଷଣ ହେଲା ମନ୍ଦିରମାଳିନୀ ଓଡିଶା । ସମଗ୍ର ଭାରତବର୍ଷରେ ମନ୍ଦିର ପାଇଁ ଓଡିଶା ପ୍ରସିଦ୍ଧ । ଅନେକ ପର୍ଯ୍ୟଟକ ଧାର୍ମିକ ମନୋବୃତ୍ତି ନେଇ ମନ୍ଦିର ଦର୍ଶନପ୍ରାର୍ଥୀ । ଅଧୁନା ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ଚେତନା ବିଶ୍ୱବ୍ୟାପୀ ହୋଇଗଲାଣି । ଜଗନ୍ନାଥ ମନ୍ଦିର ଓଡିଶାର ଏକକ ପର୍ଯ୍ୟଟନ ଚୁମ୍ବକ ଯାହାର ଖ୍ୟାତି ଓ ଆକର୍ଷଣ ଆମ ଧାରଣାରୁ ବହିର୍ଭୁତ । ମନ୍ଦିରର କାରୁକାର୍ଯ୍ୟ, କଳାଭାସ୍କର୍ଯ୍ୟ ଦେଖିବା ପାଇଁ ଓଡିଶାରେ ରହିଛି ଅର୍କକ୍ଷେତ୍ର କୋଣାର୍କ, ଏକାମ୍ର କ୍ଷେତ୍ରର ଲିଙ୍ଗରାଜ, ବ୍ରହ୍ମେଶ୍ୱର, ରାଜରାଣୀ ମନ୍ଦିର । ସଂସ୍କରଣ ପରେ ସଂସ୍କରଣ ବଢିଚାଲିଛି ଏକାମ୍ର ଐତିହ୍ୟ ପଦଯାତ୍ରା, କେତେବେଳେ କାନାଡା ତ

କେତେବେଳେ ଆମେରିକାର ପର୍ଯ୍ୟଟକ ଦଳ ନେଇ । ଏହି ମନ୍ଦିର ଗୁଡିକୁ ଦେଖିଲେ ଦର୍ଶକ ସ୍ୱତଃ ଅତୀତ ଉତ୍କଳର ଦୃଶ୍ୟ, ଜୀବଜନ୍ତୁ, ନୃତ୍ୟକଳା ଓ ସାମାଜିକ ବ୍ୟବସ୍ଥା ମନରେ ନାଚିଉଠେ ।

ଓଡିଶାର ବେଳାଭୂମି ପୁରୀ, ଚନ୍ଦ୍ରଭାଗା, ଚାନ୍ଦିପୁର, ଗୋପାଳପୁର ଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଦୁର୍ଲଭ । ଅତ୍ୟାଧୁନିକ ଜୀବନଶୈଳୀରେ ମୁହୂର୍ତ୍ତକୁ ତିଳତିଳ କରି ନିଜକୁ ବ୍ୟସ୍ତ ରଖିଥିବା ଚଳଚଞ୍ଚଳ ଆଧୁନିକ ମାନବ ଦୋଳାୟିତ ସାଗର ଓ କୋଣାର୍କର ସୂର୍ଯ୍ୟୋଦୟ ଦେଖିଲେ ପ୍ରାକୃତିକ ସମୟର ଲହରକୁ ଫେରିଆସେ, ଜୀବନର ସ୍ୱାଦ ଅନୁଭବ କରିବାର ସୁଯୋଗ ପାଏ ।

ଓଡିଶା ଅଦ୍ୟାବଧି ସାଇତି ରଖିଥିବା ଜୈନ ଓ ବୌଦ୍ଧ ସ୍ମୃତି ବିଦେଶୀ ପର୍ଯ୍ୟଟକ ମାନଙ୍କର ଆକର୍ଷଣର ପ୍ରମୁଖ ଉତ୍ସ । ଖଣ୍ଡଗିରି ଓ ଉଦୟଗିରିର ଜୈନମୁନି ଗୁମ୍ଫା ପ୍ରାଚୀନ କଳିଙ୍ଗରେ ଆଦିଧର୍ମର ଉତ୍ପତ୍ତି ଓ ପ୍ରସାର ସହିତ ଓଡିଶାର ସୁବର୍ଣ୍ଣଯୁଗର ସାମାଜିକ ଚିତ୍ରପଟ, ଖାରବେଳଙ୍କର ଶିଳାଲିପି ଓ ଶିଳାଶିଳ୍ପର ସମ୍ୟକ ଧାରଣା ଆଣେ । ଓଡିଶାର ଧଉଳିଗିରି, ଲଳିତଗିରି, ରତ୍ନଗିରିର ବୌଦ୍ଧ ସ୍ମାରକୀ କଳିଙ୍ଗର ବୌଦ୍ଧାନୁଷ୍ଠାନ ବିଷୟରେ ଧାରଣା ଦିଏ । ମନେହୁଏ, ଏଠାରେ ବି ତକ୍ଷଶୀଳା ଠାରୁ ବିଶାଳ ବୌଦ୍ଧ ଶିକ୍ଷାୟତନ ରହିଥିଲା ଏବଂ ଜଳପଥରେ ସଂଯୁକ୍ତ ପୂର୍ବପ୍ରାଚ୍ୟ ଜାଭାର ବଡବନ୍ଦର ବା ବୋରବୋଦୁର ପରି ସ୍ଥାନ ସହ ସମ୍ପୃକ୍ତ ଥିଲା । ଆମର ଲଳିତଗିରିର ବୁଦ୍ଧମୂର୍ତ୍ତି ସେଠାରେ ଅନୁକରଣ ହୋଇଥିବାର ପ୍ରମାଣ ମିଳେ । ପୁଣି କଳିଙ୍ଗ ଉତ୍କଳ ଓଡିଶାର ରାଜକୀୟ ଶକ୍ତିର ପରିଚୟ ମିଳେ ଶିଶୁପାଳଗଡ, ରାଇବଣିଆ, ଚୁଡଙ୍ଗଗଡ, ତଥା ବାରବାଟୀ ଦୁର୍ଗ ଗୁଡିକର  ଗଠନ ଓ ସୁରକ୍ଷା ବ୍ୟବସ୍ଥା ଅବଲୋକନ କଲେ । ସାହସିକତାର ଏକ ନିଚ୍ଛକ ଉଦାହରଣ ପ୍ରାଚୀନ ଉତ୍କଳ ।

ଓଡିଶା ଏବେ ବି ଭାରତର ବିବିଧତା ଓ ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଉଚ୍ଚ ସ୍ଥାନରେ । ସହରୀକରଣ ଦୁନିଆକୁ ଯେମିତି ଗ୍ରାସ କରିବାକୁ ବସିଛି, ଓଡିଶା ଏବେ ବି ଗ୍ରାମମୟ । ଦେଶର ହାରାହାରି ୩୦ ଶତକଡା ନଗରାଞ୍ଚଳ ଥିବା ବେଳେ ଓଡିଶା ତାହାର ଅଧା ସହରୀକୃତ । ଏହାର ବିବିଧତା ପ୍ରମାଣିତ ହୁଏ ଏହାର ପ୍ରାୟ ଏକ ଚତୁର୍ଥାଂଶ ( ୨ ୨ ଶତକଡା) ଗିରିଜନଙ୍କର ସମାବେଶରୁ । ପୁଣି ଓଡିଶାର ଗିରିଜନ ସବୁ ପ୍ରକାରର ସମ୍ପ୍ରଦାୟକୁ ନେଇ ଗଠିତ । ଏହା ଓଡିଶା ପାଇଁ ଆଣେ କେତେ ଭାଷା, କେତେ ସଂସ୍କୃତି, କେତେ ରଙ୍ଗ ଓ କେତେ ନାଚଗୀତ । ଏହା ଆକର୍ଷଣର ଏକ ଉତ୍ସ, ଛଉ ନାଚ ହେଉ କି ଧାଙ୍ଗଡା ନାଚ ଦର୍ଶକର ମନମୋହକ ପ୍ରାକୃତିକ କଳା । ସେଇ ପ୍ରକୃତି କୋଳରେ ଜୀବନ ଆପଣେଇଥିବା ବନଜାତି ମାନଙ୍କର ଜୀବନବିଧି, ବେଶଭୂଷା, ଅଳଙ୍କାର, କଳାକୃତି, ଚିତ୍ରକଳା, କୁଟୀର ଶିଳ୍ପ, ବାଦ୍ୟଯନ୍ତ୍ର ଆଦି ପର୍ଯ୍ୟଟକ ମାନଙ୍କୁ ଅତିମାତ୍ରାରେ ଆକର୍ଷିତ କରିବା ପ୍ରତୀୟମାନ ହୁଏ ।



ଓଡିଶା ନିଜର ପ୍ରାକୃତିକ ପରିବେଶ ଅନେକାଂଶରେ ବଜାୟ ରଖିପାରିଛି । ଏହାର ଏକ ତୃତୀୟାଂଶ ବଣ ଜଙ୍ଗଲର ସବୁଜିମାରେ ଭରପୂର । ଏହାର ବିବିଧତା, ସୌନ୍ଦର୍ଯ୍ୟ, ବନପ୍ରାଣୀ ତଥା ଜଙ୍ଗଲଜାତ ପଦାର୍ଥ ପର୍ଯ୍ୟଟକ ମାନଙ୍କର ଦେଖିବାର ଉଦାହରଣ ହୋଇଛି । ପରିବେଶ ପର୍ଯ୍ୟଟନର ଅନେକ କେନ୍ଦ୍ରସ୍ଥଳୀ ସାଜିଛି ଅନେକ ଅଭୟାରଣ୍ୟ । ଏମିତି ରହିଛି ଓଡିଶା ଭିତରେ ଶିମିଳିପାଳ, ସାତକୋଶିଆ ଗଣ୍ଡ, ହେନ୍ତାଳବଣ, ନନ୍ଦନକାନନ, ଭିତର କନିକା, ସୁନାବେଢ଼ା ବ୍ୟାଘ୍ର ଅଭୟାରଣ୍ୟ । ଏଗୁଡିକ ବିଦେଶରେ ଓଡିଶା ଭ୍ରମଣ ପାଇଁ ଆକର୍ଷଣର ସୂତ୍ର ହୋଇପାରିଛି ।

ଇତିହାସରେ ପ୍ରମୁଖ ସ୍ଥାନ ନେଇଥିବା କଳିଙ୍ଗ-ଉତ୍କଳ-ଓଡିଶା ନିଜର ପ୍ରକୃତିକୁ ଜାବୁଡି ଧରି ରଖିଛି । ପର୍ଯ୍ୟଟକ ମାନଙ୍କ ପାଇଁ ଏହା ଭୂସ୍ୱର୍ଗ ବୋଲି କହିଲେ କେହି ଦ୍ୱିମତ ହେବେନି । ଦିନେ ଏହାର ସୁବର୍ଣ୍ଣ ତ୍ରିଭୁଜର ତିନି କୋଣରେ ଥିବା ଜଗନ୍ନାଥ ମନ୍ଦିର, କୋଣାର୍କ ଓ ଭୁବନେଶ୍ୱରର ଲିଙ୍ଗରାଜ ବିଶ୍ୱର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଥିଲା । ଉତ୍କଳର ରାଜା ମାନେ ବିଶାଳ କୀର୍ତ୍ତୀମାନ ଲମ୍ୱାଇଚାଲିଥିଲେ ଏହି ପର୍ଯ୍ୟଟନ ପାଇଁ । କିନ୍ତୁ ଦୁନିଆ ବଦଳିବା ସଂଗେସଂଗେ ଉତ୍କଳୀୟ ପର୍ଯ୍ୟଟନର ବି ବିପର୍ଯ୍ୟୟ ଘଟିଛି କହିଲେ କିଛି ଭୁଲ୍ ହେବନାହିଁ । କାରଣ ସ୍ପଷ୍ଟ ଅନୁମେୟ । ଓଡିଶାରୁ କେତେ ଛୋଟ ଗୋଆ ରାଜ୍ୟର ପର୍ଯ୍ୟଟନ ବ୍ୟବସ୍ଥା ଅନୁଧ୍ୟାନ କଲେ, ଏହାର କେତେ ଶହ ଗୁଣରେ ଅଧିକ ଦର୍ଶନୀୟ ଓ ଉପଭୋଗ୍ୟ ପର୍ଯ୍ୟଟନ ସ୍ଥଳୀ ଧାରଣ କରିଥିବା ଓଡିଶା ରାଜ୍ୟ ପାଇଥାଏ ନଗଣ୍ୟ ପର୍ଯ୍ୟଟକ । ଏହାର କାରଣ ସୁସ୍ପଷ୍ଟ । ଆମର ରାଜ୍ୟ ସେତିକି ପ୍ରଚାରିତ ପ୍ରସାରିତ ନୁହେଁ, ସେତିକି ସହଜ ଗମନାଗମନ ଓ ଚଳାଚଳ ବିକଶିତ କରିପାରିନି, ସେତିକି ପର୍ଯ୍ୟଟନ ଶିଳ୍ପର ଭିତ୍ତିଭୂମି ଯୋଗାଇ ପାରିନି, ସେତିକି ସାମାଜିକ ସୁବିଧା ଓ ଆଇନକାନୁନରେ ସୁଧାର କରିନି ପର୍ଯ୍ୟଟନ ବିକାଶ ପାଇଁ ।

ଏମିତିକି ବର୍ତ୍ତମାନର ସିନେମା ଦୁନିଆଁରେ ସିନେମା ଫିଲ୍ମ ସୁଟିଂ ଏକ ଖର୍ଚ୍ଚବହୁଳ ବ୍ୟବସ୍ଥା ହୋଇଥିବା ବେଳେ, ଓଡିଶାର ସିନେମା ପାଇଁ କଳାକାର ମାନେ ପଡୋଶୀ ରାଜ୍ୟ ଉପରେ ନିର୍ଭର କରନ୍ତି । ଓଡିଶାରେ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିଲେ ବି ସରକାରଙ୍କର ଏହାକୁ ବିକଶିତ କରିବାରେ ଆନ୍ତରିକତାର ଅଭାବ ରହିଛି । ଏହି କାରଣରୁ ଓଡିଶା ନିଜ ସିନେଶିଳ୍ପର ସବୁ ଖର୍ଚ୍ଚ ପଡୋଶୀ ରାଜ୍ୟକୁ ଦେଉଛି, ମାତ୍ର ନିଜ ପ୍ରାକୃତିକ ସମ୍ବଳ ଉପଯୋଗ କରି ନପାରି ପର୍ଯ୍ୟଟନ ବଣିଜର ସୂତ୍ର ହରାଉଛି ।

ଏକବିଂଶ ଶତାବ୍ଦୀରେ ଆହୁରି ଗୋଟିଏ ନୂତନ ପର୍ଯ୍ୟଟନର ଆବିର୍ଭାବ ଘଟିଛି । ସେଇଟି ଚିକିତ୍ସାକ୍ଷେତ୍ର ଗୁଡିକ ପାଇଁ ହସ୍‌ପିଟାଲ୍ ପର୍ଯ୍ୟଟନ । ବିଦେଶରେ ଚିକିତ୍ସାଖର୍ଚ୍ଚ ଅତ୍ୟଧିକ ହେବା ହେତୁ ଭାରତ ବିଶ୍ୱ ସ୍ୱାସ୍ଥ୍ୟ ପର୍ଯ୍ୟଟନର ବିଶାଳ କ୍ଷେତ୍ର ପାଲଟିଛି । ସେଇ ଦୃଷ୍ଟିରୁ ଓଡିଶାରେ ଯଦି କେତେ ଆନ୍ତର୍ଜାତୀୟ ମାନର ଚିକିତ୍ସାଳୟ ପ୍ରତିଷ୍ଠିତ ହୋଇପାରନ୍ତା, ଏହା ଆକର୍ଷଣର ଏକ ବିନ୍ଦୁ ହୁଅନ୍ତା । ସ୍ୱାସ୍ଥ୍ୟଶାସନ ଏକ ରାଜ୍ୟ ବ୍ୟାପାର ହୋଇଥିବାରୁ ଏହା ଓଡିଶା ସରକାରଙ୍କର ସ୍ୱାସ୍ଥ୍ୟନୀତି ଉପରେ ନିଶ୍ଚିତ ନିର୍ଭର କରେ ।

ତୁଳନାତ୍ମକ ଭାବରେ ଓଡିଶା ପ୍ରଶାସନ ଓଡିଶା ପର୍ଯ୍ୟଟନକୁ ସଂପୂର୍ଣ୍ଣ ଭାବରେ ବିକାଶ କରିବାର ଦାୟିତ୍ୱ ବହନ କରି ସଫଳ ହୋଇପାରିନାହିଁ । ଏମିତିକି ସରକାର ବେସରକାରୀ ଅନୁଷ୍ଠାନଗୁଡିକର ସହାୟତାରେ ବି ସଫଳତାରୁ ବହୁ ନୀଚରେ । ଏହାର ଉଦାହରଣ ଦେଶର ସବୁ ରାଜ୍ୟ ଏହି ପର୍ଯ୍ୟଟନ ଶିଳ୍ପରେ ନିଜର ଗମନାଗମନ, ହୋଟେଲ ଶିଳ୍ପ, ପ୍ରଶାସନିକ ଓ ପୋଲିସ ସକ୍ରିୟତା, ପର୍ଯ୍ୟଟକ ମାନଙ୍କର ଆଶୁ ସମସ୍ୟା ସମାଧାନ ଆଦି ସୁଚାରୁରୂପେ ସମ୍ପାଦିତ କରିପାରୁଥିବା ବେଳେ, ଓଡିଶା ଏ କ୍ଷେତ୍ରରେ ବିଫଳ ହୋଇସାରିଛି ।

ଯଦି ଓଡିଶା ନିଜର ପର୍ଯ୍ୟଟନ ଶିଳ୍ପର ବିକାଶ ସାଧନ କରିପାରନ୍ତା, ଏହା ଯୁବଗୋଷ୍ଠୀଙ୍କର ନିଯୁକ୍ତି ସୁଯୋଗ ସୃଷ୍ଟି କରନ୍ତା ଏବଂ ଏହି ଉପାୟରେ ପ୍ରଦେଶର ଆର୍ଥିକ ସ୍ଥିତିର ଉନ୍ନତି କରିପାରନ୍ତା । ଏହା ସହିତ ଦିନକୁ ଦିନ କ୍ଷୟ ହୋଇଯାଉଥିବା ପ୍ରତ୍ନତାତ୍ତ୍ୱିକ ଉପାଦାନ ଗୁଡିକର ରକ୍ଷଣାବେକ୍ଷଣା କରି ଭବିଷ୍ୟତ ପାଇଁ ସୁଯୋଗ ସାଇତି ରଖିପାରନ୍ତା । ଏ ସବୁରେ ଆମର ପରିକଳ୍ପନା ପଛରେ ପଡିଛି, ଏହା ନିରାଟ ସତ୍ୟ ।

ଓଡିଶାର ବେଳାଭୂମି ଗୁଡିକ କିପରି ବିକଶିତ ତାହା ଇଣ୍ଡୋନେସିଆ, ସିଙ୍ଗାପୁର, ବାଲି ଦ୍ୱୀପ ଦେଖି ଆସିଲେ ତୁଳନା କରିହେବ । ଜଣେ ପର୍ଯ୍ୟଟକ ହୋଇ ସେ ସବୁ ଦେଶ କଥା ଛାଡନ୍ତୁ, ଭାରତର ପର୍ଯ୍ୟଟନ ବହୁଳ ରାଜ୍ୟ ଗୁଡିକ ଦେଖିଲେ ଆମ ମନକୁ ଆସେ ପର୍ଯ୍ୟଟନ ବିକାଶ କରିବାକୁ ଆମର ଆନ୍ତରିକତା ନାହିଁ, ଇଚ୍ଛାଶକ୍ତି ନାହିଁ, ଆମର ଲୋକ ପ୍ରତିନିଧି ମାନଙ୍କର ନେତୃତ୍ୱର ଅଭାବ ରହିଛି, ରାଜ୍ୟର ରାଜନୈତିକ ଅଭିସନ୍ଧି ଅଭାବ । ତା ସହିତ ରହିଛି ଆମ ଓଡିଶା ପ୍ରାଶାସନିକ ଉଦାସିନତା । ପର୍ଯ୍ୟଟନ ଶିଳ୍ପ ଯେତେ ନୀତି ବିଧାନ କରୁପଛେ, ସେଗୁଡିକର ପ୍ରଶାସନିକ ନାଲିଫିତାରୁ ନିସ୍ତାର ପାଉନି । ଅଧୁନା ଏହି ମୁମୂର୍ଷୁ ଓଡିଶା ପର୍ଯ୍ୟଟନ ସ୍ୱଳ୍ପ ପର୍ଯ୍ୟଟକ ସଂଖ୍ୟାରେ ସନ୍ତୁଷ୍ଟ । ପୁଣି ସେଇ ସଂଖ୍ୟାରୁ ଅଣଓଡିଆ ପର୍ଯ୍ୟଟକ ତଥା ଅଣଭାରତୀୟ ପର୍ଯ୍ୟଟକ ହାତ ଗଣତି ।

କିନ୍ତୁ ଯେତିକି ଦେଶ ବାହାରର ପର୍ଯ୍ୟଟକ ଓଡିଶା ବୁଲି ଦେଖିବାର ସୁଯୋଗ ପାଆନ୍ତି, ସେମାନେ ଏହି ରାଜ୍ୟର ଦର୍ଶନୀୟ ସ୍ଥାନ ବା ମନ୍ଦିରକୁ ଯେତିକି ଉଚ୍ଚ ସ୍ୱରରେ ପ୍ରଶଂସା କରନ୍ତି, ସେମାନଙ୍କର ଗମନାଗମନ ଓ ରହିବାର ବ୍ୟବସ୍ଥାକୁ ଉଚ୍ଚମାନର ବୋଲି ମତ ଦିଅନ୍ତିନାହିଁ । ଏହା ଆମର ଅପାରଗତାର ପ୍ରମାଣଦିଏ ।

ଦୁଃଖ ଆସେ ଯେତିକି ଓଡିଆ ଓଡିଶା ବାହାରକୁ ବୁଲି ଯାଉଛନ୍ତି, ଭାରତର ପର୍ଯ୍ୟଟନର ଆତ୍ମା ବୋଲାଉଥିବା ଏହି ରାଜ୍ୟ ସେତିକି ପର୍ଯ୍ୟଟକ ଆକର୍ଷିତ କରିପାରୁନି । ଆଜିର ଜଗତ ଗୋଟିଏ ପରିବାର ହେବାବେଳେ ଗମନାଗମନ କି ହୋଟେଲ ଶିଳ୍ପର ଅଭାବ କ୍ଷମଣୀୟ ନୁହେଁ ।

ସୁଖର କଥା ଏବେ ଓଡିଶାରୁ ଆନ୍ତର୍ଜାତୀୟ ବିମାନସେବା ପ୍ରବର୍ତ୍ତିତ । ଭୁବନେଶ୍ୱର- କୁଆଲାଲୁମ୍ପୁର୍ ସିଧାସଳଖ ଆକାଶ ଯାତ୍ରା ପର୍ଯ୍ୟଟନ କ୍ଷେତ୍ରରେ ନିଶ୍ଚିତ ବିକାଶର ଧାରା ଆଣିବ । ରାଜ୍ୟ ଉତ୍ସବମୁଖର କରି ପୁରୀ ବେଳାଭୂମି, କୋଣାର୍କ, ଧଉଳି ଆଦି ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରକୁ ଓଡିଶାର ମନଲୋଭା ଆକର୍ଷଣ ସୃଷ୍ଟି କରୁଛି । ଦିଲ୍ଲୀରେ ଓଡିଶା ଉତ୍ସବ ଆୟୋଜନ କରି ଓଡିଶାର ରଙ୍ଗ ଓ ଦୃଶ୍ୟର ପ୍ରଚାର ପ୍ରସାର କରିପାରୁଛି ।

ଆଶା ଓ ବିଶ୍ୱାସ ଦିନେ ଏଇ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଲୁପ୍ତ ଥିବା ଅସୀମ ଶକ୍ତିର ବିକାଶ କରିବ ।

*ରିଡର, ରାଜନୀତି ବିଜ୍ଞାନ, ପ୍ରାଣନାଥ କଲେଜ, ଖୋର୍ଦ୍ଧା*
*ମୋ-୯୪୩୮୩୦୫୪୮୮*

●●●●

# ୩. କଳିଙ୍ଗାଃ ସାହସିକାଃ

# ପଥ ହରା ଆଜି........।

*ମନଜ୍ୟୋତ୍ସ୍ନା ସାମଲ*

ଗୁରୁଣ୍ଡି ଚାଲୁଛୁ ଆମେ
ମେରୁହୀନ ଉତ୍କଳ ସନ୍ତାନ
କଙ୍କାଳ ଉଠିବ କାହୁଁ
କେମିତି ଯେ ଛିଡିବ ଶୃଙ୍ଖଳ।
ହୃଦୟକୁ ଭାଗଭାଗ କରି
ବେଢାଉଛୁ ଛାତିରେ ପାଚେରୀ
ଅହରହ ତୋଳାହୁଏ ସ୍ୱାର୍ଥର ମହଲ
କେମିତି ବା ଜାଗିବ ଦୁର୍ବଳ ।।

ହେ ଆଷାଢର ଭସାବାଦଲ
ଛମଛମ ବରଷି ଯାଅ
ବତୁରି ଯାଉ ଏ ମାଟି
ଅସ୍ମିତାର ମହାଦ୍ରୁମ ହେଉ ଅଙ୍କୁରଣ ?
"ମିଶୁ ମୋର ଦେହ ଏ ଦେଶ ମାଟିରେ"
ପୁଣି ଥରେ ଚଉଦିଗେ ହେଉ ଗୁଞ୍ଜରଣ
କି ଆନନ୍ଦ ଥାଏ ସତେ
କାହାପାଇଁ ପିଠି ପାତିବାରେ
ମାଟି ମା ପାଇଁ ନିଜକୁ
ବିଛେଇ ଦେବାରେ।
କେତେ ସୁଖ ମିଳେ ସତେ
ଜୀଇବାରେ ଚିରକାଳ ଜୀବନକୁ
ମରଣର କ୍ଷଣ ଭିତରେ ।।

କାଳ କବଳିତ କୋଣାର୍କର
ଶିରାଳ ଦେହରେ
ହେ ଝାଉଁ ବନର ଶିରଶିର ପବନ
ଛୁଇଁ ଦିଅ ତୁମ କାଉଁରି ପରଶ
ଝଙ୍କୃତ ହେଉ ନର୍ତ୍ତକୀ ନୂପୁର
ନିହାଣର ଠକ ଠକ ଶବ୍ଦରେ
ଆତ୍ମ ଗାଥା ଧରମାର
କେତେ ତୁଚ୍ଛ ସତେ ନିଜ ସୁଖ।
ପୁଣିଥରେ ପ୍ରତିଧ୍ୱନିତ ହେଉବ
ସଭିଏଁ ଜୀଅନ୍ତି ନିଜ ନିଜ ପାଇଁ
କେବେ ଥରେ ଏ ଜୀବନ ଆନ ପାଇଁ
ଦେଇକି ତ ଦେଖ ।।
ମହୋଦଧି କୋଳରୁ ଉଇଁ ଆସୁଥିବା
ସୂର୍ଯ୍ୟର ରକ୍ତିମ ଆଭା
ପତିତ ପାବନ ବାନା ଛୁଇଁ ଛୁଇଁ ଯାଅ
ସାରା ବିଶ୍ୱକୁ କହିଦିଅ
ଆଜି ବି ଲହଡି ଖେଳେ ଏ ମାଟିରେ
ପ୍ରେମ ଆଉ କରୁଣା ପ୍ଲାବନ।
ଜଗତର ନାଥ ଯିଏ ଜଗତ ତାରଣ
ବଡଦାଣ୍ଡରେ ବିରାଜି ନିଜେ ପୁଣି
ହୋଇଯାନ୍ତି ପତିତଙ୍କ ମେଳେ ନିମଜ୍ଜନ ।।

*ବରମୁଣ୍ଡା, ଭୁବନେଶ୍ୱର*
*ମୋ-୮୨୪୯୮୩୬୬୧୧*



# ସିପାହୀ ବିଦ୍ରୋହର ସିପାହୀ ପଣ୍ଡା - ଚାଖି ଖୁଣ୍ଟିଆ

*ଡ. ଭବାନୀ ଶଙ୍କର ଦାଶ*

ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସରେ ଓଡିଆଙ୍କର ବୀରତ୍ୱର ଗାଥା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯାଇଛି । ୧୬୦୦ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଗଠନ ପରଠାରୁ ୧୮୦୩ ମସିହାରେ ଇଂରେଜଙ୍କ ଓଡିଶା ଦଖଲ ପର୍ଯ୍ୟାୟ ଅଲୋଚନା କଲେ ଜଣାଯାଏ ଯେ ଇଂରେଜ ସମ୍ରାଜ୍ୟବାଦର ସମ୍ପ୍ରସାରଣ କାଳରେ ଓଡିଶା ଥିଲା ଇଂରେଜମାନଙ୍କ ଆକାଂକ୍ଷିତ କଲିକତା ମାଡ୍ରାସ ପଥରେ ରହିଥିବା ପ୍ରତିବନ୍ଧକ ରାଜ୍ୟ, କିନ୍ତୁ ତାହାର ଭୂଗୋଳ ଓ ଇତିହାସ, ଧର୍ମ ଓ ସଂସ୍କୃତି ଏତେ ସରଳ ନଥିଲା ଇଂରେଜ ମାନଙ୍କୁ ଆକର୍ଷିତ କରିବାରେ । ସେଇ ଭୂଖଣ୍ଡ ଇଂରେଜଙ୍କ ଭାରତ ଆଗମନ ପୂର୍ବରୁ ଦୀର୍ଘକାଳ ଦେଶର ବିଜାତୀୟ ମାନଙ୍କୁ ପ୍ରତିରୋଧ କରି ହିନ୍ଦୁ ରାଷ୍ଟ୍ର ଭାବରେ ତିଷ୍ଠି ରହିଥିଲା । ଓଡିଶା ରାଷ୍ଟ୍ରରେ ଥିଲା ଅଦମ୍ୟ ପାଇକମାନଙ୍କର ରଣହୁଙ୍କାର ଓ ଓଡିଶାର ବଣିଜ ଥିଲା ସାଗର ବକ୍ଷରେ ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ତଥା ସୁବର୍ଣ୍ଣଦ୍ୱୀପରେ ।

୧୮୦୩ ମସିହାରେ ଇଂରେଜମାନେ ଓଡିଶା ଦଖଲ କରିବାର କଳ କୌଶଳ ପ୍ରୟୋଗ କରି ମରହଟ୍ଟା ଶକ୍ତିକୁ ହରାଇ ଥିଲେ, ଓଡିଶାବାସୀ ଇଂରେଜମାନଙ୍କୁ ପ୍ରତ୍ୟାଖ୍ୟାନ କରିବାର ଭାଷା ହୋଇଥିଲା ପାଇକ ବିଦ୍ରୋହ, ଓଡିଶା ହାସଲ କରିବାର ମାତ୍ର ୧୪ ବର୍ଷ ପରେ ପାଇକ ବିଦ୍ରୋହ ଭାବରେ ରୂପ ନେଇଥିଲା । ପାଇକମାନେ ଇଂରେଜ ଦପ୍ତର ଭାଙ୍ଗିଦେଇ କର୍ମଚାରୀମାନଙ୍କୁ ଦପ୍ତରରୁ ବାହାର କରିଦେଇଥିଲେ ବାଣପୁର, ଖୋର୍ଦ୍ଧା ଆଉ ପୁରୀରୁ । ଏହା କେବଳ ବକ୍ସି ଜଗବନ୍ଧୁ ନିଜ ଦାବି ପାଇଁ ଉପସ୍ଥାପନ କରି ନଥିଲେ, ଏହା ଥିଲା ସାରା ଓଡିଶାକୁ ଶୋଷକ ଇଂରେଜ ଶକ୍ତି ବିରୁଦ୍ଧରେ ଏକ ଆହ୍ୱାନ ।

ଓଡିଶାର ଦୂର ଦୂରାନ୍ତରେ ଶାସକମାନେ ନିଜର ସହମତି ଦେବା ସହିତ ବ୍ୟାପକ ସହଯୋଗ ଥିଲା ଅନୁନ୍ନତ ଆଦିବାସୀ ମାନଙ୍କ ସହ । ଏହା ନିଶ୍ଚିତ ଭାରତରେ ଇଂରେଜ ଶକ୍ତି ବିରୁଦ୍ଧରେ ପ୍ରଥମ ସଂଗ୍ରାମ, ନିଜ ଦେଶକୁ ନିଜର ମଣି ଇଂରେଜଙ୍କୁ ବହିଷ୍କାର କରିବାର ମାନସିକତା । ଏହି ପାଇକ ବିଦ୍ରୋହରେ ଦୋହଲିଯାଇଥିଲା ଇଂରେଜମାନଙ୍କ ସମ୍ରାଜବାଦୀ ଚେର । ରାଜ୍ୟ ପରେ ରାଜ୍ୟ ଜୟ କରି ରବର୍ଟ କ୍ଲାଇଭ୍ କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିବେ କଲମ ଛାଡି ସେ ଖଣ୍ଡା ଧରି ଯେଉଁ ରାଜ୍ୟ ଜୟ କରୁଛନ୍ତି, ସେଠାରେ ଜନତା ତାଙ୍କୁ ଏହି ମର୍ମରେ ଗ୍ରହଣ କରିବେ । ବିଦେଶୀ ବିରୁଦ୍ଧରେ ଚିନ୍ତା କରିବା ଓ ଯୁଦ୍ଧ କରିବାର ଉଦାହରଣ ସୃଷ୍ଟି କରିଥିଲେ ଓଡିଶାର ପାଇକମାନେ । ସେମାନଙ୍କର ସଫଳତା ଏମିତି ଧାରଣା ଆଣି ଦେଇଥିଲା ଯେ ଇଂରେଜଶକ୍ତି ଦୁର୍ଲଂଘ୍ୟ ନୁହେଁ । ଓଡିଶାରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରି କେତେକ କୁଚକ୍ରୀ ଦେଶଦ୍ରୋହୀ ନିମକ ହାରାମ ପାଇକ ସଂଗ୍ରାମର ଅନ୍ତରାୟ ସାଜିଥିଲେ । ତଥାପି ଇଂରେଜ କେତେ ବର୍ଷର ଗରିଲା ଯୁଦ୍ଧ ପ୍ରଣାଳୀରେ ଆତଙ୍କିତ ହୋଇପଡିଥିଲେ । ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସରେ ପାଇକ ବିଦ୍ରୋହ ଏକ ସମୁଜ୍ଜ୍ୱଳ ଅଧ୍ୟାୟ ।

ଏହି ବିଦ୍ରୋହ ଗଢିତୋଳିଥିଲା କେତେ ଦୃଢ ପ୍ରତିଜ୍ଞ ଦେଶପ୍ରେମୀ ମାନଙ୍କୁ । ବିଦ୍ରୋହର ଫଳସ୍ୱରୂପ ଓଡିଶାରୁ ଉଦ୍ଭବ ହୋଇଥିଲା ଅନେକାନେକ ମହାପ୍ରଭାବଶାଳୀ ଦେଶଭକ୍ତ । ଯେଉଁମାନେ ଦେଶ ସୁରକ୍ଷାପାଇଁ ନିଜ ପରିବାର ପରିଜନ ସମେତ ନିଜ ଅମୂଲ୍ୟ ଜୀବନ ଜଳାଞ୍ଜଳୀ ଦେଇଥିଲେ । ସେମାନଙ୍କ ମଧ୍ୟରେ ଏହି ସ୍ୱର୍ଦ୍ଧିତ ଉଚ୍ଚାରଣ ହେଉଛି ଚାଖି ଖୁଣ୍ଟିଆ ।

ଚାଖି ଖୁଣ୍ଟିଆ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ନୀତିନିଷ୍ଠ ସେବକ । ଅସାଧାରଣ ବଳବିକ୍ରମର ଅଧିକାରୀ ଚାଖିଙ୍କଠାରେ ନିହିତ ଥିଲା ଅଦ୍ଭୁତ କବିତ୍ୱ । ଯୋଦ୍ଧାଭାବେ, ମହାପ୍ରଭୁଙ୍କ ଏକନିଷ୍ଠ ସେବକଭାବେ, କବି ଭାବେ, ଭକ୍ତ ଭାବେ ଓ ଦେଶମାତୃକାର ଦାୟାଦଭାବେ ସିଏ ଥିଲେ ଅଦ୍ୱିତୀୟ । ତାଙ୍କୁ ନେଇ ଅନେକ କଥା ଓ ଅଗଣନ ବ୍ୟଥା ଏବେ ବି ଓଡିଶାରେ ପ୍ରଚଳିତ । ସିଏ ଥିଲେ ସିପାହୀ ବିଦ୍ରୋହର ସଫଳ ସେନାପତି ବିପ୍ଳବୀ ବୀର ଚାଖି ଖୁଣ୍ଟିଆ । ଅନ୍ୟନାମ ଚନ୍ଦନ ହଜୁରୀ ।

ଏକଦା ବଡଦାଣ୍ଡରେ ଦୁଇଟି ବୃହଦାକାୟ ଦୁଇଟି ରଥଚକକୁ ଏକାକୀ ଟାଣି ନେବାର ଅସମ୍ଭବ ଦୃଶ୍ୟ ସନ୍ଦର୍ଶନ କରି ତତ୍କାଳୀନ ରାଣୀ ସୂର୍ଯ୍ୟମଣି ପାଟମହାଦେଈ ତାଙ୍କୁ ସନନ୍ଦ ପ୍ରଦାନ କରିଥିଲେ । ସିଂହଭଳି ଅସାଧାରଣ ବଳବିକ୍ରମ ଓ ବିଚକ୍ଷଣ ବୁଦ୍ଧି ତାଙ୍କ ବ୍ୟକ୍ତିତ୍ୱକୁ ବହୁଗୁଣିତ କରିଥିଲା । ସବୁଥିରେ ସେ ଥିଲେ ଅସାଧାରଣ । ସାରାଜୀବନ ପୋଲିସ୍ ରୋଷର ଶିକାର ହୋଇଥିଲେ ସେ । ୧୮୫୭ର ସିପାହୀ ବିଦ୍ରୋହର ତୁଙ୍ଗନେତା ନାନାସାହେବ ଓ ରାଣୀ ଲକ୍ଷ୍ମୀବାଈଙ୍କ ସହ ତାଙ୍କର ସମ୍ପୃକ୍ତି ହେତୁ ବାରମ୍ବାର ଇଂରେଜ ସରକାରଦ୍ୱାରା ନିର୍ଯ୍ୟାତିତ ହେଉଥିଲେ ।

୧୮୧୭ ମସିହାରେ ପୁରୀର ଏକ ରକ୍ଷଣଶୀଳ ପରିବାରରେ ତାଙ୍କର ଜନ୍ମ । ପିତାଙ୍କର ନାମ ଥିଲା ରଘୁନାଥ (ଭୀମସେନ) ଖୁଣ୍ଟିଆ ଓ ମାତାଙ୍କ

ନାମଥିଲା କମଳାଦେବୀ । ଯାତ୍ରୀ ବ୍ୟବସାୟ ଥିଲା ରଘୁନାଥଙ୍କର କୌଳିକ ବୃତ୍ତି । କୌଳିକ ବୃତ୍ତିର ଅନୁରୋଧରେ ଭାରତର ବିଭିନ୍ନ ଅ□ଳକୁ ଯିବାକୁ ପଡୁଥିଲା । ପରମ୍ପରା ଅନୁଯାୟୀ ଦେଶର ବିଭିନ୍ନ ପ୍ରାନ୍ତକୁ ଯାଇ ଯାତ୍ରୀମାନଙ୍କୁ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ବିଷୟରେ ଆକର୍ଷିତ କରିବାର ପନ୍ଥା ଗଢିବା ଥିଲା ପ୍ରଧାନ ଲକ୍ଷ୍ୟ । ଏଥିରେ ସେମାନେ ବେଶ୍ ଲାଭବାନ ହେଉଥିଲେ । ଯାତ୍ରୀ ସଂଖ୍ୟା ବଢିଲେ, ରୋଜଗାର ବଢିଯାଏ । ନିର୍ଦ୍ଦିଷ୍ଟ ଅଞ୍ଚଳର ଭକ୍ତମାନଙ୍କ ପାଇଁ ଯାତ୍ରୀପଣ୍ଡା ରହିଥାନ୍ତି । ସେଇ ନ୍ୟାୟରେ ପିତା ରଘୁନାଥଙ୍କର ସେ ସମୟ ପେଶୱାଙ୍କ ସହିତ ଯାତ୍ରୀ ସମ୍ପର୍କ ରହିଥିଲା । ରଘୁନାଥ ଯାତ୍ରୀ ବ୍ୟବସାୟ କ୍ରମରେ ପେଶୱାଙ୍କ ରାଜ୍ୟ ବିଥୁର (ଅଧୁନା ଉତ୍ତର ପ୍ରଦେଶରେ) ସହିତ ଉତ୍ତମ ବ୍ୟବସାୟିକ ସମ୍ପର୍କ ଗଢି ଉଠିଥିଲା । ଦାୟାଦ ସୂତ୍ରେ ଚାଖି ଆଦରି ନେଇଥିଲେ ସେଇ ବୃତ୍ତିକୁ । ଏଥିପାଇଁ ଚାଖି ବିଥୁର ତଥା ଉତ୍ତର ଭାରତର ଅନ୍ୟାନ୍ୟ ସ୍ଥାନକୁ ବାରମ୍ବାର ଯାଉଥିଲେ । ବିଶେଷତଃ ବିଥୁର ଲୋକ ଥିଲେ ଜଗନ୍ନାଥଗତ ପ୍ରାଣ । ପେଶୱାଙ୍କର ମଧ୍ୟ ଜଗନ୍ନାଥଙ୍କ ପ୍ରତି ଅଚଳାଚଳ ଭକ୍ତି ରହିଥିଲା ।  ସେ ସମୟର 'ରାଜାନୁଗତ ଧର୍ମ' ନ୍ୟାୟରେ ରାଜ୍ୟର ସମସ୍ତ ପ୍ରଜା ଜଗନ୍ନାଥପ୍ରିୟ । ଜଗନ୍ନାଥଧାମରୁ ଆସିଥିବା ଯାତ୍ରୀପଣ୍ଡା ଚାଖି ତେଣୁ ଜଗନ୍ନାଥଙ୍କ ପ୍ରଭାବରେ ପ୍ରଭାବଶାଳୀ ହୋଇଯାଇଥିଲେ ସେଠିକାର ଲୋକଙ୍କ ମଧ୍ୟରେ । ବିଥୁରର ଲୋକେ ଚାଖିଙ୍କୁ ବିଶେଷ ମାନ୍ୟତା ଦେଉଥିଲେ ।

ତତ୍କାଳୀନ ପ୍ରଥା ଅନୁସାରେ ଅଳ୍ପ ବୟସରେ ପୁରୀରେ ବୈଦିକ ରୀତିରେ ସୌଦାମିନୀଙ୍କୁ ବିବାହ କରିଥିଲେ । ମାତ୍ର ଦୁର୍ଭାଗ୍ୟର ସହୋଦର ଚାଖି ସଂସାର କରି ମଧ୍ୟ ସଂସାର ସୁଖରୁ ବଞ୍ଚିତ ହୋଇଥିଲେ । ପାରିବାରିକ ସମ୍ପର୍କ ତାଙ୍କର ବ୍ୟାହତ ହୋଇଥିଲା ଦେଶମାତୃକା ଲାଗି ।  ଶୈଶବରେ ଜାଗାଆଖଡାରେ କୁସ୍ତି କସରତ କରି ସେ ହୋଇଥିଲେ ଅସୀମ ଶକ୍ତିର ଅଧିକାରୀ । ପୌରାଣିକ ଭୀମ ଭଳି ତାଙ୍କର ଅମାପ ଶକ୍ତିଥିଲା  ଓ ସେ ଦେଖିବାକୁ ମଧ୍ୟ ଭୀମପରି ଥିଲେ । କେବଳ ବପୁଷ୍ମାନ ଓ ଶକ୍ତିଧର ଭାବରେ ନୁହେଁ, ଏହା ସହିତ ସଂସ୍କୃତ, ଓଡ଼ିଆ ତଥା ଅନ୍ୟାନ୍ୟ ଭାରତୀୟ ଭାଷା ଆୟ□ କରିଥିଲେ । ଭାରତୀୟ ପୁରାଣ ଶାସ୍ତ୍ରରେ ତାଙ୍କର ଯଥେଷ୍ଟ ପାରଦର୍ଶିତା ଥିଲା । ସେ ପଣ୍ଡିତ ରାମଦୟାଳଙ୍କଠାରୁ ହିନ୍ଦି ଶୀକ୍ଷାଲାଭ କରିଥିଲେ । ଏହା ସହିତ ଚାଖି ଥିଲେ ଏକ ଅନନ୍ୟ ଆକର୍ଷଣର ଅଧିକାରୀ । ଅଗ୍ନିବର୍ଷୀ ଭାଷଣ ଦେବା ତାଙ୍କର ଏକ ଅସାଧାରଣ ଦକ୍ଷତା ।  ସେବାକାର୍ଯ୍ୟକୁ ଜୀବନରେ ବ୍ରତ ଭାବରେ ଗ୍ରହଣ କରିଥିଲେ ଚାଖି ।

ଜାତୀୟତାର ମହାମନ୍ତ୍ର ତାଙ୍କ ଭିତରେ ଅହରହ ନିନାଦିତ ହେଉଥିଲା । ୧୭୫୭ ମସିହାରେ ପଲାସୀ ଯୁଦ୍ଧକ୍ଷେତ୍ରରେ ଇଷ୍ଟ ଇଣ୍ଡିଆ କମ୍ପାନୀ ସିରାଜ ଉଦ୍ଦୌଲାଙ୍କୁ ହତ୍ୟାକଲା । ଗୃହଭେଦୀ ମାନଙ୍କର ଚକ୍ରାନ୍ତର ଶିକାର ବନିଗଲେ ସିରାଜ । ଯୁଦ୍ଧରେ ଇଂରେଜଜାତିର ଷଡଯନ୍ତ୍ର ଓ ଗୃହଭେଦୀଙ୍କର ଚକ୍ରାନ୍ତ ସଫଳ ହେଲା । ଯୁଦ୍ଧରେ ସିଏ ପରାସ୍ତ ଓ ନିହତ ହେଲାପରେ ବ୍ରିଟିଶ ସମ୍ରାଜ୍ୟବାଦ ପ୍ରସାରିତ ହେବା ସଙ୍ଗେସଙ୍ଗେ ଭାରତର ସ୍ୱାଧୀନତା ବିପନ୍ନ ହୋଇପଡିଲା । ସାମନ୍ତସନ୍ଧି, ରାଜସ୍ୱତ୍ୱଲୋପନୀତି ପରି ଅନେକ କୂଟନୀତି ପ୍ରୟୋଗ ଦ୍ୱାରା ଚ□କତା ଓ ବିଶ୍ୱାସଘାତକତା ମାଧ୍ୟମରେ ବ୍ରିଟିଶ କାୟା ବିସ୍ତାର କରିଚାଲିଲା ଭାରତରେ । ବିସ୍ମୟର କଥା, ଭାରତୀୟମାନେ ଦୀର୍ଘ ଏକ ଶତାବ୍ଦୀ ନିର୍ଯ୍ୟାତିତ ହେବା ପରେ ସେମାନଙ୍କର ଚେତନା ଉଦ୍ରେକ ହେଲା । ଏହା ସେମାନଙ୍କର ସ୍ୱଭାବତଃ ସହନଶୀଳତା ବା ଅହିଂସା ମନୋଭାବ କାରଣରୁ ହୋଇପାରେ । ମାତ୍ର ସବୁର ସୀମା ରହିଛି, ସୀମା ଟପିଲେ ପରିସ୍ଥିତି ଉଦ୍‌ବେଗଜନକ ହେବା ସ୍ୱାଭାବିକ । ତାହାହିଁ ଘଟିଲା । ଭାରତୀୟ ମାନଙ୍କର ସ୍ତୁପୀକୃତ ଅସନ୍ତୋଷ ଏକ ବିସ୍ଫୋରକ ମୋଡନେଲା ୧୮୫୭ ସିପାହୀ ବିଦ୍ରୋହ ନାମରେ । ସିପାହୀମାନଙ୍କଠାରୁ ଆରମ୍ଭ ହୋଇଥିଲେ ହେଁ, ଏ ବିଦ୍ରୋହ ସିପାହୀ ମାନଙ୍କ ମଧ୍ୟରେ ସୀମିତ ନଥିଲା । ବ୍ରିଟିଶ୍ ସମ୍ରାଜ୍ୟବାଦର ମୂଳୋତ୍ପାଟନ ନିମନ୍ତେ ଯେଉଁ ଅଦମ୍ୟ ଆକାଂକ୍ଷା ଭାରତୀୟ ମାନଙ୍କ ମଧ୍ୟରେ ଜାଗି ଉଠିଥିଲା, ଏ ବିଦ୍ରୋହ ଥିଲା ତାର ପରିଣତି । ସ୍ୱାଭିମାନୀ, ଦେଶଭକ୍ତ ଚାଖି ଏହି ଆନ୍ଦୋଳନରେ ସକ୍ରିୟ ହୋଇ ପଡିଥିଲେ । ଇଂରେଜଶକ୍ତି ବିରୁଦ୍ଧରେ ୧୮୫୭ ସିପାହୀ ବିଦ୍ରୋହ ବାସ୍ତବରେ ଭାରତୀୟ ମାନଙ୍କର ପ୍ରଥମ ମୁକ୍ତି ବିଦ୍ରୋହ ନୁହେଁ । ପ୍ରଥମ ବିସ୍ଫୋରଣ ଘଟିଥିଲା ପାଇକ ବିଦ୍ରୋହରେ । ୪୦ ବର୍ଷ ପୂର୍ବରୁ ୧୮୧୭ ମସିହାରେ, ଓଡିଶା ଭୂଇଁରେ ସଂଗଠିତ ହୋଇଥିଲା ରଣକୌଶଳ ଖଚିତ ଓଡିଆ ପାଇକର ରଣହୁଙ୍କାରରେ । କାଳ ଅନୁଧ୍ୟାନ କଲେ, ସେଇ ୧୮୧୭ ମସିହା ଚାଖିଙ୍କ ଜନ୍ମ ବର୍ଷ । ଓଡିଶାରେ ଇଂରେଜ ବିରୋଧାଭାବ ତାଙ୍କ ରକ୍ତର ସମସ୍ତ କଣିକାରେ ଯେମିତି ପ୍ରବାହିତ ହେଉଥିଲା । ପାଇକବିଦ୍ରୋହର ସୂତ୍ରଧରମାନେ ଚାଖିଙ୍କ ମନରେ ଉଦଜୀବିତ କରିରଖିଥିଲେ ବିପ୍ଳବ କୌଶଳ ।

ମରାଠା ସେନାବାହିନୀର ପ୍ରଧାନ ସେନାପତି ଗୋରାପନ୍ତ ତାମ୍ବେଙ୍କର ତୀର୍ଥଗୁରୁ ଥିଲେ ଚାଖି ଖୁଣ୍ଟିଆ । ଏହି ଗୋରାପନ୍ତଙ୍କର କନ୍ୟା ହେଉଛନ୍ତି ମନୁବାଇ, ଯିଏ ପରବର୍ତ୍ତୀ କାଳରେ ହୋଇଛନ୍ତି ରାଣୀ ଲକ୍ଷ୍ମୀବାଇ । କ୍ରମେ ଚାଖିଙ୍କର ବୃତ୍ତିଗତ ଓ ଜାତୀୟତା କାରଣରୁ ଗୋରାପନ୍ତ ଓ ଲକ୍ଷ୍ମୀବାଇଙ୍କ ସହିତ ଘନିଷ୍ଠତା ବୃଦ୍ଧିପାଇଛି । ଅବଲୀଳାକ୍ରମେ ବ୍ୟବସାୟ କ୍ଷେତ୍ର ବିଥୁରଠାରେ ପେଶୱା ବାଜିରାଓଙ୍କ ପୋଷ୍ୟପୁଅ ନାନାସାହେବଙ୍କ ସହ ସମ୍ପର୍କ ଓ ନିବିଡତା ବିଦ୍ରୋହର ଗତିକୁ ବହୁଗୁଣିତ କଲା ।

ଲକ୍ଷ୍ମୀବାଇ ଚାଖିଙ୍କୁ ଗଭୀର ବିଶ୍ୱାସ କରୁଥିଲେ । ଚାଖିଙ୍କ ଉପରେ ତାଙ୍କର ଯଥେଷ୍ଟ ଭରସାଥିଲା । ଅନେକ ପଦକ୍ଷେପ ନେବାବେଳେ ରାଣୀ ଚାଖିଙ୍କ ପରାମର୍ଶ ଲୋଡୁଥିଲେ । ଅନେକ ମତ ଦିଅନ୍ତି, ଚାଖି ଝାନ୍ସୀ ରାଣୀ ଲକ୍ଷ୍ମୀବାଇଙ୍କର କୁଳପୁରୋହିତ ଥିଲେ ।  ସିପାହୀ ବିଦ୍ରୋହ ପୂର୍ବରୁ ରାଣୀ ଚାଖିଙ୍କର କେତେ ଦିଗରୁ ମତାମତ ନେଇଥିଲେ । ଅନୁମାନ କରାଯାଏ, ୧୧ ମଇ ୧୮୫୪ ମସିହାରେ ଓ ୧୮ ଜୁନ୍ ୧୮୫୬ ମସିହାରେ ରାଣୀଙ୍କର ଚାଖିଙ୍କ ପାଖକୁ ଦୁଇଟି ପ୍ରେରିତ ପତ୍ର ସିପାହୀ ବିଦ୍ରୋହରେ ଚାଖିଙ୍କ ଭୂମିକା ବିଷୟରେ ଆଭାସ ଦିଏ । ଅବଶ୍ୟ ଅନେକ ଐତିହାସିକ ଏହି ଭୂମିକାକୁ ଅବିଶ୍ୱାସ କରନ୍ତି । କିନ୍ତୁ ଅଧୁନା ଅଭିଲେଖାଗାରରେ ତତ୍କାଳୀନ ଜିଲ୍ଲା ପ୍ରଶାସକ ଓ ଅନ୍ୟ ପଦାଧିକାରୀମାନଙ୍କ ହସ୍ତଲେଖା ନଥିରେ ଚାଖିଙ୍କୁ 'ସିପାହୀ ପଣ୍ଡା' ବୋଲି ଅଭିହିତ କରାଯାଇଛି । ଏଣୁ ଅନୁମାନ କରାଯାଏ, ସିପାହୀ ବିଦ୍ରୋହ ପୂର୍ବରୁ ଏନ୍‌ଫିଲଡ୍ ବନ୍ଧୁକରେ ଗୋରୁଚର୍ବିଦ୍ୱାରା ପ୍ରସ୍ତୁତ ଟୁଟୁ ବ୍ୟବହାରର ବିରୋଧର ବିଧର୍ମୀ ଭାବନାକୁ ତୀବ୍ର ଓ ଜ୍ୱାଳାମୁଖୀ କରିବା ପାଇଁ ଚାଖିଙ୍କର ଭାଷଣ ଇନ୍ଧନ ହୋଇପାରିଥିଲା ।


ଏହି ସମୟରେ ପାଦ୍ରୀମାନେ ହିନ୍ଦୁଧର୍ମକୁ ନ୍ୟୁନଦୃଷ୍ଟିରେ ଦେଖୁଥିଲେ ଓ ଖ୍ରୀଷ୍ଟିଆନ ଧର୍ମପ୍ରସାର ପାଇଁ ଆଗୁସାର ଥିଲେ । ଫଳରେ ଭାରତୀୟ ସମାଜ ଏକ ସଂକଟପୂର୍ଣ୍ଣ ପରିସ୍ଥିତି ଦେଇ ଗତି କରୁଥିଲା । ଜଗନ୍ନାଥ ସଂସ୍କୃତିର ଦାୟାଦ ଭାବେ, ଜଗନ୍ନାଥଙ୍କ ସେବକ ଭାବେ ଚାଖି ସିପାହୀ ମାନଙ୍କର ଶ୍ରଦ୍ଧା, ସମ୍ମାନ ଓ ବିଶ୍ୱାସଭାଜନ ହୋଇ ପାରିଥିଲେ । ଏଣୁ ପ୍ରାୟତଃ ନିରକ୍ଷର ସିପାହୀମାନଙ୍କୁ ଏନ୍‌ଫିଲଡ୍ ରାଇଫଲ୍ ବିରୁଦ୍ଧରେ ପ୍ରବର୍ତ୍ତାଇବା ଚାଖିଙ୍କ ପକ୍ଷେ ସହଜ ଓ ସମ୍ଭବଥିଲା ।  କାରଣ ବିଦ୍ରୋହର କାରଣ ଥିଲା ଧର୍ମଗତ । ଫଳତଃ ଚାଖି ଖୁବ୍ ଶୀଘ୍ର ଇଂରେଜ ସରକାରଙ୍କ ସନ୍ଦେହର ବିଷବଳୟ ଭିତରକୁ ଚାଲିଆସିଥିଲେ ।  ପୁଲିସ୍ ଆଖିରେ ଧୂଳି ଦେଇ ଚାଖି ଉତ୍ତରଭାରତର ବିଭିନ୍ନ ଅଞ୍ଚଳରେ ଘୂରିବୁଲିଲେ । ବିଶେଷକରି ରାଣୀ ଲକ୍ଷ୍ମୀବାଇଙ୍କର ମୃତ୍ୟୁପରେ ଚାଖି ଆତ୍ମଗୋପନ କରିଥିଲେ । ଶେଷରେ ଲକ୍ଷ୍ନୌଠାରେ ସଂଘଟିତ ବିଦ୍ରୋହର ଅନ୍ୟତମ ନେତାରୂପେ ଅଭିଯୁକ୍ତ କରାଯାଇ ବିହାରଠାରେ ତାଙ୍କୁ ବନ୍ଦୀ କରାଯାଇଥିଲା । ପୁରୀରେ ଥିବା ତାଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତ କରିଦିଆଗଲା । ୧୮୫୮ ମସିହାରେ ତାଙ୍କୁ ରାଜକ୍ଷମା ଦିଆଯାଇ ମୁକ୍ତି ଦିଆଗଲା ସତ, ହେଲେ ତାଙ୍କୁ ବୃତ୍ତିଗତ ଯାତ୍ରୀ ବ୍ୟବସାୟରୁ ଉଚ୍ଛେଦ କରିଦିଆଗଲା । ଦୀର୍ଘଦିନ ଧରି ଓଡିଶାରୁ ଦୂରରେ ରହିବା ଓ ତାଙ୍କ ସମ୍ବନ୍ଧରେ କିଛି ଖବର ନ ମିଳିବାରୁ, ଓଡିଶାର ଲୋକେ ଧରିନେଇଥିଲେ ଯେ ଚାଖିଙ୍କର ଦେହାନ୍ତ ହୋଇଯାଇଛି । ଦୀର୍ଘଦିନ ପରେ ଏହା ଜାଣି ତାଙ୍କ ପତ୍ନୀ ଅଗତ୍ୟା ବୈଧବ୍ୟ ଆଦରି ନେଇଥିଲେ । ମାତ୍ର ତାଙ୍କର ଆକସ୍ମିକ ପୁରୀକୁ ପୁନରାଗମନରେ ସାଧାରଣରେ ଏକ ଢଗ ସୃଷ୍ଟିହେଲା –

ନଈରେ ବାଲିଆ ଚହଟିଲା
ସଞ୍ଜ ସିନ୍ଦୂର ନାଆଲୋ ବଉଳ,
ପୁଣି ଚାଖିଆ ଲେଉଟିଲା ।

ଏସବୁ ସତ୍ତ୍ୱେ ବ୍ରିଟିଶ୍ ପୋଲିସ୍‌ର ସତର୍କ ଦୃଷ୍ଟି ସର୍ବଦା ଚାଖିଙ୍କ ଉପରେ ରହିଥିଲା । ପୋଲିସ୍ ଅନୁସନ୍ଧାନ ଅନୁସାରେ ସିପାହୀ ବିଦ୍ରୋହର ଅନ୍ୟତମ ପ୍ରମୁଖ ନେତା ଅଜିମୁଲ୍ଲା ଖାଁ, ଯିଏକି ନାନାସାହେବଙ୍କର ସହକାରୀଥିଲେ, ତାଙ୍କ ସହ ଚାଖିଙ୍କର ସମ୍ପର୍କଥିଲା । ଏଥିପାଇଁ ସରକାରୀ ହୁକୁମନାମା ଅନୁସାରେ ପୁରୀ ହରଚଣ୍ଡୀ ସାହି ନିବାସୀ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆଙ୍କୁ ନିୟମିତ ଥାନାରେ ହାଜିରା ଦେବାକୁ ପଡୁଥିଲା । ଏଭଳି ଅବାଞ୍ଛନୀୟ ପରିସ୍ଥିତି ଓ ଭାଗ୍ୟର ବିଡମ୍ବନାରେ ଅତିଷ୍ଠ ହୋଇ ପଡିଥିଲେ ମହାବୀର ଚାଖି । ବାରମ୍ବାର କିଛି କାରଣ ନଥାଇ ତାଙ୍କ ଘର ଖାନତଲାସ କରାଯାଉଥିଲା । ବାଧ୍ୟ ହୋଇ ଚାଖି ପ୍ରତିକାର ସ୍ୱରୂପ ନିଜ ପତ୍ନୀଙ୍କୁ ବିଶ୍ୱନାଥ ମହାସୁଆରଙ୍କ ଘରକୁ ପଠାଇ ଦେଇଥିଲେ ଓ ଚଳିବାପାଇଁ ଦୟା ବେହେରା ନାମକ ବିଶ୍ୱସ୍ତ ଭୃତ୍ୟ ମାଧ୍ୟମରେ କିଛି ଅବଶିଷ୍ଟ ପୈତୃକ ସମ୍ପତ୍ତି ହସ୍ତାନ୍ତର କରିଥିଲେ । ଏହାପରେ ବ୍ୟଥା ବେଦନାରେ ଅତିଷ୍ଠ ହୋଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣରେ ରହିଲେ । ଶ୍ରୀଜଗନ୍ନାଥଙ୍କ ଭଜନଜଣାଣ ରଚନାକରି ଓଡିଆ ସରସ୍ୱତୀଙ୍କ ସେବାକଲେ । ତାଙ୍କଦ୍ୱାରା ମନୁବାଇ ନାମକ 'ଏକକ' ବି ରଚିତ ହୋଇଥିଲା । ଏହା ସିପାହୀ ବିଦ୍ରୋହ ଓ ରାଣୀ ଲକ୍ଷ୍ମୀବାଇଙ୍କ ବଳିଦାନ ଘଟଣା ଉପରେ ଆଧାରିତ । ଅବଶେଷରେ ୧୮୭୦ ମସିହାରେ ତାଙ୍କ ମହାଜୀବନର ଅବସାନ ଘଟିଥିଲା ।

*ବାଲିପାଟଣା,*
*ମୋ – ୯୪୩୭୨୭୯୧୪୨*

●●●●



# ଅପ୍ରସ୍ତୁତ ଓଡ଼ିଆ: ତା' ଜାତୀୟ ହିରୋ

*ରବି କାନୁନ୍‌ଗୋ*

ଭୁବନେଶ୍ୱର ବୀର ସୁରେନ୍ଦ୍ର ସାଏ ନଗରରେ ବସବାସ କରୁଥିବା ଜଣେ ଆତ୍ମୀୟଙ୍କ ପି.ଜି. ପଢୁଥିବା ପୁଅକୁ ପଚାରିଲି, 'ସୁରେନ୍ଦ୍ର ସାଏ କିଏ କି ରେ ?" ତା ଠାରୁ ଅଜବ ଉତ୍ତର ଶୁଣିଲି । "ସିଏ କିଏ ?" ମୁଁ କହିଲି, "ତାଙ୍କ ନାଁରେ ତମ ଅଞ୍ଚଳ । ତୁ ଜାଣିନୁ ?" ସୂଚେଇ ଦେଲା ପରେ ସେ କହିଲା, "ଭି.ଏସ.ଏସ. ନଗର ଯାହା ବୀର ସୁରେନ୍ଦ୍ର ସାଏ ନଗର କ'ଣ ସେଇଆ ?" ଟିକେ ବୁଝି ସାରିବା ପରେ ସେ ଅନର୍ଗଳ କହି ଚାଲିଲା । ବୀର ସୁରେନ୍ଦ୍ର ସାଏ କୁଆଡ଼େ ଥିଲେ ଜଣେ ବଡ଼ ସ୍ୱାଧୀନତା ସଂଗ୍ରାମୀ । କଂଗ୍ରେସର 'ଭାରତ ଛାଡ଼ ଆନ୍ଦୋଳନ'ରେ ସେ ଅଂଶ ନେଇ ବାରମ୍ବାର ଜେଲ ଯାଇଥିଲେ । ରିଲିଫ୍ ବାଣ୍ଟିବାରେ ତାଙ୍କ ସମକକ୍ଷ କେହି ନ ଥିଲେ । ଏମିତି ଗୁଡ଼ିଏ ତାହା କଥା ।

ବରଂ ଯୁବକ ଜଣକ ଯଦି ନଜାଣିଚି ବୋଲି କହିଥା'ନ୍ତା, ଠିକ୍ ହୋଇଥା'ନ୍ତା । ମାତ୍ର ଜାଣିଲା ପରି ଯେମିତି ଦମ୍ଭରେ କହିଲା, ମୋତେ ଲାଗିଲା, ସେ ହିଁ ଓଡ଼ିଆ କୁଳର ଉପଯୁକ୍ତ ଦାୟାଦ !

ଆମର କେତେକ ଅସୁବିଧା ରହିଛି । 'ଗୁଣ ଚିହ୍ନେ ଗୁଣିଆ' । ଏଇ ଢଗଟିକୁ ଯେମିତି ରଟୁ, ସବାଆଗେ ତାତ୍ପର୍ଯ୍ୟର ସାକ୍ଷୀ ରୂପେ ଆମେ ନିଜେ ହିଁ ଠିଆ ହୋଇପଡୁ । କୌଣସି ପୁଣ୍ୟପୁରୁଷଙ୍କ ବିଷୟରେ ଆମେ ପରପିଢ଼ିକୁ ସଠିକ ସୂଚନା ଦେଉନା । କାରଣ, ଆମେ ସେମାନଙ୍କ ସ୍ମୃତିର ଗୌରବ କଥା ଜାଣୁନା ଏବଂ ସେଥିରୁ କାହାକୁ ସମ୍ମାନ କଲେ ତହିଁରେ ଯେ ନିଜର ଗୌରବ ବଢ଼େ, ତାହା ମଧ୍ୟ ବିଶ୍ୱାସ କରୁନା ।

ଏ ପର୍ଯ୍ୟାୟରେ କେବଳ ସୁରେନ୍ଦ୍ର ସାଏ ନୁହଁନ୍ତି, ଅନେକ ଆସିବେ ଉପେନ୍ଦ୍ର ଭଞ୍ଜ, ଗଙ୍ଗାଧର ମେହେର କି ଫକୀରମୋହନ ସେନାପତି ଯଦି ସ୍କୁଲ କଲେଜ ପାଠ୍ୟ ପୁସ୍ତକରେ ନଥା'ନ୍ତେ, ସେମାନଙ୍କ ଅବସ୍ଥା ଏହାଠାରୁ ଭିନ୍ନ ହୋଇ ନଥା'ନ୍ତା । ପ୍ରାୟ ୧୯୮୩ର କଥା । ଏ ଲେଖକ ରାଉରକେଲା ପୌରପାଳିକାର ସରକାରୀ ମନୋନୀତ କାଉନ୍‌ସିଲର ଥାଏ । ଶ୍ରୀ ଅରବିନ୍ଦ ବେହେରା ଥା'ନ୍ତି ଅତିରିକ୍ତ ଜିଲ୍ଲାପାଳ ଏବଂ ପୌରପାଳିକାର ମନୋନୀତ ଅଧକ୍ଷ । କେତେକ କାଉନ୍‌ସିଲରଙ୍କୁ ବୁଝେଇ ଗୋଟିଏ ପ୍ରସ୍ତାବ ଆଣିଥିଲୁ ଯେ '୭-୮ ଏରିଆ' ବୋଲି କୁହାଯାଉଥିବା ଜାଗା ଏକ ସମ୍ଭ୍ରାନ୍ତ ଅଞ୍ଚଳ । ଖାସ୍ ତା'ର କିଛି ନାଁ ନାହିଁ ବା ଯାହା କୁହାଯାଉଛି ସେଗୁଡ଼ିକ ଅବର୍ଜ୍ୟା ଶୁଭୁଚି । ତାହାର ନାମକରଣ 'ସୁରେନ୍ଦ୍ର ସାଏ ନଗର' କରିବା । ସାଏଙ୍କ ଜାତୀୟ ଅବଦାନ ସମ୍ପର୍କରେ ସେହି ବୈଠକରେ ଢେର ଦି'ପଦ କହିଥିଲି । ପ୍ରସ୍ତାବକୁ କେହି ବିରୋଧ କରିନଥିଲେ । ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହେଲା । ଜଣେ ଅଧିକ କୁହାଳିଆ – ଯିଏ ସାଏଙ୍କ ବିଷୟରେ ପୂର୍ବରୁ କିଛି ବି ଜାଣିନଥିଲେ – କହିଲେ ଯେ ରାଉରକେଲାର ପ୍ରବେଶ-ପଥ ପାନପୋଷ ରୋଡ୍-ଆଇଲାଣ୍ଡ (ଯେଉଁଠି ଏବେ ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତି)ରେ ତାଙ୍କର ଏକ ପ୍ରତିମୂର୍ତ୍ତି ମଧ୍ୟ ସ୍ଥାପନ କରାଯାଉ । ପ୍ରସ୍ତାବଟି ଯଦିଓ ସ୍ୱାଗତଯୋଗ୍ୟ ଥିଲା, ମାତ୍ର ମୋ ମନରେ ସେଥିଯୋଗୁ ଖଟ୍‌କା ଲାଗିଥିଲା । ସରକାରୀ ହେଲେ ସିଦ୍ଧାନ୍ତ ଯେମିତି ହଲଚଲ ହୁଏ ଏମିତିରେ ମୂଳଚୂଳ ଉଭୟ ଲୋପ ହେବନି ତ ! ତାହା ବି ବୈଠକରେ ବ୍ୟକ୍ତ କରିଥିଲି । କୁହାଳିଆମାନେ ପାଟି କଲେ, ଆପଣ ବିରୋଧ କରନ୍ତୁନି ।

ସାଙ୍ଗେସାଙ୍ଗେ ଗୋଟେ କମିଟି ତିଆରି ହେଲା । ସୁରେନ୍ଦ୍ର ସାଏଙ୍କ ଆଗାମୀ ଜନ୍ମର ତାରିଖ ଦିନ ବାର ଖୋଜାଗଲା । ମନେ ପକାଇଦେଉଛୁ ଯେ ସେତେବେଳେ ତାଙ୍କ ଜନ୍ମଦିନ (୨୩.୧) ଓଡ଼ିଶାରେ ଜାତୀୟ ମର୍ଯ୍ୟାଦା ପାଇନଥିଲା । ମାତ୍ର ସମ୍ବଲପୁର ଜନସାଧାରଣଙ୍କ ଚେଷ୍ଟାରେ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସରିଥାଏ ।

ସିଦ୍ଧାନ୍ତ ହେଲା ଯେ ଆଗାମୀ ଜନ୍ମଦିନକୁ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ ଏବଂ ସିଭିଲ୍‌ଟାଉନ୍ ବା ୭-୮ ଏରିଆର ନୂଆ ନାଁ ସେଇ ଦିନ ଠାରୁ ଚାଲିବ । କିନ୍ତୁ ସେପରି କିଛି ହେଲାନାହିଁ । ବହୁ ଦିନ ବିତିଗଲା । ସାଏଙ୍କର ଫଟୋଚିତ୍ର ଖଣ୍ଡେ ଯୋଗାଡ଼ ହୋଇପାରିଲା ନାହିଁ । ବୈଠକ ପରେ ବୈଠକ ବସୁଥାଏ । ପ୍ରଗତି କିଛି ନାହିଁ । ମୋ ପୂର୍ବ ସନ୍ଦେହ ସତ ହେବାକୁ ଆରମ୍ଭ କଲା । କମିଟି ସମ୍ବଲପୁର ଗସ୍ତ କଲେ । ଫେରି ଆସି ରିପୋର୍ଟ ଦେଲେ । ସତେ ଯେମିତି ସ୍ୱଚକ୍ଷୁରେ ତାଙ୍କୁ ଦେଖିଥିବା ପରି, କେତେକ କହିଲେ – ସେଠି ସୁରେନ୍ଦ୍ର ସାଏ ଚଢ଼ିଥିବା ଘୋଡ଼ାର ପେଟ ବଡ଼ ଓ ଖୋଦ୍ ସାଏଙ୍କ ନିଶଟା ଛୋଟ ।

ପ୍ରଶାସନ ଓ ରାଜନୀତିର ବାତାବରଣ ବଦଳିଗଲା । ଶ୍ରୀ ବେହେରାଙ୍କର ବଦଳି ହୋଇଗଲା । ନିର୍ବାଚିତ ନୂଆ କାଉନ୍‌ସିଲ ଆସିଲା । ସୁରେନ୍ଦ୍ର ସାଏ ସମ୍ଭବତଃ ଆଉ ପୌରପାଳିକାର ପ୍ରାଧାନ୍ୟ ଭିତରେ ରହିଲେ ନାହିଁ ।

ପରେ, ସରକାରୀ ଉଦ୍ୟମ ଆରମ୍ଭ ହେଲା ବିଶ୍ରାରୋଡ୍ ଛକରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ପାଇଁ ।

ଭୁବନେଶ୍ୱରରେ 'ବୀର ସୁରେନ୍ଦ୍ର ସାଏ ନଗର'ର ନିର୍ମାଣ ଏବଂ ନାମକରଣ ଏହାର ପରବର୍ତ୍ତୀ ଘଟଣା ।

ଓଡ଼ିଶାରେ କୌଣସି ବିଭବର ନେତୃତ୍ୱ ନାହିଁ । ରାଜନୀତି କଥା ନ କହିଲେ ଆଉରି ଭଲ । ସ୍ୱାଧୀନୋତ୍ତର ଭାରତରେ ଓଡ଼ିଶା ରାଜ୍ୟ ଯଦି ପରିଚୟହୀନତାର ଗହ୍ୱର ଭିତରକୁ ପଶି ଯାଇଥାଏ ସେଥିପାଇଁ କେବଳ ରାଜନୀତିକୁ ଦୋଷ ଦିଆଯାଇପାରିବ ନାହିଁ । କାରଣ, ନେତୃତ୍ୱର ଅର୍ଥ କେବଳ ରାଜନୈତିକ ନେତୃତ୍ୱ ବୋଲି ଆମେ ମନେ କରିବା ଉଚିତ ନୁହେଁ । ଯେଉଁ ସମାଜରେ ରାଜନୀତି ପ୍ରମୁଖ ପରି ଦେଖାଯାଏ, ଧରି ନେବାକୁ ହେବ ଯେ ସେଠି ଅନ୍ୟ ସବୁ ସ୍ତରରେ ମୁରବି ମର୍ଯ୍ୟାଦା ଭୁଶୁଡ଼ି ଯାଇଛି । ସମାଜର ସମସ୍ତ ବିଭବରେ ସ୍ତରସ୍ତର ହୋଇ ନେତୃତ୍ୱ ରହିବା କଥା । ଦୁର୍ଭାଗ୍ୟ, ଓଡ଼ିଶାରେ ତାହା ନାହିଁ । ସବୁ ଯେମିତି ରାଜନୀତିର ବ୍ଲାକ୍‌ହୋଲ୍‌ରେ ଲୀନ ହୋଇଯାଇଛି । ଏହି ବିଫଳତା ସୂଚେଇବାକୁ ଆମେ ଏଠି ଦୁଇଟି ଘଟଣାର ଅବତାରଣା କରିବୁ ।

ଖାରବେଳ – ବନାମ – ଭାରତ ଇତିହାସ । ପାଇକ ବିଦ୍ରୋହ – ବନାମ – ଭାରତର 'ପ୍ରଥମ ସ୍ୱାଧୀନତା ସଂଗ୍ରାମ' ।

ପ୍ରମାଣସିଦ୍ଧ ଭାବେ ଓଡ଼ିଆ ଐତିହାସିକମାନଙ୍କ ମତରେ ମୌର୍ଯ୍ୟ ସାମ୍ରାଜ୍ୟ ପତନ (ଖ୍ରୀଷ୍ଟପୂର୍ବ ୧ମ ଶତାବ୍ଦୀ) ପରେ କଳିଙ୍ଗର ଉତ୍ଥାନ ହୁଏ ମହାମେଘବାହନ ଐର ଖାରବେଳଙ୍କଠାରୁ । ତାଙ୍କ ସାମ୍ରାଜ୍ୟ ବିସ୍ତାରିତ ହୋଇଥିଲା ଉ□ରରେ ମଥୁରା, ଦକ୍ଷିଣରେ ପାଣ୍ଡ୍ୟ ଏବଂ ପଶ୍ଚିମରେ ରଥିକ ଓ ଭୋଜକ (ପରବର୍ତ୍ତୀ କାଳରେ ମହାରାଷ୍ଟ୍ର) ରାଜ୍ୟ ପର୍ଯ୍ୟନ୍ତ । ତା'ମାନେ, ଭାରତ ଇତିହାସରେ ସ୍ୱଷ୍ଟ ସ୍ଥାନ ଅଧିକାର କରିଥିବା ଅନେକ ନରପତି ବା ବଂଶର ସାମ୍ରାଜ୍ୟ ଠାରୁ କ୍ଷେତ୍ରଫଳରେ ତାହା ଯଥେଷ୍ଟ ଅଧିକ ଥିଲା । ମାତ୍ର ସେଇ ଖାରବେଳ ଓଡ଼ିଆ ମିଡ଼ିୟମ ମ୍ୟାଟ୍ରିକ ଇତିହାସ ବହିରୁ ବାହାରି ପଦାକୁ ଯାଇପାରି ନାହାଁନ୍ତି । ସାରା ଭାରତ ଜାଣେନି, ଖାରବେଳ କିଏ !

ଏଥିରେ ଆମ ପଣ୍ଡିତମାନଙ୍କର କିଛି ତ୍ରୁଟି ରହିଛି ବୋଲି ଆମେ କହିବୁ । କାରଣ, ଓଡ଼ିଆ ଭାଷାକୁ ନେଇ ଓଡ଼ିଶା ହେଲା । ଏହା ଏକ ଐତିହାସିକ ସତ୍ୟ । ଏହି ସମନ୍ୱୟ ପ୍ରକ୍ରିୟାର ଏକ ସୁନ୍ଦର କ୍ରିୟାଶୀଳ ଅତୀତ ସମ୍ବନ୍ଧରେ ମଧ୍ୟ ସନ୍ଦେହ ନାହିଁ । ଅନନ୍ୟତାରେ ଏହି ପ୍ରୌଢ଼ି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ପରେ ବି ନିଜର ଭେକ ବଦଳାଇଲା ନାହିଁ । ଭାଷାର ଇତିହାସ ଓ ଭୂମିର ଇତିହାସକୁ ଏକାକାର କରି ପରବର୍ତ୍ତୀ ଓଡ଼ିଆ ମାନସିକତା ବହୁ ମିଛକୁ ଆପଣେଇ ନେଲା ।

ଆମେ ଓଡ଼ିଶା ଇତିହାସର ମୁରବିମାନଙ୍କୁ ପ୍ରଶ୍ନ କରିପାରୁ, "ମହୋଦୟଗଣ, ଓଡ଼ିଶା ସପକ୍ଷରେ ଯାଉଥିବା କେତେକ ଉଜ୍ଜ୍ୱଳ ଐତିହାସିକ ସତ୍ୟଟିକୁ ଆପଣମାନେ ଭାରତୀୟ ଦରବାରରେ ଉପସ୍ଥାପିତ ଏବଂ ଗୃହୀତ ନ କରାଇଲେ ବା କରି ନ ପାରିଲେ କାହିଁକି ? କିନ୍ତୁ ଓଡ଼ିଆମାନେ ଖୁସି ହୁଅନ୍ତି ଆଉ ଏକ ଘଟଣାରେ । ଚଣ୍ଡାଶୋକ କୁଆଡ଼େ ଏହି ଭୂଇଁର ଦେଢ଼ ଲକ୍ଷ 'ଓଡ଼ିଆ' ଯୋଦ୍ଧା (ଅଶୋକଙ୍କ କାଳରେ ଓଡ଼ିଆ ?)ଙ୍କୁ ମାରି ପାଣି ବଦଳରେ ଦୟା ନଦୀରେ ରକ୍ତର ସୁଅ ବୁହାଇ ଏଇଠି ଧର୍ମାଶୋକରେ ପରିଣତ ହୋଇଗଲେ !

ଯେଉଁ ଜାତି ନିଜର ନଥିବା ସାହସିକତାକୁ ଛଳନା ଦ୍ୱାରା ଲୁଚାଇବା ଉଦ୍ୟମରେ ଏପରି ହାସ୍ୟାସ୍ପଦ ପରିଚୟଟିଏ ନିଜ ପାଇଁ ତିଆରି କରେ ବା ଅନ୍ୟମାନଙ୍କ ମିଛ ପ୍ରଚାରରେ ରାଜି ହୁଏ ଏବଂ ତାହା ଆଉ ଏକ ତିଆରି ହେଉଥିବା ଜାତୀୟ ଗୌରବବୋଧର ପାଦ ତଳେ ଥୋଇ ସେଠାରୁ ଅଭୟ ଆଶ୍ରା ଖୋଜେ, ଆମେ ଅଲବତ୍ କହିବୁ ଯେ ସେ 'ଆଗେ ଓଡ଼ିଆ ନା ଆଗେ ଭାରତୀୟ ?', ଏହି ପ୍ରାଧାନ୍ୟ ବୁଝିବାରେ ଭୁଲ କରିଛି ।

ଠିକ୍ ଅଛି ଅଶୋକ ଯଦି ଜିତିଲେ, ହାରିଲା କେଉଁ ରାଜା ଜଣକ ? ଅଥବା – କଳିଙ୍ଗ 'ଗଣତନ୍ତ୍ର' ଥିଲା କି ? ଯଦି ତାହା ହୋଇଥାଏ ତା'ହେଲେ ବିଶ୍ୱ ଇତିହାସରେ କଳିଙ୍ଗର ସ୍ଥାନ ତ ଗ୍ରୀସ୍, ଏଥେନ୍ସ କି ସ୍ପାର୍ଟାଠାରୁ ତ ପୁରୁଣା ହୁଅନ୍ତା !



କଳିଙ୍ଗ ଯୁଦ୍ଧ

ପରିଣତି ଯେପରି ହେବା କଥା, ତାହା ହିଁ ହେଉଛି । ଦୁଃଖ ଲାଗେ ଯେ ଜାତୀୟ ସ୍ତରରେ ଓଡ଼ିଶାର ଭଲ ମନ୍ଦ ଅଳ୍ପ କେତୋଟି ମାତ୍ର ପରିଚୟ । ଜଗନ୍ନାଥ, ଓଡ଼ିଶୀ ନୃତ୍ୟ, ପିପିଲି ଚାନ୍ଦୁଆ, ବରଗଡ଼ ଧନୁଯାତ୍ରା, ବନ୍ୟା, ବାତ୍ୟା, ଅଫିସରମାନଙ୍କ ଦ୍ୱାରା ରିଲଫ ହଡ଼ପ, ସରକାରୀ ଦୁର୍ନୀତି, ଅନାହାର ମୃତ୍ୟୁ ଓ ସେକ୍ସ ସ୍କାଣ୍ଡାଲ୍ । ଓଡ଼ିଆ ଖବରକାଗଜର ସୂଚନା-ପ୍ରାଧାନ୍ୟକୁ ଲକ୍ଷ୍ୟ କଲେ ଜାଣି ହୁଏ ଯେ ଉପରୋକ୍ତ ପ୍ରସଙ୍ଗଗୁଡ଼ିକ ହିଁ ସେଗୁଡ଼ିକଙ୍କ ପାଇଁ ସହଜ ଉପଜୀବ୍ୟ। ଫେଣେଇ ଫେଣେଇ ସେଗୁଡ଼ିକୁ ଭାରତୀୟ ସ୍ତର ପର୍ଯ୍ୟନ୍ତ ପହଞ୍ଚାନ୍ତି। ଅନ୍ୟଥା ସେମାନଙ୍କ ଧାରଣା: କେବଳ ଓଡ଼ିଆ ବଡ଼ମାନେ ଜାଣିଲେ 'ଖବର'ର ମୂଲ୍ୟ କ'ଣ ?

ପାଇକ ବିଦ୍ରୋହ – ବନାମ – ଭାରତର 'ପ୍ରଥମ ସ୍ୱାଧୀନତା ସଂଗ୍ରାମ' । ନୂଆ ଭାରତୀୟତା ଭିତରେ ଓଡ଼ିଆମାନଙ୍କ ନିମନ୍ତେ ଯା'ଠୁଁ ଆଉ ବଡ଼ ସଂଘାତ ଆଉ କିଛି ନଥିଲା କି ଏତେ ବଡ଼ ପରିଚୟ ସଙ୍କଟର ଅବକାଶ ଆଉ କେବେ ଆସି ନଥିଲା । 'ଆମେ କେମିତି ଭାରତୀୟ ?' – ଏହି ପ୍ରଶ୍ନ ନିଜେ ନିଜକୁ ବି ପଚାରିଲୁ ନାହିଁ ।

ଡିସେମ୍ବର ୫, ୧୮୦୪ ଦିନର କମିସନର୍ ଘୋଷଣା ଅନୁଯାୟୀ, ମରହଟ୍ଟା ୱାହିଦାଦାର୍ ମୁରାର୍ ପଣ୍ଡିତଙ୍କୁ ଆଦେଶ ଦିଆଗଲା ଯେ ଖୋର୍ଦ୍ଧା ରାଜା ମୁକୁନ୍ଦଦେବ-୨ (ଧର୍ମାନ୍ତରୀକରଣ ନାଁ – ହାଫିଜ୍ କାଦେର୍) 'ଇଂରେଜ ସରକାରଙ୍କ ଶତ୍ରୁ' ହୋଇଥିବାରୁ ଜଗନ୍ନାଥଙ୍କ ପୂଜାରାଧନା ସମୟରେ ତାଙ୍କ ନାମୋଚ୍ଚାରଣ କରାଯିବ ନାହିଁ । ସମସାମୟିକ କାଳରେ କୁଜଙ୍ଗ ରାଜା ଚନ୍ଦ୍ରଧ୍ୱଜ ଭଞ୍ଜ ଓ କନିକା ରାଜା ବଳଭଦ୍ର ଭଞ୍ଜ 'ଇଂରେଜ ସରକାରଙ୍କ ସହିତ ଶତ୍ରୁତା' ଯୋଗୁ କାରାଦଣ୍ଡ ଭୋଗିଥିଲେ । ତା'ପରେ ଆଜି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରାୟ ପନ୍ଦର ବର୍ଷରୁ ଉର୍ଦ୍ଧ୍ୱ କାଳ 'ପାଇକ ବିଦ୍ରୋହ' ପରି ଇଂରେଜ-ବିରୋଧୀ ଯୁଦ୍ଧ ଓ ଆନ୍ଦୋଳନ ଚାଲିଲା । କେତେ ସହିଦ ହୋଇଥିଲେ ତହିଁର ପ୍ରାମାଣିକ ସୂଚନା ନାହିଁ ବା କେତେ ଜେଲ ଯାଇଥିଲେ ତା'ର ହିସାବ ନାହିଁ ।

ଏହି ପରିପ୍ରେକ୍ଷୀରେ ଆମେ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଦେଖିବା ।

ତୃତୀୟ ମରହଟ୍ଟା ଯୁଦ୍ଧ ପରେ, ବ୍ରିଟିଶ୍ ସହିତ ନାଗପୁରର ନାନାସାହେବ ମାଧୋଜୀ ଭୌଁସଲେଙ୍କ ଭିତରେ ଏକ ଚୁକ୍ତି ସଂପାଦିତ ହେବା ଫଳରେ ସମ୍ବଲପୁର ଓ ତହିଁର ଅଧୀନ ରାଜ୍ୟଗୁଡ଼ିକ ୧୮୧୮ରେ ବ୍ରିଟିଶ୍ ଅଧିକାରଭୁକ୍ତ ହୋଇଥିଲେ ସୁଦ୍ଧା, ବସ୍ତୁତଃ ତାହା ସେମାନଙ୍କ ସିଧାସଳଖ ଦଖଲକୁ ୧୮୨୬ ବେଳକୁ ଆସିଥିଲା । ପୂର୍ବରୁ ବନ୍ଦୀ ହୋଇଥିବା ସମ୍ବଲପୁରର ରାଜା ଜେଠ ସିଂହଙ୍କୁ ୧୮୧୭ରେ ନାଗପୁରର ଭୌଁସଲେ ରାଜା ବନ୍ଦୀ-ମୁକ୍ତ କରିଥିଲେ । ଜେଠ ସିଂହ ସମ୍ବଲପୁର ଫେରିବା ପରେ ମାତ୍ର ଦୁଇ ବର୍ଷ ଶାସନ କରିବା ପରେ ତାଙ୍କର ମୃତ୍ୟୁ ହେଲା । ତାଙ୍କ ପୁଅ ମହାରାଜ ସାଏ ନିଜ ମୃତ୍ୟୁ, ଅର୍ଥାତ୍ ୧୮୨୯, ପର୍ଯ୍ୟନ୍ତ ରାଜା ଭାବେ ଶାସନ ଦାୟିତ୍ୱରେ ଥିଲେ । ସେ ନିସନ୍ତାନ ଭାବେ ମରିଥିଲେ । ସୁରେନ୍ଦ୍ର ଥିଲେ ବଂଶଲତା ଅନୁକ୍ରମର ଉତ୍ତରାଧିକାରୀ ।

ଗୋଟିଏ ଅଶାନ୍ତ ଜଳଧାରା ନିଜ ପଥ ନିଜେ ବାଛିବା ପରି, ଇତିହାସର ବିପ୍ଳାତରୁ କିପରି ନୂଆ ଓଡ଼ିଶା ସୃଷ୍ଟି ହୋଇଛି ତାହା ଜାଣିବାକୁ ଚେଷ୍ଟା କଲେ ଆମେ କ'ଣ ଦେଖିବାକୁ ପାଉ ?

ବ୍ରିଟିଶମାନଙ୍କ ଦ୍ୱାରା ୧୮୧୯ରେ 'ଦକ୍ଷିଣ ବିହାର ଓ ଛୋଟନାଗପୁର ଟ୍ରିବ୍ୟୁଟାରି ମାହାଲ' ନାଁରେ ଏକ ପ୍ରଶାସନିକ କ୍ଷେତ୍ର ବା ଡିଭିଜନ୍ ଗଠନ କରାଯାଇଥିଲା । ସେଥିରେ ସମ୍ବଲପୁରକୁ ଅନ୍ତର୍ଭୁକ୍ତ କରାଗଲା । ୧୮୩୧-୩୨ କନ୍ଧ ମେଳି ଦମନ କଲାପରେ ପୁଣି ପ୍ରଶାସନିକ ଢଙ୍ଗର ପରିବର୍ତ୍ତନ କରାଗଲା । ୧୮୩୩ ରେ 'ଦକ୍ଷିଣ-ପୂର୍ବ ଫ୍ରଣ୍ଟିଅର୍ ଏଜେନ୍ସି' ସୃଷ୍ଟି କରାଯାଇ ତାହାକୁ 'ଏଜେଟ୍-ଟୁ- ଦି ଗଭର୍ଣ୍ଣର ଜେନେରାଲ'ଙ୍କ ଅଧୀନରେ ରଖାଗଲା । ରାଞ୍ଚିଠାରେ ସେହି ଅଧିକାରୀଙ୍କୁ ଅବସ୍ଥାପିତ କରାଗଲା । ପୁଣି ୧୮୫୪ ଏଜେନ୍ସି ବ୍ୟବସ୍ଥା ଲୋପ କରାଗଲା । ଏଜେଣ୍ଟ୍ ପଦବୀର ନାଁ ବଦଳାଇ କମିସନର କରାଗଲା ଏବଂ ଛୋଟନାଗପୁରକୁ ସେହି ପ୍ରଶାସନିକ ଅଞ୍ଚଳରେ ଅନ୍ତର୍ଭୁକ୍ତ କରାଗଲା ।

ବ୍ରିଟିଶ୍ ଶାସନର ଫେଣ୍ଟାମିଶା କାରବାର ଭିତରେ ୧୮୨୧ରେ ସମ୍ବଲପୁର ଓ ତହିଁର ୧୭ଟି ଅଧୀନ ରାଜ୍ୟ : ପାଟଣା, ସୋନପୁର, ବୌଦ, ଆଠମଲ୍ଲିକ, ରେଢ଼ାଖୋଲ, ବାମଣ୍ଡା, ବଣେଇ, ଗାଙ୍ଗପୁର, ସାକ୍ତି, ରାୟଗଡ଼, ବରଗଡ଼, ଚନ୍ଦ୍ରପୁର, ବଡ଼ ସମ୍ବର, ସରଣଗଡ଼, ଫୁଲଝର, ଖଡ଼ିଆଳ ଏବଂ ବେନ୍ଦ୍ରା-ନୟାଗଡ଼ ପରି ରାଜ୍ୟମାନଙ୍କଠାରୁ ସେମାନଙ୍କ ରାଜନ୍ୟ ଆଧିପତ୍ୟ (ଫିଉଡ଼ାଲ୍ ସୁପ୍ରେମାସି) ପ୍ରତ୍ୟାହାର କରି ନିଆଗଲା । ୧୮୩୩ରେ ବରଗଡ଼ ରାଜ୍ୟକୁ ବ୍ରିଟିଶ୍ ଶାସନ ବାଜ୍ୟାପ୍ତ କଲା । ୧୮୩୭ରେ ବୌଦ ଓ ଆଠମଲ୍ଲିକକୁ 'ଦକ୍ଷିଣ-ପୂର୍ବ ଫ୍ରଣ୍ଟିଅର୍ ଏଜେନ୍ସି'ରୁ କାଢ଼ି 'ଦକ୍ଷିଣ ବିହାର ଓ ଛୋଟନାଗପୁର ଟ୍ରିବ୍ୟୁଟାରି ମାହାଲ'ରେ ମିଶାଇ ଦିଆଗଲା । ୧୮୪୯ରେ ସମ୍ବଲପୁର ରାଜ୍ୟକୁ ବାଜ୍ୟାପ୍ତ କରି ବ୍ରିଟିଶ୍ ଶାସନାଧୀନ କରି ରଖାଗଲା । ୧୮୫୦ର ଏକ ଆଇନ ବଳରେ ସମ୍ବଲପୁର ଅଧୀନ ସବୁ ରାଜ୍ୟରେ ପେନାଲ୍ କୋଡ୍ ଲାଗୁ କରାଗଲା ଏବଂ ସେସବୁ ରାଜ୍ୟକୁ ରାଞ୍ଚି ଠାରୁ ଶାସନ କରାଗଲା । କଳାହାଣ୍ଡିକୁ ନାଗପୁର ସହିତ ମିଶାଇ ଦିଆଯାଇଥିଲା ଏବଂ ଖୋଦ ନାଗପୁରକୁ ବ୍ରିଟିଶ୍ ସରକାର ୧୮୫୩ରେ ବାଜ୍ୟାପ୍ତ କରିଦେଲେ ।

ନଭେମ୍ବର ୧୮୬୧ରେ 'ସେଣ୍ଟ୍ରାଲ୍ ପ୍ରଭିନ୍ସ' ଗଠନ ପରେ ବାମଣ୍ଡା, ରେଢ଼ାଖୋଲ, କଳାହାଣ୍ଡି, ପାଟଣା, ସୋନପୁର ଓ ସମ୍ବଲପୁର ରାଜ୍ୟଗୁଡ଼ିକୁ (ସେତେବେଳକୁ ସମ୍ବଲପୁରକୁ ଏକ ଜିଲ୍ଲା ରୂପେ ରଖାଯାଇଥିଲା) 'ସେଣ୍ଟ୍ରାଲ୍ ପ୍ରଭିନ୍ସ'ର ଅନ୍ତର୍ଭୁକ୍ତ କରାଗଲା । ୧୮୬୩ ମସିହାରେ ପାଟଣା, ସୋନପୁର, ରେଢ଼ାଖୋଲ, ବାମଣ୍ଡା ଏବଂ କଳାହାଣ୍ଡିକୁ ବ୍ରିଟିଶ୍ ସରକାର ସାମନ୍ତ ରାଜ୍ୟ ଭାବେ ସ୍ୱୀକୃତି ପ୍ରଦାନ କରିଥିଲେ । 'ପ୍ରଜାଙ୍କ ଜୀବନ ଓ ମୃତ୍ୟୁ ଉପରେ ଅଧିକାର' ପ୍ରଦାନପୂର୍ବକ ୧୮୬୭ରେ ବ୍ରିଟିଶ୍ ସରକାର ତହିଁର ଶାସକ-ରାଜାମାନଙ୍କୁ ସନନ୍ଦ ଦେଇଥିଲେ । ୧୯୦୫ ବଙ୍ଗଭଙ୍ଗ ପରେ ଉପରୋକ୍ତ ସବୁ ରାଜ୍ୟକୁ ଓଡ଼ିଶା କମିସନରଙ୍କ ଅଧୀନରେ ରଖାଗଲା ।

ସୁରେନ୍ଦ୍ର ସାଏ (ଜନ୍ମ – ୨୩ ଜାନୁଆରୀ ୧୮୦୯, ବଡ଼ଗାଁ, ଜିଲ୍ଲା – ସମ୍ବଲପୁର; ଆସିରଗଡ଼ ଦୁର୍ଗରେ ଏପ୍ରିଲ ୧୮୬୫ ଠାରୁ ବନ୍ଦୀ ଭାବେ ରହି ୨୮.୨.୧୮୮୪ ଦିନ ମୃତ୍ୟୁ)ଙ୍କ ବିଶେଷତ୍ୱ କ'ଣ? କେବଳ ସମ୍ବଲପୁର ବ୍ୟତୀତ, ଭାରତର ଅନ୍ୟ ସବୁ ପ୍ରାନ୍ତରେ ୧୮୫୮ ସୁଦ୍ଧା ଇଂରେଜ ସରକାର ଚୂଡ଼ାନ୍ତ ଭାବେ 'ସିପାହି ବିଦ୍ରୋହ' ଦମନ କରି ସାରିଥିଲେ । ଲର୍ଡ କ୍ୟାନିଙ୍ଗ୍ ସେପରି ଘୋଷଣା କରିବାର ଗୋଟିଏ ମାସ ନ ପୂରୁଣୁ, ଅଗଷ୍ଟ ୨,

୧୮୫୮ ଦିନ ବ୍ରିଟିଶ୍ ପାର୍ଲାମେଣ୍ଟ, ଇଷ୍ଟ୍ ଇଣ୍ଡିଆ କମ୍ପାନି ଠିକ୍ ଭାବେ ଭାରତ ଚଳାଇପାରିଲା ନାହିଁ ପରି ଅଭିଯୋଗରେ, 'ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ' ଗୃହୀତ କରାଇ ଭାରତର ଶାସନ କ୍ଷମତା ଇଷ୍ଟ୍ ଇଣ୍ଡିଆ କମ୍ପାନି ହାତରୁ କାଢ଼ିନେଇ ବ୍ରିଟିଶ୍ କ୍ରାଉନ୍ (ସାମ୍ରାଜ୍ଞୀ: ମହାରାଣୀ ଭିକ୍ଟୋରିଆ)ଙ୍କ ହାତକୁ ଟେକିଦେଲେ ।

ନଭେମ୍ବର ୧, ୧୮୫୮ । ମହାରାଣୀ ଭାରତର ସମସ୍ତ ଜନସାଧାରଣ, ରାଜନ୍ୟବର୍ଗ ତଥା ପ୍ରଜା-ମୁଖ୍ୟମାନଙ୍କ ଉଦ୍ଦେଶ୍ୟରେ ଘୋଷଣା କଲେ ଯେ: ଏଣିକି 'ବ୍ରିଟିଶ୍ ଇଣ୍ଡିଆ'ରେ ଭାରତୀୟ ରାଜ୍ୟାଧିପତିମାନଙ୍କୁ ସେମାନଙ୍କ ରାଜ୍ୟ ଶାସନ ପାଇଁ ବ୍ରିଟିଶ୍ ସରକାର ନିରନ୍ତର ସମର୍ଥନ କରିବ; ଭାରତୀୟମାନଙ୍କ ଧର୍ମ-ବିଶ୍ୱାସ ଓ ପୂଜା ପଦ୍ଧତିରେ ହସ୍ତକ୍ଷେପ କରାଯିବ ନାହିଁ । ସର୍ତ୍ତ ରହିଲା, ଯେଉଁ ଭାରତୀୟ ଶାସକ ମହାରାଣୀଙ୍କ ବଶ୍ୟତା ସ୍ୱୀକାର କରିବ, ତା ପାଇଁ 'କୁଇନ୍ସ ଡିକ୍ଲରେସନ୍' (ମହାରାଣୀଙ୍କ ଘୋଷଣା) ଲାଗୁହେବ ।

ଐତିହାସିକ ବିବରଣୀ ଅନୁଯାୟୀ ଭାରତୀୟ ରାଜାମାନଙ୍କୁ ପଟେଇ ଫୁସଲେଇ ସେମାନଙ୍କ ଠାରୁ ବ୍ରିଟିଶ୍ ବଶ୍ୟତା ଆଦାୟ କରିବାକୁ ପାଞ୍ଚ ଶହ ଷାଠିଏଟି ରାଜନ୍ୟ ସମ୍ମିଳନୀ/ଗୁପ୍ତ ମନ୍ତ୍ରଣା (ରାଧାନାଥଙ୍କ 'ଦରବାର' ମନେ ପକାଇବା) ଅନୁଷ୍ଠିତ ହୋଇଥିଲା । ବଶ୍ୟତା ହାସଲ ହେଲା । ଯାହା ଫଳରେ, ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ଡିଜ୍‌ରାଇଲଙ୍କ ପ୍ରରୋଚନାରେ ୧୮୭୬ରେ ଭିକ୍ଟୋରିଆ ନିଜକୁ 'ବ୍ରିଟିଶ୍ କୁଇନ୍ ଏବଂ ଭାରତର ମହାରାଣୀ'(ଏମ୍ପରେସ୍ ଅଫ୍ ଇଣ୍ଡିଆ) ଭାବେ ଘୋଷଣା କଲେ । ମହାରାଣୀଙ୍କ ଘୋଷଣାର ସୁଯୋଗ ନେଇ ନିସନ୍ତାନ ରାଜାମାନେ ପୋଷ୍ୟପୁତ୍ର ଗ୍ରହଣ କଲେ ।

ଏଇଠି ଅକୁହା କଥାରେ ରହିଗଲା ଯେ, ଅନ୍ୟଥା, ବ୍ରିଟିଶ୍ ଶାସନର ବଶ୍ୟତା ସ୍ୱୀକାର କରି ନଥିବା ଅବାଧ୍ୟ ରାଜାମାନଙ୍କ ବିରୁଦ୍ଧରେ କୁଇନ୍ସ୍ ଗଭର୍ଣ୍ଣମେଣ୍ଟ ଯେତେବେଳେ ଇଚ୍ଛା ସେତେବେଳେ ଯୁଦ୍ଧ କରିପାରେ ।

କ୍ୟାନିଙ୍ଗ ବିଦ୍ରୋହ ସଂପର୍କରେ କ'ଣ କହିଥିଲେ ତାହା ଭିନ୍ନ କଥା, ମାତ୍ର ଇତିହାସର ଦସ୍ତାବିଜରେ ସୁରେନ୍ଦ୍ରଙ୍କ ବିଦ୍ରୋହ ଯୋଗୁ ବ୍ୟତିବ୍ୟସ୍ତ ହେଉଥିବା ଇଂରେଜ ଶାସନ ସେମାନଙ୍କ ଅସହାୟତା ଓ ଛଳନାର ବହୁ ପ୍ରମାଣ ଛାଡ଼ି ଦେଇ ଯାଇଛନ୍ତି । ଭାରତ ପରି ଏଡ଼େ ବଡ଼ ବ୍ରିଟିଶ୍ ସାମ୍ରାଜ୍ୟରେ ବିଦ୍ରୋହ ଦମନର ସଫଳତା ସମ୍ମାରେ, ସମ୍ବଲପୁର ବା ସେହିପରି ଆଉ କେତୋଟି ଛୋଟଛୋଟ ଜାଗାରେ ହେଉଥିବା ବିଦ୍ରୋହ କ୍ୟାନିଙ୍ଗଙ୍କୁ ହୁଏତ ବିବ୍ରତ କରି ନଥାଇପାରେ, ମାତ୍ର ସ୍ୱାଧୀନୋ□ର କାଳରେ ଏହି ସଂଗ୍ରାମର ଇତିହାସ ଲେଖା ହେଲାବେଳ (ପ୍ରାୟ ୧୯୭୬)କୁ ତାହା ମହିମା ହରେଇଲା କିପରି ?

ଯିଏ ବ୍ରିଟିଶ୍‌ମାନଙ୍କ ସହିତ ନିଜ ଦେଶ ପାଇଁ ଅଧିକ ଯୁଦ୍ଧ କଲା ସେ ଦେଶଭକ୍ତ ହେଲାନି, ଯେଉଁମାନେ ଆଗେ ଯୁଦ୍ଧ ସାରିଲେ ଓ ବ୍ରିଟିଶ୍ ମହାରାଣୀଙ୍କ ବଶ୍ୟତା ଆଗେ ସ୍ୱୀକାର କଲେ, ସେମାନେ ହେଲେ ଦେଶଭକ୍ତ ? ଏପରି ଅଦ୍ଭୁତ ଯୁକ୍ତିକୁ ଭିତ୍ତି କରି ଲେଖାଗଲା ତଥାକଥିତ 'ଭାରତ ସ୍ୱାଧୀନତା ସଂଗ୍ରାମ'ର ଇତିହାସ !

୧୮୫୭ରୁ ଆରମ୍ଭ ହୋଇଥିବା ବିଦ୍ରୋହକୁ ପ୍ରାୟ ୧୯୭୬ ପର୍ଯ୍ୟନ୍ତ ସମସ୍ତେ 'ସିପାହୀ ବିଦ୍ରୋହ' ନାମରେ ଜାଣିଥିଲେ । ୧୯୭୬ ପରେ ସେହି ନାଁ ପିଲାଙ୍କ ପାଠ ବହିରେ ବଦଳାଇ 'ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ' ଭାବେ ଅନ୍ତର୍ଭୁକ୍ତ କରାଗଲା ।

ଯୁକ୍ତିପାଇଁ, ଏଇଠି ଜାତୀୟ ବକ୍ତବ୍ୟରେ ଥିବା ବିରୋଧାଭାଷଗୁଡ଼ିକୁ ଦେଖିବା ।

୧. ବସ୍ତୁସତ୍ୟ ନାନାଦି ବିପରୀତ ଘଟଣା ପ୍ରତିପାଦିତ କରୁଥିଲେ ମଧ୍ୟ, ଆମେ ଦାବି କରୁ ଯେ ଭାରତ କୁଆଡ଼େ 'ଅହିଂସା' ବାଟେ ଓ ବିନା ରକ୍ତପାତରେ ନିଜର ସ୍ୱାଧୀନତା ହାସଲ କରିଥିଲା ।

୨. ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ଅଂଶ ନେଇଥିବା ରାଜନୈତିକ ବିଚାରଧାରା – ଯାହାକୁ କଂଗ୍ରେସ (ସ୍ଥାପିତ : ୧୮୮୫) ନିଜର ବୋଲି କହେ – କୌଣସି ପ୍ରକାର 'ଜାତୀୟତା' ଦ୍ୱାରା ପ୍ରଭାବିତ ହେଉଥିଲା ବା ଏତଦ୍ଦ୍ୱାରା ହିଁ ନୂଆ ଭାବେ ଏକ 'ରାଜନୈତିକ ଭାରତ' ସୃଷ୍ଟିର ଉଦ୍ୟମ ହେଉଥିଲା କି ?

୩. ଇଂରେଜ ଶାସନ ପୂର୍ବରୁ କେଉଁ ସ୍ଥାନକୁ 'ଭାରତ' କୁହାଯାଉଥିଲା ?

୪. 'ସିପାହୀ ବିଦ୍ରୋହ'ର କୌଣସି ଜାତୀୟ ଆଭିମୁଖ୍ୟ ଥିଲା କି ?

୫. 'ବେଙ୍ଗଲ ଆର୍ମି' ବା ଫୋର୍ଟ ଉଇଲିଅମ୍‌ରେ ଇଷ୍ଟ୍ ଇଣ୍ଡିଆ କମ୍ପାନି ଅଧୀନସ୍ଥ ଭାରତୀୟ ଫଉଜ – ହିନ୍ଦୁ ଓ ମୁସଲମାନ – ସେମାନଙ୍କୁ ନୂଆ ଭାବେ ଦିଆଯାଇଥିବା ଏନ୍‌ଫିଲ୍ଡ୍ ରାଇଫଲ୍‌ରେ ବ୍ୟବହୃତ ଗୋରୁ-ଘୁଷୁରି ଚର୍ବି ବିରୁଦ୍ଧରେ ଯେଉଁ ବିଦ୍ରୋହ କରିଥିଲେ ତାହା ଧାର୍ମିକ ଥିଲା ନା ତାହା ସେମାନେ ଦେଶ-ଭକ୍ତି ଲାଗି କରିଥିଲେ ?

ସିପାହୀ ବିଦ୍ରୋହର ନାଁ ବଦଳାଇ ତାହା ସ୍ୱାଧୀନତା ସଂଗ୍ରାମର ଇତିହାସ ଭାବେ ୧୯୭୬ ବେଳକୁ କାହିଁକି ନାମିତ କରି ପିଲାଙ୍କ ପାଠବହିରେ ଅନ୍ତର୍ଭୁକ୍ତ କରାଗଲା । ସବୁଠାରୁ ବଡ଼ ଗୋଷ୍ଠୀକୁ ଭାରତ ଓ ସେ ପାଇଥିବା ସ୍ୱାଧୀନତା ସଂପର୍କରେ ସତ ଜାଣିବାକୁ ଦିଆଗଲା ନାହିଁ ।

ଭାରତର ବୁଦ୍ଧିଜୀବୀମାନଙ୍କର କିଛି ସଉକ ଅଛି । ସେମାନେ ଅଭିଯୋଗ କରନ୍ତି ଯେ ଇଂରେଜମାନେ କୁଆଡ଼େ ଆମ ଇତିହାସକୁ ଅପଭ୍ରଂଶ କରିଛନ୍ତି । ବରଂ ଅନ୍ୟଭାବେ କୁହାଯାଇପାରେ ଯେ ଇଂରେଜ ଆସିବାରୁ ହିଁ ଆଜି କୁହାଯାଉଥିବା 'ଭାରତ'ର ଏକ ସତ ଓ ମିଛ ଭରା ସମନ୍ୱିତ ଇତିହାସ ସମ୍ଭବ ହେଲା ।

ଇତିହାସରେ ଅପମିଶ୍ରଣ ସବୁଠାରୁ ଅଧିକ । ଜଣେ ନିଷ୍ପାପର ଐତିହାସିକ ପ୍ରମାଣର ଆଲୋକରେଖା ଖୋଜି ଆହୁରି ଅନ୍ଧାରରେ ପଶି କିଛି ନ ପାଇ ୟୁରେକା ୟୁରେକା ଚିତ୍କାର କରିବ ପଛେ, ନିଜେ ଦେଖିଥିବା ଘଟଣା ଉଲ୍ଲେଖ କରେ ନାହିଁ । ବିଦ୍ୱାନମାନେ ନିଜକୁ ଖୁବ୍ କମ୍ ବିଶ୍ୱାସ କରନ୍ତି ଏବଂ ଐତିହାସିକମାନେ ତାହା ବି କରନ୍ତିନି । ଏହା ବିଦ୍ୱାନମାନଙ୍କ ବିଡ଼ମ୍ବନା ଏବଂ ଐତିହାସିକମାନଙ୍କ ବଉଗତ ଯାତନା । ଆମର ତହିଁରେ କିଛି ଯାଏଆସେ ନାହିଁ । ଅନୁଶୀଳନ ପାଇଁ ଅନୁଭୂତି କହୁଛୁ । ସେଦିନର ଛାତ୍ର ଆଜି ମହିମାମୟ ନାଗରିକ । ଦେଶ ଓ ଗଣତନ୍ତ୍ରର ପରିଚାଳକ । ସେମାନେ ଯଦି ଧାରଣା କରିଥା'ନ୍ତି ଯେ ଭାରତ ରାଜନୈତିକଭାବେ 'ଗୋଟିଏ' ଦେଶ

ବୋଲି – ଭୁଲ ସେମାନଙ୍କର ହେବନି । ସେମାନେ ଯଦି ଅପଭ୍ରଂଶ ଇତିହାସର ସହଯୋଗରେ ଶହେ ବର୍ଷରୁ ସ୍ୱାଧୀନତା ସଂଗ୍ରାମର ସନ୍ଧାନ ପାଆନ୍ତି, ସେପରି ଭାରତକୁ ସେମାନେ ଗୋଟେ ଛା□ ବା ରୂପରେ ଦେଖିବାକୁ ଚାହିଁଥିବେ । ସେହି ରୂପରୁ ସାମାନ୍ୟ ବ୍ୟବଧାନ ହାବୁଡ଼ିଲେ ତାହା ସେମାନଙ୍କୁ ଆତଙ୍କବାଦ କି ଅସାମ୍ବିଧାନିକ ପରି ଲାଗିବ । ଏହା ମଧ୍ୟ ସ୍ୱାଭାବିକ ।

ସମସ୍ତେ ଆମେ ଜାଣୁ ଯେ କାଳ ଓ ପ୍ରକୃତି ଛଡ଼ା ନିରପେକ୍ଷ ଇତିହାସ ଆଉ କାହାରି ନାହିଁ । ମଣିଷ ଯେତେବେଳେ ଇତିହାସ ଲେଖିବାକୁ ଚେଷ୍ଟା କରେ, ସମ୍ରାଟଙ୍କ ପାଟ ବସନରେ ଲାଗିଥିବା କୀଟ ବି ରାଜ୍ୟର ଶ୍ରେଷ୍ଠ ଦାର୍ଶନିକ ଠାରୁ ବଡ଼ ଦେଖାଯାଏ । ଦିଲ୍ଲୀର କୌଣସି ଜଣେ କଲ୍‌ଗାର୍ଲ ଅନ୍ୟ ରାଜ୍ୟ ମହିଳା କମିସନ ଅଧ୍ୟକ୍ଷାଙ୍କଠାରୁ ମଧ୍ୟ ଅଧିକ ପ୍ରଚାରିତ । ଶ୍ରେଷ୍ଠତ୍ୱର ଏପରି ହାସ୍ୟାସ୍ପଦ ପ୍ରତିଯୋଗିତା ଇତିହାସ ରାଜ୍ୟରେ ଅନବରତ ଲାଗିଥାଏ । ଏ ବାବଦରେ କାର୍ଲ ମାର୍କସ୍‌ଙ୍କର ଗୋଟିଏ ଉକ୍ତି ଅଛି: "ଐତିହାସିକ ଘଟଣାଗୁଡ଼ିକ ମୋଟେ ଦି' ଥର ଘଟୁଥାଏ । ଥରେ ଦୁଃଖ ପାଇଁ ଏବଂ ଆଉ ଥରେ ଇତିହାସ ଲେଖା ନାଁରେ ଭାଣ୍ଡାମି ପାଇଁ ।"

ପୁରାତନ ଇତିହାସରେ ସ୍ୱେଚ୍ଛାଚାରୀ ଶାସକମାନେ ନିଜକୁ ଈଶ୍ୱରଙ୍କ ପ୍ରତିନିଧି କହି ଯାହା କରିପାରୁଥିଲେ, ଆଧୁନିକ ଯୁଗର କୌଣସି ସ୍ୱେଚ୍ଛାଚାରୀ କେବେ ନିଜକୁ ସେପରି ବଡ଼ କହିବା ସମ୍ଭବ ନୁହେଁ । ସେମାନେ ଗୋଟିଏ ସତ୍ତାକୁ ବଡ଼ କରି ଦେଖାନ୍ତି ଏବଂ ନିଜେ ତହିଁର ଅନନ୍ୟ ଓ ଅପରିହାର୍ଯ୍ୟ ପ୍ରତିନିଧି ରୂପେ ବିରାଜି ବସନ୍ତି । ହିଟଲର, ମସୋଲିନି, ଇଦି ଅମିନ୍ ବା ସଦ୍ଦାମ୍ ହୁସେନ୍‌ମାନେ ଯାହା କରିଥିଲେ, 'ଇମରଜେନ୍‌ସି' ଘୋଷଣା କରିବା ପୂର୍ବରୁ ଇନ୍ଦିରା ଗାନ୍ଧି ଠିକ ସେମିତି କରିବାକୁ ଚାହିଁଲେ । ଭାରତର ସ୍ୱାଧୀନତା ପାଇଁ ସତେ ଯେମିତି ସଂଗ୍ରାମ ହୋଇଥିଲା ଏବଂ ତାହା କଂଗ୍ରେସ ଦ୍ୱାରା । ମନେ ପକାନ୍ତୁ, ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ଦେବକାନ୍ତ ବଡୁଆଙ୍କ ଉକ୍ତି: 'ଇଣ୍ଡିଆ ଇଜ୍ ଇନ୍ଦିରା' । ଇନ୍ଦିରାଙ୍କ ଆଭିମୁଖ୍ୟ ଥିଲା – ମୁଁ କଂଗ୍ରେସ, ମୁଁ ହିଁ ଭାରତ ! ତେଣୁ ସେହିପରି ସବ୍‌ସିଡ଼ାରି ବା ସହାୟକ ଇତିହାସ ଲେଖାହେଲା । ଓଡ଼ିଶା ଗୌଣ ହେଲା ।



ନହେଲେ, ଇଂଲିଶ୍ ସିରସ୍ତା ଓ ଇଂରେଜମାନଙ୍କ ଅକଲରୁ ନକଲ କରି ସ୍ୱାଧୀନତା ସଂଗ୍ରାମର ଇତିହାସ ସ୍ୱାଧୀନତାର ପ୍ରାୟ ୨୯ ବର୍ଷ ପରେ 'ତିଆରି' ହୋଇଥା'ନ୍ତା କାହିଁକି ? ତହିଁରେ ଭାରତରେ ସବୁଠୁଁ ଆଗ ଇଂରୋଜ ବିରୋଧୀ ବିଦ୍ରୋହ – ଅର୍ଥାତ, ୧୮୦୩ରେ ଆରମ୍ଭ ପାଇକ ବିଦ୍ରୋହ – ଏବଂ ସବୁଠୁଁ ଶେଷ – ଅର୍ଥାତ, ସୁରେନ୍ଦ୍ର ସାଏଙ୍କ ସମେତ ପନ୍ଦର ଜଣଙ୍କୁ ଗିରଫ କରି ଜାନୁଆରି ୨୬, ୧୮୬୪ ଦିନ ବିଚାର ପାଇଁ ଲେଫ୍‌ଟନା□ ରାଇଟୋଟ୍ ଓ ବ୍ରିଟିଶ୍ ଫଉଜଙ୍କ କଡ଼ା ସୁରକ୍ଷା ଭିତରେ ରାୟପୁର ପଠାଯାଇଥିବା ଘଟଣା – କିପରି ଅଧିକ ସ୍ପଷ୍ଟ ଓ ସମ୍ମାନଜନକ ଭାବେ ସ୍ଥାନିତ ହୋଇଥା'ନ୍ତା, ଏହା ପ୍ରଣେତାମାନଙ୍କ ହେତୁରେ ପଶିଲା ନାହିଁ ।

ଏପରି ତଥାକଥିତ ଇତିହାସ ତିଆରି ହେଲାବେଳେ ଆମ ଓଡ଼ିଶାର ଐତିହାସିକ ଓ ରାଜନେତାମାନେ କରୁଥିଲେ କ'ଣ ?

ଅଥଚ ସେହି ଐତିହାସିକମାନେ ଏବେ କପିଳପ୍ରସାଦ ଗାଁରେ ବୁଦ୍ଧଦେବ ଓ କାଳିଦାସଙ୍କୁ 'ଜନ୍ମ' କରାଇ ପାରୁଛନ୍ତି । ଯିଶୁଙ୍କୁ ଆଣି ପୁରୀ ଜଗନ୍ନାଥ ଦର୍ଶନ କରାଇ ବାହୁଡ଼େଇ ପାରୁଛନ୍ତି । ଓଡ଼ିଆ ଖବରକାଗଜ ପାଇଁ ସେସବୁ ବେଶ୍ ରୋଚକ ଉପାଦାନ ହେଉଛି । 'ଓଡ଼ିଆ / ଭିଅ କାଡୁଆ' ବୋଲି ଗୋଟିଏ ନିନ୍ଦା ସୂଚକ ଗାଉଁଲୀ ଢଗ ଶୁଣିବାକୁ ମିଳେ । ତାହା ଏକଦମ୍ ସତ ପରି ଆମକୁ ଲାଗୁଛି ।

କୃତଜ୍ଞତା ସହିତ ଆମେ ଜଣେ ବରେଣ୍ୟ ଐତିହାସିକଙ୍କ ଉକ୍ତି ଥିଲା ଏହିପରି – "Surendra Sai has been generally ignored by scholars, who think that the rising in Sambalpur forms no part of the Indian Mutiny. His name finds only a bare reference in the Government of India publication, Eighteen Fifty Seven." (P. Mukherjee, *History of Orissa,* Vol.-VI )

ଏଠି ଉଦ୍ଧାର କରି ଆଶା କରୁଛୁ ଯେ ଏପରି ଛଳନାକୁ ପ୍ରତିହତ କରିବାକୁ ଏବଂ ସତ୍ୟ ପ୍ରତିପାଦିତ କରିବାକୁ କେହି ହେଲେ ଯୋଗ୍ୟ ଓଡ଼ିଆ ପୁଅ ଇତିହାସର ନେତା ରୂପେ ବାହାରନ୍ତୁ । ଜାତି ତାଙ୍କୁ ପ୍ରଣାମ କରିବ । କାରଣ ଓଡ଼ିଆମାନେ ବି ଭାରତୀୟ । ସେମାନଙ୍କର ସ୍ୱାତନ୍ତ୍ର୍ୟ ରହିଛି । ଇତିହାସ ପାଇଁ ବା ଜାତୀୟତା ନିର୍ଦ୍ଧାରଣ ସକାଶେ ସେମାନେ କାହାରି ଗୋଲାମ ନୁହଁନ୍ତି ।

ସମ୍ପାଦକ,

ସୂର୍ଯ୍ୟପ୍ରଭା, ଭୁବନେଶ୍ୱର

●●●●

# ପୂର୍ବପୁରୁଷ

*ତପନ ମହାପାତ୍ର*

ବ୍ରିଟିଶ ପର୍ଯ୍ୟଟକ ଆଣ୍ଡିଓ୍ୱକରଙ୍କର ପ୍ରସ୍ତାବ ଆଶ୍ଚର୍ଯ୍ୟ କଲା ପ୍ରଭାତଙ୍କୁ । କେହି ବିଦେଶୀ ପର୍ଯ୍ୟଟକ ନୟାଗଡ ଆସନ୍ତି ପଠାଣି ସାମନ୍ତଙ୍କ ଜନ୍ମପୀଠ ଖଣ୍ଡପଡା । ସାତକୋଶିଆ ଗଣ୍ଡ କି ଦାସିଆ ଅଜା ପାଠାଗାର । ନତୁବା ନହାତି ପକ୍ଷେ ଶୈବପୀଠ ଶରଣକୁଳ କି ବୈଷ୍ଣବ ପୀଠ କଣ୍ଟିଲୋ ନୀଳମାଧବ କିମ୍ବା ଅତ୍ରିମୁନିଙ୍କ ଆଶ୍ରମ ଓ ଓଡଗାଁ ଯେଉଁଠି ଶ୍ରୀ ରଘୁନାଥ ଜିଉ ମନ୍ଦିର । କିନ୍ତୁ ଆଣ୍ଡି କହୁଛନ୍ତି ରଣପୁର ଯିବେ !

ପ୍ରଶ୍ନଟା ସିଧା ପଚାରିଲେ ଆଣ୍ଡି ହୁଏତ ଖରାପ ଭାବି ପାରନ୍ତି ଜାଣି ପ୍ରଭାତ ପଚାରିଲେ, "ମୋତେ ତୁମର ଉଦ୍ଦେଶ୍ୟ ସ୍ପଷ୍ଟ କର ଆଣ୍ଡି; ମୁଁ ତୁମକୁ ସଂପୂର୍ଣ୍ଣ ସହଯୋଗ କରିବାପାଇଁ ଚେଷ୍ଟା କରିବି ।"

ଇତିହାସ ଗବେଷକ ଆଣ୍ଡି !

ଭାରତୀୟ ମିକ୍ତି ଆନ୍ଦୋଳନ, ପ୍ରାଚୀନ ରାଜତନ୍ତ୍ର, ଗଣ ବିଦ୍ରୋହ ଏସବୁ ବିଷୟ ଉପରେ ତାଙ୍କର ଗବେଷଣା । ତାଙ୍କର ଏ ଅଭିଯାନ ପଛରେ ଯେଉଁ ସ୍ଥୁଳସୂକ୍ଷ୍ମ ଇଚ୍ଛା ଗୁଡିକ ଅଛି, ସେଥିରେ ନୟାଗଡ ପ୍ରଜାମେଳି, ଗଡଜାତ ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠ । ବିଶ୍ୱର ବିଶେଷ ଘଟଣା ବି ଏଠାରେ ଘଟିଥିଲା, ଯେଉଁଠି ଜଣେ ପଲିଟିକାଲ୍ ଏଜେଣ୍ଟଙ୍କୁ ପିଟିପିଟି ନିର୍ମମ ଭାବରେ ହତ୍ୟା କରାଯାଇଥିଲା ।

ସେଗୁଡିକ ପରିଦର୍ଶନ କରିବା ସହିତ ଇତିହାସ, କିମ୍ବଦନ୍ତୀ ଭେଦରେ ପ୍ରତ୍ୟକ୍ଷ ବା ପରୋକ୍ଷ ଅନୁଭୂତି ଆହରଣ କରିବା ତାଙ୍କର ଉଦ୍ଦେଶ୍ୟ । ଜିଲାର ମୁଖ୍ୟାଳୟ କିମ୍ବା ତା' ପରିପାର୍ଶ୍ୱରେ ସହିଦ ସ୍ମାରକୀ ବା ସଂଗ୍ରାମୀ ମାନଙ୍କ ପ୍ରତିମୂର୍ତ୍ତିର ତଥ୍ୟ ଓ ଫଟୋ ସହିତ ରଣପୁର ଗସ୍ତପାଇଁ ତାଙ୍କର ମାନସିକ ପ୍ରସ୍ତୁତି ବିଷୟରେ ସୂଚନା ଦେଲେ ସେ ।

ପ୍ରତି ଜିଲ୍ଲାର ଦର୍ଶନୀୟ ସ୍ଥାନ, କିମ୍ବଦନ୍ତୀ, ଲୋକକଥା ସହିତ ଇତିହାସକୁ ମୁହଁରେ ଧରି ପ୍ରତ୍ୟକ୍ଷ କରିଥିବା ପ୍ରଭାତ କହିଲେ, "ନା, ନା । ଜିଲ୍ଲା କାର୍ଯ୍ୟାଳୟ କି ତା' ପରିସରରେ ତ ସେମିତି କିଛି ସ୍ମୃତି ବା ସ୍ତମ୍ଭ ନାହିଁ । ଗୋଟଏ ଦି'ଟା ଜାଗାରେ କେବଳ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅଛି । ଯଦି ଚାହାନ୍ତି, ନୟାଗଡରୁ ପଚିଶ କିଲୋମିଟର ଦୂର ଗୋଟେ ଗାଁ ଥୁଆବାରି । ସେଠାକୁ ଗଲେ ଆମେ ଏକ ନବନିର୍ମିତ ସହିଦସ୍ତମ୍ଭ ଦେଖିପାରିବା, ସେହି ଗାଁ'ର ଘରେଘରେ ସ୍ୱାଧୀନତା ସଂଗ୍ରାମୀ ।"

ଆଣ୍ଡି ପ୍ରସ୍ତାବ ଦେଲେ, "ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତର ବାହାର ଫଟୋନେଇ ଚାଲିଯିବା ସେଇ ହୋଲି ପ୍ଲେସ୍ ଯେଉଁଠାରେ ବେଜେଲ୍‌ଗେଟ୍ ସହିଦ ହୋଇଥିଲେ ।"

ବେଜେଲଗେଟ୍ ପୁଣି ସହିଦ ! ତା'ର ମୃତ୍ୟୁସ୍ଥଳୀ ପୁଣି ପବିତ୍ର ପୀଠ ! ଜଣେ ନୃଶଂସର ମୃତ୍ୟୁସ୍ଥାନକୁ ଆଣ୍ଡି ପୀଠ ବୋଲି କେମିତି କହୁଛନ୍ତି ? ପଚାରି ଆସୁଥିଲେ ସେ । ମାତ୍ର ନିଜ ବୃତ୍ତି ପ୍ରତି ସଚେତନ ହୋଇ ଚୁପ୍ ହୋଇଗଲେ ।

କାର ଭିତରେ ଆଣ୍ଡି ସ୍ମିତ ହସଟିଏ ହସି କହିଲେ, "ଜଣେ ଗାଇଡ୍ ଭାବେ ତୁମର ବହୁ ପ୍ରଶଂସା ମୁଁ ଶୁଣିଛି । ଇଓର ଲାଙ୍ଗୁଏଜ୍ ପିଓର ଆଣ୍ଡ୍ ଇଜି ଟୁ କମ୍ୟୁନିକେଟ୍ । ଗୋଟିଏ ଗାଇଡ୍‌ର ଶତଗୁଣ ମୁଁ ତୁମଠାରେ ଦେଖିପାରୁଛି ।"

ନିଜ ପ୍ରଶଂସାରେ ପ୍ରଭାତ ବି ହସିଦେଲେ । କହିଲେ, "ଯେତେବେଳେ କେହି ପର୍ଯ୍ୟଟକ ନଥାନ୍ତି, ମୁଁ ନିଜେ ପର୍ଯ୍ୟଟକ ହୋଇ ସେସବୁ ଜାଗାକୁ ଯାଇଥାଏ । ସ୍ଥାନୀୟ ଲୋକମାନଙ୍କର ଚାଲିଚଳନ, ଜନସ୍ମୃତି, ସ୍ୱତନ୍ତ୍ରତା, ଫୁଲ ଫସଲ ଖୋଜେ । ବିଭିନ୍ନ ଆଞ୍ଚଳିକ ଭାଷା ଆୟତ୍ତ କରେ । ଏଥିପାଇଁ ପର୍ଯ୍ୟଟକଙ୍କୁ ମୁଁ ବେଶି ଖୁସି ଦେଇପାରେ ।"

"ତୁମେ ଗାଇଡ୍ ନା ଗବେଷକ ?" ହସି ହସି ପଚାରିଲେ ଆଣ୍ଡି ।

ପ୍ରଭାତ ତାଳ ଦେଇ କହିଲେ, "ଉଭୟ । ଜଣେ ଗବେଷଣା ନକଲେ ଗାଇଡ୍ କେମିତି ହେବ ?"

"ତେବେ ରଣପୁର ଇତିହାସ ବିଷୟରେ ତୁମେ କଅଣ ଜାଣିଛ ?" ଆଣ୍ଡି ଶୁଣିବାକୁ ଅପେକ୍ଷା କଲେ ।

"ରଣପୁର ରାଜା ଥିଲେ ଶ୍ରୀ କୃଷ୍ଣଚନ୍ଦ୍ର ସିଂହଦେଓ ବୀରବର ବଜ୍ରଧର ନରେନ୍ଦ୍ର ମହାପାତ୍ର । ପକ୍ଷାଘାତ ରୋଗୀ ସେ । ତେଣୁ ପରୋକ୍ଷଭାବେ ଶାସନ କରୁଥିଲେ ଦେବାନ ଜଗନ୍ନାଥ ମହାନ୍ତି । ରାଜା ଯାହା ଆଦେଶ ଦିଅନ୍ତି, ଜଗନ୍ନାଥ ମହାନ୍ତିଙ୍କ ପ୍ରରୋଚନାରେ । ରାଜାଙ୍କର ଏହି ଅକ୍ଷମତାର ସୁଯୋଗ ନେଇ ସେ ଅତ୍ୟାଚାରୀ ହୋଇପଡିଲେ । ରାଜକର୍ମଚାରୀ ମାନେ ବି ।

ପ୍ରଜାମାନଙ୍କ ହିତ ଅପେକ୍ଷା ନିଜ ସ୍ୱାର୍ଥ ଓ ରାଜକୋଷ ଭରଣ ଉଦ୍ଦେଶ୍ୟରେ ପ୍ରଜାମାନଙ୍କ ଉପରେ ଲାଗୁ କରିଦେଲେ ସକତବେଡି । ଘରଛପର, ରଥ ଦଉଡି, ପହରାପାଳି, ଘର ତିଆରି, ପାରିଧିବେଠି । ତା'

ସହିତ ରଥ, ଦଶହରା, ଦ୍ୱିତୀୟା ଓଷା, ଛାଡଖାଇ ଭେଟି । ରାଜାଙ୍କ ଶୁଭ ଅଶୁଭ କାର୍ଯ୍ୟରେ ମାଗଣ ପ୍ରଥା ଦ୍ୱାରା ଟଙ୍କା ଆଦାୟ । କୌଳିକ ବୃତ୍ତି, ବ୍ୟବସାୟରୁ ଦେୟ । ତା' ସହିତ ଟିକସ, ରସଦ ।

ଏମିତିକି ପ୍ରଜାମାନେ ନିଜ ସ୍ଥିତିବାନ ଜମିରେ ଧାନ ଅମଳ କଲେ, ବାଡି ଗଛରେ ଆମ୍ବ ଫଳିଲେ, ପୋଖରୀରେ ମାଛ ବଢିଲେ ସବୁ ରାଜାଙ୍କର ବୋଲି ଘୋଷଣା କଲେ । ସେହି ଭୟରେ କେହି ବଡମାଛ ଖାଇଲେ, ତା'ର କଣ୍ଟା ଓ କାତି ଗାତ କରି ପୋତି ପକାଉଥିଲେ ।

କର ଆଦାୟ, ବେଠି କି ରାଜସ୍ୱ, ଆଦେଶ ଖିଲାପ କଲେ ଦି' ହାତରେ ଦି'ଟା ତତଲା ପଥର, ମୁଣ୍ଡରେ ତତଲା ପଥର ଲଦି ତତଲା ବାଲି ଉପରେ ଏକ ଗୋଡିକିଆ ଠିଆ କରାଇ ଦେଉଥିଲେ । ଗୋଡ ବଦଳାଇଲେ କିମ୍ବା ପଥର ଖସିଲେ, ବାଉଁଶମୂଳିରେ ବାଡେଇ ମାରି ବି ଦେଉଥିଲେ ।"

"ଓଃ ! କି ବିଚିତ୍ର ଦଣ୍ଡ ବ୍ୟବସ୍ଥା !"

ପ୍ରଭାତଙ୍କ ବର୍ଣ୍ଣନା ଆଣ୍ଡିକୁ ଯେମିତି ଚଟସ୍ଥ କରି ପକାଉଥିଲା । ତେବେ ନିଜକୁ ସ୍ଥିର କରି ସେ ପଚାରିଲେ, "ଏ ନିରୀହ ପ୍ରଜାମାନଙ୍କୁ କିଏ ପିଟୁଥିଲା ?"

"ନିଯୁକ୍ତ କର୍ମଚାରୀ ।"

"କାହା ନିର୍ଦ୍ଦେଶରେ ?"

"ଦେବାନଙ୍କ ନିର୍ଦ୍ଦେଶରେ ।"

"ଦେବାନଙ୍କୁ ଅନୁମତି କିଏ ଦେଇଥିଲା ?"

"ରାଜା ।"

"ତେବେ ବେଜେଲଗେଟ୍ କଅଣ କଲେ ? ଏ ତ ରାଜାଙ୍କର ପ୍ରଜାଙ୍କ ଉପରେ ଅତ୍ୟାଚାର ।"

ପ୍ରଭାତ ସ୍ପଷ୍ଟ କଲେ, "ବେଜେଲ୍‌ଗେଟ୍ ପୂର୍ବା□ଳ ଦେଶୀୟ ରାଜ୍ୟ ମାନଙ୍କର ପଲିଟିକାଲ୍ ଏଜେଣ୍ଟ । ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ମୁଖ୍ୟ ଯଦିବା ନଥିଲେ, ଦେବାନ୍ ଜଗନ୍ନାଥ ମହାନ୍ତି କିନ୍ତୁ ସେ'ତ ଜଣେ ବେତନ ଭୋଗୀ ରାଜ କର୍ମଚାରୀ । ରାଜ କିରାଣୀ । ମାତ୍ର ତା'କୁ ସମର୍ଥନ କରୁଥିଲେ ବେଜେଲ୍‌ଗେଟ୍ । ବେଜେଲ୍‌ଗେଟ୍‌ଙ୍କ ପ୍ରିୟପାତ୍ର ହୋଇ ସେ ଦେବାନ୍ ହେଲେ । ଜଣେ ଅତ୍ୟାଚାରୀକୁ ସମର୍ଥନ ଦେବା ଅର୍ଥ ସେ ନିଜେ ଅତ୍ୟାଚାରୀ ନୁହଁନ୍ତି କି ?"

ଆଣ୍ଡି କିଛି ବି ଉତ୍ତର ଦେଲେନି । କେବଳ ଅପେକ୍ଷା କଲେ ପ୍ରଭାତଙ୍କୁ ।

"ଜାଣିଛ ଆଣ୍ଡି !ରଣପୁର ଷ୍ଟେଟ୍‌କୁ କୌଣସି ହାକିମହୁକୁମା ବିଶେଷ କରି ଗୋରା ସାହେବମାନେ ଆସିଲେ, ପ୍ରଜାମାନଙ୍କ ଠାରୁ ବିନାମୂଲ୍ୟରେ ଦୁହାଁଳିଆ ଗାଈ, ବୋଦା, ଖାସି, କୁକୁଡା, ଅଣ୍ଡା, ପରିବା ସବୁ ବାଧ୍ୟତାମୂଳକ ଭାବେ ଆଦାୟ କରା ଯାଉଥିଲା । ଢେଙ୍କାନାଳରେ ବେଜେଲଗେଟ୍ ବି ସୀମା ଲଂଘନ କରିଥିଲା । ଗର୍ଭିଣୀ ସ୍ତ୍ରୀଙ୍କ ଉପରେ ସେ ହାତୀ ଚଳାଉଥାନ୍ତି । ସୁନ୍ଦରୀ ସ୍ତ୍ରୀ ମାନଙ୍କର ସ୍ତନ କାଟି ଦେଇଥାନ୍ତି ଓ ..... ।"

ଏସବୁ ଶୁଣି ଆଣ୍ଡି କେମିତି ଅପ୍ରସ୍ତୁତ ଜଣା ପଡୁଥିଲେ । ଠୋ କରି ପ୍ରଶ୍ନ ବି କଲେ, "କିଛି ପ୍ରମାଣ ? ଏନି ଫ୍ୟାକ୍ଟ ଏଣ୍ଡ ଏଭିଡେନ୍ସ ? କହିପାରିବ କେତେଜଣ ଗର୍ଭିଣୀ ସ୍ତ୍ରୀଙ୍କ ଉପରେ ସେ ହାତୀ ଚଳାଇଥିଲେ ? କେତେ ସ୍ତ୍ରୀଙ୍କର ସ୍ତନ କାଟିଥିଲେ ? ବ୍ରିଟିଶ୍ ବିରୋଧି ଚକ୍ରାନ୍ତ ପାଇଁ କିଛି ଯୋଜନାବଦ୍ଧ ଦୁର୍ନାମ ଏସବୁ । ମୋ ପାଖରେ କିଛି ଡାଟା ବି ଅଛି । ଜାଣିଥିବା ଏକ ଘଟଣାରେ ଗୋଟେ ଲୋକକୁ ଚଦର ଘୋଡାଇ ଶଗଡରେ ଶୁଆଇ ତା ଉପରେ ଗୁଡପାଣି ଛିଞ୍ଚିଦେଲେ । ଚଦର ଉପର ଗୁଡପାଣି ଲାଗି ମାଛି ଭଣଭଣ ହେଲେ । କିନ୍ତୁ ଘୋଷଣା କରାଗଲା – ବେଜେଲ୍‌ଗେଟ୍ ଅତ୍ୟାଚାରର ଶିକାର ହୋଇ ଲୋକଟା ମରି ଯାଇଛି ।"

"ଓଃ ! ନାଥଭୋଳ କଥା କହୁଛ ଆଣ୍ଡି ? ଉଣିଶି ଶହ ଅଣଚାଳିଶ ମସିହା ଜାନୁୟାରୀ ମାସ ପାଞ୍ଚ ତାରିଖ ବେଳର ପରିସ୍ଥିତିକୁ ବୁଝ । ସେତେବେଳକୁ ରଣପୁର ରାଜାଙ୍କ ଅତ୍ୟାଚାର ସୀମା ଟପିଯାଇଥିଲା । ପ୍ରଜାମେଳି ସୁଦୃଢ ହୋଇ ସାରିଥିଲା ।

ପ୍ରଜାମଣ୍ଡଳର ଆଦେଶ ଅନୁଯାୟୀ ବେଜେଲ୍‌ଗେଟ୍‌ଙ୍କ ରଣପୁର ଆସିବା ରାସ୍ତା ବନ୍ଦ କରାଯାଇଥିବା ଦେଖି ଉତ୍କ୍ଷିପ୍ତ ବେଜେଲ୍‌ଗେଟ୍ ଯେତେବେଳେ ନାଥ ଭୋଳଙ୍କୁ ପଚାରିଲେ – "ଏ ରାସ୍ତାରେ ଗଛ କାଟି କିଏ ପକାଇଛି ?"

"କୁହାଯିବନି । ପ୍ରଜାମଣ୍ଡଳର ନିର୍ଦ୍ଦେଶ ।" ମୁହେଁ ମୁହେଁ ଜବାବ ଦେଲେ ନାଥ ଭୋଳ ।

ଏ ଉ□ରକୁ ସେ ସହ୍ୟ କରିପାରିଲେନି । ନାଥ ଭୋଳଙ୍କ ଉପରକୁ ଚିହିକି ଉଠି ପିସ୍ତଲରେ ପିଟି ପକାଇଲେ । ବୁଟ୍‌ରେ ଗୋଇଠା ମାରି ମୃତାବସ୍ଥା କଲେ । ସେଥିଲାଗି ନାଥ ଭୋଳଙ୍କୁ ଶଗଡରେ ଶୁଆଇ ଲୋଧାଚୁଆ ଠାରୁ ରଣପୁରକୁ ଉତ୍ୟକ୍ତ ଜନତା ନେଇ ଆସିଥିଲେ ।"

ପ୍ରଭାତ ନିଜ କଥାରେ ଟିକେ ବିରତି ନେଲେ । ଅଣ୍ଡିଙ୍କ ପ୍ରଶ୍ନର ଉତ୍ତରକୁ ନିଜେ ତର୍ଜମା କରି ସମର୍ଥନ ଦେବା ସ୍ୱରରେ କହିଲେ, "ଅବଶ୍ୟ ତମ କଥା ମୁଁ ମାନୁଛି ଆଣ୍ଡି, ନାଥ ଭୋଳଙ୍କ ମରିବା କଥା ମିଛରେ ପ୍ରଚାର କରାଗଲା । କିନ୍ତୁ ତାଙ୍କୁ ପିସ୍ତଲରେ ପିଟିବା, ଗୋଇଠା ମାରିବା, ରକ୍ତରେ ଲହୁଲୁହାଣ କରିବା କଣ କମ୍ ନୃଶଂସତା !"

ଆଣ୍ଡି କଅଣ କହି ଆସୁଥିଲେ । ଗାଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଠିଆ କରାଇ ଦେଲେ ପ୍ରଭାତ ।

କାର୍ଯ୍ୟାଳୟ ଭିତର, ବାହାର ଦୃଶ୍ୟ କିଛି ଉଦ୍ବେଳିତ କଲାପରେ ଆରମ୍ଭ ହେଲା ରଣପୁର ଗସ୍ତ ।

ମହିଳା ମହାବିଦ୍ୟାଳୟ ଛକରେ ପ୍ରଭାତ ଗାଡି ଅଟକାଇ ଦେଲେ । "ହେଇ.........ସେଇଠି ପ୍ରଜାମଣ୍ଡଳ କାର୍ଯ୍ୟାଳୟ । ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ବୈଠକ ଗୃହ ।"

ଆଣ୍ଡିଙ୍କ ଚାହାଣିରୁ ବୁଝାପଡୁଥିଲା ସିଏ ସେ ସ୍ଥାନକୁ ଯିବାକୁ ଚାହୁଁଛନ୍ତି । ପ୍ରଭାତସୂଚନା ଦେଲେ, "ନା ନା । ଏବେ ସେସବୁ କିଛି ନାହିଁ । ଏବେ ସେଠାରେ ଗଢି ଉଠିଛି ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ସେଇ ସ୍ମୃତିର ସ୍ମାରକୀ ବହନ କରି ।"

ନୟାଗଡର ରାସ୍ତାଘାଟ, ଗଛବୃଛ, ପାହାଡ ପର୍ବତ ଗୁଡିକ ଦେଖି ବିମୋହିତ ହୋଇ ପଡୁଥିଲେ ଆଣ୍ଡି । ବାଟ ଅଧାରେ ପ୍ରଭାତ କହିଲେ, "ଆଣ୍ଡି ! ଜାଣିଛ ଏ ଗାଁର ନାଁ ? ଲାଠିପଡା ।"

ଲାଠି ଓ ପଡା ଶବ୍ଦ ସହିତ ପରିଚିତ ହେତୁ କଥାଟା ତାଙ୍କୁ କୌତୂହଳ ବୋଧ ହେଲା । ମୁହଁରେ ହସ ରଖି ସିଏ ଅପେକ୍ଷା କରୁଥିଲେ ପ୍ରଭାତଙ୍କୁ ଅଧିକ କିଛି ଶୁଣିବାପାଇଁ ।

"ରଣପୁର ରାଜାଙ୍କ ଉଆସ ଥିଲାଏ ଏଠି । ଗଡ ଓ ରାଜାଙ୍କ ସୁରକ୍ଷା ନିମନ୍ତେ ନିଯୁକ୍ତ ଦୁର୍ଦ୍ଧର୍ଷ ସୈନ୍ୟମାନଙ୍କର ମୁଖ୍ୟ ଅସ୍ତ୍ର ଥିଲା ଲାଠି । ଲାଠିଚାଳନାର କଳା, କୌଶଳ ଏତେ ନିପୁଣ, ନିଖୁଣ ଓ ଭୟାନକ ଥିଲା, ଶତ୍ରୁମାନେ ରାଜ୍ୟର ସୀମା ଛୁଇଁବାକୁ ସାହସ କରୁନଥିଲେ ।"

ନିଜ ଗବେଷଣାରେ ଲାଠିର ଗୁରୁତ୍ୱ ହେତୁ ଆଣ୍ଡି ବୁଝିପାରୁଥିଲେ ଲାଠିପଡାକୁ । ତାଙ୍କର ମନେ ପଡି ଯାଉଥିଲା ବେଜେଲ୍‌ଗେଟ୍‌ଙ୍କ ହତ୍ୟାପରେ ଶାସକ ଜାଠଦଳଙ୍କୁ ବିରୋଧୀ ଶ୍ରମିକ ଦଳ ପଚାରିଥିବା ପ୍ରଶ୍ନ କେତୋଟି ।

"ବାଉଁଶ ଠେଙ୍ଗା କଅଣ ଆମ ଷ୍ଟେନଗନଠାରୁ ଅଧିକ ଶକ୍ତିଶାଳୀ ?"

ଶାସକଦଳ ଉତ୍ତର ଦେଇଥିଲେ, "ଏହାର ଉତ୍ତର ସଂଗ୍ରହ କରାଯାଉଛି ।"

ଶ୍ରମିକ ଦଳ ଅଡି ବସିଥିଲେ, "ପାର୍ଲିଆମେଣ୍ଟରେ ବାମ୍ବୁଷ୍ଟିକ୍ ପ୍ରଦର୍ଶିତ କର ।

ଫଳସ୍ୱରୂପ ରଣପୁର ଜଙ୍ଗଲରୁ ବାଉଁଶମୂଳୀ ସଂଗ୍ରହ କରାଯାଇ ଜାହାଜରେ ବୋଝେଇ ହୋଇ ବ୍ରିଟିଶ ପାର୍ଲିଆମେଣ୍ଟରେ ପ୍ରଦର୍ଶିତ ହୋଇଥିଲା ।

"ଲାଠିପଡାରେ ସେ ପ୍ୟାଲେସ୍ ଅଛି ?" ପଚାରିଲେ ଆଣ୍ଡି ।

"ନା, ଉଆସ ନାହିଁ । ଭଙ୍ଗା ପାଚେରୀଟାଏ ଅଛି । ଯିବା ?"

ମୁଣ୍ଡ ହଲାଇ ଆଣ୍ଡି ସମ୍ମତି ଦେଲେ ।

ମୁଖ୍ୟ ରାସ୍ତା ଉପରୁ ବାଁ ପଟକୁ ଗାଡି କାଟି ପ୍ରଭାତ ବର୍ଣ୍ଣନା କରୁଥିଲେ ତା'ର ଇତିହାସ ।

"ଜନଶ୍ରୁତି କହେ, ରଣପୁର ରାଜା ତାଙ୍କ ପାଚେରିରେ ଗୋଟିଏ କଂସା କବାଟ ଲଗାଇଥିଲେ । ରାତିରେ ଯେତେବେଳେ ସେ କବାଟ ପଡେ ଓ ସକାଳେ ଫିଟେ, ଝାଏଁ କରି ଖୁବ ଜୋର୍‌ରେ ଶବ୍ଦକରେ । ସେ ଶବ୍ଦର ପଡୋଶୀ ନୟାଗଡ ରାଜା ଚେଇଁଥିଲେ ଚମକନ୍ତି ଓ ଶୋଇଥିଲେ ଉଠି ବସନ୍ତି ।

ଏ ଶବ୍ଦ ରହସ୍ୟ ଅବଗତ ହେବାପରେ ନୟାଗଡ ରାଜା ରଣପୁର ଆକ୍ରମଣ କଲେ । ରଣପୁର ସୈନ୍ୟମାନଙ୍କୁ ବାଡେଇ ବାଡେଇ ଖଣ୍ଡେଦୂର ଯାଏଁ ଘଉଡାଇ ନେଲେ । ଯେଉଁ ଜାଗାରେ ରଣପୁର ସୈନ୍ୟଙ୍କର ଧକ ବାହାରିଥିଲା, ସେ ଜାଗାକୁ ଲୋକେ ଏବେ ବି 'ଧକମରା' କହୁଛନ୍ତି । ଆଉ କିଛି ସୈନ୍ୟ ପ୍ରାଣ ବିକଳରେ ରଣପୁରର ଆରାଧ୍ୟା ମଣିନାଗ ଓ ଖିଲମୁଣ୍ଡା ଠାକୁରାଣୀଙ୍କୁ ଉଦ୍ଦେଶ୍ୟ କରି 'କି କଲା ଲୋ ମା, କି କଲା ଲୋ ମା' ଡାକ ଦେଇଥିଲେ ଯେଉଁ ଯାଗାରେ ତାକୁ 'କାକଲମା' ନାଁ ରେ ନାମିତ ।"

ତା ପରେ ? ପ୍ରାଚୀନ ଇତିହାସ ପ୍ରତି ଉତ୍ସାହୀ ହୋଇ ଉଠୁଥିଲେ ଆଣ୍ଡି ।

"ରଣପୁର ରାଜା ତାଙ୍କର ସୀମା ଘୁଞ୍ଚାଇଦେଲେ । ଦି ରାଜାଙ୍କ ବୁଝାମଣାରେ ଧାଡିଏ ତାଳଗଛ ପୋତି ସୀମା ନିର୍ଦ୍ଧାରଣ କଲେ । ନୂଆପୁରୁଣା ହୋଇ ସେ ଗଛ ଧାଡିକ ଏବେ ବି ଅଛି ।"

ଖାଲୁଆ ଦିଶୁଥିବା ଗୋଟେ ଜାଗା ପାଖକୁ ନେଇ ପ୍ରଭାତ ଗାଡି ରଖିଦେଲେ । ଦି ଚାରି ପାହୁଣ୍ଡ ପରେ ଆଣ୍ଡିକୁ କହିଲେ, "ଦେଖ, ଦେଖ ଏ ଜାଗାକୁ । ଗଡଖାଇ ।"

ଗାଁ ମୁଣ୍ଡର ଏକ ଲମ୍ବା ଖାଲୁଆ ଜାଗା ଖଣ୍ଡକ ଦେଖି ଆଣ୍ଡି କଅଣ ଭାବୁଥିଲେ । ପ୍ରଭାତ କହିଲେ, "ଏବେ ସିନା ଜାଗାଟା ପୋତି ହୋଇଗଲାଣି, କିନ୍ତୁ ଶୁଣାଯାଏ, ଏ ଗଡଖାଇରେ ଏତେ ପାଣି ଥାଏ, ଶତ୍ରୁପକ୍ଷ ଆରପଟୁ ଏ ପଟକୁ ଆସିବା ସମ୍ଭବ ହୁଏନି ।"

ଆଣ୍ଡି ପ୍ରଭାତକୁ ବୁଝୁଥିଲେ କେବଳ । କାରଣ ଅସ୍ତିତ୍ୱ ହରାଇ ପଡି ରହିଥିବା ଖାଲୁଆ ଜାଗା ଖଣ୍ଡକ ଯେ ଗଡଖାଇ, ବିଶ୍ୱାସ କରିହେଉ ନଥିଲା ।

ପ୍ରଭାତ କିଛି ବାଟ ପଛକୁ ଫେରାଇ ଦେଖାଇଲେ ପାଚେରୀ ଖଣ୍ଡକୁ ।

ଉଆସ ନାହିଁ, ରାଜବାଟୀ ନାହିଁ । ନିଜ ଜ୍ଞାତି ପରିଜନଙ୍କୁ ହରାଇ ଛେଉଣ୍ଡ ଭଳି ଛିଡା ହୋଇଛି କୋଡିଏ ପଚିଶ ଫୁଟ ଉଚ୍ଚ, ପନ୍ଦର ଷୋଳ ହାତ ଲମ୍ବ ପାଚେରୀ ଖଣ୍ଡେ । ଚାରିପଟେ ଜଙ୍ଗଲିଆ ନଟିବୁଦା । ପାଚେରୀ ଉପରେ ନଟି, କୋଚିଲା ଗଛ । ତାର ପ୍ରଲମ୍ବିତ ଚେର ଆଉ କିଛି ବର୍ଷ ପରେ ଭୂଇଁ ଛୁଇଁ ପାଚେରୀର ମାଟି ଖାଇଯିବ । ଲୋପ ପାଇଯିବ ଗୋଟେ ଗାଁର ଜୀବନ୍ତ ଇତିହାସ ।

ଏକଥା ବୁଝି ପାରୁଥିଲେ ଉଭୟେ ।

ଆଣ୍ଡି ପାଚେରୀର ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା, ଆୟତନ ସବୁ ସବୁକୁ ନଜର କରି କେତୋଟି ଫଟୋ ଉଠାଇନେଲେ । ପ୍ରଶ୍ନ କଲେ, "ଯାର ସୁରକ୍ଷା କାହିଁକି କରାଯାଉନି ?"

"ସୁରକ୍ଷା ? କିଏ କରିବ ? ସରକାର ?"

"ସରକାର ନକରୁ, ଗ୍ରାମବାସୀ ? ଇତିହାସ ଗୌରବମୟ ହେଉ ଅବା ଲଜ୍ଜାଜନକ ହେଉ, ତାକୁ ସାଇତି ରଖିବା କଅଣ ଏମାନଙ୍କର ଦାୟିତ୍ୱ ନୁହେଁ ?"

ଆଣ୍ଡିଙ୍କ ଯୁକ୍ତିକୁ ବୁଝିପାରୁଥିଲେ ପ୍ରଭାତ । ମାତ୍ର କହିବେ କଅଣ ? ବହୁ ବିଦେଶୀ ପର୍ଯ୍ୟଟକଙ୍କ ଟୀକାଟିପ୍ପଣୀ ସେ ସହ୍ୟ କରିଛନ୍ତି ଶିଶୁପାଳଗଡ ଠାରେ । ଖୋଦ୍ ଭୁବନେଶ୍ୱର ଭିତରେ ଥାଇ ବାଇଶ ଶହ ବର୍ଷ ତଳର ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ କଳିଙ୍ଗର ରାଜଧାନୀ କଳିଙ୍ଗନଗରୀର ପ୍ରାଚୀନ ଗଡର ସୁରକ୍ଷା କାହିଁ ? କଣ ଉନ୍ନତି ହୋଇଛି ସେଠାରେ ? କିଛି ବୋଲି କିଛି ନାହିଁ, ଗହୀର ଭିତରେ ଛିଡା ହୋଇଥିବା ଷୋଳଖମ୍ବରେ ଗୁଡାଏ ଅନାବନା ଗଛଲତା । ପାଖକୁ ଯିବାକୁ ରାସ୍ତା ନାହିଁ । ଅଥଚ ଆଣ୍ଡି କହୁଛନ୍ତି ଏ ପାଚେରୀ ଖଣ୍ଡକୁ ସାଇତି ରଖିବାକୁ ଲାଗିପଡ । ଗ୍ରାମବାସୀଙ୍କ ଦାୟିତ୍ୱ !

ପ୍ରସଙ୍ଗ ବଦଳାଇ ପ୍ରଭାତ କହିଲେ, "ଜାଣିଛ ଆଣ୍ଡି ! ଏ ପାଚେରୀ ପାଇଁ ହାତୀମାନେ ମାଟି ଚକଟିଥିଲେ। ସ୍ଥାୟୀ ହେବାପାଇଁ ଗୁଡ, ବେଲ, କଇଁଥ ଅଠା ବ୍ୟବହାର କରିଥିଲେ।"

"ହଁ, ସିମେଣ୍ଟ ବ୍ୟବହାର ଜଣା ନଥିବାରୁ ଏମିତ ମର୍ଡ ଫୋର୍ଟ ତିଆରି କରାଯାଉଥିଲା।"

"ହଁ...ହଁ...ମର୍ଡ ଫୋର୍ଟ। ମାଟି ଦୁର୍ଗ।

ଦର୍ପନାରାୟଣପୁର ସ୍କୁଲ ହତା। ଗୋଟେ କଣକୁ ଖୋଲା ଆକାଶ ତଳେ ଛିଡା ହୋଇଛି ସ୍ୱାଧୀନତା ସଂଗ୍ରାମୀ ଶୁକ୍ର ବେହେରାଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି। ଖରା, ବର୍ଷା, କାକର ବାଜି ରଙ୍ଗ ଫିକା ଦିଶିଲାଣି। ହାତରେ ଧରିଥିବା ବାଡିରୁ ସିମେଣ୍ଟ ଛାଡି ଲୁହାଛଡ ଖଣ୍ଡକ ବି ପଦାକୁ ବାହାରି ଯାଇଥିଲା।

ପ୍ରଭାତ ତାଙ୍କର ସଂଗ୍ରାମୀ ଇତିହାସର ସୂଚନା ଦେବାବେଳେ ଭାବୁଥିଲେ, ଆଣ୍ଡି ଯେମିତି ଆମ ପୂଜ୍ୟପୂଜାକୁ ନେଇ କିଛି ପ୍ରଶ୍ନ ନକରନ୍ତୁ। ବାଙ୍କ ବୁଲାଣି ଗଛ ମୂଳରେ ଦେବୀ ଦେବତାଙ୍କୁ ଥାପି ଦେଲାଭଳି କେହି କେହି ଉଦ୍ଦୀପନାରେ ଏମିତି ଏଠି ସେଠି ଖୋଲାମେଲାରେ ମୂର୍ତ୍ତି ବସାଇ ଦେଇଥାନ୍ତି। କିନ୍ତୁ କିପରିଭାବେ ସ୍ଥାପନ କଲେ ଜଣକ ପ୍ରତି ଉପଯୁକ୍ତ ସମ୍ମାନ ମିଳିବ ଓ ମୂର୍ତ୍ତି ଅକ୍ଷୁଣ୍ଣ ରହିବ, ସେକଥା ଭାବି ନଥାନ୍ତି।

ନା, ଆଣ୍ଡି କିଛି ପଚାରିଲେ ନାହିଁ। କେବଳ ଫଟୋ ନେଲେ। ନିଜ ଡାଏରୀରେ ଟିପିନେଲେ ପ୍ରଭାତଙ୍କ କିଛି କିଛି କଥା।

ଏଇ ରଣପୁର।

ରଣପୁର !

ଆଣ୍ଡିଙ୍କ ସ୍ୱର ଓ ମୁହଁରେ ବିସ୍ମୟ।

ଆଗରେ ରାଜପ୍ରାସାଦ। ଜଗନ୍ନାଥ ମନ୍ଦିର। ପଛରେ ମଣିନାଗ ପାହାଡ। ଆକାଶରେ ମେଘ। ପ୍ରକୃତିର ଚମକ।

ଆଣ୍ଡି ବେଶ କେତୋଟି ଫଟୋ ଉଠାଇଲେ। ପଚାରିଲେ, ଏ ପ୍ରଜା ଆନ୍ଦୋଳନ ସଭାଟା କେଉଁ ଜାଗାରେ ହୋଇଥିଲା ?

ଏଇ ଜାଗାରେ। ଏଇ ଥାନା ଆଗରେ। ଯେଉଁଠି ଆମେ ଛିଡା ହୋଇଛେ। ପ୍ରଜାମଣ୍ଡଳର ହଜାର ହଜାର ବିପ୍ଳବୀ ଏକତ୍ରିତ ହୋଇ ଏଠାରେ ସଭା କରୁଥିଲେ। ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଉଥିଲେ ରଘୁନାଥ ମହାନ୍ତି ଓ ଦିବାକର ପରିଡା। ତାଙ୍କର ଭାଷଣ, ପ୍ରଜାମଣ୍ଡଳର ସମର୍ଥନ ଶହଶହ ବନ୍ଧୁକଧାରୀ ପୋଲିସ୍‌ଙ୍କୁ ନିରବଦ୍ରଷ୍ଟା ସଜାଇଥିଲା। ସେତିକିବେଳେ ସୁନାଖଳା ଦେଇ ବହୁ କଷ୍ଟରେ ବେଜେଲ୍‌ଗେଟ୍ ଏଠାରେ ପହଞ୍ଚିଲେ। ବିପ୍ଳବୀମାନଙ୍କ କଥା ଶୁଣିବା ପୂର୍ବରୁ ଗାଳି ଗୁଲଜ ଆରମ୍ଭ କରିଦେଲେ। ପରାମର୍ଶ ଦେଲେ, ରାଜା ଓ ଦେବାନଙ୍କ ସହ ଆଲୋଚନା କର।

ବିଦ୍ରୋହୀମାନେ ବୁଝିବାକୁ ନାରାଜ। ଠିକ୍ ଏଇ ସମୟକୁ ନାଥ ଭୋଳକୁ ଶଗଡରେ ଶୁଆଇ ପହଞ୍ଚାଇ ଦେଲେ ଉତ୍ୟକ୍ତ ଜନତା।

ବେଜେଲଗେଟ୍ ଜାଣିଥିଲେ ନାଥ ଭୋଳ ମରିନାହାନ୍ତି। ସେ ନିଜେ ନାଡି ଦେଖିବାକୁ ଚାହିଁବାରୁ ଆରମ୍ଭ ହୋଇଗଲା ଠେଲାପେଲା। ବଳଦ ଗାଡି ଏଇଠୁ ......।

ପ୍ରଭାତ ବାଟ କଢାଇ ନେଉଥିଲେ ଆଣ୍ଡିଙ୍କୁ।

"ବଳଦଗାଡି ଏଇ ଭଣ୍ଡାରିସାହି ଛକର ସଂକୀର୍ଣ୍ଣ ରାସ୍ତାକୁ ଚାଲି ଆସିଲା। ସାହେବଙ୍କ ପାଖରୁ ତାଙ୍କ ଦେହରକ୍ଷୀ ବାହିନୀ ବି ଅଲଗା ହୋଇଗଲେ। ଆରମ୍ଭ ହୋଇଗଲା ଧସ୍ତାଧସ୍ତି। ଲୋକମାନେ ତାଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଲେ ଭାବି ବେଜେଲ୍‌ଗେଟ୍ ଗୁଳି ଚଳାଇଦେଲେ। ଅର୍ଜୁନ ରାଉତଙ୍କ ରକ୍ତାକ୍ତ ଶରୀର ଲୋଟି ପଡିଲା ଏଇଠି।

ସେ ରକ୍ତ ଓ ସାହେବଙ୍କ କ୍ରୋଧ ଲୋକମାନଙ୍କୁ ଅଧିକ ଉତ୍ୟକ୍ତ କଲା। ସେମାନେ ମାଡି ଆସିଲେ। ବାଡେଇ ଖସେଇଦେଲେ ବନ୍ଧୁକ ସାହେବଙ୍କ ହାତରୁ।

ସାହେବ ବିକଳରେ ପଡିଆରୀଙ୍କ ଘର ଭିତରକୁ ପଶିଯାଉଥିବା ବେଳେ ତାଙ୍କ ଘର ସ୍ତ୍ରୀଲୋକମାନେ ଦାଣ୍ଡଦୁଆର ବନ୍ଦ କରିଦେଲେ। ଅଣନିଶ୍ୱାସୀ ସାହେବ ଦାଣ୍ଡରେ ଆଉଜା ହୋଇଥିବା ଶଗଡଚକ ପାଖରେ ଅଟକିଗଲେ ଓ ଆରମ୍ଭ ହୋଇଗଲା ଠେଙ୍ଗା ପାହାର।"

ବେଜେଲଗେଟ ମୃତ୍ୟୁ ବିବରଣୀ ଶୁଣୁଶୁଣୁ ଆଣ୍ଡି ପଚାରିଲେ, "ସେ ଜାଗାଟା କେଉଁଠି ?"

ସଡକ ଉପରୁ ପ୍ରଭାତ ଆଙ୍ଗୁଠି ଦେଖାଇ ଚିହ୍ନାଇଦେଲେ ସ୍ଥାନଟାକୁ, "ଏଇଠି, ଏଇ ଜାଗାରେ।"

ଚାଳଘରଟାଏ, ଘର ଆଗକୁ ଦି ଚାରିହାତ ଖାଲି ଜାଗା ସଡକ ଯାଏଁ। ସଡକ ଉଚ୍ଚା ହୋଇଯିବାରୁ ଘରଟା ବି ଛୋଟ ହୋଇଆସିଲାଣି। ସେ ଘରର ଛୋଟ ଝରକା, ଯେଉଁଠି ଥୁଆ ହୋଇଥିଲା ସେ ଶଗଡଚକ... ଆଣ୍ଡିଙ୍କୁ ବୁଝାଇ ସାରିଥିଲେ ପ୍ରଭାତ।

ଆଣ୍ଡି ଚାହିଁ ରହିଥିଲେ ଝରକାଟାକୁ। କିଛି ଲୋକ ବି ଗହଳି ଜମାଇ ସାରିଥିଲେ।

କିଛି ସମୟ ପରେ ଆଣ୍ଡି ପଚାରିଲେ, "ସେ ଶଗଡ ଚକ ? ଏବେ କେଉଁଠି ?"

"ନା, ନାହିଁ। ତାକୁ କିଏ ରଖିବ ? କାହିଁକି ରଖିବ ?"

ପ୍ରଭାତ ସହିତ କୌଣସି ମତ ବିନିମୟ କଲେନି ଆଣ୍ଡି। କେବଳ ସାହାବୀ ଟୋପିଟାକୁ ମୁଣ୍ଡରୁ କାଢି କାଖରେ ଜାକି ଦେଲେ। ଆଖିବୁଜି ଛିଡା ହୋଇଗଲେ ମୁହୂର୍ତ୍ତେ।

ପରେ, ସେ ଘର, ଛୋଟ ଝରକା ଓ ଲୋକ ଗହଳିର ଫଟୋ ଉଠାଇ ନେଲେ।

ଫେରିବାବାଟରେ ପ୍ରଭାତକୁ ପଚାରିଲେ, "ଏ ଜାଗାଟା ଏବେ କଅଣ ଜଣଙ୍କର ବ୍ୟକ୍ତିଗତ ମାଲିକାନାରେ ?"

ପ୍ରଭାତ ବୁଝିପାରିଲାନି ଆଣ୍ଡି କ'ଣ କହିବାକୁ ଚାହୁଁଛନ୍ତି ।

ଆଣ୍ଡି ଖୁବ୍ ଗମ୍ଭୀର ଦିଶୁଥିଲେ । ସ୍ୱରଟା ବି । "ସ୍ଥାନଟା ସାର୍ବଜନୀନ ହେବା କଥା । ରଣପୁର ଅଂଚଳର ସଂଗ୍ରାମୀ ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରି ଏଠି ଗବେଷଣାଗାର ପ୍ରତିଷ୍ଠା କରିବା କଥା । ସେପରି ନକଲେ ଉତ୍ତରପୁରୁଷ ଜାଣିବ କ'ଣ ? ଦେଖିବ କ'ଣ ? ଆଜି ଯୋଉ ଝରକାଟା ତମେ ମୋତେ ଏଇ ଜାଗା...ଏଇ ଜାଗା... କରି ଦେଖାଉଛ, କାଲିକୁ କ'ଣ ସେ ଜାଗା ଥିବ ? ନାଁ ଏ ଝରକା ?"

ଆଣ୍ଡିଙ୍କ କଥାର ବାସ୍ତବତାକୁ ହୃଦ୍‌ବୋଧ କରୁଥିଲେ ପ୍ରଭାତ ।

ବେଜେଲ୍‌ଗେଟ୍ ରଣପୁର ଆସିବା ବାଟ ଦେଖିବାରେ ବି ଆଣ୍ଡି ଏତେଟା ଆଗ୍ରହ ପ୍ରକାଶ କଲେନି । କେବଳ ନିଜ ଗସ୍ତ ଓ ନିବନ୍ଧର ପୂର୍ଣ୍ଣାଙ୍ଗ ରୂପ ଦେବା ନିମନ୍ତେ ରଣପୁର ମହାବିଦ୍ୟାଳୟ ପରିସର ଓ ଦୋଳ ପଡିଆରେ ଥିବା ରଘୁ ଓ ଦିବାକରଙ୍କ ଫଟୋ ଉଠାଇ ଫେରି ଆସିଲେ ।

ହୋଟେଲ୍ ନ୍ୟୁ ମାରିଅନ୍ ।

ପ୍ରଭାତକୁ ଚା' ପିଆଇ, ପ୍ରାପ୍ୟ ଦେଇ ବିଦାୟ ଦେବାବେଳେ ଆଣ୍ଡି ଧନ୍ୟବାଦ ଦେଲେ । ସ୍ୱୀକାର କଲେ, "ତମ ପରି ଗାଇଡ୍‌ଙ୍କ ଯୋଗୁଁ ମୋର ଏ ଯାତ୍ରା ସଫଳ ହୋଇଛି ।"

ପ୍ରତ୍ୟୁତ୍ତରରେ ହସିଦେଲେ ପ୍ରଭାତ ।

ତେବେ ସବୁ ବିଦେଶୀ ପର୍ଯ୍ୟଟକଙ୍କ ମନୋଭାବ ବୁଝିନେବାକୁ ନିଜେ ବ୍ୟକ୍ତିଗତ ଭାବେ ପଚାରୁଥିବା ପ୍ରଶ୍ନଟି ପଚାରିଲେ ସେ । "ଆଣ୍ଡି, ମୁଁ ଜାଣେନା ତମର ଏ ଯାତ୍ରା କେତେଦୂର ସଫଳ ହୋଇଛି, ମାତ୍ର ତମେ ପ୍ରସ୍ତୁତ କରୁଥିବା ନିବନ୍ଧରେ ଯେଉଁ ବିଶେଷ କଥା ଲେଖିବ ବୋଲି ଭାବୁଛ, ମୁଁ କିଛି ଶୁଣିପାରେ କି ?"

ବିନା ଦ୍ୱିଧାରେ ଆଣ୍ଡି କହିଲେ, "ଓଃ ! ନିଶ୍ଚୟ, ଏଠି ସଂଗ୍ରାମୀ ମାନଙ୍କ ପ୍ରତି କାହାରି ତତ୍ପରତା ନାହିଁ । ମୋତେ ଲାଗୁଛି, ବେଜେଲ୍‌ଗେଟ୍‌ଙ୍କ ପ୍ରତି ବ୍ରିଟିଶ ସରକାର ବେଶି ତତ୍ପରତା ପ୍ରକାଶ କରିଥିଲେ ।"

"କିପରି ? ସେଠାରେ କ'ଣ ବ୍ରିଟିଶ ସରକାର ବେଜେଲ୍‌ଗେଟ୍ ପ୍ରତିମୂର୍ତ୍ତି କି ସ୍ମାରକୀ ତିଆରି କରଛନ୍ତି ?" ପଚାରିଲେ ପ୍ରଭାତ ।

"ନା ନା, ତା'ର ଆବଶ୍ୟକତା କ'ଣ ? ବେଜେଲ୍‌ଗେଟ୍ ବ୍ରିଟିଶ ସରକାରଙ୍କର ଜଣେ ସରକାରୀ କର୍ମଚାରୀ । ଅଥଚ ତାଙ୍କ ମୃତ୍ୟୁର କାରଣ ଖୋଜି ରଣପୁର ଜଙ୍ଗଲରୁ ବାଉଁଶ ଠେଙ୍ଗା ସେଠାକୁ ବୁହା ହୋଇଗଲା । ବିଶ୍ୱବାସୀଙ୍କ ନିମନ୍ତେ ବେଜେଲ୍‌ଗେଟ୍ ଶବ୍ଦକୁ ଶବ୍ଦକୋଷରେ ଭରାଗଲା । କିନ୍ତୁ ଏଠି ? ନିଜ ମାଟିର ଗୌରବମୟ ଇତିହାସ ପ୍ରତି ଲୋକେ ସଚେତନ କି ? ଲେଖିବି ମୋର ଅବସୋସ, ବେଜେଲ୍‌ଗେଟ୍‌ଙ୍କ ମୃତ୍ୟୁସ୍ଥଳୀରେ ମୁଁ ମହମବତୀଟାଏ ଜାଳି ପାରିଲିନି । ଫୁଲଟାଏ ଦେଇପାରିଲିନି ।"

ଆଣ୍ଡିଙ୍କ ଅବସୋସ ଆଶ୍ଚର୍ଯ୍ୟ କଲା ପ୍ରଭାତଙ୍କୁ । ପ୍ରଶ୍ନ କଲେ ସେ, "ବେଜେଲଗେଟ୍ ଜଣେ ଅତ୍ୟାଚାରୀ ନୃଶଂସ ପଲିଟିକାଲ୍ ଏଜେଣ୍ଟ । ତା' ପ୍ରତି ତମର ଏତେ ଦରଦ କାହିଁକି ଆଣ୍ଡି ?"

"ବେଜେଲଗେଟ ଅତ୍ୟାଚାରୀ ହୋଇପାରନ୍ତି । ଭାରତ ସ୍ୱାଧୀନତା ଇତିହାସରେ ସେ ହୋଇପାରନ୍ତି ଏକ ଘୃଣ୍ୟ ଚରିତ୍ର । ମାତ୍ର ଜଣେ କର୍ତ୍ତବ୍ୟନିଷ୍ଠ ଓ ନିର୍ଭୀକ ରାଜକର୍ମଚାରୀ ଭାବରେ ତାଙ୍କର ଆତ୍ମବଳିଦାନ ଇତିହାସରେ ଏକ ଦୃଷ୍ଟାନ୍ତମୂଳକ ଅଧ୍ୟାୟ । ଇତିହାସରେ ନିରପେକ୍ଷତା କାଏମ ରହିବା ଉଚିତ୍ ।"

ଶେଷ ସମ୍ଭାଷଣ ଓ ପରସ୍ପର ବିଦାୟ ବେଳାରେ ଦୁହିଁଙ୍କ ମୁହଁରେ ଭାଷା ନଥିଲା । ଅଥଚ ଉଙ୍କି ମାରୁଥିଲା ଅନେକ ପ୍ରଶ୍ନ । ଯା' ମୂଳରେ ଥିଲା କିଛି ଯୁକ୍ତି । ହୁଏତ ଅବାନ୍ତର, ହୁଏତ ଯଥୋଚିତ ।


*ରଥଗଡା ସାହି, ପୁରୁଣା ସହର, ନୟାଗଡ-୭୫୨ ୦୭୦*

*ମୋ - ୯୪୩୮୦୧୨୨୮୬*

tapanmahapatra1969@gmail.com


●●●●



# ଅନ୍ଧାରି ମୁଲକର ଆଲୋକଶିଖା - ବାଳକ ସହିଦ ବାଜି ରାଉତ

*ଡକ୍ଟର ଉଦ୍ଧବ ଚରଣ ନାୟକ*

ରାଜ୍ୟର ନାମ ଢେଙ୍କାନାଳ। ଏହା ଏକ ପୁରାତନ ଗଡଜାତ ରାଜ୍ୟ। ରାଜ୍ୟଟି ଥିଲା ଅନ୍ଧାରି ମୁଲକ ଭାବରେ ଜଣାଶୁଣା। କେବଳ ଢେଙ୍କାନାଳ କାହିଁକି ? ସେତେବେଳେ ୨୬ଟି ଯାକ ଗଡଜାତକୁ କୁହାଯାଉଥିଲା 'ଅନ୍ଧାରି ମୁଲକ'। ହେଲେ ଢେଙ୍କାନାଳ ଥିଲା ଅନ୍ଧାରିତମ ମୁଲକ। ଏ ରାଜ୍ୟରେ ସବୁଠାରୁ ବେଶୀ ପରିମାଣର ଚାଲୁଥିଲା ହୁଙ୍କାପିଟା ଶାସନ। ବିଶେଷକରି ୧୯୨୬ରୁ ସ୍ୱାଧୀନତା ପ୍ରାପ୍ତି ଯାଏ ଦୀର୍ଘ ୨୦ ବର୍ଷ ଏ ରାଜ୍ୟରେ ଚାଲିଥିଲା ହୁଙ୍କାପିଟା ଶାସନ। ପୂର୍ବରୁ ଏ ରାଜ୍ୟ ଭାରତବର୍ଷର ଅନ୍ୟତମ ସଭ୍ୟ-ଶିକ୍ଷିତ ଗଡଜାତ ରାଜ୍ୟ ଭାବରେ ଖ୍ୟାତିଲାଭ କରିଥିଲା। କାରଣ ସେତେବେଳେ ଏ ରାଜ୍ୟର ଶିକ୍ଷା-ସଂସ୍କୃତି, ସାମାଜିକ ରୀତିନୀତି ଓ ପ୍ରଶାସନ ଥିଲା ଅତ୍ୟନ୍ତ ରୁଚିପୂର୍ଣ୍ଣ।

ବଂଶ ପରମ୍ପରାରେଏ ରାଜ୍ୟଟି ଇଂରେଜ ସରକାରଙ୍କ ପ୍ରତିନିଧି ଭାବରେ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା। ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର ଓ ଅନ୍ୟ କେତେକ ରାଜ୍ୟ ବହୁ ଅର୍ଥବ୍ୟୟ ପୂର୍ବକ ଇଂରେଜ ଶାସକଙ୍କୁ ହାତକରି ନିଜ ରାଜ୍ୟକୁ 'କ' ଶ୍ରେଣୀ ବା 'A' ଗ୍ରେଡ୍ ର Ex-State ବୋଲି କରାଇ ନେଇଥିଲେ। ଏହି ରାଜାମାନେ ବଡଲାଟ (ଗଭର୍ଣ୍ଣର ଜେନେରାଲ)ଙ୍କ ତଳେ ସିଧା ସଳଖ ନିଯୁକ୍ତ 'ଏଜେ□ଟୁ ଗଭର୍ଣ୍ଣର ଜେନେରାଲ'ଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ଫଳରେ ଏଥିପାଇଁ ଏହି ରାଜାମାନେ ବଡ ଗର୍ବ ଅନୁଭବ କରୁଥିଲେ। 'କ' ଶ୍ରେଣୀ ରାଜ୍ୟର ମାନ୍ୟତା ଲାଭ କରିଥିବା ହେତୁ ଏମାନେ ହୋଇପଡିଲେ ଅଖଣ୍ଡ କ୍ଷମତାର ଅଧିକାରୀ। ନିଜ ରାଜ୍ୟରେ ପ୍ରଭୁ ବୋଲି ନିଜକୁ ବିଚାରୁଥିଲେ। ଏମାନଙ୍କ ଚାଲିଚଳନ ରଙ୍ଗଢଙ୍ଗ ଓ ବିଳାସବ୍ୟସନ ଥିଲା ଅନ୍ୟପ୍ରକାର। ରାଜ୍ୟର ସର୍ବୋଚ୍ଚ କର୍ମଚାରୀଙ୍କଠାରୁ ଆରମ୍ଭକରି ସାଧାରଣ ପ୍ରଜା ଯାଏ ସମସ୍ତେ ଏହି ରାଜାମାନଙ୍କୁ "ଛାମୁ ଓ ମଣିମା" ବୋଲି ସମ୍ବୋଧନ କରୁଥିଲେ। ଧନଜୀବନ ରାଜାଙ୍କର ବୋଲି କହୁଥିଲେ।

୧୯୨୬ ମସିହାର କଥା। ଏହିବର୍ଷ ଶଙ୍କର ପ୍ରତାପ ମହୀନ୍ଦ୍ର ବାହାଦୁର ଢେଙ୍କାନାଳ ରାଜଗାଦିରେ ଅଧିଷ୍ଠିତ ହେଲେ। ଏହା ପରଠାରୁ ଢେଙ୍କାନାଳର ସାମାଜିକ, ଅର୍ଥନୈତିକ ଓ ସାମାଜିକ ପରିସ୍ଥିତିରେ ଦେଖାଦେଲା ବିରାଟ ପରିବର୍ତ୍ତନ। ରାଜା ଶଙ୍କର ପ୍ରତାପ ନିଜର କ୍ଷମତା ବୃଦ୍ଧି ସହ ନିଜ କନିଷ୍ଠ ଭ୍ରାତା ମାନଙ୍କର କ୍ଷମତା ବୃଦ୍ଧି ତଥା ବିଳାସବ୍ୟସନ ପ୍ରତି ସର୍ବପ୍ରଥମେ ଦୃଷ୍ଟି ଦେଲେ। ନିଜର ଦ୍ୱିତୀୟ ଭାଇ ପଟ୍ଟାୟତ ନୃସିଂହ ପ୍ରତାପ ସିଂହଦେଓଙ୍କ ନିମନ୍ତେ ଢେଙ୍କାନାଳ ନିକଟବର୍ତ୍ତୀ ଏକ ପାହାଡ ଉପରେ 'ଯତନନଗର' ନାମରେ ଏକ ବିଶାଳ ପ୍ରାସାଦର ନିର୍ମାଣ କାର୍ଯ୍ୟ ପ୍ରଜାମାନଙ୍କ ବେଠିରେ ଆରମ୍ଭ କରିଦେଲେ। ଏହି ବିଶାଳ ସୌଧର ନିର୍ମାଣ ନିମନ୍ତେ ଢେଙ୍କାନାଳର ଲକ୍ଷଲକ୍ଷ ନିରୀହ ଜନତା ବେଠି ଖଟିବାରେ ଲାଗିଲେ। ବେଠିକୁ ନ ଆସୁଥିବା ପ୍ରଜାମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଜୋରିମାନା ଆଦାୟ ହେଲା।

ରାଜା ଶଙ୍କର ପ୍ରତାପଙ୍କର ଅକଥନୀୟ ଅତ୍ୟାଚାର ବେଠି, ଭେଟି, ରସଦ, ମାଗଣ, ବେଗାରୀ ଓ କରବୃଦ୍ଧି ତଥା ଜୁଲୁମ ଦ୍ୱାରା ପ୍ରଜାକୁଳ ଅତିଷ୍ଠ ହୋଇ ପଡିଲେ। ରାଜସ୍ୱ ବୃଦ୍ଧି ନିମନ୍ତେ ଖଜଣାବୃଦ୍ଧି ସହ ପାନ, ଅଫିମ, କିରୋସିନି ଆଦିରେ ବହୁ ପରିମାଣର ଟିକସ ବସାଇଲେ। ଏହାର ସୁଯୋଗ ନେଇ ରାଜକର୍ମଚାରୀମାନେ ରାଜ୍ୟରେ ଲୁଣ୍ଠନ, ଅତ୍ୟାଚାର, ନାରୀନିର୍ଯ୍ୟାତନା, ନାରୀହରଣ ଆଦି ବିଭିନ୍ନ କୁକର୍ମରେ ଲିପ୍ତ ହେଲେ। ନାରୀହରଣ, ନାରୀନିର୍ଯ୍ୟାତନାରେ ନିଜେ ରାଜା ସଂଶ୍ଳିଷ୍ଟ ହୋଇପଡିଲେ। ଫଳରେ ଏ ସମ୍ପର୍କରେ ରାଜାଙ୍କ ପାଖରେ ଗୁହାରି କରି ପ୍ରଜାମାନେ କୌଣସି ଫଳ ପାଇଲେନାହିଁ। ଯିଏ ରାଜା ଓ ରାଜକର୍ମଚାରୀ ମାନଙ୍କର ଏପରି କାର୍ଯ୍ୟର ବିରୁଦ୍ଧାଚରଣ କଲା, ସେ ନିର୍ମମ ତଥା କଠୋର ଦଣ୍ଡ ପାଇଲା। ତାକୁ ନେଇ ଢୋଲଘରେ ପୂରାଇଦିଆଗଲା। କାହାର ନିଶ ଉପୁଡା ହେଲା ତ କାହାର ମଳଦ୍ୱାରରେ ଲଙ୍କାଗୁଣ୍ଡ ବାଇଡଙ୍କ ଗୁଣ୍ଡ ପୂରାଇ ଦିଆଗଲା। କାହାର ଗୁପ୍ତାଙ୍ଗରେ ଆଲ୍‌ପିନ୍ ବା ଛୁଞ୍ଚ ଫୋଡାଗଲା। ନିର୍ମମ ନରକ ଯନ୍ତ୍ରଣାରେ ପଡି ପ୍ରଜାମାନେ ବୋପା ଲୋ ମା' ଲୋ ଚିତ୍କାର କଲେ, କେହି ଶୁଣିବାକୁ ନାହିଁ। କାରଣ ତାକୁ ଢୋଲଘରେ ପୂରେଇ ଏପରି ନିର୍ଯ୍ୟାତନା ଓ ଅତ୍ୟାଚାର କରାଯାଉଥିଲା। ଏପରି ଅତ୍ୟାଚାର କଲାବେଳେ ଢୋଲଘରେ ଢୋଲ ଆଦି ବାଜା ବଜାଇ ଢୋଲଘରକୁ ପ୍ରକମ୍ପିତ କରା ଯାଉଥିଲା, ଯେପରି କି ପ୍ରଜାର ଆର୍ତ୍ତନାଦ ବାହାରକୁ ଶୁଭିବନାହିଁ।

ରାଜାର ଲୋକେ ଗାଁ ଗାଁରେ ପଶି ବେଠିଆ ତାଲିକା କରି ଆଣନ୍ତି। ଆଉ କାହାର କେଉଁଦିନ ବେଠି ପଡିବ, ଶୁଣାଇଦେଇ ଆସନ୍ତି। କିଏ ଏଥିରେ ବିନୟ ସହକାରେ ଆପତ୍ତି ଅଭିଯୋଗ କଲେ, ତାକୁ ଘୋର ଅପମାନ ସହିବା ସହ ପ୍ରହାର ଖାଇବାକୁ ପଡୁଥିଲା। ଏସବୁ ଅତ୍ୟାଚାରର ପ୍ରତିବାଦ ପାଇଁ ଢେଙ୍କାନାଳର ନେତୃସ୍ଥାନୀୟ ବ୍ୟକ୍ତିମାନେ ଏକଜୁଟ ହେଲେ। ସେମାନଙ୍କ

ଭିତରେ ପର୍ଜଙ୍ଗର ପାଇକ ପ୍ରଧାନ, ମହେଶଚନ୍ଦ୍ର ସୁବାହୁସିଂହ, ଢେଙ୍କାନାଳର ଲକ୍ଷ୍ମୀଧର ସାହୁ, ବୀର ବୈଷ୍ଣବ ପଟ୍ଟନାୟକ, ହରମୋହନ ପଟ୍ଟନାୟକ, ନବୀନ ସ୍ୱାଇଁ, ଶ୍ରୀକାନ୍ତ ରାଉତଙ୍କ ଆଦି ଅନ୍ୟତମ। ଏମାନେ ସେତେବେଳେ ଗଢ଼ା ହୋଇଥିବା ପ୍ରଜାମଣ୍ଡଳରେ ସକ୍ରିୟ ଅଂଶ ଗ୍ରହଣ କଲେ। ସାରା ରାଜ୍ୟରେ ଆନ୍ଦୋଳନକୁ ଚଳାଇ ରଖିଲେ। ମାଡ ଖାଇଲେ, ଜେଲ୍ ଗଲେ ଓ ଅତ୍ୟାଚାରିତ ବି ହେଲେ। ତଥାପି ପ୍ରଜାମଣ୍ଡଳ କାର୍ଯ୍ୟରୁ ସେମାନେ ନିବୃତ୍ତ ହେଉ ନଥାନ୍ତି। 'ରଣଭେରୀ' ନାମକ ପତ୍ରିକା ଓ କଟକରୁ ପ୍ରକାଶ ପାଉଥିବା 'କୃଷକ' ପତ୍ରିକାରେ ଢେଙ୍କାନାଳ ଅତ୍ୟାଚାର ଓ ଗଣ ଆନ୍ଦୋଳନର ବାର୍ତ୍ତା ଖୁବ୍ ଜୋରରେ ପ୍ରକାଶ ପାଇବାରେ ଲାଗିଲା। ପଡୋଶୀ କଟକ ଜିଲ୍ଲାର ନବକୃଷ୍ଣ ଚୌଧୁରୀ, ଅନନ୍ତ ପଟ୍ଟନାୟକ, ବୈଦ୍ୟନାଥ ରଥ, ଗୌରାଙ୍ଗ ଦାସ, ସୁରେନ୍ଦ୍ର ଦ୍ୱିବେଦୀ, ଗୁରୁଚରଣ ପଟ୍ଟନାୟକ ଆଦି ବିଶିଷ୍ଟ ନେତାମାନେ ଢେଙ୍କାନାଳ ଆନ୍ଦୋଳନକୁ ତେଜିବାପାଇଁ ପୂର୍ଣ୍ଣପ୍ରାଣରେ ସହଯୋଗ ଓ ସମର୍ଥନ ଜଣାଇଲେ। ଏମିତିକି ଅନନ୍ତ ପଟ୍ଟନାୟକଙ୍କ ଭଳି ନେତାମାନେ ଢେଙ୍କାନାଳ ରାଜାଙ୍କ ଦ୍ୱାରା ବନ୍ଦୀହୋଇ ଜେଲ୍ ଖଟିଲେ। ସାହିତ୍ୟିକ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଢେଙ୍କାନାଳ ରାଜାଙ୍କଦ୍ୱାରା ଅପମାନିତ ଓ ଲାଂଛିତ ହେଲେ। ହେଲେ ବି ଢେଙ୍କାନାଳ ରାଜାଙ୍କର ଚୈତନ୍ୟ ଉଦୟ ହେଉ ନଥାଏ। ରାଜକର୍ମଚାରୀମାନଙ୍କୁ ଗାଁ ଗାଁରେ ପୂରେଇ ଲୋକଙ୍କ ଉପରେ ଅତ୍ୟାଚାର କରି ଓ ଭୟଭୀତ କରାଇ ଦୈନିକ ବେଠିଆ ସଂଗ୍ରହ କରିବାରେ ଲାଗିଥାଆନ୍ତି।

୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଏହି ରାଜ୍ୟର ଭୁବନ ଅନ୍ତର୍ଗତ ନୀଳକଣ୍ଠପୁର ଗାଁରେ ଜନ୍ମନେଇଥାଏ ବୀର ଖଣ୍ଡାୟତ କୁଳରେ ଏକ ଶିଶୁପୁତ୍ର। ନାଁ ଟି ତାର ବାଜିଆ। କୁଳସଂଜ୍ଞା ଅନୁସାରେ ତା' ପୂରା ନାମ ହେଲା 'ବାଜି ରାଉତ'। ପିତାଙ୍କ ନାମ ହରିହର ରାଉତ। ମାଙ୍କ ନାମ ରାଣିଆ ରାଉତ। ଏହି ବର୍ଷ ଢେଙ୍କାନାଳ ରାଜ ସିଂହାସନ ଆରୋହଣ କରିଥିଲେ ଶଙ୍କର ପ୍ରତାପ ମହୀନ୍ଦ୍ର ବାହାଦୁର। ରାଜ୍ୟର କେଉଁଠି କେଉଁ ଗାଁରେ କିଏ କେତେ ପିଲା ଜନ୍ମ ହୋଇଥିଲେ, ତା'ର ହିସାବ କ'ଣ ରାଜା ରଖିଛନ୍ତି? ଏହି ଅତ୍ୟାଚାରୀ ରାଜା ଶଙ୍କର ପ୍ରତାପଙ୍କୁ ଲୋକେ 'ଶଙ୍କରାସୁର' ବୋଲି ତାଚ୍ଛଲ୍ୟରେ ସମ୍ବୋଧନ କରୁଥା'ନ୍ତି। ଶଙ୍କର ପ୍ରତାପ ଥିଲେ କଂସ ପରି ଅତ୍ୟାଚାରୀ। ହେଲେ ତାଙ୍କୁ ଜବତ୍ କରିବାପାଇଁ ଯେ ତାଙ୍କ ରାଜ୍ୟର ଏକ ପଲ୍ଲୀ ଗାଁରେ ବାଜି ରାଉତ ରୂପରେ କୃଷ୍ଣ ଜନ୍ମ ନେଇଛନ୍ତି ଏକଥା କଅଣ ଶଙ୍କରାସୁର ଜାଣନ୍ତି? ଅବଶ୍ୟ ବାଜି ରାଉତ ରୂପୀ କୃଷ୍ଣ ବଧ ହୋଇଥିଲେ ଶଙ୍କର ପ୍ରତାପ ରୂପୀ କଂସ ଦ୍ୱାରା।

୧୯୩୮ ମସିହା ଜୁଲାଇ ମାସ। ଢେଙ୍କାନାଳ ରାଜ୍ୟର କର୍ମଚାରୀମାନେ ବେଠିଆ ସଂଗ୍ରହ ପାଇଁ ଆସି ପହଞ୍ଚିଲେ ନୀଳକଣ୍ଠପୁର ଗାଁରେ। କବାଟ ଠକ୍ ଠକ୍ କଲେ ଏଇ ବାଜି ରାଉତ ଘର ଦୁଆର ମୁହଁରେ। ଘରେ ଅଛନ୍ତି ବାଜି, ତାର ବଡଭାଇ ଓ ବିଧବା ମା'। ଦୁଇବର୍ଷ ତଳୁ ବାଜିଆର ବାପା ମରିଯାଇ ଥାଆନ୍ତି। ବିଧବା ମା' କବାଟ ଖୋଲିଲେ। ଦେଖିଲେ ଗୋଟିଏ ପୋଲିସ୍ ଦି'ଟା ଟାଉଟର ତାଙ୍କ ଘର ସାମନାରେ ଠିଆ ହୋଇଛନ୍ତି।

ଟାଉଟର ଭିତରୁ ଜଣେ କହିଲା, "ଆଲୋ ରାଣ୍ଡି! ତୋ ଘରୁ ଆସନ୍ତା ସପ୍ତାହରେ ବେଠିଆ ଯିବାପାଇଁ ହୁକୁମ୍ ଆସିଛି। କିଏ ଯିବ କହ? ମୁଁ ଟିପି ରଖେ, ତାକୁ ସେଇଠି ଭେଟିବି।"

ବାଜିଆର ମା ରାଣିଆ କହିଲେ, "ବାବୁ ସାଆନ୍ତେ! ମୋତେ କ୍ଷମାକର। ମୁଁ ନିଆଶ୍ରୀ ବିଧବା ମୋର ଛୋଟ ଛୋଟ ପିଲା ଦି'ଟା। ବେଠି ଖଟିବାକୁ କିଏ ଯିବ? ମୋତେ ଟିକିଏ ଦୟାକର।"

ପୋଲିସ୍‌ଟା କହିଲା, "କାହିଁକି? ଆଉ ଗୋଟେ ବାହା ହୋଇ ପଡୁନୁ। ରୂପ ତ ଅଛି, ଅସୁବିଧା କଣ? ତୋତେ ସ୍ୱାମୀ ମିଳିଯିବ ଆଉ ଆମକୁ ବେଠିଆ ବି ମିଳିଯିବ।"

ଏତିକିବେଳେ ବାଜିଆ ଅଣ୍ଟାରେ ଗାମୁଛା ଭିଡି ଘର ଭିତରୁ ବାହାରି ଆସି କହିଲା, "ତୁମ ମାନଙ୍କର କ'ଣ ମା ଭଉଣୀ ନାହାନ୍ତି? ଏମିତି କ'ଣ କହୁଛ? ତୁମମାନଙ୍କୁ ଇଜ୍ଜତ ମହତ ବୋଲି କ'ଣ କିଛି ଜଣାନାହିଁ?"

ପୋଲିସ୍‌ଟା ବାଜିଆକୁ ଧରି ପକାଇଲା ଆଉ ବାଜିଆକୁ ଲଙ୍ଗଳା କରି ତା ପିଠାରେ ଚାରି ପାଞ୍ଚ ପାହାର କଷିଦେଲା। ଆଉ କହିଲା, "ମେଞ୍ଚଡ ଟୋକା! ଇଏ ପୁଣି ଆମକୁ ମାନ, ମହତ, ଇଜ୍ଜତ କ'ଣ ବୋଲି ଶିଖାଇବ! ଗାଲ ଚିପିଦେଲେ ଦୁଧ ବାହାରି ପଡିବ। ଆମ ଆଗରେ ଫୁଟାଣି ଦେଖାଉଛି।"

ଏତିକି କହିସାରି ରାଜାର ଲୋକେ ବାଜିଆ ଘର ମୁହଁରୁ ପଳେଇ ଯାଇ ଆଉ ଜଣଙ୍କ ଘର ପାଖରେ ପହଞ୍ଚିଲେ। ବାଜିଆକୁ ଆକଟ କରି ମା' ରାଣିଆ କହିଲେ, "ଧନ ରେ! ତୁ ସେଇ ପିଶାଚଗୁଡାକୁ କାହିଁକି ଜବାବ ଦେଲୁ? ସେମାନେ ତୋତେ ମାରିଲେ। ଆଗକୁ ଆଉ କ'ଣ କ'ଣ କରିବେ – ମୁଁ କିଛି ଭାବି ପାରୁନାହିଁ।"

ବାଜିଆ କହିଲା, "ବୋଉ! ତୁ ଜମା ବ୍ୟସ୍ତ ହୋନା। ମୁଁ ରାଜା ବିରୁଦ୍ଧରେ ଲଢ଼ିବି। ଆଜିଠାରୁ ଶପଥ ନେଲି। ଯେଉଁ ଲୋକମାନେ ଆନ୍ଦୋଳନ କରୁଛନ୍ତି, ମୁଁ ସେମାନଙ୍କ ସହ ମିଶିବି। ରାଜାକୁ ପାନେ ଚଖେଇବି।"

ବାଜିଆ ବାଳକ ହେଲେବି ନେଲା ବଜ୍ର ଶପଥ। ସେ ବାହାରି ଆସିଲା ସମାଜକୁ। ତା କାନରେ ପଡିଲା ପ୍ରଜାମଣ୍ଡଳ ନେତାମାନଙ୍କର ଡାକ। ଦେଖିଲା ଲୋକେ ରାଜା ବିରୁଦ୍ଧରେ ଆନ୍ଦୋଳନ କରୁଛନ୍ତି। ବାଜିଆ କାନରେ ବାଜିଲା –

ଇନ୍ କିଲାବ୍ ଜିନ୍ଦାବାଦ! ଶଙ୍କର ପ୍ରତାପ ମୁର୍ଦ୍ଦାବାଦ!
ଗାନ୍ଧିଜୀଙ୍କ ଶାନ୍ତିନାଦ, ଇନ୍ କିଲାବ୍ ଜିନ୍ଦାବାଦ!
ନେହେରୁଙ୍କା କ୍ରାନ୍ତିବାଦ, ଇନ୍ କିଲାବ୍ ଜିନ୍ଦାବାଦ!
ନେତାଜୀଙ୍କା ରଣନାଦ, ଇନ୍ କିଲାବ୍ ଜିନ୍ଦାବାଦ!
ପ୍ରଜାମଣ୍ଡଳର ମୁକ୍ତିନାଦ, ଇନ୍ କିଲାବ୍ ଜିନ୍ଦାବାଦ!

ଏଇ ସ୍ଲୋଗାନ୍ ଶୁଣି ବାଜିଆର ଶିରା ପ୍ରଶିରା ଉତ୍ତେଜିତ ହୋଇ ଉଠିଲା, ରକ୍ତର ଉଷ୍ଣତା ତେଜି ଉଠିଲା, ମନ ଉତ୍ତେଜିତ ହୋଇ ପଡିଲା। ଧମନୀର ରକ୍ତ ଟକ୍ ଟକ୍ ହୋଇ ଫୁଟିବାରେ ଲାଗିଲା। ସେ ଯାଇ ପ୍ରଜାମଣ୍ଡଳର କର୍ମୀମାନଙ୍କ ସହିତ ଯୋଗଦେଲା। କହିଲା, "ମୋତେ ପ୍ରଜା ମଣ୍ଡଳର ସଭ୍ୟ କରନ୍ତୁ।"

କର୍ମୀମାନେ କହିଲେ, "ତୁ ପିଲା ଲୋକ। ତୁ' କଅଣ ଲଢେଇ କରି ପାରିବୁ ?"

ବାଜିଆ ଖୁବ୍ ଉଚ୍ଚ ସ୍ୱରରେ କହିଲା," ହଁ, ହଁ, ମୁଁ ରାଜା ବିରୁଦ୍ଧରେ ଲଢିବି।"

ବାଜିଆର ଟାଣ କଥା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତାକୁ ବାନର ସେନା ଭାବରେ ନିଆଗଲା। ତା'ର କାମ ହେଲା ରାଜାଙ୍କର ଲୋକେ ତାଙ୍କ ଇଲାକାରେ କ'ଣ କରୁଛନ୍ତି ସେ ସବୁର ଖବର ଟବର ପ୍ରଜାମଣ୍ଡଳୀକୁ ଯୋଗାଇଦେବା। ବାଜିଆ ତା' କାମରେ ଲାଗିପଡିଲା। ସେ ମଧ୍ୟ ପ୍ରଜାମଣ୍ଡଳର କର୍ମୀମାନଙ୍କ ସହ ବିଭିନ୍ନ ସଭାସମିତିରେ ଯୋଗଦେଲା। ଜାଗରଣ ସଙ୍ଗୀତ ଗାଇଲା। ତାର କଣ୍ଠସ୍ୱର ବଡ ମଧୁର। ୧୯୩୮ ସେପ୍ଟେମ୍ବର ୧ ତାରିଖରେ ଜେନାପୁରଠାରେ କଂଗ୍ରେସ ସମାଜବାଦୀ ଦଳ ତରଫରୁ ବିରାଟ ଚାଷୀ ସମାବେଶ ଅନୁଷ୍ଠିତ ହେଲା। ଢେଙ୍କାନାଳର କୋଡିଏ ହଜାର ଚାଷୀ ଏହି କୃଷକ ସମାବେଶରେ ଯୋଗଦେଲେ। ବାଜିଆ ମଧ୍ୟ ଏହି ସମାବେଶରେ ଯୋଗଦେଇ ଛାତିଫଟା ଭାଷଣ ଦେଲା। ଜାଗରଣ ସଙ୍ଗୀତ ଗାଇଲା। ଏଡେ ବକଟେ ପିଲାର ଏପରି ଗୁଣ ଦେଖି ସମସ୍ତେ ବିସ୍ମିତ ହୋଇଗଲେ। ସେ ଏଠାରେ ବିପ୍ଳବର ସଙ୍ଗୀତ ଟିଏ ଗାଇଲା -

ଜାଗି ଉଠ ଅହିଂସା ସମରେ
ଢେଙ୍କାନାଳ ସନ୍ତାନ !
ଉଦ୍ଧାର କର ଜନ୍ମ ଭୂମିକୁ
ଦେଇ ରକ୍ତ ଜୀବନ !

X X X X X

୧୯୩୮ ସେପ୍ଟେମ୍ବର ୧୧ ତାରିଖର ଘଟଣା। ସେଦିନ ରାଜା ଢେଙ୍କାନାଳର କେତେଜଣ ପ୍ରଜାମଣ୍ଡଳ କର୍ମୀଙ୍କୁ ଗିରଫ କରି ଜେଲ୍‌ରେ ପୂରେଇଦେଲେ। ଏହି ଖବର ପାଇବାମାତ୍ରେ ସମଗ୍ର ଢେଙ୍କାନାଳର ପ୍ରଜାମାନେ ଉତ୍ତ୍ୟକ୍ତ ହୋଇଉଠିଲେ। ୧୨ ତାରିଖ ଦିନ ହଜାର ହଜାର ଢେଙ୍କାନାଳର ବିପ୍ଳବୀପ୍ରଜା ମାଡି ଆସିଲେ ଢେଙ୍କାନାଳ ଗଡକୁ। ବାଜିଆ ବି ଆସିଲା ତାର ଅଞ୍ଚଳର ବିପ୍ଳବୀ ପ୍ରଜାମାନଙ୍କ ସହ।

ସମସ୍ତେ ଘରେ କହି ଆସିଥାଆନ୍ତି, "ଆମେ ଯାଉଛୁ। ଆଉ ଫେରିବାର ଆଶା ନାହିଁ।"

ପ୍ରଜାମାନେ ଗୋଟିଏ ଶପଥ ନେଇ ଆସି ଥାଆନ୍ତି, "ରାଜାର ଅତ୍ୟାଚାର ଆମେ ସହିବୁ ନାହିଁ। ରାଜାର ନଅରକୁ ଭାଙ୍ଗି ଟିକି ଟିକି କରି ଖଣ୍ଡିଏ ଖଣ୍ଡିଏ ଇଟା ଧରି ଆସିବୁ।"

ହଜାର ହଜାର ଲୋକଙ୍କ ସମାବେଶ, ରାଜା ବିରୋଧୀ ଧ୍ୱନି, ପ୍ରଜାମଣ୍ଡଳର ଜୟଧ୍ୱନିରେ ଢେଙ୍କାନାଳ ଗଡ ଫାଟି ପଡୁଥାଏ। ଲୋକେ ହାତରେ ଧରିଥାଆନ୍ତି କପିଳାସ ବାଉଁଶ ଠେଙ୍ଗାରୁ ଖଣ୍ଡିଏ ଖଣ୍ଡିଏ। ତା ସହିତ ବିପ୍ଳବ ସଙ୍ଗୀତ ବୋଲାଯାଉଥାଏ। ବାଜିଆ ମୁଣ୍ଡରେ ଗାମୁଛା ବାନ୍ଧି ହାତରେ କପିଳାସ ଠେଙ୍ଗାଟିଏ ଧରି ବିପ୍ଳବୀ ସଙ୍ଗୀତ ଗାଇ ଗାଇ ରାଜରାସ୍ତାରେ ନାଚି ନାଚି ଚାଲିଥାଏ -

ମାର ତୁ ଯେତେ ଗୁଳି
ମରିବୁ ପଛେ ଡରିବୁ ନାହିଁ
ଯାଆନା ଏହା ଭୁଲି।
ଘୋଡା ସବାର ସିପାହୀ ଆଜି
ଚଢାଇ ଯେତେ କର,
ପତାଇଦେବୁ ବୁକୁର ହାଡ
ହୋଇବୁ ଆଗଭର ....xxx ।

ଏପରି ଗଣ ସମାବେଶ ଦେଖି ଢେଙ୍କାନାଳ ରାଜା ଓ ତାଙ୍କର କର୍ମଚାରୀମାନେ ଭୟଭୀତ ହୋଇପଡିଲେ। ତଥାପି ଅତ୍ୟାଚାରୀ ରାଜା ଦମନଲୀଳା ଚଳାଇ ଲୋକମାନଙ୍କୁ ବ୍ୟତିବ୍ୟସ୍ତ କରିପକାଇଲେ। ଲୋକେ ପୁଣି ଏକାଠି ହେଲେ। ଶେଷରେ ରାଜା ପ୍ରଜାମଣ୍ଡଳ କର୍ମୀମାନଙ୍କୁ ଖଲାସ କରିବା ପାଇଁ ସର୍ତ୍ତ ରଖିଲେ। ପ୍ରଜାମଣ୍ଡଳ ନେତାମାନେ କୌଣସି ସର୍ତ୍ତରେ ଖଲାସ ହେବାକୁ ରୋକଠୋକ ମନାକରିଦେଲେ। ଶେଷରେ ରାଜା ନିରୁପାୟ ହୋଇ ବିନା ସର୍ତ୍ତରେ ପ୍ରଜାମଣ୍ଡଳର ନେତାମାନଙ୍କୁ ଖଲାସ କରିବାକୁ ବାଧ୍ୟ ହେଲେ। ସେଦିନ ଢେଙ୍କାନାଳବାସୀଙ୍କର ବିଜୟବାନା ଫର ଫର ହୋଇ ଉଡିଲା। କିନ୍ତୁ ରାଜା ଶରଣ ପଶିଲା ବ୍ରିଟିଶ ସରକାର ପାଖରେ। ବ୍ରିଟିଶ୍ ପ୍ରତିନିଧି ପଲିଟିକାଲ ଏଜେଣ୍ଟ ମେଜର ବେଜେଲ୍‌ଗେଟ୍ ଆସିଲେ ଢେଙ୍କାନାଳ ପ୍ରଜାମଣ୍ଡଳ କର୍ମକର୍ତ୍ତାଙ୍କ ସହ ଆଲୋଚନା ପାଇଁ। ଏହା ଥିଲା ବାହାନା ମାତ୍ର। ଭିତିରି କଥା ହେଲା, କିପରି ନିର୍ମମ ଅତ୍ୟାଚାର ବଳରେ ପ୍ରଜାମାନଙ୍କୁ ଜବତ୍ କରାଯିବ ସେଥିପାଇଁ ସେ ରାଜା ଶଙ୍କର ପ୍ରତାପଙ୍କ ସହ ଆଲୋଚନା କଲେ। ତାଙ୍କରି ନିର୍ଦ୍ଦେଶରେ ଗୋରା ପଲଟଣ ଆସିଲେ। ଆସିଲେ ବିଭିନ୍ନ ଗଡଜାତ ରାଜ୍ୟରୁ ସୈନ୍ୟବାହିନୀ। ସେମାନଙ୍କ ସହ ମିଶିଗଲେ ଢେଙ୍କାନାଳ ପୋଲିସ୍।

୨୦ ତାରିଖଦିନ ଏମାନେ ସବୁ ଏକାଠି ହୋଇ ପ୍ରବେଶ କଲେ ଢେଙ୍କାନାଳ ଗଡଜାତ ରାଜ୍ୟର କୋଣ ଅନୁକୋଣରେ। ଚଳାଇଲେ ବର୍ବରୋଚିତ ନିର୍ମମ ଅତ୍ୟାଚାର। ଲୋକେ ମଧ୍ୟ ପ୍ରସ୍ତୁତ ହୋଇଗଲେ। ଟାଙ୍ଗିଆ, କଟୁରି, ବର୍ଚ୍ଛା, ଛୁରୀ, ତରବାରି ଧରିଲେ ପୁରୁଷମାନେ। ଟୋକାମାନେ ଧରିଲେ କପିଳାସ ବାଉଁଶ ଠେଙ୍ଗା। ଆଉ ନାରୀମାନେ ବି ବାଦ୍ ଗଲେନି। ସେମାନେ ହାତରେ ଧରିଲେ ପନିକି, ପିଠାଖଡିକା, କୋରଣା ଆଦି ଘରକରଣା ସରଞ୍ଜାମ। ସମସ୍ତେ ମିଶି ମୁକାବିଲା କଲେ ଢେଙ୍କାନାଳ ପୋଲିସ୍ ସମେତ ଗୋରା ଫଉଜକୁ। ଏହା ଥିଲା ଢେଙ୍କାନାଳର ଗଣ ଆନ୍ଦୋଳନ ଓ ଗଣ ବିପ୍ଳବ। ସମଗ୍ର ବିଶ୍ୱରେ ବିରଳ। ବହୁଲୋକ ମଲେ। ବହୁଲୋକ ହତାହତ ହେଲେ। ପୋଲିସ୍ ବି ମଲେ। ତଥାପି ପୋଲିସ୍ ହାତରେ ଗୁଳି ବନ୍ଧୁକ। ସେମାନେ ଗାଁ ଗାଁରେ ପଶି ଅତ୍ୟାଚାର, ଧର୍ଷଣ, ଲୁଣ୍ଠନ, ଶୋଷଣ କରିବାରେ ଲାଗିଲେ। ପୋଲିସ୍ ଫଉଜ ଯେଉଁଆଡେ ଯାଉଥାଏ, ଲୋକେ ସେମାନଙ୍କ ପଛେପଛେ ଗୋଡାଉ ଥାଆନ୍ତି। ନିର୍ମମ ପୋଲିସ୍ ଫଉଜ ପରଜଙ୍ଗଠାରୁ ଆରମ୍ଭକଲେ ସେମାନଙ୍କର ଦମନଲୀଳା ଅଭିଯାନ। ମାଡି ଆସୁଛନ୍ତି ମଢି (କାମାକ୍ଷାନଗର) ଇଲାକାକୁ। ସେମାନେ ଭୁବନଦେଇ ନୀଳକଣ୍ଠପୁର ଘାଟରେ ବ୍ରାହ୍ମଣୀ ପାର ହୋଇ ଢେଙ୍କାନାଳ ଗଡକୁ ଫେରିଯିବାର ମସୁଧା କରୁଥାଆନ୍ତି। ଏଇ ଖବର କାନରେ ପଡିଲା ପ୍ରଜାମଣ୍ଡଳ କର୍ମୀଙ୍କ କାନରେ।

ଅକ୍ଟୋବର ଦଶ ତାରିଖର ଘଟଣା । ଏଇଦିନ ଭୁବନ ଦେଇ ଫଉଜ ଢେଙ୍କାନାଳ ଫେରିଯିବେ । ପୋଲିସ୍ ଫଉଜ ହାତରେ ବନ୍ଧୁକ ଗୁଳି ଥିଲେ ବି ସେମାନେ ନିରୁପାୟ ହୋଇ ପଡିଥାଆନ୍ତି ଲୋକ ଆକ୍ରମଣରେ । ଭୁବନରେ ବସିଲା ପ୍ରଜାମଣ୍ଡଳର ଜରୁରୀ ବୈଠକ । ଫଉଜକୁ ଡଙ୍ଗାରେ ନୀଳକଣ୍ଠପୁର ଘାଟ ପାରି କରି ନଦେବା ପାଇଁ ସଭାରେ ନିଷ୍ପତ୍ତି ନିଆଗଲା । ଆଲୋଚନା ହେଲା, ଡଙ୍ଗାରେ କେଉଁମାନେ ରହି ବାଟ ଓଗାଳିବେ ପୋଲିସ୍ ଫଉଜର । ବାଜିଆ ବାଳକ ହେଲେ ବି ହଠାତ୍ ହାତ ଟେକି କହିଲା, "ମୁଁ ଜଗିବି ।" ସମସ୍ତେ ରାଜି ହେଲେ । ହେଲେ ବାଜିଆ ସହିତ ରହିବ କିଏ ? ଠିକ୍ ହେଲା ହୁରୁଷି ପଧାନ, ରଘୁ ମଳିକ, ଗୁରି ମଳିକ ଆଦି ଡଙ୍ଗା ଜଗି ରହିବେ ବାଜିଆ ସହ ।

ବାଜିଆ ଆସିଲା ଘରକୁ । ମା କୁ କହିଲା, "ବୋଉ ! ଦେ, ଶୀଘ୍ର ଖାଇବାକୁ ଦେ; ଆଜି ରାତିରେ ଆମେ ନଈଘାଟରେ ଡଙ୍ଗା ଜଗିବୁ । ରାଜାର ଫଉଜ ଓ ଗୋରା ପୋଲିସ୍ ଙ୍କୁ ସେପାରିକି ଛାଡି ଦେବୁନାହିଁ ।"

ବାଜିର ମା ମନ ଦୁଃଖ କଲେ । ହେଲେ ବାଜିଆ ମା'କୁ ବୁଝେଇ ଦେଲା । ବୋଉ ତା'ର ଦୁଃଖ କଥାରେ ଏକମତ ହେଲା । ଖାଇବା ପିଇବାକୁ ଦେଲା । ବାଜିଆ ମୁଣ୍ଡରେ ବାନ୍ଧିଲା ଗାମୁଛା । ଅଣ୍ଟାରେ ଭିଡି ଦେଲା ଆଉ ଖଣ୍ଡେ ଗାମୁଛା । ହାତରେ ଧରିଲା କପିଳାସ ଠେଙ୍ଗା । ପୂରା ବୀରବେଶ । ମା ରାଣିଆ ପୁଅ ଗାଲରେ ଚୁମାଟିଏ ଦେଲାବେଳେ ଆଖିରୁ ଝରିପଡିଲା ଲୁହର ଧାର । ସିଏ ପୁଅ ମୁଣ୍ଡରେ ସିନ୍ଦୂର ଟିକା ମାରି ବନ୍ଦାପନା କରି ବିଦାୟ ଦେଲା । ଧନ୍ୟ ସେ ମାଆ । ଧନ୍ୟ ତାର ହିଆ ।

ରାତିର ତୃତୀୟ ପହର । ବାଜି ଅଣ୍ଟାରେ ଡଙ୍ଗା ଦଉଡି ବାନ୍ଧି ଡଙ୍ଗା ନେଇ ରଖିଛି କୂଳଠାରୁ ଟିକିଏ ଦୂରରେ । ପାଖରେ ଅଛନ୍ତି ହୁରୁଷି ପଧାନ, ନଟ ମଳିକ, ଗୁରୁ ମଳିକ, ରଘୁ ମଳିକ ଆଦି ସ୍ୱେଚ୍ଛାସେବୀମାନେ । ଗୋରାଫଉଜ ଓ ଢେଙ୍କାନାଳ ପୋଲିସ୍ ପଶି ଆସିଲେ ଭୁବନ ଗାଁକୁ । ସେଠାରେ ଲୋକଙ୍କ ପ୍ରତିରୋଧରେ ସେମାନେ ବିବ୍ରତ ହୋଇପଡିଲେ । ଗୁଳି ମାଡ କରି ବହୁତ ଲୋକଙ୍କୁ ମାରିଦେଲେ । ଅନେକ ଲୋକ ଗୁରୁତର ଭାବରେ ଆହତ ହେଲେ । ଢେଙ୍କାନାଳ ପୋଲିସ୍ ଓ ରାଜାର ଜଣେ ଦଲାଲ ଗୋରାଫଉଜକୁ ବାଟ କଢାଇ ଆଣି ନୀଳକଣ୍ଠପୁର ବ୍ରାହ୍ମଣୀନଦୀ ଘାଟରେ ପହଞ୍ଚିଲା ।



ମଣିଷ ଶିକାରୀ ନରରାକ୍ଷସ ଫଉଜ ନଦୀକୂଳରେ ପହଞ୍ଚି ଦେଖନ୍ତି ଯେ ଡଙ୍ଗା ନାହିଁ । କୂଳ ଠାରୁ ଅଳ୍ପ ଦୂରରେ ଡଙ୍ଗାଟି ରହିଛି । ବ୍ରାହ୍ମଣୀ ନଦୀ ଦୁଇକୂଳ ଖାଇ ପ୍ରବଳ ବେଗରେ ବହିଚାଲିଛି । କୂଳର ଅନତିଦୂରରେ ଆଣ୍ଠୁଏ ପାଣିରେ ଖୁଣ୍ଟରେ ବନ୍ଧାହୋଇ ଭାସୁଛି ଡଙ୍ଗାଟିଏ । ଫଉଜ ମାନଙ୍କ କୋଳାହଳରେ ବାଜିଆ ଓ ଉପସ୍ଥିତ ସ୍ୱେଚ୍ଛାସେବୀମାନେ ସଚେତନ ଓ ସତର୍କ ହୋଇ ପଡିଲେ ।

କୂଳକୁ ଡଙ୍ଗା ଆଣିବାକୁ ନରହନ୍ତା ସିପାହୀଦଳ ବ୍ୟାକୁଳ ଗର୍ଜନ କରିବାରେ ଲାଗିଲେ । ବାଜି ରାଉତ ବୀର ପରି ଡଙ୍ଗାରେ ଠିଆ ହୋଇ ରହିଛି । ଆଖିରେ ତାର ଅଗ୍ନି ସ୍ଫୁଲିଙ୍ଗ । ବୁକୁରେ କ୍ରୋଧର ଝଡ । ନରହନ୍ତାମାନେ ଚିତ୍କାର କରି କହୁଛନ୍ତି, "କୂଳକୁ ଡଙ୍ଗା ଆଣ୍ । କୂଳକୁ ଜଲ୍‌ଦି ଡଙ୍ଗା ଆଣ ।"

ବାଜି ରାଉତ ଅନ୍ୟ ସ୍ୱେଚ୍ଛାସେବୀମାନଙ୍କୁ ଆଡେଇ ଦେଇ ଆଗକୁ ଚାଲି ଆସି ବଡ ପାଟିରେ କହିଲା, "ପ୍ରଜାମଣ୍ଡଳର ନିଷ୍ପତ୍ତି ଡଙ୍ଗା ନେବି ନାହିଁ, ଡଙ୍ଗା ନେବି ନାହିଁ ।" ଯେତେଥର ସିପାହୀମାନେ ଡଙ୍ଗା କୂଳକୁ ଆଣିବାକୁ କହୁ ଥାଆନ୍ତି, ବାଜିଆ ଦୃଢ କଣ୍ଠରେ କହୁଥାଏ, "ପ୍ରଜାମଣ୍ଡଳର ନିଷ୍ପତ୍ତି ଡଙ୍ଗା ନେବି ନାହିଁ, ଡଙ୍ଗା ନେବି ନାହିଁ ।"

ସିପାହୀମାନେ ଗର୍ଜନ କରି କହିଲେ, "ଜାଣିଛୁ !!! ଆମେ କିଏ ? ଏବେ ତୋତେ ଆମେ ଗୁଳିରେ ଉଡାଇ ଦେଇ ପାରୁ । ତୁ କଣ କରିବୁ ?"

ବାଜି ଫୁତ୍କାର କରି ତାଚ୍ଛଲ୍ୟ କଣ୍ଠରେ କହିଲା, "ଆରେ ! ରଖ ତୋ ଗୁଳି ! ମୁଁ ଜାଣେ ତୁମେମାନେ ହେଉଛ ଅତ୍ୟାଚାରୀ ରାଜାର ଡାହାଳକୁକୁର ଦଳ । ତୁମେମାନେ ଗାଁ ଗାଁ ବୁଲି ଛାରଖାର କରୁଛ । ସମ୍ପତ୍ତିବାଡି ଲୁଣ୍ଠନ କରୁଛ । ମା-ଭଉଣୀମାନଙ୍କର ଇଜ୍ଜତ ଲୁଟୁଛ । ମୋ ରାଜ୍ୟର ନିରୀହ ଭାଇ ଭଉଣୀଙ୍କୁ ଗୁଳିକରି ମାରୁଛ । ତୁମେ ପଶୁ । ତୁମେ ନର ରାକ୍ଷସ ।"

ଏହି ଅତ୍ୟାଚାରୀ ପୋଲିସ୍ ଫଉଜ ପଛରେ ଗୋଡାଇ ଆସିଥିବା ହଜାର ହଜାର ବିପ୍ଳବୀ ଜନତା ସେତେବେଳକୁ ନୀଳକଣ୍ଠପୁର ବ୍ରାହ୍ମଣୀକୂଳ ନଦୀଘାଟରେ ଆସି ପହଞ୍ଚି ଗଲେଣି । ନଈକୂଳ କାଦୁଅ ଭିତରେ ପୋଲିସ୍ ଫଉଜ ଓ ଲୋକଙ୍କ ଭିତରେ ଚାଲଥାଏ ଧସ୍ତାଧସ୍ତି । ରକ୍ତମୁଖା 'ଗୁଡୁମ୍ ଗୁଡୁମ୍' ବନ୍ଧୁକ ବି ଚାଲିଛି ।

ହଠାତ୍ ପୋଲିସ୍ ଭିତରୁ ଜଣେ ବାଜି ରାଉତ ଆଡକୁ ବନ୍ଧୁକ ଦେଖାଇ କହିଲା, "ଆରେ ମେଞ୍ଚଡ ଟୋକା ! ବଡ ବଡ କଥା ତ କହୁଛୁ ! ଦେଖ୍, ଏଇ ବନ୍ଧୁକ ମାରି ତତେ ଧୂଳିସାତ୍ କରିଦେବି ।"

ବାଜିଆ କହିଲା, "ଆବେ ରଖ ତୋ ଗୁଳି । ଦେଖିଛି କେତେ ଗୁଳି !"

ହଠାତ୍ ଢେଙ୍କାନାଳ ରାଜାର ପୋଲିସ୍ ରବି ସ୍ୱାଇଁ ଚଳାଇଦେଲା ଗୁଳି ବାଜିଆର ମୁଣ୍ଡକୁ ଲକ୍ଷ୍ୟ କରି – "…..ଗୁଡୁମ୍…ଗୁଡୁମ୍ ।"

ଆଃ … ବାଜିଆ ମୁଣ୍ଡରୁ ଦହିହାଣ୍ଡି ବାହାରିପଡିଲା ।

ଗୁଳିବିଦ୍ଧ ହେଲାବେଳେ ବାଜିଆ ପାଟିରୁ ବାହାରି ପଡିଲା, "ପ୍ରଜାମଣ୍ଡଳ କୀ ଜୟ ! ମହାତ୍ମା ଗାନ୍ଧୀକୀ ଜୟ !"

ବାଜି ରାଉତ ଟଳି ପଡିଲା ସିନା ନଇଁଲା ନାହିଁ ।

ଅମାନିଆଁ ପୋଲିସ ଦଳ ପରେ ଗୁଳି ଚଳାଇ ହତ୍ୟାକଲେ ଡଙ୍ଗାରେ ଜଗିଥିବା ନୀଳକଣ୍ଠପୁରର ଲକ୍ଷ୍ମଣ ମଳିକ, ନଟ ମଳିକ, ହୁରୁଷି ପ୍ରଧାନ ଓ ଭୁବନର ରଘୁ ନାୟକ ଓ ଗୁରି ନାୟକଙ୍କୁ । ତା' ପରେ ନିର୍ମମ ପୋଲିସ୍ ଦଳ ଡଙ୍ଗା ଧରି ସେପାରିକି ଚାଲିଗଲେ । ବ୍ରାହ୍ମଣୀ ରକ୍ତରଞ୍ଜିତ ହୋଇଗଲା ସହିଦମାନଙ୍କ ରକ୍ତରେ । ପାଖେ ପାଖେ ଥିଲେ ପ୍ରଜାମଣ୍ଡଳର ଅନେକ କର୍ମୀ ତଥା ବିପ୍ଳବୀବୀର ବୈଷ୍ଣବ ପଟ୍ଟନାୟକ । ସେମାନେ ସହିଦ ମାନଙ୍କର ଶବକୁ ଜେନାପୁର ନେଇ ସେଠାରୁ ଟ୍ରେନ୍ ଯୋଗେ କଟକ ଚାଲିଗଲେ । ଏହି ଶବ ସହ ସେମାନେ ପୂର୍ବରାତିରେ ଭୁବନଠାରେ ପୋଲିସ୍ ଗୁଳିରେ ହତ୍ୟା ହୋଇଥିବା କର୍ମୀମାନଙ୍କର ଶବକୁ ଓ ନଦୀକୂଳରେ କ୍ଷତବିକ୍ଷତ ହୋଇଥିବା କର୍ମୀ ମାନଙ୍କୁ ମଧ୍ୟ କଟକ ନେଇ ଗଲେ ।

୧ ୨ ତାରିଖରେ କଟକ ସହରରେ ସହିଦ ମାନଙ୍କ ଶବ ପହଞ୍ଚିବା ପରେ କଟକ ସହରବାସୀ ସ୍ତବ୍ଧ ହୋଇଗଲେ । ସ୍କୁଲ କଲେଜ, ଦୋକାନ ବଜାର ଆପେ ଆପେ ବନ୍ଦ ହୋଇଗଲା । କଲେଜ ଛକଠାରେ ଏହି ଛଅ ଜଣଙ୍କର ଶବକୁ ଛ' ଗୋଟି ଶଗଡରେ ରଖାଗଲା ।

ବାହାରିଲା ଶବ ଶୋଭାଯାତ୍ରା !

ଶଗଡରେ ବସିଲେ ବୈଷ୍ଣବ ପଟ୍ଟନାୟକ, ରବି ଘୋଷ, ଗୋବିନ୍ଦ ମହାନ୍ତି, ବିଶ୍ୱନାଥ ପଶାୟତ, ଶରତ ପଟ୍ଟନାୟକ ଓ ବିପ୍ଳବୀକବି ସଚ୍ଚି ରାଉତରାୟ । ସାରଙ୍ଗଧର ଦାସ, ବୈଦ୍ୟନାଥ ରଥ, ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ପ୍ରାଣକୃଷ୍ଣ ପଢିଆରୀ ଓ ଗୌରାଙ୍ଗଚରଣ ଦାସ ଆଦି ତୁଙ୍ଗ ନେତାମାନେ ଶବ ଶୋଭାଯାତ୍ରା ଆଗରେ ଚାଲି ଥାଆନ୍ତି । କଟକରେ ମୁଖ୍ୟ ରାସ୍ତାଦେଇ ସହିଦମାନଙ୍କ ଶବଗୁଡିକ ଆସି ପହଞ୍ଚିଲା ସତୀ-ଚଉରା ପାଖରେ । ସେଠାରେ ଗୋଟିଏ କୋକେଇରେ ସମସ୍ତ ସହିଦଙ୍କୁ ଏକାଠି ରଖି ଚିତା ଲଗାଇ ଦିଆଗଲା । ବିପ୍ଳବୀ କବି ସଚ୍ଚି ରାଉତରାୟଙ୍କ କଣ୍ଠରୁ ସ୍ୱତଃ ନିସୃତ ହେଲା -

ନୁହେଁ ବନ୍ଧୁ ନୁହେଁ ଏହା ଚିତା
ଏ ଦେଶର ତିମିର ତଳେ
ଏ ଅଳିଭା ମୁକତି ସଳିତା ।
ନୁହେଁ ଏହା ଜଳିଯିବା ପାଇଁ
ଏହାର ଜନମ ଏଥି
ଜାଳିପୋଡି ଦେବାକୁ ଧସାଇ ।।
ଏ ଶିଖା ଦେଇଛି ଆଜି
ଇତିହାସେ ହାତ ଟେକିଦାନ
ଶତାବ୍ଦୀର ଶ୍ରେଷ୍ଠଫୁଲ
ମୁକୁଳିତ ମୃତ୍ୟୁହୀନ ପ୍ରାଣ ।।

xxx xxx xxx

କାଳିନ୍ଦୀ ଚରଣ ପାଣିଗ୍ରାହୀ ଏହି ସହିଦ ମାନଙ୍କ ଉଦ୍ଦେଶ୍ୟରେ କବିତାଟିଏ ଲେଖିଲେ -

ଆସ ଲକ୍ଷ୍ମଣ, ଆସ ନଟ ରଘୁ, ଗୁରି
ହୁରୁଷି ପଧାନ ବଜାରେ ମରଣ ତୂରୀ
ଡର କାହିଁ ? ଡର କାହିଁ ?
ବାର ବରଷର ବାଜି ରାଉତରେ
ମରିନାହିଁ ମରିନାହିଁ
କୋଣାରକ ଠାରୁ ଗଢିଲା ଦେଉଳ ବଡ
ନ ମାନିଲା ରାଜା ଗୁଳି ବନ୍ଧୁକ ଝଡ ।
ବଡ ଅବିନୀତ ଟୋକା
ଢେଙ୍କାନାଳର କଙ୍କାଳଟାଣି
ବଜାଇଲାରେ ଢକା ।

ଧନ୍ୟ ବାଜି ରାଉତ ଧନ୍ୟ ତୁମେ - ଦେଶପାଇଁ ହସିହସି ପ୍ରାଣ ଦେଇ ତୁମେ ମହାନ୍, ଚିର ଅମର ।

*ସାଇ ଦିଗବଳୟ, ଇ-୧୯୨, ହାଉସିଂବୋର୍ଡ କଲୋନି,*
*ବରମୁଣ୍ଡା , ଭୁବନେଶ୍ୱର -୭୫୧ ୦୦୩*
*ମୋ - ୯୪୩୮୨୯୯୧୭୪*

●●●●



# ଖାରବେଲବୋଧ

*ଡାକ୍ତର ଇନ୍ଦ୍ରମଣି ଜେନା*

ମା' ର ମମତାରେ ସମସ୍ତେ ବଢନ୍ତି, କିନ୍ତୁ କେତେଜଣ ମାଆ ପାଇଁ ପଣ କରିଥାଆନ୍ତି ? ମାଆର ଯତ୍ନ ନେଇ ସୁନାପିଲା ହୁଅନ୍ତି । ଅଳ୍ପ କେତେଜଣ ମର୍ଯ୍ୟାଦା ସମ୍ପନ୍ନ ଦୃଢମନା ମା' ପରି ଦେଖନ୍ତି ମାତୃଭୂମିକୁ, ନିଜ ଦେଶମାତୃକାକୁ । ଆଜିର ଓଡିଶା ଦିନେ କଳିଙ୍ଗ ଭାବରେ ବିଶ୍ୱ ଇତିହାସରେ ସୁନାମ ନେଇଥିଲା । ଇତିହାସର ସେଇ ପ୍ରାତଃକାଳରୁ କଳିଙ୍ଗ ସନ୍ତାନମାନେ ଦେଶମାତୃକାର ବନ୍ଦନା କରିଛନ୍ତି । ଯୁଗଯୁଗ ଧରି କୋଟି କୋଟି ସନ୍ତାନ କଳିଙ୍ଗ ତଥା ଓଡିଶା ମାତାର ବକ୍ଷରେ ଜୀବନ ବିତାଇଛନ୍ତି । ଅନେକ ନିଜର ଜୀବନକୁ ଧନ୍ୟ ମନେ କରନ୍ତି, ଦେଶମାଆ ଓ ମାଟି ପାଇଁ ଗର୍ବରେ ଆତ୍ମହରା । ମାତୃ ସମ୍ପଦରେ ତୃପ୍ତ । ମାଆର ଉନ୍ନତି କଳ୍ପେ ନିଜର ଜୀବନକୁ ବାଜି ଲଗାଇ ଦିଅନ୍ତି । ମାଆର ଯଶପାଇଁ ଦେଶର ଅଭ୍ୟନ୍ତରକୁ ସଜାଇ ସୀମା ବାହାରକୁ ଯାଇ କୀର୍ତ୍ତିର ସୌଧ ନିର୍ମାଣ କରି ତୋଳନ୍ତି ।

ସର୍ବ ପ୍ରାଚୀନ ଭାରତୀୟ ସଭ୍ୟତାରେ କଳିଙ୍ଗ ଗୋଟିଏ ସ୍ୱୟଂ ସମର୍ଥ ସାହାସିକ ରାଜ୍ୟର ଖ୍ୟାତି ନେଇ ପରିଚିତ । ସେଥିପାଇଁ ତାକୁ ମୂଲ ଦେବାକୁ ପଡିଛି ସମ୍ରାଜ୍ୟବାଦୀ ମଗଧ ରାଜ୍ୟକୁ । କଳିଙ୍ଗର ଆବାଳବୃଦ୍ଧବନିତା ନିଜ ଶରୀରର ସମସ୍ତ ଶକ୍ତି ପ୍ରୟୋଗ କରିଛନ୍ତି ବୀରଭୂମି କଳିଙ୍ଗରେ ନିଜ ରାଜ୍ୟର ପ୍ରତିରକ୍ଷା ପାଇଁ । ଶେଷ ରକ୍ତବିନ୍ଦୁ ଆହୁରି ରକ୍ତବର୍ଣ୍ଣ କରିଦେଇଛି ସୌରଭଗିରି କୂଳ ଦୟାନଦୀ ଜଳସ୍ରୋତକୁ । ସରିଯାଇନାହିଁ ରୁଧିର କଳିଙ୍ଗ ବକ୍ଷରୁ । ଏଇମାଟିରୁ ପୁନର୍ବାର ନୂତନ ପ୍ରାଣର ସଞ୍ଚାର ଘଟିଛି । କଳିଙ୍ଗାଧିପତି ଶୌର୍ଯ୍ୟଶାଳୀ ହୋଇ ଭାରତବର୍ଷ ଜୟ କରିଛନ୍ତି । ମଗଧ ନୃପତି ପ୍ରାଣରକ୍ଷା ପାଇଁ ପଦଲେହନ କରିଛନ୍ତି ତାଙ୍କର । ଖ୍ରୀଷ୍ଟଯୁଗ ଆରମ୍ଭର ତିରିଶ ବର୍ଷ ଆଗର ଏ ଘଟଣା ।

ସହସ୍ରାବ୍ଦ ପରେ ଇତିହାସରେ ଦୋଦୁଲ୍ୟମାନ କଳିଙ୍ଗ ପୁଣି ଜଣେ ସ୍ୱାଭିମାନୀ ନୃପତିଙ୍କୁ ଜନ୍ମଦିଏ । ଭାଷା, ଭକ୍ତି ଓ ପରାକ୍ରମରେ ନିଜ ପରିସୀମା ଗଙ୍ଗା-ଗୋଦାବରୀରୁ ଉଚ୍ଛୁଳି ପଡିଛନ୍ତି ଗୌଡ ଓ କର୍ଣ୍ଣାଟ ଧାରକୁ । ଓଡିଆ ମୋହରେ ଆଚ୍ଛନ୍ନ ହୋଇପଡିଛନ୍ତି । କଳିଙ୍ଗ ହୋଇଛି ଓଡିଶା ରାଷ୍ଟ୍ର, ପୁରୁଷୋତ୍ତମ ହୋଇଯାଇଛନ୍ତି ଜଗନ୍ନାଥ । ସେଇ ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର କପିଳେନ୍ଦ୍ରଦେବ ଓଡିଶା ମାଆର ଗର୍ବିତ ସନ୍ତାନ । ଦ୍ୱିତୀୟ ଖାରବେଳ ଭାବରେ ଖ୍ୟାତି ତାଙ୍କର ।

ଏକଦା ବିସ୍ତୃତ ଓଡିଶା ଇତିହାସରେ ଅବକ୍ଷୟ ସ୍ରୋତରେ ଧ୍ୱଂସମୁଖୀ । ସୀମା ଯାଇ ଭାଷା ଗଲାଣି ରସାତଳକୁ । ପୋଡିଯାଇଥିବା ଜଗନ୍ନାଥଙ୍କୁ ରକ୍ଷାକରିପାରୁନି ଓଡିଶା । ବିଦେଶୀ ଶାସନରେ ଜର୍ଜରିତ କିୟଦଂଶ ଓଡିଶା । ଭାଷା ଲୁପ୍ତପ୍ରାୟ । ସଂକଟର ଏହି ଘଡିସନ୍ଧିରେ ଜନ୍ମ ନିଅନ୍ତି ଜଣେ ନୁହେଁ ଅନେକ ଯୋଗଜନ୍ମା ଓଡିଆ । ଶପଥ ନିଅନ୍ତି ଭାଷା ଓ ଜାତିର ଏକତ୍ରୀକରଣ । କେତେଜଣ ଭୀଷ୍ମପ୍ରତିଜ୍ଞ କଳିଙ୍ଗ ସନ୍ତାନ ମାନଙ୍କର ଉତ୍ସର୍ଗିତ ପ୍ରଚେଷ୍ଟାର ଫଳରେ ପୁନର୍ଜନ୍ମ ନିଏ ସ୍ୱତନ୍ତ୍ର ଓଡିଶା । ସ୍ଥିର ହୁଅନ୍ତି ଓଡିଶାର ପ୍ରାଣକେନ୍ଦ୍ର ଶ୍ରୀ ଜଗନ୍ନାଥ । ଓଡିଆ ହୃଦୟର ସ୍ପନ୍ଦନ ଫେରିଆସେ । ପରିବର୍ତ୍ତିତ ସମାଜରେ ନେତୃତ୍ୱ ନିଅନ୍ତି ପୁଣି ଜଣେ ଖାରବେଳ ଧର୍ମୀ ଓଡିଆପୁଅ । ରାଜ୍ୟରେ କଳିଙ୍ଗ ପ୍ରେମର ଜ୍ୱଳନ୍ତ ଉଦାହରଣ ଗଢି ତୋଳନ୍ତି । କେତେ ଚେଷ୍ଟା କରନ୍ତି ଅତୀତର କଳିଙ୍ଗର ପୁନଃପ୍ରତିଷ୍ଠା କରିବା ପାଇଁ । ବନ୍ଦରଟିଏ ଗଢନ୍ତି କିମ୍ବଦନ୍ତୀର ନୌବାଣିଜ୍ୟ ପାଇଁ । ଇଂରେଜମାନେ ଉପନିବେଶ ପାଇଁ ସମର୍ଥ ହେବାର ଦୁଇହଜାର ବର୍ଷ ଆଗରୁ ଏଇ କଳିଙ୍ଗ ପୂର୍ବପ୍ରାଚ୍ୟର ସୁବର୍ଣ୍ଣଭୂମିରେ ନିଜର ସାମ୍ରାଜ୍ୟ ବିସ୍ତାର କରିଥିଲା ବସତିପାଇଁ, କଳା ସଂସ୍କୃତି ସହ ମାନବିକତାର ଧର୍ମପ୍ରବାହ ପାଇଁ । ନିଜ ସାହସିକ କୃତକର୍ମ ବଳରେ ସିଏ ହୁଅନ୍ତି ଇଣ୍ଡୋନେସିଆର ଭୂମିପୁତ୍ର । ତାଙ୍କର ମନପ୍ରାଣ ଅଥୟ ହୋଇଉଠେ ହଜାର ବର୍ଷ ତଳର ବାଲି ଦ୍ୱୀପର ପ୍ରାଚୀନ ଉତ୍କଳୀୟ ମାନଙ୍କ ପାଇଁ । ବିଶ୍ୱ ଦରବାରରେ କଳିଙ୍ଗର ନାମ ପ୍ରତିଷ୍ଠା କରିବାକୁ ଯାଇ ୟୁନେସ୍କୋ ଅନୁଷ୍ଠାନରେ ପ୍ରବର୍ତ୍ତକ କରନ୍ତି କଳିଙ୍ଗ ପୁରସ୍କାର । ସେ କଅଣ ନୂତନ ଯୁଗର ଖାରବେଳ ତୁଲ୍ୟ ନୁହଁନ୍ତି ? କେତେ ଓଡିଆ ତାଙ୍କୁ ମନେ କରନ୍ତି ତୃତୀୟ ଖାରବେଳ !

ଏହି ତିନି ଖାରବେଳଙ୍କର ଜନ୍ମ ସମୟରେ ସହସ୍ରାବ୍ଦର ଅନ୍ତର ଥାଇପାରେ, ସମସାମୟିକ ସଭ୍ୟତା ଓ ସଂସ୍କୃତି ମଧ୍ୟରେ ଅନେକ ତାରତମ୍ୟ ଥାଇପାରେ, କିନ୍ତୁ ତିନି ଜଣଙ୍କର ଦେଶମାତୃପ୍ରେମ ଅସୀମ । ନିଜର ଜୀବନ କଳିଙ୍ଗର ସର୍ବାଙ୍ଗୀନ ବିକାଶ ପାଇଁ ଉତ୍ସର୍ଗୀକୃତ ।କଳିଙ୍ଗର ଅପରୂପ ସୌନ୍ଦର୍ଯ୍ୟରେ ଏହି ବରପୁତ୍ରମାନେ ବିମୋହିତ, ଏପରି ଦେଶମାତୃକାର ସନ୍ତାନ ଭାବରେ ଗର୍ବିତ । ନିଜର ବୁଦ୍ଧି ଓ ବଳର ସଦୁପଯୋଗ କରି କଳିଙ୍ଗର ଶୌର୍ଯ୍ୟ ବୀର୍ଯ୍ୟର ଉଦାହରଣ ଦେଖାଇଛନ୍ତି ଯାହାକି କେବଳ ଭାରତବର୍ଷ ମଧ୍ୟରେ ସୀମିତ ହୋଇ ରହିନି, ସମଗ୍ର ବିଶ୍ୱ ଚାହିଁ ଖୋଜି ବସିଛି, କେଉଁଠି ରହିଛି ଏଇ କଳିଙ୍ଗ ରାଜ୍ୟ !

ଇତିହାସର ସମୟ ସ୍ରୋତରେ କଳିଙ୍ଗ ଶବ୍ଦଟି ଦିନେ ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଛି । ଉନବିଂଶ ଶତାବ୍ଦୀର ଅୟମାରମ୍ଭ । ବିଗତ ଦୁଇ ଶତାବ୍ଦୀର ଆଫଗାନ, ମୋଗଲ, ମରାଠା ଅଧ୍ୟୁସିତ ବିଖଣ୍ଡିତ ଚିରା ଦଦରା ମୋଗଲବନ୍ଦୀ ଓଡିଶା ସ୍ମୃତିହରା ରାଜ୍ୟ । ସେତିକି ବେଳକୁ ଇଂରେଜ ମାନଙ୍କର ପ୍ରତ୍ନତାତ୍ତ୍ୱିକ ଗବେଷଣା ଚାଲିଥାଏ ଭାରତର ଅବଲୁପ୍ତ ଇତିହାସର ପୃଷ୍ଠା ଖୋଲିବାକୁ । ଭାରତୀୟ ମାନେ ଭଲ ଦାର୍ଶନିକ, କବି, ଲେଖକ । କିନ୍ତୁ ଭଲ ଐତିହାସିକ ନୁହନ୍ତି । ମେଗାସ୍ଥିନିସ୍‌ଙ୍କ ତଥ୍ୟରୁ ଚନ୍ଦ୍ରୋସ୍ (ଚନ୍ଦ୍ରଗୁପ୍ତ ମୌର୍ଯ୍ୟ) ଓ ପର ରଚନା ଗୁଡିକରୁ ପିୟଦଶୀ (ଦେବାନାଂ ପ୍ରିୟଦର୍ଶୀ ଅଶୋକ) ଓ ବୌଦ୍ଧ-ଗତିପଥ ବିଷୟରେ ଅନେକ ତଥ୍ୟ ମିଳି ପାରିଲା । ଏଥିରୁ ଅଶୋକ କଳିଙ୍ଗରେ ବିରାଟ ନରସଂହାର ରଚାଇବାପରେ ବୌଦ୍ଧଧର୍ମରେ ଆଶ୍ରିତ ହେବାର କାନ୍ଦାହାର ଶିଳାଲିପିକୁ ଅନୂଦିତ କରି ଜାଣିବାକୁ ପାଇଲେ ।

କେଉଁଠି ଏ କଳିଙ୍ଗ ? କେତେ ଦୂର ବ୍ୟାପ୍ତ ଏହାର ପରିସୀମା ? ଏହି ପ୍ରତ୍ନତାତ୍ତ୍ୱିକ ପ୍ରଶ୍ନର ଉତ୍ତର ଖୋଜି ଖୋଜି ଉତ୍ତର ମିଳିଲା ବାହାରୁ, କଳିଙ୍ଗର ଯଥେଷ୍ଟ ପରିଚୟ । ଉନବିଂଶ ଶତାବ୍ଦୀରେ ସୀମା ହଜାଇଥିବା ଓଡିଶାର ପୂର୍ବ ଇତିହାସ । ସିଂହଳରୁ ଧରି ଇଣ୍ଡୋନେସିଆ, ଚୀନ ସବୁ ଆଡେ କଳିଙ୍ଗର ବଳିଷ୍ଠ ଆଭିଲେଖ୍ୟ । ଧଉଳି ଓ ହାତୀଗୁମ୍ଫାରୁ ଅନୂଦିତ ଶିଳାଲିପି ଆଣିଦିଏ କଳିଙ୍ଗର ଗୌରବୋଜ୍ଜ୍ୱଳ ଇତିହାସ । ତା ପରଠାରୁ ଦେଶରେ ଖଣ୍ଡବିଖଣ୍ଡିତ ଓଡିଶା, ନଅଙ୍କ ପ୍ରପିଡିତ ଓଡିଶା, ବନ୍ୟା ବାତ୍ୟା ଓ ବାର୍ଷିକ ପ୍ରାକୃତିକ ଦୁର୍ବିପାକର ଶିକାର ଓଡିଶା ପ୍ରତ୍ନତତ୍ତ୍ୱ ତଥ୍ୟ ବଳରେ ବୋଲାଇଲା କଳିଙ୍ଗାଃ ସାହସିକାଃ । ଏହାର ଶକ୍ତି ଥିଲା ଖ୍ରୀଷ୍ଟାବ୍ଦଏକଶହ ମସିହାରେ ଦୁଇ ହଜାର ଲୋକ ପଠାଇ ଜାଭାରେ ବସତି ସ୍ଥାପନ ପାଇଁ । ମନେହୁଏ, କଳିଙ୍ଗାଧିବାସୀ ସାଗର ଯାତ୍ରାପ୍ରିୟ ଜାତି ହୋଇଥିଲେ, ଜୀବନ ବିନିମୟରେ ପର୍ଯ୍ୟଟନ କରିବାକୁ ଆଗଭର ଥିଲେ । ତା ସହିତ ଥିଲା ଦେଶର ରାଜପ୍ରୋତ୍ସାହନ । ପ୍ରତ୍ନତତ୍ତ୍ୱବିତ୍ ମାନେ ଅସୀମ ତଥ୍ୟ ରଖି ଦେଇଛନ୍ତି କଳିଙ୍ଗ ବୀରତ୍ୱ ବିଷୟରେ । ସେତିକି ହିଁ ଆମର ସମ୍ବଳ ! ଦେଖିବା ଶୁଣିବା ଭିତରେ ଆକାଶ ପାତାଳ ପ୍ରଭେଦ !

କଳିଙ୍ଗର ଆଭ୍ୟନ୍ତରୀଣ ଏକତା ଭାବରେ ୧୮ଟି ବିଦ୍ୟାଧର ରାଜ୍ୟ (ଗଡଜାତ) ସମ୍ମିଳିତ କରି ଖାରବେଳ ତଦାନୀନ୍ତନ ଭାରତବର୍ଷରେ ଚତୁରଙ୍ଗ ଦୁଃସାହାସୀ ଅନାହତ (ଅପ୍ରତିହତ) କଳିଙ୍ଗ ସେନାବଳ ଗଠନ କରିପାରିଥିଲେ । ଏଇଟା ମଗଧ କବଳରୁ ମୁକ୍ତ ହେବାର ମାତ୍ର ତିନି ପୁରୁଷ ପରେ । ସବୁ ବିଦ୍ୟାରେ ପାରଙ୍ଗମ ନଅ ବର୍ଷର ଯୁବରାଜ କାଳରେ ଦେଶର ଶକ୍ତି, ରାଜନୀତି, ସମର, କୂଟନୀତି ଉପରେ ଆଖି ବୁଲାଇ ଆଣି ତେର ବର୍ଷର ଶାସନ ଖସଡା ମନରେ ଗଢି ତୋଳିଥିଲେ । ରାଜ୍ୟକୁ ଉତ୍ସବମୁଖର କରି ଭାଷା, ନାଚ, ଗୀତର ସର୍ବୋଚ୍ଚ ସୋପାନ ଆରୋହଣ କରାଇ ପାରିଥିବା ପ୍ରତୀୟମାନ ହୁଏ । ବର୍ଷ ପରେ ବର୍ଷ ତେର ବର୍ଷ ଶାସନକାଳରେ ପଶ୍ଚିମ, ଉତ୍ତର, ଦକ୍ଷିଣ ହୋଇ ସାରା ଭାରତରେ ଅନ୍ୟୁନ ପା□ ଥର ନିଜର ପରାକ୍ରମର ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ ଦିଗବିଜୟ ଯାତ୍ରାରେ ।




ଭାରତ ମାନଚିତ୍ରରେ ବିଶାଳ କଳିଙ୍ଗ । ତତ୍କାଳୀନ ଜୈନ, ବୁଦ୍ଧ ଓ ବ୍ରାହ୍ମଣ ଧର୍ମର ସମନ୍ୱୟରେ ବହୁଧର୍ମୀ କଳିଙ୍ଗ, ଅହିଂସା ଓ ସଦାଚାରରେ ଭୂଷିତ ରାଜଧର୍ମରେ ରଞ୍ଜିତ କଳିଙ୍ଗ । ସେଇ ଧର୍ମଧାରା, ମାନସିକତା ଓ ହିଂସା-ପରିପନ୍ଥୀ ସମାଜ ମହାମେଘବାହାନ ଆଚାରର ବିବର୍ତ୍ତନରେ ଆଜିର କଳିଙ୍ଗରୁ ଉଦ୍ଭବ ଓଡିଶା ।

ଖାରବେଳଙ୍କ ଇତିହାସର ଦେଢ ସହସ୍ରାବ୍ଦ ପରର ଓଡିଶା ରାଷ୍ଟ୍ର । ଗଙ୍ଗାରୁ ଗୋଦାବରୀ ଠାରୁ ଆହୁରି ବହକି ପଡେ ଭାରତ ମାନଚିତ୍ରରେ । ବିଶାଳ ଓଡିଶା ରାଷ୍ଟ୍ର । ଓଡିଶାର ଗଜସେନା ସେ ସମୟ ଦେଶର ସର୍ବ ଶକ୍ତିମାନ ସାମରିକ ଉତ୍ସ । ଗଜପତି କପିଳେନ୍ଦ୍ର ଓଡିଶାର ଦ୍ୱିତୀୟ ଖାରବେଳ ମାନସିକତା ନିଅନ୍ତି । ଜଗନ୍ନାଥ ସଂସ୍କୃତିର ପୁନରୁତ୍ଥାନ ହୁଏ, ପୁରୁଷୋତ୍ତମ ଧୀରେଧୀରେ ହୋଇଯାଆନ୍ତି ଜଗନ୍ନାଥ । ଓଡିଆ ଭାଷାର ଅତ୍ୟଚ୍ଚ ପର୍ବତ ଗଢି ତୋଳନ୍ତି ଆଦିକବି ସାରଳା ଦାସ, ଓଡିଶା ଗୁଞ୍ଜରିତ ହୁଏ ଓଡିଆ ମହାଭାରତରେ । ଗଜପତି ଗଢନ୍ତି ସମ୍ମୋହିତ ଓଡିଶା । ତାଙ୍କ ମୁଣ୍ଡରେ ହାତୀ ସୁନାକଳସ ଢାଳିଲା ବେଳରୁ ସାମନ୍ତରାଜା ମାନଙ୍କର ବିଚ୍ଛିନ୍ନତା ଭାବ । କପିଳା ଯଦି ଗଜପତି, ଆମେ ସାମନ୍ତରାଜା ମାନେ କେଉଁ ଗୁଣରେ କମ୍ ? ସିଏ ପରିଚାଳନା କରନ୍ତି ବିଶାଳ ଓଡିଆ ଗଜ ବାହିନୀ । ଦୁର୍ଦ୍ଦମ୍ୟ ସମୃଦ୍ଧ ଅପରାଜୟୀ ପାଇକ ସମର ଗୋଷ୍ଠୀ । ଉତ୍ତର-ଦକ୍ଷିଣ ସବୁ ଆଡକୁ ସମ୍ପ୍ରସାରଣଶୀଳ ଓଡିଶା ରାଷ୍ଟ୍ର । କପିଳେନ୍ଦ୍ର କେବଳ ଓଡିଶାର ନୁହନ୍ତି, ସିଏ ବି ଗୌଡେଶ୍ୱର, ବିଶାଳ ଦାକ୍ଷିଣାତ୍ୟ ବିଜୟୀ ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର । ବୀରତ୍ୱର ଉଦାହରଣ, ଦକ୍ଷିଣ ସୀମାରେ କ୍ରିଷ୍ଣା ନଦୀ ତୀରରେ ପ୍ରାପ୍ତ ବୟସରେ ଶେଷନିଶ୍ୱାସ ତ୍ୟାଗ କରିଥିଲେ । ସେଇ ଦ୍ୱିତୀୟ ଖାରବେଳଙ୍କୁ ମନେ ପକାଇଲେ, କେବଳ ତାଙ୍କର ବିଶାଳ ଓଡିଆ ଚେତନା ଆସେ ତାଙ୍କଦ୍ୱାରା ନାମିତ ଓଡିଶା ରାର୍ଷ୍ଟ, ସଗର୍ବେ ପ୍ରଚଳନ କରିଥିବା ସ୍ୱର୍ଣ୍ଣମୁଦ୍ରା ।

ଗତ ହୋଇଯାଏ ଅର୍ଦ୍ଧ ସହସ୍ରାବ୍ଦ ଦ୍ୱିତୀୟ ଖାରବେଳଙ୍କ ପରେ। ଇତିହାସ ଓ ଭୂଗୋଳ ପୃଷ୍ଠାରେ ଛିନ୍ନ ବିଛିନ୍ନ ପୁନର୍ଗଠନ ସୃଷ୍ଟିଚକ୍ରରେ ନିଶ୍ଚିହ୍ନ ହେବାରୁ ଓଡ଼ିଆ ଭାଷା କର୍ତ୍ତୃକ ବଞ୍ଚିରହେ ନବରୂପର ଓଡିଶା। ପୂର୍ଣ୍ଣ ଅବୟବରୁ ରହିତ ସ୍ୱାଧୀନ ଭାରତର ସୀମିତ, ଅବହେଳିତ ଓଡିଶା। ଅଣଦେଖା, ନିକ୍ଷେପିତ ନିର୍ଯାତିତ ରାଜ୍ୟ। ଶିକ୍ଷା, ଶିଳ୍ପ, ଗମନାଗମନରେ ସମସାମୟିକ ରାଜ୍ୟମାନଙ୍କ ତୁଳନାରେ ପଛକୁ ଫେରି ଚାହୁଁଥିବା ଓଡିଶା। ସ୍ୱାଧୀନ ଭାରତରେ ଆଉ ସେନାବଳ କି ସୀମା ସୁରକ୍ଷାମନ୍ତ୍ରର ଆବଶ୍ୟକତା ନାହିଁ, ଓଡିଆ ଜାତିର ବିକାଶ ଓ ସୁନାମ ହି କାମ୍ୟ। ଏହି ସମୟରେ ଆବିର୍ଭାବ ହୁଏ ଖାରବେଳ ମାନସିକତାର ତୃତୀୟ ଖାରବେଳ। ପ୍ରବାଦ ପୁରୁଷ। କଳିଙ୍ଗ ନାମର ଯଶଗାନ କରି ଓଡିଶା ମାତାକୁ ନିଜ ବୀରତ୍ୱର ଉପହାର ଦିଅନ୍ତି। ଓଡିଶାର ପୁତ୍ର, ପ୍ରାଚୀନ କଳିଙ୍ଗ ଉପନିବେଶ ଇଣ୍ଡୋନେସିଆର ଭୂମିପୁତ୍ର। ଓଡିଆ ସାହାସିକତାର ପ୍ରବାଦ ପୁରୁଷ। ଓଡିଶାରେ କଳିଙ୍ଗ ନାମରେ ଗଢି ତୋଳନ୍ତି ବହୁ ଶିକ୍ଷାନୁଷ୍ଠାନ। ଗଭୀର ଅଭିମାନୀ। କଳିଙ୍ଗ ହରାଇଛି ଅତୀତର ନୌବାଣିଜ୍ୟ। ଦେଶର ପ୍ରଥାକୁ ଦୃଷ୍ଟି ନ ଦେଇ ଗଢି ତୋଳନ୍ତି ପାରାଦୀପ ବନ୍ଦର। ଦେଶ ସିନା ଜାଣଲା ଏ ସ୍ୱାଭିମାନୀ କଳିଙ୍ଗ ପୁଅକୁ, ବିଶ୍ୱ ଜାଣିବା ପାଇଁ କୀର୍ତ୍ତି ରଖିଦେଇଛି କଳିଙ୍ଗର, ବିଜ୍ଞାନଭିତ୍ତିକ ବିଶ୍ୱ ସ୍ତରୀୟ କଳିଙ୍ଗ ପୁରସ୍କାର।

କିପାଁ ଏମାନଙ୍କୁ ଆମେ ଖାରବେଳ ବୋଲି ମନେ କରିବା ? ଆହୁରି ଅନେକ ବ୍ୟକ୍ତିତ୍ୱ ରହିଛି, ଯିଏ ଓଡିଶା, ଓଡିଶା ହୋଇ ମୃତ୍ୟୁଶଯ୍ୟାରେ ପ୍ରଳାପ କରିଛନ୍ତି। କିଏ କ୍ରୂର ଇଂରେଜ ଦାରୋଗାର ବନ୍ଧୁକ ମୂନକୁ ହେୟ ମନେକରି ଓଡିଶା ପାଇଁ ପ୍ରାଣ ବଳିଦାନ କରିଛି। କିଏ ଜୀବନଟା କାଗଜ କଲମରେ ଲୋଟାଇଦେଇଛି ଓଡିଆ ଭାଷାର ଉତ୍କର୍ଷ ପାଇଁ, ଦେଶମାତୃକାକୁ ପ୍ରଶାସନିକ ଜୀବନଦାନ ପାଇଁ। କେତେକଙ୍କୁ ନେଇ ଜୀବନ୍ତ କରିପାରିଛନ୍ତି ଉତ୍କଳ ସମ୍ମିଳନୀ ପରି ଜୀବନ୍ତ ଓଡିଆ ଅସ୍ମିତାର ରକ୍ତ ସଞ୍ଚାଳିତ ହୃତ୍‌ପିଣ୍ଡ। ଏମାନେ କଅଣ ଓଡିଶା ମାଆର କୃତୀ ସନ୍ତାନ ନୁହନ୍ତି ? ଏମାନଙ୍କୁ କାହିଁକି ଖାରବେଳ ନ କହିବା ? ଖାରବେଳ ଗୋଟିଏ ମାପକ ନୁହଁନ୍ତି, ମାତ୍ର ଆଦର୍ଶ, ରାଜ୍ୟର ଏକଦା ଶାସକ, ଏକଦା ରାଷ୍ଟ୍ର ନାୟକ। ନିଜର ଦୃଢ ସଂକଳ୍ପ ବଳରେ ରାଜ୍ୟକୁ ବିଶ୍ୱ ଦୃଷ୍ଟିକୁ ଆଣି ପାରିଥିବା ଦୁର୍ବାର ମାନସିକତା !



ନିଶ୍ଚିତ ଭାବରେ ପ୍ରତି ଓଡିଆ ପ୍ରେମୀ ଖାରବେଳଙ୍କର ଚଉଷଠି କଳାରୁ କେତେକଳା ଧାରଣ କରିଥିବା ସମ୍ଭବ । ସମୟ, କାଳ, ପାତ୍ର ଅବଶେଷରେ ଯିଏ ଦେଶ ଶାସନଗାଦିଲାଭ କରି କଳିଙ୍ଗ ତଥା ଓଡିଶାକୁ ଗୋଟିଏ ଘଡିସନ୍ଧି ମୁହୂର୍ତ୍ତରେ ନିର୍ଣ୍ଣାୟକ ଭାବରେ ନିଜକୁ ଉତ୍ସର୍ଗ କରିପାରିଥିବେ, ସେ ହିଁ ଖାରବେଳ ପଦବାଚ୍ୟ । ଏହି ଖାରବେଳଙ୍କ ଠାରୁ ଅଧିକ କଷ୍ଟ ସହି ଦେଶମାତୃକା ପାଇଁ ପ୍ରାଣବଳି ଦେଇଥିବା ଅନେକ ରାଜନ୍ୟବର୍ଗ, ଅମାତ୍ୟ, ରାଜକର୍ମଚାରୀ ଅବା ସାଧାରଣ ଓଡିଆ ଥାଇ ପାରନ୍ତି । କିନ୍ତୁ ଇତିହାସର ପୃଷ୍ଠାରେ ଖାରବେଳ ଆସନ୍ତି ରାଜ୍ୟର ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ, ଯେତେବେଳେ ଦେଶ ତାଙ୍କର ନେତୃତ୍ୱରେ ବଳୀୟାନ । ସିଏ ଦିଗବିଜୟ ହେଉ, ଭାଷା ହେଉ, ଶିଳ୍ପ ହେଉ, ବିଦେଶରେ ଓଡିଆକୃତୀର ପ୍ରସାର ହେଉ ସବୁମନ୍ତେ ଓଡିଆ ଅସ୍ମିତାକୁ ଶିଖରରେ ପହଞ୍ଚାଇ ଦିଅନ୍ତି ।

ଏହି ଖାରବେଳ ମାନଙ୍କର ସ୍ୱକୀୟ ଅହମିକା ଦେଖିବାକୁ ମିଳେନା । ସିଏ ରାଜ୍ୟପାଇଁ ଗର୍ବିତ, ସମର୍ପିତ ଓ କଳିଙ୍ଗ ବା ଓଡିଶା କହିଲେ ପ୍ରାଣ ବଳି ଦେଇଦେବେ । ଗୋଟିଏ ଅସମ୍ଭବ କାର୍ଯ୍ୟକୁ ଅସମ୍ଭବ ଭାବି ଏମାନେ ନିଶ୍ଚେଷ୍ଟ ହୋଇ ପଛଘୁଞ୍ଚା ଦେଇବେନି । ପ୍ରତିରୋଧର ଦିଗୁଣ ଶ୍ରମ ଖଟାଇ କୃତକାର୍ଯ୍ୟ ହେବାର ସ୍ୱପ୍ନକୁ ସାର୍ଥକ କରିବେ । ଏମାନଙ୍କର ମନୋବଳ ଇସ୍ପାତ ଠାରୁ ଶକ୍ତ, କାମ କରିବାର ଧାରା ଧିରପାଣି ପଥର କାଟିବା ପରି ସ୍ଥିର ମାତ୍ର ନିଜେ କେବେ ବି ଗର୍ବିତ ନୁହନ୍ତି ବାହାଦୂର ବୋଲି ନିଜକୁ ମଣିବାକୁ । ଏମିତି ଅନେକ ଲକ୍ଷ୍ୟ ନିମନ୍ତେ ତାଙ୍କୁ ପାଖ ପଡୋଶୀ, ଦୂରଦୂରାନ୍ତ ଲୋକ ତାଙ୍କ ରକ୍ତରେ ବୋହୁଥିବା ରକ୍ତର ଉଷ୍ମତା ଓ କଳିଙ୍ଗ ବୋଧ ଉପଲବ୍ଧି କରନ୍ତି ।

ଏମାନେ କେବେ ନିଜ ଲାଭକ୍ଷତିରେ ନଥାନ୍ତି । ସାମଗ୍ରିକ ଉନ୍ନତି କଳିଙ୍ଗର, ଉତ୍କଳର, ଓଡିଶାର, ଏଇ ଜନ୍ମଭୂମିର । ନିଜର ଜୀବନ ବିପନ୍ନ ହେଉ ପଛେ, ପଛଘୁଞ୍ଚା ଦିଅନ୍ତିନାହିଁ ନିଜର ଲାଭ, କ୍ଷତି, ଜୀବନ ବିପନ୍ନ ଅବା ହାରି ଯିବାର ଭୟରେ । ଦୃଷ୍ଟିରେ ନ ଥାଉ ବ୍ୟକ୍ତିଗତ ଲୋଭ ଅବା ସୁବିଧା । କଳିଙ୍ଗ ସୁତ ଏମାନେ । ନିଜ ମାତାର ସମ୍ମାନ ଏମାନଙ୍କର ଧେୟ । ଖାରବେଳବୋଧ ପ୍ରାଚୀନତମ କଳିଙ୍ଗ ଅସ୍ମିତା । ଖାରବେଳ ଇତିହାସ ବିଷୟରେ ସମ୍ପୂର୍ଣ୍ଣ ପରିଚିତ ଥିଲେ । ସିଏ ତ ହାତୀଗୁମ୍ଫାର ମଥାରେ ଲିପିବଦ୍ଧ କରିଛନ୍ତି 'ବର୍ଷ ତିଶତି ଶତ'ରେ ନନ୍ଦରାଜଙ୍କ କଳିଙ୍ଗ ନଗର ଗଡଖାଇ ଖୋଦନ । ସିଏ କଳିଙ୍ଗବାସୀଙ୍କ ପାଇଁ ଶାସନର ସବୁ ଉଦାରତା ସହିତ କଳିଙ୍ଗର ସନ୍ତକ ଉଦ୍ଧାର କରିଛନ୍ତି, କଳିଙ୍ଗକୁ କିଏ କାଳେ ଅତୀତର ନନ୍ଦରାଜଙ୍କ କ୍ଷତ୍ରିୟ ନାଶନରେ ନିକ୍ଷତ୍ରୀ ହୋଇଗଲା ଭାବିବେ ଅବା ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କର କଳିଙ୍ଗର ଅମାନୁଷିକ ଗଣହତ୍ୟା ପରର ନିଶ୍ଚିହ୍ନ ହୋଇଗଲା ବୋଲି ମନେ କରିବେ, ତାହାର ଉତ୍ତର ଦେଇଛନ୍ତି ସାରା ଭାରତକୁ । କଳିଙ୍ଗ ବଞ୍ଚିଛି । କଳିଙ୍ଗ ରକ୍ତରେ କୁହୁଳୁଛି ନିଆଁ । ଭାରତର ଦୁର୍ଦ୍ଦିନରେ ଯଦି ଯବନ ମାନେ ଦେଶର ସମ୍ମାନ ନିଅନ୍ତି, ଖାରବେଳ ପଛଘୁଞ୍ଚା ଦେବେନି । ସେଇ ସମ୍ମାନିତ ବୀରଙ୍କୁ ଜନ୍ମ ଦେଇଥିବାରୁ କଳିଙ୍ଗମାତା ନିଜକୁ ଓଜୋସ୍ୱିନୀ ମନେ କରୁଥିଲା । ନିଜର କୃତୀ ପୁତ୍ର ବୋହି ଆଣିଥିଲା ଧନରତ୍ନ, ପଶ୍ଚିମ ଭାରତରୁ, ଦକ୍ଷିଣ ଭାରତରୁ, ଉତ୍ତର ଭାରତରୁ ପୁଣି ସାରା ଭାରତରୁ । ସେଇ ଧନରତ୍ନରେ ସଜାଇ ହୋଇଥିଲା କଳିଙ୍ଗ । କଳିଙ୍ଗ ନଗରର ବିଜୟସ୍ତମ୍ଭ, କୁମାରୀଗିରିର ଅପରୂପ ଭୂଷଣ, ଆଦିଜିନାଙ୍କର ପ୍ରତିଷ୍ଠା ସବୁ କେତେ ରଙ୍ଗ ବୋଲିଦେଇଥିବ ଏଠାରେ, ଦୁଇ ହଜାର ବର୍ଷର କାଳ ତାକୁ ଏବେ ବି ଲିଭାଇ ପାରିନି ।

ସେଇପରି ମନୋଭାବର କପିଳେନ୍ଦ୍ର । କଳିଙ୍ଗ ହେଉ ପଛକେ ଓଡିଶା ରାଷ୍ଟ୍ର, ଦିଗବିଜୟ ଲବ୍ଧ ସୁନା ଆସିଗଲା ଶ୍ରୀମନ୍ଦିର ତିନି ଠାକୁରଙ୍କ ସୁନାବେଶ ପାଇଁ ।



ଏହି ମାନସିକତା ଉତ୍କଳ ଜନନୀ ପାଇଁ ବିରଳ । ତାକୁ ଆମେ ନାମକରଣ କରିପାରିବା ଖାରବେଳବୋଧ । ଓଡିଆ ଅସ୍ମିତାର ପ୍ରାଚୀନତମ ସ୍ୱର । ମାତୃଭୂମିର ନାଁ ଯାହା ଥାଉ, ନିଜତ୍ୱକୁ ମାତୃଭୂମିର ସମସ୍ତ ଉନ୍ନତିକଳ୍ପେ ଖଟାଇଦେଇ ନିଜର ଉତ୍ସର୍ଗକୁ ଚରମସୀମାରେ ପହଞ୍ଚାଇବା । ଶୟନେ ସ୍ୱପନେ ଜାଗରଣେ କଳିଙ୍ଗ, ଉତ୍କଳ, ଓଡିଶା ।

*ସମାରୋହ, ୧୨୮, ଡୁମୁଡୁମା (କ), ଖଣ୍ଡଗିରି,*
*ଭୁବନେଶ୍ୱର - ୭୫୧୦୩୦*
*ମୋ - ୯୮୬୧୦୭୧୪୪୧*

••••

# ଓଡ଼ିଆ ଅସ୍ମିତା ଓ ମଧୁବାବୁ

*ଡ.ଦେବେନ୍ଦ୍ର କୁମାର ପତି*

ସମଗ୍ର ଭାରତରେ ଓଡିଶାର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ । ଭାଷାଭିତ୍ତିରେ ପ୍ରଥମ ପ୍ରଦେଶ ଭାବରେ ଓଡିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭକଲା । ଶ୍ରୀଜଗନ୍ନାଥଙ୍କ ପାଇଁ ଓଡିଶା ସମଗ୍ର ବିଶ୍ୱରେ ଅପ୍ରତିମ ସମ୍ମାନ ଓ ଗୌରବର ଅଧିକାରୀ । ସେଇ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ ନିମନ୍ତେ ଯେଉଁ କେତେଜଣ ଯୋଗଜନ୍ମା ଅହର୍ନିଶ ଅକ୍ଲାନ୍ତ ଉଦ୍ୟମ କରିଥିଲେ, ଜାତୀୟତାବାଦୀ ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ମଧ ଓଡିଆପ୍ରୀତି ସହିତ ଆଦୌ ସାଲିସ୍ କରି ନଥିଲେ, ତନ୍ମଧ୍ୟରେ ଉତ୍କଳ-ଗୌରବ ମଧୁସୂଦନ ଦାସ ଅଗ୍ରଗଣ୍ୟ । ସେ ପୁରପଲ୍ଲୀରେ ଆବାଳବୃଦ୍ଧବନିତାଙ୍କ ମଧ୍ୟରେ ମଧୁବାବୁ ବା ମଧୁ ବାରିଷ୍ଟର ନାମରେ ଅତି ପରିଚିତ ଥିଲେ ।

ମଧୁବାବୁଙ୍କ ଜନ୍ମ ଅତ୍ୟନ୍ତ ଘଡିସନ୍ଧି ସମୟରେ ହୋଇଥିଲା । ସେତେବେଳକୁ ଜାତୀୟ ଆନ୍ଦୋଳନ ଚାଲିଥିଲା ଓ ସେଥିରେ ଓଡିଶାର ଅସ୍ତିତ୍ୱ ନଥିଲା । ବଙ୍ଗ, ବିହାର, ଆନ୍ଧ୍ରାଦି ଅଞ୍ଚଳରେ ଓଡିଶାକୁ ଠାବ କରିବାକୁ ମଧୁବାବୁ ଆଗଭର ହେଲେ । ଓଡିଆଭାଷୀ ଭାଇ ଓ ଭଉଣୀ ମାନଙ୍କୁ ଦେଖିଲେ ତାଙ୍କ ଆଖିରେ ଅସୁମାରି ସ୍ୱପ୍ନ ଲେସି ହୋଇଯାଉଥିଲା । ୧୯୦୩ ମସିହା ବେଳକୁ ସେ ଉତ୍କଳ ସମ୍ମିଳନୀ ପତିଷ୍ଠା କରି ତା ମାଧ୍ୟମରେ ଓଡିଆ ଭାଷାଭାଷୀ ଜନତାଙ୍କୁ ଏକାଠି କରିବାକୁ ପ୍ରୟାସ କରିଥିଲେ । 'ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କରି ସ୍ୱାର୍ଥକୁ ଦିଅ ଆହୁତି', ଏହି ଆହ୍ୱାନ ଜରିଆରେ ସୁପ୍ତ ଓଡିଆଙ୍କୁ ଏକାଠି କରିବାକୁ ଲାଗିଲେ । କହିବା ବାହୁଲ୍ୟ, ମଧୁବାବୁଙ୍କ ଜାତୀୟତା ଭାରତୀୟ ଜାତୀୟତାର ଆଦୌ ପରିପନ୍ଥୀ ନଥିଲା; ଅଧିକନ୍ତୁ ପରିପୂରକ ଥିଲା ।

ସ୍ୱାଭାବିକ ଭାବରେ ମଧୁବାବୁ ଅନେକ ବିରୋଧର ସମ୍ମୁଖୀନ ହୋଇଥିଲେ । ଏପରିକି ତାଙ୍କୁ ଜାତିବିରୋଧୀ ଓ ସଂକୀର୍ଣ୍ଣ ମନୋଭାବସଂପନ୍ନ ବୋଲି ଆକ୍ଷେପ ଶୁଣିବାକୁ ପଡିଥିଲା । ମାତ୍ର ଦୃଢମନା ମଧୁବାବୁ କୌଣସି ନକାରାତ୍ମକ ମନ୍ତବ୍ୟ ଦ୍ୱାରା ପ୍ରଭାବିତ ନହୋଇ ନିଜ ଲକ୍ଷ୍ୟପଥରେ ଅଟଳ ବିଶ୍ୱାସର ସହ ଆଗେଇ ଚାଲିଲେ । କେତେଜଣ ସହଧର୍ମୀଙ୍କ ପ୍ରୋତ୍ସାହନ ସେ ଲାଭକରିଥିଲେ । ବ୍ରିଟିଶ୍ ସରକାରଙ୍କର ଗୋଲାମି କରୁଥିବା ନ୍ୟସ୍ତସ୍ୱାର୍ଥସମ୍ପନ୍ନ ବ୍ୟକ୍ତିଙ୍କ ଚକ୍ରବ୍ୟୂହରୁ ମୁକୁଳିଆସି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସମସ୍ତ ପ୍ରସ୍ତୁତି ସାରିଦେଇ ଇହଧାମରୁ ବିଦାୟ ନେଇଥିଲେ । ନିନ୍ଦୁକଙ୍କ ପାଇଁ ଯାହାଥିଲା ତମିସ୍ରାଭରା ମଧରାତ୍ରି, ଆଶାବାଦୀଙ୍କ ପାଇଁ ତାହା ଥିଲା ସୂର୍ଯ୍ୟୋଦୟର ପୂର୍ବକ୍ଷଣ ।

ଦେଶ ସ୍ୱାଧୀନତା ଲାଭକରିବାର ପ୍ରାୟ ସତୁରୀବର୍ଷ ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ରୂପେ ସ୍ୱୀକୃତି ପାଇବାର ପ୍ରାୟ ଅଶୀବର୍ଷ ପରେ ମଧୁବାବୁ ବେଶି ବେଶି ମନେପଡୁଛନ୍ତି । ମନେ ପଡିବା ମଧ ସ୍ୱାଭାବିକ । ଇତିମଧ୍ୟରେ ବିଭିନ୍ନ ଦୃଷ୍ଟି କୋଣରୁ ବିଚାର କଲେ, ଆମେମାନେ ଅନେକ କ୍ଷେତ୍ରରେ ଢେର୍ ଆଗେଇଯାଇଛୁ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ଅଥବା ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ସହ ଏହି ପରିସ୍ଥିତିକୁ ତୁଳନାକଲେ, ଆହ୍ଲାଦିତ ହେବାର ବହୁତ କାରଣ ଦୃଷ୍ଟିଗୋଚର ହୁଏ । ସେ ସବୁକୁ ଗଣ୍ତିଧନ କରି ଆମେ ଉଲ୍ଲସିତ ହୋଇଚାଲିଛୁ ମଧ ।

ମାତ୍ର ସୂକ୍ଷ୍ମଭାବରେ ପର୍ଯ୍ୟାଲୋଚନା କଲେ, ଭିନ୍ନ ଏକ ଚିତ୍ର ଦୃଷ୍ଟିଗୋଚର ହୁଏ । ସେହି ଚିତ୍ର ସାର୍ବଜନୀନ ହୋଇପାରିଲେ ଆମେ ନିଶ୍ଚିତଭାବେ ହୃଦୟଙ୍ଗମ କରିବା ଯେ, ଆମ ଆହ୍ଲାଦର ଭିତ୍ତିଭୂମି ଆଦୌ ସୁଦୃଢ ନୁହେଁ । ସମୟ, ପରିବେଶ, ପାତ୍ରପାତ୍ରୀ, ରାଜନୈତିକ ସ୍ଥିତି, ଶାସନ ବ୍ୟବସ୍ଥା, ଶିକ୍ଷାହାର, ବିକାଶଧାରା ଆଦି ବିକଶିତ ହେଲାଭଳି ସ୍ଥିତିରେ ଥିବାପରି ମନେ ହେଉନାହାଁନ୍ତି । ବରଂ ମଧୁବାବୁଙ୍କ ସମୟର ସେହି ଅସ୍ତିତ୍ୱଶୂନ୍ୟ ଓଡିଶାର ଦୟନୀୟ ଚିତ୍ରର ଛାୟାପରି ମନେ ହେଉଛି । କଅଣ, କିଏ କେଉଁଠି ଅବା କେତେ ବଦଳି ଯାଇଛି, ଜଣାନାହିଁ, ମାତ୍ର ସାଧାରଣ ଜନତା ଯେଉଁମାନେ ସଂଖ୍ୟାରେ ଅଧିକ ସେମାନେ ଭିନ୍ନ ଏକ ସ୍ୱାଧୀନତା ଦରାଣ୍ଡି ହେଉଛନ୍ତି । ସ୍ୱାଧୀନତା ଯେଉଁଠି ସୁଦୂର ପରାହତ, ସେଠି ସ୍ୱାଭିମାନ କଥା ପଚାରେ କିଏ ! ସଂକୀର୍ଣ୍ଣ ସ୍ୱାର୍ଥ ପୂରଣ ଲାଳସାରେ ବ୍ୟକ୍ତିତ୍ୱ ଯେଉଁଠି ବନ୍ଧା ପଡିଯାଉଛି, ସେଠି ଅସ୍ମିତାର ପ୍ରଶ୍ନ ଉଠୁଛି କେଉଁଠି ?

କେବଳ ମଧୁବାବୁ କାହିଁକି, କୌଣସି ସ୍ୱାଧୀନତା ସଂଗ୍ରାମୀ ଆଜିର ଭାରତବର୍ଷ ଅବା ଓଡିଶାର ସ୍ୱପ୍ନ ଭୁଲରେ ସୁଦ୍ଧା ଦେଖି ନଥିବେ । ସ୍ୱାଧୀନତା ଯେବେ ନବ୍ୟ-ପରାଧୀନତା ହୋଇଯାଏ, ତେବେ ସ୍ୱାଧୀନତାକାମୀ ଜନତାର ସ୍ଥିତି ସହଜରେ ଅନୁମେୟ । ସେତେବେଳେ ହେଉଥିଲେ ରାଜନୀତିକ ଛଳନାର ଶିକାର, ଏବେ ଆତ୍ମପ୍ରତାରଣାର କଏଦୀ ; ସେବେ ହେଉଥିଲେ ବିଦେଶୀଶକ୍ତି ଦ୍ୱାରା ଲୁଣ୍ଠିତ, ଆଉ ଏବେ ? କହିବା ନିଷ୍ପ୍ରୟୋଜନ, ସ୍ୱାଭିମାନର ଅର୍ଥ ବୁଝିଥିବା ବ୍ୟକ୍ତି ଏପରି ସ୍ୱାଧୀନତା କେବେ କାମନା କରିବନାହିଁ ।

ଭୌତିକ ଉନ୍ନତି ବା ଜାଗତିକ ସୁଖପ୍ରାପ୍ତି ଯଦି ସ୍ୱାଧୀନତାର ପ୍ରତିଶବ୍ଦ ହୁଏ, ତେବେ ଆଲୋଚନା ଭିନ୍ନମୁଖୀ ହେବ । ମାତ୍ର ସ୍ୱାଭାବିକ ସହ ତାକୁ

ଯୋଡାଗଲେ, ବାସ୍ତବତାର ସ୍ୱରୂପ ଯାହା ହେବା ଉଚିତ୍, ତାହା ହୋଇନାହିଁ, ଏହା ନିର୍ଧାର୍ଯ୍ୟ। ବଞ୍ଚିବାର ସର୍ବନିମ୍ନ ମୌଳିକ ଆବଶ୍ୟକତା ପରିପୂରଣ ନିମନ୍ତେ ଯେଉଁଠି ଶାସକ ଓ ଶାସିତ ମଧ୍ୟରେ ମୂଳଚାଲ, ସେଠି ମଧୁବାବୁଙ୍କ ପରିଦର୍ଶିତ ସ୍ୱତନ୍ତ୍ରତା ଯେ ଆସିବାକୁ ଯେ ସମୟ ବାକି ଅଛି ଏହା ନିଃସନ୍ଦେହରେ କୁହାଯାଇପାରେ। ଯାହା ପାଇବାପାଇଁ ମଧୁବାବୁ ନିଜର ସର୍ବସ୍ୱ ଉତ୍ସର୍ଗ କରିଦେଇଥିଲେ, ତାହା ଆମେ ପାଇଛୁ କି ନାହିଁ, ଏ ପ୍ରଶ୍ନ ଆମେ ପ୍ରତ୍ୟେକ ନିଜକୁ ପଚାରିବା ଉଚିତ୍।

ମଧୁବାବୁଙ୍କ ଜାତିପ୍ରୀତି ବା ଓଡିଅପ୍ରାଣ ସମସ୍ତ ପ୍ରକାର ଆଲୋଚନାର ଯଥେଷ୍ଟ ଊର୍ଦ୍ଧ୍ୱରେ। ସେଭଳି ପୁଷ୍କଳ ମାନସିକତାର ଅଧିକାରୀ ନହେଲେ ତା'ଙ୍କ ବଡପଣର ଆକଳନ କରିହେବନାହିଁ। ବିଭିନ୍ନ କଥାଛଳରେ ଆମେ ତା'ଙ୍କ ବିଷୟରେ ଯାହା ଯେତିକି ଜାଣିଛୁ ତାହା ସମୁଦ୍ରକୁ ଶଙ୍ଖେ ପଣା ପରି। ଅର୍ଥାତ୍ ଆମମାନଙ୍କ ଆକଳନର ପରିସୀମା ବହିର୍ଭୁତ ତା'ଙ୍କ ଦିଗବଳୟ ବ୍ୟାପୀ ବ୍ୟକ୍ତିତ୍ୱର ଆଭା। ଓଡିଶାର ମାଟି ଯେବେ ପ୍ରଗଳଭ ହୁଅନ୍ତା, ହୁଏତ ମଧୁବାବୁଙ୍କ ତ୍ୟାଗସିକ୍ତ ମାଟିମନସ୍କତାର ଅବତାରଣା କରିପାରନ୍ତା। ଜୀବନର ପ୍ରତ୍ୟେକ କ୍ଷଣରେ ଆମ ସ୍ୱାଭିମାନର ଟେକ ରଖିବାପାଇଁ ତାଙ୍କର ଯେଉଁ ଆତ୍ମୋତ୍ସର୍ଗ, ତା'ର ପଟାନ୍ତର ନାହିଁ। ଉତ୍ତର ପିଢି କେବଳ 'ତୁମପରି ଛୋଟପିଲାଟିଏ' ଅଥବା 'କାଳିଆ ଘୋଡାରେ ଚଢିବି' ରୁ କ'ଣ ଆକଳନ କରିପାରିବ ସେହି ଉତ୍ତୁଙ୍ଗ ବ୍ୟକ୍ତିସତ୍ତାକୁ। ଗୋଟିଏ ଦିନ ସ୍ୱାଭିମାନଦିବସ ପାଳନ କରିଦେଲେ, କ'ଣ ଏ ଜାତି ହାସଲ କରିଦେବ ତା'ର ସ୍ୱାଭିମାନ ? କେବଳ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଦେଲେ କ'ଣ ଗୋଟିଏ ଭାଷା ତା'ର ଇପ୍ସିତ ଲକ୍ଷ୍ୟସ୍ଥଳରେ ପହଞ୍ଚିଯାଇ ପାରିବ ? ଅନ୍ୟମାନଙ୍କର ଅଛି, ଆମର ନାହିଁ, ଆମର ହେବ କି ନାହିଁ ଜଣାନାହିଁ, ଏଥିରୁ ଏହି ଜାତିକୁ କେମିତି ମିଳିବ ମୁକ୍ତି ?

ଏସବୁ ପ୍ରଶ୍ନର ଉତ୍ତର ନିଶ୍ଚୟ ସେହି ପ୍ରଶ୍ନରେ ହିଁ ଅଛି। ଆମକୁ ପରମୁଖାପେକ୍ଷିତା ଓ ପରଦୋଷଦର୍ଶୀ ମନୋଭାବ ପରିହାର କରିବାକୁ ପଡିବ। ବର୍ଜନ କରିବାକୁ ପଡିବ ଯୁଗାନ୍ତବ୍ୟାପୀ ହୀନମାନ୍ୟତା। ଈର୍ଷା, ଅସୂୟା ଅବା ଆତ୍ମଶ୍ଳାଘାର ବିଷବଳୟରୁ ମୁକୁଳି ଆସିବାକୁ ହେବ। 'ରାତିକର ଉଜାଗରେ କିବା ପ୍ରୟୋଜନ' ଏ କଥା ଖାଲି ଘୋଷିଦେଲେ ହେବନାହିଁ। ଯାହା କିଛି



ଅବ୍ୟବସ୍ଥା ଅଛି, ତାହା ଆମ ଅସହାୟତା ପାଇଁ ନୁହେଁ ଅପରିଣାମଦର୍ଶିତା ପାଇଁ ସମ୍ଭବ ହୋଇଛି। ଅନ୍ୟକୁ ସ୍ୱାଧୀନତାର ସ୍ୱାଦ ନ ଚଖାଇଲେ ଆମକୁ ସ୍ୱାଧୀନତା କିପରି ମିଳିବ ? ଦୀନ ଦରିଦ୍ରର ଭାଗ୍ୟକୁ ନାଲିଫିତା ତଳେ ଚାପିଦେଲେ, ଝିଙ୍କିକା ମାରି ବଣି ପୋଷି ଚାଲିଥିଲେ, ନିଜର ବୁଦ୍ଧିମତ୍ତାରେ ନିର୍ବୋଧକୁ ଶୋଷଣ କରିଚାଲିଥିଲେ ମଧୁ ସ୍ୱାଭିମାନ ଅବା ଓଡିଆ ଅସ୍ମିତା କେମିତି ଆସିବ ?

*ଡି.ଏ.ଭି. ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧*
*ମୋ - ୯୪୩୭୩୫୮୯୬୯*

••••

# ଉତ୍କଳର ବରପୁତ୍ର ଉତ୍କଳମଣି ଗୋପବନ୍ଧୁ

*ଡ. ହରେକୃଷ୍ଣ ସ୍ୱାଇଁ*

ସ୍ୱରାଜ ମାନବର ଜନ୍ମଗତ ଅଧିକାର। ସେଥିପାଇଁ କୌଣସି ପଦପଦବୀ ପାଇଁ ଲାଳସା ନଥିଲା। ମନରେ ବସା ବାନ୍ଧିଥିଲା ନବ ଓଡିଶାର ଅଶେଷ ସ୍ୱପ୍ନ। ନିରାଡମ୍ବର ଜୀବନଶୈଳୀ। ଆଣ୍ଠୁ ଲୁଚେଇପାରୁ ନଥିବା ଖଣ୍ଡେ ଖଦି ଓ ଫୁଙ୍ଗୁଳା ଦେହରେ ଚାଦର ସାଙ୍ଗକୁ ହାତରେ ଭାଗବତ ପୋଥିଟିଏ ଧରି ଗାଁ, ଗାଁ ଘର, ଘର ବୁଲି ଦରଦୀ ହୃଦୟ ବାସନା ବାଣ୍ଟିବାଥିଲା ନିତିଦିନିଆ କାମ। ସୁଦୂର କଲିକତା ବିଶ୍ୱବିଦ୍ୟାଳୟରୁ ଉଚ୍ଚତମ ବି.ଏଲ୍ ଓ ଏଲ୍.ଏଲ୍.ବି ଉପାଧି ଲାଭକରି ମୟୂରଭଞ୍ଜ ରାଜାଙ୍କର ଉଚ୍ଚପଦାଧିକାରୀ ଓ କୋର୍ଟରେ ସରକାରୀ ଓକିଲାତି ତାଙ୍କୁ ସନ୍ତୁଷ୍ଟ କରି ପାରିନଥିଲା। ଧନ, ଜନ, ଘରଦ୍ୱାର ସବୁ ତୁଚ୍ଛ ମନେକରି ସମାଜସେବାରେ ବ୍ରତୀ ହେବା ଥିଲା ତାଙ୍କର ଧର୍ମ। ସେ ଥିଲେ ପୁଣ୍ୟାତ୍ମା ଗୋପବନ୍ଧୁ ଦାସ। ସ୍ଥିତିପ୍ରଜ୍ଞ, କର୍ମଠ, ଆତ୍ମଚିନ୍ତନରେ ସ୍ୱଦେଶପ୍ରୀତି ଓ ସେବା ଥିଲା ତାଙ୍କପାଇଁ ମାନବଧର୍ମ।

ଦେଶ ପ୍ରେମର ଉଦାହରଣ ଭାବରେ କାରାବରଣ କରି (୧୯୨୨ ମସିହା ଜୁନ୍ ୨୨ ତାରିଖରୁ ୧୯୨୪ ମସିହା ମେ ୩୧) ମୁକ୍ତ ହେବା ପରେ ତାଙ୍କୁ ବିରାଟ ପଟୁଆରରେ କଟକ ସ୍ୱରାଜ୍ୟ ଆଶ୍ରମ ଆଣି ପ୍ରାଦେଶିକ ସମ୍ମିଳନୀ ବସିଲା ଓ ତହିଁର ସଭାପତି ବଙ୍ଗଳାର ବିଶିଷ୍ଟ ନେତା ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ "ଉତ୍କଳମଣି"ବୋଲି ସମ୍ବୋଧିତ କରିଥିଲେ। ପ୍ରକୃତରେ ଗୋପବନ୍ଧୁ ଥିଲେ ଜଣେ ନିଷ୍ଠାପର, ସହୃଦୟ, ଆତ୍ମତ୍ୟାଗୀ, ଦେଶସେବୀ, ସମ୍ପାଦିକ, କବି, ସତ୍ୟବାଦୀ ବନ ବିଦ୍ୟାଳୟର ସ୍ଥାପୟିତା, ସମାଜ ସମ୍ବାଦପତ୍ରର ପ୍ରତିଷ୍ଠାତା। ନିଜର ଦୁଃଖଦ ପାରିବାରିକ ଜୀବନ ଭିତରେ ସିଏ ହୋଇଛନ୍ତି ଉତ୍କଳ ଜନନୀର ବରପୁତ୍ର - ଶିକ୍ଷାବିତ୍, ସାମ୍ବାଦିକ, ବ୍ୟବସ୍ଥାପକ, ସ୍ୱାଧୀନତା ସଂଗ୍ରାମୀ, ଓଡିଶା କଂଗ୍ରେସର ନେତା ତଥା ସାରସ୍ୱତ ସାଧକ।

ତିନିଦିନ ଧରି ଅସହ୍ୟ ଗର୍ଭବେଦନା ସହିବା ପରେ ସ୍ୱପ୍ନାଦେଶମତେ ମାତା ସ୍ୱର୍ଣ୍ଣମୟୀ ପଡୋଶୀ ଚକ୍ରଧର ଦାଶଙ୍କ ଘରେ ଗୋପବନ୍ଧୁଙ୍କୁ ଜନ୍ମ ଦେଇଥିଲେ। ପୁଣ୍ୟତୋୟା ଭାର୍ଗବୀ ନଦୀ କୁଳୁକୁଳୁ ଶବ୍ଦରେ ନିନାଦିତ। କାଶତଣ୍ଡୀ ଫୁଲ ଦେବୀ ଦୁର୍ଗାଙ୍କର ଆବାହନ କରୁଥାଏ। ଏହି ସମୟରେ ଯୋଗଜନ୍ମା ଗୋପବନ୍ଧୁ ବ୍ରାହ୍ମଣ ପରିବାର କୁଳମଣ୍ଡନ କରିଥିଲେ। ଅଗଷ୍ଟ ନଅ ତାରିଖ ୧୮୭୭ ମସିହା। ଜନ୍ମର କିଛିଦିନ ପରେ ମାତା ସ୍ୱର୍ଣ୍ଣମୟୀଙ୍କର ପରଲୋକ ଘଟିଲା। ବାବା ଦୈତ୍ୟାରି ଦାଶ ପିଇସୀ କମଳାଙ୍କ ହାତରେ ଟେକି ଦେଇଥିଲେ ଶିଶୁପୁତ୍ରର ଲାଳନପାଳନ ଭାର। ମାତୃ ସ୍ନେହରୁ ବଞ୍ଚିତ ଗୋପବନ୍ଧୁ ପୁଣ୍ୟତୋୟା ଭାର୍ଗବୀ ନଦୀକୁ ମାତୃରୂପରେ ପୂଜାକରୁଥିଲେ। ଜୀବନରେ ବହୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଥିଲା ତାଙ୍କୁ, ସେଗୁଡିକୁ ପାଥେୟ କରି ସିଏ ସବୁ ସୋପାନ ଅତିକ୍ରମ କରିଚାଲିଥିଲେ। ପିଲାଦିନେ ଚାଟଶାଳୀ ପାଠ ପଢିସାରି ପ୍ରତିଦିନ ଭାଗବତ ପାଠ କରିବା ତାଙ୍କର ଅଭ୍ୟାସ ଥିଲା। ପୁରୀ ଜିଲ୍ଲା ସ୍କୁଲରୁ ଭର୍ଣ୍ଣାକୁଲାର ପାସ୍ କରି ଉଚ୍ଚଶିକ୍ଷାପାଇଁ କଟକ ରେଭେନ୍ସା କଲେଜ ଓ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାର ସୁଯୋଗ ପାଇଥିଲେ।

ସ୍କୁଲ ଶିକ୍ଷାବେଳେ ସେ ତାଙ୍କର ଜନ୍ମଗତ ଅଧିକାରକୁ ଗୁରୁତ୍ୱ ଦେଉଥିଲେ। ଛାତ୍ରାବସ୍ଥାରେ ଆଦର୍ଶ ଶିକ୍ଷକ ମୁକ୍ତିହାର ଦାଶଙ୍କ ସ୍ୱଦେଶ ପ୍ରୀତିରେ ଅନୁପ୍ରାଣିତ ହୋଇ ତାଙ୍କର ଅନ୍ତର୍ନିହିତ ଜାତୀୟତା ଭାବର ପରିପ୍ରକାଶ କରିଥିଲେ। ପ୍ରତି ମୁହୂର୍ତ୍ତରେ ଓଡିଶାର ସ୍ୱାର୍ଥ ଓ ଓଡିଆ ସ୍ୱାଭିମାନର ସୁରକ୍ଷା କରିବାର ଉପାୟ ମନ ଭିତରେ ସଜାଗ ଥାଏ। ନିଜର ପ୍ରତିଭା ଆଉ ବିଚକ୍ଷଣ ବୁଦ୍ଧି ଯୋଗୁ ସେ ସବୁ ଶିକ୍ଷକଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଅନ୍ୟାୟ ଅତ୍ୟାଚାରକୁ ବିରୋଧ କରିବା ପିଲାଦିନରୁ ତାଙ୍କର ସ୍ୱଭାବରେ ପରିଣତ ହୋଇସାରିଥିଲା। ସ୍କୁଲ ଇନସପେକ୍ଟର ଯଦି ଶିକ୍ଷକମାନଙ୍କ ପ୍ରତି ଅମାନବିକ ବ୍ୟବହାର କରନ୍ତି, ସେ ଅତିଷ୍ଠ ହୋଇ ବ୍ୟଙ୍ଗ କବିତା 'ଇନ୍ଦ୍ରଧନୁ' ମାଧ୍ୟମରେ ସମାଲୋଚନା ସ୍ୱର ଉତ୍ତୋଳନ କରିଦିଅନ୍ତି। ସେଥିପାଇଁ ତାଙ୍କୁ ପଣ୍ଡିତ ହେବାକୁ ପଡିଥିଲା।

ରେଭେନ୍ସା କଲେଜରେ ଛାତ୍ରାବସ୍ଥାରେ ତାଙ୍କ ସହପାଠୀ ବ୍ରଜସୁନ୍ଦର ଦାଶ ଓ ଆଚାର୍ଯ୍ୟ ହରିହର ଦାସ ଓଡିଶାର ଅଗଣିତ ଗରିବ ଓ ନିଃସହାୟମାନଙ୍କ ସେବାରେ ବ୍ରତୀ ହେବା ପାଇଁ ସଂକଳ୍ପ କରିଥିଲେ। ଉତ୍ସର୍ଗୀକୃତ ଜନସେବାକୁ ପାଥେୟ କରି 'କର୍ତ୍ତବ୍ୟବୋଧିନୀ ସମିତି' ଗଠନକରି ସହପାଠୀମାନଙ୍କୁ ଉତ୍ସାହିତ କରୁଥିଲେ। ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କର୍ତ୍ତବ୍ୟରେ ବ୍ରତୀ ହେବାକୁ ସେ ସମସ୍ତଙ୍କୁ ପ୍ରେରଣା ଦେଉଥିଲେ।

ମାତା, ପିତାଙ୍କୁ ହରାଇଥିଲେ ବି ତାଙ୍କର ଉଚ୍ଚଶିକ୍ଷାପ୍ରତି ଆଗ୍ରହ କମି ନଥିଲା। ସେ ରେଭେନ୍ସା କଲେଜରୁ ବି.ଏ. ପାସ୍ କରିସାରି କଲିକତା ବିଶ୍ୱବିଦ୍ୟାଳୟରେ ଏଲ୍.ଏଲ୍.ବି ପାଠ୍ୟ ଖସଡା ସମ୍ପୂର୍ଣ୍ଣ କରିଥିଲେ।



ମିଶୁ ମୋର ଦେହ ଏ ଦେଶ ମାଟି ରେ
ଦେଶ ବାସୀ ଚାଲି ଯାଆନ୍ତୁ ପିଠିରେ,

ଦେଶ ର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡି ମୋର ମାଂସ ହାଡ ।।

ଉତ୍କଳ ମଣି ଗୋପବନ୍ଧୁ ଦାସ

କଲିକତାରେ ଅବସ୍ଥାନ ସମୟରେ ବନ୍ଦେ ମାତରଂ ପ୍ରଚାର ଓ ପ୍ରସାର ସହଯୋଗରେ ନିଷ୍କେସିତ ଓଡିଆ ଶ୍ରମିକମାନଙ୍କ ପାଇଁ ସାଂଧକାଳୀନ ସ୍କୁଲ ଆରମ୍ଭ କରିଥିଲେ। ସମାଜ ସଂସ୍କାର ପାଇଁ ସର୍ବଦା ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ। ଏଲ୍.ଏଲ୍.ବି. ପରୀକ୍ଷାଫଳ ପ୍ରକାଶ ହେବା ବେଳକୁ ସେ ତାଙ୍କର ତିନି ପୁଅ ଓ ସ୍ତ୍ରୀକୁ ହରାଇ ଏକମାତ୍ର ଝିଅର ଦାୟିତ୍ୱ ବଡଭାଇଙ୍କ ହାତରେ ଟେକିଦେଇଥିଲେ।

ପ୍ରବୀଣ ଆଇନ ବିଶାରଦ ଓ ବିଚକ୍ଷଣ ବାଗ୍ମିତାରେ ଅନୁପ୍ରାଣିତ ହୋଇ ୧୯୦୯ ମସିହାରେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ତାଙ୍କୁ ରାଜ୍ୟର ଆଇନ ପରାମର୍ଶଦାତା ରୂପେ ଏକ ସମ୍ମାନଜନକ ପଦରେ ନିଯୁକ୍ତି ଦେଇଥିଲେ। ସେତେବେଳକୁ ଓଡିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ରୂପେ କାର୍ଯ୍ୟ ଆରମ୍ଭ କରିଥରଲେ। ୧୯୦୩ରୁ ୧୯୨୧ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠିତ ସଭ୍ୟରୂପେ କାର୍ଯ୍ୟନିର୍ବାହ କରି ୧୯୦୯ ମସିହାରୁ ୧୯୨୧ ମସିହା ପର୍ଯ୍ୟନ୍ତ ସେ ସମ୍ମିଳନୀର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଉତ୍କଳ ସମ୍ମିଳନୀର ସଭ୍ୟଥିବା ଅବସ୍ଥାରେ ଓଡିଆ ଭାଷା ଆନ୍ଦୋଳନକୁ ଜାତୀୟ ଆନ୍ଦୋଳନ ରୂପରେଖ ଦେବାପାଇଁ ନିଖିଳ ଜାତୀୟ କଂଗ୍ରେସରେ ଓଡିଶାର ପ୍ରଥମ ସଭାପତି ଭାବରେ ପ୍ରତିଷ୍ଠିତ ହୋଇଥିଲେ। ଜନ ସେବାପାଇଁ କଂଗ୍ରେସ ସଭାପତି ପଦ ବର୍ଜନ କରି ଭାରତର ଲୋକସେବକ ମଣ୍ଡଳର ସଭ୍ୟ ଓ ଆଜୀବନ ଜାତୀୟ ଉପସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ଉଦ୍ୟମରେ ମହାତ୍ମା ଗାନ୍ଧୀ ପ୍ରଥମେ ଓଡିଶା ଗସ୍ତ କରି ଅସହଯୋଗ ଆନ୍ଦୋଳନରେ ତାଙ୍କୁ ସାମିଲ କରିଥିଲେ।

ନ୍ୟାୟ, ସ୍ୱାଧୀନତାର ମୂଳମନ୍ତ୍ର ଶିକ୍ଷାର ପ୍ରସାର ଉପଲବ୍ଧି କରି ୧୯୦୯ ମସିହ ଅଗଷ୍ଟରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଦେଶପ୍ରୀତିରେ ଉଦବୁଦ୍ଧ କରାଇବା ଓ ଭବିଷ୍ୟତ ଦେଶପ୍ରେମୀର ପ୍ରଶିକ୍ଷଣ କ୍ଷେତ୍ର ଭାବରେ ବକୁଳବନକୁ ଗ୍ରହଣ କରାଯାଇଥିଲା। ପ୍ରାକୃତିକ ପରିବେଶ ମଧ୍ୟରେ ଶିକ୍ଷାଦାନ ଆରମ୍ଭ କରିଥିବା ବନ ବିଦ୍ୟାଳୟ ପଞ୍ଚଶଖାଙ୍କ ସହ ଯୋଗରେ ସମ୍ପୂର୍ଣ୍ଣ ଭାରତରେ ଖ୍ୟାତି ଅର୍ଜନ କରିଥିଲା ଓ ଏହାର ପ୍ରସାର ପାଇଁ ଜାତୀୟ ସ୍ୱୀକୃତି ଲାଭକରି ପାଟଣା ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହୋଇଥିଲା।

ନିରାଡମ୍ବର ତପସ୍ୱୀ ଜୀବନଶୈଳୀ ଭିତରେ ସେ ସାହିତ୍ୟ ସାଧନାରୁ ବିରତ ହୋଇ ନଥିଲେ। ୧୯୦୪ ମସିହାର ତାଙ୍କର ସାହିତ୍ୟ ପ୍ରତି ଆକର୍ଷଣ ହିଁ ସାହିତ୍ୟିକ ଜୀବନର ପରିପ୍ରକାଶ। ସତ୍ୟବାଦୀରୁ ପ୍ରଥମେ ସେ ମାସିକ ସାହିତ୍ୟ ପତ୍ରିକା ଆରମ୍ଭକରି ରାଜ୍ୟର ଚିତ୍ର ସମସ୍ତଙ୍କ ନଜରକୁ ଆଣିବାକୁ ଚେଷ୍ଟା କରିଥିଲେ। ଆଜିର ସର୍ବଜନବିଦିତ ସମ୍ବାଦପତ୍ର 'ସମାଜ' ସତ୍ୟବାଦୀରୁ ଜନ୍ମ ନେଇ କଟକରୁ ପ୍ରକାଶ ପାଉଛି। ତାଙ୍କର ହୃଦୟ ଥିଲା ଆକାଶ ପରି ବିଶାଳ ଓଡିଆ ପ୍ରୀତିର ଅଫୁରନ୍ତ ଭଣ୍ଡାର। ବନ୍ଦୀଶାଳାରେ ଥିବା ବେଳେ ସେ ଆତ୍ମବିହ୍ୱଳ ହୋଇ କାରା କବିତା ରଚନା କରିଛନ୍ତି। ଏହା ତାଙ୍କ ଓଡିଆ ଜାତି ପାଇଁ ହୃଦୟ ସ୍ପନ୍ଦନର ବାଣୀ। ତାଙ୍କର କବିତା -

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ
ପୂରୁ ତହିଁ ପଡି ମୋର ମାଂସହାଡ" ....ଖୁବ୍ ହୃଦୟ ସ୍ପର୍ଶୀ।

"ମୋ ଭାଇ ଭଉଣୀ ହେ ଉତ୍କଳବାସୀ, ସ୍ୱରାଜ୍ୟ ସାଧନେ ନହୁଅ ଉଦାସୀ।" ଏହା ତାଙ୍କର ଦେଶଭକ୍ତିର ପ୍ରକୃତ ପରିଚୟ। ତାଙ୍କର କବିତା ମାନଙ୍କ ମଧ୍ୟରୁ କାରା କବିତା, ଚିଲିକା, ଧର୍ମପଦ, ବନ୍ଦୀର ଆତ୍ମକଥା ଆଦି ତାଙ୍କ ହୃଦୟର ଗାଥା।

ରାଜ୍ୟବାସୀଙ୍କ କରୁଣ ଚିତ୍ର ସରକାରଙ୍କ ନଜରକୁ ଆଣିବାପାଇଁ ସେ ରାଜନୀତିରେ ଯୋଗ ଦେଇଥିଲେ। ଜନସେବାରେ ଲୋକ ପ୍ରତିନିଧି ଭାବେ ନିଜକୁ ନିୟୋଜିତ କରିବାପାଇଁ ପ୍ରାୟ ପାଞ୍ଚବର୍ଷ ବିହାର-ଓଡିଶା ବିଧାନ ସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ। ସେ ସମୟରେ ପଳୟଙ୍କାରୀ ବନ୍ୟା, ଦୁର୍ଭିକ୍ଷ, ମରୁଡିର କରୁଣ ଚିତ୍ର ବିଧାନସଭାରେ ଉପସ୍ଥାପନ କରିପାରିଥିଲେ।

ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନକାଳ ମାତ୍ର ଏକାବନ ବର୍ଷ ଥିଲା । ଏହି ସଂକ୍ଷିପ୍ତ ଜୀବନ ଭିତରେ ସେ ତ୍ୟାଗ ଓ ସେବାର ଯେଉଁ ଆଦର୍ଶ ସୃଷ୍ଟି କରିଥରଲେ, ତାହା ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସେହି ସତ୍ୟବାଦୀର ବକୁଳବନରେ ଅକାଳରେ ଲିଭିଗଲା ଉତ୍କଳମଣିଙ୍କର ମହାଜୀବନର ପ୍ରଦୀପ ।

ତତ୍କାଳୀନ ପରିସ୍ଥିତିରେ ଓ ପରିବେଶ ମଧ୍ୟରେ ତାଙ୍କର କଂଗ୍ରେସରେ ଯୋଗଦାନ, ଅହିଂସା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ, ବଧାନସଭାର ସଦସ୍ୟ ଓ ସାମ୍ବାଦିକତାକୁ ଆଦରି ନେଇଥିଲେ ହେଁ, ଲୋକସେବା ହିଁ ତାଙ୍କ ଦରଦୀ ପ୍ରାଣର ମହତ ଲକ୍ଷ୍ୟଥିଲା । ରାଜନୀତି କିମ୍ବା ଓକିଲାତି ତାଙ୍କର ପେଶା ନଥିଲା – ବରଂ 'ଗରିବ ସେବା ମହାନ୍ ସେବା' ତାଙ୍କୁ ଉଦ୍‌ବୁଦ୍ଧ କରିଥିଲା ।

ମହାଭାରତୀୟ ଜାତୀୟତାବାଦ ତାଙ୍କର ପରମ ଲକ୍ଷ୍ୟ ହୋଇଥିଲେ ବି ସେ ଓଡ଼ିଆ ଜାତୀୟତା ପ୍ରତି ସଦାସର୍ବଦା ମନଯୋଗୀ ଥିଲେ । ଏହା ତାଙ୍କର ନିମ୍ନ ରଚନାରୁ ସ୍ପଷ୍ଟ ଜଣାଯାଏ ।

"ଅଛି ସେହି ଗିରି, ଅଛି ସେ ବିପିନ
ଅଛି ତୋର ଶିଳା ସୁଦୃଢ଼ ପୁଳିନ ।
କିନ୍ତୁ କାହିଁ ଆହା, ଏବେ ସେ ବୀରତା
ଓଡ଼ିଆ ଜାତିର ପୂର୍ବ ଜାତୀୟତା ?" (ଚିଲିକା)

ପୁଣି ଲେଖିଛନ୍ତି,

"ଉତ୍କଳ ତନୟେ ଦିଅ ନବବଳ,
ଉତ୍କଳ ପାଦପେ ରସମୟ ଫଳ ।
ଉତ୍କଳ ସରିତେ ପବିତ୍ର ଜୀବନ
ଉତ୍କଳ କାନନେ ସ୍ୱର୍ଗୀୟ ସୁମନ ।
ଉତ୍କଳ ଆକାଶେ ନବଯଶ ରବି
ଉତ୍କଳ ପ୍ରକୃତି ଧରୁ ନବ ଛବି ।"

*ପ୍ରାକ୍ତନ ପ୍ରଫେସର, ପି.ଏମ୍.ଆଇ.ଆର୍ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*
*ମୋ-୯୪୩୭୦୧୭୮୪୦*

●●●●



# ନିର୍ଭୀକ - ଆଚାର୍ଯ୍ୟ ପ୍ୟାରୀମୋହନ

***କୁଶାନ୍ ବନ୍ଧୁ ଆଚାର୍ଯ୍ୟ***

ଲେଖାଟିଏ ବାହାରିଲା, 'ଦରଖାସ୍ତ ଜୁତିଆନ'। କଟକ ସହରର ଅବହେଳିତ ନଳା ନର୍ଦ୍ଦମା ଓ ଆବର୍ଜନା ଅବସ୍ଥାକୁ ନେଇ ବ୍ୟଙ୍ଗାତ୍ମକ ପ୍ରବନ୍ଧ ହେଲା ଜୋତାମାନଙ୍କର ନିବେଦନ। ବେଶ୍ ଚହଳ ପକାଇଦେଲା ୧୮୭୦ ମସିହାରେ କଟକ ଓ ତା ଚାରିଦିଗରେ। ମଫସଲରୁ ସହର କେତେ ଆବର୍ଜନାମୟ ! କେବଳ ଓଡ଼ିଆ ପାଠକଙ୍କ ମନରେ ନୁହେଁ, ସମସ୍ତଙ୍କ ବିସ୍ମୟରେ। ସ୍ୱାୟତ୍ତ ଶାସନର ଅଙ୍କୁରୋଦ୍‌ଗମ ହୋଇଛି, ପୁଣି ପରାକ୍ରମୀ ବ୍ରିଟିଶ୍ ଶାସନକୁ ସମାଲୋଚନା ? କିଏ ସାହସ କଲା ?

ଶାସନ କ୍ଷମତାରେ ବେଖାତିର ମନୋଭାବରେ କାର୍ଯ୍ୟ କରୁଥିବା କଟକ ମାଜିଷ୍ଟ୍ରେଟ୍ ଏରଭିଙ୍ଗ୍ ସାହେବ। ବେଶ୍ ରାଗୀ, ବୈର-ମନୋବୃତ୍ତିର। ଶକ୍ତ ଗୁଇନ୍ଦା ନଜର। ଓଡ଼ିଆ ଭାଷାରେ ହାତଲେଖା ଖବର କାଗଜ 'ଉତ୍କଳ ପୁତ୍ର'ର ଜୁତିଆନ କାନରେ କେମିତି ପଡ଼ିଗଲା। ମନକୁ ତାଙ୍କର ଆସିଲା, କିଏ ଏହି ଲେଖକ ? କେତେ ସାହସ ତାର, କଟକ ସହର ନଳା ଆବର୍ଜନା ବିଷୟରେ ବ୍ୟଙ୍ଗ କରିବାକୁ !

ଖବର ପାଇଲେ, କଟକ କଲେଜର ଦ୍ୱିତୀୟ ବର୍ଷର ଜଣେ ମେଧାବୀ ଛାତ୍ର ସ୍ୱ ଅକ୍ଷରରେ ଲିଖିତ ଖବରକାଗଜ 'ଉତ୍କଳ ପୁତ୍ର' ରେ ଏପରି ବ୍ୟଙ୍ଗ ରଚନା ଲେଖି ସରକାରଙ୍କୁ ଅପଦସ୍ତ କରୁଛନ୍ତି। ପାଠ ପଢ଼ିଲେ ସିନା ଏତେ ବୁଦ୍ଧି ବାହାରୁଛି, ମୂଳୁ ମାରିଲେ ଯିବ ସରି। କଟକ କଲେଜ ଅଧ୍ୟକ୍ଷ ଥାଆନ୍ତି ଚଣ୍ଡିବାବୁ। ଏରଭିଙ୍ଗ୍ ସାହେବ ଅଧ୍ୟକ୍ଷଙ୍କୁ ଡକାଇ ସେଇ ମେଧାବୀ ଛାତ୍ର ଆଚାର୍ଯ୍ୟ ପ୍ୟାରୀ ମୋହନଙ୍କୁ କଲେଜରୁ ବହିଷ୍କାର କରିବାକୁ ଆଦେଶ ଦେଲେ। କଥାଟା ସମାଧାନ ପାଇଁ ଅଧ୍ୟକ୍ଷ ଚଣ୍ଡୀବାବୁ ଆଚାର୍ଯ୍ୟ ପ୍ୟାରୀମୋହନଙ୍କୁ ଉପଦେଶ ଦେଲେ, ମାଜିଷ୍ଟ୍ରେଟ ସାହେବଙ୍କୁ କ୍ଷମା ମାଗି ନିଜର ପାଠ ପଢ଼।

କିନ୍ତୁ ଏଇ ଓଡ଼ିଆ ପ୍ରାଣ ଏକାନ୍ତ ନିର୍ଭୀକ। ମିଥ୍ୟା ପ୍ରଣୋଦିତ କାର୍ଯ୍ୟଧାରାର ମଣିଷ ନୁହନ୍ତି। ସତ୍ୟବାଦୀ, ସତରେ ସରଳ ଲୋକ। କାଉଁରିଆ କାଠି ପରି ସଳଖ। ଭାଙ୍ଗିବ ପଛେ ବାଙ୍କିବ ନାହିଁ। ଅଧ୍ୟକ୍ଷ ଚଣ୍ଡୀବାବୁଙ୍କୁ ରୋକଠୋକ୍ ବତାଇଦେଲେ –

> "ମୁଁ ଯାହା ଲେଖିଛି ସତ୍ୟ। ଏଥିରେ ଅସତ୍ୟର ଚିହ୍ନ ନାହିଁ।
> ଏଥିପାଇଁ ମୁଣ୍ଡ ନୁଆଁଇବା ଦରକାର ପଡୁନି। ସେଠି ପୁଣି
> କ୍ଷମା ମାଗିବାର ପ୍ରଶ୍ନ କେଉଁଠି ଉଠୁଛି ?"

ପ୍ୟାରୀମୋହନ ଏଇ ସାମାନ୍ୟ କଥାରୁ କଲେଜରୁ ବହିଷ୍କୃତ ହେଲେ। ଏହା କେବଳ ଇଂରେଜ ଶାସନର ମତିଗତି ଓ କାର୍ଯ୍ୟକଳାପର ପରଦା ଖୋଲି ଦେଲାନି, ବରଂ ଜାତିଟା ନିଜତ୍ୱକୁ ଜଳାଞ୍ଜଳି ଦେଇ କେତେ ଗାଢ ନିଦରେ ଶୋଇଛି ତାହା ସୂଚାଇ ଦେଲା।

ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ଆଖିଦେଖା ଓଡ଼ିଶା ଥିଲା ଇଂରେଜ ଦଖଲର ଠିକ୍ ଅର୍ଦ୍ଧ ଶତାବ୍ଦୀ ପରର ଓଡ଼ିଶା, ୨୦ ବର୍ଷ ବୟସରେ କଲେଜରୁ ବହିଷ୍କୃତ ହେବା ବେଳକୁ ହୋଇଥିଲା ୧୮୭୧ ମସିହା, ତିନିବର୍ଷ ତଳେ ୧୮୬୬ରେ ଦେଖିଥିଲେ ନଅଙ୍କ ଦୁର୍ଭିକ୍ଷର କରାଳ ରୂପ। ଏହି ସାଗର ତଟ ଜିଲାକୁ ନେଇ ଗଠିତ ମୂଳ ଓଡ଼ିଶା ଥିଲା ବଂଗଳା ପ୍ରେସିଡେନ୍ସିର ଓଡ଼ିଶା ଡିଭିଜନ, ଯାହାର ଗମନାଗମନ, ପଣ୍ୟଦ୍ରବ୍ୟ ନେଣଦେଣ, ଲୋକ ମାନଙ୍କର ବିକାଶ ଓ ଆର୍ଥିକ ଅବସ୍ଥା କହିଲେ ନସରେ। ସରକାର ବୋଇଲେ ଖାଲି ଖଜଣା ଅସୁଲ, ପୋଲିସ୍ ବଳ ଓ କୋର୍ଟକଚେରୀ। ନା ରାସ୍ତା ନା ଘାଟ। କେବଳ ପାଦ୍ରୀମାନେ ଧର୍ମ ପ୍ରଚାରର ପେଣ୍ଠ ହୋଇ ପଡ଼ିଥିଲା ଏ ରାଇଜ।

ସରକାର ଟିକସ ଓ ଖଜଣା ଉପରେ ଖୁବ୍ ହୁସିଆର। ୧୮୬୫-୬୬ର ସଂପୂର୍ଣ୍ଣ ବର୍ଷାହୀନତା ଓଡ଼ିଶାର ଗଛପତ୍ର ଶୁଖାଇଦେଲା, ପଡ଼ିଆର ଘାସ ବି ଶୁଖି ମରିଗଲା, ତାହା ଦେଖିବାକୁ ଶୁଣିବାକୁ ତତ୍ପର ନୁହଁନ୍ତି। ସରକାରୀ ତହବିଲ କାଳେ ପୂରଣ ହେବନି ସତକୁ ସତ ବଡ ହାକିମ ମାନେ ଓଡ଼ିଶା ଆସି ଦେଖିଥିଲେ କି ସେମିତି ମନକୁ ମନ ଲେଖିଦେଲେ, ଜଣାଯାଏନି। ଯେଉଁ ମରୁଡ଼ିରେ ଓଡ଼ିଶାର ଉପକୂଳ ଜିଲ୍ଲାଗୁଡ଼ିକରେ ଏକତୃତୀୟାଂଶ ଲୋକ ଅନାହାରରେ ମୃତ୍ୟୁ ବରଣ କଲେ, ସେଇଠି କୁଆଡେ ସ୍ତ୍ରୀଲୋକମାନେ ବାହିଏ ବାହିଏ ସୁନାକାଚ କଙ୍କଣ ନାହି ଦୂରକୁ ପାଣିପାଇଁ ଯାଉଥିବାର ଇଂରେଜ ପ୍ରତ୍ୟକ୍ଷଦର୍ଶୀମାନେ ମନ୍ତବ୍ୟ ଦେଇଥିଲେ। ସେମାନେ ଗଛ, ପଡ଼ିଆ ଓ ଧାନବିଲ ନଦେଖି ଗାଁର ଦଳିତ ମହିଳାମାନଙ୍କ ହାତର କଂସାଚୁଡ଼ି ଦେଖି ଓଡ଼ିଶାର ବିଭବର ଗନ୍ତାଘର ବୋଲି ମନେକରିଥିଲେ।

ସ୍କୁଲ ପାଠ ପଢ଼ା ସାରି କଲେଜ ପଢ଼ିବା ବେଳକୁ ପ୍ୟାରୀମୋହନଙ୍କ ମନରେ କଅଣ ଭାବନା ଥିବ ପ୍ରତୀୟମାନ ହୁଏ। ନିଜେ କଟକ କଲେଜିଏଟ୍ ସ୍କୁଲରେ ଛଅବର୍ଷ ପଢ଼ିବା ପରେ କଟକ କଲେଜରେ ଏପରି ଅଘଟଣ ଘଟିଲା। ସାଙ୍ଗ ମାନଙ୍କ ସହିତ ମିଳିମିଶି ଚଳିବାକୁ ପ୍ୟାରୀମୋହନଙ୍କର ବହୁ ଆନ୍ତରିକତା ଥିଲା। କବି ମଧୁସୂଦନ ଓ ଗୋବିନ୍ଦ ରଥ ତାଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ। ୨୦ ବର୍ଷ ବୟସରେ କଲେଜରେ ପଢ଼ିବାର ପ୍ରଥମ ବର୍ଷ ସତ୍ୟନିଷ୍ଠ

ପ୍ୟାରୀମୋହନ ହାତରେ ଲେଖି 'ଉତ୍କଳ ପୁତ୍ର' ପତ୍ରିକା ପ୍ରକାଶ କଲେ। ପରେ ଗୌରୀ ଶଙ୍କର ରାୟ ଏହାକୁ ଛାପିବାର ବ୍ୟବସ୍ଥା କରିଥିଲେ।

ଶୋଇ ପଡ଼ିଥିବା ଓଡ଼ିଆ ଜାତିକୁ ଉଠାଇବା ପାଇଁ ସେ ଯେଉଁ ବାର୍ତ୍ତା ଦେଉଥିଲେ, ତାହା ହେଲା –

"ଉଠ, ଉଠ, ଉଠ
ପରିହରି ମୋହ ନିଦ୍ରା ଆତ୍ମ କରି ରଣ
ଉତ୍କଳ ତିମିର ସଙ୍ଗେ ହୋଇ ସ୍ଥିରମନ।"

ଏମିତି ଇଂରେଜ ସରକାରଙ୍କ ଶୋଷଣ ନୀତିକୁ ଲୋକ ଲୋଚନକୁ ଆଣିବାର ଉଦ୍ଦେଶ୍ୟ ଥିଲା ପ୍ୟାରୀମୋହନଙ୍କର।

କୋଡ଼ିଏ ବର୍ଷ ବୟସରେ କଲେଜରୁ ବହିଷ୍କାର ହେବାର ମାନସିକ ଯାତନା ପାଇ ସଂକଳ୍ପ କଲେ ସିଏ ନିଜେ ଗୋଟିଏ ବିଦ୍ୟାଳୟ ଗଢ଼ିବେ। ନୂଆ ଢଙ୍ଗର ଶିକ୍ଷା ପଦ୍ଧତି ଆଦରିବେ। ଗଢ଼ିଲେ କଟକ ଏକାଡେମୀ। ବହୁ ଲୋକପ୍ରିୟ ହୋଇଗଲା। ଏମିତିକି ବଙ୍ଗଳାର ବିପ୍ଳବୀ ବିପିନ୍ ଚନ୍ଦ୍ର ପାଲ ବି ଏହାର ପ୍ରଧାନ ଶିକ୍ଷକ ଦାୟିତ୍ୱ ନିର୍ବାହ କରିଛନ୍ତି, ଓଡ଼ିଶାର ବରପୁତ୍ର ଆଚାର୍ଯ୍ୟ ହରିହର ଦାସ ଏଠାରେ ଶିକ୍ଷକତା କରିଛନ୍ତି। ବିଦ୍ୟାଳୟର ଅର୍ଥାଭାବ ଭରଣା କରିବାକୁ ପ୍ୟାରୀମୋହନ ନିଜେ ସେଠାରେ ଅବୈତନିକ ଶିକ୍ଷକ ଥିଲେ, ପରେ କଟକ ଓ ଡମପଡାରେ ଚାକିରୀ କରି ନିଜର ଅତ୍ୟାବଶ୍ୟକ ଖର୍ଚ୍ଚ ବାଦ୍ ସମସ୍ତ ଅର୍ଥ ଏଠାରେ ବ୍ୟୟ କରୁଥିଲେ।

ଏହି ଯୋଗ ଜନ୍ମା ପୁରୁଷ ଅଳ୍ପାୟୁ ଅଟନ୍ତି। ମାତ୍ର ତିରିଶ ବର୍ଷରେ ସିଏ ଇହଧାମ ତ୍ୟାଗ କଲେ। ତାଙ୍କର ମୃତ୍ୟୁ ପରେ କଟକ ଏକାଡେମୀର ନାମ ତାଙ୍କରି ସ୍ମୃତିରେ ପ୍ୟାରୀ ମୋହନ ଏକାଡେମୀ ରଖାଗଲା।

ଦେଖିବାକୁ ଗଲେ, ତାଙ୍କ ଜୀବନର କୋଡ଼ିଏ ବର୍ଷ ଅଧ୍ୟୟନ ପରେ ମାତ୍ର ଦଶ ବର୍ଷ କର୍ମମୟ ଜୀବନରେ ସେ ବହୁ ସମାଜ ସେବା ଆପଣେଇ ନେଇଛନ୍ତି। ତାଙ୍କ ଜାଣିବା ଶୁଣିବାରେ ଓଡ଼ିଆ ମାତୃଭାଷା ସଂକଟରେ ପଡ଼ିଛି। ସିଏ 'ଉତ୍କଳ ପୁତ୍ର'ରେ ଉଲ୍ଲେଖ କରିଛନ୍ତି, ଓଡ଼ିଆ ଭାଷା ଗୋଟିଏ ପ୍ରାଚୀନ ଭାଷା।

ଉତ୍କଳ ସମ୍ମିଳନୀ ଗଠନର ତିରିଶ ବର୍ଷ ପୂର୍ବରୁ ଉନବିଂଶ ଶତାବ୍ଦୀର ସପ୍ତମ ଦଶକରେ ନିଜର ମନ୍ତବ୍ୟ ଭାବରେ କହିଛନ୍ତି ବିଦେଶୀ ସରକାର ଓଡ଼ିଶାର କୌଣସି ଉନ୍ନତିମୂଳକ କାର୍ଯ୍ୟ କରୁ ନାହାନ୍ତି । ନିଜ ଖବର କାଗଜରେ ସ୍ୱର ଉ□ୋଳନ କରିଛନ୍ତି –

"ବଙ୍ଗଳାରେ, ଉତ୍ତର ପଶ୍ଚିମରେ, ପଞ୍ଜାବରେ ବିଦ୍ୟାଶିକ୍ଷାରେ ଯେଉଁ ମହତ୍ ଉପାୟମାନ ସେମାନେ (ଇଂରେଜ ଶାସକ) ବିଧାନ କରି ଅଛନ୍ତି, ତହିଁର ଅର୍ଦ୍ଧେକ ଆମ ମାନଙ୍କ ପାଇଁ ବିହି ଅଛନ୍ତି କି ? ଉକ୍ତ ରାଜ୍ୟ ମାନଙ୍କରେ ରେଳପଥ ଦ୍ୱାରା ଗମନାଗମନରେ ଯେଉଁ ସୌଗମ୍ୟ ସୃଷ୍ଟି କରିଛନ୍ତି, ତାହାର ଷୋଡ ଶତାଂଶ ଏଇ ଦୁଃଖୀ ରାଜ୍ୟକୁ ଦେଇନାହାଁନ୍ତି। କି ରୂପେ ଏ ଦେଶୀୟ ଲୋକେ ଉନ୍ନତିଶୀଳ ହେବେ, କି ରୂପେ ଏ ଦେଶୀୟ ଲୋକମାନେ ରାଜକୀୟ କର୍ମରେ ଅଧିଷ୍ଠିତ ହେବେ ? କି ରୂପେ ଉଚ୍ଚ ଶିକ୍ଷା ଲଭିବେ ଓ ଲଭିବାକୁ ଉତ୍ସାହୀ ହେବେ ?"

ନିଜର ବୁଦ୍ଧିମତ୍ତାର ପରିଚୟ ଦେଇଛନ୍ତି ଓଡ଼ିଆ ଭାଷାରେ ଓଡ଼ିଶା ଇତିହାସ ରଚନା କରି। ସେତେବେଳକୁ ଓଡ଼ିଆ ଭାଷାରେ ଓଡ଼ିଆ ଇତିହାସ ନଥିଲା। ଇଂରାଜୀରେ ହଣ୍ଟର ସାହେବ ଖଣ୍ଡେ ଓ ରାଜେନ୍ଦ୍ରଲାଲ ମିତ୍ର ଖଣ୍ଡେ – ଏମିତି ଦୁଇ ଖଣ୍ଡ ବହି ଥିଲା। ଏଗୁଡ଼ିକୁ କେବଳ ଓଡ଼ିଶାର ରାଜବଂଶର ସଂକଳନ କୁହାଯାଇପାରେ। ମାତ୍ର ପ୍ୟାରୀମୋହନଙ୍କ ଦୂରଦୃଷ୍ଟିରେ ରାଜ୍ୟର ସାହିତ୍ୟ, ସଂସ୍କୃତି, କଳା ସହିତ ପୁରାତନ ଓ ମଧ୍ୟଯୁଗୀୟ ଉତ୍କଳ ସମାଜର ପ୍ରକୃତ ଚିତ୍ର ତାଙ୍କର ୧୮୭୯ ମସିହାର ଓଡ଼ିଶା ଇତିହାସ ପୁସ୍ତକରେ ଖଞ୍ଜି ଦେଇଥିଲେ। ଏହି ବହିଟି ଅଦ୍ୟାବଧି ଶିକ୍ଷା କ୍ଷେତ୍ରରେ ତାଙ୍କର ମୌଳିକତା ପ୍ରତିପାଦନ କରେ।

ସିଏ ସରକାରୀ ଚାକିରି ପାଇଁ ଲାଳାୟିତ ନଥିଲେ। ନିଜେ ଡମପଡା ରାଜାଙ୍କର ବିଶ୍ୱସ୍ତ ଏବଂ ଦକ୍ଷ ମାନେଜର ଥିଲେ। ସେ ବହୁ କୃତିତ୍ୱ ଅର୍ଜନ କରିବାର ପାତ୍ର ଥିଲେ। ସରଳ ଜୀବନ ଯାପନ କରି ଶାନ୍ତିରେ ରହିବା ତାଙ୍କର ସ୍ୱଭାବ ଥିଲା। ସମୟକ୍ରମେ କେବେ ସିଏ ସରକାରୀ ଡେପୁଟି ମାଜିଷ୍ଟ୍ରେଟ୍ ଚାକିରି ପାଇଁ ମନୋନୀତ ହୋଇଥିଲେ। ସେ ଏହାକୁ ପ୍ରତ୍ୟାଖାନ କରି କହିଥିଲେ –

"ଏ ସରକାର ଯଦି ମୋତେ ବଡଲାଟ ଚାକିରି ଯାଚେ, ମୁଁ ତାକୁ ବି ମନା କରିଦେବି। କାରଣ ମୁଁ ଏ ସରକାର ଚାହେଁନା। ଯାକୁ ହଟାଇବା ମୋର ଇଚ୍ଛା। ଏ ସରକାର ଆମ ଭଲ ଚାହେଁନା। ଆମ ସୁଖଶାନ୍ତି ଚାହେଁନା।"

ଯଦି ଏତେ ସ୍ୱଳ୍ପ ଜୀବନ କାଳରେ ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ରକ୍ତରେ ଏତେ ଓଡ଼ିଆ ସ୍ୱାଭିମାନର କଣିକା ସଞ୍ଚାରି ପାରିଲା, ଆଜିର ଏତେ ଶିକ୍ଷିତ ଯୁବ ସମ୍ପ୍ରଦାୟ କାହିଁକି ଜାତିର ମହତ କଥା ଚିନ୍ତା ନ କରିବେ ଆଉ ଓଡ଼ିଆ ହୋଇ ଜନ୍ମ ହୋଇ ଥିବାର ସୌଭାଗ୍ୟକୁ ପାସୋରିଦେବେ, ନିଜ ମାତୃଭୂମି ଓ ମାତୃଭାଷାର ଉନ୍ନତି ସାଧନ କରିବାକୁ ପରାଙ୍ମୁଖ ହେବେ ?

ଛାତ୍ର, ଡି.ଏ.ଭି. ପବ୍ଲିକ୍ ସ୍କୁଲ,
ୟୁନିଟ୍ - ୮, ଭୁବନେଶ୍ୱର

••••

# ଉତ୍କଳ ଜନନୀ

ପର୍ଣ୍ଣ ଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ
ଶ୍ରେଷ୍ଠ ଏ ଉତ୍କଳ ଭୂମି, ଗୁଣେ ଗରୀୟସୀ ।

X X X X X X X X X

ଦୂରନ୍ତ ଯବନ ହେଲା ଏକେଶ୍ୱର
କ୍ଷତ୍ରିୟ ପ୍ରଭାବ ହେଲା ଅଳୀକ,
ଆମ୍ଭର ସ୍ୱଦେଶ ନୁହେଁ ଏ ଆମ୍ଭର
ଧିକ ଧିକ ଆମ ବାହୁକୁ ଧିକ ।

X X X X X X X X X

ଦେବୀ ବୀଣାପାଣି କେଉଁ ପାପ ଫଳେ
କରୁଣା ତୋହର ଊଣା ଏ ଉତ୍କଳେ ?
(କବିବର ରାଧାନାଥ ରାୟ)

X X X X X X X X X

ଜୟ ମା ଉତ୍କଳ ପୁରାଣ ପବିତ୍ର
ଜୟ ମା ଉତ୍କଳ ସୁନ୍ଦର ବିଚିତ୍ର
ଗଙ୍ଗା ଗୋଦାବରୀ ମହେନ୍ଦ୍ର ନୀରଧି
ଚୌଦିଗେ କୀର୍ତ୍ତି ତୋ ଘୋଷେ ନିରବଧି ।
କଳନାଦିନୀ ତୋ ଶତ ସ୍ରୋତସ୍ୱତୀ
ପଦ ଧୌତ କରେ ତୋ ନୀଳାମ୍ବୁପତି ।

X X X X X X X X X

ଡାକନ୍ତି ଉତ୍କଳମାତା କୋଟି ସନ୍ତାନେ ତାଙ୍କର
କେ ରହି ପାରିବ ଶୁଣି ଡାକ ମାତାଙ୍କର ।
କହନ୍ତି ଡାକିଣ ମାତା 'ମୋର ପ୍ରାଣ ସୁତ ସୁତା
କିମ୍ପାହେଇ ଅରକ୍ଷିତ ତଜି ନିଜ ପ୍ରିୟ- ପର,
ନଦୀ ହ୍ରଦ, ଗିରି ବନ, ମୋ ତନୁରେ ସୁଶୋଭନ
ଚିରନ୍ତନ ନିରବଧି ପଖାଳନ୍ତି, ମୋ ପୟର ।
ମିଳିଲେ ସକଳ ଭାଇ, ମା ଦୁଃଖ ରହିବ ନାହିଁ
ଭୁଲିଣ ସକଳ ଭେଦ ପୋଛ ମା ନୟନ ନୀର' ।
(ପଲ୍ଲୀକବି ନନ୍ଦ କିଶୋର ବଳ)

••••




# ୪. ଦରିଆପାରି କଳିଙ୍ଗ ସମ୍ରାଜ୍ୟ

# ଦୁତି କଳିଙ୍ଗ

*ପ୍ରଫେସର ଅଶୋକ ନାଥ ପରିଡ଼ା*

ଲୋକ ପାଞ୍ଚଜଣ ହାତୀ ଛୁଆଟିଏ ନେଇ କଳିଙ୍ଗୋଦ୍ରରେ ବୋଇତରେ ଉତ୍ତରା ପବନ ଲହରିରେ ଭାସି ଭାସି ଯାଉଛନ୍ତି ଦକ୍ଷିଣ ଦିଗକୁ । ବହୁ ବିବେଚନା ପରେ କଳିଙ୍ଗର ହାତୀ ଛୁଆଟି ବେଭାର ଭାବରେ ଦରିଆ ଦେଇ ଯାଉଛି ତାମ୍ରପର୍ଣ୍ଣି ତଥା ସିଂହଳକୁ । ଆନୁମାନିକ ସମୟ ହେବ ବୁଦ୍ଧଙ୍କ ତିରୋଧାନର ଦୁଇଶ ବର୍ଷ ପରର (ଖ୍ରୀ. ପୂ. ୩୦୦) ।

ବିଗତ କେତେ ବର୍ଷ ହେବ କଳିଙ୍ଗ ରାଜ୍ୟର ସବୁ ବୈଷୟିକ କାର୍ଯ୍ୟ ସାଗର ଗର୍ଭରେ । ଦେଶୀ ଜ୍ଞାନରେ ଡଙ୍ଗାକୁ ବିଶାଳରୁ ବିଶାଳାକାୟ କରି ମାଛଧରାରୁ ଦରିଆପାରି ଦେଶକୁ ଯିବାର ଅଭିଜ୍ଞତା ଆସିଛି ସାଗରବକ୍ଷରେ ଚଳାଚଳ କରୁଥିବା ଅଣ-ମତ୍ସ୍ୟଜୀବୀ ଅନୁସନ୍ଧିତ୍ସୁ ମାନଙ୍କର । ଦେଶୀ ହାଲୁକା କାଠ ଚିହ୍ନି ଜଳ ଉପରେ ଭାସମାନକ୍ଷମ ଗୋଟିଏ ବା ଅନେକ ନୌକାକୁ ମିଳାଇ ପୂର୍ବ, ଉତ୍ତର, ଅଗ୍ନି, ଦକ୍ଷିଣ ବା ନୈର୍ଋତ କୋଣକୁ ଯାଇ ବିଦେଶ



ସିଂହଳରେ ସଂଘମିତ୍ରାଙ୍କର କଳିଙ୍ଗ ପୋତରୁ ଅବରୋହଣ

ମାଟିରେ କେବଳ ଆଶ୍ଚର୍ଯ୍ୟର ବାତାବରଣ ସୃଷ୍ଟି କରୁ ନଥିଲେ, ସେଠାରେ ବସତି ସ୍ଥାପନ କରି ନିଜ ବନ୍ଧୁ ବିରାଦର ମାନଙ୍କୁ ଥଇଥାନ ବି କରୁଥିଲେ । ପୁଣି ଶିକ୍ଷା, ସଂସ୍କୃତି, ଧର୍ମ ଉପକ୍ରମରେ ବାରମ୍ବାର ସେଠାକୁ ଆସିବାର ଅଭିପ୍ରାୟ ନେଇ ମାତୃଭୂମିକୁ ଲେଉଟି ଆସୁଥିଲେ ।

ରାବଣ ଚରିତ୍ର ବର୍ଣ୍ଣନା ରାମାୟଣକାଳରେ ଲଙ୍କାର ସଭ୍ୟତାର ସ୍ତର ଅନୁମାନ କରିବାକୁ ହୁଏ । କିନ୍ତୁ ଆଧୁନିକ ସଭ୍ୟତା ସେଠାକୁ ନେଇ ବିଜୟ ପହଞ୍ଚିଛନ୍ତି । କଳିଙ୍ଗ ବଂଶଜ ବିଜୟ ହେଉଛନ୍ତି ସିଂହଳ ଦ୍ୱୀପର ପ୍ରତିଷ୍ଠାତା ।

କଳିଙ୍ଗ କନ୍ୟା ସୁସୀମ ହେଲେ ବଂଗ ମହିଷୀ, ତାଙ୍କର ଅଣନାତି ବିଜୟ । ବିଜୟଙ୍କର ଯେତେ ପରିଚିତି ଥାଉନା କାହିଁକି, ବୌଦ୍ଧ ଇତିହାସରେ ତାଙ୍କର ପିତା, ମାତା, ପିତାମହ କାହାରି ନାମ ଦିଆ ନ ଯାଇ, କେବଳ କଳିଙ୍ଗ ଲଳନା ସୁସୀମ ବିଜୟଙ୍କର ପ୍ରପିତାମହୀ ବର୍ଣ୍ଣନା ଭାରତ ବର୍ଷରେ, ବୌଦ୍ଧ ସଂକଳନରେ ତଥା ସିଂହଳ ରାଜନୀତିରେ କଳିଙ୍ଗର ଉଚ୍ଛ୍ୱସିତ ପ୍ରଶଂସା ଛଡ଼ା ଆଉ କଅଣ ହୋଇପାରେ ?

ଏମିତି କେତେ କାଳରୁ କଳିଙ୍ଗର ବିଜୟ ନିଜ ରାଜ୍ୟରୁ ବିତାଡ଼ିତ ହୋଇ ସାତଶହ ବନ୍ଧୁ ଓ ସହଯୋଗୀଙ୍କୁ ନେଇ ତାମ୍ରପର୍ଣ୍ଣିରେ ସିଂହଳ ରାଜ୍ୟ ଗଠନ କରିସାରିଛନ୍ତି । ନିଜେ ନିଜର ବ୍ୟକ୍ତିତ୍ୱ ବଳରେ ସେଠିକାର କିନ୍ନର ଓ ଯକ୍ଷ ମାନଙ୍କୁ ଚତୁରତାର ସହିତ ଅପସାରଣ କରି ବସତିବିହୀନ ସିଂହଳରେ ମାନବ ବସତି ବୃଦ୍ଧି କରିସାରିଲେଣି । କିନ୍ତୁ ମୂଳ ରାଜ୍ୟ କଳିଙ୍ଗ ସହିତ ଏମାନଙ୍କର ସାଗର ଦେଇ ବଣିଜ ଓ ବୈବାହିକ ସମ୍ପର୍କ ରହିଛି । ଅଳ୍ପ ଦୂରରେ ପାଣ୍ଡ୍ୟ (ତାମିଲ) ରାଜ୍ୟ ହେଲେ ହେଁ, ଗର୍ବିତ ପାଣ୍ଡ୍ୟ ରାଜା ସହିତ ସିଂହଳର କିଛି ସମ୍ପର୍କ ସୃଷ୍ଟି ହୋଇପାରିନି । ଯାହା କିଛି ଥିଲା ବିଜୟଙ୍କ କାଳରେ ଥିଲା, ତା ପରଠାରୁ ସିଂହଳ କେବଳ ମୂଳ ରାଇଜ କଳିଙ୍ଗ ସହିତ ସମ୍ପୃକ୍ତ । ସାଗର ବକ୍ଷରେ ପାଣ୍ଡ୍ୟର ବଣିଜ ବେଶି ପଶ୍ଚିମ ରାଇଜକୁ, ପୂର୍ବ ସୁବର୍ଣ୍ଣ ଭୂମିକୁ ଏତେ ସରାଗ ନାହିଁ ସେମାନଙ୍କର । କଳିଙ୍ଗ ଆଧିପତ୍ୟ ଅଞ୍ଚଳରେ ଭାଷା ଓ ସଂସ୍କୃତିଗତ କାରଣରୁ ଏମାନେ ଆଗଭର ନୁହଁନ୍ତି । ସିଂହଳ ପୋତାଶ୍ରୟ କଳିଙ୍ଗପୋତର ଆଶ୍ରୟ ଓ ରାସ୍ତା ଦେଖାଏ ପୂର୍ବଦିଗ ସୁବର୍ଣ୍ଣଭୂମିକୁ ।

ହାତୀ ଛୁଆଟି କିପରି ଦରିଆ ପାରିକରି ସିଂହଳ ନେବେ, ସେଇଟା କେତେ ପୁରୁଷର ଦାବି ଓ ଅସମର୍ଥତା ଦେଇ ଗତି କରିଆସୁଛି । ସବୁ ସିଂହଳ ରାଜାମାନେ କେବଳ କଳିଙ୍ଗ କନ୍ୟାମାନଙ୍କୁ ବିବାହ କରନ୍ତି । କଳିଙ୍ଗ ସେମାନଙ୍କର ପୂର୍ବ ପୁରୁଷଙ୍କର ଭିଟାମାଟି, ଭାଷା ଓ ଆତ୍ମୀୟତାର ଭୂଇଁ । ସିଂହଳର ଭାଷା କଳିଙ୍ଗର କଥିତ ଭାଷା ।

ବିଜୟ ମହାଭାରତ ପରକାଳର ତଥା ସମସାମୟିକ କଳିଙ୍ଗର ନିଜ ବାପାଙ୍କ ରାଜଧାନୀ କଳିଙ୍ଗର ସିଂହପୁର ଅନୁକରଣରେ ରାବଣର ସୁବର୍ଣ୍ଣ ଲଙ୍କାର ନାମ ପରିବର୍ତ୍ତନ କରି ସିଂହଳ ରଖିଥିଲେ । ରାବଣର ସୁବର୍ଣ୍ଣ ଲଙ୍କା ଆଜି ଅସୁର ବିହୀନ, ଯକ୍ଷ ଓ କିନ୍ନର ଅପସାରିତ, କଳିଙ୍ଗର ଏକ ରାଜନୈତିକ ପ୍ରଭାବ ଫଳରେ ମନୁଷ୍ୟ ଅଧ୍ୟୁଷିତ, ନୂତନ ସଭ୍ୟତାରେ ପାଦ ଦେଇଛି । ମାନବୀୟ ଚେତନା ପ୍ରସାରିତ ହୋଇଛି । ବୁଦ୍ଧଙ୍କର ମୃତ୍ୟୁକାଳରୁ ଆସି ପହଞ୍ଚିଥିଲେ ବିଜୟ । କିନ୍ତୁ ବୌଦ୍ଧଧର୍ମ ଏବେ ବି ପହଞ୍ଚିନାହିଁ ଏଠାରେ । ଏମିତିକି ପାଣ୍ଡ୍ୟକୁ ବି ବୁଦ୍ଧଙ୍କ ଆଲୋକ ଆସିନି, ସୀମିତ ରହିଛି ଉତ୍ତର ଭାରତରେ । ସେହି ବିଜୟଙ୍କୁ କଳିଙ୍ଗରୁ ବିତାଡ଼ିତ କରିବା କାଳରେ ବୁଦ୍ଧଙ୍କ ଦନ୍ତର ଦାବିଦାର କଳିଙ୍ଗ ନିଜର ରାଜଧାନୀ ଦନ୍ତପୁରରେ ଏକ ସ୍ତୁପ ଗଢ଼ିଛନ୍ତି ଓଡ଼ିଶାର ରାଜା । କିନ୍ତୁ ବୌଦ୍ଧଧର୍ମ ସିଂହଳରେ ପହଞ୍ଚିବାକୁ କିଛି ଡେରି ଅଛି । କାରଣ ଥରେ ଓଡ଼ିଶାର ରାଜଧର୍ମ ହୋଇଗଲେ, ସିଂହଳ ପାଇଁ ଅନୁକରଣୀୟ ହେବା ସମୟସାପେକ୍ଷ ନୁହେଁ ।

ହାତୀଛୁଆଟି ମାଆକୁ ଖୋଜି ଛାଟିପିଟି ହେଉଛି । କେମିତି ବୋଇତ ଲାଗିବ ସିଂହଳରେ ସେଥିପାଇଁ କଳିଙ୍ଗ ନୌବଳ ଅଧିକାରୀ, ନୌବଳ ସହକାରୀ ଓ ଦୁଇଜଣ ନୌଜୀବିକ ଓ ଜଣେ ଯନ୍ତ୍ରକ ଜନ୍ତୁଟି ପିଛା ଲାଗି ପଡ଼ିଛନ୍ତି । ପିଇବାକୁ ପାଣି, ଖାଇବାକୁ କିଛି କଦଳୀ, କଅଁଳିଆ ପତ୍ର ଦେବାରେ ଲାଗିପଡ଼ିଛନ୍ତି ।ବିଚରା ଜନ୍ତୁପିଲାଟି ଶୋଇଗଲା । ଏବେ ଜଣେ ଜଗି ବସିଲା ଓ ଅନ୍ୟମାନେ ବିଶ୍ରାମ କଲେ ।

ନୌବଳ ଅଧିକାରୀ ମନେମନେ ଆନନ୍ଦିତ । ଦୁଇ ସପ୍ତାହ ଚାଲି ଗଲାଣି, ଆଉ ଦିଟା ସପ୍ତାହରେ ସେମାନେ ସିଂହଳରେ ପହଞ୍ଚିଯିବେ । ତାଙ୍କର କଳିଙ୍ଗ ସାଗରରେ ଜଳଦସ୍ୟୁ ତଦାରଖ କାମ ଛାଡ଼ି ରାଜାଙ୍କ ଅତି ବାଞ୍ଛିତ ସିଂହଳକୁ ହାତୀ ଉପହାର କାମରେ ନିୟୋଜିତ କରାଯାଇଛି । ଅବଶ୍ୟ ଏଇ ହାତୀ ପଠାଇବା ଉଦ୍ୟମ ଏଇଥରଟା ପ୍ରଥମ ନୁହେଁ । କେତେଥର ଚେଷ୍ଟା କରାଯାଇ ପୁଣି ବନ୍ଦ କରାଯାଇଛି । ସମ୍ଭବ ହୋଇନି ହାତୀଟିକୁ ସାଗର ଦେଇ ମାସେ ସମୟ ଅବଧିରେ ସିଂହଳରେ ପହ□ାଇବା । ଅନେକଥର ଏହି ଚେଷ୍ଟା ବିଫଳ ହୋଇଛି । କେତେବେଳେ ହାତୀଟି ନେବାକୁ ପୋତ ସମର୍ଥ ହୋଇନି ତ କେତେବେଳେ ପାଣି ଟଳମଳ ହେଉଛି ଦେଶୀ ପୋତ । ହାତୀଟି ବଡ଼ ତିରିଶି ଲୋକ ବୋହିପାରିବା ପୋତଟିଏ ଆବଶ୍ୟକ କରୁଥିବାରୁ, ଏମିତି ନୂଆ ପୋତ କେବେ ମିଳିନି ଅବା ହାତୀ ଅସ୍ତବ୍ୟସ୍ତ ହେବାରୁ ଦିନେ ଦି ଦିନରେ ନୌଯାତ୍ରା ରଦ୍ଦ କରି ଦିଆଯାଇଛି ।

କଳିଙ୍ଗ ରାଜ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି । ତାଙ୍କର ସଦ୍ୟ ବିବାହିତା କନ୍ୟା ସିଂହଳରୁ ଚିଟାଉ ଦେଇ ହାତୀଟିଏ ପାଇଁ ବିନତି କରିଛନ୍ତି । କଳିଙ୍ଗପରି ରାଇଜକହି ପଠାଇଦେଲ । କଳିଙ୍ଗରାଜାଙ୍କ ଜାମାତାଙ୍କର ହାତୀଟିଏ ନାହିଁ ! ବିଚାରୀ ଏଠାରେ ବାପଘରେ କେତେ ହାତୀ । କେତେ ସବାର ହୁଏ ହାତୀରେ । ଏଠି କଳିଙ୍ଗ ରାଜଦୁଲାଳୀ କେମିତି ବିନା ହାତୀରେ ଚଳିବ, ସେଇଟା ତାର ବିବାହ ପ୍ରସ୍ତାବ ଦିନଠାରୁ ରାଜାଙ୍କ ଚିନ୍ତା ହୋଇଯାଇଛି । ନିଜର ପ୍ରିୟ ହାତୀଟିକୁ ଛାଡ଼ି ଶାଶୂଘରେ କିପରି ଚଳିବ ବୋଲି ରାଜ ପରିବାରରେ ଦୁଃଖର ଛାୟା ଖେଳି ଯାଇଛି । ରାଜାଙ୍କୁ କଳିଙ୍ଗର ମୁଖ୍ୟ ଅମାତ୍ ଆଶ୍ୱାସନା ଦେଇ କିପରି ସେଇ ପ୍ରିୟ ହାତୀଛୁଆଟିକୁ ସିଂହଳ ପ୍ରେରଣ କରାଯାଇ ପାରିବ, ସେଥିପାଇଁ ବାଟ ଖୋଜୁଛନ୍ତି ।

ଛୋଟ ହାତୀଟିର ଓଜନ ଦଶ ଲୋକ ସହିତ ସମାନ ହେଲେ ବି ତଳର କାଠ ସମ୍ଭାଳିବ ନାହିଁ, ସେଥିପାଇଁ ଦୁଇ ପୁରୁଷ ହେବ କଳିଙ୍ଗ ସମର୍ଥ ହୋଇପାରିନି ଦରିଆ ପାରିକୁ ହାତୀ ପଠାଇବାକୁ । ଏଥର କିନ୍ତୁ ଜୋରଦାର ଚେଷ୍ଟା । ରାଜାଙ୍କ ଆଖିରେ ଲୁହ ଦେଖି କଳିଙ୍ଗର କେଉଁ କାରିଗରକୁ ନିଦ ନାହିଁ । କେମିତି ହାତୀଟିଏ କଳିଙ୍ଗ ବୋଇତ ନେଇପାରିବ ।


ପୁଣି ସିଂହଳର ରାଜପୁତ୍ର କଳିଙ୍ଗ ଜାମାତା କଳିଙ୍ଗଙ୍କୁ ଉପହାର ଦେବାକୁ ଘୋଷଣା କରିସାରିଲେଣି । ଏଇ କଳିଙ୍ଗ ଭକ୍ତିଭାବରେ ଏତେ ଜଡ଼ିତ ତାହା କଳିଙ୍ଗଜୀନ ପୂଜାରୁ ସୁସ୍ପଷ୍ଟ ହୁଏ । ସୁବର୍ଣ୍ଣ ଲଙ୍କାର ଅଧିଷ୍ଠାତ୍ରୀ ଦେବୀଙ୍କର ପୂଜାର୍ଚ୍ଚନା ଆଜି ଅସୁର, ଯକ୍ଷ, କିନ୍ନର ମାନଙ୍କ ଅପସାରଣ ହେତୁ ଅବହେଳିତ । ତେଣୁ ସିଂହଳକୁ ଉତ୍ସାହିତ କରି ରାଜକୁଳ ମର୍ଯ୍ୟାଦା ପାଇଁ ହାତୀଟିଏ ନେଇ କଳିଙ୍ଗ ବୋଇତଟିଏ ଚନ୍ଦ୍ରଭାଗା କୂଳରୁ ଯଦି ଅନୁରାଧାପୁର ଆସେ, ଆମେ ଏହି ଦେବୀଙ୍କୁ ଓଡ଼ିଶା ସମର୍ପଣ କରିବୁ ।

ଜ୍ୱାଇଁଙ୍କର ଏହି ପତ୍ରଟି ରାଜାଙ୍କୁ ଯେତିକି ଖୁସି ଦେଉଥିଲା, ସେତିକି ଦୁଃଖ ଦେଉଥିଲା । ଜ୍ୱାଇଁ ତାଙ୍କ ଝିଅର ଯତ୍ନ ନେବାକୁ ତତ୍ପର, କିନ୍ତୁ ଶଶୁର ସହସ୍ର ହାତୀର ସମ୍ରାଟ ହୋଇ ବି ଗୋଟିଏ କୁଜି ହାତୀଟିଏ ପଠାଇବାକୁ ଅକ୍ଷମ । କଳିଙ୍ଗରାଜଙ୍କର ଛାତି ବିଦୀର୍ଣ୍ଣ ହୋଇ ପଡ଼ୁଛି ।

କଳିଙ୍ଗ ମହାମାତ୍ କିନ୍ତୁ ହାର ମାନି ନାହାନ୍ତି । ଦୁଇ ଦୁଇ ଥରର ସଦ୍ୟ ବିଫଳତା ତାଙ୍କର କିଛି ସାହସ ଆଣିଛି । ରାଜାଙ୍କ ଅଗୋଚରରେ ସିଏ ଚିଲିକା ଭିତରେ ଥିବା ପୋତ କାରଖାନାରେ ମନପ୍ରାଣ ଦେଇ ବ୍ୟସ୍ତ । ହାତୀ ଛୁଆଟି ରାଜଜେମା ବାହାଘର ପରେ ତାକୁ ଜଣେ ଯନ୍ତ୍ରକ ଜିମା ରଖାଯାଇଛି । ନୂତନ ପୋତଟି ଗୋଟିଏ କାହିଁକି ଦୁଇଟି ହାତୀ ବୋହିବାର ଶକ୍ତି ଧାରଣ କରିଛି । ତାମ୍ରଲିପ୍ତ ବନ୍ଦରରୁ ପୋତଟି ତମ୍ବା ଆସ୍ତରଣ ଦିଆ ହୋଇ ଆସିଛି । ବୋଇତଟି ଟଳମଳ ହେବନି କି ପାଣି ଝରିବନି ଭିତରକୁ । ବାରମ୍ବାର କଳିଙ୍ଗ ସିଂହଳ ପଥର ଅଭ୍ୟସ୍ତ ନୌଚାଳକ ବଛାଯାଇଛନ୍ତି ।

ଏବେ ସୁରୁଖୁରୁରେ ପୋତଟି ନୈଋତ ମୁହାଁ ହୋଇ ଚାଲିଛି ବୋଲି ନୌଜୀବିକ ନିଶ୍ଚିନ୍ତ । ଧ୍ରୁବତାରାର ଅବସ୍ଥାନ ପ୍ରମାଣ କରୁଛି ସେମାନେ ଅଳ୍ପ ଦିନରେ ଅନୁରାଧାପୁରରେ ବୋଇତ ଲଗାଇବାକୁ ସମର୍ଥ ହେବେ ।

କଳିଙ୍ଗ ହାତୀ ଯେତେବେଳେ ଅନୁରାଧାପୁର ମାଟି ସ୍ପର୍ଶ କଲା, ଏହା ସିଂହଳ ପାଇଁ ଶୁଭ ସଂକେତ ଆଣିଲା । କଳିଙ୍ଗ ବସତି ଗୁଡ଼ିକ ଏହି ପ୍ରିୟ




ଜନ୍ତୁଟିର ଦର୍ଶନରେ ସିଂହଳକୁ କଳିଙ୍ଗର ମାନ୍ୟତା ଦେଲେ । ଆଉ କେତେ କଳିଙ୍ଗ ହାତୀ ସିଂହଳରେ ପହଞ୍ଚ ପାରିଲେ । ମୋଟାମୋଟି କେଇ ପୁରୁଷ ସମୟ ଅବଧିରେ ସିଂହଳ ଓଡିଶା ପରି ଶକ୍ତ କଳାହାତୀର ଉପ୍ତଭିସ୍ଥଳ ହୋଇ ପାରିଲା । ସିଂହଳ ଏବେ ଦ୍ୱିତୀୟ କଳିଙ୍ଗ ।

ସିଂହଳର ରାଜା ନିଜର ପ୍ରତିଶ୍ରୁତି ଅନୁସାରେ ଜଣେ ସାଧକଙ୍କ ସହିତ ସୁବର୍ଣ୍ଣ ଲଙ୍କାର ଅଧିଷ୍ଠାତ୍ରୀ ଦେବୀଙ୍କୁ ଦରିଆ ଦେଇ କଳିଙ୍ଗ ପଠାଇଲେ । ସୁବର୍ଣ୍ଣ ଲଙ୍କାର ରାଜା ରାବଣ ଦୈନିକ ମା' ଙ୍କର ଆଶୀର୍ବାଦ ଭିକ୍ଷା କରିବାର ପୌରାଣିକ ଉପାଖ୍ୟାନ ରହିଛି । ସେଇ ବୋଇତଟି ପ୍ରାଚୀ ନଦୀ ମୁହାଣରେ କଳିଙ୍ଗ ମଧକୁ ଆସିଲା । କିନ୍ତୁ କାକଟପୁର ଠାରେ ରହିଗଲା । ସାଧକ ସଂକେତ ଦେଲେ ମା' ଠାକୁରାଣୀ ଏଇଠି ବିଜେ କରିବେ । ସାଧନା ବଳରେ ପ୍ରାଚୀ ଅବବାହିକାରେ କାଳକାଳକୁ ବିଖ୍ୟାତ ହୋଇ ମା ମଙ୍ଗଳା ବିଜେ କଲେ ।

ଏହି ଲୋକ କଥା ପ୍ରାଚୀନ କଳିଙ୍ଗର ଲୁପ୍ତ ଅଲେଖା ଇତିହାସ, ସାହସିକତା ଓ ମାନସିକତା ପ୍ରତିପାଦନ କରେ ।

ଖାଲି ସେତିକି ନୁହେଁ, ପରବର୍ତ୍ତୀ ସମୟରେ ମଗଧ ସମ୍ରାଟ ଅଶୋକ ବର୍ଦ୍ଧନ ମୌର୍ଯ୍ୟ ଅତିକମ୍ ରେ କଳିଙ୍ଗ ପରି ପରାକ୍ରମୀ ପ୍ରଦେଶ ପାଇଗଲେ ଆଉ ଧର୍ମ ପ୍ରଚାରପାଇଁ କଳିଙ୍ଗପୋତର ସଂପୂର୍ଣ୍ଣ ଆଶ୍ରିତ ହେଲେ । ନିଜର ପୁତ୍ର କନ୍ୟାଙ୍କୁ ଭରସାର ସହିତ ଆଠଟି କଳିଙ୍ଗ ପରିବାର ଓ ବୋଧିଦ୍ରୁମ ସହିତ ସିଂହଳ ପଠାଇଥିଲେ । ସେଇ ଆଠଟି ପରିବାର ସିଂହଳରେ ଚିରଦିନ ପାଇଁ ରହିଗଲେ । ଏହା ସୂଚାଇ ଦିଏ କି କଳିଙ୍ଗ ରାଜ୍ୟର ଦରିଆ ପାରି ଦ୍ୱିତୀୟ ଆବାସ ଥିଲା ସିଂହଳ ।

ଅଶୋକ ଜାଣିବାର କେତେ ଶତାବ୍ଦୀ ପୂର୍ବରୁ ବୁଦ୍ଧ ବି କଳିଙ୍ଗ-ସିଂହଳ ସମ୍ପର୍କ ବିଷୟରେ ଅବହିତ ଥିବାର ସୂଚନା ମିଳେ । ସେ କହିଥିବାର କିମ୍ବଦନ୍ତୀ ଅଛି, କଳିଙ୍ଗ ପରି ରାଜ୍ୟରେ ବୌଦ୍ଧଧର୍ମ ଦୁଇ ହଜାର ବର୍ଷ ତିଷ୍ଠିପାରେ । କିନ୍ତୁ କୌଣସି ପ୍ରକାରେ ଏହା ଯଦି ସିଂହଳରେ ପଶିପାରିବ, ତାହା ପା□ହଜାର ବର୍ଷ ଜାଜୁଲ୍ୟମାନ ହୋଇ ରହିଥିବ । ସତରେ ତାଙ୍କର ଦୂରଦୃଷ୍ଟି କେତେ ଥିଲା ଆଉ ପରୋକ୍ଷ ଭାବରେ ସେ କଳିଙ୍ଗର ଦରିଆପାରି ସମ୍ପର୍କ ଉଲ୍ଲେଖ କରିଛନ୍ତି, ଯାହାକି ତଦାନୀନ୍ତନ ଭାରତବର୍ଷରେ କାହାକୁ ଅବିଦିତ ନଥିବ ।

ଆଉ ଗୋଟିଏ କଳିଙ୍ଗ-ସିଂହଳ ସମ୍ବନ୍ଧ ହେଉଛି କଳିଙ୍ଗର ଦନ୍ତପୁର ରାଜଧାନୀରୁ ବୁଦ୍ଧଙ୍କର ଦନ୍ତଭସ୍ମର ଅନୁରାଧାପୁର ପ୍ରେରଣ ଓ ସେଠାରେ ବିଶାଳ ଆୟୋଜନ, ସ୍ତୁପ ନିର୍ମାଣ ତଥା ବୌଦ୍ଧଧର୍ମର ପ୍ରସାର ।

ସିଂହଳରେ କଳିଙ୍ଗ ପ୍ରଭାବ ଅନ୍ୟୁନ ଦୁଇ ହଜାର ବର୍ଷ ଧରି ରହିପାରିଥିଲା । ଏହା କଳିଙ୍ଗର ଗୌରବମୟ ନୌବାଣିଜ୍ୟ ଓ ବସତିସ୍ଥାପନ କାଳ କୁହାଯାଇ ପାରେ । ବୁଦ୍ଧଙ୍କ କେଇ ଶତାବ୍ଦୀ ପୂର୍ବରୁ କଳିଙ୍ଗ ସୃଷ୍ଟ ସିଂହଳରେ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ କଳିଙ୍ଗର ପ୍ରଭୁତ୍ୱ ଅନୁଭୂତ ହୁଏ ।

ଏପରିକି ଦଶମ ଶତାବ୍ଦୀରେ ସିଂହଳର ରାଜା ଚତୁର୍ଥ ମହେନ୍ଦ୍ର କଳିଙ୍ଗ ରାଜକନ୍ୟାଙ୍କୁ ବିବାହ କରିଥିଲେ । ସେଇ ଦମ୍ପତିଙ୍କର ପୁତ୍ର ପଞ୍ଚମ ସେନ ଯେତେବେଳେ ସିଂହାସନ ଆରୋହଣ କଲେ, ତାଙ୍କର ମା' ସିଂହଳ ରାଜନୀତିରେ ବେଶ୍ ପ୍ରଭାବଶାଳୀ ହୋଇପାରିଥିଲେ । ସେନ ସ୍ୱଳ୍ପ ଅବଧି ପାଇଁ ଶାସନକାର୍ଯ୍ୟରେ ଥିଲେ, ତାଙ୍କ ଅନ୍ତେ ତାଙ୍କର ସାନ ଭାଇ ପଞ୍ଚମ ମହେନ୍ଦ୍ର ଭାବରେ ଗାଦିରେ ବସିଲେ ।

ଏକାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସିଂହଳ ରାଜଦରବାରରେ କଳିଙ୍ଗ ଗୋଷ୍ଠୀ ପୁନରାୟ ଅଧିକ ଶକ୍ତିଶାଳୀ ହୋଇ ଉଠିଲେ । ରାଜା ପ୍ରଥମ ବିଜୟବାହୁ (ଖ୍ରୀ ୧୦୫୫-୧୧୦୦) କଳିଙ୍ଗ ରାଜକୁମାରୀ ତ୍ରିଲୋକସୁନ୍ଦରୀଙ୍କୁ ବିବାହ

କରିଥିଲେ। ଏହି ସମୟରେ କଳିଙ୍ଗର ତିନିଜଣ ରାଜକୁମାର ସିଂହଳକୁ ଆଗମନ କରି, ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ବିଜୟବାହୁଙ୍କର କନ୍ୟା ରତ୍ନାବଳୀ ସିଂହଳର ସର୍ବପ୍ରଧାନ ରାଜା ପରାକ୍ରମବାହୁଙ୍କ ମାତା ଥିଲେ।

ପ୍ରଥମ ପରାକ୍ରମବାହୁ (ଖ୍ରୀ.୧୧୫୩-୧୧୮୬) କଳିଙ୍ଗ ରାଜକୁମାରୀ ତ୍ରିଲୋକସୁନ୍ଦରୀଙ୍କର ଦାୟାଦ ଭାବରେ ସିଂହଳର ସିଂହାସନ ଲାଭ କରିଥିଲେ। କଳିଙ୍ଗ ରାଜପରିବାର ସହିତ ସମ୍ପର୍କ ତାଙ୍କୁ ଏହି ଆସନରେ ପ୍ରତିଷ୍ଠିତ କରିପାରିଥିଲା। ଯାହା ହେଲେ ବି ସିଂହଳ ରାଜଗାଦି କଳିଙ୍ଗ ଗୋଷ୍ଠୀ ବା ବିବାଦୀ କଳିଙ୍ଗ ଗୋଷ୍ଠୀ ଏମିତି କବଳରେ ଥିଲା। ଏହି ଅରାଜକତା ସମୟରେ କେତେ ରାଜା ଅଳ୍ପ ସମୟ ପାଇଁ ଗାଦିରେ ବସିଥିବେ, ଶେଷରେ ପରାକ୍ରମବାହୁ କଳିଙ୍ଗ ରାଜପୁତ୍ର ଗଙ୍ଗବଂଶଜ ନିଶଙ୍କମଲ୍ଲଙ୍କୁ ଡକାଇ ନିଜ କନ୍ୟାକୁ ବିବାହ କରାଇଥିଲେ, ରାଜ୍ୟର ଉପରାଜା କରିଦେଲେ। ସେଇ ନିଶଙ୍କମଲ୍ଲ ଅରାଜକତା ଦୂରକରି ନିଜକୁ କୀର୍ତ୍ତିନିଶଙ୍କ ଭାବରେ ଅଭିହିତ କରି ନଅ ବର୍ଷ (ଖ୍ରୀ ୧୧୮୭- ୧୧୯୬) ପରାକ୍ରମୀ ନରପତି ହିସାବରେ ସିଂହଳ ଶାସନ କରିଥିଲେ। ସେ ରାମେଶ୍ୱରମ୍ ଠାରେ ନିଶଙ୍କେଶ୍ୱର ମନ୍ଦିର ତୋଳିଥିଲେ।

କଳିଙ୍ଗର ଏତେ ପ୍ରଭାବ ଥିଲେ ଯେ, ସିଂହଳରେ କେହି ବିଦେଶୀ ଶକ୍ତି ଦ୍ୱାରା ଶାସିତ ଏପରି କାହାରି ଧାରଣା ନଥିଲା। ଏମିତି କି ନିଶଙ୍କମଲ୍ଲଙ୍କର ଜଣେ ଉତ୍ତରାଧିକାରୀ ନିଜକୁ ଚୋଡଗଙ୍ଗ ଭାବରେ ନାମିତ କରିଥିଲେ। ବିଖ୍ୟାତ ଚୋଡଗଙ୍ଗ ଆଜିର ଜଗନ୍ନାଥ ମନ୍ଦିର ନିର୍ମାତା। ନିଶଙ୍କଙ୍କ ପରେ ଆଉ ଜଣେ ପରାକ୍ରମୀ ରାଜା ହେଉଛନ୍ତି ସାହସମଲ୍ଲ। ତାଙ୍କର ପ୍ରଚଳିତ ମୁଦ୍ରା ଏବେ ପ୍ରତ୍ନତତ୍ତ୍ୱବିତ୍ ପୁରୀଜିଲ୍ଲା ମାଣିକପାଟଣାରୁ ପାଇଛନ୍ତି।

ଗୋଷ୍ଠୀ କନ୍ଦଳ ସିଂହଳ ଶାସନକୁ ଯେତିକି ଦୋହଲାଇଛି, କଳିଙ୍ଗ ଶକ୍ତିକୁ ବି ସେମିତି ବିଭାଜିତ କରିଛି। ସ୍ୱଳ୍ପ ସମୟ ପାଇଁ କେତେ ଗାଦିରେ ବସିଛନ୍ତି। ନିଶଙ୍କଙ୍କ ସାନଭାଇ ବିକ୍ରମବାହୁ ଏବଂ ରାଣୀ କଲ୍ୟାଣବତୀ ବି ସେମିତି ଗୋଷ୍ଠୀ ବିବାଦର ଶିକାର ହୋଇଛନ୍ତି, ସବୁ ସତ୍ତ୍ୱେ ରହିଛି କଳିଙ୍ଗ ଆଧିପତ୍ୟ। ଏହି ରାଜନୈତିକ ଅସ୍ଥିରତା ବଦଳରେ ପାଣ୍ଡ୍ୟ ସିଂହଳ ଅଧିକାର କରିନେଇଛି।


ସମସାମୟିକ କଳିଙ୍ଗରେ ଗଙ୍ଗଶାସନ, ମେଘ ନାମକ ଜଣେ ଯୋଦ୍ଧା କଳିଙ୍ଗରୁ ୨୪୦୦୦ ସୈନ୍ୟସାମନ୍ତ ସହିତ ସିଂହଳ ଆକ୍ରମଣ କରି ପାଣ୍ଡ୍ୟରାଜାଙ୍କୁ ହଟାଇ ଉତ୍ତରାଧିକାରୀ ଭିତ୍ତିରେ ସିଂହଳ ସିଂହାସନରେ ବସି ଦୀର୍ଘ ୨୧ ବର୍ଷ (ଖ୍ରୀ. ୧୨୧୪-୧୨୩୫) ଶାସନ କରିଥିଲେ।

ଏହା ପରେ ପରେ ସିଂହଳରେ ଆଭ୍ୟନ୍ତରୀଣ କନ୍ଦଳ ଲାଗି ରହିଲା, ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗରେ ଅବସ୍ଥା କଳିଙ୍ଗ ସପକ୍ଷରେ ନଥିଲା, ଏହି ପରିସ୍ଥିତିରେ କଳିଙ୍ଗର ନୌବାଣିଜ୍ୟର ପତନ ଘଟୁଥିବାରୁ ସିଂହଳରେ ନିଜର ପ୍ରଭୁତ୍ୱ ଜାହିର କରିବା ଅସମ୍ଭବ ହୋଇପଡିଲା।

ଏବେ ଶ୍ରୀଲଙ୍କାରେ ସିଂହଳୀ ବନାମ ତାମିଲ ବିଭେଦ ପଡିଲେ, ମନକୁ ଆସେ ମୂଳ ସିଂହଳୀ ଏବଂ ସେମାନଙ୍କର ନାମ କଳିଙ୍ଗ ସହିତ ସମ୍ପୃକ୍ତ ଏବଂ ତାମିଲ ସେହି ପାଣ୍ଡ୍ୟ ଶକ୍ତିକୁ ଅବତାରଣା କରେ।

ମହାଭାରତ ଯୁଗରୁ ଅନ୍ୟୁନ ଦୁଇ ସହସ୍ରାବ୍ଦ କାଳରେ କଳିଙ୍ଗ ନୌବାଣିଜ୍ୟ ପ୍ରତିଷ୍ଠା କରିଥିଲା, ଗଢିଥିଲା ପୂର୍ବ ପ୍ରାଚ୍ୟ ଉପନିବେଶ। ସେଇ ଅବଧିରେ ସିଂହଳ ଥିଲା ଭାରତ ମହାସାଗରରେ କଳିଙ୍ଗସୃଷ୍ଟ କଳିଙ୍ଗ ବସତି ବିଶିଷ୍ଟ ଗୋଟିଏ ଉପଗ୍ରହ ଦ୍ୱୀପ, କଳିଙ୍ଗ ପୋତର ସୁବର୍ଣ୍ଣଭୂମି ଯାତ୍ରାର ମଧ୍ୟବର୍ତ୍ତୀ ଆଶ୍ରୟସ୍ଥଳ। ଏହାର ବିଚ୍ୟୁତି ଇତିହାସରେ ସେଇ ନୌବାଣିଜ୍ୟ ପତନ ସହ ସମଭାଗୀ। କିନ୍ତୁ ଏବେ ଏହି ଶ୍ରୀଲଙ୍କା ଭୂମିରେ ଯେତିକି କଳିଙ୍ଗ ପ୍ରତ୍ନତତ୍ତ୍ୱ ଭାରତ ଇତିହାସକୁ ସମୃଦ୍ଧ କରେ, ମୂଳ ରାଇଜ ଓଡିଶାରେ କବି ମାନଙ୍କର କୃତିକୁ ଅନୁରୂପ ପ୍ରଭାବିତ କରେ। ପୁଣି ମା ମଙ୍ଗଳାଙ୍କ ବିଷୟରେ ରଚିତ ଲୋକ କଥା ପ୍ରାକ୍ ଇତିହାସ କାଳରେ କଳିଙ୍ଗ ଦୂରତ୍ୱକୁ ଜୟ କରିବାର ପ୍ରମାଣ ଦିଏ।

ପ୍ରାକ୍ତନ ଇତିହାସ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ,
ମୋ - ୯୯୩୭୪୩୨୯୩୩



# ଆମ ରକତ ଏଇ ଜଗନ୍ନାଥ ମାଟିର

*ଡାକ୍ତର ତନୟା ଜେନା*

ସୁବର୍ଣ୍ଣ ଆଉ କାର୍ତ୍ତିକ। ମୁହଁକୁ ମୁହଁ ଯୋଡି ବସିଛନ୍ତି ପୁରୀ ଶ୍ରୀମନ୍ଦିର ପୋଲିସ୍ ଫାଣ୍ଡି ବାରଣ୍ଡାରେ। କେତେ କେତେ କଥା ମନକୁ ଚାଲି ଆସୁଛି। ଆଖି ଦୁଇଜଣଙ୍କର ଲୋତକପୂର୍ଣ୍ଣ। ପାଖରେ ଠିଆ ହୋଇଛନ୍ତି ପୁଅ ଆଉ ବୋହୂ।

କିଛି କହିବ କହିବ ବୋଲି କାର୍ତ୍ତିକ ଚାହୁଁଥିଲା। କୋହରେ ମୁହଁରୁ କିଛି ବାହାରିଲା ନି। ତାର ଏମିତି କାନ୍ଦୁରା ମୁହଁ ଦେଖି ସୁବର୍ଣ୍ଣ ଦୁଃଖରେ ଫାଟି ପଡିଲା। କଅଣ କରିବେ ଏବେ ସେମାନେ? ସମୟ ସେମାନଙ୍କର ଭଲ ପଡିଲାନି।

ଦୁଇଜଣ ଆସିଛନ୍ତି ସୁଦୂର ଇଣ୍ଡୋନେସିଆର ବାଲି ଦ୍ୱୀପରୁ। ଜୀବନର ଗୋଟିଏ ନିର୍ଣ୍ଣୟ ନେଇ ମନର ଅରମାନ ମେଣ୍ଟାଇବାକୁ ପୁରୀ ଧାଇଁ ଆସିଛନ୍ତି। ଧର୍ମ ବିଶ୍ୱାସୀ ବାଲି ଦ୍ୱୀପର ହିନ୍ଦୁ ସେମାନେ। ଜାତିରେ ସେମାନେ ବୈଶ୍ୟ ସେଠିକାର ହିନ୍ଦୁ ସମାଜରେ। ଭାବପ୍ରବଣ ହୋଇ ଆସିଛନ୍ତି ଭାରତ ବର୍ଷର ଏଇ ପୁଣ୍ୟଭୂମି ଓଡିଶାକୁ।

କାର୍ତ୍ତିକ ବାଲିଦ୍ୱୀପର ରାଜଧାନୀ ଡେନ୍‌ପାସର ସହରତଳି ସର୍ବଗୀତା ପାଖର ଗୋଟିଏ ଗାଁ ର ବାସିନ୍ଦା। ଜମିବାଡି କିଛି ଅଛି, ହାଇସ୍କୁଲ ସମତୁଲ ପରୀକ୍ଷା ପାଶ୍ କରିବା ପରେ ସିଏ କୌଣସି ହୋଟେଲରେ କାମ କରି ଚଳିଯାଏ। ଅଳ୍ପ ଅଳ୍ପ ଇଂରାଜୀ କହି ପାରୁଥିବାରୁ ହୋଟେଲ ମାଲିକ ତାଙ୍କୁ ଅନେକ ସମୟରେ ଟୁରିଷ୍ଟ ବସ୍‌ରେ ଗାଇଡ୍ ଭାବରେ ପଠାଇ ଥାଆନ୍ତି। ଏମିତି ବାଲି ଦ୍ୱୀପର ରାଜଧାନୀ ଡେନପାସର୍ ଗୋଟିଏ ପର୍ଯ୍ୟଟନ ତୀର୍ଥ ପାଲଟି ଯାଇଛି। ବେଶ୍ ଭଲ ଯାତ୍ରୀ ବ୍ୟବସାୟ ବାଲିରେ, କେତେ କେତେ ଆମେରିକା, ଅଷ୍ଟ୍ରେଲିଆ, ନିଉଜି ଲାଣ୍ଡ ଓ ଭାରତ ପର୍ଯ୍ୟଟକ।

ବହୁ ଦେଶର ପର୍ଯ୍ୟଟକ ମାନଙ୍କ ଦ୍ୱାରା ହୋଟେଲ ଗୁଡିକ ସବୁବେଳେ ଭର୍ତ୍ତି। ବହୁ ଭାରତ ଲୋକ ବି ଏଠାକୁ ଆସନ୍ତି। ସେମାନେ ହିଁ ହିନ୍ଦୁ। କାର୍ତ୍ତିକ ସୁବର୍ଣ୍ଣକୁ କହିଥାଏ, ଆମେ ବାପ ଜେଜେଙ୍କ ଠାରୁ ଶୁଣିଛୁ ସେମାନଙ୍କ ପୂର୍ବ ପୁରୁଷମାନେ ଭାରତରୁ ଆସିଛନ୍ତି। ଏତେ ପୂର୍ବରୁ ଆସିଛନ୍ତି ଯେ, କେହି ସମୟ କଳନା କରିପାରିବେନି। ମନରେ ଗୋଟିଏ ଭାବ ଆସେ, ଏହି ପର୍ଯ୍ୟଟକ ମାନଙ୍କୁ ଦେଖିଲେ। ଦିନେ ଦିନେ ଏମିତି ଜଣେ ଅଧେ ବିଦେଶୀ ହାବୁଡେ ପଡିଗଲେ ତାଙ୍କର ଆବଭାବ ଦେଖିଲେ ନିଜର ନିଜର ବୋଲି ମନେହୁଏ। ହେଲେ ମନରେ କେତେ କଥା ଚିନ୍ତାକୁ ଆସିଯାଏ କାର୍ତ୍ତିକଙ୍କର। କହିବାକୁ ସାହସ ଯୁଟାଇ ପାରେନି।

ସବୁବେଳେ ଏହି ହିନ୍ଦୁ ପର୍ଯ୍ୟଟକଙ୍କ କଥା କହି ଚାଲେ କାର୍ତ୍ତିକ। ସୁବର୍ଣ୍ଣ ଶୁଣିଶୁଣି ଅଭ୍ୟସ୍ତ ହୋଇ ଗଲାଣି। ଯଦି କେତେବେଳେ ନୂଆ କଥାଟିଏ କାର୍ତ୍ତିକ କହିବ, ସେଇଟା ଭାରତୀୟ ହିନ୍ଦୁ ପର୍ଯ୍ୟଟକଙ୍କ ବିଷୟରେ ଆଉ ତନ୍ମୟ ହୋଇ କହିଚାଲେ ସେମାନଙ୍କର କଥାଭାଷା, ଆବଭାବ। କାର୍ତ୍ତିକକୁ ରାତିରେ ନିଦ ଆସେନି ଯେଉଁଦିନ ଜଣେ ଇଣ୍ଡିଆନ୍ ଯାତ୍ରୀ ପାଇଥିବ ଆଉ ଦି ପଦ କଥା ହୋଇଥିବ।

କାର୍ତ୍ତିକର ପୁଅ ଋଷି। ସିଏ ଏବେ ଜଣେ ଆଇ.ଟି. ପରସୋନେଲ୍। ଆମେରିକାରେ ଚାକିରି କରେ। ମା ବାପାଙ୍କ କୃପାରୁ ସଫ୍ଟୱେୟାର ଇଞ୍ଜିନିୟର ହୋଇ କୌଣସି ଆମେରିକାନ୍ ଆଇ.ଟି. କମ୍ପାନୀରେ ନିଯୁକ୍ତି ପାଇଛି। ବାହାସାହା ସରିଗଲାଣି। ବୋହୂଟିର ନାଁ ପ୍ରାଚୀ।

ମା ପୁଅ ଦି ଜଣ କାର୍ତ୍ତିକର ଧାର୍ମିକ ଆଚରଣରେ ଯେତିକି ସ୍ତମ୍ଭୀଭୂତ ତାଙ୍କର ହିନ୍ଦୁପ୍ରିତିରେ ସେତିକି ଆଶ୍ଚର୍ଯ୍ୟ। ପ୍ରତିଦିନ ଗୋଟିଏ ଗୋଟିଏ ନୂଆ ନୂଆ ଭାବନା। ସତରେ ସୁବର୍ଣ୍ଣ ବି କାର୍ତ୍ତିକ ପରି ନୈଷ୍ଠିକ ହିନ୍ଦୁ ଘରର ଝିଅ ସେଇ ବାଲିଦ୍ୱୀପର। କିନ୍ତୁ ତାର ଚିନ୍ତାଧାରା ଏମିତି ଭାରତ ଯାଏ ଲମ୍ବି ଯାଇନି। ସିଏ ବାଲିଦ୍ୱୀପର ହିନ୍ଦୁ ମାନଙ୍କ ମଧ୍ୟରେ ଯେଉଁ ଚାରି ଜାତିର ଲୋକ ଅଛନ୍ତି ସେଇ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଆଉ ଶୂଦ୍ର ଜାତି ମଧ୍ୟରୁ ବ୍ରାହ୍ମଣ ଘରର ଝିଅ। କିନ୍ତୁ ସେଇ ଚାରି ଜାତି ମଧ୍ୟରେ ଏମିତି ବୈବାହିକ ସମ୍ବନ୍ଧରେ ଜାତି କିଛି ଅନ୍ତରାୟ ହୁଏନି। ଘର ଘର ଭିତରେ ରାଜି ତ ବିଭାଘର ହୋଇଯାଏ। ସେମିତି ସୁବର୍ଣ୍ଣ କାର୍ତ୍ତିକର ହୋଇଛି ଧର୍ମପତ୍ନୀ।

ଦିନକର କାର୍ତ୍ତିକ କହେ, "ଆଜି ମୋତେ ଜଣେ ହିନ୍ଦୁ ପର୍ଯ୍ୟଟକ ଆମ ବାଲିର ହିନ୍ଦୁଙ୍କ ବିଷୟରେ ଅନେକ କଥା ପଚାରିଲେ। ମୋତେ କହିବାକୁ ଭଲ ଲାଗିଲା। କିନ୍ତୁ ପ୍ରଥମେ ଯାହା ପଚାରିଲେ, ମୋର ଅକଲ ଗୁଡୁମ୍ ହୋଇଗଲା, ଏମିତି ବିଧର୍ମୀ କଥା ସେ ପଚାରି ପାରିବେ, ମୁଁ କେବେ ବି କଳ୍ପନା କରି ନ ଥିଲି। ଦଳେ ହିନ୍ଦୁଙ୍କ ଭିତରେ ସିଏ କେବଳ ତୁହାକୁ ତୁହା ବାଲିର ହିନ୍ଦୁ ସମାଜ ବିଷୟରେ ଜାଣିବାକୁ ଚାହୁଁଥିଲେ।"

ସୁବର୍ଣ୍ଣ ପଚାରିଲା, "କଅଣ ଏମିତି ପଚାରିଲେ ଯେ ତୁମର ଅକଲ ଗୁଡୁମ୍ ହୋଇଗଲା ?"

"ତୁମ ବାଲିର ହିନ୍ଦୁମାନେ ଗୋମାଂସ ଖାଆନ୍ତି କି ?"

"ତୁମେ କଅଣ କହିଲ ?"

"ମୁଁ କହିଲି ବୃଷଭ ପରା ଶିବଙ୍କ ବାହାନ !" ମନକୁ ପାପ ଛୁଇଁଲା ଆମକୁ ଏମିତି ଭାବୁଛନ୍ତି ବୋଲି ।

ବଡ ପାଟିରେ" ଓଁ ବୁହୁବ୍ରୁ ସ୍ୱାହା... " ମନ୍ତ୍ରଟି ଗାଇଲି ।

ଶୁଣି ଦୁଃଖୀ ହୋଇଗଲେ ସେଇ ପର୍ଯ୍ୟଟକ । କହିଲେ, "ସେଇ ମନ୍ତ୍ରଟି ଗାଉଛ ଗାୟତ୍ରୀ ମନ୍ତ୍ର । କେବେଠାରୁ ଶିଖିଲଣି ? କିଏ ଶିଖାଇଛି ?"

କହିଲି, "ଏଇଟି ଆମର ନିତି ଜପା ମନ୍ତ୍ର । ହିନ୍ଦୁତ୍ୱର ସନ୍ତକ ।"

"କାର୍ତ୍ତିକ ତୁମର ମନ କଷ୍ଟ ଦେଲି ବୋଲି ଦୁଃଖିତ । ତୁମର ନାଁଟା ତ ଆମ ଦେଶ ନାଁ ପରି । ଗୋଟିଏ ଧର୍ମ ମାସର ନାଁ । ଅନ୍ତତଃ ସେହି ଧର୍ମ ମାସରେ ଆମ ରାଜ୍ୟରେ ଯେତେ ପୁଅ ଜନ୍ମ ହୁଅନ୍ତି, ସେଇ ପିଲାଙ୍କ ନାଁ କାର୍ତ୍ତିକ ଦିଆଯାଏ । ଧର୍ମରେ କାର୍ତ୍ତିକଙ୍କ ପିତା ଶିବ । ତାଙ୍କ ବାହାନ ବୃଷଭ । ତୁମର ମନ ଦୁଃଖ କରନି, ମୁଁ ଅଜାଣତରେ ଏମିତି ପଚାରି ଦେଇଛି । କ୍ଷମା କରିବ ।"

"ସେଇ ବାବୁଙ୍କ ନାଁ କି ଠିକଣା ମୁଁ ପଚାରି ପାରିନି । ମୁଁ ତାଙ୍କୁ ସିଏ ବାଲି ଛାଡିବା ପରେ ଏତେ ମନେ ପକାଉଚି, ଅଥଚ ଥିବା ବେଳେ ତାଙ୍କ ବିଷୟରେ ପଦଟିଏ ବି ପଚାରି ପାରିନି । ସିଏ ଟିକିନିକି ପଚାରି ଯେଉଁ କିଛି ସୂଚନା ଦେଇ ଯାଇଛନ୍ତି, ମୋତେ ତାହା ବଶୀଭୂତ କରିଦେଇଛି । ଥରେ କି ଦିନେ ନୁହେଁ, ସେଇ ହିନ୍ଦୁ ଦଳ ହିନ୍ଦୁ ପ୍ଲାଜା ହୋଟେଲ ଦଖଲ କରି ସାତଦିନ ରହିଥିଲେ, ସାତଦିନ ଯାକ ମୁଁ ତାଙ୍କରି ପର୍ଯ୍ୟଟକ ବସ୍ ରେ ଗାଇଡ୍ ଭାବରେ ଯାଇଛି ।"

କୁସୁମ ପଚାରିଲା, "କଅଣ ଏମିତ ସବୁ କହିଲେ କି ତୁମେ ଭଳି ଯାଇଛ ?"

"ସବୁ ତୁମକୁ ଗୋଟି ଗୋଟି କହିଛି । ତୁମେ ଏ କାନରେ ପୂରାଇ ଆର କାନରେ ବାହାର କରି ଦେଇଥିବ । ମା ପୁଅ ଦି ଜଣ ମୋର ଏଇ ଧର୍ମ ମାନସିକତାକୁ ହେୟ ମନେ କରୁଛ ? ଆଜି କାଲି କଅଣ ଏରୋପ୍ଲେନରେ ମଣିଷ ଯା ଆସ କରୁଛି ବୋଲି ଧର୍ମ ଦୁନିଆଁ ଛାଡି ଚାଲିଗଲା ?"

"ଆଉ ଦିନକର କଥା", କହିଚାଲିଛି କାର୍ତ୍ତିକ, "ସେଇ ଭାରତୀୟ ଭଦ୍ରଲୋକ ତାଙ୍କ ପତ୍ନୀଙ୍କ ସହିତ ବାଟୁରର ଏକ ହୋଟେଲରେ ଖାଇ ଆଗ୍ନେୟଗିରି ଦେଖିସାରି ଅନ୍ୟମାନଙ୍କ ଆସିବା ଆଗରୁ ବସ୍‌କୁ ଚଢିଲେ । ବସ୍‌ରେ ମୁଁ ଅପେକ୍ଷା କରି ଥାଏ । ସବୁଦିନ ଅପେକ୍ଷା ଭଦ୍ରଲୋକ କଳା ଜ୍ୟାକେଟ୍ ପିନ୍ଧି ବେଶ୍ ସତେଜ ଦେଖାଯାଉଥାଆନ୍ତି । ମୋତେ ପଚାରିଲେ, ଏଇ ଆଗ୍ନେୟଗିରିର ନାଁ କିଣ୍ଟାମଣି ନା ଚିନ୍ତାମଣି ?"



"ମୁଁ ତ ଚିନ୍ତାମଣି ଶବ୍ଦ କେବେ ଶୁଣିନି, ତେଣୁ କହିଲି, କିନ୍ତାମଣି ସାର୍।" ଟିକିଏ ସମୟ ପରେ କାର୍ତ୍ତିକ ଉତ୍ତର ଦେଇଛନ୍ତି।

କିନ୍ତୁ ସେ କହିଚାଲିଲେ, "ଆମ ମାତୃଭାଷାରେ ଚିନ୍ତାମଣିର ଅର୍ଥ ଚିନ୍ତା ବା ଭୟର ଗନ୍ତାଘର। ଆଜି ସିନା ନିଷ୍ପ୍ରଭ ହୋଇଗଲା, ଦିନେ ନା ଦିନେ ନିଶ୍ଚୟ ଏହି ଚିନ୍ତାମଣି ଆଗ୍ନ୍ୟୁଦଗିରଣ କରି ଏଠାରେ ସମସ୍ତଙ୍କ ଜୀବନକୁ ଉଚ୍ଛନ୍ନ କରି ରଖିଥିବ। ଏଥିପାଇଁ ତୁମର ସେ ସମୟର ପୂର୍ବ ପୁରୁଷ ମାନେ ନାଁ ଦେଇଥିଲେ ଚିନ୍ତାମଣି। ଚିନ୍ତାମଣି ଆମ ରାଇଜର ନାଁ, ତୁମର ଏଠାରେ ସେଇ ନାଁଟି ଅପଭ୍ରଂଶ ହୋଇ କିଣ୍ଟାମଣି ହୋଇଯାଇଛି।"

"ମୋ ମନରେ ବିସ୍ମୟ ଭାବ ଦେଖି ସିଏ ମନେମନେ ହସୁଥିଲେ। ମୁଁ ଭାବି ଚାଲିଥିଲି, ଏଇ ପର୍ଯ୍ୟଟକ କୁଆଡୁ ଆସି ଆମ ସହ ଭାଷାର ସମ୍ପର୍କ ଯୋଡୁଛନ୍ତି। କେତେ କେତେ ଭାଷାରେ ବି ଏହି କିନ୍ତାମଣି ଶବ୍ଦଟି ସମ୍ଭବ ହୋଇପାରେ।" ଉତ୍ତର ଦେଇଥିଲେ କାର୍ତ୍ତିକ।

ସୁବର୍ଣ୍ଣ ମନକୁ କାହିଁକି ପାଇଗଲା। ସିଏ କହିଲା, "ସତରେ ହୋଇପାରେ। ଯଦି କିନ୍ତାମଣିର ଅର୍ଥ ଆମ ପାଖରେ କିଛି ନାହିଁ, ମାତ୍ର ତାଙ୍କ ଭାଷାରେ ଠିକ୍ ଅର୍ଥ ବୁଝାଉଛି, ସେଇଟା ଠିକ୍ ହୋଇପାରେ।"

କାର୍ତ୍ତିକ ମନରେ ହସର ଏକ ଲହରୀ ଖେଳିଗଲା। ସୁବର୍ଣ୍ଣ ଆସ୍ତେ ଆସ୍ତେ ବୁଝିଗଲାଣି। ଆମର ହିନ୍ଦୁତ୍ୱ ଭାରତକୁ ଲମ୍ବିଛି। ନହେଲେ ଏ ବାଲିଦ୍ୱୀପକୁ ହିନ୍ଦୁ କୁଆଡେ ଆସନ୍ତେ? ସେତିକି ବେଳକୁ ମୋର ମନେ ପଡିଗଲା ପର୍ଯ୍ୟଟକଙ୍କ ପତ୍ନୀଙ୍କ ଚଷମା ଚୋରି କଥା। ସୁଯୋଗ ପାଇ ସୁବର୍ଣ୍ଣକୁ ବତାଇ ଦେବାକୁ ମନହେଲା।

କହିଲି, ସେଇ ପର୍ଯ୍ୟଟକ ବାବୁଙ୍କର ସ୍ତ୍ରୀ ତାଙ୍କ ଦେଶର ଶାଢିଟିଏ ଏମିତି ପିନ୍ଧିଥିଲେ, ଆମକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗିବ। କାରଣ ଜାଣି ପାରୁନି, ସେଇ ପ୍ରକାରର ଛାପ ଭାରି ମନଲୋଭା ଓ ଆମ ବାଲିର କିଛି ଗୁଣ ରହିଥିବା ପରି ଗୋଟିଏ ନିଜତ୍ୱ ଭାବନା ଆସିବ। ଯାହା ହେଉ, ସେଇ ମାଡାମ୍ ଗୋଟିଏ ଅତି ସୁନ୍ଦର ଚଷମାଟିଏ ପିନ୍ଧିଥିଲେ। ଦୂରରୁ ଝାମ୍ପ ମାରି ବଡ ହନୁଟି ସେଇ ଚଷମା ଛଡାଇନେଲା ଓ ତିନି ପୁରୁଷ ଉଚ୍ଚରେ ଗଛ ଡାଳରେ ବସି ତଳ ଉପର କରି ଦେଖିବାକୁ ଲାଗିଲା। ଶେଷକୁ ନିଜ ମୁହଁରେ ପିନ୍ଧିବାକୁ ଚେଷ୍ଟା କରୁଥାଏ। ସମସ୍ତେ ବ୍ୟସ୍ତ ହୋଇଗଲେଣି, ଚଷମାଟି ହନୁ ଫେରାଇବାର ଆଶା ଛାଡିଦେଲୁ।

ସୁବର୍ଣ୍ଣ ବି ଶୁଣିବାର ଧୈର୍ଯ୍ୟ ହରାଇଲା। ପଚାରିଲା, "ସେ ଚଷମା ମିଳିଲା ନା ନାହିଁ?"

"ହଁ, ହଁ ମିଳିଲା। ଟିକିଏ ବୁଦ୍ଧି ଖର୍ଚ୍ଚ କରି ଅଳ୍ପକିଛି ଭୋଗ ଯାଚି ଦେବାରେ ହନୁଟି ଚଷମା ଦେଇଗଲା। ବହୁ ଧନ୍ୟବାଦ ଦେଲେ ସେଇ ପର୍ଯ୍ୟଟକ ଦମ୍ପତି। କିଛି ବକସିସ୍ ଦେବାକୁ ଉଦ୍ୟତ ହେବାବେଳେ ମୁଁ ହାତ ଯୋଡି ନମସ୍କାର କରିଦେଲି। କାରଣ ସେଇଟା ହିନ୍ଦୁ ଧର୍ମର ମାନ୍ୟାର୍ଥ। ସେତିକି ବେଳେ ସେ କହିଲେ, ଆମର ଦେଶର ପୁରୁଣା ମନ୍ଦିର ସବୁ ଏମିତି ମୂର୍ତ୍ତି ଆଉ ଚିନାବାଦାମ, ନଡିଆଖିଆ ହନୁ ନହେଲେ ପାତି ମାଙ୍କଡ।"

ସୁବର୍ଣ୍ଣ ଏସବୁ ଶୁଣିବାକୁ ଆଗଭର ହେଲାଣି। ପଚାରିଲା, "ଆମର ପୂଜା ନୀତି ବିଷୟରେ କିଛି ପଚାରି ନାହାନ୍ତି?"

କାର୍ତ୍ତିକ ଉତ୍ତର ଦେଲେ, କହିଥିଲି, ଦିନେ ହୋଟେଲର ବସ୍ ବାହାରିବାବେଳେ ମୋର ଓ ମୋ ସାଥୀ ଭୀମର ଫଟୋ ଉଠାଇଲେ। ସେଇ ପାଖରେ ହୋଟେଲର ପୂଜା କୋଣ। କହିଲେ, "ଏଇଟା ତ ତୁମର ଐଶାନ୍ୟ କୋଣ। ତୁମେ କଅଣ ସବୁ ଭୋଗ ଦିଅ?"

"ଆମ ଖାଦ୍ୟ, ପାଣି, ମିଠା, ଚକୋଲେଟ୍ ଏମିତିକି ଧୂମପାନ ବି ଠାକୁରଙ୍କ ବିନା ଅର୍ପଣରେ ଆମେ ଆହାର ଛୁଇଁବୁ ନାହିଁ।" କାର୍ତ୍ତିକଙ୍କ ଉତ୍ତର।

ପର୍ଯ୍ୟଟକ ଚମକି ପଡିଲେ। ଆଶ୍ଚର୍ଯ୍ୟ ହୋଇ କହିଲେ, "ତୁମର ଏଠିକାର ଶତକଡା ପଞ୍ଚାନବେ ଭାଗ ହିନ୍ଦୁ ମାନେ ଏମିତି ପୂଜା କରନ୍ତି?"

"ନାଁ, ବାଲିରେ ଏଇଟା ନୀତି ହୋଇଗଲାଣି। ଘର-ହୋଟେଲ, ହିନ୍ଦୁ-ମୁସଲମାନ ସବୁ ଏମିତି ପୂଜାପିଠ କରି ଭୋଗ ଦିଅନ୍ତି।"

ସେତିକି ବେଳେ ତାଙ୍କ ପତ୍ନୀ ପର୍ଯ୍ୟଟକଙ୍କୁ ପଚାରିବାକୁ ଲାଗିଲେ, "ଆହେ, ଏଇଟା ଆମ ଦେଶର ଚଉଁରା ନୁହେଁତ?" ପର୍ଯ୍ୟଟକ ଉତ୍ତର ଦେଲେ, "ଆମେ ବୈଷ୍ଣବ ହେବା ପରଠୁ ଆମର ଚଉଁରା ତ ତୁଳସୀ ଗଛ ସହ ଯୋଡି ହୋଇଯାଇଛି। କିନ୍ତୁ ଏଇ ବାଲି ଦ୍ୱୀପରେ କମ୍ ବୈଷ୍ଣବ ନାହାଁନ୍ତି। କାରଣ ଯେତେ ପ୍ରକାରର ସୁନ୍ଦର ସୁନ୍ଦର ଗରୁଡ ମୂର୍ତ୍ତି ଏଠାରେ ଲୋକମାନେ ତିଆରି କରନ୍ତି, ତାହାର ଉପମା ନାହିଁ। ଦୁନିଆଁର କେଉଁ ରାଜ୍ୟରେ ରାସ୍ତା କଡରେ ଏମିତି ପୌରାଣିକ କଳାକୃତି ଦେଖିବାକୁ ମିଳୁ ନଥିବ।"


ସୁବର୍ଣ୍ଣର ବହୁ ଆଗ୍ରହ ହୋଇଛି, ଏମିତି କେତେ ବିଦେଶୀ ଭାରତୀୟ ଅଛନ୍ତି, ଯେଉଁମାନେ ବାଲିକୁ ଆପଣାର ବୋଲି ମନେ କରନ୍ତି, ଆଉ ବାଲିର ହିନ୍ଦୁମାନଙ୍କୁ ନିଜର ବଂଶଧର ବୋଲି କହନ୍ତି! ସବୁ ଭାରତୀୟମାନେ କାହିଁକି କୁହନ୍ତିନି? ସିଏ ପଚାରିଛି କାର୍ତ୍ତିକକୁ। ଏ ବିଷୟରେ ମୋର ଜ୍ଞାନ ନାହିଁ। କାହିଁକି ଜଣେ ଏମିତି କହୁଛନ୍ତି?

ଅନେକ ଦିନ ପରେ କାର୍ତ୍ତିକ ଭାବି ଚିନ୍ତି ଉତ୍ତର ଦେଇଛି, "ସେମାନେ ଅନ୍ୟ ଭାରତୀୟମାନଙ୍କ ଠାରୁ ଟିକିଏ ଅଲଗା। ଧୀର ସ୍ଥିର, କଥା ମାଖି ମାଖି କହୁଥିବେ। କାହିଁକି କେଜାଣି ସେମାନଙ୍କର କଥାଶୁଣିବାକୁ ଭଲ ଲାଗିବ। ଯେତେ ଆଡମ୍ବରରେ ବେଶ ପୋଷାକ ପିନ୍ଧି ଥାଆନ୍ତୁ ନା, ଠାକୁର ପ୍ରିୟ। କାହାକୁ ଶାରୀରିକ ବା ମାନସିକ ଭାବରେ କ୍ଳେଶ ଦେବାକୁ ଚାହାନ୍ତିନି।"

"ସେଇ ସ୍ୱତନ୍ତ୍ର ହିନ୍ଦୁ ମାନେ କାଇଁକି ତୁମର ଏତେ ସୁଆଗିଆ ହୋଇଛନ୍ତି?" ସୁବର୍ଣ୍ଣ କାର୍ତ୍ତିକର ମନ ଗହୀରରେ ରହିଥିବା ଅଜଣା ଦୁର୍ବଳତାର ଓଢଣି ଖୋଲିବାକୁ ଚେଷ୍ଟା କଲା।

"ନାଁ, ନା. ମୋ ମନର ଗୋଟିଏ ଭ୍ରମ ଥିଲା। ଆମର ଦେବସ୍ଥଳୀରେ ଗୋଟିଏ ହିନ୍ଦୁ ମନ୍ଦିର ଅଛି। କାଳକ୍ରମେ ଏହା କେତେ ଅଳ୍ପ ସଂଖ୍ୟକ ହିନ୍ଦୁ ପୂଜା କରନ୍ତି, କେତେ ପର୍ବରେ। ସେଇ ଠାକୁରଙ୍କ ନାଁ ଜଗନ୍ନାଥ। ଏକୁଟିଆ ଜଗନ୍ନାଥଙ୍କର ପୁରାତନ ମନ୍ଦିର। ଏକଥା ବେଶୀ କେହି ବାଲିରେ ଗୁରୁତ୍ୱ ଦେଇ ନାହାନ୍ତି। ସେଇ ପର୍ଯ୍ୟଟକ ବାବୁ ମୋତେ ପଚାରିଲେ, ତୁମେ ହିନ୍ଦୁ,

ତୁମର ଜଗନ୍ନାଥ ମନ୍ଦିର ନାହିଁ ? ମୁଁ ପ୍ରଥମ ଦିନ ଚୁପ୍ ରହିଥିଲି । କିନ୍ତୁ ଦ୍ୱିତୀୟ ଦିନ କହିଲି, ହଁ ସାର, ଆମର ଅତି ପୁରାତନ ମନ୍ଦିର ଟିଏ ଅଛି । ଜଗନ୍ନାଥ ମନ୍ଦିର । ସେଇଠି ଠାକୁରଙ୍କର ମୂର୍ତ୍ତି ରହିଛି । ସିଏ ଆସିଲେ ମନ୍ଦିର ଦେଖିବାକୁ । କହିଲେ, ଅତି ପୁରାତନ ଜଗନ୍ନାଥ ମନ୍ଦିର । ହୋଇ ପାରେ ହଜାର ବାରଶ ବର୍ଷ ତଳର । ଏଇଠି ଜଗନ୍ନାଥ ସେଇ କାଳର ହୋଇ ରହିଛନ୍ତି, ଯେମିତି ସେତେବେଳେ ଥିଲେ । କିନ୍ତୁ ଆମ ରାଜ୍ୟରେ ମୂଳ ଜଗନ୍ନାଥ ବହୁ ବଦଳି ଯାଇଛନ୍ତି । ମନ୍ଦିରରେ ଏକା ନାହାନ୍ତି, ସାଥିରେ ଭାଇ ଭଉଣୀଙ୍କ ସହିତ ଅଛନ୍ତି । ବିଶ୍ୱ ବିଖ୍ୟାତ । ତୁମର ଏଠି ଜଗନ୍ନାଥ ଅଛନ୍ତି, ମୂଳ ସମୟର । ତୁମେ ଜାଣି ପାରୁନ, ଇଏ କେତେ ବିଖ୍ୟାତ ?"



"ମୁଁ ବୁଝିଗଲି । କିନ୍ତୁ ସିଏ ବାବୁଙ୍କୁ କାହିଁକି ମୋର ପୂର୍ବ କେତେ ଜନ୍ମର ଜଣେ ଅନ୍ତରଙ୍ଗ ବୋଲି ହେତୁ କଲି । ସେଦିନ ସେଇ ବାବୁଙ୍କୁ ପ୍ରଣାମ କରି ଘରକୁ ଫେରିଲି । ରାତିରେ ଭଲ ନିଦ ହେଲାନି । ମନଟା କେମିତି ପ୍ରାଚୀନ ସ୍ମୃତିରେ ଫୁଲି ଉଠିଲା । ସତେ ସେଇ ହଜାର ବରଷ ହେବ ଆମେ ସେ ଦେଶରୁ ଏଠାକୁ ଉଠି ଆସିଛେ ! ଆଜି ସିନା କିଛି ରକ୍ତ ସମ୍ପର୍କ ନାହିଁ କିନ୍ତୁ ଏ ବିଷୟ ଶୁଣିଲା ବେଳକୁ ରକ୍ତରେ କିଛିଟା ଶିହରଣ ସୃଷ୍ଟି ହେଉଛି ।"

ପୁଣି କାର୍ତ୍ତିକ କେତେ କେତେ କଥା ଚିନ୍ତା କରୁଛି । ଏଇ ଡେନପାସରର ଉତ୍ତରକୁ ଥିବା ପ୍ରଶାନ୍ତ ମହାସାଗରକୁ ଚାହିଁ ଅନାଇ ରହୁଛି । ତେବେ କେବେ ଏଇ ଦିଗରୁ ଆମର ବାଲି ରାଇଜକୁ ପ୍ରବେଶ ହୋଇଛି । କାହିଁକି କେଜାଣି ମନକୁ ଜାତିର କଥା ଚିନ୍ତାକଲେ ଶାନ୍ତି ଆସେ । ରାତିରେ ବି ସପନ ଦେଖୁଛି । ପବନରେ ଚାଳିତ ହୋଇ ଦରିଆରେ ପାଲଟଣା ବୋଇତରେ ବସି ଉ□ର ଦିଗରୁ ବାଲିମୁହାଁ କେତେ ଅଜା ଜେଜେଙ୍କ ପରି ନମଃ ପୁରୁଷମାନେ ବାଲି କୂଳରେ ପହଞ୍ଚିବା ଉପରେ । ମନକୁ ମନ କାର୍ତ୍ତିକ ଖୁସି ହେଉଛି ।

ମନରେ ବହୁ ସାହସ ବାନ୍ଧି ପରଦିନ ପ୍ଲାଜା ହୋଟେଲ୍‌ରେ ପହଞ୍ଚି ଅପେକ୍ଷା କରିଛି । ଆଜି ନିଶ୍ଚେ ପଚାରିବି । ବାବୁ ତ ସବୁଦିନ ବାଲି, ବାଲି ଲୋକ, ଦିଅଁ, ଦେଉଳ ବିଷୟ ଜାଣିବାକୁ ଏତେ ବ୍ୟଗ୍ର । ମୁଁ ଆଜି ତାଙ୍କର ଦେଶ, ଖାଦ୍ୟ, ଜାତି କଥା ପଚାରିଦେବି । କିନ୍ତୁ ମାନେଜର ପୁରୁଷୋତ୍ତମ ବାବୁ କହିଦେଲେ, କାର୍ତ୍ତିକ ଆଜି ନିଉଜିଲାଣ୍ଡର ଦଳେ ପର୍ଯ୍ୟଟକ ଏବେ ପହଞ୍ଚିଗଲେ, ପ୍ରସ୍ତୁତ ହେଉଛନ୍ତି, ତୁମେ ଦି ଜଣ ତାଙ୍କୁ ବାଟୁର୍ ବାଟ ଦେଇ ବୁଲାଇ ଆଣ ।

କାର୍ତ୍ତିକର ଛାତିରୁ ନିଆଁ ଖସିଗଲା । ଆଜି କଅଣ ସେଇ ହିନ୍ଦୁ ମାନଙ୍କ ସହିତ ଯିବିନି ? କେତେ ପାଞ୍ଚ କରି ଘରୁ ଆସିଥିଲା ।

ପୁରୁଷୋତ୍ତମ ବାବୁ କହିଲେ, "ନାଁରେ, ସେମାନେ କଅଣ ଅଛନ୍ତି କି ? ଦି ଦିନ ଅଧିକ ରହିବାର ବୁକିଂ ଥିଲା । କୌଣସି ଜରୁରୀ ଡାକରାରେ ପୂରା ଦଳଟା ଆଜି ରାତି ପାହାନ୍ତାରୁ ପ୍ଲାଜା ଛାଡି ଡେନପାସାର ବିମାନଘାଟୀ ଛାଡି ସାରିବେଣି ।"

ବୋଝଟାଏ ଲଦି ହୋଇଗଲା କାର୍ତ୍ତିକ ମନରେ । ମନର କେତେ ପ୍ରଶ୍ନ ଅସମାହିତ ହୋଇ ରହିଯିବ । ସେଇ ପର୍ଯ୍ୟଟକ ଯେ ମୋ ମନର ସବୁ ସନ୍ତକ ଧରି ଚାଲିଗଲେ, ମୁଁ ମୂର୍ଖ କିଛି ବି ପଚାରି ବୁଝି ପାରିଲିନି । କେଉଁଠିକାର ଲୋକ, କାହିଁକି ଏତେ ଆପଣାପଣିଆ ଆଉ ବାଲି ଲୋକଙ୍କୁ ନିଜ ବଂଶଧର ବୋଲି ଭାବନ୍ତି, ମୋର ବୁଝିବାକୁ ସଂସୟ ରଖିଦେଇ ଗଲେ । ନିଜକୁ ଧିକାର କରି କାର୍ତ୍ତିକ ରହିଲା ।

ସୁବର୍ଣ୍ଣ ଏତେ କଥା ଶୁଣିବା ପରେ କହିଲା, "ତୁମେ ମନରେ ଏତେ ଗହୀରା କଥା ମୋତେ ବି କହିନ ? ମୁଁ ତୁମ ପାଇଁ ଗରୁଡଙ୍କ ପାଖରେ ପୂଜା ବସାଇବି ।"

ସେତେବେଳକୁ ଋଷି ଇଣ୍ଡୋନେସିଆର କୁଆଲାଲୁମ୍ପୁର ଠାରେ ଇଂଜିନିୟରିଂ ଶେଷ ବର୍ଷର ଛାତ୍ର । ପାଠ ସାରି ଘରେ ଚାକିରି ପାଇଁ ଅପେକ୍ଷା କରିଛି । ମା କଥାରୁ ଜାଣି ପାରିଛି, ବାପାଙ୍କ ମନରେ କିଛି ସଂସୟ ରହିଛି ଆଉ ବାପାଙ୍କୁ ପଚାରିଲା, ଏବେ ସବୁ ଜାଣିବା ଶୁଣିବା ଦୁନିଆଁରେ ତମ ମନରେ ଏମିତି ଗୁମର ସବୁ ଫିଟି ଯିବ । ସେଇ ପର୍ଯ୍ୟଟକ ଓ ତାଙ୍କ ଦେଶ ଜାତି ବିଷୟରେ ସବୁ ଜଣା ପଡିଯିବ ।

ଋଷି ବାପୁଙ୍କ ପାଖରୁ ସବୁ ଶୁଣି କହିଲା, "ବାପା, ସିଏ ମୂଳ ଜଗନ୍ନାଥଙ୍କ କଥା କହୁଥିଲେ ଟି ? ସିଏ ଓଡିଶାରୁ ଆସିଥିଲେ, ଭାରତର ପୂର୍ବ ଉପକୂଳର ରାଜ୍ୟ, ଆମ ବାଲି ପରି ହୋଇଥିବ । ଏଇ ଡେନପାସାରରୁ ସିଧା ଜଳ ଯାତ୍ରା କଲେ ସେଇ ଜଗନ୍ନାଥଙ୍କ ମୂଳ ମନ୍ଦିରରେ ପହଞ୍ଚି ଯିବ ! ନେଟ୍ କହୁଛି ତ ସେମାନେ ବାଲି ଯାତ୍ରା କରନ୍ତି, ବାଲି ତାଙ୍କ ରାଜା ବାଲି ନାମରୁ, ବାଲି ସେମାନଙ୍କର ଦୁଇ ହଜାର ତଳରୁ ଉପନିବେଶ । ସେମାନେ ଧର୍ମ, କର୍ମ, କଳା ସଂସ୍କୃତି ଏଇଠି ପୋତି ଦେଇ ଯାଇଛନ୍ତି । ପ୍ରମାଣ ସ୍ୱରୂପ ଆମ ଘରର ବାପା, ମାଆ ଓ ମୋର ନାମ ବି ସେଇ ହିନ୍ଦୁ ଶବ୍ଦରୁ ବୋଲି ମୋର ଜଣେ ଭାରତୀୟ ସହପାଠୀ କହୁଥିଲେ ।"

ଗହୀରା ମନର ପୋତା ଭାବ କାର୍ତ୍ତିକଙ୍କ ଠାରେ ଲହଡି ଭାଙ୍ଗିବାକୁ ଲାଗିଲା । ସତେ ଆମ ପୂର୍ବଜ ଜଗନ୍ନାଥ ସୂତ୍ରରେ ଆବଦ୍ଧ । ଭକ୍ତିରେ ମଥା ନତ ହୋଇଗଲା କାର୍ତ୍ତିକର । ନିଜ ମନର କାମନା କଲା ପୁରୁଣା ଜଗନ୍ନାଥ ମନ୍ଦିରକୁ ନିୟମିତ ପୂଜା କରିବାକୁ ।

ବହୁଦିନ ପରେ ଋଷିର ବିବାହ ସମ୍ପନ୍ନ ହେଲା ତାର ଜଣେ ସହପାଠୀ ପ୍ରାଚୀ ସହିତ । ଦୁଇଜଣ ଯାକ ଆମେରିକାର ଗୋଟିଏ କମ୍ପାନୀରେ କାମ ପାଇଛନ୍ତି । ପଇସା ପତ୍ରରେ କିଛି ଅସୁବିଧା ନାହିଁ କାର୍ତ୍ତିକଙ୍କ ଘରେ । କିନ୍ତୁ ପୁଅ ବୋହୂ କାର୍ତ୍ତିକଙ୍କର ଧର୍ମ ଭାବ ଦେଖି ବାପା ମାଆଙ୍କୁ ଆମେରିକା

ନେଇଗଲେ। ସେଠାରେ ଇସକନ୍ ମନ୍ଦିର ନେଇ ବୁଲାଇ ଆଣିଲେ। ମନ ଭରିଗଲା କାର୍ତ୍ତିକଙ୍କର।

ଋଷିକୁ ପଚାରିଲେ, "ଇଏ କଅଣ ସେଇ ମୂଳ ଜଗନ୍ନାଥ ?"

ଋଷି କହିଲା, ବାପା, "ଏଇ ଜଗନ୍ନାଥଙ୍କର ବିଶ୍ୱ ବ୍ୟାପକ ରୂପ।"

ପୁଅ ବୋହୂ ଜାଣିନେଲେ ବାପାଙ୍କର ଇଚ୍ଛା।


ଗୋଟିଏ ଲମ୍ବା ଗସ୍ତର କାର୍ଯ୍ୟକ୍ରମ କରି ପରିବାରଟି ଆସିଛି ମୂଳ ଜଗନ୍ନାଥ ଦର୍ଶନରେ।

ଓଡ଼ିଶା ଆସିବା ପରଠାରୁ କାର୍ତ୍ତିକଙ୍କୁ ଲାଗିଛି ସିଏ ଯେମିତି ଇନ୍ଦ୍ରଭୁବନରେ ପହଞ୍ଚି ଯାଇଛନ୍ତି। ଚାରି ଜଣଙ୍କର ପାଦ ଭୂମିରେ ଲାଗୁନି। ପୁଣ୍ୟଭୂମି ଓଡ଼ିଶା ଦେଖିବେ। ସେଇ ଅଜଣା ହିନ୍ଦୁ ପର୍ଯ୍ୟଟକଙ୍କ ଅବ୍ୟକ୍ତ କେତେ ଭାବନାର କ୍ଷେତ୍ର ଏଠାରେ ବହୁ ପ୍ରିତିଭାଜନର ଅନୁଭବ ନେବେ। ସେଇ ପୂର୍ବପୁରୁଷଙ୍କ ସଂସ୍କୃତିର ଭୂମିରେ ଚାରଣ କରିବେ। ହଜାରେ ବରଷ ପଛକୁ ଫେରିବା ପରି ଲାଗୁଛି ସେମାନଙ୍କୁ।

ଓଡ଼ିଶା ରାଜଧାନୀର ଗୋଟିଏ ଦୋକାନ ପାଖରେ ଅଟକି ଯାଇଛନ୍ତି ପରିବାରଟି। ସମ୍ବଲପୁର ଶାଢ଼ୀ ଭଳିକି ଭଳି ଡିଜାଇନ୍‌ର ଟଙ୍ଗା ହୋଇଛି। ପାଗଳ ହୋଇଯାଇଛନ୍ତି ଏମାନେ। ଏଇ ବାଲି ଦ୍ୱୀପର ବାଟିକ୍ ପ୍ରିଣ୍ଟ୍ ପରି ଶାଢ଼ି ଏଇ ସପନ ରାଇଜକୁ କେମିତି ଆସିଲା ?

ଏଇ ଡିଜାଇନ୍‌ର ଲୁଗାର ପ୍ରିଣ୍ଟ୍ ଆମେ ବାଲିର ନୂତନ କରି ଉଦ୍ଭୂତ ହୋଇଛି ବୋଲି ଜାଣିଛୁ। କିନ୍ତୁ ଓଡ଼ିଶାର ଏଇ ଲୁଗା ଦୋକାନ ଗୁଡ଼ିକରେ ଅନେକ ମନଲୋଭା ମାଳ ମାଳ ଶାଢ଼ି ପ୍ରଦର୍ଶିତ ହୋଇଛି। ବହୁ କୌତୂହଳ ଆସିଛି କାର୍ତ୍ତିକଙ୍କ ମନରେ।

ଋଷିକୁ କହିଛନ୍ତି, "ପଚାର, ଏଇ ଶାଢ଼ିର ନାଁ କଅଣ ଆଉ ଏଇଟା କେଉଁ ଦେଶର ପ୍ରିଣ୍ଟ୍ ?"



ଉତ୍ତର ପାଇଛନ୍ତି, ଏଇଟା ସମ୍ବଲପୁରୀ ଶାଢ଼ି। ଦେଶର ଇତିହାସରେ ଏହା ସମ୍ବଲପୁର ନାଁ ଠାରୁ ବି ପୁରାତନ ଏଇ ଶାଢ଼ି ତା କ୍ୱାଲିଟି ଆଉ ଛାପରେ। ବୁଦ୍ଧଦେବଙ୍କ ତପସ୍ୟା ପୂର୍ବରୁ ବି ଏଇ ଓଡ଼ିଆ ଭୂଇଁରୁ ସୂକ୍ଷ୍ମ ରେଶମ ପାଟ ଦେଶ ଭିତରେ ଓ ବିଦେଶରେ ଆଦରର ବସ୍ତ୍ର ଥିଲା।

କାର୍ତ୍ତିକ ମନରେ ଟିକିଏ ଗ୍ଳାନି ଆସିଲାନି ଏଇଟା ଏଇ ଓଡ଼ିଶାର ମୂଳ ବାଞ୍ଚାର ଲୁଗାର ଡିଜାଇନ୍ ବୋଲି। ତା ମନରେ ଯେଉଁ ଅଜଣା ଆନନ୍ଦର ରୋମାଞ୍ଚ ଲୁଚୁକାଳି ଖେଳୁଥିଲା, ଗୋଟିଏ ରାହା ପାଇବା ପରି ଲାଗିଲା। ସତରେ ଓଡ଼ିଶା ରାଇଜ ମୂଳ ରାଇଜ, ଏହା ଓରିଜିନାଲ୍।

ବାଲିରେ ମିଳୁ ନଥିବା ଦୁଇଟି ମନ ପସନ୍ଦ ଶାଢ଼ି କିଣିଲେ ଗୋଟିଏ ସୁବର୍ଣ୍ଣ ପାଇ, ଆଉ ଗୋଟିଏ ପ୍ରାଚୀ ପାଇଁ। ଏଇ ମଠା ଆଉ ହାତୀ ଧାରର ବମ୍‌କାଇ ଶାଢ଼ି ଦେଖି ସେମାନେ ବାଇଆ ହୋଇଗଲା ପରି ଦେଖାଯାଉଥିଲେ। ତାଙ୍କରି ଆନନ୍ଦରେ ସେଇ ଉତ୍କଳିକାର କାରବାରିଆ ସେଲସ କାଉଣ୍ଟର କାହିଁକି ଅନ୍ୟ ଗରାକ ମାନେ ବିସ୍ମୟାଭିଭୂତ ହୋଇ ଚାହିଁ ରହିଥିଲେ।

ହୋଟେଲରୁ ବାହାରିବା ବେଳେ ରାସ୍ତାଧାରରେ ଗୋଟିଏ ମହାଭାରତର ଚିତ୍ର। ଅର୍ଜୁନଙ୍କ ରଥରେ ଶ୍ରୀକୃଷ୍ଣ ସାରଥି। ଘଡ଼ିଏ ଠିଆହୋଇ ଚାହିଁ ରହିଲେ। କାର୍ତ୍ତିକ କହିଲା ଋଷିକୁ, ଏଇ ଦୃଶ୍ୟଟି କେତେ ମନଲୋଭା ହୋଇଛି ? ଆମ ବାଲି ରାଇଜର ରାଜଧାନୀ ଡେନପାସରରେ ରାସ୍ତାକଡରେ ଯେତେ ଯେତେ ଦୃଶ୍ୟ ଅଛି, ଏମିତି ମୁହଁର ଭାବ ଫୁଟି ଉଠିବାରେ ଏହାଠାରୁ ବେଶୀ ପ୍ରକୃତ ପରି ମନେହୁଏନା।

କାର୍ତ୍ତିକ ମନରେ ଆସିଛି, ଏଠାରେ କଅଣ ଆମ ବାଲି ପରି ପଥର ଶିଳ୍ପୀ ଅଛନ୍ତି ? ସତରେ ମନର ଭାବନାଟା ତାର ବାଲି ଆତ୍ମୀୟତାରୁ ଓହରି ଓଡ଼ିଆ ଆତ୍ମୀୟତାରେ ଭିଜି ଅତୀତରେ ହଜିଯାଇଥିବା ସ୍ମୃତିରେ ଜୁବୁବୁଡୁ ହେଉଥିଲା। ପୁରୀ ଯିବା ରାସ୍ତାରେ ସେମାନେ ଗୋଟିଏ ପଥରର କାରୁକାର୍ଯ୍ୟ ଭରା ମୂର୍ତ୍ତି ଦୋକାନରେ ପଶିଛନ୍ତି।



ଆତ୍ମହରା ହୋଇ ପଡିଛି କାର୍ତ୍ତିକ। ଏଇ ହାତୀ ମୂର୍ତ୍ତି, ଗଣେଶ ମୂର୍ତ୍ତି, ହାତରେ ଆଇନା ଧରି ଯୁବତୀର ମନଲୋଭା ଶିଳାଶିଳ୍ପ ! ଏହା ତ ଆମ ବାଲି ରାଇଜରେ ଶିଳ୍ପୀମାନଙ୍କର କାମ। ସତରେ ଏଇ ଓଡ଼ିଶା ହାତୀ ମାନଙ୍କ ରାଇଜ। ଶିଳାଶିଳ୍ପ ହେଉ କି ଶାଢ଼ି ବର୍ଡର। ସବୁଠାରେ ହାତୀ ହିଁ ମନରେ ଆଣେ ଶୁଭ ଚେତନା।

କାର୍ତ୍ତିକ ସୁବର୍ଣ୍ଣଙ୍କୁ ସେଇ ପଥରଶିଳ୍ପୀଙ୍କର ଶିଳ୍ପାୟତନର ସବୁଯାକ କାରୁକାର୍ଯ୍ୟ ଦେଖି ମନ ପୂରାଇ ଭାବୁଛି, ସତରେ ଏଇ ରାଇଜଟି ମୂଳ ରାଇଜ। ଆମ ବାଲି ଦ୍ୱୀପଟି ଏହାର ଆଇନା ଛବି।

ଏଇଟା ତାର କଳ୍ପନାର ପୁଣ୍ୟଭୂମି । ଅନନ୍ତ ଅତୀତରେ ତା ପୂର୍ବ ପୁରୁଷମାନେ ଏଇ ମାଟିରେ ହିଁ ଜନ୍ମ ହୋଇଥିଲେ । ଏଇଠୁ ବାଲି ଦ୍ୱୀପକୁ ଯାଇ ପାରିବାର ସମ୍ଭାବନା ତଥ୍ୟ ନଥିଲେ ବି ନିରାଟ ସତ୍ୟ ।

ପୁରୀରେ ପହଞ୍ଚିବା ବେଳକୁ ଖରାବେଳ । ଶୀତ ଟିକିଏ ହେଉଥାଏ । ପୁରୀ ସମ୍ପୂର୍ଣ୍ଣ ଲୋକାରଣ୍ୟ । ବୁଢାବୁଢୀମାନେ ନୂତନ ଅବା ପରିଷ୍କାର ବସ୍ତ୍ର ପରିଧାନ କରି ମନ୍ଦିରକୁ ଲୋକାରଣ୍ୟ କରିଛନ୍ତି । ମନ୍ଦିର ଏତେ ଲୋକାରଣ୍ୟ ହୋଇପାରେ, ଏମାନେ କେବେ ଶୁଣି ନଥିଲେ ।

ଋଷି ପାଖର ଜଣେ ଲୋକଙ୍କଠାରୁ ଇଂରାଜୀରେ କଥାଭାଷା ହୋଇ କାର୍ତ୍ତିକକୁ କହିଛି, "ବାପୁ, ଓଡିଶାରେ ଏଇଟି ଧର୍ମ ମାସ । ସେଇ ଶୁଭ ମାସଟିର ନାଁ କାର୍ତ୍ତିକ ମାସ । ରାଇଜର ବହୁ ବୁଢାବୁଢୀ ଏଇ ଧର୍ମ ମାସରେ ଏଇ ପୁଣ୍ୟଧାମରେ ଧର୍ମକରିଥାଆନ୍ତି । ଶ୍ରୀଜଗନ୍ନାଥ ଦେବଦର୍ଶନ କରି କାର୍ତ୍ତିକ ବ୍ରତ ପାଳନ କରନ୍ତି । ସେଥିପାଇଁ ପୁରୀ ହବିଷ କ୍ଷେତ୍ର ପାଲଟିଛି ।"

କାର୍ତ୍ତିକ ବହୁ ଆନନ୍ଦରେ ବିଭୋର । ସିଏ ଖାଲି ବାଲି ରାଇଜର ନୈଷ୍ଠିକ ହିନ୍ଦୁ ନୁହେଁ, ତାର ନା ଟିରେ ରହିଛି କାଳ କାଳର ଧାର୍ମିକତା ! ସତରେ ସେଦିନ ପ୍ଲାଜା ହୋଟେଲରେ ସେଇ ମାନ୍ୟବର ପର୍ଯ୍ୟଟକ କାର୍ତ୍ତିକ ନାଁ ଟିକୁ ଧର୍ମ ନାମ ବୋଲି କହୁଥିଲେ ।

ବହୁ ମନ ଖୁସିରେ ସେମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିଛନ୍ତି । ଜଣେ ପୂଜକ ସେମାନଙ୍କର ବେଶ ପୋଷାକ ଦେଖି ବିଦେଶୀ ବିଦେଶୀ ବୋଲି ଚିତ୍କାର କରି ସେମାନଙ୍କୁ ଗାଳି ଗୁଲଜ କରି ସିଂହଦ୍ୱାର ଫାଣ୍ଡିରେ ହାଜର କରିଛି । ଫାଣ୍ଡି ବେଞ୍ଚରେ ବସି ଭାଳୁଛନ୍ତି କାର୍ତ୍ତିକ ଆଉ ସୁବର୍ଣ୍ଣ । ବାହାରେ କଅଣ ବୁଝାବୁଝି କରୁଛନ୍ତି ଋଷି ଆଉ ପ୍ରାଚୀ ।

କାର୍ତ୍ତିକ କାକୁତି ମିନତି ହୋଇ ଫାଣ୍ଡିରେ ପୋଲିସ ବାବୁଙ୍କୁ କହିବାକୁ ଉଦ୍ୟମ କରୁଛନ୍ତି, "ଆମେ ଧାର୍ମିକ ହିନ୍ଦୁ, ଜନ୍ମଜନ୍ମାନ୍ତରରୁ ହିନ୍ଦୁ, ଆମର ରକ୍ତ ଏଇ ଜଗନ୍ନାଥ ମାଟିର.........."

*ସମାରୋହ,*
*୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦*
*ମୋ - ୮୭୬୩୬୬୬୦୩୧*

*"ଏହି ଗଳ୍ପଟି ମୋ ମମି ପ୍ରଫେସର ବିଜୟିନୀ ମହାନ୍ତିଙ୍କର ପ୍ରକାଶିତ 'ବାଲିଯାତ୍ରାର ଅନୁଭୂତି - କଳିଙ୍ଗର ପ୍ରତିଛବି' ଆଧାରରେ ଲିଖିତ"*

●●●●



# ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁ ହାସ୍ୟମୟୀ ଚାରୁ ଭାଷମୟୀ
ଜନନୀ ଜନନୀ ଜନନୀ
ବନ୍ଦେ ଉତ୍କଳ ଜନନୀ.... ॥
- କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

X X X X X X X X X

ମାତୃଭୂମି ମାତୃଭାଷା ଉଭୟ ଜନନୀ
ସେବି ତାଙ୍କୁ ଭକ୍ତିଭରେ ଦିବସ ଜନନୀ,
ଏ ମାନବ ଜନ୍ମ ହେଉ ସଫଳ ମୋହର
ଏହି ଭିକ୍ଷା ପୂର୍ଣ୍ଣକର ପ୍ରଭୁ ମହେଶ୍ୱର ॥
- ଭକ୍ତକବି ମଧୁସୂଦନ ରାଓ

X X X X X X X X X

ମାତୃଭୂମି ମାତୃଭାଷାରେ ମମତା
ଯା ହୃଦେ ଜନମି ନାହିଁ
ତାକୁ ଯେବେ ଜ୍ଞାନୀଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?

X X X X X X X X X

"କରି ପ୍ରାଣପଣ କରରେ ଯତନ,
ନଘଟେ ଯେସନ ମାତୃ ନିର୍ବାସନ,
ରହିବ ଓଡ଼ିଆ ପୁଅର ସମ୍ମାନ,
ଶତ୍ରୁଙ୍କର ଦର୍ପ ହୋଇବ ଚୁନା
ଉଦ୍ୟୋଗୀର ପ୍ରତି ଭାଗ୍ୟ ଅନୁକୂଳ
ଯତ୍ନକଲେ ନିଶ୍ଚେ ଫଳିବ ସୁଫଳ
ଏ ଆଶାକୁ ହୃଦେ କର ବଦ୍ଧମୂଳ
କର ନବୋତ୍ସାହେ କାର୍ଯ୍ୟ ସୂଚନା
ହୁଅ ହର୍ଷମନା, ତେଜରେ ବିରସ,
ପୂଜ ଯାଇ ମାତା ଚରଣ ସାରସ ।"

X X X X X X X X X

"ନିଜ ଘରେ ବସି ନିର୍ବାସନ ଦୁଃଖ
ଆମ୍ଭ କି ଲଲାଟ ଲିଖନ
ମାତୃଭାଷା ବିନା ଭାଇ ସଙ୍ଗ ବିନା
ବିକଳ ହେଉଛି ଜୀବନ ।।
ଗୁହାରିଲେ ଦୁଃଖ ନୃପତି ଆଗରେ
ତଡି ଦେଉଛନ୍ତି ଆମକୁ ରାଗରେ
ନୁହେଁ ତାଙ୍କ ଦୋଷ ବୁଝନ୍ତି ନାହିଁ ସେ
ଆମର କଥିତ ବଚନ ।
ଆସିଅଛ ବଡ ସୋଦର ସକଳ
ଦେଖି ଦଶା କର ବୁଦ୍ଧି କଉଶଳ,
କୋଟି କଣ୍ଠେ ଗୋଟି ସ୍ୱରେ ଉଚ୍ଚେ ତୋଳ
କମ୍ପିଯାଉ ରାଜ ସଦନ ।।"
- ଗଙ୍ଗାଧର ମେହେର

●●●●



# ୫. ଉତ୍କୃଷ୍ଟ କଳାର ସମ୍ଭାର ଉତ୍କଳ

# ଏହି ସେ ଉତ୍କଳ ଭୂମି

*ବିଜୟଲକ୍ଷ୍ମୀ ଦାଶ*

ପଲ୍ଲୀପ୍ରକୃତିର ଶୋଭାରେ ଶୋଭିତ
ଏହି ସେ ଉତ୍କଳ ଭୂମି
ବିହଙ୍ଗ ଶୋଭିତ ହ୍ରଦ ତରଙ୍ଗ ଶୋଭିତ ନଦୀ
ଶ୍ୟାମଳଶ୍ରୀ ଦ୍ରୁମଲତା ଦିଗନ୍ତ ବିସ୍ତାରୀ
ପ୍ରାକୃତିକ ସୁଷମାର ଗନ୍ତାଘର
ନଭଶ୍ଚୁମ୍ବୀ ପର୍ବତର ମାଳା
ସବୁଜ ଘନ ବନାନୀ ଆଚ୍ଛାଦିତ
ଚତୁର୍ଦ୍ଦିଗ ଶସ୍ୟ କ୍ଷେତ୍ରଭରା
ସଭ୍ୟତାର ଉତ୍କର୍ଷତା ସାଧନରେ
ଉତ୍କଳୀୟଙ୍କର ଅବଦାନ
କ୍ରମ ବିକଶିତ ଜୀବନ ଧାରାର
ଉତ୍ସର୍ଗୀତ ଓଡିଆର ମନ ଆଉ ପ୍ରାଣ
ଉତ୍କଳର ଐତିହ୍ୟ ଓ ପରମ୍ପରା
ପର୍ବପର୍ବାଣୀ, ସଂସ୍କୃତି ଓ ଇତିହାସ
ପୁରାଣ ବିଭବରେ ବିଭୂଷିତ
ଗୌରବମୟ ସାହିତ୍ୟ ସମୃଦ୍ଧ
ସୌନ୍ଦର୍ଯ୍ୟମୟୀ ଏ ଉତ୍କଳ ଯା ଉପରେ
ଷଡରତୁ କରେ ଲୀଳାଖେଳା
ଯା ଚରଣ ଧୁଏ ମହୋଦଧି
ବିଶ୍ୱେ ବିଦିତ ଯା'ର ରଥଯାତ୍ରା
କଳାସ୍ଥାପତ୍ୟରେ ଭରା ଖଣ୍ଡଗିରି
କହେ ଐର ଖାରବେଳ କଥା
କୋଣାର୍କର ପ୍ରତିଟି ଶିଳାରେ
ଲେଖା ଯା'ର କଳା କୀରତିର ଗାଥା
ପବିତ୍ର ଏ ମାଟିର ଉପରେ
ଜନ୍ମ ନେଇ ଆମେ ସବୁ ଧନ୍ୟ
ତା'ରି ପରି କେହି ନାହିଁ ଆଉ
ତା'ର ପରେ ମଥାପାତି କରିବା ପ୍ରଣାମ ।।

# ଆମେ ସବୁ ଭାଇଭାଇ

*ସୁଶାନ୍ତ କୁମାର ଆଚାର୍ଯ୍ୟ*

ଏ ଦେଶ ବୁକୁରେ କେତେ ବୀରନର
ରକତର ଗଙ୍ଗା ବହି
ଶତ୍ରୁର ରକତେ ଖେଳିଗଲେ ହୋରି
ଏ ମାଟି ମାଆର ପାଇଁ ।
ରଖିବା ପାଇଁକି ତା ମାନ ମହତ
ଭୂଇଁରେ ପଡିଲେ ଲୋଟି
କେତେ ମାଆକୋଳ ଶୂନ ହୋଇଗଲା
ଲୁହେ ଭରିଗଲା ଆଖି ।
ସ୍ତୀରିର ମଥାରୁ ସିନ୍ଦୂର ଲିଭିଲା
ହାତ ଶଙ୍ଖା ଗଲା ତୁଟି
କେତେକେତେ ଶିଶୁ ଅନାଥ ହୋଇଲେ
ପିତା ସୁଖ ଗଲା ହଜି ।
ସାଜି ଏ ମାଟିର ଜାଗ୍ରତ ପହରୀ
ସୀମାପାରେ ଠିଆ ହୋଇ,
ଭେଦାଭେଦ ଭାବ ଭୁଲିଯାଇ ସଭି
ଏକତାର ମନ୍ତ୍ର ଗାଇ ।
ସଭିଙ୍କ କଣ୍ଠରେ ଗୋଟିଏ ଗୀତି ସେ
ଆମେ ସବୁ ଭାଇଭାଇ,
ଏ ମାଟି ମାଆର ଗୌରବ କୀରତି
କଦାପି ଭୁଲିବା ନାହିଁ ।
କୋଟିକୋଟି ପ୍ରାଣ ବା[illegible]ଦେବା ଆମେ
ପୀରତି ପୀୟୂଷ ଧାରା,
କୁସୁମିତ ହେଉ ଏ କଳିଙ୍ଗ ଭୂଇଁ
ହସୁ ଏ ସଂସାର ସାରା ।

ଡୁମୁଡୁମା (କ)
ମୋ - ୯୪୩୭୨୯୦୬୭୮

●●●●

# ଦୁଃଖ

*ସୁଜାତା ସିହ୍ନା*



ନା ଅପରାଧେ ମୁଁ
ଦୋଷୀ ହୋଇଯାଏ ।
ପିଲା ଖେଳରୁ
ଭାଇଭଉଣୀଙ୍କ ମେଳରୁ
ସାଙ୍ଗ ସାଥୀଙ୍କ ଛଳନାରୁ
ପରିବାର କଳହରୁ ।
ସଂସାରର ତାଡନାରେ
ମୁଁ ଆବାଲ୍ୟରୁ ହିଁ ଜର୍ଜରିତ
ପିଡିତ ଓ ରକ୍ତାକ୍ତ ।

ତଥାପି ବଞ୍ଚିରହିଛି,
କେଉଁ ଏକ ଆଶାର ଆଲୋକ
ମୋତେ ବାଟ କଢେଇ ନେଉଛି ।
ଚାଲିବାକୁ ହେବ ମୋତେ,
ବହୁତ ଦୂର,

ସନ୍ଧାନ ନେବାକୁ ହେବ
କେଉଁଠି ମୋ ଭବିଷ୍ୟତ ?
ଦୁଃଖ ତ ମୋର
ଜନ୍ମଗତ ସାଥୀ ।

ସେ ତ ମୋର ହାତ ଧରିଛି,
ମୁଁ କେବେ ବି ଥକି ଯାଇନି
କି ଆଶା କରିନି
ସୁଖର ସନ୍ଧାନ କେଉଁଠି ମିଳିବ
ଆଉ ପାହିଯିବ ଅମାବାସ୍ୟା ରାତି !

●●●●

# ପ୍ରକୃତି କୋଳରୁ ଓଡିଆ ଗୀତି ଓ ସଂସ୍କୃତି

***ସୁଶୀଲ କୁମାର ପଟ୍ଟନାୟକ***

"ଅନନ୍ତ କାଳର ସାଗରର ଢେଉ
ଉଜାଗେ ମନରେ ଗୀତି
ଆକାଶ ପକ୍ଷୀର ମଧୁର କାକଳି
ବହକାଏ ତାର ମତି
ଗଛ ଉହାଡରୁ ଶବଦ ଶୁଭଇ
ବସନ୍ତଦୂତୀର ତାନ
ସବୁଜ ବନାନୀ ସ୍ୱର ତୋଳିଦିଏ
କଳିଙ୍ଗର ସମୀରଣ । "

ପ୍ରକୃତିର ମୁକ୍ତ ଅନୁଭବ ଓଡିଶାରେ । ଓଡିଶା ଗଢି ଉଠିଛି ପ୍ରକୃତିର ନିର୍ମଳ ଉପାଦାନରେ, ସବୁଜ ବନଭୂମିରେ, ଆକାଶ ଓ ମହୋଦଧିର ନୀଳିମାରେ, ନଦନଦୀ ପ୍ଲାବିତ ମାତୃ ମୃର୍ତ୍ତିକାରେ । ମାଟିର ମଣିଷ ହଜିଯାଏ ଏହି ସବୁଜିମା ଓ ନୀଳିମା ମଧ୍ୟରେ । ହଜିଯାଏ ଗହନବନରେ, ମନଗହନରେ ଗୋଟିଏ ରଙ୍ଗୀନ ପ୍ରଜାପତି ପରି । ମୃଣ୍ମୟ ଉପାଦାନର ହେଲେ ବି ସେଇ ଜୀବନରେ ଯେଉଁ ରକ୍ତ ଓ ମାନସିକତାର ସଞ୍ଚାଳନ ରହିଛି, ତାହା ତଟିନୀର କୁଳୁକୁଳୁ ଶବ୍ଦ, ମହୋଦଧିର ଅହର୍ନିଶ ଉଚ୍ଛ୍ୱାସ, ଗହନ ବନାନୀର ପକ୍ଷୀମାନଙ୍କର କାକଳି ଆଉ ବସନ୍ତଦୂତୀର କୁହୁକୁହୁ ମୂର୍ଚ୍ଛନା ବଳରେ ଅନ୍ତରରେ ସୃଷ୍ଟି କରିପାରିବ ରାଗିଣୀ । ଓଡିଶା କ୍ଷେତ୍ରରେ ଭିନ୍ନ ଭାବରେ ଗଢି ତୋଳିବ ପ୍ରକୃତିର ସ୍ୱର, ସରଳ ଉପାଦାନର ପ୍ରକୃତି, ଜଳ ଚକ୍ରର ପ୍ରବର୍ତ୍ତନ, ଭରାନଦୀର ସାଗରମୁହାଁ ଆବେଗ ।

ମାଟିର ମଣିଷ ଏହି ସବୁ ସବୁଜିମା ଓ ନୀଳିମା ଭିତରେ ହଜିଯାଏ । ସାଗରର ଅସରନ୍ତି ଢେଉର ପ୍ରସାରିତ ଉଦ୍‌ବେଗ ମଣିଷ ମନରେ ପ୍ରକୃତିର ଗତିଶୀଳତାର ଭାବ ଭରିଦିଏ । ମନର ଗଭୀର ପ୍ରଶାନ୍ତ ସାଗରରେ ଅନୁରୂପ ଢେଉ ସୃଷ୍ଟିହୁଏ । ଆନନ୍ଦର ଲହରୀରେ ପହଁରିବା ପରି ମନରୁ ବାହାରିଆସେ କେତେ ସୁଖର ଗୀତି, ଶାନ୍ତିର ଭାବ । ଏହା ସବୁ ମଣିଷକୁ କବି ଓ ଗାୟକ କରିଦିଏ । ମଣିଷକୁ କିଏ ବାରମ୍ବାର କହୁଥାଏ ତୁମେ ସିନା ଦିଗ୍‌ବଳୟ ଭିତରେ ହଜିଯାଉଛ । ଆସିଛ କେଉଁଠୁ, ଯିବ କୁଆଡେ ? ହଠାତ୍ ମନରେ ଚମକ୍ ଆସେ । ଘରସଂସାରକୁ ଭୁଲିଗଲି କି ?

ଆଉ ସବୁଜ ସୁନ୍ଦର ବନସ୍ତରେ ସବୁଜିମାର ଗଭୀରତା ମଧ୍ୟରେ ହଜିଯିବାକୁ ବସିଥିଲାବେଳକୁ ଗଛ ଉହାଡରୁ ଦିଶୁ ନଥିବା ଚଢେଇଟି ସ୍ୱାଗତକରେ । ଭୟରେ ନୁହେଁ, ଆଗନ୍ତୁକଙ୍କୁ ନିମନ୍ତ୍ରଣ କରିବାକୁ । ମୁକ୍ତ ଆକାଶର ପବନ ସୁଅରେ ନିଜର ମୁକୁଳା ସଂଗୀତରେ ମନ ମୋହୁଥାଏ । ପାହାଡର ଅପର ପାର୍ଶ୍ୱରେ ତଟିନୀର ଜଳଧାରାର ସ୍ୱର କେବଳ ନିସ୍ତବ୍ଧ ପରିବେଶରେ ଗୀତିସଂଚାର ନୁହେଁ, ନିରବ ମନରେ ତୋଳିଦିଏ ସ୍ୱର । ମଣିଷ ଅତିଖୁସିରେ ଯୋଗଦିଏ ଏହି ପ୍ରକୃତିର ଗୀତ ଲହରୀରେ, କରତାଳି ଦେଇ ।



ସାଗରକୂଳରେ ହେଉ ବା ବନସ୍ତର ଅନ୍ତଃସ୍ୱରରୁ ହେଉ, ଓଡିଆ କୁଳନନ୍ଦିନୀ ଘର କୋଣରେ ଲାଜକୁଳୀ ହୋଇ ଜୀବନଗୀତି ଗାଉଛି । ଲାଜ ଛାଡିନି । ବାପଘରୁ ଶାଶୂଘରକୁ ଯିବା ବେଳକୁ ମନରେ ଆସୁଛି କୋହ । ଗାଁ ବାପା ମାଆଙ୍କୁ କଅଣ ସହଜରେ ପାସୋରି ପାରିବ ? ଏମିତି ଘର କୋଣରୁ ଗାଁଦାଣ୍ଡକୁ

ଆସିଛି ଭାବ ଓ ବେଦନାର ସ୍ୱର । ସବୁରି ମନ ଥରାଇଦେବା ସ୍ୱର । କଳିଙ୍ଗ କନ୍ୟା, ସ୍ୱଭାବରେ ଲାଜକୁଳୀ । ବିଭାଘରର ପ୍ରସ୍ତାବ ବେଳଠୁ ମନରେ ପଶିଲାଣି ଛନକା । ବିରହ ଭାବନାରେ ଅବାରିତ ଲୁହ ବୋହିଚାଲିଛି । ସରିଯିବ ମା କୋଳର କଥା । ଗାଁ ମେଳର କଥା । ହଜିଯିବେ ଚାନ୍ଦ, ମିତ ଓ ସଙ୍ଗାତ । ସୁଆଦିଆ ଗାଁ ଛାଡି ଗୋଟିଏ ନାରଖାର ଦୁନିଆଁର ଦୁଃସ୍ୱପ୍ନ ମନରେ ଆଣୁଛି କୋହ । କେତେବେଳେ କଇଁକଇଁ ଶବ୍ଦରେ ଭାସିଉଠୁଛି । ଏଇଟା ପ୍ରକୃତ ଦୁଃଖର ସ୍ୱର । ଅନେକ କବି ଓ ଲେଖକ ଏହାର ପ୍ରଶସ୍ତି କରିପାରନ୍ତି ।

ଓଡିଆ ଘରର ପୁଅ । କାମ ହିଁ କାମ । ମନଟା ହଜିଯାଏ କାମର ସୁଠାମ ଢଙ୍ଗରେ । ନିଜର କାମ ସୁରୁଖୁରୁରେ ଚାଲିଛି ତ ମନ ଖୁସ୍ । ଚାଷୀଭାଇ ନିଜର କସରା କାଳିଆ ବଳଦଙ୍କୁ ଯୋଚି ଦି ଅଚା ଜମି ଦୋଅଡ ଚାଷ କଲାବେଳକୁ ବାମ ପଟର କାଳିଆ ବଳଦ ମାଲିକର ଇଡି ଇଡି ଶବ୍ଦ ଶୁଣି ବାଆଁ ବୁଲିବାକୁ କାନ ଡେରିଲାଣି ତ ମାଲିକ ମଖା କାମ ଦେଖି ମନ ଖୁସିରେ ଗାଇ ବସିଲାଣି ବେସୁରା ସଂଗୀତ । ଏଇ ଗୀତରେ ତ ଇଡି ଇଡି ଶୁଭୁନି । ପୁଣି ଏଇଟି ନୂଆ ଗୀତ । ଶଗଡରେ ଗଲାବେଳର ସେଇ ବ୍ୟଥିତ ଗୀତ ତ ଇଏ ନୁହେଁ । ମାଣକ ଆଉ ସେରକ ପୂରିଯାଇଛି ଗଲା ଅମଳରେ, ସେଇଥିପାଇଁ ମାଲିକ ମୁହଁରେ ଆଜି ମଉଜର ଗୀତ ।

ଆଉ ସାଗରରେ ଚାଲିଛି କଳିଙ୍ଗ ସାଧବର ଅର୍ଣ୍ଣବ ପୋତ । ମନଭରି ପଣ୍ୟ ନେଇ ବାଲିଦ୍ୱୀପ ଅଭିମୁଖେ ଚାଲିଛି ବୋଇତ । ମୁଖଦେଶରେ ନାବିକ ଦୃଷ୍ଟି ଚାଳନା କରୁଛି ଚଉଦିଗକୁ । ଫେରିବାର ସମୟ ନିର୍ଧାର୍ଯ୍ୟ ନୁହେଁ । କଥାରେ ଅଛି ଚାଷ ତରତର ବଣିଜ ମଠ । ଦେଶ ଛାଡନ୍ତା ନାବିକ ମନରେ ନିଜ ଘରର ଚିନ୍ତା, ଘର ଭିତରେ ଗୃହିଣୀର ଚିନ୍ତା । ନାବିକ ଜୀବନରେ ତ ଅଭ୍ୟାସ ହୋଇଗଲାଣି । ଘର ଭୋଗର ଭାଗ କମ୍ । ସେଇ ନିରାଶା ମନମାରି ଦିନ କେତେଟା ମୁହଁମାରି ଏବେ ତା ବିବର୍ଣ୍ଣ ମୁଖମଣ୍ଡଳରୁ ଫୁଟି ଉଠୁଛି ଦୋହରାଇ ଦୋହରାଇ ବିରହ ବେଦନା । ଗୀତର ସବୁ ଅର୍ଥ ମଝି ଦରିଆର ପବନ ବେଗରେ ଶୁଣି ନ ହେଲେହେଁ, ଗୀତ ତାଳରୁ ବୁକୁଫଟା ସ୍ୱର ବାରିହୋଇ ଏମିତି ଅନେକ ଭାବ ଇତିହାସର ଧାରାରେ ସମାଜରେ ଗୀତ ଭାବରେ ଗୃହୀତ ହୋଇଗଲା, ଲୋକ ସ୍ୱୀକୃତି ପାଇଲା ଏବଂ ସେହି ପଦକୁ ଅଧିକ ସୁନ୍ଦର ଲହର ଦେବାକୁ କରତାଳି, ମାଠିଆ, ଗିନିରୁ ଆରମ୍ଭ ହୋଇ କେତେ କେତେ ବାଦ୍ୟଯନ୍ତ୍ର ଲୋକଙ୍କ ଆଦରକୁ ଆସିଲା । ଭଲ ସ୍ୱର ଓ ଲହର ବାଲା ଯେଉଁମାନେ ଲାଜ ନ କରି ବହୁ ଜନ ସମାଗମରେ ଗୀତ ଗାଇ ପାରିଲେ, ସେମାନେ କେବଳ ପ୍ରଶଂସା ପାଇଲେନି, ବରଂ ପୁରସ୍କାର ଓ ରାଜ ପ୍ରୋତ୍ସାହନ ଲାଭକଲେ । ଏମିତି ଯଦିଚ ଦୁନିଆର ସବୁ ସୀମିତ ଲୋକପୁଞ୍ଜି ବା ଜନବସତିରେ ଗୀତ ଓ ଗାଆଣର ଭିଆଣ ହୋଇଛି, ଆମ ଓଡିଶା ପାଇଁ ଏହା ଶତ ପ୍ରତିଶତ ପ୍ରଜୁଜ୍ୟ । ଏଠିକାର ମାଟିର ସନ୍ତାନମାନେ ପ୍ରକୃତି କୋଳରେ ଗୀତ ଗାଇବାର ଯେତିକି ପ୍ରେରଣା ପାଇଛନ୍ତି, ନ ଗାଇବେ ବା କିପରି ? ପୁଣି ସେମାନେ ଏହି କର୍ମବ୍ୟସ୍ତତା ମଧ୍ୟରେ ଅବସର ବିନୋଦନ ବା ମନୋରଞ୍ଜନ ପାଇଁ ଗୀତ ଓ ନାଚକୁ ସମାଜର ବିଧି ଭାବରେ ଗ୍ରହଣ କରିନେଲେ ।

କେତେ ସହସ୍ରାବ୍ଦଠାରୁ କେଜାଣି, ପୁରାତନ କଳିଙ୍ଗ ସମୟରୁ ଓଡିଶୀ ସଙ୍ଗୀତ ପରି ଗୀତର ଚିତ୍ର ଦେଖିବାକୁ ମିଳେ । ଶୁଣାଯାଏ, କଳିଙ୍ଗ ଯୁଦ୍ଧପରେ କଳିଙ୍ଗ ସମେତ ଭାରତର ସମସ୍ତ ମୌର୍ଯ୍ୟ ଶାସନାଧୀନ ଅଞ୍ଚଳରେ ଗୀତନାଚ, ସମାଜ ଓ ଉତ୍ସବ ବନ୍ଦ ହୋଇଯାଇଥିଲା । ଦେବାନାଂ ପ୍ରିୟ ଅଶୋକ ବର୍ଦ୍ଧନ ଲୋକମାନଙ୍କର ମାନସିକ ଏକାଗ୍ରତା ପାଇଁ ସମାଜ ଓ ଉତ୍ସବ ପାଳନ ବନ୍ଦ କରିଦେଇଥିଲେ । ସମ୍ଭବତଃ ଗୀତନାଚ ପ୍ରିୟ କଳିଙ୍ଗବାସୀ ଲୋକ ଗହଳିରେ ଗୀତନାଚ ପରିହାର କରିଥିଲେ । କିନ୍ତୁ ନିଶ୍ଚିତ ଭାବରେ ଗାଁଗଣ୍ଡାରେ ବେଳଅବେଳରେ ଖଞ୍ଜଣି ବା ଧୁଡୁକି ଟିକିଏ ବଜାଇବାର ଅଭ୍ୟାସ ବା ଛାଡିପାରିବା ସମ୍ଭବ ହୋଇପାରି ନଥିବ । ତାହାର କାରଣ ନିଶ୍ଚିତ ଭାବରେ ଦେଖିବାକୁ ମିଳେ ।

ଅଶୋକଙ୍କର କଳିଙ୍ଗଯୁଦ୍ଧର ମାତ୍ର ଦୁଇଶ ବର୍ଷ ବେଳକୁ ପରିସ୍ଥିତି ଓଲଟ ପାଲଟ ହୋଇଯାଇଥିଲା । ସମରରେ ନୁହେଁ ଭାଷା, ସଂସ୍କୃତି ଓ



ସାମାଜିକତାରେ କଳିଙ୍ଗ ତାର ପାରମ୍ପରିକ ପ୍ରତିଦ୍ୱନ୍ଦୀ ମଗଧକୁ ଟପିଯାଇଥିଲା। ଗୀତ ନାଚ ତାମସାରେ ମହାମେଘବାହାନ ଖାରବେଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳିଙ୍ଗକନ୍ୟା ଗୀତ ଓ ନାଚ ପାଇଁ ସମ୍ମାନୀୟା ହୋଇଯାଇଥିଲା। ଗାୟନର ସୂତ୍ର ଦେଖାଯାଏ, ମହିଳା ବାଦକ ମାନେ ତୁରୀ, ଭେରି, ମର୍ଦ୍ଦଳ, ବେଣୁ, ବୀଣା ନେଇ ପାର୍ଶ୍ୱମଣ୍ଡନ କରୁଥିଲେ। କଅଁଳ ଓଡିଶୀ ଢଙ୍ଗରେ ତରୁଣୀ ତାଳ ଅନୁସାରେ ନାଚିବାରେ ବ୍ୟସ୍ତ, ମୁଣ୍ଡର ପତଳା ଓଢଣି ଥରି ଉଠୁଚି ନାଚର ତାଳେ ତାଳେ। ଷୋଳକଳାର ଖାରବେଳ। ସଂଗୀତ ଓ ଗୀତ ବହୁ ଆଗକୁ ଗତି କରିଥିଲା। ଦୂର ଦୂରାନ୍ତ ନଗର ଓ ଗ୍ରାମପୁଞ୍ଜର ମିଣିପି ଓ ମାଇପି ମାନେ କଳିଙ୍ଗନଗରୀକୁ ଧାଇଁ ଆସୁଥିଲେ। ସବୁଥିରେ ରାଜାଘର ଆଗ୍ରହ ଓ ଆଦର ଥିଲା।

କିଏ ମନାକରିବ, ଖାରବେଳ ଭାରତବର୍ଷର ଶକ୍ତି କେନ୍ଦ୍ରରେ ରହି ମାତ୍ର ତେର ବର୍ଷରେ ଶାସନଗାଦି ଛାଡି ଦେଲେ ? କଅଣ କାରଣ ହୋଇପାରେ ? ନାଚଗୀତ ପ୍ରିୟ ଖାରବେଳ କେବଳ ଏହି କାରଣରୁ ଯେ ଶାସନ ଛାଡିଦେଲେ, ତାହା ବିଶ୍ୱାସ କରାଯାଏ। ଜୈନ ଭିକ୍ଷୁ ମାନେ ରାଜ୍ୟଶାସନ ଏମିତି ମୂର୍ଚ୍ଛି ଦିଅନ୍ତି। ଖାରବେଳ କିନ୍ତୁ ଉଦ୍ଦେଶ୍ୟମୂଳକ ଭାବରେ ରାଜ୍ୟ ତ୍ୟାଗ କରି କୁମାରୀଗିରିକୁ ଦେଶର ପ୍ରାଣକେନ୍ଦ୍ର କରିବାର ଦାୟିତ୍ୱ ନେଲେ। ଏଠାରେ ଏକ ବିରାଟ ଜୈନ ଶିକ୍ଷାୟତନ ଗଢିଲେ, ପୁଣି ଗୀତନାଚ ପାଇଁ ବି ବିବିଧ ନିୟମ ଓ ଶିକ୍ଷାର ବ୍ୟବସ୍ଥା ଦ୍ୱାରା କଳିଙ୍ଗରେ ଗାନ୍ଧର୍ବ ବିଦ୍ୟାର ମୂଳଦୁଆ ପଡିଲା। ଶାସନାନ୍ତର କାଳରେ ଖାରବେଳ କେବଳ ଜଣେ ରାଜର୍ଷି ଓ ଭିକ୍ଷୁ ହୋଇ କୁମାରୀଗିରିରେ ରହୁ ନଥିଲେ, ତାଙ୍କରି ବଳିଷ୍ଠ ଉପଦେଶ ବଳରେ ଧାର୍ମିକ, ସାମାଜିକ, ସାଂସ୍କୃତିକ କାର୍ଯ୍ୟ ଗୁଡିକର ବିକାଶ ହେଉଥିଲା। ତାଙ୍କ ଶାସନକାଳର ବିବରଣୀକୁ କଳିଙ୍ଗର ଶିଳାଶିଳ୍ପୀ ମାନେ ହାତୀଗୁମ୍ଫାର ମଥାରେ ଖୋଦିତ କରିଥିଲେ। ରାଜାଙ୍କର ସୁଦିନର ଚିତ୍ର ଗୁଡିକ କିଭଳି ଗୁମ୍ଫାଗୁଡିକରେ ଜୀବନ୍ତ ଭାବରେ ଖୋଦିତ ହୋଇପାରିବ, ସେଥିପାଇଁ କଳିଙ୍ଗର ଶିଳାଶିଳ୍ପୀ ମାନେ କେତେ ବର୍ଷ ଅଭ୍ୟାସ କରି ରାଜାଙ୍କର ବିଶିଷ୍ଟ ମଗଧ ବିଜୟ, ଆଦିଜିନା ପୁନଃ ପ୍ରତିଷ୍ଠା, କଳିଙ୍ଗରେ ସଙ୍ଗୀତ ନାଟକର ସମାରୋହ, ବାଦ୍ୟଯନ୍ତ୍ରର ବ୍ୟବହାର ରାଣୀହଂସପୁର, ଗଣେଶ ଗୁମ୍ଫା ଓ ଜୟବିଜୟ ଗୁମ୍ଫା କାନ୍ଥରେ ଖୋଦିତ କରାଯାଇଛି। ଏହା କେବଳ ସମାଜର ବାଦ୍ୟ ଗୁଡିକର ସଂଖ୍ୟା ବା ରୂପ ବିଷୟରେ ଇଙ୍ଗିତ ଦିଏନି, ବେଣୁ ବା ବଂଶୀର ଅଗ୍ର ଭାଗରେ ସିଂହ ମୁଣ୍ଡର ଚିତ୍ର ଲୋକମାନଙ୍କର ବାଦ୍ୟଯନ୍ତ୍ର ପ୍ରତି ଆକର୍ଷଣ ଓ ସେମାନଙ୍କର ଗୀତ ସହିତ ତାଳ ଦେବାର କଳା ବହୁ ବିକଶିତ ଥିବାର ଅନୁମାନ କରାଯାଏ। କେତେକ ଚିତ୍ରରେ ନୃତ୍ୟ ଓ ଗୀତର ଆସର ହେଉଥିବାର ଅକଳ୍ପନୀୟ ଚିତ୍ର ସେ ସମୟର ଗାନ୍ଧର୍ବ କଳାର ନିଦର୍ଶନ।



ପୁଣି ରାଣୀ ହଂସପୁର ଆଜିର ଗବେଷଣାରୁ ଲବ୍ଧ ଫଳ ଅନୁସାରେ ଗୋଟିଏ ମଧ୍ୟମ ଆକାରର ପ୍ରେକ୍ଷାଳୟ । ଲମ୍ବ, ପ୍ରସ୍ଥ ଦୃଷ୍ଟିରୁ ତଥା ତିନି ମହଲାର ବିଭିନ୍ନ ମହଲାରେ ସାଧାରଣ, ରାଜକୀୟ ଓ ଧାର୍ମିକ ତଥା ଦେବତା ସ୍ଥାନୀୟ ଲୋକ ବସି ଦେଖିବାର ବର୍ଣ୍ଣନା ତଦାନୀନ୍ତନ କାଳରେ ସମାଜରେ ଏହି ସାଂସ୍କୃତିକ ମୂଳଦୁଆର ରୂପରେଖ ସ୍ପଷ୍ଟ କରିଦିଏ ।



ଆଶ୍ଚର୍ଯ୍ୟର କଥା, ଖାରବେଳ ନିଜ ଅମଳରେ ଗୀତ, ନାଚ ଓ ଭାଷା କ୍ଷେତ୍ରରେ ଯେଉଁ ସାମାଜିକ ଜାଗରଣ ସୃଷ୍ଟି କରିଥିଲେ, ତାହାର ଭାଷ୍ୟ ତିନି ଚାରିଶହ ବର୍ଷ ପରେ ଭରତଙ୍କ ନାଟ୍ୟଶାସ୍ତ୍ରରେ ଚିତ୍ରିତ । ଅବଶ୍ୟ ଭରତ ଦେଶର ପ୍ରଚଳିତ ଭାଷା, ଢଙ୍ଗ ଓ ନାଟ୍ୟମଞ୍ଚ ଅନୁସାରେ ନିଜର ବିସ୍ତୃତ ବର୍ଣ୍ଣନା ରଖିଥିବେ । ଭରତଙ୍କ ଉଡ୍ରବିଭାଷା ବିଷୟ ସୂଚନା ପରଠାରୁ ସୂଚିତ ହୁଏ ଆମର ଭାଷା ଓ ସଂସ୍କୃତି ଆହୁରି କେତେ ସହସ୍ରାବ୍ଦ ପୁରାତନ । କଳିଙ୍ଗର ଗୀତ, ନାଚ ଓ ଗ୍ରାମ ସଂସ୍କୃତି କେତେ ଦିନ ପଛର ଯାହା କି କ୍ଷୁଦ୍ର ଜନବସତିରେ ଆରମ୍ଭ ହୋଇ ସାରା ଅଞ୍ଚଳରେ ବ୍ୟାପୀ ଯାଇଥିଲା ଓ ସାମାଜିକ ସ୍ତରକୁ ଆସିଥିଲା । ଏତେ ବଡ ଦେଶର ଜଣେ ନାଟ୍ୟ ସମ୍ବିଧାନବିତ୍ ଯେତେବେଳେ ମାନ୍ୟତା ଦେଲେ, ତାର ଉପସ୍ଥିତି କେତେ ପୁରୁଣା କଳନା କହି ହେଉନି ।

ଓଡିଶାର ସଂଗୀତର ଲହରି ବିଗତ ଦୁଇ ହଜାର ବର୍ଷରେ ବହୁ ଘାତ ପ୍ରତିଘାତ ଦେଇ କେବେ ଶୁଷ୍କ ହୋଇ ଯାଇନି, ଯବନ ବା ବିଦେଶୀ ଶାସନ କାଳରେ ଜାତିର ସାଂସ୍କୃତିକ କାର୍ଯ୍ୟକଳାପ ଗାଁଗଣ୍ଡା ଓ ରାଜଧାନୀରୁ ଦୂର ନଗର ଗୁଡିକରେ ତିଷ୍ଠି ରହିଛି, ଗୁରୁମାନଙ୍କର କୁଳାଶ୍ରମରେ ବଞ୍ଚି ରହିଛି, ପୁଣି କାଳବେଳରେ ବର୍ଷାଦିନର ଲାଲ ଟୁକୁଟୁକୁ ସାଧବ ବୋହୂ ପରି ଆବିର୍ଭୁତ ହୋଇଛି, ସମାଜରେ ଶାସନ ପଦ୍ଧତିରେ ଅତିଷ୍ଠ ହୋଇପଡିଥିବା ଲୋକ ମାନଙ୍କୁ ସୁବାସିତ ଚନ୍ଦନ ପରି ବୋଧ ହୋଇଛି । ଲିଖିତ ଭାବରେ ଅବା ପ୍ରତ୍ନତତ୍ତ୍ୱର ତଥ୍ୟ ଭାବରେ ଅଧୁନା ଏହି ବିଷୟରେ ବେଶୀ କିଛି କହିବା ସମ୍ଭବ ହେଉ ନ ଥିଲେବି, କଳିଙ୍ଗ, ଉଡ୍ର, ଉତ୍କଳ, ତ୍ରିକଳିଙ୍ଗ, କୋଶଳ, ତୋଷାଳି, ଓଡିଶା ଯେଉଁ କାଳରେ ଯେଉଁ ନାମ ହେଉ, ଶୁଦ୍ଧ ଓଡିଆ କି ମୂଳ ଓଡିଆ ହେଉ ଯୁଗେ ଯୁଗେ ସଂଗୀତ, ବାଦ୍ୟ, ନୃତ୍ୟ ପ୍ରକୃତି ଅନୁପାତରେ ଓଡିଶାର ସାମାଜିକ ଜୀବନକୁ ମଣ୍ଡନ କରିଥିଲା ।

ଶାସନର ଅନ୍ଧକାର ସମୟରେ ରାଜକୀୟ ଓ ପ୍ରଶାସନ ବିଷୟରେ କିଛି ଜଣା ପଡି ନପାରେ କିନ୍ତୁ ରାଜ୍ୟର ସାଂସ୍କୃତିକ ପରିବେଶ ରାଜ୍ୟର ଅଦୃଶ୍ୟ ବଣ ଜଙ୍ଗଲରେ, ନିପଟ ମଫସଲରେ ତିଷ୍ଠି ରହିଥିଲା । ବହୁ ମହାନୁଭବ ସଂସ୍କୃତି ପ୍ରେମୀ ରାଜବଂଶର ପ୍ରୋତ୍ସାହନ ବଳରେ ଗାନ୍ଧର୍ବ ବିଦ୍ୟାର ପୁନରୁଦ୍ଧାର ତଥା ବିକାଶ ଘଟିଛି ।

ଇତିହାସର ଆଦ୍ୟପର୍ବରୁ ଓଡିଶା ଅଗଣିତ ଶିକ୍ଷାର୍ଥୀ, କଳାକାର ଓ ପର୍ଯ୍ୟଟକ ମାନଙ୍କର ଆକର୍ଷଣର ବିନ୍ଦୁ ହୋଇ ଆସିଛି । କାରଣ ଏହାର ପ୍ରାକୃତିକ ବିଭବ, ଜନରାଶି, ଭୂଗୋଳ, ଜଳବାୟୁ, ଖାଦ୍ୟ, ସଂଗୀତ, ବେଶ ପୋଷାକ, ଜୀବନଧାରା ବିସ୍ମୟକର । ବହୁ ରାଜପରିବାରର ଶାସନ, ଦେବଦେବୀ, ମନ୍ଦିର ତୋଳାର ନିଶା, କଳିଙ୍ଗ ହାତୀର କର୍ମକୁଶଳତା ରାଜ୍ୟଟିର ବଡେଇ ଗଢି ତୋଳେ । ଏହି ଅସମ୍ଭବ କାର୍ଯ୍ୟ ସମ୍ପାଦନ କରିବାକୁ ସେମିତି ମାନସିକତା ରହିଛି ଅଧିବାସୀ ମାନଙ୍କର । ଏମାନେ ସଂଗ୍ରାମପ୍ରିୟ, ଜୀବନର ବାଜି ଲଗାଇ କାମ କରିପାରନ୍ତି, ବୋଇତ ବାହି ଦିଗବଳୟ ପାର ହୋଇ ଦୂର ଜଗତକୁ ଯାଆନ୍ତି । ମରିଗଲେ ଅବସୋସ ନାହିଁ, ହଜିଗଲେ ପରବାୟ ନାହିଁ । ସେଇ ବଣିକ ଓଡିଆ ଜାତି ନିଜକୁ କୁହାଇଛି, କଳିଙ୍ଗାଃ ସାହସିକାଃ । ବଳ ଓ ସାହାସର ପ୍ରକୃତ ଉପହାର । କଳିଙ୍ଗ ବାହାରୁ ମୁନୀଋଷିଙ୍କର ବାହାବା ।

ନାଚ, ଗୀତର ମୂର୍ଚ୍ଛନାରେ ରାଜ୍ୟଟିକୁ ନାଟ୍ୟମ□ରେ ପରିଣତ କରନ୍ତି ଅଧିବାସୀ ମାନେ । ମନ୍ଦିରମୟ କରି ଗଢି ତୋଳନ୍ତି ଦେବଦବୀଙ୍କ ସହିତ ଅଂସଖ୍ୟ ପାର୍ଶ୍ୱମୂର୍ତ୍ତି । କେଉଁ ଧାରଣାରେ ଶୈଳୋଭବ କି ସୋମବଂଶୀ ରାଜନ୍ ମାନେ ନଭଶ୍ଚୁମ୍ବୀ ମନ୍ଦିର ମାନ ଗଢି ତୋଳାଇଲେ, ଆଜି ଆମ କଳ୍ପନା ଶକ୍ତିର ବାହାରେ । ଯେତେଦୂର ମନେହୁଏ, ମନ୍ଦିର ତୋଳି ନିଜର ନାଁ ଇତହାସ ପୃଷ୍ଠାରେ କୀର୍ତ୍ତିମାନ ଭାବରେ ବଞ୍ଚାଇ ରଖିବାର ଆନ୍ତରିକତା ଥାଇପାରେ । ନ ହେଲେ ରାଷ୍ଟ୍ରରେ ଧର୍ମମତର ବିକାଶ ପାଇଁ ଅବା ପ୍ରଜାମାନଙ୍କର ରାଜସ୍ୱର ଉତ୍ତରଦାୟିତ୍ୱର ପରାକାଷ୍ଠା ଭାବରେ ବି ଗଢାଯାଇ ଥିବାର ମନେ କରାଯାଇ ପାରେ । ଏହା ବି ରାଜ୍ୟ ପାଇଁ ଯୁଦ୍ଧମୁକ୍ତ ସମୟରେ ବହୁ କର୍ମନିଯୁକ୍ତିର ଗୋଟିଏ ପନ୍ଥା ହୋଇ ପଡିଥିବ । ଖାଲି ସେତିକି ନୁହେଁ, ମନ୍ଦିର ପାଇଁ ପୂଜା ବ୍ୟବସ୍ଥା, ଦେବଦେବୀଙ୍କ ପାଇଁ ଜମି ଖଞ୍ଜା, ଦେବଦାସୀ ନୃତ୍ୟ ବ୍ୟବସ୍ଥା ସହିତ ରାସ୍ତାଘାଟର ସୁପରିଚାଳନା କରିବା ଅତ୍ୟାବଶ୍ୟକ । ପୁଣି ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ପଟ୍ଟଚିତ୍ର, ପୋଥିଚିତ୍ର, ଆଦିର ପ୍ରସାର ଆନୁସଙ୍ଗିକ । ଅତିଥିବତ୍ସଳ ଉତ୍କଳୀୟ ମାନେ ସ୍ୱାଗତ କରୁଥିବା ଦୂରନ୍ତ ଅତିଥିମାନଙ୍କୁ ।

ଆଜିର ଚଳଚଞ୍ଚଳ ବଡ ଦେଉଳ ପରି ଏକାମ୍ର କୃତ୍ତିବାସ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର ଭିତରୁ ଦିନେ ଭାସି ଆସୁଥିଲା ଗୀତଗୋବିନ୍ଦ ଲୟରେ ମାହାନାରୀ ଓଡିଶୀ ନୃତ୍ୟ। ଦେବଦେବୀଙ୍କୁ ସମର୍ପିତ ଉତ୍କଳୀୟ ନୃତ୍ୟଗୀତ !


ଏମିତି ଉତ୍କଳୀୟ ମନ୍ଦିର କଳା ନିଜସ୍ୱ ହୋଇଗଲାଣି। ଦେଶର ଦକ୍ଷିଣ ହେଉ କି ଉତ୍ତର ମାତ୍ର ଉତ୍କୃଷ୍ଟ କଳାର ଦେଶରେ ମନ୍ଦିରର ବିକାଶ ଘଟିଛି ଅନେକ ବ୍ୟବହାରିକ ଭୋଗମଣ୍ଡପ, ମୁଖଶାଳା ଆଦିର ଗଢଣରେ। କେଉଁଠୁ ଶିଖିଲେ ଏଇ ଉତ୍କଳୀୟ ଶଳାଶିଳ୍ପୀ କେଜାଣି, ପାଷାଣରେ ବି ଜୀବନ ଭରି ଦେଇଛନ୍ତି। ଏଗୁଡିକର କଳାକୃତୀର ତୁଳନା ନାହିଁ। ଦେଖିଲେ ପାଷାଣର ବି ଜୀବନ ଅଛି। କଥାକୁହା ମୂର୍ତ୍ତି, ମନ ଦୋହଲାଇ ଦେଉଛି। କିଏ କହିବ ସହସ୍ର ବରଷ ତଳେ ଓଡିଆଣୀ ଏମିତି ପ୍ରସାଧନରତ ନଥିଲା। ଏମିତି ହସଖୁସି ବିଭବମୟ ରାଜ୍ୟରେ ହିଁ ସମ୍ଭବ। ପର୍ଯ୍ୟଟକମାନଙ୍କ ମନ କିଣି ନେବାର ଆକର୍ଷଣ ଏହି ପାଷାଣରେ ଚୁମ୍ବକ ପରି ଯେଉଁ ଶିଳ୍ପୀ ଗଢିତୋଳିଛି, ସିଏ କେତେ ପୁରୁଷରୁ କାମ କରି ଚାଲିଛି ଆମ ଭାବନାକୁ ଚୁରମାର କରିପକାଉଛି।

ଆଜି ବୁଲି ଆସନ୍ତୁ ଭାରତ, ଘୁରି ଆସନ୍ତୁ ସମଗ୍ର ଜଗତ। ଓଡିଶା ଯେତେ କଳାପାହାଡ ଦ୍ୱାରା କ୍ଷତବିକ୍ଷତ ହେଲେ ବି ମନ୍ଦିରମୟ। ମନ୍ଦିରକୁ ଚାହିଁ ଟିକିଏ ଚିନ୍ତା କରନ୍ତୁ। କେତେ କେତେ ମୂର୍ତ୍ତି। ଶିଳ୍ପୀ ସବୁ କଳ୍ପନାରେ ଗଢି ତୋଳି ପାରେନି। ଏତେ ସୁନ୍ଦର କରି ଅପରୂପା ମାନଙ୍କୁ ଠିଆ କରାଇଛି ! ସତରେ କଅଣ ଆମର ଲୋକମାନେ ଏତେ ସୁନ୍ଦର ଥିଲେ, ଏତେ ନାଟକୀୟ ଠାଣିର ଥିଲେ ! ସୂକ୍ଷ୍ମ ବସ୍ତ୍ରର ଆଚ୍ଛାଦନ ତଳେ ସୁସ୍ଥ ଶରୀର ସେମାନଙ୍କର ଦର୍ଶକ ମନକୁ ଭୀଷଣ ଭାବରେ ଦୋଳାୟିତ କରେ। ସେଥିରେ ପୁଣି ରାଜକୀୟ ପ୍ରୋତ୍ସାହନ ରହିଥିବା ପ୍ରତୀୟମାନ ହୁଏ, ଯେମିତି ଉତ୍କୃଷ୍ଟ କଳାର ଦେଶର ଅଧିପତି ନିର୍ଦ୍ଦେଶ ଦେଇଛନ୍ତି, 'ମୂର୍ତ୍ତିଗୁଡିକୁ ଅଧିକ ଜୀବନ୍ତ କର, ଭାବପୂର୍ଣ୍ଣ କର। ଦେଶ ବିଦେଶର ପର୍ଯ୍ୟଟକ ମାନେ ଥରକୁ ଦିଥର ଆସିବେ, ଉତ୍କଳର ଭୂୟସୀ ପ୍ରଶଂସା କରିବେ। ଆମ କଳା ଚାତୁରୀର ପ୍ରଚାର ହେବ।'

ବାଙ୍କ ଚାହାଣୀରେ ଅପଲକ ଦୃଷ୍ଟିରେ ଅନେଇଁ ରହିଥିବା ଦୂରର ସେଇ ରାଜରାଣୀ ମନ୍ଦିର ଲଳନା ସତରେ ଡାକୁଛି। ଦେଖି ନଗଲେ, ମନ ଦୁଃଖ କରିବ। ମନରେ କେତେ ଗୁମାନ କରିବ। କେତେ ଅଭିମାନ କରିବ। ସତରେ ଅନିନ୍ଦ୍ୟ ସୁନ୍ଦରୀ। ସେଇ କାରିଗର ଯିଏ ଆଜି ନାହିଁ, ଥିଲେ କହି ପାରି ଥାଆନ୍ତା, କେଉଁଠି ଏମିତି ସୁନ୍ଦର ମୁହଁଟିଏ ଦେଖିଥିଲା। କିନ୍ତୁ ସେଇ ସୁନ୍ଦରୀ ଆଜି ବଞ୍ଚିଛି, ଶିଳ୍ପୀର କଳା ତିଷ୍ଠି ରହିଛି। ସହସ୍ର ପ୍ରାଣକୁ ସ୍ୱପ୍ନ ଭାବନାରେ ବିମୋହିତ କରୁଛି !

ଓଡିଶାର ମନ୍ଦିର କଳା, ପର୍ଯ୍ୟଟକ ଆକର୍ଷଣ ଏହାର କୁଟୀରଶିଳ୍ପକଳାର ବିକାଶ ଦିଗରେ ସହାୟ ହୋଇଛି। ଓଡିଶାର ଶାଢି, ରେଶମ ବସ୍ତ୍ର, ପୋଥିଚିତ୍ର ସେଇ ମନ୍ଦିର ତୋଳା ସମୟରୁ ବିଦ୍ୟମାନ। କେବଳ ପୁରୀର ଗଜପତି ମହାରାଜା ନୁହଁନ୍ତି, ସବୁ ସାମନ୍ତରାଜାମାନେ କଳାକାର ମାନଙ୍କୁ ମାନ୍ୟତା ପ୍ରଦାନ କରୁଥିଲେ, ଉତ୍ସାହିତ କରୁଥିଲେ, ପୁରୁଷୋତ୍ତମ ଜଗନ୍ନାଥ କ୍ଷେତ୍ରରେ ନିଜର କୃତିତ୍ୱ ପ୍ରଦର୍ଶନ ପାଇଁ ପଠାଉ ଥିଲେ। ଫଳରେ ଓଡିଶାର ଯେତେ କଳାକାର, ଗୁଣୀ, ଲେଖକ, ଶିଳ୍ପୀ ସମସ୍ତଙ୍କର ପୁରୁଷୋତ୍ତମ କ୍ଷେତ୍ରରେ ପ୍ରତିଭାର ପ୍ରଦର୍ଶନ ହେଉଥିଲା।

ଏମିତି ଚିତ୍ରକଳା ବିଷୟରେ ଓଡିଶାରେ ବହୁ କୃତୀ କାରିଗର ଭିତ୍ତିଚିତ୍ର, ପଟ୍ଟଚିତ୍ର ଅବା ପୋଥିଚିତ୍ର ଅଙ୍କନ କରି ରାଜ୍ୟର ମର୍ଯ୍ୟାଦା ବଢାଉଥିଲେ। ଗୀତ ନାଚ ସମ୍ବନ୍ଧରେ ଓଡିଶାର ଅଭିଜ୍ଞତା ଆଜକୁ ଅଢେଇ ହଜାର ବର୍ଷରୁ ଅଧିକ ଅଭିଜ୍ଞତା। ପୂର୍ବରୁ ସାଧିତ ଓଡ୍ରମାଗଧୀ ଓଡିଶାରୁ ମଗଧ ଓ ବଂଗକୁ ପ୍ରସାରିତ ହୋଇଥିବା ପ୍ରତୀୟମାନ ହୁଏ। ଏହା ଗୋଟିଏ କଳା ଓ ଶିକ୍ଷା ଭାବରେ ସମାଜରେ ତିଷ୍ଠି ରହିଥିଲା। ରାଜ ପ୍ରୋତ୍ସାହନ ଏମିତି ନିୟମିତ ଭାବରେ ମିଳୁ ନଥିଲା, ତଥାପି ଗୀତନାଚ ସମାଜର ଆବଶ୍ୟକତା ଭାବରେ ବଞ୍ଚି ରହିଥିଲା। ଉତ୍କଳୀୟ ମନ୍ଦିର ଶିଳ୍ପ ପରୋକ୍ଷ ଭାବରେ ଓଡିଆ ନୃତ୍ୟକଳା ଓ ଓଡିଶୀ ସଂଗୀତର ଉତ୍ଥାନ ପାଇଁ ଦାୟୀ। ମନ୍ଦିରରେ ପୂଜା ପାଇଁ ଓ ଠାକୁରଙ୍କ ବିନୋଦନ ପାଇଁ ନାଚର ବ୍ୟବସ୍ଥା କେତେ ବିଧିର ନାଟ୍ୟ ସଂସ୍କୃତି ଗଢି ତୋଳିଛି। ମନ୍ଦିର ଗାତ୍ରରେ ଖୋଦିତ ନୃତ୍ୟପଟ ଓଡିଶୀ ନାଚର, ଓଡିଶା ବାଦ୍ୟର ପରିଚୟ ଦିଏ। ଖାରବେଳଙ୍କ ଉଦୟଗିରି ରାଣୀହଂସପୁର ଗୁମ୍ଫାର ସଂଗୀତ ଆସରରୁ ଆରମ୍ଭ ହୋଇ ରାଜରାଣୀ ଅବା କୋଣାର୍କର ନୃତ୍ୟରତା ରମଣୀ ଅବା ବାଦ୍ୟକାର ଅତୀତର ପରିଚୟ ଦିଏ। ତରୁଣୀମାନେ ଯେତେବେଳେ ମନ୍ଦିର ପ୍ରଥା ହିସାବରେ ଦେବତାଙ୍କୁ ବିଭା ହେଉଥିଲେ, ସେମାନେ ମନ୍ଦିର ସେବାରେ ନିଜକୁ ଅର୍ପିତ କରିଥିଲେ। ସେଇ ପୂଜନ୍‌ର ମୂଳତତ୍ତ୍ୱ ହୋଇଥିଲା ସୁଲଳିତ କଣ୍ଠରେ ଗାୟନ ଓ ମନ୍ଦିର ମଧ୍ୟରେ ମନଲୋଭା



ଓଡିଶୀ ନୃତ୍ୟ ପ୍ରଦର୍ଶନ । ହଜି ଯାଉଥିଲେ ରାଧା ଭାବରେ ବୈଷ୍ଣବ କ୍ଷେତ୍ରରେ । ଓଡିଶାର ମନ୍ଦିର ମାନଙ୍କରେ କେତେ ଯେ ମୀରାବାଇ ମନ୍ଦିରରେ ତ୍ରିଭଙ୍ଗୀରେ ନୃତ୍ୟରତା ଥିଲେ, ତାହାର ହିସାବ କିଏ ରଖିପାରିବନାହିଁ । ଇତିହାସର କାଳିମା ଦିନେ ହଜାଇବାକୁ ବାଧ୍ୟ କରିଥିଲା କମନୀୟ ଓଡିଶୀ ନାଚ ! ଓଡିଆ ପୁଅର ସୃଜନଶୀଳ ମନ, ପ୍ରାଣ ଓ ଲୟରୁ ପୁନରୁଦ୍ଧାର ହେଲା ବିଲୁପ୍ତ ହୋଇଯାଇଥିବା ସେଇ ଓଡିଆ ଅସ୍ମିତା ।

ଉତ୍କଳ ରାଜ୍ୟ ସୁବର୍ଣ୍ଣଦ୍ୱୀପରେ ନିଜର ଉପନିବେଶ ସ୍ଥାପନ କରିବା ପରେ ମନ୍ଦିର, ଧର୍ମ ଓ ସଂସ୍କୃତିର ପ୍ରସାର କରିପାରିଥିଲା ଶ୍ୟାମ, ଜାଭା, ବାଲି ଓ ଭିଏତନାମରେ । ସେତେବେଳେ ଉତ୍କଳ ଥିଲା ସମଗ୍ର ଦକ୍ଷିଣ ଏସିଆର ଗୀତିମୟ ରାଜ୍ୟ । ଭ୍ରାମ୍ୟମାଣ କବି, ଗାୟକ ମାନଙ୍କର ମୁହଁ ସବୁବେଳେ ରହିଥିଲା ଶ୍ରୀକ୍ଷେତ୍ର ଆଡକୁ । ଅନ୍ତତଃ ଏକାଦଶ ଶତାବ୍ଦୀରୁ ଶାସ୍ତ୍ରୀୟ କଳାର ଓଡିଶୀ ସଂଗୀତ ଓ ନାଚ ପ୍ରତିଷ୍ଠିତ ହୋଇସାରିଥିଲା । ଓଡିଶୀ ନାଚ ଓ ଗୀତର ସ୍ୱତନ୍ତ୍ରତା ହେଉଛି ସ୍ଥାନୀୟ ବାଦ୍ୟର ମୌଳିକତା ।

ଓଡିଶାରେ ବ୍ୟବହାର ମର୍ଦ୍ଦଳ ଏକ ବିଶିଷ୍ଟ ବାଜା ଓ ଏହା ଅନ୍ୟତ୍ର ବ୍ୟବହୃତ ହେଉଥିବା ପଖୌଜ ଠାରୁ ସ୍ୱତନ୍ତ୍ର, ବାଜାର ଦୁଇପାର୍ଶ୍ୱ ଢୁବି ତାବଲା ପରି ସାନବଡ । ବଇଁଶୀ, ମଞ୍ଜୀରା, ସୀତାର ଓ ତାନପୁରା ଓଡିଶୀ ଗୀତରେ ବ୍ୟବହୃତ ଅନ୍ୟାନ୍ୟ ବାଦ୍ୟବୃନ୍ଦ । ଓଡିଶୀ ଓଡିଶାର ବହୁ ଅଭିଜ୍ଞତାଲବ୍ଧ ସଂଗୀତ, ବହୁ ବର୍ଷର ଅଭିଜ୍ଞତା, ଇତିହାସ, ଦାର୍ଶନିକ, ଆଧ୍ୟାତ୍ମିକ, ଭକ୍ତିପୂତ ନିବେଦନକୁ ପାଥେୟ କରି ବିଶ୍ୱଦରବାରରେ ଓଡିଆ ଅସ୍ମିତା ପ୍ରକଟ କରେ ।

ଓଡିଶୀ ଗୀତଶୈଳୀ ହିନ୍ଦୁସ୍ଥାନୀ ଓ କର୍ଣ୍ଣାଟକୀ ସଂଗୀତ ପରି ମୂଳ ଓଡ୍ରମାଗଧିରୁ ଉଦ୍ଭବ ହୋଇ ମଧ୍ୟ ଇଂରେଜ ଶାସନ ମଧ୍ୟରେ ଅବହେଳିତ ହୋଇ ନିଶ୍ଚିହ୍ନ ହେବାକୁ ବସିଥିଲା ।

ଦେଶ ଇଂରେଜଶାସନରୁ ଯେବେ ମୁକୁଳିଲା, ତେବେ ଓଡିଶୀର ପୁନରୁଦ୍ଧାର ହେଲା, କେତେ ଶିଳ୍ପୀ ଏହାର ପୁନର୍ଜନ୍ମ ପାଇଁ ସାଧନା କରି ପୁନରାୟ ରାଷ୍ଟ୍ର ଓ ବିଶ୍ୱ ଦରବାରରେ ଏହାକୁ ପ୍ରତିଷ୍ଠା କରିପାରିଲେ । ଓଡିଶାରେ ସ୍ୱର ସଂଗମ କ୍ଷେତ୍ରରେ ସଂଗୀତଗୁଡିକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇପାରେ – ଆଦିବାସୀ ଗୀତକଳା; କେଳାକେଳୁଣୀ, ଡାଲଖାଇ, ଜାଇଫୁଲ, ଘୁମୁରା, ଘୋଡାନାଚ, ଦଣ୍ଡନାଚ ପରି ଲୋକଗୀତ; ଭଜନ, ଜଣାଣ ଓ ଶ୍ରୀଗୀତଗୋବିନ୍ଦ ପରି ଲଘୁଗୀତ; ଲଘୁ ଶାସ୍ତ୍ରୀୟ ସଂଗୀତ ଓ ଶାସ୍ତ୍ରୀୟ ସଂଗୀତ ।

ସେମିତି ନାଚ କ୍ଷେତ୍ରରେ ଅସୁମାରି ନାଟ ଦେଖିବାକୁ ମିଳେ, ଯଥା – ଓଡିଶୀ, ମାହାରୀ, ଗୋଟିପୁଅ, ନର୍ତ୍ତକୀ, ବାଉଁଶରାଣୀ, ଚଇତି ଘୋଡା, ଛଉ, ଦଣ୍ଡନାଚ, ଦାସକାଠିଆ, ଧନୁଯାତ୍ରା, ଘଣ୍ଟା ପାଟୁଆ, ଘୁମୁରା, ଝୁମର,



କାଠିନାଚ, କେଳାକେଳୁଣୀ, କୃଷ୍ଣଲୀଳା, ପାଇକନୃତ୍ୟ, ପାଲା, ପାଟୁଆଯାତ୍ରା, ରାମଲୀଳା, ରଣପା ଓ ଏପରି ଅନେକ ।

ଆଜିର ସରବରାହ ଦୁନିଆଁରେ ସବୁଠାରେ ସବୁଗୀତ ଶୁଣାଯାଇ ପାରୁଛି । ଖାଣ୍ଟି ଓଡିଆଧର୍ମୀ ଜଗନ୍ନାଥଙ୍କ ଭଜନ ଶ୍ରବଣରେ ଅବା ଓଡିଶୀ ନୃତ୍ୟ ଦର୍ଶନରେ ନିଜକୁ ହଜାଇ ରଖନ୍ତି । ଏହି ଅସ୍ମିତା ବଳରେ ଓଡିଆ ଜାତିର ଗର୍ବ ସହିତ ବର୍ତ୍ତମାନର ବିଶୁଦ୍ଧ ଓଡିଆ ଚରିତ୍ର ପ୍ରଦର୍ଶନ ଓ ଉନ୍ନତ ପରିକଳ୍ପନା ଭବିଷ୍ୟତ ପାଇଁ ସମୃଦ୍ଧ ଓଡିଆ ମାନସିକତା ଉତ୍ତୋଳନ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ସଙ୍ଗୀତ ବିଭାଗ ମୁଖ୍ୟ,
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର
ମୋ – ୯୪୩୭୪୯୬୭୪୮

●●●●

# ୬. ପୂଣ୍ୟଭୂମି ଉତ୍କଳ

# ଓଡ଼ିଆ ହୃଦୟ ସ୍ପନ୍ଦନର ଆଧାର - ଜଗନ୍ନାଥ

*ଡକ୍ଟର ଯୁଗଳ କିଶୋର ଶତପଥୀ*

ଓଡ଼ିଆ ହୃଦ୍ ସ୍ପନ୍ଦନ ଅନୁଭବ କରିହେବ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ବିଜେରୁ। ହିନ୍ଦୁ ଗଜପତି ଶାସନ କାଳର ସୁପ୍ରତିଷ୍ଠିତ ଜଗନ୍ନାଥ ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜ ଶାସନ କାଳରେ ବହୁ ପରାଭବର ସମ୍ମୁଖୀନ ହୋଇଛନ୍ତି। ଓଡିଆ ଶକ୍ତି ଲୁଚି ଯାଇଛି, ଦେଉଳ ଖାଲି ରହିଛି ବା ପ୍ରତିମା ବିଧ୍ୱଂସୀ କଳାପାହାଡ ଅମାନବିକ କାଣ୍ଡ କରୁଛି। ଓଡିଆ ପ୍ରାଣ ଦଗ୍ଧ ହୋଇଛି ଗଙ୍ଗାରେ। ଏମିତି ବିଦେଶୀ ଶାସନରେ ଗଜପତି ରାଜ୍ୟରେ କି ବିଭିଷିକା ଚାଲିଛି, ପଢିଲେ ମନରେ ନିଶ୍ଚିତ ଜାତିଭାବ ଉଦ୍ରେକ ହେବ।

ଇତିହାସରୁ ଜଣାଯାଏ ଯେ ଦ୍ୱାଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଉତ୍ତର ଭାରତରେ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧି ହୋଇ ସାରିଥିଲା। ଠିକ୍ ସେହିପରି ଦକ୍ଷିଣ ଭାରତରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧି ହୋଇଥିଲା ବୋଲି ପ୍ରମାଣ ରହିଛି।

ବିଷ୍ଣୁସ୍ୱାମୀ, ନିମ୍ବାର୍କ ଓ ମାଧ୍ୱାଚାର୍ଯ୍ୟ ଦକ୍ଷିଣ ଭାରତରୁ ଶ୍ରୀକ୍ଷେତ୍ରକୁ ଆସିଥିଲେ। ସେମାନଙ୍କର ପ୍ରଚେଷ୍ଟାର ବୈଷ୍ଣବଧର୍ମର ପ୍ରସାର ଏସବୁ ଅଞ୍ଚଳରେ ହୋଇ ପାରିଥିଲା। ଶ୍ରୀଜଗନ୍ନାଥ ବୈଷ୍ଣବ ମତବାଦର ଶ୍ରେଷ୍ଠ ଓ ପରମ ଆରାଧ୍ୟ ଦେବତା ହୋଇଥିବାରୁ ତାଙ୍କର ପ୍ରସିଦ୍ଧି ସର୍ବତ୍ର ପରିଘୋଷିତ ହୋଇ ପାରିଥିଲା। ସଂକ୍ଷେପରେ କହିବାକୁ ଗଲେ ସମଗ୍ର ଭାରତ ବର୍ଷ ଭିତରେ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗକୁ ଶ୍ରୀଜଗନ୍ନାଥ ସମସ୍ତ ଆର୍ଯ୍ୟ ଓ ଅନାର୍ଯ୍ୟଙ୍କର ଦେବତା ଭାବେ ପ୍ରସିଦ୍ଧି ଲାଭ କରିପାରିଥିଲେ। କ୍ରମେ ଶ୍ରୀକ୍ଷେତ୍ର ସମସ୍ତ ଧର୍ମ ଓ ମତବାଦର ପ୍ରାଣକେନ୍ଦ୍ର ରୂପେ ସମ୍ମାନିତ ହୋଇପାରିଥିଲା। ଏହି ସମୟରେ ରମାନୁଜଙ୍କ ଶ୍ରୀକ୍ଷେତ୍ରକୁ ଆଗମନ ବୈଷ୍ଣବଧର୍ମ ପ୍ରଚାରର ଏକ ମାଇଲଖୁଣ୍ଟ ରୂପେ ପରିଲକ୍ଷିତ ହୋଇଥିଲା। ଶୈବ ଧର୍ମୀ ଚୋଡ଼ଗଙ୍ଗଦେବଙ୍କ ବୈଷ୍ଣବଧର୍ମ ପ୍ରତି ଅନୁରକ୍ତି ହେତୁ ଲକ୍ଷ୍ମୀ-ନାରାୟଣଙ୍କ ଉପାସନା ଓଡ଼ିଶାରେ ସୁଖ୍ୟାତି ଲାଭ କଲା। ଏହି ସମୟରେ ମହାଲକ୍ଷ୍ମୀଙ୍କ ନିମି□ ଏକ ସ୍ୱତନ୍ତ୍ର ମନ୍ଦିର ମଧ୍ୟ ନିର୍ମାଣ କରାଗଲା।

ଏହି ସମୟରେ ଚୋଡ଼ଗଙ୍ଗଙ୍କ ରାଜତ୍ୱ ସମୟରେ ମାଦଳା ପାଞ୍ଜିର ପ୍ରଚଳନ ହୋଇଥିଲା ବୋଲି ପ୍ରବାଦ ମଧ୍ୟ ରହିଛି। ଓଡ଼ିଶାର ବିଶିଷ୍ଟ ଐତିହାସିକ ଘଟଣା ସହ ଜଗନ୍ନାଥଙ୍କ ଦୈନନ୍ଦିନ ବିବରଣୀ ଓ ପୂଜାପାର୍ବଣର ମଧ୍ୟ ଏଥିରେ ଉଲ୍ଲେଖ ରହିଛି। ତାଳପତ୍ର ଗୁଡ଼ିକ ମାଦଳା ଆକାରରେ ସଜ୍ଜିତ କରି ରଖାଯାଉଥିବାରୁ ଏହାକୁ ମାଦଳା ପାଞ୍ଜି ବୋଲି କୁହାଯାଏ। ଏହା ବର୍ତ୍ତମାନ ମଧ୍ୟ ପ୍ରଚଳିତ ହୋଇ ଆସୁଅଛି। ଏଥିରେ ସମସାମୟିକ ଐତିହାସିକ ତଥ୍ୟ ଠିକ୍ ଭାବରେ ଲେଖା ନ ଯାଉଥିଲେ ମଧ୍ୟ ଏହାର ମୂଲ୍ୟବୋଧ ଉପଲବ୍ଧି କରାଯାଉଛି। ଇତିହାସକୁ ଠିକ୍ ଭାବେ ଉପସ୍ଥାପନା କରିବା ପାଇଁ ଏହି ଗ୍ରନ୍ଥ ମଧ୍ୟ ସହାୟକ ହୋଇ ଆସୁଅଛି।

ଏହା ପରେ ବହୁ ଘଟଣା ମଧ୍ୟ ଘଟିଯାଇଛି। ବ୍ରହ୍ମ ସଂପ୍ରଦାୟର ପ୍ରତିଷ୍ଠାତା ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟଙ୍କ ଆଗମନ ହେତୁ ବିଷ୍ଣୁ ନାରାୟଣ ନାମରେ ଅତ୍ୟଧିକ ପ୍ରକୀର୍ତ୍ତିତ ହେଲେ ଓ ରାମଙ୍କ ପ୍ରସିଦ୍ଧି ଓ ସ୍ଥିତି ପ୍ରତିଷ୍ଠା ଲାଭ କଲା 'ଓଁ ରାମକୃଷ୍ଣାୟ ନମଃ' – ବୀଜମନ୍ତ୍ର ଆଦର ବଢ଼ିଲା ଓ ସେହି ମନ୍ତ୍ରକୁ ହରିଙ୍କ ସହ ମିଶାଇ ଦିଆଯାଇ – 'ଓଁ ରାମକୃଷ୍ଣ ହରି' ବୋଲି ସମ୍ବୋଧନ କରାଗଲା। ଶ୍ରୀଜଗନ୍ନାଥଙ୍କ ପ୍ରାଧାନ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଲା ଓ ସେ ହିଁ ଜୀବ ଓ ପରମଙ୍କ ମୁଖ୍ୟ ଆଶ୍ରୟ ସ୍ଥଳ ବୋଲି ପ୍ରକଟିତ ହେଲେ।

ତ୍ରୟୋଦଶ ଶତାବ୍ଦୀର କେତେକ ଗଙ୍ଗ ଅଭିଲେଖରେ ଶ୍ରୀଜଗନ୍ନାଥଙ୍କୁ 'ସର୍ବଲୋକୈକନାଥ' ବୋଲି ଉଲ୍ଲେଖ କରାଯାଇଛି। ଆଉ କେତେକ ଶିଳାଲେଖରେ ତାଙ୍କୁ 'ଚତୁର୍ଦ୍ଦଶ ଭୁବନାଧିପତି' ବୋଲି ମଧ୍ୟ ସମ୍ବୋଧନ କରାଯାଇଛି।

ଏହି ସମୟରେ ଗଙ୍ଗବଂଶର ରାଜା ତୃତୀୟ ଅନଙ୍ଗଭୀମଦେବ (ଖ୍ରୀ. ୧୨୧୧ ଠାରୁ ଖ୍ରୀ. ୧୨୩୮) ଓଡ଼ିଶାରେ ରାଜତ୍ୱ କରିଥିଲେ। ସେ ମୁସଲମାନ ଆକ୍ରମଣରୁ ଓଡ଼ିଶାକୁ ରକ୍ଷା କରିବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିଲେ। ଓଡ଼ିଆ ଜାତିକୁ ମଧ୍ୟ ଦେଶାତ୍ମବୋଧ ଭାବରେ ଆବଦ୍ଧକରି ଏକତ୍ରୀତ କରିପାରିଥିଲେ। ଲୋକଙ୍କର ଧାର୍ମିକ ଓ ସାଂସ୍କୃତିକ ଚେତନାକୁ ମୁଖ୍ୟ ଆଧାର କରି ଐକ୍ୟବଦ୍ଧ କରିବାରେ ବିଶେଷ ସଫଳତା ଲାଭ କରିଥିଲେ। ସେ ସମସ୍ତଙ୍କୁ ମୁକ୍ତ କଣ୍ଠରେ କହୁଥିଲେ ଯେ – ଏ ଜାତି ହେଉଛି ଜଗନ୍ନାଥଙ୍କ। ସେ ହିଁ ଓଡ଼ିଶାର ରାଜା। ରାଜା ହେଉଛି ତାଙ୍କର ପ୍ରତିନିଧି। ସେ ହେଉଛନ୍ତି ତାଙ୍କର ପ୍ରଥମ ସେବକ ବୋଲି ଘୋଷଣା କରିଥିଲେ। ସେ ହିଁ ପ୍ରଥମେ ଛତିଶାନିଯୋଗର ବ୍ୟବସ୍ଥା ପ୍ରଚଳନ କରିଥିଲେ। ସେ ଜଗନ୍ନାଥ ବା ପୁରୁଷୋତ୍ତମଙ୍କ ନାମରେ ମଧ୍ୟ ଅଙ୍କ ପ୍ରଚଳନ କରିଥିଲେ। ତାଙ୍କ ସମୟରେ ହିଁ ଶ୍ରୀଜଗନ୍ନାଥ ରାଷ୍ଟ୍ରଦେବତା ବୋଲି ସମ୍ବୋଧିତ ଓ ସମ୍ମାନିତ ହୋଇଥିଲେ।

ରାଜା ଅନଙ୍ଗଦେବ ନିଜକୁ ଜଗନ୍ନାଥଙ୍କ ରାଉତ ବା ପୁତ୍ର ହିସାବରେ ଓ ନିଜ ସାମ୍ରାଜ୍ୟକୁ 'ପୁରୁଷୋ□ମଙ୍କ ସାମ୍ରାଜ୍ୟ' ଭାବେ ଘୋଷଣା କରିଥିଲେ। ଏଥିରେ ଖୋଦିତ ହୋଇଥିଲା– "ସ୍ୱସ୍ତି ଶ୍ରୀ ମଦନୀୟଙ୍କ ଭୀମଦେବସ୍ୟ

ପ୍ରବର୍ଦ୍ଧମାନେ 'ପୁରୁଷୋତ୍ତମ ସାମ୍ରାଜ୍ୟେ' ଚର୍ତୁସ୍ତିଂ ଶତମେ ଅଙ୍କେ... ୧୨୩୮ ଖ୍ରୀଷ୍ଟାବ୍ଦ। (ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ଜଗମୋହନରେ ଖୋଦିତ ଶିଳାଲେଖ ଖ୍ରୀ. ୧୨୩୦, (ଖ) E.I.Vol - xxx, ପୃଷ୍ଠା-୧୯)

ଏହି ସମୟରେ ରାଜା ଓ ରାଜ୍ୟବାସୀମାନେ ମଧ୍ୟ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ବୋଲି ମନେହୁଏ। ଜଗନ୍ନାଥଙ୍କ ନାମରେ ଦ୍ୱାହି ଦେଇ ରାଷ୍ଟ୍ରର ସୈନିକ ଓ ପାଇକବାହିନୀ ମାନେ ପ୍ରସିଦ୍ଧ ଲକ୍ଷଣାବତୀ ଯୁଦ୍ଧରେ ଖ୍ରୀ. ୧୨୪୫-୪୬ ମସିହାରେ ବଙ୍ଗରେ ମୁସଲମାନ ଶାସନ ଓ ଦିଲ୍ଲୀ ସୁଲତାନଙ୍କ ସମ୍ମିଳିତ ବାହିନୀକୁ ଶୋଚନୀୟ ଭାବେ ପରାସ୍ତ କରିଥିଲେ। ତତ୍ପରେ ସମଗ୍ର ବଙ୍ଗଳା ଦେଶରେ ଜଗନ୍ନାଥଙ୍କ ଖ୍ୟାତି ଓ ପ୍ରସିଦ୍ଧି ବିସ୍ତାର କରିବାକୁ ଲାଗିଲା ଓ ତାଙ୍କର ଦ୍ୱାଦଶାଦି ଯାତ୍ରାମାନ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କଲା। (ରଘୁନନ୍ଦନ ଭଟ୍ଟାଚାର୍ଯ୍ୟ - ଯାତ୍ରାତତ୍ତ୍ୱ, ୧୫୬୦ ଖ୍ରୀ.)

ଦ୍ୱିତୀୟ ମାଦଳାପାଞ୍ଜିରେ ଉଲ୍ଲେଖ ଅଛି ଯେ - ଚୋଡ଼ଗଙ୍ଗ ଦେବ ଜଗନ୍ନାଥଙ୍କ ପାଇଁ ଯେଉଁ ମନ୍ଦିର ତିଆରି କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ, ସେହି ମନ୍ଦିରକୁ ଅନଙ୍ଗଭୀମଦେବ ପରିସମାପ୍ତି କରିଥିଲେ ଓ ପର୍ବପର୍ବାଣୀମାନଙ୍କର ପ୍ରଚଳନ କରିଥିଲେ। ଏଥିରେ ଉଡ଼ାସିଂଘ ବଙ୍କା ହୋଇ ବସିଥିଲା। ପୁଣି ଶ୍ରୀଜଗନ୍ନାଥଙ୍କ ଆଦେଶ ମୁତାବକ ମଶାଣିଆ ହନୁମନ୍ତ ଆସି ଏହାକୁ ସଳଖି ବସାଇଲେ। ଏହା ରାଜାଙ୍କର ନିଷ୍ଠା ଓ ଭକ୍ତି ଯୋଗୁଁ ସମ୍ଭବପର ହୋଇ ପାରିଥିଲା ବୋଲି କେହି କେହି କହନ୍ତି। ତା'ପରେ ରାଜା ମଣୋହି ମଣ୍ଡପ ସ୍ଥାପନ କଲେ। କ୍ଷେତ୍ର ଭିତରେ ଅଷ୍ଟଚଣ୍ଡୀ ଓ ଅଷ୍ଟଶମ୍ଭୁଙ୍କ ଦେଉଳମାନ କଲେ। ଉତ୍ତର ଭାଗରେ କୂପ ଖନନ କଲେ।

ରାଜା ମଧ୍ୟ ବେଢ଼ା ଭିତରେ ମୂର୍ତ୍ତି ସ୍ଥାପନ କଲେ। ନାଟମଣ୍ଡପ ମଧ୍ୟ ନିର୍ମାଣ କଲେ। ଏଠାରେ ଗୀତ ନୃତ୍ୟାଦି ପରିବେଷଣ କରାଗଲା। ଏହି ସମୟରେ ଓଡ଼ିଶା ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିପାରିଥିଲା। ରାଜା ସ୍ୱୟଂ ବୀର ଉପାଧିରେ ଭୂଷିତ ହେଲେ। ତେଣୁ ତାଙ୍କୁ 'ବୀର ଶ୍ରୀଗଜପତି' ବୋଲି ସମ୍ବୋଧନ କରାଗଲା।

ଲାଙ୍ଗୁଳା ନରସିଂହଦେବଙ୍କ ରାଜତ୍ୱ (ଖ୍ରୀ. ୧୨୩୮-୧୨୬୪)

ଅନଙ୍ଗଭୀମଦେବ ତୃତୀୟଙ୍କ ପୁତ୍ର ଲାଙ୍ଗୁଳା ନରସିଂହଦେବ ଓଡ଼ିଶାରେ ରାଜତ୍ୱ କଲେ। ସେ କୋଣାର୍କ ମନ୍ଦିରର ଶ୍ରୀଜଗନ୍ନାଥ, ଶିବ (ବଳଭଦ୍ରଙ୍କ ପ୍ରତିରୂପ) ଓ ଦୁର୍ଗା (ସୁଭଦ୍ରାଙ୍କ ପ୍ରତିରୂପ) ଖୋଦନ କରାଇଥିଲେ। କପିଳାସର ଶିଳାଲେଖରେ ସେ ନିଜକୁ 'ପୁରୁଷୋତ୍ତମ ପୁତ୍ର' ବୋଲି ଅଭିହିତ କରିଥିଲେ।

(ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥ - କୋଣାର୍କ-୩୨, ସଂଖ୍ୟା ୧୯୭୭, ପୃଷ୍ଠା-୧୯, କେଦାରନାଥ ମହାପାତ୍ର)

ପୁନଶ୍ଚ ଇତିହାସରୁ ଜଣାଯାଏ ଯେ ଅନଙ୍ଗଭୀମଦେବ ୩ୟଙ୍କ କନ୍ୟା ଖ୍ରୀ. ୧୨୭୮ରେ ତାଙ୍କର ସ୍ୱାମୀଙ୍କ ସ୍ମରଣାର୍ଥେ ଭୁବନେଶ୍ୱରରର ବିନ୍ଦୁସାଗର କୂଳରେ ଅନନ୍ତ ବାସୁଦେବ ନିର୍ମାଣ କରିଥିଲେ। ଏହି ମନ୍ଦିରର ମୂର୍ତ୍ତି ବିଷୟରେ ବହୁ ତଥ୍ୟାଦି ରହିଛି। ଐତିହାସିକ ରାଜେନ୍ଦ୍ରଲାଲ୍ ମିତ୍ର କହନ୍ତି ଯେ - ଏଥିରେ ଦୁଇ ଠାକୁର ବଳରାମ ଓ ଶ୍ରୀକୃଷ୍ଣ ଯଥାକ୍ରମେ ଅନନ୍ତ ଓ ବାସୁଦେବ ନାମରେ ପୂଜା ପାଉଛନ୍ତି। ପୁଣି ମନମୋହନ ଗାଙ୍ଗୁଲି କହନ୍ତି ଯେ - ଏଥିରେ ଦ୍ୱୈତମୂର୍ତ୍ତି - ଅନନ୍ତ ବାସୁଦେବ ପୂଜା ପାଆନ୍ତି। (R.L.Mitra-Antiquities of Orissa- Vol. II, Page-୮୪)

ମାତ୍ର ମନମୋହନ ଚକ୍ରବର୍ତ୍ତୀଙ୍କ ମତରେ ଏଥିରେ ତିନୋଟି ମୂର୍ତ୍ତି ପୂଜା ପାଆନ୍ତି। ସେମାନେ ହେଲେ- ଅନନ୍ତ, ବାସୁଦେବ ଓ ନୃସିଂହ। ମାତ୍ର ଏହି ମନ୍ଦିରରେ ପ୍ରକୃତରେ ରହିଛନ୍ତି - ଅନନ୍ତ ବଳରାମ ବା ବଳଭଦ୍ର, ବାସୁଦେବ (ଜଗନ୍ନାଥ) ଓ ସୁଭଦ୍ରା। ଏମାନେ ସବୁ ଶିଳାବ୍ରହ୍ମ। ଜଗନ୍ନାଥ ମନ୍ଦିରର ମୂର୍ତ୍ତିମାନ ହେଉଛନ୍ତି ଦାରୁବ୍ରହ୍ମ। ଏଠାରେ ଜଗନ୍ନାଥଙ୍କୁ ବାସୁଦେବ ଭାବେ ଉପାସନା କରାଯାଉଛି। ଏଥିରେ ଓଡ଼ିଶାରେ ବାସୁଦେବ ଉପାସନା କଥା ସ୍ପଷ୍ଟ ହୋଇଯାଉଛି।

ଗଙ୍ଗବଂଶୀୟ ରାଜା ଭାନୁଦେବ ୩ୟ ଖ୍ରୀ.୧୩୦୮-୧୩୨୮ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ। ସେ ଜଗନ୍ନାଥଙ୍କୁ ଓଡ଼ିଶାର ପ୍ରକୃତ ରାଜା ବୋଲି ଘୋଷଣା କରିଥିଲେ। ଜଗନ୍ନାଥଙ୍କ ନାମରେ ମଧ୍ୟ ଅଙ୍କର ପ୍ରଚଳନ କରାଇଥିଲେ। ତାଙ୍କ ସମୟରେ ମୋଗଲ ମାନଙ୍କ ବାରମ୍ବାର ଆକ୍ରମଣ ହୋଇଥିଲା ବୋଲି ଇତିହାସରୁ ଜଣାଯାଏ।

ମୁସଲମାନମାନେ ଜଗନ୍ନାଥ ମନ୍ଦିରକୁ ଧ୍ୱଂସ କରିବା ପାଇଁ ସର୍ବଦା ଚେଷ୍ଟିତ ହେଉଥିଲେ। ତେଣୁ ପାଣ୍ଡବମାନେ ଜଗନ୍ନାଥଙ୍କୁ ଓ ଅନ୍ୟାନ୍ୟ ମୂର୍ତ୍ତିମାନଙ୍କୁ ବିଭିନ୍ନ ସ୍ଥାନରେ ଲୁଚାଇ ରଖୁଥିଲେ। ମାତ୍ର ଭାନୁଦେବ ୩ୟ ମୁସଲମାନଙ୍କର ଆକ୍ରମଣକୁ ପ୍ରତିହତ କରିଥିଲେ। ୧୩୬୦ ଖ୍ରୀଷ୍ଟାବ୍ଦରେ ସୁଲତାନ ଫିରୋଜ ତୋଗଲକ ଜଗନ୍ନାଥ ମନ୍ଦିର ଆକ୍ରମଣ କରିଥିଲେ। ଏହାର ସଫଳ ମୁକାବିଲା କରିଥିଲେ ତତ୍କାଳୀନ ରାଜା ଭାନୁଦେବ ତୃତୀୟ।

ପୁନଶ୍ଚ ଏହି ବଂଶର ଶେଷ ରାଜା ଭାନୁଦେବ ୪ର୍ଥ (ଖ୍ରୀ. ୧୪୨୦-୧୪୩୫)ଙ୍କ ସମୟରେ ମଧ୍ୟ ମନ୍ଦିର ଉପରେ ମୁସଲମାନମାନଙ୍କ ଆକ୍ରମଣ ହୋଇଥିଲା ଓ ରାଜା ଭାନୁଦେବ ଏହି ଆକ୍ରମଣକୁ ପ୍ରତିହତ କରି ମନ୍ଦିରର ସୁରକ୍ଷା କରିପାରିଥିଲେ।

ସୂର୍ଯ୍ୟବଂଶର ରାଜତ୍ୱ କାଳରେ ପୁରୀ କ୍ଷେତ୍ରର ପ୍ରାଧାନ୍ୟ ବହୁଗୁଣରେ ବଢ଼ିଯାଇଥିଲା। ଏହା ଥିଲା ସମଗ୍ର ଭାରତ ବର୍ଷର ପ୍ରଧାନ ସାଂସ୍କୃତିକ ପ୍ରାଣକେନ୍ଦ୍ର। କପିଳେନ୍ଦ୍ରଦେବ (ଖ୍ରୀ.୧୪୩୫-୧୪୬୬) ନିଜକୁ ଜଗନ୍ନାଥଙ୍କର ସେବକ ବୋଲି ପରିଚିତ କରାଇ, ଶ୍ରୀ ଜଗନ୍ନାଥଙ୍କ ଜାତୀୟ ଦେବତା ଭାବରେ ଉଦ୍‌ଘୋଷଣା କରିଥିଲେ। ତାଙ୍କ ସମୟର ଗୋପୀନାଥପୁର ଅଭିଲେଖରୁ ଜଣାଯାଏ ଯେ- ସେ ସୁଭଦ୍ରାଙ୍କୁ ଭଗବତୀ ଓ ଦୁର୍ଗା ରୂପରେ ଦେଖିଛନ୍ତି। ସେତେବେଳର ମହାକବି ସାରଳାଦାସ 'ମହାଭାରତ' ଓ ଚଣ୍ଡୀପୁରାଣରେ ଜଗନ୍ନାଥଙ୍କ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଛନ୍ତି। ସେହି ହିଁ ଏକମାତ୍ର ପରମ ପୁରୁଷ ଓ ପରମାତ୍ମା ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି। ତାଙ୍କର ମହାଭାରତ ହେଉଛି ଏକ ସମନ୍ୱୟ ଗ୍ରନ୍ଥ ଓ ସଂହତି ଧାରାର ଅପୂର୍ବ ସ୍ମାରକୀ।

କପିଳେନ୍ଦ୍ରଦେବ ଶ୍ରୀଜଗନ୍ନାଥଙ୍କ ଆଦେଶ ବଳରେ ଓଡ଼ିଶାର ରାଜା ହେଲେ। ଗଙ୍ଗବଂଶର ଶେଷ ନରପତି ଅପୁତ୍ରିକ ଥିବାରୁ, ରାଜାଙ୍କର ଭୃତ୍ୟ କପିଳ ରାଜସିଂହାସନ ଆରୋହଣ କଲେ। ସେ ରାଜଗାଦି ଆରୋହଣ କରିବା ପରେ ବହୁ ରାଜ୍ୟ ଯଥା- ମାଳବ, ଗୌଡ଼, ଦିଲ୍ଲୀ ଓ କର୍ଣ୍ଣାଟକ ଇତ୍ୟାଦି ଜୟ

କଲେ । ଓଡ଼ିଶା ରାଜ୍ୟକୁ ଗଙ୍ଗାଠାରୁ ସେତୁବନ୍ଧ ଯାଏଁ ବିସ୍ତାର ନ କରି ପ୍ରଜାଙ୍କର ରାଜା ହେଲେ ଓ ଲକ୍ଷେ ରାଜାଙ୍କର ମଉଡ଼ମଣି ବୋଲାଇଲେ । ତେଣୁ ତାଙ୍କୁ କୁହାଗଲା:- "ନବକୋଟି କର୍ଣ୍ଣାଟକ୍ରୋଳବର୍ଗେଶ୍ୱର" । ଏହାପରେ ସେ ମନ୍ଦିର ଭିତରେ ଦେବଦାସୀ ପ୍ରଥାର ପ୍ରଚଳନ କରାଇଲେ । ପ୍ରତ୍ୟହ ସଂଧ୍ୟାଧୂପ ସମୟରେ ସୁନ୍ଦର ଯୁବତୀମାନେ ନୃତ୍ୟ ପରିବେଷଣ କରୁଥିଲେ । ତାଙ୍କର ଲେଖା- "ପରଶୁରାମ ବିଜୟ ବା ଯୋଗ" ଅଭିନୀତ ମଧ୍ୟ ହେଉଥିଲା ।

ଏହା ପରେ କପିଳେନ୍ଦ୍ରଙ୍କ ପୁତ୍ର ପୁରୁଷୋତ୍ତମ ଦେବ ରାଜଗାଦୀ ଆରୋହଣ କଲେ । ସେ ମଧ୍ୟ ଥିଲେ ଜଗନ୍ନାଥଙ୍କର ପରମ ଭକ୍ତ । ରଥଯାତ୍ରା ବେଳେ ସେ ଛେରାପହଁରା କରୁଥିଲେ । ତାଙ୍କ ସମୟର 'କାଞ୍ଚି କାବେରୀ' ଉପାଖ୍ୟାନ ସମଗ୍ର ଭାରତବର୍ଷରେ ଚହଳ ସୃଷ୍ଟି କରିପାରିଥିଲା ।

ରାଜା ପୁରୁଷୋତ୍ତମ ଦେବ ଭୋଗମଣ୍ଡପ ଓ ମଝି କୂର୍ମବେଢ଼ା ନିର୍ମାଣ କରିଥିଲେ । କାଞ୍ଚି ବିଜୟ ହେଉଛି ତାଙ୍କ ଜୀବନର ଏକ ଅଭୁଲା କାହାଣୀ ଓ ଭକ୍ତିଭାବର ଏକ ଚୂଡ଼ାନ୍ତ ନିଦର୍ଶନ । ତେଣୁ କବି ବଳରାମ ଦାସ ତାଙ୍କର "ବେଢ଼ା ପରିକ୍ରମା"ରେ ଲେଖିଛନ୍ତି-

ଏଥୁ ଅନନ୍ତରେ ଜଗମୋହନରେ
ଦେଖିବ ବେନି ଭାଇଙ୍କି
ବିଜେ ଘୋଡ଼ାରେ ଚଢ଼ିଣ ସତ୍ୱରେ
କାଞ୍ଚି କାବେରୀ ପାଇଁକି ।

ପୁନଶ୍ଚ କବି ପୁରୁଷୋତ୍ତମ ଦାସଙ୍କ 'କାଞ୍ଚି କାବେରୀ' ପଦ୍ୟରେ ମାଣିକ ଗୌଡୁଣୀର ଭୂମିକାରୁ ମଧ୍ୟ ଜଣାପଡ଼େ ଯେ- ଜଗନ୍ନାଥ ବଳଭଦ୍ର କଳା ଓ ଧଳା ଘୋଡ଼ାରେ ଚଢ଼ି ଯୁଦ୍ଧ ବେଳେ କାଞ୍ଚି ଅଭିମୁଖେ ଯାତ୍ରା କରିଥିଲେ ଓ ମାଣିକ ଗୌଡୁଣୀକୁ ସଂକେତ ସ୍ୱରୂପ ରତ୍ନମୁଦି ଅର୍ପଣ କରିଥିଲେ । ଏହା ହେଉଛି ଇତିହାସର ଜ୍ୱଳନ୍ତ ନିଦର୍ଶନ । ଏଥିରୁ ଜଗନ୍ନାଥଙ୍କ ଭକ୍ତ ପାଇଁ ଶ୍ରଦ୍ଧା ଓ ଆଶୀର୍ବାଦର ଆଦର୍ଶ ପ୍ରକାଶିତ । ଶାଳ୍ୱ ନରସିଂହଙ୍କୁ ପରାସ୍ତ କରି ତାଙ୍କ ଝିଅ ରୂପାମ୍ବିକାଙ୍କ ପରେ ପରିଚିତ ପଦ୍ମାବତୀଙ୍କୁ ଶେଷରେ ସେ ବିବାହ କରିଥିଲେ । ପ୍ରତିବର୍ଷ ଶ୍ରୀପଞ୍ଚମୀ ଦିନ ଶ୍ରୀଜଗନ୍ନାଥାଦି ବିଗ୍ରହମାନେ କାଞ୍ଚି କାବେରୀ ବେଶ ହୁଅନ୍ତି । କାଞ୍ଚି ରାଜ୍ୟରୁ ମଧ୍ୟ ଗଣେଶ ମୂର୍ତ୍ତି ଆଣି ଶ୍ରୀମନ୍ଦିରରେ ସ୍ଥାପନ କରିଥିଲେ । ଏହି ବିଗ୍ରହ କାଞ୍ଚିଗଣେଶ ନାମରେ ଶ୍ରୀମନ୍ଦିରେ ପୂଜା ପାଇ ଆସୁଛନ୍ତି ।

ପୁରୁଷୋତ୍ତମ ଦେବଙ୍କ ପୁତ୍ର ପ୍ରତାପରୁଦ୍ରଦେବ ମଧ୍ୟ ନିଜ ପିତାଙ୍କ ଭଳି ଜଗନ୍ନାଥଙ୍କୁ ଏ ଜାତିର ଜନକ ଓ ସମ୍ରାଟ ବୋଲି ଅଭିହିତ କରିଥିଲେ । ଜଗନ୍ନାଥଙ୍କ ନାମରେ ଅଜସ୍ର ଟଙ୍କା ସୁନା ଇତ୍ୟାଦି ଦାନ କରୁଥିଲେ ।

ଭକ୍ତି ଭାଗବତରୁ ଜଣାଯାଏ ଯେ- ପ୍ରତାପ ରୁଦ୍ରଦେବ ନିଜ ନାମରେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରାଇଲେ । ମନ୍ଦିରର ଜଗମୋହନ ଜୟବିଜୟ ଦରୋଜାର ଶିଳାଲେଖାରୁ ଜଣାଯାଏ ଯେ ସେ ମନ୍ଦିରରେ 'ଗୀତଗୋବିନ୍ଦ' ବୋଲିବାକୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀଚୈତନ୍ୟଙ୍କ ଆନୁଗତ୍ୟ ଲାଭ କରି ବୈଷ୍ଣବଧର୍ମୀ ଦୀକ୍ଷିତ ହେଲେ ଓ ନିଜକୁ ପରମ ବୈଷ୍ଣବ ବୋଲି ଅଭିହିତ କଲେ ଚୈତନ୍ୟ ଦେବ ଓଡ଼ିଶାକୁ ଆସିବାର ପ୍ରଧାନ କାରଣ ହେଉଛି ଜଗନ୍ନାଥଙ୍କ ଦର୍ଶନ ଓ ସେବା ପାଇଁ, ସେ ଜଗନ୍ନାଥଙ୍କ ଭିତରେ ଦେଖିଥିଲେ ଶ୍ରୀକୃଷ୍ଣଙ୍କୁ । ପଞ୍ଚସଖା ଯୁଗର କବିମାନଙ୍କୁ ମଧ୍ୟ ସେ ଅନୁପ୍ରାଣିତ କରିଥିଲେ । ମାତ୍ର ଏହି କବିମାନେ ଜଗନ୍ନାଥଙ୍କୁ ମୂଳ ଦେବତା ବୋଲି ତାଙ୍କ ଲେଖା ଓ ପୁରାଣ ମାନଙ୍କରେ ଅଭିହିତ କରିଛନ୍ତି । ସେ ହିଁ ନିରାକାର, ନିର୍ଗୁଣ ଓ ନିରଞ୍ଜନ ଓ ଅବତାରୀ ବିଗ୍ରହ ବୋଲି ବିଭିନ୍ନ ଲେଖାମାନଙ୍କରେ ପଞ୍ଚସଖା କବିଗଣ ପ୍ରକାଶ କରିଛନ୍ତି ।

ଗୋବିନ୍ଦ ବିଦ୍ୟାଧର ପ୍ରତାପରୁଦ୍ର ଦେବଙ୍କର ମନ୍ତ୍ରୀ ଥାଇ ଗୋପନରେ ମୁସଲମାନ ବଙ୍ଗଳାର ସୁଲତାନଙ୍କ ସେନାପତି ଇସ୍‌ମାଇଲ୍ ଗାଜୀଙ୍କ ସହ ସଂପର୍କ ସୃଷ୍ଟି କରି ପ୍ରତାପରୁଦ୍ର ଦେବଙ୍କ ମନ୍ଦିରର ଦୁର୍ଗ ଅବରୋଧରେ ବ୍ୟାଘାତ ଘଟାଇଥିବା କଥା ମାଦଳାପାଞ୍ଜି (ପ୍ରାଚୀ ସମିତି - ପୃ-୧୫୬)ରେ ଉଲ୍ଲେଖ ହୋଇଛି ।

ପରବର୍ତ୍ତୀ କାଳରେ ସେ ତାଙ୍କର (ପ୍ରତାପରୁଦ୍ର ଦେବଙ୍କ) ପୁତ୍ରମାନଙ୍କୁ ବଧ କରି ଗୋବିନ୍ଦ ବିଦ୍ୟାଧର ରାଜା ହେଲେ ଓ ଭୋଇ ବଂଶ ପ୍ରତିଷ୍ଠା କଲେ ।

ମୁକୁନ୍ଦ ଦେବ ବଡ଼ଦେଉଳ ସିଂହଦ୍ୱାର ଠାରୁ ଗୁଣ୍ଡିଚା ଘର ପର୍ଯ୍ୟନ୍ତ ଦୁଇ ଭାଇ ଶାସନ ବସାଇଲେ । ଏ ମହାରାଜାଙ୍କ ଆଠ ଅଙ୍କର ଅର୍ଥାତ୍ ୧୫୬୦ ଖ୍ରୀ. ପରମେଶ୍ୱରଙ୍କୁ ବାହାର ବେଢ଼ା ଦକ୍ଷିଣ ବାଡ଼େ ଜଗଦୋଳ କଲେ । ଏହାର ମୃତ୍ୟୁ ପରେ ପରେ କଳାପାହାଡ଼ ଆକ୍ରମଣ କରିଥିଲା ।

କଳାପାହାଡ଼ ଆକ୍ରମଣ : ରାଜା ତେଲେଙ୍ଗା ମୁକୁନ୍ଦଦେବ ହେଉଛନ୍ତି ଓଡ଼ିଶାର ଶେଷ ସ୍ୱାଧୀନ ରାଜା । ସେ ଆକବରଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲେ । ଏହି ମିତ୍ରତା ସ୍ଥାପନ ଫଳରେ ବଙ୍ଗର ନବାବ ସୁଲେମାନ କରାନୀ ଙ୍କ ଶକ୍ତି ହ୍ରାସ ହୋଇଥିଲା । ସେ ମଧ୍ୟ ଆକବରଙ୍କ ବଶ୍ୟତା ସ୍ୱୀକାର କରିଥିଲେ । ମାତ୍ର କିଛି ବର୍ଷ ପରେ ସେ ଶକ୍ତିଶାଳୀ ହେବାରୁ ଓଡ଼ିଶାକୁ ଆକ୍ରମଣ କରିଥିଲେ । ମାତ୍ର ସମ୍ରାଟ ଆକବର ଏତିକିବେଳେ ଆଉ ମୁକୁନ୍ଦଦେବଙ୍କୁ ସାହାଯ୍ୟ କଲେ ନାହିଁ । ଫଳରେ ମୁକୁନ୍ଦଦେବ କଟକ ଫେରିବା ପୂର୍ବରୁ ସୁଲେମାନଙ୍କ ସେନାପତି କଳାପାହାଡ଼ କଟକ ଆକ୍ରମଣ କଲେ । ପୁରୀ, ଭୁବନେଶ୍ୱର ଓ କୋଣାର୍କ ଇତ୍ୟାଦି ସ୍ଥାନମାନଙ୍କରେ ବହୁ ମନ୍ଦିରମାନ ଧ୍ୱଂସ କରିପକାଇଲେ । ସମସ୍ତ ଯାଗାରେ ଠାକୁର ମାନଙ୍କୁ ଖୁଣ କଲେ ଓ ନାନାଦି ତାଣ୍ଡବଲୀଳା ସୃଷ୍ଟି କଲେ ।

ଶେଷରେ ପ୍ରାୟ ତିନିଶହ ହାତୀ ଉପରେ ଆଫଗାନ ସୈନ୍ୟମାନଙ୍କୁ ବସାଇ କଳାପାହାଡ଼ ପୁରୀ ସହର ଭିତରେ ପଶିଗଲେ ଓ ବହୁତ କିଛି ଭଙ୍ଗାରୁଜା କଲେ ।

ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ଦାରୁମୂର୍ତ୍ତି ସବୁ ଅଗ୍ନିରେ ପକାଇ ପୋଡ଼ିଦେବା ସମୟରେ ଭକ୍ତ ବିଶର ମହାନ୍ତି ଜଗନ୍ନାଥଙ୍କ ନାଭି ବ୍ରହ୍ମକୁ ଅତି ଚତୁରତାର ସହିତ ଉଦ୍ଧାର କରିଥିଲେ ।

ମାଦଳାପାଞ୍ଜିରେ ଲେଖା ଅଛି ଯେ- ମୁସଲମାନମାନଙ୍କ ଆକ୍ରମଣ ଭୟରେ ଠାକୁରମାନଙ୍କୁ ଛଅପଲ୍ଲି ହାତୀପଡ଼ା ନେଇଯାଇ ସେଠାରେ ସେବକମାନେ ଲୁଚାଇ ରଖିଥିଲେ । ସେହିଦିନୁ କଟକରେ କେହି ରାଜା ନଥିଲେ । ପରୀଛା ଦିବ୍ୟସିଂହ ପଟ୍ଟନାୟକ ଠାକୁରଙ୍କୁ ଘେନି ଗଲେ । ଜଗନ୍ନାଥ ବି ଦିଅଁମାନଙ୍କୁ ପାତାଳି କରିଦେଲେ । ମାତ୍ର ସେହି ସ୍ଥାନକୁ ମଧ୍ୟ କଳାପାହାଡ଼ ଯାଇ ଦିଅଁଙ୍କୁ ଠାବ କଲା । ସେଠାରୁ ଦିଅଁଙ୍କୁ ହାତୀରେ ବସାଇ ଆଣିଲା ବାଉନ କୋଟି ଭଣ୍ଡାର ସେଠାରେ ଜୁର କଲା । ବଡ଼ଦେଉଳକୁ ମଧ୍ୟ ଅଁଳାଶିରୀ ପର୍ଯ୍ୟନ୍ତ ଭଙ୍ଗାଇ ଦେଲା । କଞ୍ଚବଟକୁ ଖୋଳି ତାଡ଼ି ଦେଲା । ଘୋଡ଼ା ନନ୍ଦି ପୂରାଇ ନିଆଁ

ଲଗାଇଦେଲା । ଜଗନ୍ନାଥାଦି ବିଗ୍ରହମାନଙ୍କୁ ଗଙ୍ଗାକୂଳ ପର୍ଯ୍ୟନ୍ତ ନେଇଗଲା । ସେଠାରେ କାଠ ପକାଇ ଜାଳିଦେଲା । ମାତ୍ର ଏତିକିବେଳେ ତା'ର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଗଲା । ଏହି ଖବର ପାଇ ତା'ର ପୁଅ ଗଙ୍ଗାରେ ପରମେଶ୍ୱରଙ୍କୁ ପକାଇଦେଲା । ସେହି ଦାରୁ ଭାସି ଆସିବାରୁ ଅମୁରା ଗୋଟିଏ ଜାଳେଣି କାଠ ବୋଲି ଭାବି ତାକୁ ନେଇ ନିଜ ବାରିରେ ପକାଇଦେଲା । ଏହି ସମସ୍ତ ଘଟଣା ପଛରେ ବିଶର ମହାନ୍ତିର ତୀକ୍ଷ୍ଣ ଦୃଷ୍ଟି ଥାଏ । ସେ କୌଶଳରେ ସେହି ଦାରୁକୁ ଆଠମାସ ପରେ ମୃଦଙ୍ଗରେ ପୂରାଇ ଘେନି ଆସିଲା । କୁଜଙ୍ଗ ଗଡ଼ରେ ବିଗ୍ରହଙ୍କୁ ଲୁଚାଇ ରଖିଲା ଓ ଖଣ୍ଡାୟତ ହୋଡ଼ିଆ ଉପରେ ଦୁଇ ଠାକୁର ରହିଲେ । ପରେ ପରେ ଜଗନ୍ନାଥ ଦେବଙ୍କ ପୁରୀରେ ପୁନଃ ପ୍ରତିଷ୍ଠା ହେଲେ । ଏହା ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ହୋଇଥିଲା ।

ଭୋଇ ବଂଶର ରାଜା ରାମଚନ୍ଦ୍ରଦେବ ଦକ୍ଷିଣ ଓଡ଼ିଶାରୁ ଆସି ୧୫୨୨ରେ ଖୋର୍ଦ୍ଧାକୁ ରାଜଧାନୀ କରି ଏକ କ୍ଷୁଦ୍ର ରାଜ୍ୟ ଗଠନ କରିଥିଲେ ଓ ନିଜକୁ ଗଜପତି ଭାବରେ ଘୋଷଣା କଲେ । ୧୬୦ (ମାଦଳାପାଞ୍ଜି, ରାମଚନ୍ଦ୍ର ଦେବଙ୍କ ରାଜତ୍ୱ ଇତିହାସ, ପୃଷ୍ଠା-୬୩)

ପରେ ଆକବରଙ୍କ ସେନାପତି ରାଜ ମାନସିଂହ ୧୫୯୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶାକୁ ଆସି ରାମଚନ୍ଦ୍ର ଦେବଙ୍କୁ ଓଡ଼ିଶାର ଗଜପତି ରାଜା ମନସିଂହ ୧୫୯୨ ଖ୍ରୀଷ୍ଟାବରେ ଓଡ଼ିଶାକୁ ଆସି ରାମଚନ୍ଦ୍ର ଦେବଙ୍କୁ ଓଡ଼ିଶାର ଗଜପତି ଓ ଜଗନ୍ନାଥ ମନ୍ଦିରର ପରିଚାଳକ ଭାବେ ଘୋଷଣା କଲେ । ତେଣୁ ରାଜା ହେବାର ବହୁ ସ୍ଥିରତା ଆସିଗଲା । ପରେ ସେ କୁଞ୍ଜଗରୁ ବ୍ରହ୍ମଙ୍କୁ ଆଣି ଖୋର୍ଦ୍ଧାରେ ରଖିଲେ ଓ ତା'ର ପରବର୍ତ୍ତୀ ଦଶଅଙ୍କ ଅର୍ଥାତ୍ ୧୫୭୬ରେ ନୂତନ ମୂର୍ତ୍ତିମାନ ଗଠନ କରି ଶ୍ରୀମନ୍ଦିରରେ ସ୍ଥାପନ କଲେ । ଶ୍ରୀମନ୍ଦିରରେ ସଂଖୋଡ଼ି ଭୋଗର ପୁନଃ ପ୍ରବର୍ତ୍ତନ କଲେ । ତେଣୁ ବହୁ ସାଧୁ ସନ୍ଥ ଓ ସନ୍ନ୍ୟାସୀମାନେ ଆସି ଏଠାରେ ପ୍ରସାଦ ସେବନ କଲେ । ଏଥିପାଇଁ ରାଜା ରାମଚନ୍ଦ୍ରଙ୍କୁ ଅଭିନବ ଇନ୍ଦ୍ରଦ୍ୟୁମ୍ନ ବା ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ବୋଲି ବ୍ୟାଖ୍ୟା ଦିଆଗଲା ।

ପରେ ପରେ ରାଜା ରାମଚନ୍ଦ୍ର ଦେବ ଜଗନ୍ନାଥଙ୍କୁ ଉତ୍କଳର ରାଷ୍ଟ୍ରଦେବତା ଭାବରେ ଘୋଷଣା କଲେ । ମାତ୍ର ସେ ଯାହାହେଉ ଜଗନ୍ନାଥଙ୍କ ସହିତ ତାଙ୍କର ସମ୍ପର୍କ ଓ ତା'ର ପରବର୍ତ୍ତୀ ରାଜାଙ୍କ ସମ୍ପର୍କ ସେତେ ଉତ୍ତମ ହୋଇ ପାରିନଥିଲା । ତାଙ୍କର ପୂର୍ବବର୍ତ୍ତୀ ରାଜାମାନେ ତାଙ୍କର ନିଷ୍ଠା ଯୋଗୁ ଜଗନ୍ନାଥଙ୍କର ଅତି ନିକଟତର ହୋଇଥିଲେ ବୋଲି ଲୋକମୁଖରେ କଥିତ ଅଛି । କାରଣ ଦେବଦାସୀ ପ୍ରଥା କ୍ରମେ ଲୋପ ହେବାକୁ ବସିଲା । ଅନେକ ଦେବଦାସୀ ରାଜା ଓ ଜମିଦାର ମାନଙ୍କ ସେବାରେ ନିୟୋଜିତ ହେବାକୁ ଲାଗିଲେ ।

ଏହି ରାଜାଙ୍କ ସମୟରେ (୧୫୭୮ ଖ୍ରୀଷ୍ଟାବ୍ଦରେ) ଅର୍ଥାତ୍ ୧୪ ଅଙ୍କରେ ଦିଲ୍ଲୀର ମନ୍ତ୍ରୀ ମାନସିଂହଙ୍କ ସ୍ତ୍ରୀ ଶ୍ରୀମତୀ ଗୌରୀଦେବୀଙ୍କ ଚେଷ୍ଟାରେ ମୁକ୍ତିମଣ୍ଡପ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଲା । ସେହିବର୍ଷ ମଧ୍ୟ ରାଜା ରାମଚନ୍ଦ୍ରଦେବ ବହୁ କୋଠକାଠର ବ୍ୟବସ୍ଥା ପ୍ରଚଳନ କଲେ । ପୁନଶ୍ଚ ଏହି ରାଜାଙ୍କ ସମୟରେ (୩୪ ଅଙ୍କରେ) ଖ୍ରୀ.୧୫୯୫ରେ ଦାମୋଦର ଚମ୍ପତିରାୟ, ପରିଚ୍ଛା ବଡ଼ଜେନାଙ୍କ ପୁତ୍ର ମନ୍ଦିରରେ ନୀଳଚକ୍ର ସ୍ଥାପନ କଲେ ।

ତତ୍ପରେ ରାମଚନ୍ଦ୍ରଦେବ ଦ୍ୱିତୀୟ (ଖ୍ରୀ.୧୭୩୧-୧୭୩୬) ଶ୍ରୀଜଗନ୍ନାଥଙ୍କ ମୁସଲମାନ ଆକ୍ରମଣ ଦାଉରୁ ରକ୍ଷା ପାଇବା ପାଇଁ ସେ ମୁସଲମାନ କନ୍ୟାଙ୍କୁ ବିବାହ କରିବା ପାଇଁ ଓ ଇସ୍‌ଲାମ ଧର୍ମ ଗ୍ରହଣ କରିବା ପାଇଁ ଉଚିତ୍ ମନେକଲେ । ଏହାଦ୍ୱାରା ପଣ୍ଡା, ମୁକ୍ତିମଣ୍ଡପ ପଣ୍ଡିତ, ସାଧାରଣବର୍ଗ ସେବକ ଓ ଓଡ଼ିଶାବାସୀ ନିନ୍ଦିତ ହେଲେ । କାହାରି ମନରେ ସୁଖ ଓ ଆନନ୍ଦ ରହିଲା ନାହିଁ ।

ସେ ଗୁପ୍ତରେ ଠାକୁରମାନଙ୍କୁ ସ୍ଥାନାନ୍ତରିତ ବ୍ୟବସ୍ଥା କଲେ । ପରେ ଏହାର ରହସ୍ୟ ଜାଣିବାରୁ ତାଙ୍କର ଜଗନ୍ନାଥ ଦର୍ଶନ ସୁବିଧା ପାଇଁ ଶ୍ରୀମନ୍ଦିରର ସିଂହଦ୍ୱାର ପାଖରେ ପତିତପାବନଙ୍କ ମୂର୍ତ୍ତି ସ୍ଥାପନ କରାଗଲା ।

ରାମଚନ୍ଦ୍ରଦେବ ଦ୍ୱିତୀୟ ମୁସଲମାନ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପ୍ରତି ବିଶେଷ ଅନୁରକ୍ତି ରହିଥିଲା । ତାଙ୍କ ଅମଳରେ ଚାରିଅଙ୍କରେ ଅର୍ଥାତ୍ ୧୭୨୮ ଖ୍ରୀଷ୍ଟାବ୍ଦରେ ବକ୍ସି ବେଣୁ ଭ୍ରମରବର ପୂର୍ବେ ମହାରାଜା ମୁକୁନ୍ଦଦେବ ଅଣାଇଥିବା ଚାରୋଟି ମୁଗୁନି ପଥରରେ ଖମ୍ବ ତିଆରି କରି ଗୁଣ୍ଡିଚା ଘରର ଜଗମୋହନ ତିଆରି କରାଇଥିଲେ ।

ତତ୍ପରେ ତାଙ୍କର ପୁତ୍ର ବୀରକେଶରୀଦେବ ୧ମ ଓଡ଼ିଶାର ସମସ୍ତ ରାଜାମାନଙ୍କ ସାହାଯ୍ୟରେ ମୁସଲମାନଙ୍କ ହାତରୁ ଖୋର୍ଦ୍ଧା ରାଜ୍ୟକୁ ଫେରାଇ ଆଣିଥିଲେ । ମାତ୍ର ତାଙ୍କ ବାପା ମୁସଲମାନ ହେବା ହେତୁ ସେ ଗଜପତି ରାଜାର ସମ୍ମାନ ଓ ପବିତ୍ରତା ପାଇପାରିନଥିଲେ । ସେ ମନରେ ବହୁତ ଚିନ୍ତା କରି ଭୋଗମଣ୍ଡପ ଓ ସ୍ନାନମଣ୍ଡପ ଇତ୍ୟାଦି ନିର୍ମାଣ କରିଥିଲେ ଓ ମନ୍ଦିରରେ ଚୂନ ଲିପିବାର ବ୍ୟବସ୍ଥା କରିଥିଲେ । (ଡକ୍ଟର ଭଗବାନ ପଣ୍ଡା, ଓଡ଼ିଶାର ଧର୍ମ, ପୃ-୧୧୯)

ମରହଟ୍ଟା ଶାସନ କାଳରେ (ଖ୍ରୀ.୧୫୫୧-୧୮୦୩) ଖୋର୍ଦ୍ଧାର ରାଜାମାନେ ଜଗନ୍ନାଥଙ୍କ ସେବା ପୂଜା ଓ ମନ୍ଦିର ପରିଚାଳନା କରିବା କାର୍ଯ୍ୟରୁ ବଞ୍ଚିତ ହୋଇଥିଲେ । ଖୋର୍ଦ୍ଧା ରାଜାମାନଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ନିବିଡ଼ ସଂପର୍କ ରହିଆସିଥିଲା । ମାତ୍ର ମରହଟ୍ଟାମାନେ ଏସବୁ କଥା ସହ୍ୟ କରିପାରିନଥିଲେ । ଖୋର୍ଦ୍ଧା ରାଜାମାନଙ୍କୁ ହାତରୁ ପରିଚାଳନା ଦାୟିତ୍ୱ କାଢ଼ି ନେଇଥିଲେ । ମରହଟ୍ଟାମାନେ କ୍ରମେ ମନ୍ଦିର ପରିଚାଳନା କଥା ବୁଝିବାକୁ ଚେଷ୍ଟା କଲେ ଓ ଗଜପତି ଭାବରେ କାର୍ଯ୍ୟ ନିର୍ବାହ କଲେ ।

ମରହଟ୍ଟା ରାଜାମାନେ ଠାକୁରଙ୍କ ପାଇଁ ଜମିବାଡ଼ି ବହୁମାତ୍ରାରେ ଖଞ୍ଜିଦେଲେ ଓ ମନ୍ଦିର କାର୍ଯ୍ୟ ନିଜ ଦାୟିତ୍ୱରେ ରଖିଲେ । ସେମାନେ ମୁସଲମାନ ରାଜାମାନଙ୍କ ଭଳି ଯାତ୍ରୀକର ମଧ୍ୟ ଆଦାୟ କରୁଥିଲେ । ସୁନାର ଲକ୍ଷ୍ମୀମୂର୍ତ୍ତି ପ୍ରତିଷ୍ଠା କରି ଜଗନ୍ନାଥଙ୍କ ସିଂହାସନର ବାମପାର୍ଶ୍ୱରେ ସ୍ଥାପନ କଲେ । ଇନ୍ଦ୍ରଦ୍ୟୁମ୍ନ ସରୋବର ପଥର ବନ୍ଧ ବନ୍ଧାଇଲେ ଓ ଜଳକୁ ପରିଷ୍କାର କଲେ । ମନ୍ଦିରର ଝୁଲଣ ଯାତ୍ରାର ବିଧିବିଧାନ ସବୁ ପାଳନ କଲେ । ସିଂହାସନର ପଛପଟେ ପଥରକାନ୍ଥ ବସାଇଲେ । ଦୋଷୀକୁ ମଧ୍ୟ ଦଣ୍ଡବିଧାନ କରାଯାଉଥିଲା । ଦୋଷୀକୁ କାର୍ଯ୍ୟରୁ ଅନ୍ତର କରାଯାଉଥିଲା । ଆଗେ ୩୬ଟି ନିଯୋଗ ଥିଲା ମାତ୍ର ମରହଟ୍ଟାମାନଙ୍କ ସମୟରେ ଅର୍ଥାତ୍ ଖ୍ରୀ. ୧୮୦୫ ବେଳକୁ ୨୫୦ରେ ପହଞ୍ଚି ପାରିଥିଲା । ଦେଉଳ ପରିଚାଳକ ଭାବେ ଜଣେ ପରିଚ୍ଛା ରହିଥିଲେ । ତାକୁ ବଡ଼ଦେଉଳର ପରିଚ୍ଛା କୁହାଯାଉଥିଲା । ମାତ୍ର ଭଲ ପରିଚାଳନା ପାଇଁ ତାଙ୍କୁ ତିନିଜଣ ପରିଚ୍ଛା ସାହାଯ୍ୟ କରୁଥିଲେ । ମୁସଲମାନ ରାଜତ୍ୱକାଳ ପ୍ରାୟ ଦୁଇଶହ ବର୍ଷ ଭିତରେ ଓଡ଼ିଶାରେ ବହୁ ମନ୍ଦିରାଦି ନଷ୍ଟ

ହୋଇଯାଇଥିଲା । ମାତ୍ର ମରହଟ୍ଟାମାନେ ସେହି ମନ୍ଦିରକୁ ପୁନରୁଦ୍ଧାର କରିଥିଲେ । ମରହଟ୍ଟାମାନଙ୍କ ସମୟରେ ଓଡ଼ିଶାର ସମର ଶକ୍ତି ଦୁର୍ବଳ ହୋଇପଡ଼ିଥିଲା ଓ ପରେ ଲୋପ ହେବାକୁ ମଧ୍ୟ ବସିଲା, ଇଂରେଜୀମାନେ ଖ୍ରୀ. ୧୮୦୩ରେ ଓଡ଼ିଶାକୁ ଦଖଲ କଲେ ଓ ତତ୍ପରେ ବହୁ ବିଶୃଙ୍ଖଳା ସୃଷ୍ଟି ହୋଇ ଓଡ଼ିଶା ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇ ପଡ଼ିଥିଲା ।

ଖ୍ରୀ. ୧୮୦୩ରେ ଅକ୍ଟୋବର ମାସରେ ଇଂରେଜମାନେ ଓଡ଼ିଶାକୁ ନିଜ ଶାସନାଧୀନ କରିବା ପରେ ସେହିବର୍ଷ ହିଁ ସେମାନେ ପୁରୀର ଜଗନ୍ନାଥ ମନ୍ଦିରକୁ ଦଖଲ କଲେ । ପ୍ରାୟ ସେହି ବର୍ଷ ଇଂରେଜୀମାନେ ଗଞ୍ଜାମ, ବାଲେଶ୍ୱର ଜିଲ୍ଲା ଆଗେରା ସମସ୍ତ ଅ□ଳକୁ ନିଜ ଦଖଲକୁ ନେଇଗଲେ । ସେତେବେଳକୁ ଲର୍ଡ଼ ଉଏଲ୍ ସଲି ଭାରତବର୍ଷର ଦାୟିତ୍ୱରେ ସଂପୂର୍ଣ୍ଣ ନଜର ରଖିବା ହେତୁ ଓଡ଼ିଶାର ଜଗନ୍ନାଥଙ୍କ ପ୍ରତି ମଧ୍ୟ ଅତ୍ୟନ୍ତ ଉଦାର ଭାବନା ପୋଷଣ କରିଥିଲେ । କାରଣ ସେ ବୁଝିପାରିଥିଲେ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ରାଷ୍ଟ୍ରଦେବତା ଓ ଓଡ଼ିଆଙ୍କ ଜୀବନ ନିର୍ବାହ ସୂତ୍ରର ପରମ ଆରାଧ୍ୟ ଓ ଉପାସିତ ବିଗ୍ରହ । ତେଣୁ ସେ କର୍ଣ୍ଣେଲ୍ କ୍ୟାମ୍ପ୍ ବେଲ୍‌ଙ୍କୁ ଜଗନ୍ନାଥ ମନ୍ଦିର ଓ ସେଠାକୁ ଦର୍ଶନ ପାଇଁ ଆସୁଥିବା ଯାତ୍ରୀମାନଙ୍କ ସୁରକ୍ଷା ପ୍ରଦାନ କରିବା ପାଇଁ ଉପଦେଶ ଦେଇଥିଲେ ।

ଜଗନ୍ନାଥ ମନ୍ଦିରର ପଣ୍ଡା, ସେବକ ଓ ଟହଲିଆ ଇତ୍ୟାଦିଙ୍କ ବିଷୟରେ ବୁଝାସୁଝା କରି ତାଙ୍କର ସମସ୍ତ ପ୍ରକାର ସୁବିଧା ପ୍ରତି ଲକ୍ଷ୍ୟ ଦେବାକୁ ମଧ୍ୟ କହିବାକୁ ଭୁଲିନଥିଲେ । ଏଥିପାଇଁ ମଧ୍ୟ ସ୍ୱତନ୍ତ୍ର ଆଦେଶନାମା ଦେଇଥିଲେ ।

ସେ ମନ୍ଦିରର ସୁପରିଚାଳନା ପାଇଁ ଧ୍ୟାନ ଦେଇ ଅପର ପକ୍ଷରେ ଖୋର୍ଦ୍ଧା ରାଜା ମୁକୁନ୍ଦଦେବଙ୍କ ଠାରୁ ମଧ୍ୟ ମନ୍ଦିର ପରିଚାଳନା ଭାର କାଢ଼ି ନେଇଥିଲେ । କେବଳ ସୁନିଆ ଦିନ ମୁକୁନ୍ଦଦେବ ନଅଗୋଟି ସ୍ୱର୍ଣ୍ଣମୁଦ୍ରା ଓ ଦଶଗୋଟି ରୌପ୍ୟମୁଦ୍ରା ପାଇବାର ସମସ୍ତ ବ୍ୟବସ୍ଥାମାନ ତ୍ୱରାନ୍ୱିତ କରିଦେଇଥିଲେ ।

ଫଳରେ ମୁକୁନ୍ଦଦେବ ହୋଇଗଲେ ରାଜ୍ୟବିହୀନ ରାଜା । ମନ୍ଦିର ଉପରେ ତାଙ୍କର ଆଉ କୌଣସି କର୍ତ୍ତୃତ୍ୱ ଜାରି ହୋଇପାରିଲା ନାହିଁ । କେବଳ ସେ ନାମକୁ ମାତ୍ର ହେଲେ ରାଜା ।

ପୁନଶ୍ଚ ଇଂରେଜୀମାନେ ମନ୍ଦିର ଦାୟିତ୍ୱ ହାତକୁ ନେବାପରେ ପଣ୍ଡାମାନଙ୍କୁ ଡକାଇ ମନ୍ଦିରର ସମସ୍ତ ପରିଚାଳନା ଭାର ଦେଲେ । ଦେବତାଙ୍କ ସେବାପାଇଁ ଓ ମନ୍ଦିରର ଯାବତୀୟ ଖର୍ଚ୍ଚ ପାଇଁ ନଗଦ ଟଙ୍କା ଦେଲେ ମଧ୍ୟ । (ଉତ୍କଳ ଦୀପିକା, ତା୧୧/୮ ଖ୍ରୀ.-୧୮୭୪)

ଖ୍ରୀ. ୧୮୦୮ ବେଳକୁ ଶାସନ କ୍ଷେତ୍ରରେ ମଧ୍ୟ ବହୁଳ ପରିବର୍ତ୍ତନ ଲକ୍ଷ୍ୟ କରିବାକୁ ହୁଏ । ଖୋର୍ଦ୍ଧା ରାଜା ଇଂରେଜୀ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କଲେ ତେଣୁ ତାଙ୍କର ରାଜବଂଶ ଉପାଧି ଲୋପ ପାଇଲା ଓ ତାଙ୍କୁ ଅଟକ କରି ରଖାଗଲା । ତା'ପରେ ମୁକୁନ୍ଦଦେବଙ୍କୁ ପୁରୀରେ ଅବସ୍ଥାନ କରିବା ପାଇଁ ସୁବିଧା ସୁଯୋଗ ଦିଆଗଲା । ତାଙ୍କୁ 'ପୁରୀରାଜା' ଉପାଧି ମଧ୍ୟ ସରକାର ଦେଲେ ।

ଖ୍ରୀ. ୧୮୦୯ ବେଳକୁ ରାଜାଙ୍କୁ ମନ୍ଦିର ପରିଚାଳନା ଓ ଦିଅଁ ବିଷୟ ବୁଝିବା ପାଇଁ ଅଧିକାର ଦିଆଗଲା । ତାଙ୍କର ପଦବୀ ରହିଲା 'ମନ୍ଦିର ସୁପରିଟେଣ୍ଡେଣ୍ଟ୍' । ତାଙ୍କୁ ସାହାଯ୍ୟ କରିବା ପାଇଁ ତିନିଜଣ ମୁଖ୍ୟ ସେବକ ରହିଲେ । ମନ୍ଦିର ଠିକ୍ ପରିଚାଳନା ନ ହୋଇପାରିଲେ ଏମାନେ ମଧ୍ୟ ରାଜାଙ୍କ ବିରୁଦ୍ଧରେ ସରକାରଙ୍କୁ ରିପୋର୍ଟ ଦେବା କ୍ଷମତା ପାଇଲେ । କାଳକ୍ରମେ ମନ୍ଦିରର ନିରାପ□ା ଓ ଆଇନ ଶୃଙ୍ଖଳା କାର୍ଯ୍ୟରେ ପୂର୍ଣ୍ଣ ଅଧିକାର ରାଜାଙ୍କୁ ଦିଆଗଲା ।

ପୁରୀ ରାଜାଙ୍କୁ ମନ୍ଦିରର ପରିଚାଳନା ଭାର ଅର୍ପଣ କରିବା ପରେ ସବୁକଥା ଠିକ୍ ଭାବରେ ପରିଚାଳିତ ହେବ ବୋଲି ସମସ୍ତେ ଆଶା କରୁଥିଲେ । ମାତ୍ର ଏହା ବିପରୀତମୁଖୀ ହେବାକୁ ଲାଗିଲା, ଖ୍ରୀଷ୍ଟିଆନ୍ ପାଦ୍ରୀମାନଙ୍କ ଅସହିଷ୍ଣୁ ଭାବ ଓ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାକୁ ଲାଗିଲା । ଜଗନ୍ନାଥଙ୍କ ଉପରେ ସେମାନେ କଟୁ ମନ୍ତବ୍ୟମାନ ଦେବାକୁ ଲାଗିଲେ । ୧୮୩୨ ଖ୍ରୀ. ମିଶନାରୀମାନେ ତାହାର ପୁନରାବୃତ୍ତି କଲେ । ସେ ଲେଖିଥିଲେ- ଲୋକମାନେ ଆଣ୍ଠୁମାଡ଼ି ଏ ଅଦ୍ଭୂତ ଦିଅଁଙ୍କୁ ମୁଣ୍ଡିଆ ମାରନ୍ତି । ପାଦ୍ରୀମାନେ ଓଡ଼ିଆ ଜାଣିନଥିବାରୁ ବହୁ ବିକୃତଭାବେ ଏହି କଥାକୁ ଉପସ୍ଥାପନ କରୁଥିଲେ । ବହୁଦିନ ପରେ ଦିବ୍ୟସିଂହଦେବ ଜଗନ୍ନାଥଙ୍କ ଭକ୍ତ ହୋଇଥିବାରୁ ତାଙ୍କୁ ହତ୍ୟା ଅଭିଯୋଗରେ ସାବ୍ୟସ୍ତ କରାଯାଇ ୧୮୭୭ ଦ୍ୱୀପାନ୍ତର କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ।

ଏଥିଯୋଗୁଁ ମନ୍ଦିର ପରିଚାଳନାରେ ବିଭ୍ରାଟ ଘଟିଲା । ସେତେବେଳକୁ ମୁକୁନ୍ଦଦେବ ନାବାଳକ ଥିଲେ । ତେଣୁ ସରକାର ତୁନି ରହିଲେ । ଫେର୍ ସେ ସାବାଳ ହେବାପରେ କୋର୍ଟ ଆଦେଶ ମୁତାବକ ଖ୍ରୀ. ୧୮୯୭ରେ ସୁପରିଟେଣ୍ଡେଣ୍ଟ୍ ନିଯୁକ୍ତି ପାଇଲେ ।

କିନ୍ତୁ କାଳକ୍ରମେ ଜଗନ୍ନାଥଙ୍କ ପ୍ରସିଦ୍ଧି ବ୍ୟାପିବାକୁ ଲାଗିଲା । ସବୁ ବାଧାବିଘ୍ନକୁ ଘୁଞ୍ଚାଇଦେଇ ସେ ନିଜର ପ୍ରତିଷ୍ଠା ଜାହିର୍ କଲେ । ଓଡ଼ିଶା ଓ ଓଡ଼ିଶା ବାହାରେ ଶତ ଶତ ସଂଖ୍ୟାରେ ମନ୍ଦିରମାନ ତିଆର ହୋଇ ପୂଜାର୍ଚ୍ଚନା ହେବାକୁ ଲାଗିଲା । ଜଗନ୍ନାଥ ତତ୍ତ୍ୱ ଓ ମାହାତ୍ମ୍ୟର ବ୍ୟାପକ ପ୍ରସାର ଲାଭ କଲା ।

ଓଡ଼ିଶା ବାହାରେ ବହୁସଂଖ୍ୟାରେ ମନ୍ଦିରମାନ ତୋଳା ହୋଇ ଜଗନ୍ନାଥ ଜୀଉଙ୍କର ପୂଜାର୍ଚ୍ଚନା ହେଲା । ସେହି ସ୍ଥାନମାନେ ହେଲେ ଯଥା- ବିଳାସପୂର୍ଣ୍ଣ ଅନ୍ତର୍ଗତ ରତ୍ନପୁର, ସୌରୀନାରାୟଣ ବସ୍ତର । ପୁଣି ସାରଙ୍ଗଗଡ଼, ରାୟଗଡ଼, ରାଜନନ୍ଦଗାଁ, ରାଜିମ୍, ଜଗଦଳପୁର, ମେଦିନୀପୁର, ହିଜିଲ୍ଲି, କେଖିଆଦିଗଡ଼, ମହିଂଷାଦଳ, ବାଙ୍କୁଡ଼ା, ବିଷ୍ଣୁପୁର, ମିଂଲ, ଆନ୍ଧ୍ରର ସାବକୋଟା, ଶ୍ରୀକାକୋଲମ୍, ବଙ୍ଗଳା ଦେଶର ଢାକା ଇତ୍ୟାଦି ।

ମାତ୍ର ବ□ମାନ ଜଗନ୍ନାଥ ସଂସ୍କୃତି ଏକ ବିଶ୍ୱବ୍ୟାପୀ ସଂସ୍କୃତି ଓ ବିଶ୍ୱମାନବିକ ସଂସ୍କୃତିରେ ପରିଣତ ହୋଇଛି । ଆମେରିକା, ଇଂଲଣ୍ଡ ଇତ୍ୟାଦି ଦେଶମାନଙ୍କରେ ଜଗନ୍ନାଥଙ୍କ ପ୍ରସିଦ୍ଧି ରହିଛି । ଜଗନ୍ନାଥଙ୍କ ଚିନ୍ତା ଓ ଚେତନା ଆଜି ସର୍ବବ୍ୟାପୀ ଓ ସର୍ବ ସମୁଦ୍‌ଭାସିତ ହୋଇପାରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସ୍ୱାଧୀନତା ପରେ ଓଡ଼ିଶା ସରକାର ପୁରୀ ମନ୍ଦିରର ପରିଚାଳନା ପାଇଁ ବ୍ୟାପକ ଅନୁସନ୍ଧାନ କରି ଶେଷରେ ଆବଶ୍ୟକତୀୟ ଆଇନ ପ୍ରଣୟନ କଲେ । ପୂର୍ବରୁ ବ୍ରିଟିଶ୍ ଆଣିବାକୁ ଚେଷ୍ଟା କରିଛନ୍ତି । ମନ୍ଦିରର ସୁପରିଚାଳନା



ପାଇଁ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଛନ୍ତି । ମନ୍ଦିରର ସୁପରିଚାଳନା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ସରକାର ନେଇଛନ୍ତି । ସମସ୍ତ ସମ୍ପତ୍ତିର ରକ୍ଷଣାବେକ୍ଷଣ ଭାର ଦାୟିତ୍ୱ ଗୋଟିଏ କମିଟି ହାତରେ ନ୍ୟସ୍ତ କରାଯାଇଛି । ସେବକ ପୂଜକ ଓ ଅନ୍ୟାନ୍ୟ ମାନଙ୍କର ସତ୍ତ୍ୱାସତ୍ତ୍ୱ ଆଇନ୍ କାନୁନ୍ ଦ୍ୱାରା ସୁରକ୍ଷା କରାଯାଇଛି ଓ ଯଥାଯଥ ସମ୍ମାନ ଦିଆଯାଇଛି । ଏହା ଦେଶ ଓ ଦେଶ ପାଇଁ ଏକ ସମ୍ମାନର ବାର୍ତ୍ତା ହୋଇଯାଇଛି । ପୂର୍ବକାଳରୁ ଅର୍ଥାତ୍ ଗଙ୍ଗବଂଶଠାରୁ ରାଷ୍ଟ୍ରୀୟ ଦେବତାର ସମ୍ମାନ ଦିଆ ହୋଇ ଆସୁଅଛି । ସେହିପରି ଗଜପତି ମଧ୍ୟ ଏହି ପରିଚାଳନା କମିଟିର ସଭାପତି ରହି କାର୍ଯ୍ୟକରି ଆସୁଛନ୍ତି ।

ମାଦଳାପାଞ୍ଜିରେ ଉଲ୍ଲେଖ ଅଛି- ଏ ନଗର କଟକେ ଥାଇ ଶ୍ରୀପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଦେବଙ୍କୁ ସମସ୍ତ ସମର୍ପିରାଉତପଣେ ଥାଆନ୍ତି... ଓଡ଼ିଶା ରାଜ୍ୟ ରାଜା ଶ୍ରୀଜଗନ୍ନାଥ ମହାପ୍ରଭୁ ଏମନ୍ତ କହି ଅଭିଷେକ ନୋହିଲେ ।

ଅର୍ଥାତ୍ ତ୍ରୟୋଦଶ ଶତାବ୍ଦୀରେ ଗଙ୍ଗବଂଶର ବିଖ୍ୟାତ ରାଜା ଅନଙ୍ଗଭୀମଦେବ (୩ୟ) ନିଜକୁ ଶ୍ରୀଜଗନ୍ନାଥଙ୍କ ଜଣେ ରାଉତ ଓ ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ଓଡ଼ିଶାର ରାଜା ବୋଲି ଭକ୍ତି ସହକାରେ ଘୋଷଣା କରିଥିଲେ । ସେହି ଦିନଠାରୁ ରାଷ୍ଟ୍ର ମୁଖ୍ୟଙ୍କ ଚିନ୍ତା ଓ ଚେତନାରର ଜଗନ୍ନାଥ ରାଷ୍ଟ୍ରଙ୍କର ଦେବତାଭାବେ ସର୍ବଦା ପ୍ରତିଭାତ ହେଉଛନ୍ତି ।

'ଶ୍ରୀମନ୍ଦିର ପ୍ରଶାସନିକ ସଂସ୍କାର' ବିଷୟରେ ଏକ ପୁସ୍ତିକା ଶ୍ରୀଜଗନ୍ନାଥ ଭକ୍ତ ସମାଜ, ଓଡ଼ିଶା ଦ୍ୱାରା ପ୍ରକାଶ କରାଯାଇ ସେଥିରେ ବର୍ତ୍ତମାନ ପରିଚାଳନା ବିଧି ଓ ସେଥିରେ କି କି ସଂସ୍କାର ଅଣାଯାଇପାରେ ତା' ଉପରେ ବିଶେଷ ଆଲୋକପାତ କରାଯାଇଛି । ସେଥିରେ ଉଲ୍ଲେଖିତ ଥିବା ବହୁ ପ୍ରସଙ୍ଗ ଓ ପ୍ରସ୍ତାବ ଆଲୋଚନା କରି ଗ୍ରହଣ କରାଯାଇପାରେ । ବହୁ ମୂଲ୍ୟବାନ ପ୍ରସ୍ତାବ ମଧ୍ୟ ରହିଛି । ତାକୁ କାର୍ଯ୍ୟକାରୀ କଲେ ଉତ୍ତମ ଫଳଦାୟକ ହେବ ବୋଲି ଗଭୀର ଆଶା ଓ ଭରସା ରହିଛି । (ଶ୍ରୀମନ୍ଦିର ପ୍ରଶାସନିକ ସଂସ୍କାର ଓ ଶ୍ରୀଜଗନ୍ନାଥ ଭକ୍ତ ସମାଜ, ଓଡ଼ିଶା / ପୃଷ୍ଠା-୩)

ତତ୍କାଳୀନ ଗଜପତି ଓ ଶ୍ରୀମନ୍ଦିର ଅଧକ୍ଷକଙ୍କ ଦ୍ୱାରା ଦାଏର କରାଯାଇଥିବା ଏକ ସିଭିଲ୍ ଅଧ୍ୟାୟର ବିଚାର କରି ମାନ୍ୟବର ସୁପ୍ରିମ୍ କୋର୍ଟ

ରାୟରରେ କହୁଥିଲେ ପୁରୀର ଶ୍ରୀମନ୍ଦିର ଏକ ଅଦ୍ୱିତୀୟ ଓ ଜାତୀୟ ମହ□ଥିବା ମନ୍ଦିର। ଏହା ସହିତ ଓଡ଼ିଶାର ଅନ୍ୟ କୌଣସି ମନ୍ଦିର ତୁଳନୀୟ ନୁହେଁ। ଏହା ନିଜେ ହିଁ ଏକ ଶ୍ରେଣୀ ପର୍ଯ୍ୟାୟଭୁକ୍ତ ଅଟେ। (ସମ୍ବିଧାନିକ ବେଞ୍ଚ, ମାର୍ଚ୍ଚ ୫ ତାରିଖ, ୧୯୬୪)

ଏହି ବିଚାରର ଧାରାରୁ ସ୍ପଷ୍ଟ ହେଉଛି ଯେ- ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଏକ ଅନନ୍ୟ ମନ୍ଦିର। ଏଠାକୁ ଯେତେ ଯାତ୍ରୀ ଆସୁଛନ୍ତି ଓ ପର୍ବପର୍ବାଣୀ ପାଳିତ ହେଉଛି ସେଭଳି କେଉଁଠାରେ ହେଲେ ହେଉନାହିଁ।

ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ଉଦ୍ଦେଶିକା (ଚବ୍ବରବଞ୍ଚଭକ୍ଷର) ରେ ଉଲ୍ଲେଖିତ ଅଛି ଯେ- ଏହି ଅଧିନିୟମ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଓ ତା'ର ପ୍ରଦ□ ସମ୍ପତ୍ତିର ଉନ୍ନତ ପ୍ରଶାସନ ଏବଂ ଶାସନ ରୀତିର ବ୍ୟବସ୍ଥା କରିବା ପାଇଁ ଉଦ୍ଦିଷ୍ଟ। ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି - ରାଜା ସୁପରିଂଟେଣ୍ଡେଣ୍ଟଙ୍କ ଠାରୁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ଦାୟିତ୍ୱ କାଢ଼ିନେଇ ସରକାରଙ୍କ ଦ୍ୱାରା ଗଠିତ ଏକ କମିଟି ଉପରେ ପରିଚାଳନା ଦାୟିତ୍ୱ ତା ୨୭/୧୦/୧୯୬୦ ରିଖରେ ନ୍ୟସ୍ତ କରାଗଲା। ଏହାର କାରଣ ଥିଲା ରାଜାଙ୍କର ଆଉ ସାର୍ବଭୌମ ଶାସନ କ୍ଷମତା ନାହିଁ। ସେ ହେଉଛନ୍ତି କେବଳ ଏକ ପ୍ରତୀକାତ୍ମକ ମୁଖ୍ୟ। ସେତେବେଳର ପ୍ରଚଳିତ ପରଂପରା ଅନୁଯାୟୀ ସେ ଶାସନ କରିବା ଦାୟିତ୍ୱ ସଂପାଦନରେ ସେ ବିଶେଷ ଆଶ୍ୱସ୍ତି ଅନୁଭବ କରିପାରୁ ନଥିଲେ। ମାତ୍ର ପରବର୍ତ୍ତିତ ପରିସ୍ଥିତିରେ ସେ ସରକାରଙ୍କ ଦ୍ୱାରା ନିଯୁକ୍ତ କମିଟିରେ ସେ ବଂଶାନୁକ୍ରମିକ ସଭାପତି ପଦରେ ରହି ବିଶେଷ ସୁଖୀ ହୋଇ ପାରିଛନ୍ତି। ବର୍ତ୍ତମାନ କମିଟିପ୍ରତି ଦୃଷ୍ଟି ଦିଆଯାଉ-

୧. ଗଜପତି ମହାରାଜା - ବଂଶାନୁଗତ ସଭାପତି
୨. ପୁରୀ ଜିଲ୍ଲାପାଳ - ଉପସଭାପତି
୩. ଦେବୋତ୍ତର କମିସନର - ସଭ୍ୟ
୪. ପ୍ରଶାସନ ସଂପାଦକ - ସଭ୍ୟ

ଏହାଙ୍କ ବ୍ୟତୀତ ଆଠଜଣ ସଭ୍ୟ ଅଛନ୍ତି

୫. ଶ୍ରୀମନ୍ଦିର ସେବକ ପ୍ରତିନିଧି - ଚାରିଜଣ ସଭ୍ୟ
୬. ମୁକ୍ତିମଣ୍ଡପ ପ୍ରତିନିଧି - ସଭ୍ୟ / ଏକଜଣ
୭. ମଠମାନଙ୍କ ପ୍ରତିନିଧି - ଜଣେ ସଭ୍ୟ
୮. ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି - ଦୁଇଜଣ।

ସଭାପତିଙ୍କ ସମେତ ବାରଜଣ ସଭ୍ୟ ଅଛନ୍ତି। ଏହାଙ୍କ କାର୍ଯ୍ୟକାଳ ତିନିବର୍ଷ ରଖାଯାଇଛି। ବର୍ତ୍ତମାନ ଏହି ସଭ୍ୟ ସଂଖ୍ୟାକୁ ୧୪କୁ ବୃଦ୍ଧି କରାଯାଇଛି। ଏହା ଅଧିନିୟମକୁ ସଂଶୋଧନ କରାଯାଇ ନୂତନଭାବେ କାର୍ଯ୍ୟକାରୀ ହୋଇଛି। ଏହି ଦୁଇଜଣ ହେଲେ -

୧୩. ପୁରୀଜିଲ୍ଲା ଆରକ୍ଷୀ ଅଧୀକ୍ଷକ
୧୪. ଓଡ଼ିଶା ସର୍କଲ୍ ସୁପରିଂଟେଣ୍ଡିଙ୍ଗ୍ ଆର୍କିଓଲଜିଷ୍ଟ - ଭାରତୀୟ ସର୍ବେକ୍ଷଣ ସଂସ୍ଥା।

ବର୍ତ୍ତମାନ ୧୯୯୮ ସାଲରୁ ଯୁଗ୍ମ ଶାସନ ସଚିବ ପାହ୍ୟାର ଜଣେ ଓ.ଏ.ଏସ୍. ଅଫିସର୍ ପ୍ରଶାସକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ଅଧି ନିୟମାନୁଯାୟୀ ପ୍ରଶାସକ ସେବା ପୂଜାକାର୍ଯ୍ୟ, ଦୈନନ୍ଦିନ ଓ ସାମୟିକ ନୀତିର ବ୍ୟବସ୍ଥାଦି କରିବା ଇତ୍ୟାଦି ତୀର୍ଥଯାତ୍ରୀଙ୍କ ସୁବିଧା ଓ ସମ୍ପତ୍ତିର ଦକ୍ଷ ପରିଚାଳନା କରିବା ପାଇଁ ଅଧିନିୟମ ଉଲ୍ଲେଖ ରହିଛି।

ଶ୍ରୀମନ୍ଦିରର ଅଧିନିୟମର ୩୦ ଧାରାରେ ମନ୍ଦିରର ଓ ତା'ର ପ୍ରଦତ୍ତ ସମ୍ପତ୍ତି ସାର୍ବଜନିନ ଅଧିକ୍ଷଣ ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରାଯାଇଛି।

ମାତ୍ର ଏହିସବୁ ବ୍ୟବସ୍ଥା ଥିଲେ ମଧ୍ୟ ସମଗ୍ର ଶାସନ ଓ ପରିଚାଳନା ଆଶାନୁରୂପ ଫଳ ଦେଇପାରୁ ନାହିଁ, ତେଣୁ ଏଥି ସହିତ ଆବଶ୍ୟକୀୟ ପରାମର୍ଶ ବା ପ୍ରସ୍ତାବ ଗ୍ରହଣ କରାଯାଇପାରେ। ଏହାଦ୍ୱାରା ପରିଚାଳନାଗତ ତ୍ରୁଟି ମାର୍ଜିତ ହୋଇ ଉତ୍ତରୋତ୍ତର ଉନ୍ନତି ପରିଲକ୍ଷିତ ହୋଇପାରିବ।

*ଘର ନଂ- ଏ/୭, ଫେଜ୍-୨, ବରବାରୀ, ଭୁବନେଶ୍ୱର - ୩୦*
*ମୋ: ୯୪୩୮୩୩୮୭୩୯*

●●●●

# ଓଡ଼ିଶାର ଗଜପତି - ଓଡିଆ ଅସ୍ମିତାର ବଳିଷ୍ଠ ନିଦର୍ଶନ

ଡକ୍ଟର ଭାସ୍କର ମିଶ୍ର

ଓଡିଶାର ଗଜପତି ମହାରାଜା କେବଳ ଓଡିଶାର ଗର୍ବ ନୁହଁନ୍ତି, ଭାରତବର୍ଷରେ ସାମରିକତାର ପ୍ରତୀକ, ଓଡିଶାର ଅଭ୍ୟୁଦୟର ଉଦୀୟମାନ ସୂର୍ଯ୍ୟ ଏବଂ ଏ ମାଟିର ବଳବାନ ଗଜଶକ୍ତିରେ ବଳୀୟାନ। ସାରା ଦେଶ ଯବନ କବଳିତ ଥିବା ବେଳେ ତିନି ଶତାବ୍ଦୀ ଧରି ନିଜର ସାମରିକ ବଳୟ ମଧ୍ୟରେ ସୀମିତ ନ ଥିଲେ, ବରଂ ନିଜର ସାମର୍ଥ୍ୟ ବଳରେ ବିଶାଳ ଓଡିଶା ରାଷ୍ଟ୍ର ଗଠନ କରିପାରିଥିଲେ, ସ୍ୱତନ୍ତ୍ର ସମାଜ ଗଢି ସମଗ୍ର ରାଷ୍ଟ୍ରରେ ଉଦାହରଣ ହୋଇପାରି ଥିଲେ। ଓଡିଆ ସମାଜ, ଓଡିଆ ସଂସ୍କୃତି, ଉତ୍କଳୀୟ ପରମ୍ପରାର ସୁରକ୍ଷାରେ ଗଜପତିମାନଙ୍କ ପ୍ରୋତ୍ସାହନରେ ବିକଶିତ ତଥା ସମୃଦ୍ଧ ହୋଇ ଆଜିର ପ୍ରକାଶିତ ରୂପ ବହନ କରିପାରିଛି। ସେଇ ଦୃଷ୍ଟିରୁ ଓଡିଆ ଅସ୍ମିତା ବିଷୟ ଆଲୋଚନା କଲାବେଳେ, ଗଜପତି ମହାରାଜାଙ୍କୁ ଶ୍ରୀଜଗନ୍ନାଥ ଓ ଓଡିଆ ଭାଷା ପରି ଆମ ଓଡିଆ ରକ୍ତର ଅନ୍ତର୍ନିହିତ ଉପାଦାନ ବୋଲି ଆଖ୍ୟାୟିତ କରାଯିବା ବିଧେୟ।

ପୁରାଣ ପ୍ରସିଦ୍ଧ ଉତ୍କଳ ପ୍ରଦେଶ (ଓଡିଶା)ର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏକ ହଜାର ବର୍ଷ ଧରି ବିଭିନ୍ନ ରାଜବଂଶର ଗଜପତି ରାଜାମାନେ ଉତ୍କଳ ରାଜ୍ୟକୁ ଶାସନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଉପାସକ ଭାବେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଯାଇଛନ୍ତି। ଉତ୍କଳର ଇତିହାସ ଆମେ ସତ୍ୟଯୁଗରୁ ପ୍ରସିଦ୍ଧି ଥିବା ପୁରାଣ ମାନଙ୍କରୁ ଉପଲବ୍ଧି ହୁଏ। ତନ୍ମଧ୍ୟରେ ପୁରୀ ଶ୍ରୀ ନୀଳାଚଳ କ୍ଷେତ୍ରର ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରଥମ ନିର୍ମାତା ଓ ତହିଁରେ ଦାରୁମୂର୍ତ୍ତି ଶ୍ରୀଜଗନ୍ନାଥଙ୍କର ଆଦ୍ୟ ପ୍ରତିଷ୍ଠାତା ରୂପେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ନାମ ଅତି ପ୍ରସିଦ୍ଧ। ତାଙ୍କୁ ଏହି ପ୍ରସିଦ୍ଧି ଦେଇଛନ୍ତି ମୁଖ୍ୟତଃ ଅଷ୍ଟାଦଶ ପୁରାଣ ଅନ୍ତର୍ଗତ ତିନିଗୋଟି ପୁରାଣ ଯଥା - ବ୍ରହ୍ମପୁରାଣ, ସ୍କନ୍ଦପୁରାଣର ଉତ୍କଳଖଣ୍ଡ ଓ ନାରଦପୁରାଣ।

ମହାରାଜା ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଉତ୍କଳର ପୁରୁଷୋତ୍ତମ କ୍ଷେତ୍ର ବା ନୀଳାଚଳ କ୍ଷେତ୍ରରେ ବିଷ୍ଣୁମନ୍ଦିର ନିର୍ମାଣ କରିବାକୁ ମନସ୍ଥ କରିଥିଲେ, ସେ ଭାରତବର୍ଷରେ ରାଜୁତି କରୁଥିବା ସବୁ ରାଜାଙ୍କୁ ନିୟୋଜିତ କରିଥିବା ସ୍କନ୍ଦପୁରାଣର ଉତ୍କଳଖଣ୍ଡରେ ବର୍ଣ୍ଣିତ ହୋଇଛି। ଇନ୍ଦ୍ରଦ୍ୟୁମ୍ନ ମହାରାଜା ପ୍ରବଳ ପ୍ରତାପୀ, ସାର୍ବଭୌମ ନୃପତି ଥିବା ପୁରାଣ ମାନଙ୍କରେ କୁହାଯାଇଛି। ବ୍ରହ୍ମପୁରାଣରେ ସେ କଳିଙ୍ଗାଧିପତି, ଉତ୍କଳାଧିପତି ଓ କୋଶଳାଧିପତିଙ୍କୁ ମନ୍ଦିର ନିର୍ମାଣାର୍ଥ ଶିଳା ସଂଗ୍ରହ କରିବାକୁ ପ୍ରେରଣ କରିଥିବା ସ୍ପଷ୍ଟ ଉଲ୍ଲେଖ ହୋଇଛି (ବ୍ରହ୍ମ ୪୫/୭)। ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଉତ୍କଳାଗମନ କାଳରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରସ୍ଥ ନୀଳାଚଳ ପର୍ବତରେ ଶ୍ରୀଜଗନ୍ନାଥ ନୀଳମାଧବ ନାମରେ ଉଭୟ ଦେବତା ଓ ଶବରରାଜ ବିଶ୍ୱାବସୁଙ୍କ ଦ୍ୱାରା ଗୁପ୍ତରେ ପୂଜିତ ହେଉଥିଲେ ଓ ମହାରାଜା ଇନ୍ଦ୍ରଦ୍ୟୁମ୍ନ ହିଁ ଏହି କ୍ଷେତ୍ର ଓ ଦେବତାଙ୍କୁ ସର୍ବଭାରତୀୟ ସ୍ତରରେ ପ୍ରଖ୍ୟାପିତ କରିବା ସଙ୍ଗେ ସଙ୍ଗେ ସମଗ୍ର ଉତ୍କଳ ପ୍ରଦେଶକୁ ମହିମାନ୍ୱିତ କରିଥିଲେ।



ଓଡିଶା ଇତିହାସରେ ଗଜପତି [illegible] ହେବା ପୂର୍ବରୁ ଯେଉଁ ମହାନ୍ ଶାସକବର୍ଗ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା, ସେବା ନିବେଦନ କରିଛନ୍ତି, ସେମାନଙ୍କ ମଧ୍ୟରୁ ଯଯାତି କେଶରୀଙ୍କ ନାମ ମର୍ଯ୍ୟାଦାର ସହ ନିଆଯାଇଥାଏ। ମହାରାଜା ଇନ୍ଦ୍ରଦ୍ୟୁମ୍ନ ଅବନ୍ତୀରୁ ଆସି ଏ ମାଟିରେ ଇତିହାସ ଓ କିମ୍ବଦନ୍ତୀ ପୁରୁଷ ଭାବେ ଗୃହୀତ ହୋଇଥିବାବେଳେ ମହାରାଜା ଯଯାତି ଓଡିଶା ଇତିହାସରେ ସେହିପରି ଆସନର ଅଧିକାରୀ।

ଐତିହାସିକ ମାନଙ୍କର ମତାନୁଯାଇ ରକ୍ତବାହୁ ଜଳପଥ ଦେଇ ଏ ଭୂମିକୁ ଆକ୍ରମଣ କଲାବେଳେ ତତ୍କାଳୀନ ରାଜା ଶୋଭନ (ଶୁଭନ୍) ଦେବଙ୍କ ଉଦ୍ୟମରେ ଶ୍ରୀବିଗ୍ରହମାନଙ୍କୁ ନେଇ ସୁବର୍ଣ୍ଣପୁର (ସୁନୁପୁର) ଗୋପାଳି ନାମକ ସ୍ଥାନରେ ପାତାଳି କରିରଖିଲେ। ଦୀର୍ଘ ୧୪୪ ବର୍ଷ ପରେ ସୋମବଂଶୀ

ରାଜା ଯଯାତି କେଶରୀ (ଯାହାଙ୍କୁ ପ୍ରଥମ ଯଯାତି ବୋଲି କୁହାଯାଏ) ମାଟି ତଳୁ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ରହିଥିବା ଶ୍ରୀବିଗ୍ରହ ମାନଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଦାରୁ କଟାଇ ନୂତନ ବିଗ୍ରହ ନିର୍ମାଣ ପୂର୍ବକ ବ୍ରହ୍ମପଦାର୍ଥ ସଂସ୍ଥାପନ କାର୍ଯ୍ୟ କରାଇଥିଲେ । କେବଳ ସୋନପୁରରେ ସୀମିତ ନ ହୋଇ ମହାରାଜା ଯଯାତି ପୁରୀଠାରେ ୩୮ ହାତର ଏକ ପୋଟୋଳ ବା ଛୋଟ ମନ୍ଦିର ନିର୍ମାଣ କରାଇଥିଲେ । ଏହି କାର୍ଯ୍ୟ ପାଇଁ ତାଙ୍କୁ ଉତ୍କଳର ଅଧିବାସୀ ମାନେ 'ଇନ୍ଦ୍ରଦ୍ୟୁମ୍ନ' ଆଖ୍ୟା ଦେଇଥିଲେ । ସୋମବଂଶୀ ରାଜାମାନେ ନୃସିଂହ ଉପାସକ ଥିଲେ ଏବଂ ପ୍ରଭୁଙ୍କୁ ପୁରୁଷୋତ୍ତମ ଭାବରେ ସମ୍ବୋଧନ କରୁଥିଲେ । ଶ୍ରୀପୁର ବା ସିରିପୁରରୁ ପ୍ରାପ୍ତ ଶିଳାଲେଖରେ ଏହାର ଉଦାହରଣ ମିଳେ । ଏହି ଶିଳାଲେଖରେ ନୃସିଂହଙ୍କର ଉଗ୍ରରୂପର ବର୍ଣ୍ଣନା ସମେତ ଆରମ୍ଭରେ 'ଓଁ ନମଃ ପୁରୁଷୋ□ମାୟ' ବୋଲି ଉଲ୍ଲେଖ ରହିଛି । ବିଶିଷ୍ଟ ଐତିହାସିକ ଶିଳାଲେଖବିତ୍ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଏହି ଶିଳାଲେଖର ପାଠୋଦ୍ଧାର କରିଛନ୍ତି । ନିଜର ଭଗ୍ନୀ ତ୍ରିଭୁବନ ମହାଦେବୀଙ୍କ ପ୍ରେରଣାରେ ରାଜା ଯଯାତି ବିଷ୍ଣୁମନ୍ଦିର ନିର୍ମାଣ କରିବାପାଇଁ ଦକ୍ଷିଣ ତୋଷାଳୀର ମହୋଦଧି କୂଳକୁ ଯାତ୍ରାକରିଥିଲେ । ସେଠାରେ ଶ୍ରୀପୁରୁଷୋ□ମଙ୍କ ପାଇଁ ୩୮ ହାତର ଏକ ପୋଟୋଳ ବା ମନ୍ଦିର ସ୍ଥାପନ କଲେ । ଶାସନ ବ୍ୟବସ୍ଥାର ସୁବିଧା ପାଇଁ ରାଜା ପ୍ରଥମ ଯଯାତି ତାଙ୍କର ସମଗ୍ର ରାଜ୍ୟକୁ କୋଶଳ ଏବଂ ଉତ୍କଳ ଏପରି ଦୁଇ ଭାଗରେ ବିଭକ୍ତ କରି ଉତ୍କଳ ଭାଗରେ ଅଭିନବ ଯଯାତି ନଗର ପ୍ରତିଷ୍ଠା କଲେ । ତାହା ପରବର୍ତ୍ତୀ କାଳରେ 'ଯାଜପୁର' ନାମରେ ପରିଚିତ ହେଲା । ଓଡିଶାର ରାଜନୈତିକ, ସାଂସ୍କୃତିକ, ସାମାଜିକ ଓ ଆଧାତ୍ମିକ ଇତିହାସରେ କେଶରୀ ବଂଶ ଶାସନକାଳର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତନ୍ମଧ୍ୟରେ ଓଡିଶାର ପ୍ରାଣ, ଆତ୍ମା, ବିଶ୍ୱାସ ଓ ପରିଚୟର ଆଧାର ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମାଟି ତଳୁ ଉଦ୍ଧାର, ନୂତନ ବିଗ୍ରହ ନିର୍ମାଣ, ମନ୍ଦିର ନିର୍ମାଣ ଓ ବିଗ୍ରହ ମାନଙ୍କୁ ପ୍ରତିଷ୍ଠା, ସେବାପୂଜା ବ୍ୟବସ୍ଥା ଆଦି ଯୋଗୁଁ କେଶରୀ ବଂଶର ଯଯାତି ଓ ତାଙ୍କ ଭଗ୍ନୀ ତ୍ରିଭୁବନ ମହାଦେବୀ ଯୁଗଯୁଗକୁ ଏ ଜାତିର ନମସ୍ୟ ହୋଇ ରହିଛନ୍ତି ।

ଗଙ୍ଗବଂଶର ପ୍ରତିଷ୍ଠାତା ମହାରାଜା ଅନନ୍ତବର୍ମନ ଚୋଡଗଙ୍ଗ ଦେବ (୧୦୭୬ ଖ୍ରୀ. - ୧୧୪୭ଖ୍ରୀ.) ସମଗ୍ର କଳିଙ୍ଗ, କୋଶଳ, ତୋଷାଳୀ ଏବଂ ଉତ୍କଳର ରାଜଚକ୍ରବର୍ତ୍ତୀ ହୋଇ ମୁଖଲିଙ୍ଗମ୍ ଠାରୁ ରାଜଧାନୀକୁ ଉଠାଇଆଣି ମହାନଦୀକୂଳସ୍ଥ ବାରାଣସୀ କଟକଠାରେ ପ୍ରତିଷ୍ଠା କରିଥିଲେ । ୧୧୩୫ ଖ୍ରୀଷ୍ଟାବ୍ଦ ଠାରୁ ୧୪୩୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଗଙ୍ଗ ବଂଶର ରାଜାମାନେ ଉତ୍କଳର ମହାରାଜା ଭାବେ ଶାସନକାର୍ଯ୍ୟ ତୁଲାଉଥିଲେ । ଚୋଡଗଙ୍ଗଦେବ ବର୍ତ୍ତମାନର ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାଣ ତଥା ବିଗ୍ରହମାନଙ୍କର ସେବାପୂଜାର ସୁପରିଚାଳନା କରାଇଥିଲେ । ଏଥିପାଇଁ ତାଙ୍କର ଲୋକପ୍ରିୟତା ଅଧିକ ବୃଦ୍ଧି ପାଇଥିଲା । ଏପରିକି ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ବିଶାଳ ଉତ୍ତୁଙ୍ଗ ପ୍ରାସାଦ ନିର୍ମାଣ ପୂର୍ବରୁ ସେ ଏହି କ୍ଷେତ୍ରର ସୁରକ୍ଷା ନିମିତ୍ତ ଚାରିଦିଗରେ ୪ଟି କୋଟ ନିର୍ମାଣ କରି ବହୁ ବଳବାନ୍ ଯୁବକମାନଙ୍କୁ ସେଠାରେ ମୁତୟନ କରିଥିଲେ । ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଚୋଡଗଙ୍ଗ ଦେବଙ୍କ ଉତ୍କଳ ରାଜତ୍ୱ ସମୟରେ ବୈଷ୍ଣବ ଧର୍ମର ପ୍ରାଧାନ୍ୟ ବିଶେଷ ଭାବରେ ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ପୁରୁଷୋତ୍ତମ ଉପାସନାରେ ନୂତନତା ଆସିଥିଲା । ସମଗ୍ର ରାଜ୍ୟକୁ ଗୋଟିଏ ବନ୍ଧନରେ ବାନ୍ଧି ରଖିବା ପାଇଁ ଜଣେ ପ୍ରାଜ୍ଞ ଓ ଚିନ୍ତାଶୀଳ ବ୍ୟକ୍ତିତ୍ୱ ଏବଂ ଜଣେ ରାଜନୀତି ବିଶାରଦ ବଳିଷ୍ଠ ଶାସକ ଭାବରେ ଚୋଡଗଙ୍ଗ ଦେବ ତିନିଜଣ ଆଚାର୍ଯ୍ୟଙ୍କୁ ଏକକାଳୀନ ନିଜର ଗୁରୁ ଭାବରେ ଗ୍ରହଣକରି ଦୀକ୍ଷା ନେଇଥିଲେ । ସେମାନେ ଥିଲେ ଯଥାକ୍ରମେ ଶୈବ, ଶାକ୍ତ ଓ ବୈଷ୍ଣବ । ଏଥିସହିତ ସେ ସମସ୍ତ ଧର୍ମ ଓ ଦର୍ଶନକୁ ଏକାକାର କରିଦେଇ 'ଶ୍ରୀପୁରୁଷୋ□ମ-ଜଗନ୍ନାଥ' ଧର୍ମ ଭାବରେ ଗୋଟିଏ ରୂପରେ ଏହାକୁ ଉପସ୍ଥାପିତ କଲେ । ଏହାପରେ ନିଜକୁ ପରମ ମାହେଶ୍ୱର, ପରମ ବ୍ରାହ୍ମଣ୍ୟ ଓ ପରମ ବୈଷ୍ଣବ ଉପାଧିରେ ଭୂଷିତ କରିଥିଲେ । ଶ୍ରୀମନ୍ଦିରସ୍ଥ ନୃସିଂହ ମନ୍ଦିର ଶିଳାଲେଖରୁ ଜଣାଯାଏ ଯେ, ଚୋଡଗଙ୍ଗ ଦେବ ଜଣେ ରାଜନୀତି ଦର୍ଶନ ବିଶାରଦ, ନ୍ୟାୟଶାସ୍ତ୍ରବିତ୍, ପ୍ରଚଣ୍ଡ ପଣ୍ଡିତ ଥିଲେ । ତାଙ୍କ ରାଜତ୍ୱକାଳରେ ଉତ୍କଳ ପ୍ରଦେଶରେ ଉଭୟ ସାମାଜିକ, ରାଜନୈତିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ବିକାଶ ଲାଭ କରିଥିଲା । ବାସ୍ତବ ପକ୍ଷେ ଚୋଡଗଙ୍ଗ ଦେବ ପୁରୁଷୋତ୍ତମ ଉପାସନା ଧାରାରେ ପରିବର୍ତ୍ତନ ଆଣି ତ୍ରିମୂର୍ତ୍ତି ଉପାସନାର ଧାରାକୁ ଲୋକ ଧର୍ମ ଭାବରେ ପରିଚିତ କରାଇଥିଲେ । ଯାହାକୁ ଆମେ ଏବେ ଶ୍ରୀଜଗନ୍ନାଥ ଚେତନା ଭାବରେ ଅନୁଭବ କରୁଛୁ ।

ଓଡିଶା ଇତିହାସକୁ ଅନୁଶୀଳନ କଲେ ଜଣାଯାଏ ଯେ, ଚୋଡଗଙ୍ଗ ଦେବଙ୍କ ପଟ୍ଟମହିଷୀ କସ୍ତୁରୀ କାମୋଦିନୀଙ୍କ ଗର୍ଭରୁ ଜାତ ଜ୍ୟେଷ୍ଠପୁତ୍ର କାମାର୍ଣ୍ଣବ ଦେବ ଅନ୍ୟତମ ରାଣୀ ଇନ୍ଦିରାଙ୍କ ଗର୍ଭଜାତ ରାଘବ ଦେବ ଓ ଚନ୍ଦ୍ରଲେଖାଙ୍କ ଗର୍ଭଜାତ ରାଜରାଜ ଦେବ (୨ୟ) ଓ ଅନୀୟଙ୍କ ଭୀମ ଦେବ ପ୍ରଭୃତି ପୁତ୍ରଗଣ ଖ୍ରୀଷ୍ଟାବ୍ଦ ୧୧୪୭ ରୁ ୧୧୯୮ ପର୍ଯ୍ୟନ୍ତ ଗଙ୍ଗ ସିଂହାସନ ଅଳଙ୍କୃତ କରି ରାଜତ୍ୱ କରିଥିଲେ । କାମାର୍ଣ୍ଣବ ଦେବ ଓ ମଧ୍ୟମ ପୁତ୍ର ରାଜରାଜ ଦେବ (୨ୟ)ଙ୍କ ରାଜତ୍ୱ ସମୟରେ ଓଡିଶାରେ ବୈଷ୍ଣବ ଧର୍ମ ଇତିହାସରେ ବିଶେଷ ପ୍ରଣିଧାନଯୋଗ୍ୟ । କାମାର୍ଣ୍ଣବ ଦେବ ଯେଉଁଳି ସମର ନିପୁଣ ଓ ସୁଦକ୍ଷ ଶାସକ ଥିଲେ, ସେହିପରି ଧର୍ମପ୍ରାଣ, ଦାନୀ ଓ କୀର୍ତ୍ତିମାନ ରାଜାଥିଲେ । ତାଙ୍କ ରାଜତ୍ୱ ସମୟରେ ଉତ୍କଳର ପ୍ରଜାମାନେ ସୁଖଶାନ୍ତିରେ କାଳାତିପାତ କରୁଥିଲେ । ଖ୍ରୀ. ୧୧୪୭ରୁ ଖ୍ରୀ. ୧୧୫୬ ପର୍ଯ୍ୟନ୍ତ ସେ ଉତ୍କଳର ଶାସକ ରହି ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ସହିତ ଘନିଷ୍ଠ ଭାବେ ସମ୍ପୃକ୍ତ ଥିଲେ । ଜୟଦେବଙ୍କ ଶ୍ରୀଗୀତଗୋବିନ୍ଦ ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା । କୁହାଯାଏ, ସେ ସ୍ୱୟଂ ପ୍ରତ୍ୟହ ଗୀତ ଗୋବିନ୍ଦ ଶ୍ରବଣ ପରେ ହିଁ ଅନ୍ନଜଳ ଗ୍ରହଣ କରୁଥିଲେ । ସେହିପରି କାମାର୍ଣ୍ଣବ ଦେବଙ୍କ ପରେ ଗଙ୍ଗବଂଶର ଅନ୍ୟତମ ଶାସକ ରାଘବ ଦେବ ୧୫ ବର୍ଷ ରାଜତ୍ୱ କରିଥିଲେ । ସେ ଜଣେ ସୁଦକ୍ଷ, ପ୍ରତାପଶାଳୀ ବୀର ଶାସକ ଥିଲେ ।

ମାଦଳା ପାଞ୍ଜିରୁ ଜଣାଯାଏ ଯେ ରାଜରାଜ ଦେବ (୨ୟ)ଙ୍କ ପରେ ଗଙ୍ଗବଂଶୀ ମହାରାଜା କବି ନରସିଂହ ନାମରେ ପରିଚିତ ଦ୍ୱିତୀୟ ନରସିଂହ ଦେବ ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ସେବାର ବିଧିବଦ୍ଧ ପ୍ରଚଳନ କରାଇଥିଲେ । ମାଦଳା ପାଞ୍ଜିରେ ବର୍ଣ୍ଣିତ ଅଛି - "ଏ ଉଆଁରୁ କବି ନରସିଂହ ଦେବ ରାଜା ହୋଇଲେ । ଗୀତଗୋବିନ୍ଦ ଶିଳଉ କଲେ ।"

ଉତ୍କଳ ଇତିହାସରେ କଳିଙ୍ଗ-ଉତ୍କଳ-ଓଡିଶାକୁ ଯେଉଁ ରାଜାମାନେ ଶାସନ କରିଛନ୍ତି, ସେମାନଙ୍କ ମଧ୍ୟରେ ଗଙ୍ଗବଂଶୀ ରାଜାମାନଙ୍କ ରାଜତ୍ୱ

ଦୀର୍ଘ । ପ୍ରାୟ ୩୨୦ ବର୍ଷ ପର୍ଯ୍ୟନ୍ତ ଏହି ବଂଶର ରାଜାମାନେ ପୁରୁଷାନୁକ୍ରମେ ଶାସନ ପ୍ରଦାନ କରିଆସିଛନ୍ତି । ଓଡିଶାରେ ରାଜାମାନଙ୍କର ରାଜୁତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ହୋଇଆସିଛି । ଅନଙ୍ଗଭୀମ ଦେବ ହେଉଛନ୍ତି ଗଙ୍ଗବଂଶର ଅନ୍ୟତମ ଯଶସ୍ୱୀ ରାଜା । ଶ୍ରୀଜଗନ୍ନାଥ ସର୍ବସ୍ୱ ଅନଙ୍ଗଭୀମ ଦେବଙ୍କ କୀର୍ତ୍ତି କେବଳ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପରିପ୍ରେକ୍ଷୀରେ ଆଲୋଚ୍ୟ ନୁହେଁ, ବରଂ ତାଙ୍କ ରାଜତ୍ୱ କାଳର କୀର୍ତ୍ତି ଯୁଗ ଯୁଗ ଧରି ତାଙ୍କୁ ଯଶ ଗୌରବ ପ୍ରଦାନ କରି ଆସୁଥିବ । ଓଡିଆ ମାଟିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବଡଦେଉଳ ଏବଂ ମହାପ୍ରଭୁଙ୍କ ରୀତି ନୀତି ସେବା ପୂଜାର ବ୍ୟବସ୍ଥା ତାଙ୍କୁ ଅମର କରି ରଖିଥିବ । କେବଳ ଗଜପତି ଭାବରେ ଠାକୁର ରାଜାର ମାନ୍ୟତା ନୁହେଁ, ତାଙ୍କର ଯଶ ଓ କୀର୍ତ୍ତି ସମସ୍ତ ରାଜାମାନଙ୍କ କୀର୍ତ୍ତିଠାରୁ ବହୁ ଉର୍ଦ୍ଧ୍ୱରେ ।

ଅନଙ୍ଗଭୀମ ଦେବ ଅଭିଷିକ୍ତ ହେବା ବେଳକୁ ଦେଉଳ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନଥିଲା । ସେ ବଡ ଦେଉଳର ନିର୍ମାଣ କାର୍ଯ୍ୟ ଶେଷ କରି ଶ୍ରୀବିଗ୍ରହ ମାନଙ୍କୁ ନୂତନ ମନ୍ଦିରରେ ବିଜେ କରାଇଥିଲେ । ନିଜେ ଜୟକରି ଆଣିଥିବା ବିପୁଳ ଧନରତ୍ନ ଓ ଭୂ-ସମ୍ପତ୍ତି ଶ୍ରୀଜଗନ୍ନାଥଙ୍କୁ ଦାନ କରିଥିଲେ । ଏଥି ସହିତ ପରମହଂସ ବାଜପେୟୀଙ୍କୁ ମହାପ୍ରଭୁଙ୍କର ଭୋଗରାଗ, ପୂଜାନୀତି ସୁଚାରୁରୂପେ ପରିଚାଳନା ନିମିତ୍ତ ଆଦେଶ ଦେଇଥିଲେ । ଅନଙ୍ଗଭୀମ ଦେବ ୨୭ ବର୍ଷ ଶାସନ କାର୍ଯ୍ୟ କରିଥିବା ମାଦଳା ପାଞ୍ଜିରେ ଉଲ୍ଲେଖ ରହିଅଛି । ଶାସନଭାର ଗ୍ରହଣ କରିବାର କିଛି ବର୍ଷ ପରେ ମହାପ୍ରଭୁଙ୍କୁ ସ୍ୱପ୍ନରେ ଦେଖି ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ବିଜେ କରି ଶାଢି ପ୍ରସାଦ ଲାଗି ହୋଇ ଶ୍ରୀ ନବରେ ବିଜେକଲେ । ଏହି ରାଜାଙ୍କ ସମୟରେ ରାଜ୍ୟଯାକ ନଳମାପ କରାଇଥିଲେ । ଏହାଙ୍କର ରାଜ୍ୟର ପରିସୀମା ଗଙ୍ଗାକୂଳରୁ ଗୋଦାବରୀ ଯାଏ ଏବଂ ସୁର ନଦୀକୂଳରୁ ବେଣୀ ନଦୀ ଯାଏଁ ବିସ୍ତୃତ ଥିଲା । ଅନଙ୍ଗ ଭୀମ ଦେବ ମହାପ୍ରଭୁଙ୍କ ସେବାପୂଜା ପାଇଁ ଛତିଶା ନିଯୋଗ ବ୍ୟବସ୍ଥା କରାଇଥିଲେ । ଷୋଳ ସାଆନ୍ତ ପଦ ସୃଷ୍ଟି କଲେ । ଛତିଶହ ଖଣ୍ଡ ପଡିଆ ପେଣ୍ଠ କଲେ । ୩୫୦ ହାଟ ବସାଇଥିଲେ ।

ଗଙ୍ଗବଂଶୀୟ ରାଜାମାନଙ୍କ ଶାସନ ପରେ ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ ଜଣେ ପ୍ରଚଣ୍ଡ ପରାକ୍ରମଶାଳୀ ରାଜା ଥିଲେ । ଓଡିଶାରେ ଗଙ୍ଗ ବଂଶର ପ୍ରାୟ ୧୫ ଜଣ ମହାରାଜା ଶାସନ କରିଛନ୍ତି, ତନ୍ମଧ୍ୟରେ ଚୋଡଗଙ୍ଗ ଦେବ, ରାଜରାଜ ଦେବ, ଅନଙ୍ଗ ଭୀମ ଦେବ, ନରସିଂହ ଦେବ, ନିଶଙ୍କ ଭାନୁଦେବ ଓ କାମାର୍ଣ୍ଣବ ଦେବଙ୍କ ଭଳି ପରାକ୍ରମୀ ପ୍ରଜାବତ୍ସଳ ରାଜା ମାନଙ୍କର କୃତୀ ଓ କୀର୍ତ୍ତିରେ ସଗର୍ବେ ମଥା ଟେକି ଥିବା ରାଜତ୍ୱର ବିଳୟ ଘଟିବା ପରେ ଗଜପତି କପିଳେନ୍ଦ୍ର ଦେବଙ୍କ ଦ୍ୱାରା ସୂର୍ଯ୍ୟବଂଶର ପ୍ରତିଷ୍ଠା ଏକ ବିସ୍ମୟ ଅଟେ । ଶ୍ରୀକ୍ଷେତ୍ର ସ୍ଥିତ ଶ୍ରୀମନ୍ଦିରରୁ ତାଙ୍କର ଅଭ୍ୟୁଦୟ । କପିଳେନ୍ଦ୍ର ଦେବ ଖ୍ରୀ. ୧୪୩୫ ରୁ ୧୪୬୫ ପର୍ଯ୍ୟନ୍ତ ଦୀର୍ଘ ତିରିଶ ବର୍ଷ ରାଜତ୍ୱ କରିଥିଲେ । ସେ ନିଜର ଅଖଣ୍ଡ ପ୍ରତିଭା ବଳରେ ଓଡିଶାର ଇତିହାସକୁ ସମୁଜ୍ଜ୍ୱଳ କରିଛନ୍ତି । କପିଳେନ୍ଦ୍ର ଯେଉଁ ସମୟରେ ଓଡିଶାର ଶାସନଭାର ଗ୍ରହଣ କରିଥିଲେ, ସେ ସମୟରେ ରାଜ୍ୟର ଅବସ୍ଥା ବଡ ଜଟିଳ ଥିଲା । ଓଡିଶା ପ୍ରତି ସବୁ ଦିଗରୁ ବିପଦ ଓ ଆକ୍ରମଣର ଆଶଙ୍କା ରହିଥିଲା । ଏପରିକି ଉତ୍ତରରେ ବଙ୍ଗର ମୁସଲମାନ ସୁଲତାନ୍ ନାସିରୁଦ୍ଦିନ, ଦକ୍ଷିଣ-ପଶ୍ଚିମରେ ବାହମନି ସୁଲତାନ, ଦକ୍ଷିଣରେ ବିଜୟ ନଗରର ସମ୍ରାଟ ଦେବ ରାୟ ଓଡିଶାକୁ ଅଧିକାର କରିବା ପାଇଁ ଉଦ୍ୟମ କରୁଥିଲେ । ସେହି ଘଡିସନ୍ଧି ମୂହୁର୍ତ୍ତରେ କପିଳେନ୍ଦ୍ର ଦେବ ସିଂହାସନ ଆରୋହଣ କରି ନିଜର ଅଦ୍ଭୁତ ସାମରିକ ଶକ୍ତିର ପରିଚୟ ଦେଇଥିଲେ । ଜଣେ ବିଚକ୍ଷଣ ଯୋଦ୍ଧା ଓ ସେନାପତି ଭାବରେ ସୈନ୍ୟବାହିନୀକୁ ଶକ୍ତିଶାଳୀ କରି ସମ୍ରାଜ୍ୟ ବିସ୍ତାର କଲେ । ୧୪୪୮ ଖ୍ରୀଷ୍ଟାବ୍ଦରେ ଦାକ୍ଷିଣାତ୍ୟ ବିଜୟ ପରେ ଖ୍ରୀ. ୧୪୫୦ରେ 'ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଉପାଧି ଧାରଣ କଲେ । ଏହା ପରେ ସେ କାଞ୍ଚି ବିଜୟ କରିଥିଲେ । ଏହିପରି ବିଭିନ୍ନ ରାଜ୍ୟ ଜୟ କରି ରାଉତରାଜ, କଳବର୍ଗେଶ୍ୱର ଉପାଧି ପ୍ରାପ୍ତ ହୋଇଥିଲେ । ସେ ସାମରିକ ଅଭଯାନର ନେତୃତ୍ୱ ଓ ନିୟନ୍ତ୍ରଣ କରି ରାଜ୍ୟଶାସନର ସମସ୍ତ ବ୍ୟବସ୍ଥା କରୁଥିଲେ । ଖ୍ରୀ. ୧୪୩୬ ରେ କପିଳେନ୍ଦ୍ର ଦେବ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ଲୁଣ ଓ କଉଡି ଉପରୁ କର ଉଠାଇ ଦେଇଥିଲେ । ଖ୍ରୀ ୧୪୩୭ରେ ଭୁବନେଶ୍ୱର ମନ୍ଦିର ଗାତ୍ରରେ ଘୋଷଣା କରିଥିଲେ ଯେ, ସାମନ୍ତ ରାଜାମାନେ ସମସ୍ତଙ୍କ ହିତାର୍ଥେ କାର୍ଯ୍ୟ କରିବେ ଓ ଅଧର୍ମାଚରଣ କେବେ ହେଁ କରିବେ ନାହିଁ । ସେହିପରି ୧୪୫୦ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ଭୋଗ ସମୟରେ ସକାଳଧୂପଠାରୁ ବଡସିଂହାର ପର୍ଯ୍ୟନ୍ତ ଦେବଦାସୀ ନୃତ୍ୟର ବ୍ୟବସ୍ଥା କରିଥିଲେ । ସେହିବର୍ଷ ଦାକ୍ଷିଣାତ୍ୟ ବିଜୟର ନିଦର୍ଶନ ସ୍ୱରୂପ ଶ୍ରୀଜଗନ୍ନାଥଙ୍କୁ 'ପୁଣ୍ଡରିକ ଗୋପ' ଶାଢି ଉପହାର ପ୍ରଦାନ କରିଥିଲେ । ଖ୍ରୀ ୧୪୬୪ରେ ଶ୍ରୀଜଗନ୍ନାଥ ମନ୍ଦିର ଗାତ୍ରରେ ରାଜ୍ୟର ସମସ୍ତ ଅଧିବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ କରି ଏକ ଘୋଷଣାନାମା ଖୋଦିତ କରିବା ସଙ୍ଗେ ସଙ୍ଗେ କୃଷ୍ଣା ନଦୀ ତଟରେ ଦେହତ୍ୟାଗ ସମୟରେ କପିଳେନ୍ଦ୍ର ଦେବ ତାଙ୍କ ନିକଟରେ ଥିବା ସମସ୍ତ ଧନ, ରତ୍ନ, ମଣି, ମୁକ୍ତା ଶ୍ରୀଜଗନ୍ନାଥଙ୍କୁ ଉପହାର ଦେବାପାଇଁ ତାଙ୍କର ଛଅ ଜଣ ବିଶ୍ୱସ୍ତ ମହାପାତ୍ରଙ୍କୁ ଦାୟିତ୍ୱ ଦେଇଥିଲେ । ୧୪୬୦ ଖ୍ରୀଷ୍ଟାବ୍ଦରେ ତିନି ରଥରେ ଶ୍ରୀବିଗ୍ରହମାନଙ୍କର ସୁନାବେଶ ତାଙ୍କରି ସମୟରେ ଅନୁଷ୍ଠିତ ହୋଇଥିଲା । ସେହିବର୍ଷ ଗଜପତି ମହାରାଜା କପିଳେନ୍ଦ୍ର ଦେବ ଜୟଦୁର୍ଗା ଦେବୀଙ୍କ ଅପାର କୃପାରୁ ସମଗ୍ର ଦକ୍ଷିଣ ବିଜୟ କରି ଷୋହଳ ଗୋଟି ହସ୍ତୀ ପୃଷ୍ଠରେ ବିପୁଳ ଧନରତ୍ନ ଲଦି ନିଜ ରାଜ୍ୟକୁ ଆଣି ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗ କରିଥିଲେ । ସେତେବେଳେ ସେହି ଧନରତ୍ନରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ ନିମି ୧୩୮ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରାଇଥିଲେ । ଏତ୍‌ଦବ୍ୟତୀତ ତାଙ୍କରି ନାମରେ କପିଳେଶ୍ୱରପୁର ବ୍ରାହ୍ମଣ ଶାସନ ବସାଇଥିଲେ ।

ଐତିହାସିକ ରାଖାଲ ଦାସ ବାନାର୍ଜୀଙ୍କ ମତରେ କପିଳେନ୍ଦ୍ରଙ୍କ ଶାସନ କାଳରେ 'ଗଜପତି' ନାମରେ ଅଭିହିତ ଏକ ନୂତନ ମୁଦ୍ରା ପ୍ରଚଳିତ ହୋଇଥିଲା । ସେହିପରି ତାଙ୍କର ଅଭିଷେକ ଠାରୁ 'କପିଳାବ୍ଦ' ନାମକ ଏକ ନୂତନ ଅବ୍ଦ ପ୍ରଚଳିତ ହୋଇଥିଲା । ମହା ପରାକ୍ରମୀ ଗଜପତି ମହାରାଜା କପିଳେନ୍ଦ୍ର ଦେବ ସାହିତ୍ୟ ଓ କଳାର ଜଣେ ପୃଷ୍ଠପୋଷକ ଥିଲେ । 'ପରଶୁରାମ ବିଜୟ' ନାମକ ନାଟ୍ୟକୃତି ମାଧ୍ୟମରେ ସେ ନିଜର ସାହିତ୍ୟ ରସିକତା ଓ ପାଣ୍ଡିତ୍ୟର ପରିଚୟ ପ୍ରଦାନ କରିଛନ୍ତି । କପିଳେନ୍ଦ୍ରଙ୍କ ରାଜ୍ୟସଭାରେ ବହୁ ପଣ୍ଡିତ ବିଦ୍ୟମାନ ଥିବାର ସୂଚନା ମିଳେ । ତାଙ୍କରି ସମୟରେ ମହାକବି ସାରଳା ଦାସଙ୍କ ଆବିର୍ଭାବ ଫଳରେ ଓଡିଆ ଭାଷା ଓ ସାହିତ୍ୟର ନବଜନ୍ମ ଏବଂ ପୌରୁଷପୂର୍ଣ୍ଣ ସାବଲୀଳ ରୂପଲାଭ – ଏହି ଜାତୀୟ ଅଭ୍ୟୁଦୟର ଧାରାକୁ ପ୍ରବହମାନତାର ସୌକୁମାର୍ଯ୍ୟ ପ୍ରଦାନ

କରିଥିଲା । ରାଜନୈତିକ, ସାମାଜିକ, ଧାର୍ମିକ ଓ ସାଂସ୍କୃତିକ ପ୍ରେକ୍ଷାପଟରେ ଓଡ଼ିଶାର ଉତ୍କର୍ଷ ଦୃଷ୍ଟିରୁ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳକୁ ଓଡ଼ିଶା ଇତିହାସରେ 'ସୁବର୍ଣ୍ଣ ଯୁଗ'ର ମାନ୍ୟତା ଦିଆଯାଇଛି ।

କପିଳେନ୍ଦ୍ର ଦେବଙ୍କ ପରେ ସୂର୍ଯ୍ୟବଂଶର ଅନ୍ୟତମ ମହାରାଜା ପୁରୁଷୋ□ମ ଦେବ ଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ଅନନ୍ୟ ଭକ୍ତ । ଏହି ଗଜପତିଙ୍କର କେତେକ ଅଭିଲେଖ ଶ୍ରୀମନ୍ଦିର ଜୟବିଜୟ ଦ୍ୱାରରେ ଉତ୍‌କୀର୍ଣ୍ଣ ହୋଇଥିବା ଜଣାଯାଏ । ଗଜପତି ମହାରାଜା ପୁରୁଷୋତ୍ତମ ଦେବ ଖାଲି ଜଣେ ସୁଶାସକ ନଥିଲେ, ସେ ଏକାଧାରରେ ଜଣେ ସୁସାହିତ୍ୟିକ, କବି ଓ ଲେଖକ ମଧ୍ୟ ଥିଲେ । ତାଙ୍କର ସମସ୍ତ ରଚନା ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗୀକୃତ କରିଛନ୍ତି । ଏତଦ୍‌ବ୍ୟତୀତ ହାରାବଳୀ ଓ ତ୍ରିକାଣ୍ଡ କୋଷ ନାମକ ଦୁଇଟି ଶବ୍ଦକୋଷ ଅଭିଧାନ ପ୍ରଣୟନ କରିଥିଲେ । ପୁରୁଷୋତ୍ତମ ଦେବଙ୍କ ପରେ ତାଙ୍କ ପୁତ୍ର ପ୍ରତାପରୁଦ୍ର ଦେବ ଖ୍ରୀ. ୧୪୯୭ ରୁ ୧୫୪୦ ପର୍ଯ୍ୟନ୍ତ ଓଡ଼ିଶା ରାଜତ୍ୱ କରିଥିଲେ । ଗଜପତି ପ୍ରତାପରୁଦ୍ର ଦେବଙ୍କ ସାମ୍ରାଜ୍ୟ ଉ□ରରେ ଗଙ୍ଗାଠାରୁ ଦକ୍ଷିଣରେ ନେଲୋର ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ଭକ୍ତି ଭାଗବତ ଗ୍ରନ୍ଥ ବର୍ଣ୍ଣନାନୁସାରେ ରାଜା ନିଜ ନାମରେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରାଇଥିଲେ । ଶ୍ରୀ ଚୈତନ୍ୟଙ୍କ ପ୍ରଭାବରେ ଶ୍ରୀମନ୍ଦିରରେ କେତେକ ଯାନିଯାତ୍ରା, ବେଶ ଇତ୍ୟାଦି ତାଙ୍କରି ସମୟରେ ଅନୁଷ୍ଠିତ ହୋଇଥିଲା । 'ଗୀତ ଗୋବିନ୍ଦ' ସେବାକୁ ସେ ପ୍ରାଧାନ୍ୟ ଦେବା ସହିତ ମହାପ୍ରଭୁଙ୍କ ସେବାରେ ନିଜକୁ ଉତ୍ସର୍ଗ କରିବା ସଙ୍ଗେ ସଙ୍ଗେ ରଥଯାତ୍ରାରେ ଛେରା ପହଁରା ସେବା କରି ଆସୁଥିଲେ । ତାଙ୍କ ରାଜସଭାରେ ବହୁ ବିଦ୍ୱାନ ପଣ୍ଡିତ ଉପସ୍ଥିତ ରହି ଶୋଭା ମଣ୍ଡନ କରୁଥିଲେ । ପଞ୍ଚସଖାଙ୍କର ଅନେକ ସାହିତ୍ୟ କୃତି ତାଙ୍କରି ରାଜତ୍ୱ କାଳରେ ସୃଷ୍ଟି ହୋଇଥିଲା । ଏପରିକି ପ୍ରତାପରୁଦ୍ର ଦେବଙ୍କ ସମୟରେ ସମଗ୍ର ଉତ୍କଳରେ ଆଧ୍ୟାତ୍ମିକତାର ପ୍ରବାହଧାରା ବିଚ୍ଛୁରିତ ହୋଇଥିଲା ।

ସୂର୍ଯ୍ୟ ବଂଶର ଅବସାନ ପରେ ଭୋଇ ବଂଶର ଅଭ୍ୟୁଦୟ ହୋଇଥିଲା । ଗଜପତି ମହାରାଜା ରାମଚନ୍ଦ୍ର ଦେବ (ପ୍ରଥମ) ଭୋଇ ବଂଶର ପ୍ରତିଷ୍ଠାତା ଅଟନ୍ତି । ଖୋର୍ଦ୍ଧାର ବରୁଣେଇ ପର୍ବତ ପାଦଦେଶରେ ନିଜର ନୂତନ ଗଡ ଓ ପ୍ରାସାଦ ପ୍ରତିଷ୍ଠା କରିଥିଲେ । ତାଙ୍କରି ପ୍ରଗାଢ ଉଦ୍ୟମରେ ସ୍କନ୍ଦ ପୁରାଣୋକ୍ତ ବିଧିରେ ନବ କଳେବର ବନଯାଗ ସମ୍ପନ୍ନ ହୋଇ ନୂତନ ମୂର୍ତ୍ତି ନିର୍ମାଣ ସମେତ ଶ୍ରୀମନ୍ଦିର ରତ୍ନସିଂହାସନରେ ଠାକୁରମାନଙ୍କୁ ପୁନଃ ଅଧିଷ୍ଠିତ କରାଇଥିଲେ ।

ଐତିହାସିକ କେଦାରନାଥ ମହାପାତ୍ରଙ୍କ ମତାନୁଯାୟୀ ଗଜପତି ରାମଚନ୍ଦ୍ର ଦେବଙ୍କ ରାଜତ୍ୱର ୩ୟ ଅଙ୍କ ୩-୯-୧୫୬୮ ଠାରୁ ଆରମ୍ଭ ହୋଇ ୬-୯-୧୬୦୦ ଖ୍ରୀ. ୪୨ ଅଙ୍କରେ ଶେଷ ହୋଇଥିଲା । ତାଙ୍କ ରାଜତ୍ୱ କାଳରେ ମାଦଳାପାଞ୍ଜି, ଶ୍ରୀପୁରୁଷୋତ୍ତମ ବଡଦେଉଳ କର୍ମାଙ୍ଗୀ, ଚୟନୀ ଚକଡା ଓ ବହୁ ସାହିତ୍ୟକୃତି ଲିଖନ ହୋଇ ଓଡ଼ିଆ ସାହିତ୍ୟ ସମୃଦ୍ଧି ଲାଭ ପାଇଥିଲା । ବାସ୍ତବ ପକ୍ଷେ ଅଭିନବ ଇନ୍ଦ୍ରଦ୍ୟୁମ୍ନ ଉପାଧିଧାରୀ ରାମଚନ୍ଦ୍ର ଦେବ (ପ୍ରଥମ) ଏକାଧାରରେ ଜଣେ ବୀର, ପ୍ରଜାବତ୍ସଳ, ଧର୍ମ ପରାୟଣ, ଶ୍ରୀମନ୍ଦିର ସଂସ୍କାରକ, ନୂତନ ଦାରୁ ବିଗ୍ରହ ନିର୍ମାଣ ଓ ରତ୍ନ ସିଂହାସନରେ ଅଧିଷ୍ଠିତ, ରଥଯାତ୍ରା ଓ ଶ୍ରୀମହାପ୍ରସାଦର ପୁନଃ ପ୍ରଚଳନକାରୀ, ରଘୁନାଥ ବେଶର ପ୍ରବର୍ତ୍ତକ, ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ, ସର୍ବୋପରି ସୁଶାସକ, କର୍ମନିଷ୍ଠ ବ୍ୟକ୍ତିତ୍ୱ ରୂପେ ଯୁଗେ ଯୁଗେ ଓଡ଼ିଶା ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ ।

ଭୋଇବଂଶର ଅନ୍ୟତମ ଗଜପତି ପୁରୁଷୋତ୍ତମ ଦେବ ଖ୍ରୀ. ୧୬୦୦ ରୁ ୧୬୨୧ ପର୍ଯ୍ୟନ୍ତ ଖୋର୍ଦ୍ଧା ରାଜ୍ୟର ଶାସନଭାର ଗ୍ରହଣ କରିଥିଲେ । ସେ ଜଣେ ସାହାସୀ ବୀର ପୁରୁଷ ଥିଲେ । ତାଙ୍କ ରାଜତ୍ୱ ସମୟରେ ମୁସଲମାନ ଶାସକମାନେ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ ହେଁ ପୁରୁଷୋତ୍ତମ ଦେବ ଶ୍ରୀବିଗ୍ରହ ମାନଙ୍କୁ ସୁରକ୍ଷା ଦେବାରେ ଓ ସେବା ପୂଜା ଅକ୍ଷୁଣ୍ଣ ରଖିବା ନିମନ୍ତେ ପ୍ରବଳ ଉଦ୍ୟମ କରିଥିଲେ । ଭୋଇବଂଶର ଗଜପତି ନରସିଂହ ଦେବ (ତୃତୀୟ)ଖ୍ରୀ. ୧୬୨୧ ରୁ ୧୬୪୭ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ, ପ୍ରଜାବତ୍ସଳ, କୁଟନୀତିଜ୍ଞ, ବୀରାଧିବୀରବର ଗୋବ୍ରାହ୍ମଣ ହିତକାରୀ, ଧର୍ମ ପରାୟଣ, ରାଜନୀତି ବିଶାରଦ, ସଂସ୍କୃତ, ସାହିତ୍ୟାନୁରାଗୀ, ଦୃଢମନା ଓ ଉତ୍କଳୀୟ ସଂସ୍କୃତିର ରକ୍ଷକ ଥିବା ଜଣାଯାଏ । ଗଜପତି ନରସିଂହ ଦେବ ଥିଲେ ସାହିତ୍ୟ ଉପାସକ । ତାଙ୍କ ରାଜ ଦରବାରରେ ଉତ୍କଳର ତତ୍କାଳୀନ ପ୍ରସିଦ୍ଧ କବି ହଳଧର ମିଶ୍ର, କବିରତ୍ନ ପୁରୁଷୋତ୍ତମ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶୋଭା ମଣ୍ଡନ କରୁଥିଲେ । ଗଜପତି ନରସିଂହ ଦେବ ନିଜ ନାମରେ ବୀର ନରସିଂହପୁର ବ୍ରାହ୍ମଣ ଶାସନ ବସାଇବା ସଙ୍ଗେ ସଙ୍ଗେ ଶ୍ରୀମନ୍ଦିରରେ ବସନ୍ତ ଗୁଣ୍ଡିଚା ଯାତ୍ରାର ପ୍ରଚଳନ କରାଇଥିଲେ । ବିଶ୍ୱାସଘାତକତା, ବିଦ୍ରୋହ ଓ ଶେଷରେ ରକ୍ତପାତରେ ତାଙ୍କର ଜୀବନଦୀପ ନିର୍ବାପିତ ହୋଇଥିଲା । ଏହି ବଂଶର ଅନ୍ୟତମ ଗଜପତି ମୁକୁନ୍ଦ ଦେବ (ପ୍ରଥମ) ତାଙ୍କ ରାଜତ୍ୱକାଳରେ ବିବାଦ, ବ୍ୟସ୍ତ ବିବ୍ରତ ମଧ୍ୟରେ ଗତି କରିଥିଲେ ହେଁ ସେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ପ୍ରତି ଧ୍ୟାନ ଦେଇଥିଲେ । ଏହି ରାଜାଙ୍କ ସମୟରେ ଯମେଶ୍ୱର ମହାଦେବଙ୍କ ଜଗମୋହନ, ଶ୍ରୀମନ୍ଦିର ଭିତର ବେଢାରେ ଜଳକ୍ରୀଡା ମଣ୍ଡପ, ଉଗ୍ରସେନ ମଣ୍ଡପ ପଥର ଚାନ୍ଦିନୀ ଇତ୍ୟାଦି ନିର୍ମିତ ହୋଇଥିଲା । ଓଡ଼ିଶାର ଜନପ୍ରିୟ କବି ଭକ୍ତ ସାଲବେଗଙ୍କୁ ଶ୍ରୀକ୍ଷେତ୍ରରେ ଅବସ୍ଥାନ ପାଇଁ ଗଜପତି ବଳଗଣ୍ଡି ଠାରେ ତାଙ୍କୁ ଜମି ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ବ୍ରାହ୍ମଣ ମାନଙ୍କପାଇଁ ମୁକୁନ୍ଦପୁର ଶାସନ ପ୍ରତିଷ୍ଠା କରି ବହୁ ପରିମାଣର ଭୂମି ଦାନ କରିଥିଲେ । ଅନ୍ୟାନ୍ୟ ଗଜପତି ମାନଙ୍କ ମଧ୍ୟରେ ଦିବ୍ୟସିଂହ ଦେବ (ପ୍ରଥମ), ହରେକୃଷ୍ଣ ଦେବ, ରାମଚନ୍ଦ୍ର ଦେବ (ଦ୍ୱିତୀୟ) ପ୍ରମୁଖଙ୍କ ରାଜତ୍ୱକାଳରେ ଶ୍ରୀମନ୍ଦିରର ଅନେକ ଜୀର୍ଣ୍ଣ ସଂସ୍କାର ଓ ଅନ୍ୟାନ୍ୟ କୀର୍ତ୍ତିର ନିର୍ମାଣ ଦ୍ୱାରା ଶ୍ରୀକ୍ଷେତ୍ରର ପୂର୍ବ ଗୌରବର ଉଦ୍ଧାର କରାଯାଇଥିଲା । ବିଶେଷକରି ଏହି ଗଜପତି ମାନଙ୍କ ସମୟରେ ବୈଦିକ ଧର୍ମର ପୁନରୁତ୍‌ଥାନ, ପଣ୍ଡିତ, ସାଧୁ, ସନ୍ଥ, ବ୍ରହ୍ମଚାରୀଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ, ବିଭିନ୍ନ ବ୍ରାହ୍ମଣ ଶାସନ ପ୍ରତିଷ୍ଠା, ଶ୍ରୀମନ୍ଦିରରେ ସେବାପୂଜା ପରମ୍ପରାର ସୁରକ୍ଷା ଓ ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ଯୋଗୁଁ ଉତ୍କଳ ଇତିହାସରେ ଏମାନେ ଚିରସ୍ମରଣୀୟ ଅଟନ୍ତି । ଭୋଇବଂଶର ଅନ୍ୟତମ ମହାରାଣୀ ସୂର୍ଯ୍ୟମଣି ପାଟମହାଦେଈ ମଧ୍ୟ ଥିଲେ ଜଣେ ବିଚକ୍ଷଣା, ସାହାସୀ ଓ ସୁଦକ୍ଷ ପରିଚାଳିକା । ସେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପରମ ଭକ୍ତ ରୂପେ ଇଂରେଜ ଶାସନକାଳରେ ପୁରୀ ଗଜପତିବଂଶର ସୁରକ୍ଷା ଓ ଶ୍ରୀମନ୍ଦିରର ପରିଚାଳନା ନିଜ ହାତକୁ ଆଣି ପାରିଥିଲେ ।

ଦୀର୍ଘ ୪୫୦ ବର୍ଷର ପୁରାତନ ଏହି ରାଜବଂଶର ପରମ୍ପରାରେ ପ୍ରାୟ ୨୫୦ ବର୍ଷ ଧରି କ୍ରମାନୁସାରେ ଗଜପତି ଦିବ୍ୟସିଂହ ଦେବ, ମୁକୁନ୍ଦ ଦେବ, ରାମଚନ୍ଦ୍ର ଦେବ ଓ ବୀରକିଶୋର ଦେବ ନାମରେ ନାମିତ ହେଉଥିବାବେଳେ, ମହାରାଣୀ ମାନଙ୍କ ନାମ ମଧ୍ୟ ପାରମ୍ପରିକ ପ୍ରଥା ଅନୁଯାୟୀ ପରିବର୍ତ୍ତିତ ହୋଇଥାଏ, ଯଥା – ଲୀଳାବତୀ ପାଟମହାଦେଈ, ପଦ୍ମାବତୀ ପାଟ ମହାଦେଈ, ଚନ୍ଦ୍ରମଣି ପାଟମହାଦେଈ ଓ ସୂର୍ଯ୍ୟମଣି ପାଟମହାଦେଈ।

ଶ୍ରୀମନ୍ଦିରର ଜୀର୍ଣ୍ଣୋଦ୍ଧାର, ମରାମତି, ସଂରକ୍ଷଣ, ଶ୍ରୀବିଗ୍ରହମାନଙ୍କ ପୁନଃପ୍ରତିଷ୍ଠା, ସିଂହଦ୍ୱାରଠାରେ ଅରୁଣ ସ୍ତମ୍ଭ ସ୍ଥାପନ, ଶ୍ରୀଜୀଉଙ୍କର ବିଭିନ୍ନ ଯାନିଯାତ୍ରା ଓ ସେବାପୂଜାର ପ୍ରବର୍ତ୍ତନ ସର୍ବୋପରି ସର୍ବଭାରତୀୟ ସ୍ତରରେ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ପ୍ରସାରରେ ଅତ୍ୟନ୍ତ ପ୍ରାଚୀନ କାଳରୁ ଗଜପତି ମହରାଜାମାନଙ୍କର ପ୍ରମୁଖ ଭୂମିକା ରହି ଆସିଅଛି। ବିଶେଷ କରି ଗଙ୍ଗ ବଂଶ ରାଜତ୍ୱ ସମୟଠାରୁ ଆରମ୍ଭ କରି ଭୋଇବଂଶର ସମସ୍ତ ଗଜପତି ମହାରାଜା ମାନେ ଉତ୍କଳ ପ୍ରଦେଶର ଇଷ୍ଟ ଦେବତା ରୂପେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଉପାସନା କରିଆସିଛନ୍ତି। ଏପରିକି ଗଜପତି ହେଉଛନ୍ତି ଶ୍ରୀମନ୍ଦିରର ଆଦ୍ୟ ସେବକ। ଭୋଇବଂଶର ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ର ଦେବଙ୍କ ବଂଶଧରମାନେ ଅଦ୍ୟାବଧି ପୁରୀ ଗଜପତି ମହାରାଜା ରୂପେ ପରିଚିତ ହେଉଛନ୍ତି। ଦୀର୍ଘ ୨୦୦ ବର୍ଷ ଧରି ଗଜପତି ମହାରାଜାମାନେ ପୁରୀ ଶ୍ରୀନଅରରେ ଅବସ୍ଥାନ କରୁଥିବାରୁ ଅଧୁନା ତାଙ୍କୁ 'ଗଜପତି ମହାରାଜା, ପୁରୀ' ଭାବେ ସର୍ବସାଧାରଣରେ ସମ୍ବୋଧିତ କରାଯାଉଛି। ଏବେ ବି ଶ୍ରୀମନ୍ଦିର ତଥା ଉତ୍କଳୀୟ ପରମ୍ପରାରେ ପୁରୀ ଗଜପତି ମହାରାଜା "ଶ୍ରୀ ଶ୍ରୀ ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବୀରାଧିବୀରବର ଭୂତ ଭୈରବ ସାଧୁ ଶାସନୋ□ୀର୍ଣ୍ଣ, ରାଉତରାଜ ଅତୁଳବଳ ପରାକ୍ରମ ସଂଗ୍ରାମ ସହସ୍ରବାହୁ, କ୍ଷତ୍ରିୟକୂଳ ଧୂମକେତୁ ମହାରାଜାଧିରାଜ" ନାମରେ ସମ୍ବୋଧିତ ହୋଇ ଆସୁଛନ୍ତି। ସମଗ୍ର ଉତ୍କଳବାସୀଙ୍କ ମଧ୍ୟରେ ଗଜପତି ମହାରାଜା ହେଉଛନ୍ତି ଚଳନ୍ତି ବିଷ୍ଣୁ।

ବର୍ତ୍ତମାନର ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ

ପିଲାଦିନର ନାମ ଥିଲା ବଡ ଜେନାମଣି କାମାର୍ଣ୍ଣବ ଦେବ। ୧୯୭୦ ମସିହା ଜୁଲାଇ ୮ ତାରିଖ ଦିନ ବଡ଼୍‌ଙ୍କ କୋଳରେ ବସି ରାଜଗାଦିରେ ଅଭିଷିକ୍ତ ହେବାପରେ ମାତ୍ର ୧୬ ବର୍ଷ ବୟସରେ କାମାର୍ଣ୍ଣବ ଦେବରୁ ପାରମ୍ପରିକ ପ୍ରଥାନୁଯାୟୀ ଦିବ୍ୟସିଂହ ଦେବ (୪ର୍ଥ) ନାମ ଧାରଣ କରିଥିଲେ।

ଗଜପତି ମହାରାଜା ଦିବ୍ୟସିଂହ ଦେବ (୪ର୍ଥ) ମଧ୍ୟପ୍ରଦେଶର ଅଧୁନା ଛତିଶଗଡ ରାଜ୍ୟର ରାୟପୁରର ରାଜକୁମାର କଲେଜରୁ ଆଇ.ଏସ୍.ସି., ୧୯୭୨ ମସିହାରେ ସେଣ୍ଟ୍ ଷ୍ଟିଫେନସ୍ କଲେଜରୁ ଇତିହାସ (ସମ୍ମାନ) ରେ ବି.ଏ. ପାଶ୍ କରିଥିଲେ। ଏହାପରେ ୧୯୭୫ ମସିହାରେ ଦିଲ୍ଲୀ ବିଶ୍ୱ ବିଦ୍ୟାଳୟରେ ଏଲ୍.ଏଲ୍.ବି. ଶିକ୍ଷା ସମାପ୍ତ କରିବା ପରେ ଆମେରିକାର ଚିକାଗୋ ସହରସ୍ଥିତ ଉତ୍ତର ପଶ୍ଚିମ (ନର୍ଥ-ୱେଷ୍ଟର୍ଣ୍ଣ) ବିଶ୍ୱବିଦ୍ୟାଳୟରୁ ୧୯୭୬ ମସିହାରେ ଆଇନ୍‌ରେ ଏଲ୍.ଏଲ୍.ଏମ୍.ଡିଗ୍ରୀ ହାସଲ କରିଥିଲେ। ଏହାପରେ ୧୯୮୦ ମସିହା ପର୍ଯ୍ୟନ୍ତ ଦିଲ୍ଲୀ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଓକିଲାତି ବ୍ୟବସାୟରୁ ଅବ୍ୟାହତି ନେଇ ଓଡିଶାରେ ସ୍ଥାୟୀ ଭାବେ ଅବସ୍ଥାନ କରିବା ସଙ୍ଗେସଙ୍ଗେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଛନ୍ତି।

ବର୍ତ୍ତମାନର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଜଣେ ଉଚ୍ଚଶିକ୍ଷିତ, ସରଳ, ନମ୍ର, ଈଶ୍ୱର ବିଶ୍ୱାସୀ, ଆଧ୍ୟାତ୍ମବାଦୀ ଓ ସମ୍ଭ୍ରମ ସ୍ୱଭାବର ବ୍ୟକ୍ତି ଅଟନ୍ତି। ସେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ସଂପୂର୍ଣ୍ଣ ସମର୍ପିତ ତଥା ଗଭୀର ଆସ୍ଥା ପ୍ରକଟ ପୂର୍ବକ ନିୟମିତ ଭାବରେ ତାଙ୍କର ଛେରାପହଁରା, ରାଜନୀତି ସେବା ଓ ନବକଳେବରରେ ସ୍ୱତନ୍ତ୍ର ସେବା ନିର୍ବାହ କରି ଆସୁ ଅଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀଜଗନ୍ନାଥ ମନ୍ଦିର ଆଇନ, ୧୯୫୫ର ବିଧି ବ୍ୟବସ୍ଥା ପ୍ରକାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ବଂଶାନୁକ୍ରମିକଭାବେ ଅଧ୍ୟକ୍ଷ କାର୍ଯ୍ୟ ତୁଲାଉଛନ୍ତି। ସର୍ବଦା ନିଜକୁ ଆଧ୍ୟାତ୍ମିକମାର୍ଗରେ ପରିଚାଳିତ କରାଇ ଶ୍ରୀଜଗନ୍ନାଥ ଚେତନା ତଥା ସନାତନ ଧର୍ମର ଜଣେ ସୁପ୍ରବକ୍ତା ଓ ଭାରତବର୍ଷର ବିଭିନ୍ନ ପ୍ରମୁଖ ଆଧ୍ୟାତ୍ମିକ, ଧାର୍ମିକ ସଂଗଠନ ସହିତ ପ୍ରତ୍ୟକ୍ଷ ଭାବେ ସଂଶ୍ଳିଷ୍ଟ ରହିଛନ୍ତି। ଏପରିକି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଆଦ୍ୟ ସେବକ ରୂପେ ବର୍ତ୍ତମାନର ଗଜପତି ମହାରାଜା ଭାରତ ସମେତ ବିଦେଶରେ ମଧ୍ୟ ଶ୍ରୀଜଗନ୍ନାଥ ଚେତନାର ପ୍ରଚାର ପ୍ରସାର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମେତ ବିଭିନ୍ନ ନୂତନ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଉଦ୍‌ଘାଟକ, ମୁଖ୍ୟ ଅତିଥି ରୂପେ ଯୋଗଦାନ ପୂର୍ବକ ଲକ୍ଷାଧିକ ଜଗନ୍ନାଥପ୍ରେମୀ ଭକ୍ତମାନଙ୍କୁ ଉତ୍ସାହିତ କରି ଆସୁଛନ୍ତି।



ବିଶେଷକରି ୨୦୧୨ ମସିହାରେ ମନ୍ଦିର ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମର ସେ ଥିଲେ ମୁଖ୍ୟ ପୁରୋଧା। ବିଗତ ୪୭ ବର୍ଷ ମଧ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରେ ଶତାଧିକ ଶ୍ରୀଜଗନ୍ନାଥ ମନ୍ଦିରର ଶିଳାନ୍ୟାସ, ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବାଦିରେ ସେ ଯୋଗଦାନ କରିଥିବା ଜଣାଯାଏ। ଶ୍ରୀମନ୍ଦିରର ସର୍ବାଙ୍ଗୀନ ଉନ୍ନତି, ସୁପରିଚାଳନା, ସେବକ ତଥା ଭକ୍ତ ମାନଙ୍କ କଲ୍ୟାଣାର୍ଥେ ତାଙ୍କର ଉଦ୍ୟମ ଅବ୍ୟାହତ ରହି ଆସିଅଛି। ୬୩ ବର୍ଷ ବୟସ୍କ ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ (୪ର୍ଥ) ତାଙ୍କର ଆଧ୍ୟାତ୍ମିକ ମନୋଭାବ ଓ ଆତ୍ମୀୟତା ଯୋଗୁଁ କୋଟି କୋଟି ଜଗନ୍ନାଥ ଭକ୍ତ ସମାଜର ହୃଦୟରେ ଏକ ସ୍ୱତନ୍ତ୍ର ଆସନ ଗ୍ରହଣ କରି ପାରିଛନ୍ତି।

ସମଗ୍ର ଭାରତ ବର୍ଷରେ ରାଜା, ମହାରାଜାମାନଙ୍କ ସୁଦୀର୍ଘ ପରମ୍ପରା କାଳର କରାଳ ସ୍ରୋତରେ ଲୁପ୍ତ ହୋଇ ଯାଉଥିବାବେଳେ ଓଡିଶାର ରାଷ୍ଟ୍ରଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ତାଙ୍କର ଆଦ୍ୟ ସେବକ ଗଜପତି ମହାରାଜା ପରମ୍ପରା ଏବେ ବି ଅକ୍ଷୁଣ୍ଣ ରହିଆସିଅଛି। ସେଥିନିମନ୍ତେ ଏବେବି ରାଜ୍ୟ ତଥା ରାଜ୍ୟ ବାହାରେ ଅବସ୍ଥାନ କରୁଥିବା କୋଟି କୋଟି ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କ ହୃଦୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଯେପରି ସତତ ବିଦ୍ୟମାନ, ଠିକ୍ ସେହିପରି ଗଜପତି ପରମ୍ପରାର ଦ୍ୟୋତକ ଶ୍ରୀମନ୍ଦିରର ଆଦ୍ୟସେବକ ପୁରୀ ଗଜପତି ସମସ୍ତଙ୍କ ନିକଟରେ ଚିର ଜାଜ୍ୱଲ୍ୟ ହୋଇ ରହିଆସିଛନ୍ତି। ଓଡିଆ ଜାତିର ତଥା ଓଡିଆ ସ୍ୱାଭିମାନର ପ୍ରତୀକ ଭାବେ ଗଜପତି ମହାରାଜା ମାନଙ୍କର ଅବଦାନ ଅତୁଳନୀୟ।

ସହାୟକ ଗ୍ରନ୍ଥସୂଚୀ -


(୧) *ମାଦଳାପାଞ୍ଜି* (ରାଜଭୋଗ ଇତିହାସ) ସମ୍ପାଦନା - ରାୟ ସାହେବ ଆର୍ତ୍ତବଲ୍ଲଭ ମହାନ୍ତି, ପ୍ରଥମ ସଂସ୍କରଣ, ୧୯୦୦।

(୨) *ଖୁର୍ଦ୍ଧା ଇତିହାସ* - କେଦାରନାଥ ମହାପାତ୍ର, ପ୍ରକାଶକ - ଗ୍ରନ୍ଥମନ୍ଦିର, ପ୍ରଥମ ସଂସ୍କରଣ, ୧୯୬୯।

(୩) *ଓଡିଶାର ଇତିହାସ* - ଡଃ ହରେକୃଷ୍ଣ ମହତାବ।

(୪) *ପ୍ରାଚୀନ ଉତ୍କଳ* - ଜଗବନ୍ଧୁ ସିଂ

(୬) *ସ୍କନ୍ଦପୁରାଣ, ଉତ୍କଳଖଣ୍ଡ* (ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ)

(୬) *ଶ୍ରୀ ଗଜପତି* - ପ୍ରକାଶକ-ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି, ୨୦୧୬.

(୭) *ଗଜପତି ମହାରାଜାଙ୍କ ଗହଣବିଜେ ପରମ୍ପରା* - ଲେଖକ ଡଃ ଭାସ୍କର ମିଶ୍ର



ମୁଖ୍ୟ ସଂପାଦକ, ନୀଳାଦ୍ରି,
କ୍ୱାଟର୍ସ ନଂ ଏ/୩. ହାତୀଶାଳ, ଶ୍ରୀଗୁଣ୍ଡିଚା ବିହାର, ପୁରୀ-୨
ମୋ - ୯୪୩୭୨୮୧୧୦୨
ଇ-ମେଲ୍: drbhaskarmishra@gmail.com


●●●●



# ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ଏକକ ପ୍ରତୀକ ଶ୍ରୀଜଗନ୍ନାଥ

*ବିଜୟ ଦାଶ*

ଆଜିର ଓଡିଆ ଜାତିକୁ ଦେଖିଲେ ଲାଗୁଛି, ଧର୍ମଧାରାରେ ତାର ମାନସିକତା ଓ ଦୃଢତା କେତେ ଟାଣ। ଯୁଗେ ଯୁଗେ ଏଇ ଜାତି ଉପରେ ଯେତିକି ଧର୍ମ ପ୍ରଚଳିତ ହୋଇଛି, ସିଏ କିପରି ଦିନକୁ ଦିନ ସରଳ ଓ ଅହିଂସାକୁ ଆଦରି ନେଇ ଏକବିଂଶ ଶତାବ୍ଦୀରେ ବି ସେଇ ଆଦିମ ମାନବିକ ପଥରେ ଜୀବନ ନିର୍ବାହ କରିଚାଲିଛି। ହଜାର ହଜାର ବର୍ଷର ବିଭିନ୍ନ ଧର୍ମ, ବେଦ, ବେଦାନ୍ତ, ପୁରାଣ କିପରି ଓଡିଶାର ଧର୍ମଧାରଣାର ଉଦ୍ଭବ କରିପାରିଛନ୍ତି, ତାର ସଂକ୍ଷିପ୍ତ ବିବରଣୀ ଏଠାରେ ଆଲୋଚ୍ୟ ବିଷୟ।

ଆଜି ଓଡିଶାରେ ଯେଉଁ ଧର୍ମ ତିଷ୍ଠି ରହିଛି, ତାହା ଅତୀତର ସବୁ ଧର୍ମର ସମଷ୍ଟିଗତ ପ୍ରକ୍ରିୟାରୁ ଜାତ। ଯୁଗ ପରେ ଯୁଗ ଏଠାକାର ଆଦିମ ସମାଜକୁ ପ୍ରାକୃତିକ ଧର୍ମର ନିୟାମକକୁ ଜୈନ ଧର୍ମର ପୂର୍ବରୂପ ଆଦିଧର୍ମ ହିଁ ବହୁମତେ ପ୍ରଭାବିତ କରିଥିଲା। ତାପରେ ଏଠାରେ ପ୍ରଚଳିତ ହେଲା ମହାବୀର ଜୀନଙ୍କ ସମୃଦ୍ଧ ମୌଳିକ ଜୈନ ଧର୍ମ। ବହୁ ଶତବର୍ଷର ଜୈନାବଲମ୍ବୀ କଳିଙ୍ଗରେ ବୌଦ୍ଧ ଧର୍ମ ଯେ ଅଜଣା ଥିଲା, ଏମିତି ନୁହେଁ। ରାଜପରିବାର ପ୍ରୋତ୍ସାହନରେ କଳିଙ୍ଗରେ ଜୈନ ସମାଜ ଥିଲେ ବି ଏହି ରାଜ୍ୟ ବୁଦ୍ଧଙ୍କର ଦନ୍ତ ଲାଭକରି ଦନ୍ତପୁର ପ୍ରତିଷ୍ଠା କରିଥିଲା ଅଶୋକଙ୍କର କଳିଙ୍ଗ ସମର ବେଳକୁ। କିନ୍ତୁ କଳିଙ୍ଗର ସମାଜ ଓ ରାଜ ପରିବାର ଥିଲେ ଜୈନ ଧର୍ମର ଆଶ୍ରିତ ଭାବରେ।

ଅଶୋକଙ୍କର ମୌର୍ଯ୍ୟଶାସନ ଓ ବୌଦ୍ଧ ଧର୍ମ ପ୍ରଚାର ଓଡିଶାରେ ନିଶ୍ଚୟ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିବ, ଏଥିରେ କେହି ଦ୍ୱିମତ ହେବେନାହିଁ। ଓଡିଶାର ରାଜ ପରିବାର ଓ ସମାଜ ନିଶ୍ଚିତ ଭାବରେ ବୌଦ୍ଧଧର୍ମଦ୍ୱାରା ପ୍ରଭାବିତ ହୋଇଥିବେ। ବହୁ ଶତାବ୍ଦୀ ପର୍ଯ୍ୟନ୍ତ ବୌଦ୍ଧଧର୍ମ ଓ ଜୈନଧର୍ମ କଳିଙ୍ଗ ସମାଜରେ ତିଷ୍ଠି ରହିଥିବ। ମୂଳ ବ୍ରାହ୍ମଣ୍ୟ ଧର୍ମ ସହିତ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମର ମୂଲ୍ୟବୋଧ ନିଶ୍ଚୟ ଏହି ରାଜ୍ୟରେ ଏକ ଧର୍ମବିପ୍ଳବ ସୃଷ୍ଟି କରିଚି, ସବୁର ଫଳ ସ୍ୱରୂପ ବୈଷ୍ଣବ ଧର୍ମ ଯେଉଁ ଛବି ଧାରଣ କରିଛି, ତାହା ସବୁ ଧର୍ମର ଊର୍ଦ୍ଧ୍ୱରେ।

ବର୍ତ୍ତମାନର ଓଡିଶାରେ ଧର୍ମ ହିସାବରେ ଜନଗଣନାର ଚିତ୍ର ଦେଖିଲେ, ଜଣାଯାଏ, ଏଠାରେ ଶତକଡା ୯୪ ଭାଗ ହିନ୍ଦୁ, ୨.୭୭ ଖ୍ରୀଷ୍ଟିଆନ୍, ୨.୧୭ ମୁସଲମାନ ଓ ଅବଶିଷ୍ଟ ୧.୪୬ ଭାଗ ଅନ୍ୟାନ୍ୟ ସମ୍ପ୍ରଦାୟର। ଏହି ଚିତ୍ର ଓଡିଶାର ୩୮୦ ବର୍ଷର ମୁସଲମାନ ଓ ଇଂରେଜ ଶାସନ କାଳରେ ନିଜ ଧର୍ମକୁ ଜାବୁଡି ଧରି ରହିବାର ଆକର୍ଷଣ ଦେଖିବାକୁ ମିଳେ।

ମୁଁ କିନ୍ତୁ ମୋର ପାର୍ଥିବ ପ୍ରାଣକୁ ତୁମର ଭକ୍ତିଭାବକୁ ସମର୍ପି ଦେବାକୁ ଆଗଭର ନୁହେଁ। ଆଜିର ଦୁନିଆଁ ଆଗପରି ନାହିଁ କିଏ ବେନି ନୟନରେ ନଦେଖି ପରତେ ଯିବେ କହିବା ଶୁଣିବା କଥାରେ। କାହିଁକି ବି ମୁଁ ତୁମପାଖରେ ସମର୍ପଣ କରିବି, ଭାବି ପାରୁନି। ଯାହା ଦୁଃଖସୁଖ ଦୁନିଆଁର ସମୟ ସ୍ରୋତରେ ବହି ଚାଲିଛି, ସବୁର ଭାଗୀଦାର ହୋଇ ସହିନେବା ସୀମା ଟପିଗଲାଣି। ଯେତେବେଳେ ମୁଁ ନିଶ୍ଚିତ ଭାବରେ ତୁମର ସାହାଯ୍ୟ ଲୋଡୁଛି, ତୁମେ ମୋର ସୁକୃତ ଦେଖିବା ପରି ନିର୍ନିମେଷ ନୟନରେ ଚାହିଁ ରହିଛ !

ନା, ମୁଁ ତୁମକୁ ମୋଟେ ବିଶ୍ୱାସ କରିବିନି। ଯେତେ ବେଦ ପୁରାଣ, ଯେତେ ପ୍ରକାର କଥା ଛଳରେ ତୁମର ଅଲୌକିକ ଶକ୍ତି ବିଷୟରେ ମୋତେ ବାଉଳା କଲେ ବି ମୁଁ କଦାପି ପରତେ ଯିବିନି ଏ ସବୁ ଆଜି ସମ୍ଭବ ବୋଲି। ସମସ୍ତେ କହନ୍ତି ଏ ସୃଷ୍ଟିଟା ତୁମର ନିର୍ଦ୍ଦେଶରେ, ଗଛର ପତ୍ର ହଲିବାଠାରୁ ଜାଣିବା ବୁଝିବା ମଣିଷ ଜୀବନର ବିବର୍ତ୍ତନ ସବୁ ତୁମର ଅପୂର୍ବ କୃପାରୁ !

ସତରେ ତୁମ ପାଖରେ କଅଣ ଅଛି, ଯିଏ ଆସୁଛି ତୁମର ବଶ ହୋଇଯାଉଛି ? ସୃଷ୍ଟିର ସବୁ ଧର୍ମ ତୁମ ପାଦରେ ଲୀନ ହୋଇଯାଉଛି। କି କିମିଆଁ ଅଛି ତୁମ ପାଖରେ ବୁଝିବାକୁ ମୁଁ ଅସମର୍ଥ। ଯିଏ ଯେତେ ଶାସ୍ତ୍ର, ଦର୍ଶନ ପଢି ଆସୁଛି, ତୁମ ବିରୁଦ୍ଧରେ ତର୍କ କରିବାର ପଣ କରି ଆସୁଛି, ପୁରୁଷୋ□ମରେ ପହଞ୍ଚିଗଲେ, ସରିଗଲା। ତୁମର ନିରବତା, ନିର୍ନିମେଷ ବିସ୍ମୟକର ଦୃଷ୍ଟି ଦର୍ଶକର ମନରେ ଯାଦୁର ଝଲକ ସୃଷ୍ଟି କରିଦେଉଛି।

ତୁମର ସୃଷ୍ଟି ସତ୍ୟ ଯୁଗରୁ। ମାତ୍ର କଳିଯୁଗରେ ଘଟୁଚି ସବୁ ବିସ୍ମୟ। ଏ ଯୁଗର ରାମ ଭକ୍ତ ଚକ୍ଷୁରେ ତୁମେ ରାମଚନ୍ଦ୍ର, ବୈଷ୍ଣବ ଦୃଷ୍ଟିରେ ସ୍ୱୟଂ ଶ୍ରୀକୃଷ୍ଣ। ଅତି ଧାର୍ମିକ ଜୈନ ମାନେ ବି ଦେଖୁଛନ୍ତି, ତୁମଠାରେ ଲୀନ ହୋଇଯାଇଛନ୍ତି ତାଙ୍କର ପ୍ରଥମ ତୀର୍ଥଙ୍କର କଳିଙ୍ଗର ଆଦିଜିନା ଋଷଭନାଥ। ତାଙ୍କରି ଜନ୍ମ ତିଥିରେ ରଥ ଯାତ୍ରା, ତାଙ୍କ ଶବ୍ଦରେ କୈବଲ୍ୟ। ସେମିତି ବି ବୌଦ୍ଧ ମାନେ, ଗୌତମ ବୁଦ୍ଧଙ୍କର ଅନେକ ସନ୍ତକ ତୁମେ ଧାରଣ କରି ନିଜେ ବୁଦ୍ଧ ହୋଇଯାଇଛ। ଦୁନିଆଁରେ ଯେତେ ଧର୍ମ ଅଛି, ସବୁରି ସମ୍ବନ୍ଧ ରହିଛି ତୁମର। ଚାରିଯୁଗ ଧରି ତୁମେ ବସି ରହିଛ, ସବୁ ଗୁଣ ଧାରଣ କରିଛ। ସେଇ ବୁଦ୍ଧଙ୍କର ବି ରଥଯାତ୍ରା ଥିଲା, ବର୍ଷା ଋତୁରେ ତାଙ୍କର ରଥ ଚାଲିଲେ, ବର୍ଷାର ଶୁଭାରମ୍ଭ ହେଉଥିଲା ବୋଲି କିମ୍ବଦନ୍ତୀ ରହିଛି।

କିନ୍ତୁ ମୁଁ ନାଚାର। ମୋର ଜ୍ଞାନ ସୀମିତ, ମାତ୍ର ମୋ ଗୁରୁ କାନେ କାନେ ଶିଖାଇଛନ୍ତି। ତଥ୍ୟ ହି ତଥ୍ୟ। ବେନି ନୟନରେ ସତ୍ୟାସତ୍ୟ ନଦେଖି କୌଣସି ଉପପାଦ୍ୟରେ ପହଞ୍ଚିବୁ ନାହିଁ। ସେଥିପାଇଁ କୋଉ ମତେ ତୁମର ମନମୋହକ ମନ୍ତ୍ର କାମ କରୁଛି, ମୋର ମନ ବୁଝିବାକୁ ଅପେକ୍ଷା କରୁଛି। ପଣ୍ଡା ପଢିଆରି ବୁଝାଉଛନ୍ତି ଭକ୍ତ ମାନଙ୍କୁ। ସବୁ ତୁମର ଲୀଳା। ସୃଷ୍ଟିର

ଆରମ୍ଭ ଓ ବିଲୟ ସବୁ ତୁମର କାମ । ଜୀବନଟା ଯେତେବେଳେ ଗୋଟିଏ ଦୈବୀ ସଂଯୋଗରୁ ଉତ୍ପନ୍ନ, ଦୁନିଆଁ ଯେତେବେଳେ ସୌର ନିୟମରେ ବନ୍ଧା, ସବୁ ଗୁଡିକ ବଡ ଠାକୁର କରୁଛନ୍ତି ବୋଲି ଭକ୍ତମାନେ କାହିଁକି ବିଶ୍ୱାସ କରୁଛନ୍ତି ? ସବୁ ଯେତେବେଳେ ପୂର୍ବ ନିର୍ଦ୍ଧାରିତ, ବଡଠାକୁରଙ୍କର ଚାରା କଅଣ ଅଛି ?

ସତରେ କଅଣ ମୁଁ ନାସ୍ତିକ ନା ଜଡବାଦୀ ? ତଥ୍ୟକୁ ଛାଡିଦେଲେ, ତର୍କ ଓ ଆଧ୍ୟାତ୍ମିକ ଧାରା ଅଛି, ସେହି କଥାକୁ ପରୋକ୍ଷ ଭାବରେ ପ୍ରମାଣସିଦ୍ଧ କରି ହେବ । ଦୁନିଆ ଚାଲିଛି କିପରି ? ସବୁ ଗତି, ସବୁ ଜୀବନ ଧାରା କୌଣସି ନା କୌଣସି ନିୟମ ବଳରେ ଅଦୃଶ୍ୟ ମହାକାଳ ଓ ମହାଶୂନ୍ୟ ମଧ୍ୟରେ ସନ୍ତୁଳିତ ହୋଇ ସମନ୍ୱୟ ରକ୍ଷା କରି ଚାଲିଛି । ଯିଏ ଏହାକୁ ନିୟନ୍ତ୍ରଣ କରୁଛି, ସିଏ ହୋଇପାରେ ଅଦୃଶ୍ୟ, ଶୂନ୍ୟ , ନିର୍ଗୁଣ ଅବା ନିରାକାର । ଯାହା ମନକୁ ଯାହା ଆସିଲା, ଯାହା ଭାବନାରେ ଯାହା ପଶିଲା । ମୂଳ ଏକ, ଶେଷ ବି ଏକ ।

ସେଇ ନିର୍ଗୁଣ ନିରାକାର ଈଶ୍ୱର ତୁମେ । ତୁମେ ସୃଷ୍ଟିର ସ୍ରଷ୍ଟାଙ୍କର ପ୍ରତୀକ । ନିଜକୁ ପ୍ରତିଷ୍ଠିତ କରିଛ ଉତ୍କୃଷ୍ଟ କଳା ସାଧନ କରୁଥିବା ଉତ୍କଳୀୟ ପୀଠରେ । ଉତ୍କଳର ରାଜନ୍ୟ ବର୍ଗ ତୁମର ସାନିଧ୍ୟ ପାଇ ଦେଶରେ ନିଜର ପ୍ରତିପତି ବିସ୍ତାର କରିଛନ୍ତି । କାଳ ସ୍ରୋତରେ ଦେଶର ସବୁ ଅଧ୍ୟାତ୍ମବାଦର ସୁଅ ପୁରୁଷୋତ୍ତମ ମୁହାଁ । ତୁମ ଦର୍ଶନ ପାଇଁ ହଜାର ହଜାର ବର୍ଷ ଧରି ଅଗଣିତ ଭକ୍ତ ବଡଦାଣ୍ଡରେ ତୁମର ଦର୍ଶନ ପାଇଁ ଲାଳାୟିତ । ତୁମ ଦର୍ଶନରେ ମନକୁ ଆସିଯାଏ ଜୀବନର ମାୟା । ତୁମକୁ ଯେମିତି ଲୀଳା ବନ୍ଧନରେ ଜନ୍ମରୁ ମୃତ୍ୟୁର ଅଭିନୟରେ ମଣ୍ଡିତ କରାଯାଇଛି, ସେମିତି ପ୍ରତିଟି ମଣିଷ ସେହି ମାୟାର ଶିକାର ବୋଲି ତୁମର ବିସ୍ମୟକର ଚକାଡୋଳା ଚେତାଇଦିଏ । ସୃଷ୍ଟିର ନିୟମର ତୁମେ ପ୍ରତୀକ । ପୁରୁଷୋତ୍ତମରେ ତୁମର ଲୀଳା ବି ଜୀବନର ପ୍ରତୀକ !

ମୁଁ ବା ତଥ୍ୟ ଖୋଜି ତୁମକୁ ଭୁଲ୍ ବୁଝିବି ବା କିପରି ? ତୁମେ ଏତେ କ୍ଷୁଦ୍ର ନୁହଁ ମୋର ପାର୍ଥିବ ଆବଶ୍ୟକତା ପୂରଣ କରିବ ! ପ୍ରତୀକ ଭାବରେ ମୋତେ ଚେତାଇ ଦେଉଛ ସେଇ ସ୍ୱୟଂ ଚାଳିତ ବିଶ୍ୱ ବ୍ରହ୍ମାଣ୍ଡର ଗତିରେ ଯାହା ପ୍ରତି ସୂର୍ଯ୍ୟୋଦୟ ପରେ ଘଟୁଛି, ତାହା ସତ୍ୟ ଏବଂ ଗ୍ରହଣୀୟ । ମୋର ବୁଝିବାରେ ଭ୍ରମ ହୋଇଗଲା ନିଶ୍ଚିତ, ମୁ ମୋର ଅଗଣିତ ପୂର୍ବ ପୁରଷ ମାନଙ୍କ ପରି ସରଳରେ ତୁମକୁ ବୁଝିଲି ନାହିଁ । ତୁମେ ମୋର ସେଇ ଅଗଣିତ ହଜାର ବର୍ଷର ପୂର୍ବ ପୁରଷ ମାନଙ୍କର ଆରାଧ୍ୟ ହୋଇଛି, ଏହି ବଂଶ ପରମ୍ପରା ମୋତେ ତୁମ ଚକାଡୋଳାର ଭକ୍ତିମୟ ପରିବେଶକୁ ନେଇଯାଉଛି । ମୋତେସେଇ ଚକାଡୋଳାର ଦୃଷ୍ଟିରେ ରଖିଥାଅ, ଆଉ କିଛି ମାଗୁ ନାହିଁ ତୁମକୁ ।

ଏତେ କଥା କାହିଁକି ମନକୁ ଆସେ, ଜଣା ପଡେନି, କିନ୍ତୁ କାଳିଆ ନିଶ୍ଚିତ ସବୁ ଚିନ୍ତା ଓ ଚୈତନ୍ୟ ଦଖଲ କରି ବସିଛି ଓଡିଆ ଧର୍ମ ଧାରାରେ । ଯେମିତି ପୁରାଣ, ଇତିହାସ ଆଉ ସବୁ ଧାର୍ମିକ ପରିବେଶର ସମନ୍ୱୟ ହୋଇଯାଇଛି କାଳିଆଠାରେ । ସିଏ ସବୁ ଧର୍ମର ଅଧୀଶ୍ୱର ।

ଓଡିଆ ଜାତିର ଧର୍ମ, ସଂସ୍କୃତି, ଅସ୍ମିତା, ସ୍ୱାଭିମାନ ତଥା ପାରିବାରିକ ଓ ସାମାଜିକ ଜନ ଜୀବନର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥ । ଓଡିଆ ଜନମାନସର ସର୍ବମାନ୍ୟ, ସର୍ବଗତି ମୁକ୍ତିଦାତା, ସର୍ବମାନୀ ଆଧ୍ୟାତ୍ମିକ ଚେତନା ତଥା ସର୍ବଶକ୍ତିମାନ ପରମେଶ୍ୱର ହେଉଛନ୍ତି ଶ୍ରୀଜଗନ୍ନାଥ ।

"ସର୍ବମଙ୍ଗଳ ଜଗନ୍ନାଥ" ଉକ୍ତିଟି ଓଡିଶାର ପ୍ରତିଟି ଧନଜୀବନ ସହିତ ବ୍ୟାପକ ରୂପେ ସଂଶ୍ଳିଷ୍ଟ । ଓଡିଆର ପ୍ରତିଟି ଚିନ୍ତା ଦର୍ଶନରେ ଶ୍ରୀଜଗନ୍ନାଥ ଚେତନା ସଂଚରି ଯାଇଛି । ଶଯ୍ୟାତ୍ୟାଗ ଠାରୁ ଆରମ୍ଭକରି ପୁନଶ୍ଚ ଶୟନ ପର୍ଯ୍ୟନ୍ତ ତା'ର ସମସ୍ତ କାର୍ଯ୍ୟକଳାପ, ପର୍ବପର୍ବାଣୀ ତଥା କୃଷିକର୍ମାଦି ସବୁକିଛି ସେହି ଶ୍ରୀକ୍ଷେତ୍ରର ପ୍ରଚଳିତ ପାଞ୍ଜି ଅନୁଯାୟୀ କରାଯାଇଥାଏ । ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନରେ ପ୍ରତ୍ୟେକ ଓଡିଆ ଜନ୍ମଠାରୁ ବ୍ରତ, ବିବାହ, ଗୃହପ୍ରତିଷ୍ଠା ପରି ମାଙ୍ଗଳିକ କାର୍ଯ୍ୟ, ଏପରିକି ଜୀବନର ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ଜଗନ୍ନାଥଙ୍କୁ ନେଇ ଚାଲି ଆସିଛି । ଶ୍ରୀଜଗନ୍ନାଥଙ୍କର ବାରମାସରେ ତେର ପର୍ବ ଓଡିଆଙ୍କ ଆଧ୍ୟାତ୍ମିକ ଚେତନାକୁ ସୁଦୃଢ କରିପାରିଛି ।

ସଂକ୍ଷେପରେ କହିଲେ, ଶ୍ରୀଜଗନ୍ନାଥ ହିଁ ଓଡିଆ ଜାତି ଓ ଜନମାନସର ଇଷ୍ଟଦେବ, ବଂଧୁ, ସହୋଦର ସବୁକିଛି । ଓଡିଆଜାତି ଜଗନ୍ନାଥଙ୍କୁ ଛାଡି ବଞ୍ଚିପାରିବ ନାହିଁ । ଜଗନ୍ନାଥ ବିହୁନେ ଓଡିଆଜାତି ତଥା ଓଡିଶାର କିଛି ସ୍ୱାତନ୍ତ୍ର୍ୟ ନାହିଁ । ଆମ ଜନଜୀବନର ପ୍ରତିଟି କ୍ଷେତ୍ରରେ, ପ୍ରତିଟି ସ୍ତରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ପରିଲକ୍ଷିତ ହୁଏ । ଓଡିଆ ଜାତିର ଗୌରବାବହ ଐତିହ୍ୟ ଓ ମାନବୀୟ ସଂସ୍କୃତି ନୂତନ ବାର୍ତ୍ତା ନେଇ ଆସିଛି । ସେଥିପାଇଁ ସାରା ବିଶ୍ୱରେ ଶ୍ରୀଜଗନ୍ନାଥତତ୍ତ୍ୱର ପ୍ରଚାର ଓ ପ୍ରସାର ସହ ଅଗଣିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ଚାଲୁ ରହିଛି ତଥା ପ୍ରତିବର୍ଷ ରଥଯାତ୍ରା ଅନୁଷ୍ଠିତ ହେଉଛି ।

ଓଡିଆ ମନ ପ୍ରାଣରେ, ଅନନ୍ତ କୋଟି ବିଶ୍ୱ ବ୍ରହ୍ମାଣ୍ଡର ଅଧୀଶ୍ୱର, ଲୀଳାମୟ, ଅନାଦି, ନିରାକାର, ନିର୍ଗୁଣ ପରଂବ୍ରହ୍ମ ପ୍ରଭୁ ଶ୍ରୀ ଜାଗନ୍ନାଥ । ସେ ଚିର ରହସ୍ୟମୟ ଠାକୁର, ଯାହାର ଲୀଳା ଅନନ୍ତ, ଚିନ୍ତା ଅନନ୍ତ, ସେହି ପରମପୁରୁଷ ଚିନ୍ତାମଣିଙ୍କୁ ବର୍ଣ୍ଣନା କରିବାକୁ ଯାଇ ସମସ୍ତେ ସର୍ବ ଧର୍ମ, ବର୍ଣ୍ଣ ନିର୍ବିଶେଷରେ ତାଙ୍କରିଠାରେ ହିଁ ଲୀନ ହୋଇଯାଇଛନ୍ତି । ସେ ଅବ୍ୟକ୍ତ, ଇନ୍ଦ୍ରିୟାତୀତ, ଅଖିଳ ବ୍ରହ୍ମାଣ୍ଡର ନିମିତ୍ତ କାରଣ । ସେ ସର୍ବଚେତନାର ବହୁ ଉର୍ଦ୍ଧ୍ୱରେ, ତେଣୁ ସେ ବିଶ୍ୱ ଚିନ୍ତାମଣି ଓ ଅନୁଭବର ଠାକୁର । ତାଙ୍କୁ କେବଳ ପ୍ରାଣର ପ୍ରତ୍ୟେକ ସ୍ପନ୍ଦନରେ ହୃଦୟ ମଧ୍ୟରେ କେବଳ ଅନୁଭବ କରିହୁଏ । ସେ ଏକ ଅମୃତ ଅନୁଭବ । ପ୍ରଭୁଙ୍କର ନା ଆଦି ଅଛି ନା ଅନ୍ତ, ସେ ତ ଚିର ଅନନ୍ତ, ଅନ୍ତର୍ଯ୍ୟାମୀ ପୁରୁଷ । ସେ ଅରୂପ, ଅଣାକାର, ଆତ୍ମୀୟ କରୁଣା-ବରୁଣାଳୟ, ଯାହାଙ୍କ ମହିମା ବର୍ଣ୍ଣନାତୀତ । କ୍ଷରରୁ ଅକ୍ଷର, ଅକ୍ଷରରୁ ଉତ୍ତମ, ପୁରୁଷୋତ୍ତମ ପରଂବ୍ରହ୍ମ । ପିଣ୍ଡରୁ ବ୍ରହ୍ମାଣ୍ଡଯାଏ ଅଣୁରୁ ପରମାଣୁ ଯାଏ ଯାହାଙ୍କ ଇଙ୍ଗିତରେ ସଂପୂର୍ଣ୍ଣରୂପେ ପରିଚାଳିତ, ସେହି ଅବର୍ଣ୍ଣନୀୟ ଓ ଅନିର୍ବଚନୀୟଙ୍କୁ କିଏ ବା ବର୍ଣ୍ଣନା କରିବାକୁ ଧୃଷ୍ଟତା କରିବ ? ସେହି ଲୀଳାମୟ ପୁରୁଷଙ୍କ ଲୀଳାକ୍ଷେତ୍ର ହେଉଛି ପୁରୁଷୋତ୍ତମ କ୍ଷେତ୍ର, ଯାହାକି ଅନନ୍ତ ରହସ୍ୟର ଅଭେଦ୍ୟ ଗନ୍ତାଘର । "ତନ୍ତ୍ରଯାମଳ" ଗ୍ରନ୍ଥରେ ପୁରୁଷୋତ୍ତମ କ୍ଷେତ୍ରକୁ ଭୂସ୍ୱର୍ଗ ରୂପେ ବର୍ଣ୍ଣନା କରାଯାଇଛି ।

ଶ୍ରୀଜଗନ୍ନାଥ ସଂସ୍କୃତି ହିଁ ବିଶ୍ୱର ପ୍ରାଚୀନତମ ସଂସ୍କୃତି । ବିଶ୍ୱ ଭ୍ରାତୃବାଦ ଓ ମାନବବାଦ ହିଁ ଜଗନ୍ନାଥ ସଂସ୍କୃତିର ମୂଳତତ୍ତ୍ୱ । ସେଥିପାଇଁ ମୈତ୍ରୀ, ପ୍ରୀତି ଓ ସଂହତି ଜଗନ୍ନାଥ ସଂସ୍କୃତିର ସୂତ୍ର ହୋଇଛି । ତେଣୁ ଶ୍ରୀଜଗନ୍ନାଥ ସାଧାରଣ ଅର୍ଥରେ କେବଳ ଈଶ୍ୱର ନୁହନ୍ତି ବା ଦରୁବ୍ରହ୍ମ ନୁହନ୍ତି, ସେ ଉତ୍କଳୀୟ ଅସ୍ମିତା ଓ ସ୍ୱାଭିମାନର ଏକ ଉତ୍ତୀର୍ଣ୍ଣ ଚେତନା ।

ରୟାଲ ଗାର୍ଡନ, ପଟିଆ, ଭୁବନେଶ୍ୱର - ୩୧ ,
ମୋ - ୯୪୩୭୩୩୬୫୭୧

●●●●

# କୀର୍ତ୍ତି ଯା'ର ଭୁବନଘୋଷିତ

*ଡ. କେଶବ ଚନ୍ଦ୍ର ଶତପଥୀ*

ଏକାମ୍ରନଗରୀ ବୋଲି ଜଗତ ବିଖ୍ୟାତ
ସର୍ବଧର୍ମ ସର୍ବକର୍ମ ସମନ୍ୱୟପୀଠ
ଧାରଣ କରିଛି ନିରବଧି ଦୂର କରି ଭେଦଭାବ
ସଭିଙ୍କ ପ୍ରାଣରେ ଶିବ ମହାଭାବ ।

ଇତିହାସ ଲେଖା ଯା'ର ଅମର ଅକ୍ଷରେ
କେତେ ଚଣ୍ଡାଶୋକ ହେଲେ ଧର୍ମାଶୋକ
ବୌଦ୍ଧ, ଜୈନ, ଶୈବ, ଶାକ୍ତର ମିଳନେ
ମାନବତା ମହାବାଣୀ ଅନେକ ଅନେକ ।

ଭୋଗ ନୁହେଁ ତ୍ୟାଗ ଏଠି ମହୀୟାନ
ଶିକ୍ଷା ଓ ସଂସ୍କୃତିର ଜୀବନ ନାଟିକା
ଆଲୋକରୁ ମହାଲୋକ ଲମ୍ବାଯାତ୍ରା
ଆଧୁନିକ ସଭ୍ୟତାର କୁସୁମବାଟିକା ।

ଜୀବନ ଧାଉଁଛି ଅହରହ ଏଠି
ଏଡିଦେଇ ଯେତେ ଘାତ ପ୍ରତିଘାତ
ଶାସନ ବିଧାନ ସଙ୍ଗେ ବାଣୀ ଆରାଧନା
ନଗରୀକୁ କରିଅଛି ଅନେକରେ ଏକ ।

ବୀରପୁତ୍ର ଜନ୍ମ ଦେଇ ବୀରଭୋଗ୍ୟା ଧରା
ଇତିହାସ ବାରବାର କରେ ପ୍ରମାଣିତ
ସଂକୀର୍ଣ୍ଣ ଭାବନାତକ ମନୁ ପୋଛିଦେଇ
ଆଧାତ୍ମିକବଳେ ହେଉ ଭୁବନବିଦିତ ।

*ଅଧକ୍ଷ, ଡିଏଭି ପବ୍ଲିକ୍ ସ୍କୁଲ୍,*
*ଚନ୍ଦ୍ରଶେଖରପୁର ତଥା ଆଞ୍ଚଳିକ ନିର୍ଦ୍ଦେଶକ,*
*ଡିଏଭି ଅନୁଷ୍ଠାନ ସମୂହ, ଓଡ଼ିଶା ଜୋନ୍ - ୧, ଭୁବନେଶ୍ୱର*
*ମୋ. : ୯୪୩୭୦୪୯୫୪୬*

●●●●



# ୭. ଚିର ଲାସ୍ୟମୟୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

# ନବ ଉତ୍କଳର ନିର୍ମାତା

*ହଂସନାଥ ମୁଦୁଲି*

ଓଡ଼ିଆପୁଅ ଓଡିଆପୁଅ
ଓଡିଆପୁଅ ସେହି
ମାଟିର ମୂଲ ଦେଇଛି ଯିଏ
ମମତା ଟିକେ ପାଇ । (୦)


ପିତା ରଘୁନାଥ ମାତା ପାରବତୀ
କୋଳକୁ ଥିଲେ ମଣ୍ଡି
ଓଡିଆ ଆଉ ଓଡିଶା ପାଇଁ
ଜୀବନ ଦେଲେ ଛନ୍ଦି
ଭାରି ସ୍ୱାଭିମାନୀ ମଧୁସୂଦନ
ଉତ୍କଳ ଗୌରବ ସେହି । (୧)



ପୁରୀ ଜିଲ୍ଲାର ସୁଆଣ୍ଡୋ ଭୂମି
ପବିତ୍ର ଯାହାପାଇଁ
ଦରଦୀପ୍ରାଣ ଲୁହରେ ଭିଜେ
ଜନତା ଦୁଃଖ ନେଇ
ଉତ୍କଳମଣି ଗୋପବନ୍ଧୁ ସେ
ଏମିତି ଅଛି କେହି ? (୨)



ବରପାଲିର ସେ ବୁଣାକାର
ଭାଷାର ମୂଲ ବୁଝି
ଭାଷା ସୁରକ୍ଷା ପାଇଁ ବୁଣିଲେ
ଶବଦେ କେତେ ମଞ୍ଜି
ଅନନ୍ୟ ପୁରୁଷ ଗଙ୍ଗାଧର ଯେ
ସ୍ୱଭାବକବି ସେହି । (୩)



ପ୍ରଜାହିତୈଷୀ ସୁସଂଗଠକ
ଶିକ୍ଷା ସଂସ୍କୃତି ଦୂତ
ଭାଷାଭିତ୍ତିକ ଓଡିଶା ରାଜ୍ୟ
ଗଠନେ ଅଗ୍ରଦୂତ
ପାରଳାର ରାଜା କୃଷ୍ଣଚନ୍ଦ୍ର
ଗଜପତି ନାମ ପାଇ । (୪)




ଗଡଜାତ ରାଜ୍ୟ ମୟୂରଭଞ୍ଜ
ରାଜ ପରିବାରେ ଜାତ
ପର ଉପକାରୀ ରାଜା ଭାବରେ
ସାରା ଓଡିଶାରେ ଖ୍ୟାତ
ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସେ
ନମସ୍ୟ ଗଲେ ହୋଇ । (୫)

ସତ୍ୟବାଦୀର ପଞ୍ଚସଖାରେ
ହୀରା ଖଣ୍ଡିଏ ସେଇ
ଗୋପବନ୍ଧୁଙ୍କ ସାଥିରେ ରହି
ମାଟିପାଇଁ ଥିଲେ ଜୀଇ
ନୀଳକଣ୍ଠ ଦାସ ଶିକ୍ଷାବିତ୍ ସେ
ଥିଲେ ଓଡିଶା ପାଇଁ । (୬)

ଚିଲିକା କାବ୍ୟରୁ ମହାଯାତ୍ରା ଯାଏ
ଲେଖନୀ ତାଙ୍କର କହେ
ଓଡିଆ ଭାଷାର ସୁରକ୍ଷା ଦିଗରେ
ତାଙ୍କ ପାଦଚିହ୍ନ ଥାଏ
କବି ରାଧାନାଥ ଉତ୍କଳର ସୁତ
ସାହିତ୍ୟରେ କାଳଜୟୀ । (୭)

ସେନାପତି ସାଜି ସେନା ସମ୍ଭାଳି ସେ
ଭାଷାକୁ ସରସ କଲେ
ପଡୋଶୀ ଭାଷାର ଟାହିଟାପରାକୁ
ପାଦରେ ଆଡେଇ ଦେଲେ
ବ୍ୟାସକବି ସେ ଯେ ଫକୀର ମୋହନ
କଥାଶିଳ୍ପୀ ଜାତି ପାଇଁ । (୮)



ଦେଶ ସ୍ୱାଧୀନତା ଆଣିବା କାମରେ
କାରାକୁ ବରଣ କରି
ନୂତନ ଭାରତ ନୂତନ ଓଡିଶା
ଗଠନରେ ହେଲେ ଘାରି
ଦେଶଭକ୍ତ ହରେକୃଷ୍ଣ ମହତାବ
ସବୁଥିରେ ଗଲେ ଛାଇ । (୯)

ଖାଲି ଦେଶ ନୁହେଁ ବିଦେଶ ମାଟିର
ସ୍ୱାଧୀନତା ଚିନ୍ତାକରି
ଦୁଃସାଧ୍ୟ କାମରେ ହାତ ଦେଇ ସେ ତ
ଦୁଃଖକଷ୍ଟ ନେଲେ ବରି
ନବ ଓଡିଶାର ନିର୍ମାତା ପୁରୁଷ
ବିଜୁବାବୁ ନାମ ବହି ।(୧୦)

ଏହିପରି ଆଉ ଅନେକ ମନୀଷୀ
ଆମ ଦେଶ ଜାତି ପାଇଁ
ଇତିହାସ ପୃଷ୍ଠା ତାଙ୍କ ନାମ ନେଇ
ପବିତ୍ର ଗଲା ହୋଇ
ଆମେ ବୋଲାଇବା ତାଙ୍କରି ସନ୍ତାନ
ଯଶଗୁଣ ଯେତେ ନେଇ । (୧୧)

ଏକସୁରେ ଆଜି ଆମେ ବି ଗାଇବା
ଉତ୍କଳ ମାତାର ଜୟ
ଆମପାଇଁ ଭରା ବରପୁତ୍ରଙ୍କର
ଅମଳିନ ପ୍ରୀତିସୁଅ
ସେଇ ବରପୁତ୍ର ନାଆଁ ଥରେ ନେଲେ
ଆମେ ଯିବା ଧନ୍ୟ ହୋଇ । (୧୨)

ଡୁମୁଡୁମା (କ)
ଖଣ୍ଡଗିରି, ଭୁବନେଶ୍ୱର - ୩୦
ମୋ - ୯୭୭୭୯୬୮୭୧୯

●●●●

# ଅକ୍ଷୁଣ୍ଣ ଓଡ଼ିଆ ଭାଷା

*ଡକ୍ଟର ସଂଘମିତ୍ରା ଭଞ୍ଜ*

ବର୍ଷଣାଂ ଭାରତଃ ଶ୍ରେଷ୍ଠୋ ଦେଶାନାମୁତ୍କଳଃ ଶ୍ରୁତଃ
ଉତ୍କଳସ୍ୟ ସମୋଦେଶଃ ଦେଶୋନାସ୍ତି ମହୀତଳେ ।

(*କପିଳ ସଂହିତା*)

ବହୁରାଷ୍ଟ୍ରୀୟ ଭାରତବର୍ଷରେ ପ୍ରାଚୀନ କାଳରୁ ହିଁ 'ଓଡ଼ିଶା' ବା 'ଉତ୍କଳ' ଶ୍ରେଷ୍ଠ-ପବିତ୍ର ଏବଂ ସମୃଦ୍ଧ ଜନପଦ ରୂପେ ଅଧିଷ୍ଠିତ । ଐତିହ୍ୟ-ସଂସ୍କୃତିସଂପନ୍ନ ଏହି 'ଉତ୍କଳ' ନିଜସ୍ୱ ମର୍ଯ୍ୟାଦା ଏବଂ ମୂଲ୍ୟବୋଧକୁ ନେଇ ପ୍ରତିଷ୍ଠିତ । ପ୍ରାଚୀନ କାଳରୁ ଏହି ଭୂଖଣ୍ଡ – କଳିଙ୍ଗ, ଉତ୍କଳ, ଓଡ୍ର, ଓଡ୍ରବିଷୟ, ଉଡ୍ର, ଉତ୍‌କଳିଙ୍ଗ, ତ୍ରିକଳିଙ୍ଗ, କୋଶଳ, କାଙ୍ଗୋଦ, କାନ୍ତାର, ମହାକାନ୍ତାର ଭଳି ବହୁ ନାମରେ ପରିଚିତି ପ୍ରାପ୍ତ କରିଛି । ତେବେ ଉଡ୍ର, କଳିଙ୍ଗ, ଉତ୍କଳ ପ୍ରଦେଶ ହିଁ ସଂପ୍ରତି ଓଡ଼ିଶାକୁ ବୁଝାଉଛି । ପ୍ରାଚୀନ କାଳରୁ 'ଓକ୍‌କଳ' ଏବଂ 'ଓଡ୍‌ଡ଼ଶ' ନାମରେ ବାସ କରୁଥିବା ଦୁଇ କୃଷକ ଜାତିର ନାମାନୁସାରେ ଏ ଦେଶର ନାମ ଉତ୍କଳ ଏବଂ ଓଡ଼ିଶା ହୋଇଥିବା ଅନୁମେୟ । ଭାରତୀୟ ସମ୍ବିଧାନ ସ୍ୱୀକୃତ ଓଡ଼ିଆ ଭାଷା ସ୍ୱତନ୍ତ୍ର ପରିଚୟ ଏବଂ ପରାକାଷ୍ଠା ବହନ କରେ । ଏହି ଭାଷା "ଓଡ଼ିଶାର ପ୍ରାୟ ୬୦ ହଜାର ବର୍ଗମାଇଲ୍ ଓ ବଙ୍ଗଳା, ବିହାର, ମଧ୍ୟପ୍ରଦେଶ ତଥା ଆନ୍ଧ୍ରପ୍ରଦେଶର ୨୦ ହାଜାର ବର୍ଗମାଇଲ୍ ପରିମିତ ଅଞ୍ଚଳରେ ବାସ କରୁଥିବା ଓଡ଼ିଆ ମାନଙ୍କ ଦ୍ୱାରା ମାତୃଭାଷା ରୂପେ କଥିତ ହୋଇଥାଏ ।"

ଗୋଟିଏ ଜାତି ସଭ୍ୟ, ଶିକ୍ଷିତ, ସାହସୀ, ସଂସ୍କୃତିସଂପନ୍ନ ତଥା ପ୍ରଗତିଶୀଳ ନହେଲେ, ତାହା ସମୟର ଗଡ୍‌ଡାଳିକା ଦେଇ ତିଷ୍ଠି ରହିବା ଆଦୌ ସମ୍ଭବ ନୁହେଁ । ଶତ-ଶତ ବର୍ଷର ସୁଦୀର୍ଘ ସାମାଜିକ ତଥା ସାଂସ୍କୃତିକ ପ୍ରବାହ ହିଁ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେବା ସହିତ ମାନବୀୟ ସଂପର୍କ ଏବଂ ଭାବ ଆଦାନ ପ୍ରଦାନର ମାଧ୍ୟମ ରୂପେ ଓଡ଼ିଆଙ୍କ କଥିତ ଭାଷାକୁ ଦେଇଛି ପୂର୍ଣ୍ଣ ମର୍ଯ୍ୟାଦା ।

କୌଣସି ଭାଷା କେବେହେଲେ ମୌଳିକ ହୋଇ ନଥାଏ । କାରଣ, 'ଭାଷା' ସର୍ବଦା ଅନ୍ୟ ଭାଷା ଦ୍ୱାରା ପ୍ରଭାବିତ, ତତ୍‌ସହିତ ସ୍ୱୟଂ ସୃଷ୍ଟିକ୍ଷମ ମଧ୍ୟ । ପ୍ରତ୍ୟେକ ଭାଷା ଅନ୍ୟ ଭାଷାରୁ ବିଭବ ଆହରଣ କରି ପରିପୁଷ୍ଟ ହୋଇଥାଏ । ଯଦିଓ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ଭାଷା ଅଟେ ତଥାପି ଏହା ଦ୍ରାବିଡ଼ ଓ ଆଷ୍ଟ୍ରୋଏସୀୟ ଭାଷା ପରିବାରର କେତେକ ଭାଷା ବିଭବକୁ ନେଇ ସମୃଦ୍ଧ ହୋଇଛି । ତେବେ, 'ସଂସ୍କୃତ' ବା ଭାରତୀୟ ଆର୍ଯ୍ୟଭାଷାରୁ ସୃଷ୍ଟ ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ପାଲି-ପ୍ରାକୃତ-ଅପଭ୍ରଂଶ ରୂପ ମଧ୍ୟରୁ 'ପ୍ରାକୃତ' ଶାଖାରୁ 'ମାଗଧୀ' ଭାଷାର ସୃଷ୍ଟି । 'ମାଗଧୀ ପ୍ରାକୃତ' ଶାଖାର ପୂର୍ବୀ ମାଗଧି ଅପଭ୍ରଂଶ କୁକ୍ଷୀରୁ ହିଁ ଓଡ଼ିଆ ଭାଷାର ଜନ୍ମ । ପୂର୍ବୀ ମାଗଧୀ ପ୍ରାକୃତ ସହିତ ଅଷ୍ଟ୍ରିକ୍ ଓ ଦ୍ରାବିଡ଼ ଭାଷାର ମିଶ୍ରଣରେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ବେଳକୁ ଏହି ଔଡ୍ରୀ ବିଭାଷା ସୃଷ୍ଟି ହୋଇଥିଲା । ସପ୍ତମ ଶତାବ୍ଦୀ ବେଳକୁ ଏହାର ନାଥ ଥିଲା ଔଡ୍ରୀ ଅପଭ୍ରଂଶ । ଔଡ୍ରୀ ଅପଭ୍ରଂଶ-ପୂର୍ବୀ ମାଗଧୀ ଅପଭ୍ରଂଶର ଏକ ଶାଖା । ଏଥିରୁ କ୍ରମଶଃ ଅନ୍ୟତମ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ଓଡ଼ିଆର ସୃଷ୍ଟି ।"

ଓଡ଼ିଆ ଭାଷା ସ୍ୱତନ୍ତ୍ର । ଏହି ଭାଷାର ବହୁ ପ୍ରାଚୀନ ରୂପ ରହିଛି । ଆର୍ଦ୍ଧୀ ପ୍ରାକୃତ, ଅର୍ଦ୍ଧମାଗଧୀ, ଉଡ୍ରମାଗଧୀ, ଉଡ୍ର ପ୍ରାକୃତ, ଉଡ୍ରଜା, ଓଡ୍ର ବିଭାଷା, ଔଡ୍ରୀ, କାଳିଙ୍ଗୀ ପ୍ରାକୃତ ପ୍ରଭୃତି । ତେବେ ପାଲି-ପ୍ରାକୃତ-ଅପଭ୍ରଂଶ ଭାଷା ଦେଇ ବିକଶିତ କିନ୍ତୁ ପାଲି-ପ୍ରାକୃତରୁ ନିଜକୁ ଯଥାସମ୍ଭବ ଦୂରେଇ ନିଜର ସ୍ୱତନ୍ତ୍ର ସ୍ଥିତି ପ୍ରତିଷ୍ଠା କରିଛି ଓଡ଼ିଆ ଭାଷା । ଓଡ଼ିଆ ଭାଷାର ସ୍ଥିତି ଯେ ବହୁ ପ୍ରାଚୀନ ଏଥିରେ କୌଣସି ସନ୍ଦେହ ନାହିଁ । ବେଦ, ରାମାୟଣ, ମହାଭାରତ, ହରିବଂଶ, ବ୍ରହ୍ମାଣ୍ଡ ପୁରାଣ, ମତ୍ସ୍ୟ ପୁରାଣ, ସ୍କନ୍ଦ ପୁରାଣ, ବୃହତ୍ ସଂହିତା ଆଦିରେ କଳିଙ୍ଗ, ଉତ୍କଳ, ଓଡ୍ର, କୋଶଳ, କାନ୍ତାର ତଥା କଙ୍ଗୋଦ ପ୍ରଭୃତି ରାଜ୍ୟ ଓଡ଼ିଆ ଭାଷା ଅଧ୍ୟୁଷିତ ଥିବା ସ୍ପଷ୍ଟ ପ୍ରମାଣ ମିଳେ ।

ଓଡ଼ିଆ ଭାଷାର ବିକାଶ ପର୍ଯ୍ୟାୟକୁ ଆଲୋଚନା କରିବାକୁ ଯାଇ ବିଶିଷ୍ଟ ଆଲୋଚକଗଣ ବହୁ ମତ ପ୍ରଦାନ କରିଛନ୍ତି । ଡକ୍ଟର ସୁନୀତି କୁମାର ଚାଟାର୍ଜୀ ଅବହଟ ଭାଷାକୁ ଓଡ଼ିଆ ଭାଷା ସୃଷ୍ଟିର ଉତ୍ସ ରୂପେ ଗୁରୁତ୍ୱ ଦେଇଥିବା ବେଳେ, ଜନ ବୀମ୍‌ସଙ୍କ ଭଳି ପ୍ରସିଦ୍ଧ ଆଲୋଚକ ଓଡ଼ିଆ ଭାଷାକୁ ବଳିଷ୍ଠ-ବିଦଗ୍ଧ ଭାଷା ରୂପେ ମାନ୍ୟତା ଦେଇଛନ୍ତି ।

ଓଡ଼ିଶାରେ ଧର୍ମୀୟ ମତବାଦର ବିବର୍ତ୍ତନ ଦେଇ ଓଡ଼ିଆ ଭାଷାର ବିକାଶ ସମ୍ଭବ ହୋଇଛି । ଜୈନ, ବୌଦ୍ଧ, ଶୈବ ଆଦି ମତବାଦର ପ୍ରଚାର ସହିତ ସଂସ୍କୃତ, ପାଲି, ପ୍ରାକୃତ ଏବଂ ଅପଭ୍ରଂଶ ଭାଷାର ଧାରା ଗତିଶୀଳ ହୋଇ ଓଡ଼ିଆ ଭାଷାର ରୂପ ଲାଭ କରିଛି । ନବମ-ଦଶମ ଶତାବ୍ଦୀର 'ଚର୍ଯ୍ୟାପଦ' ହିଁ ଓଡ଼ିଆ ଭାଷାର ଆଦ୍ୟ ରୂପ ଅଟେ । ତ୍ରୟୋଦଶ ଶତାବ୍ଦୀ ବେଳକୁ ହିଁ ଓଡ଼ିଆ ଭାଷା ପୂର୍ଣ୍ଣାଙ୍ଗ ସାହିତ୍ୟିକ ରୂପ ଲାଭ କରିଥିଲା । ସଂସ୍କୃତ ଭାଷା ରାଜକୀୟ ଭାଷା ରୂପେ ଉଚ୍ଚ ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ଦ୍ୱାରା ବ୍ୟବହୃତ

ହେଉଥିଲା । ତେବେ ପଞ୍ଚଦଶ ଶତାବ୍ଦୀ ଠାରୁ ହିଁ ଓଡ଼ିଆ ଭାଷା ରାଜକୀୟ ମାନ୍ୟତା ଲାଭ କରି କ୍ରମେ ମାର୍ଜିତ, ପ୍ରାଞ୍ଜଳ, ବ୍ୟାପକ ତଥା ସୃଷ୍ଟିକ୍ଷମ ହୋଇପାରିଥିଲା । ବିଭିନ୍ନ ଶିଳାଲେଖ, ପାଲି, ପ୍ରାକୃତ, ଅପଭ୍ରଂଶ, ଚର୍ଯ୍ୟାଗୀତି, ନାଥ-ସିଦ୍ଧଙ୍କ ସାହିତ୍ୟ କ୍ଷେତ୍ରରେ ଶିଶୁବେଦ, ବିଭୂତିକାନ୍ତି, ଅମରକୋଷ, ଗୋରଖ ଗୀତା, ମତ୍ସ୍ୟେନ୍ଦ୍ର ଗୀତା, ଲୋହୀ ଗୀତା, ଷଡ଼ଚକ୍ର ସାଧନା, ସପ୍ତାଙ୍ଗ ଯୋଗ ଆଦି ସୃଷ୍ଟି । ମାଦଳାପାଞ୍ଜି, ସାରଳା-ବଳରାମ-ଜଗନ୍ନାଥ ଦାସଙ୍କ ବଳିଷ୍ଠ ସାହିତ୍ୟ ଦେଇ ଓଡ଼ିଆ ଭାଷା-ସାହିତ୍ୟ ପରିପୁଷ୍ଟ ହୋଇପାରିଛି ।

ଓଡ଼ିଆ ଭାଷା-ସାହିତ୍ୟର କ୍ରମବିକାଶ ପର୍ଯ୍ୟାୟ ଦେଇ 'ଓଡ଼ିଆ ଲିପି' ମଧ୍ୟ ବହୁ ବିବର୍ତ୍ତିତ ହୋଇଛି । ଓଡ଼ିଆ ଭାଷାର ପ୍ରାଥମିକ ସ୍ତର 'ଚିତ୍ରଲିପି' କ୍ରମେ 'ଭାବଲିପି'ରେ ଏବଂ ପରିଶେଷରେ 'ଧ୍ୱନ୍ୟାତ୍ମକ ଲିପି'ରେ ପରିଣତ ହୋଇଛି । ତେବେ ବ୍ରାହ୍ମୀଲିପିରୁ ଓଡ଼ିଆ ଲିପିର ଉନ୍ମେଷ ଘଟିଥିଲେ ହେଁ ପ୍ରାଚୀନ ବ୍ରାହ୍ମୀ, ମୌର୍ଯ୍ୟ ବ୍ରାହ୍ମୀ, କୁଶାଣ ବ୍ରାହ୍ମୀ, ଗୁପ୍ତଲିପି, ପେଟିକାଶିର ଲିପି, କୁଟୀଳ ଲିପି, ପ୍ରନ୍ ଓଡ଼ିଆ ଲିପି, ପ୍ରାଚୀନ ଓଡ଼ିଆ ଲିପି, ପ୍ରଭୃତି ସ୍ତର ଦେଇ ଆଧୁନିକ ଓଡ଼ିଆ ଲିପି ତା'ର ଅତି ସୁନ୍ଦର ବର୍ତ୍ତୁଳ ରୂପ ଧାରଣ କରିଛି ।

ବିଶେଷତଃ ଗଙ୍ଗବଂଶ ରାଜତ୍ୱ କାଳରେ ଓଡ଼ିଆ ଭାଷାଲିପି ଓ ସାହିତ୍ୟର ସ୍ଥିତି ଅତ୍ୟନ୍ତ ବଳିଷ୍ଠ ଥିବା ପ୍ରମାଣ ମିଳେ । ଆଲୋଚକ ବି.ସି. ମଜୁମ୍‌ଦାର୍ ଓଡ଼ିଆ ଭାଷାର ବିକାଶ ସଂପର୍କରେ ତାଙ୍କ ପୁସ୍ତକ- "ଏ ଟିପିକାଲ୍ ସିଲେକ୍ସନ୍ ଫ୍ରମ୍ ଓଡ଼ିଆ ଲିଟରେଚର୍"ରେ ଉଲ୍ଲେଖ କରିଛନ୍ତି ଯେ - "Oriya as a distinct provincial language had no doubt come into existence long before the Ganga rulers." ଏକାଦଶ ଶତାବ୍ଦୀରେ ଗଙ୍ଗବଂଶୀ କଳିଙ୍ଗରାଜା ଅନନ୍ତ ବର୍ମଣ ଚୋଳଗଙ୍ଗଦେବ ସୋମବଂଶ ଶାସିତ ଉତ୍କଳକୁ ଅଧିକାର କରିଥିଲେ । ଉତ୍କଳ ସହିତ କଳିଙ୍ଗର ସମ୍ମିଶ୍ରଣ ଘଟିବା ହେତୁ ଦୀର୍ଘ ଚାରିଶହ ବର୍ଷ ଧରି ଗଙ୍ଗବଂଶୀୟ ରାଜାମାନଙ୍କର ଶାସନ କାଳରେ ହିଁ ଓଡ଼ିଆ ଭାଷା-ଲିପି-ସାହିତ୍ୟ ତଥା ସଂସ୍କୃତି ଉତ୍କର୍ଷ ଲାଭ କରିଥିଲା । ଏହି ରାଜତ୍ୱ କାଳରେ ଖୋଦିତ ଅଭିଲେଖ ଏବଂ ତାମ୍ର ଶାସନ ସମୂହରେ ଓଡ଼ିଆ ଭାଷା ବିକାଶ ଲାଭ କରିଥିଲା ।

କଥିତ, ଲିଖିତ ତଥା ଲୋକସାହିତ୍ୟ ଦେଇ ଓଡ଼ିଆ ଭାଷା ବ୍ୟାପକ ପ୍ରଚାର-ପ୍ରସାର ଲାଭ କରି ସମୃଦ୍ଧ ହୋଇଥିଲା । ଗଙ୍ଗବଂଶ ପରବର୍ତ୍ତୀ ସୂର୍ଯ୍ୟବଂଶୀ କପିଳେନ୍ଦ୍ରଦେବ ଏବଂ ମୁକୁନ୍ଦ ଦେବଙ୍କ ଶାସନକାଳୀନ ଓଡ଼ିଶା ସମୃଦ୍ଧ ହୋଇଥିଲେ ହେଁ ୧୭୫୧ ଖ୍ରୀ.ରୁ ଓଡ଼ିଶାରେ ମରହଟ୍ଟା ଶାସନର ପ୍ରଭାବ ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ଓଡ଼ିଶା ଅଧିକାର, ୧୮୧୭ ରେ ଐତିହାସିକ ପାଇକ ବିଦ୍ରୋହ, ୧୮୬୫-୬୬ ରେ ନ'ଅଙ୍କ ଦୁର୍ଭିକ୍ଷ, ଓଡ଼ିଆ ଭାଷା ବିଲୋପ ଚକ୍ରାନ୍ତ ଭଳି ପ୍ରତିକୂଳ ଅବସ୍ଥା ଭିତରେ ମଧ୍ୟ ୧୮୮୨ ମସିହାରେ 'ଉତ୍କଳ ସଭା ଗଠନ' ଦ୍ୱାରା ଓଡ଼ିଆ ଭାଷା-ଭାଷୀ ଅଞ୍ଚଳକୁ ଏକତ୍ର କରିବାର ଉଦ୍ୟମ, ୧୯୦୩ରେ 'ଉତ୍କଳ ସାହିତ୍ୟ ସମାଜ' ପରି ଜାତୀୟ ଅନୁଷ୍ଠାନ ଗଠନ, ୧୯୨୦ ମସିହାରୁ କଲିକତା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଶିକ୍ଷାରମ୍ଭ, ୧୯୩୬ ମସିହା ଅପ୍ରେଲ ୧ରେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପ୍ରାପ୍ତି ଭଳି ଘଟଣାବହୁଳ - ସଂଘର୍ଷପୂର୍ଣ୍ଣ ଅନୁକୂଳ ପରିସ୍ଥିତି ଦେଇ ଓଡ଼ିଆ ଭାଷା ପାଇଛି ପୂର୍ଣ୍ଣ ସ୍ୱୀକୃତି ହୋଇଛି ବଳିଷ୍ଠ, ପାଲଟିଛି ଓଡ଼ିଆଙ୍କର ସମ୍ମାନ ଓ ଗୌରବସ୍ମାରକୀ ।

ପୁରାଣ ପୃଷ୍ଠାରେ 'ଉତ୍କଳ' ସଂପର୍କରେ ବହୁ କିମ୍ବଦନ୍ତୀ ରହିଛି । କିମ୍ବଦନ୍ତୀ ଅନୁସାରେ ଯେଉଁ କ୍ଷେତ୍ରରେ ସ୍ୱୟଂ ପୁରୁଷୋତ୍ତମ-ନାରାୟଣୀ ଦାରୁରୂପ ବିଦ୍ୟମାନ, ଅନେକ ତୀର୍ଥ, ପୁଣ୍ୟସ୍ଥାନ ସହିତ ସଦାଚାର ପରାୟଣ-ଦେବଜ୍ଞ ବ୍ରାହ୍ମଣ, ଅସ୍ତ୍ର-ଶସ୍ତ୍ର ବିଦ୍ୟାରେ ନିପୁଣ କ୍ଷତ୍ରିୟ, କୃଷି-ବାଣିଜ୍ୟ-ଗୋ ରକ୍ଷା କାର୍ଯ୍ୟରେ କୁଶଳୀ ସେବାପରାୟଣ ଶୁଦ୍ରମାନେ ଅଛନ୍ତି ସେ ଜାତି ବେଶ୍ ଦକ୍ଷ, ସୁସଂଗଠିତ ।

ଏହି ଓଡ଼ିଆ ଜାତିର ଅନ୍ତରୀଣ ଆଦର୍ଶ ମୂଲ୍ୟବୋଧକୁ ଓଡ଼ିଆ ଭାଷା-ସାହିତ୍ୟ ଜରିଆରେ ବଞ୍ଚାଇ ରଖିବାର ଆପ୍ରାଣ ପ୍ରଚେଷ୍ଟା ଓଡ଼ିଶାର ବିଶିଷ୍ଟ ସାହିତ୍ୟିକଙ୍କ ନିରବଚ୍ଛିନ୍ନ ସାଧନାର ଉଦ୍ଦେଶ୍ୟ ପାଲଟିଛି । ତତ୍ ସହିତ ଜାତିପ୍ରୀତିର ଅଦ୍ଭୁତ ପରାକାଷ୍ଠା ବହନ କରିଛି ସେମାନଙ୍କ ସୃଷ୍ଟିସମ୍ଭାର । ଏ ଦେଶର ଇତିହାସ, ଭୂଗୋଳ, ଧର୍ମ, ପ୍ରକୃତି, ସଂସ୍କୃତିକୁ ସାହିତ୍ୟିକମାନେ ସେମାନଙ୍କ ଲେଖନୀ ମାଧ୍ୟମରେ ଉତ୍କୀର୍ଣ୍ଣ ଏବଂ ଉଜ୍ଜୀବିତ କରିଛନ୍ତି ।

ଉତ୍କଳ ପ୍ରକୃତିର ଚିହ୍ନରା ଗ୍ରାହକ କବିବର ରାଧାନାଥ ଓଡ଼ିଶାକୁ 'ଇତିହାସ ରଙ୍ଗସ୍ଥଳୀ', 'ସବୁ ଦେଶ ମଧ୍ୟେ ଏ ଦେଶ ସାର' ବୋଲି ଅଭିହିତ କରିଛନ୍ତି । ପୁଣି, ମହାଯାତ୍ରାରେ ଲେଖିଛନ୍ତି-

"ପୂର୍ଣ୍ଣ ଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ
ଶ୍ରେଷ୍ଠ ଏ ଉତ୍କଳଭୂମି ଗୁଣେ ଗରିୟସୀ ।"

ଫକୀରମୋହନଙ୍କ 'ଉତ୍କଳଭ୍ରମଣ', ଗଙ୍ଗାଧରଙ୍କ 'ଉତ୍କଳ ଭାରତୀଙ୍କ ଉକ୍ତି', ଗୋପବନ୍ଧୁଙ୍କ 'ରେଳ ଉପରେ ଚିଲିକା ଦର୍ଶନ', ନୀଳକଣ୍ଠଙ୍କ 'କୋଣାର୍କ', ଗୋଦାବରୀଶଙ୍କ 'ଆଲେଖିକା', ଲକ୍ଷ୍ମୀକାନ୍ତଙ୍କ 'ବନ୍ଦେ ଉତ୍କଳ ଜନନୀ', କୁନ୍ତଳା କୁମାରୀଙ୍କ 'ଜନନୀ ତୋହର ମୋହନ ମୂରତି', ପଦ୍ମଚରଣଙ୍କ 'ଧଉଳି ପାହାଡ଼', ମାୟାଧରଙ୍କ 'ମହାନଦୀରେ ଜ୍ୟୋତ୍ସ୍ନା ବିହାର', ନିତ୍ୟାନନ୍ଦ ମହାପାତ୍ରଙ୍କ 'ପଞ୍ଚଜନ୍ୟ'ର 'ଜାଗ୍ରତ ଆଜି ଜଗତ ପୃଷ୍ଠେ', 'ଏ ଦେଶ ଅଗ୍ରଗଣ୍ୟ' ଆଦିରେ ଉତ୍କଳୀୟ ବୈଶିଷ୍ଟ୍ୟ ଅଭିମନ୍ତ୍ରିତ ହୋଇଛି ।

ଓଡ଼ିଶା ତା'ର ଦୀର୍ଘ ଗୌରବମୟ ଐତିହ୍ୟକୁ ନେଇ ଅନନ୍ୟ, ଉତ୍କୃଷ୍ଟ କଳା-ଭାସ୍କର୍ଯ୍ୟ, ନୃତ୍ୟ-ସଂଗୀତ-ସ୍ଥାପତ୍ୟକୁ ନେଇ ମହିମାନ୍ୱିତ, ଧର୍ମୀୟ ଉତ୍କର୍ଷକୁ ନେଇ ଅଦ୍ୱିତୀୟ ଏବଂ ପାରମ୍ପରିକ ରୀତି-ନୀତି-ଚଳଣି-ସଂସ୍କୃତି-ମୂଲ୍ୟବୋଧକୁ ନେନନଇ ଅନତିକ୍ରମ୍ୟ । ଯେକୌଣସି ଜାତି ତା'ର ହଜାର ହଜାର ବର୍ଷ ଧରି ପ୍ରସାରିତ-ପ୍ରଚାରିତ ଜନପଦୀୟ ଭାଷାକୁ ନେଇ ତିଷ୍ଠି ରହିଲେ, ଭାବର ଆଦାନ ପ୍ରଦାନ ସହିତ ଲିଖିତ ରୂପକୁ ପ୍ରତିଷ୍ଠା ଦେଲେ, ତତ୍‌ସହିତ ସେଥିରେ ପରମ୍ପରାନୁଗତ ଦୃଷ୍ଟି ଓ ଦର୍ଶନ ଉତ୍କୀର୍ଣ୍ଣ ହେଲେ - ଭାଷା ପ୍ରାଣବନ୍ତ ହେବା ସହିତ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ କରିଥାଏ । ଏ ଦୃଷ୍ଟିରୁ ଓଡ଼ିଆ ଭାଷା ଯୁଗଯୁଗର ନିରବଚ୍ଛିନ୍ନ ପ୍ରବାହ ଓ ପ୍ରଗତି ହେତୁ ପୂର୍ଣ୍ଣ ବିକଶିତ ହେବା ସହିତ ଶାସ୍ତ୍ରୀୟ ମର୍ଯ୍ୟାଦାବନ୍ତ ହୋଇଛି । ଲକ୍ଷ ଲକ୍ଷ ଓଡ଼ିଆଙ୍କ ନିମନ୍ତେ ଓଡ଼ିଆ ଭାଷାର ପ୍ରତିବଦ୍ଧତା ହିଁ ମୁଖ୍ୟ ଲକ୍ଷ୍ୟ ଅଟେ । କାରଣ, ଗୋଟିଏ ଜାତିର ଭାଷା ହିଁ ତା'ର ଆତ୍ମା । ଆଗକୁ ଗତିଶୀଳ ହେବାରେ 'ଭାଷା' ହିଁ ଜାତିର ଜୀବନୀଶକ୍ତି ଭଳି କାର୍ଯ୍ୟ କରିଥାଏ । ଏ ଦୃଷ୍ଟିରୁ ଅଖଣ୍ଡ ଓଡ଼ିଶାର ସାମାଜିକ-ରାଜନୀତିକ-ଆଧ୍ୟାତ୍ମିକ ପରିବେଶର ପ୍ରକୃଷ୍ଟ ପରିଚାୟକ ହୋଇଛି ଚଳନ୍ତି ତଥା ସଦା ଅକ୍ଷୁଣ୍ଣ ଓଡ଼ିଆ ଭାଷା-ସାହିତ୍ୟ ।

*ଅଧ୍ୟାପିକା, ରଣପୁର କଲେଜ, ରଣପୁର*
*ମୋ:୯୪୩୮୨୯୪୪୧୮*

●●●●

# ଓଡ଼ିଆ ସାହିତ୍ୟର ଅବୟବ

*ସଂଘମିତ୍ରା ନାୟକ*

ଭାଷା ଦ୍ୱାରା ସଭ୍ୟତା, ସଂସ୍କୃତି, ଧର୍ମ, ଦର୍ଶନ, ପୁରାଣ, ଇତିହାସ, ଭୂଗୋଳ, ରାଜନୀତି, ଅର୍ଥନୀତି, ଜ୍ୟୋତିଷ, ଗଣିତ, ଚିକିତ୍ସା, ବିଜ୍ଞାନ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଲାଭ ହୋଇଥାଏ । ଯେଉଁ ଭାଷା ହେଉନା କାହିଁକି, ସମାଜର ବିକାଶରେ ଭାଷାର ଭୂମିକା ଅତୁଳନୀୟ । ଭାଷା ହେଉଛି ମଣିଷର ମୁଖ ନିସୃତ ନିୟମ ବନ୍ଧ ଧ୍ୱନି ମାନଙ୍କର ସମାହାର । ମନୁଷ୍ୟ ତା' ମନର ଭାବନାକୁ ଭାଷା ମାଧ୍ୟମରେ ରୂପ ଦିଏ ଓ ତା'ରି ସାହାଯ୍ୟରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବାରେ ସମର୍ଥ ହୋଇଥାଏ । ଅନ୍ୟ ନିକଟରେ ନିଜ ଭାବନାର ପରିପ୍ରକାଶ ସହିତ ସମ୍ପର୍କ ପ୍ରତିଷ୍ଠା ଓ ଅନ୍ୟର ଉଦ୍ଦେଶ୍ୟ ଉପଲବ୍ଧି କରିବା ଭାଷା ଦ୍ୱାରା ସମ୍ଭବ ହୋଇଥାଏ ।

ପ୍ରାଚୀନକାଳରେ ସମଗ୍ର ଭାରତବର୍ଷରେ ସଂସ୍କୃତ ଭାଷାର ବିଶେଷ ଆଦର ଥିଲା । ସମୟ ସ୍ରୋତରେ ତିନିଗୋଟି ସ୍ତର ଦେଇ ସଂସ୍କୃତ ଭାଷାର ବିବର୍ତ୍ତନ ଘଟିଲା ସେହି ତିନିଗୋଟି ସ୍ତର ହେଲା - ପାଲି, ପ୍ରାକୃତ ଓ ଅପଭ୍ରଂଶ । ଅପଭ୍ରଂଶ ସ୍ତରରୁ ଅନ୍ୟାନ୍ୟ ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ଗୁଡିକ ପରି ଓଡିଆ ଭାଷାର ସୃଷ୍ଟି ହୋଇଛି । ଓଡିଆ ଭାଷାର ଏକ ସୁଦୃଢ ପରମ୍ପରା ରହିଛି । ଅପଭ୍ରଂଶ ଭାଷାରେ (ପୂର୍ବ ମାଗଧୀ ଅପଭ୍ରଂଶ) ରଚିତ ଚର୍ଯ୍ୟାଗୀତିକା ଗୁଡିକ ହେଉଛି ଓଡିଆ ଭାଷାର ପ୍ରାଚୀନତମ ନମୁନା । ସାରଳା ଦାସଙ୍କ ମହାଭାରତ ରଚନା ବେଳକୁ ଓଡିଆଭାଷା ପୂର୍ଣ୍ଣ ବିକଶିତ ଅବସ୍ଥାକୁ ଆସିଯାଇଥିଲା । ସାରଳା ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମ ଦାସଙ୍କ ଜଗମୋହନ ରାମାୟଣ, ଉପେନ୍ଦ୍ରଭଞ୍ଜଙ୍କ କାବ୍ୟକବିତା, ମଧୁସୂଦନ ଓ ଫକୀରମୋହନଙ୍କ ରଚନା ସମ୍ଭାରକୁ ଅନୁଧ୍ୟାନ କଲେ, ପ୍ରାଚୀନକାଳରୁ ଆଧୁନିକ କାଳ ପର୍ଯ୍ୟନ୍ତ ଓଡିଆ ଭାଷାର ବିକାଶ କ୍ରମକୁ ଉପଲବ୍ଧି କରାଯାଇ ପାରିବ ।

ସମୃଦ୍ଧ ଐତିହ୍ୟ, ସଂସ୍କୃତି ଓ ସାହିତ୍ୟିକ ପରମ୍ପରା ସହିତ ଭାଷା ଭିତ୍ତିରେ ଗଠନ ହେବାରେ ଓଡିଶା ହେଉଛି ସମଗ୍ର ଦେଶରେ ପ୍ରଥମ ରାଜ୍ୟ । ଏହାର ନେତୃବୃନ୍ଦ ଓ ଜନତା ଦେଶକୁ ସ୍ୱାଧୀନ କରାଇବା ଦାୟିତ୍ୱ ନିର୍ବାହ କରିବା ସଙ୍ଗେସଙ୍ଗେ ଓଡିଆ ଭାଷାଭାଷୀ ଅ□ଳକୁ ଏକତ୍ରିତ କରି ଏକ ପ୍ରଦେଶ ଗଠନ କରିବାର ଦ୍ୱୈତ୍ୟ ଦାୟିତ୍ୱ ସମ୍ପାଦନ କରିଛନ୍ତି ।

ଆମ ମାନଙ୍କର ଅତିପ୍ରିୟ ଜନ୍ମଭୂମି ପବିତ୍ର ଉତ୍କଳ ଭୂଖଣ୍ଡ ଅତୀତ ଇତିହାସ, ଐତିହ୍ୟ, ପରମ୍ପରା, କଳା, ସ୍ଥାପତ୍ୟ, ଦର୍ଶନ, ଧର୍ମ ଓ ସଂସ୍କୃତିର ମହନୀୟତା ମନୋମୁଗ୍ଧକର ଓ ହୃଦୟସ୍ପର୍ଶୀ । ଉତ୍କୃଷ୍ଟ କଳାର ଶ୍ରେଷ୍ଠ ନିଦର୍ଶନ ରଖିଥିବାରୁ ଏହା ଦିନେ ଉତ୍କଳ ନାମ ଧାରଣ କରିଥିଲା ।

ପବିତ୍ର ଉତ୍କଳ ଭୂଖଣ୍ଡ କେବଳ ଯେ ଆମ୍ଭମାନଙ୍କର ଜନ୍ମଭୂମି, ତାହା ନୁହେଁ, ଏହା ଏକ ପୁଣ୍ୟଭୂମି, କର୍ମଭୂମି ଓ ଜ୍ଞାନଭୂମି । ଭାରତବର୍ଷ ମଧ୍ୟରେ କେତେ ସହସ୍ରାବ୍ଦ ଧରି ଉତ୍କଳ ଏକ ଉନ୍ନତ ତଥା ବିଭବଶାଳୀ ରାଜ୍ୟ ଥିଲା । ୧୨୦୦ ଖ୍ରୀଷ୍ଟାବ୍ଦର କପିଳ ସଂହିତାରେ ଏହାର ଉତ୍କର୍ଷତା ପ୍ରଦର୍ଶିତ ହୋଇ ନିମ୍ନୋକ୍ତ ଭାବରେ ବର୍ଣ୍ଣିତ ହୋଇଛି ।

ପୌରାଣିକ ମତାନୁଯାୟୀ ପ୍ରାଚୀନ ଭାରତର ପ୍ରସିଦ୍ଧ ସମ୍ରାଟ ବୈବସ୍ୱତ ମନୁଙ୍କର ୧୦ଟି ସନ୍ତାନ ମଧ୍ୟରେ ଜଣେ ଥିଲେ କିଂପୁରୁଷ । ସେ କିଛି ସମୟ ପୁରୁଷ ହୋଇ ପୁଣି କିଛି ସମୟ ନାରୀ ହେଉଥିବାର ପୌରାଣିକ ସାହିତ୍ୟରେ ବର୍ଣ୍ଣନା ରହିଛି । ପୁରୁଷ ଅବସ୍ଥାରେ ତାଙ୍କ ନାମ "ସୁଦ୍ୟୁମ" ଓ ନାରୀ ଅବସ୍ଥାରେ "ଇଳା" । ସୁଦ୍ୟୁମ୍ନଙ୍କର ତିନୋଟି ପୁଅ ଥିଲେ - ବିନିତାସ୍ୱ, ଗୟା ଓ ଉତ୍କଳ । ଉତ୍କଳ ଯେଉଁ ଅ□ଳକୁ ଗ୍ରହଣକଲେ, ତାହା ଉତ୍କଳ ଭୂଖଣ୍ଡ ନାମରେ ପରିଚିତ ହେଲା । ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ପର୍ଯ୍ୟନ୍ତ ଅଞ୍ଚଳକୁ ଉତ୍କଳୀୟମାନେ ନିଜର ଅଧିକାରଭୁକ୍ତ କରିଥିଲେ । ଉତ୍କଳର ସଂଗ୍ରାମୀ ଓ ଲଢୁଆ ବୀରମାନେ ନିଜର ମାତୃଭୂମିର ସମ୍ମାନକୁ ରକ୍ଷାକରିବା ନିମନ୍ତେ ନିଜର ଜୀବନ ବିସର୍ଜନ କରିଛନ୍ତି । ମହାମେଘବାହନ ଐର ଖାରବେଳ, ଚୋଡଗଙ୍ଗଦେବ, ଅନଙ୍ଗଭୀମଦେବ, କପିଳେନ୍ଦ୍ରଦେବ, ପୁରୁଷୋତ୍ତମ ଦେବ ପ୍ରଭୃତି ଉତ୍କଳ ଜନନୀର ବରେଣ୍ୟ ବରପୁତ୍ର ତଥା ସମ୍ରାଜ୍ୟବାଦୀ ସମ୍ରାଟମାନେ ନିଜନିଜର ଅନବଦ୍ୟ କୃତିତ୍ୱ ଓ କାଳଜୟୀ ଅବଦାନ ଦ୍ୱାରା ଜନ୍ମଭୂମିର ମାହିମାକୁ ବହୁଗୁଣିତ କରିପାରିଥିଲେ । ନିଜ ଜାତିର ଗର୍ବ, ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ କଳିଙ୍ଗବୀର କଳିଙ୍ଗ ଯୁଦ୍ଧରେ ଆତ୍ମାହୁତି ଦେଇଥିଲେ, କିନ୍ତୁ ମଗଧରାଜ ଅଶୋକବର୍ଦ୍ଧନ ମୌର୍ଯ୍ୟଙ୍କ ପାଖରେ ମଥାନତ କରି ନଥିଲେ । ଦୁନିଆକୁ ଆଶୀର୍ବାଦ ବର୍ଷା ହୋଇଥିଲା, ଇତିହାସକୁ ତ୍ରାହି ମିଳିଥିଲା ଓ ମାନବିକତାକୁ ପୁଷ୍ପବର୍ଷା ହୋଇଥିଲା ଯେଉଁ କ୍ଷଣରେ ଚଣ୍ଡାଶୋକ ଧର୍ମ ଆଚରି ସତ୍ୟବନ୍ତ ବୌଦ୍ଧ ହୋଇଗଲେ, ଭାରତ ଉପମହାଦେଶ ସେତେବେଳର ବିଶ୍ୱସମଗ୍ର ଥିଲା କହିଲେ ଚଳିବ, ତରବାରି-ରହିତ ମୌର୍ଯ୍ୟ ସମ୍ରାଜ୍ୟର ପ୍ରମୁଖ ରାଜ୍ୟ କଳିଙ୍ଗ । ଅଶୋକଙ୍କ ସାନଭାଇ ତିସାଙ୍କୁ କଳିଙ୍ଗ ଧର୍ମକ୍ଷେତ୍ରରେ ନ୍ୟସ୍ତ କରି କନ୍ୟାଙ୍କୁ କେତେ କଳିଙ୍ଗ ପରିବାର ସହ ପଠାଇଲେ

ବିଦେଶ ସିଂହଳରେ ବୌଦ୍ଧଧର୍ମ ବିସ୍ତାର କରିବାକୁ। କଳିଙ୍ଗର ନରହନ୍ତାଙ୍କର ସକଳ ଆଶ୍ରୟ କଳିଙ୍ଗ, ପ୍ରତିଭାଶାଳୀ ପତ୍ନୀ ବି କଳିଙ୍ଗକନ୍ୟା।

କଳିଙ୍ଗବୀର ସରିଯାଇ ନାହାନ୍ତି ବିଶ୍ୱର ସେଇ ବିଭତ୍ସ କଳିଙ୍ଗ ଯୁଦ୍ଧରୁ, ଆହୁରି ବଳଶାଳୀ ବୀର ଜନ୍ମିଛନ୍ତି କଳିଙ୍ଗାଧିପତି ଖାରବେଳ କି କପିଳେନ୍ଦ୍ରଙ୍କ କଳିଙ୍ଗସେନା ଭାବରେ, ଅବା ନିକଟ ଅତୀତରେ ମନୋବୃତ୍ତି ନେଇଛନ୍ତି ଜୟୀ ରାଜଗୁରୁ, ବୀର ସୁରେନ୍ଦ୍ର ସାଏ କି ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ମହାପାତ୍ର ଭାବରେ। ଦେଶ ଦୀର୍ଘଦିନ ଧରି ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜ ମାନଙ୍କର କବଳିତ ହେବା ତ ପଛ କଥା, ନିଜେ ତିନି ଶତାବ୍ଦୀ ଭାରତର ଏକକ ଯବନ ବିରୁଦ୍ଧରେ ସଂଗ୍ରାମ କରି ସ୍ୱାଧୀନ ହୋଇ ବର୍ତ୍ତି ରହିଥିବା ହିନ୍ଦୁ ରାଜ୍ୟ। ବଳବନ୍ତ ରାଜ୍ୟକୁ ଅନ୍ତର୍ଦ୍ୱନ୍ଦ୍ୱ ହିଁ କାଳ ହେଲା, ଯାହା ବର୍ହିଶକ୍ତିକୁ ବାଟ ବତାଇଦେଲା ଓଡିଶାକୁ ହରାଇବାକୁ।

ଶକ୍ତିହୀନ ଓଡିଶା ରାଜ୍ୟ ସମୟକ୍ରମେ ଦକ୍ଷିଣ, ଉତ୍ତର, ପଶ୍ଚିମ ଦିଗରୁ ଅପଚୟ ହେବାକୁ ଲାଗିଲା। ଗଙ୍ଗାରୁ ଗୋଦାବରୀ ଓଡିଶା ରାଷ୍ଟ୍ରସୀମାର ପଶ୍ଚିମାଂଶ ବିଚ୍ଛିନ୍ନ ହୋଇ ମଧ୍ୟପ୍ରଦେଶରେ, ଦକ୍ଷିଣ ଅଂଶ ମାଡ୍ରାସ ପ୍ରେସିଡେନ୍ସିରେ, ଉତ୍ତର ଦିଗରୁ ମେଦିନୀପୁର ଓ ଗଙ୍ଗାକୂଳ ଓଡିଶା ଚାଲିଗଲା ବେଙ୍ଗଲ ପ୍ରେସିଡେନ୍ସିକୁ। ଓଡିଆ ମାତୃଭାଷା ଛିନ୍ନ ହେଲା ଇଂରେଜମାନଙ୍କ ଓଡିଶା ଅଧିକାରର ପର୍ଯ୍ୟାୟ ଗୁଡିକରେ, ବିଶାଳ ରାଜ୍ୟର ସୀମା ସହିତ ମାତୃଭାଷାର ମୌଳିକତା କ୍ଷୁଣ୍ଣ ହେବାକୁ ଲାଗିଲା। ଓଡିଶାର ଶତ ଚେଷ୍ଟା ସତ୍ତ୍ୱେ ଶତ ପ୍ରତିଶତ ଓଡିଆ ଭାଷାଭାଷୀ ଅଞ୍ଚଳ ଏକତ୍ର ହୋଇ ପାରିଲାନାହିଁ। ଯାବତୀୟ ରାଜନୈତିକ ଛକାପଞ୍ଝାରେ ଷଢେଇକଳା ଖରସୁଆଁ, ମେଦିନୀପୁର, ମଞ୍ଜୁଷା ପରି ବହୁ ଅଞ୍ଚଳ ପଶ୍ଚିମ ବଂଗ, ବିହାର, ଝାଡଖଣ୍ଡ, ଛତିଶଗଡ ଓ ଆନ୍ଧ୍ର ପ୍ରଦେଶରେ ହଜିଯାଇଛି। ଭାଷା ପ୍ରସଙ୍ଗରେ ଆମର ଓଡିଆ ଜାତି ଭାଇମାନେ ପଡୋଶୀ ରାଜ୍ୟର ବାସିନ୍ଦା ବୋଲାଉଛନ୍ତି।

ରୋମାନିୟାନ ଦାର୍ଶନିକ ଏମିଲ କିଓରାନ୍ କହନ୍ତି – ଜଣେ ବ୍ୟକ୍ତି ଦେଶରେ ବାସ କରନ୍ତି ନାହିଁ, ଭାଷାରେ ବାସ କରନ୍ତି। ଭାଷା ହିଁ ତାଙ୍କର ଦେଶ। ପିପୁଲ୍ସ ଲିଙ୍ଗୁଇଷ୍ଟିକ୍ ସର୍ଭେ ଭାରତର ଦଶଟି ଲୋକପ୍ରିୟ ଭାଷାର ଏକ ତାଲିକା ପ୍ରସ୍ତୁତ କରିଅଛନ୍ତି। ସେହି ତାଲିକାରେ ଅଛନ୍ତି – ହିନ୍ଦୀ, ବଙ୍ଗଳା, ତାଲୁଗୁ, ମରାଠୀ, ତାମିଲ, ଉର୍ଦ୍ଦୁ, ଗୁଜୁରାଟୀ, କନ୍ନଡ, ମାଲୟାଲାମ୍ ଏବଂ ସବା ଶେଷରେ ଓଡିଆ।

ଇତିହାସର ପୃଷ୍ଠା ଲେଉଟାଇଲେ, ପଞ୍ଚଦଶ ଶତାବ୍ଦୀ ବେଳକୁ ଗଜପତି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ଓଡିଆ ଭାଷା ମାର୍ଜିତ ରୂପରେ ଉଭା ହୋଇଗଲାଣି। ଇତିହାସ ନିଜ କରାଳ କବଳରେ ସବୁ ଲିଭାଇଦେଇ ପାରେ, କିନ୍ତୁ ମାଟିର ମହାକବି ସାରଳା ଦାସଙ୍କ ରଚିତ ଖାଣ୍ଟି ଓଡିଆରେ ତାଳ ପୋଥିରେ ଲିଖିତ ଓଡିଶାର ପୁରପଲ୍ଲୀରେ ସଂରକ୍ଷିତ ଓଡିଆ ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଚିର ଅମର। ଆଦିକବିଙ୍କ କୃତୀ କାଳଜୟୀ, ଓଡିଆ ଭାଷାର ଧ୍ରୁବତାରା ଭାବରେ ଆଜି ଜାତୀୟ ସ୍ତରରେ ପ୍ରାମାଣିକ ହୋଇ ରହିଛି। କେବଳ ଭାଷା ନୁହେଁ, ନିଜ ଭାବରେ ସିଏ ସୃଷ୍ଟି କରିଛନ୍ତି ଉତ୍ର ଜାତୀୟତା, ଓଡିଆ ଜାତିର ଆତ୍ମ ପରିଚିତି। ଏହି ଓଡିଆ ସନ୍ତକ ଦୃଢ ଭାବରେ ପ୍ରତିପାଦନ କରେ ଏହାର ରଚନାକାଳରେ ବଂଗଳା, ହିନ୍ଦୀ ତଥା ଆସମିୟା ଭାଷା କି ଅବସ୍ଥାରେ ଥିଲେ !

ସାରଳା ଦାସଙ୍କ ପରେ ଷୋଡଶ ଶତାବ୍ଦୀରେ ପାଞ୍ଚଜଣ ସନ୍ଥ କବିଙ୍କର ଆବିର୍ଭାବ ଘଟିଲା। ସେମାନେ ବଳରାମ ଦାସ, ଜଗନ୍ନାଥ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ, ଶିଶୁ ଅନନ୍ତ ଦାସ। ପଞ୍ଚସଖା ଗଣ ପ୍ରାକୃତ ଓଡିଆ ଭାଷାରେ ଗୋଟିଏ ସାରସ୍ୱତ ପରମ୍ପରା ତିଆରି କରିଦେଲେ। ସେହି ପରମ୍ପରା ଦୀର୍ଘକାଳଧରି ଓଡିଶାରେ ଜୀବନଶୈଳୀକୁ ପ୍ରଭାବିତ କଲା। ପ୍ରତାପରୁଦ୍ରଙ୍କ ପଞ୍ଚସଖା ସମୟରୁ ଓଡିଶା ଇତିହାସରେ କଳା ବାଦଲ ଘୋଟିଆସିଲା, ପରେ ଓଡିଶାର ଶେଷ ସ୍ୱାଧୀନ ରାଜା ନିହତ ହେଲେ, ଓଡିଶାରେ ଚାଲିଲା ଆଫଗାନ ତାଣ୍ଡବ। ଓଡିଶାର ଧନ, ଜୀବନ, ସଂସ୍କୃତି, ଭାଷା ସବୁ ପ୍ରତିହତ ହେଲେ। ଦୁଇ ତିନ ଦଶନ୍ଧିରେ ମୋଗଲ ଶାସନ ବି ଓଡିଆ ପ୍ରାଣରେ ଆଣିଥିଲା ସେଇ ଧର୍ମଦ୍ରୋହୀ ମନ୍ଦିର ବିଧ୍ୱଂସୀ ଆଲାମଗିରି ଆଉରଙ୍ଗଜେବୀ ଶାସନ।

ପରେ ମରହଟ୍ଟା ଓ ଇଂରେଜମାନେ କାଳାଦିକ୍ରମେ ନିଜ ମତେ ଶୋଷଣ କରି ଓଡିଆ ସଂସ୍କୃତି ଓ ଭାଷାର ଅଭୂତପୂର୍ବ କ୍ଷତି ଘଟାଇଛନ୍ତି, କିନ୍ତୁ ସେ ସବୁ ଭିତରେ ଓଡିଶାର ଅଭ୍ୟନ୍ତରରେ ଭାଷାର ରାଗିଣୀ ଥମି ଯାଇନି, ସ୍ୱଚ୍ଛ ଅଳଙ୍କାର ପ୍ରୟୋଗର କାବ୍ୟଧାରା ସୃଷ୍ଟି ହୋଇଛି, ସମୃଦ୍ଧ ରୀତିକାବ୍ୟର ସମୃଦ୍ଧଧାରା ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କ ସମୟରୁ ଆରମ୍ଭ ହୋଇଛି। ଏହି ଯୁଗର ଶ୍ରେଷ୍ଠ କବି ଉପେନ୍ଦ୍ର ଭଞ୍ଜ, ଧନଞ୍ଜୟଙ୍କର ନାତି। ଘୁମୁସର ରାଜବଂଶର ସାରସ୍ୱତ ପରମ୍ପରା ତାଙ୍କୁ କାବ୍ୟ ରଚନା କରିବାର ପ୍ରେରଣା ଦେଇଥିଲା।

ପଞ୍ଚସଖା ଅମଳରୁ ଆରମ୍ଭ ହୋଇ ଗତି କରି ଆସିଥିବା କାବ୍ୟ ସଂସ୍କୃତିର ଭାବଧାରାର ଶେଷ ଦୀପଶିଖା ହେଉଛନ୍ତି ଭକ୍ତକବି ଭୀମଭୋଇ। ଆଦର୍ଶ ତାଙ୍କର – ମୋ ଜୀବନ ପଛେ ନର୍କେ ପଡିଥାଏ, ଜଗତ ଉଦ୍ଧାର ହେଉ। ଜଗତ ମଙ୍ଗଳ ତାଙ୍କର କାମ୍ୟ, ବାସ୍ତବିକ ସେ ଅନନ୍ୟ ପ୍ରତିଭାର ଅଧିକାରୀ।

ଏହିପରି ଭାବରେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡିଆ ସାହିତ୍ୟ ଦୀର୍ଘ ପାଞ୍ଚ ଶତାବ୍ଦୀ ଧରି ବିବିଧ ରୂପ ବିଭବ ଓ ଭାବ-ବିଭବକୁ ନେଇ ଯେଉଁ ସାହିତ୍ୟ ସୃଷ୍ଟି ହୋଇଥିଲା, ତାହା ଯେ ଓଡିଆ ଭାଷାର ଅମୂଲ୍ୟ ସମ୍ପଦ ଏବଂ ଓଡିଆ ଜାତିର ଆତ୍ମ ପରିଚିତି, ଏହା ନିରାଟ ସତ୍ୟ। ଦୀର୍ଘକାଳ ରାଜ-ପ୍ରୋତ୍ସାହନହରା ଓଡିଆ ଭାଷା ମୁମୂର୍ଷୁ ଅବସ୍ଥାରେ ମୁଷ୍ଟିମେୟ ଅଣ-ଓଡିଆଙ୍କର ଶରବ୍ୟ ହୋଇଛି। ସୁପ୍ତ ଜାତିକୁ ନିଦରୁ ଉଠାଇଦେଇଛି ଏଇ ପଦଟି। ବୁଦ୍ଧିଜୀବୀ ଚିନ୍ତାଶୀଳ ଜାତିପ୍ରେମୀ ଓଡିଆ ସ୍ୱର ଉତ୍ତୋଳନ କରିଛି, "ଉତ୍କଳ ଦୀପିକା" ପ୍ରତିବାଦ କରିଛି, ଓଡିଆ ଭାଷାପ୍ରତି କେତେ ସଂକୀର୍ଣ୍ଣମନା ଲୋକଙ୍କୁ ତଥା ଓଡିଶାରୁ ଓଡିଆ ଭାଷା ଉଠାଇଦେବା ଚକ୍ରାନ୍ତକୁ ପଦାରେ ପକାଇ ଦେଇଛନ୍ତି କଟକର ଗୌରୀ ଶଙ୍କର ରାୟ ସମ୍ପାଦିତ ଉତ୍କଳ ଦୀପିକା ସହିତ "ବାଲେଶ୍ୱର ସମ୍ବାଦ-ବାହିକା", "ଉତ୍କଳ ହିତୈଷିଣୀ", "ଓଡିଆ ଓ ନବ ସମ୍ବାଦ", "ସମ୍ବଲପୁର ହିତୈଷିଣୀ", ଓ "ଉତ୍କଳ ପୁତ୍ର" ଆଦି ସମ୍ବାଦ ପତ୍ରିକା। ପରେ ପରେ "ଉତ୍କଳ ଦର୍ପଣ", "ଉତ୍କଳ ମଧୁପ", "ଉତ୍କଳ ପ୍ରଭା", "ଉତ୍କଳ ସାହିତ୍ୟ", "ମୁକୁର", "ସତ୍ୟବାଦୀ" ଇତ୍ୟାଦି ସାହିତ୍ୟ ପତ୍ରିକା ଆଧୁନିକ ସାହିତ୍ୟର ବାର୍ତ୍ତାବହ ଓ ଆଧୁନିକ ଲେଖକ ମାନଙ୍କର

ଆତ୍ମପ୍ରକାଶର ମାଧ୍ୟମ ରୂପେ ପ୍ରକାଶ ପାଇଲା । ଓଡିଆ ଭାଷାକୁ ଓଡିଶାରୁ ଉଠାଇଦେବାର ସରକାରୀ ଆଦେଶନାମା ବିରୋଧରେ ଆରମ୍ଭ ହେଲା *ଭାଷା ସୁରକ୍ଷା ଆନ୍ଦୋଳନ* ( ୧୮୬୯-୭୦ ) ଓ ଓଡିଆ ଭାଷା ମୃତ୍ୟୁ ସଂକଟରୁ ତ୍ରାହି ପାଇଲା । ଏହି ମାତୃଭାଷା ପ୍ରୀତିରୁ ଜନ୍ମନେଲା ଆଧୁନିକ ଓଡିଆ ସାହିତ୍ୟ । ପ୍ରାଚୀନ ଓଡିଆ ସାହିତ୍ୟ ପ୍ରତି ବୀତସ୍ପୃହ ହୋଇ ସୃଷ୍ଟି ହେଲା ପାଶ୍ଚାତ୍ୟ ସାହିତ୍ୟ ଆଦର୍ଶରେ ନୂତନ ଓଡିଆ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ନାଟକ, ପ୍ରବନ୍ଧ, ରମ୍ୟ ରଚନା, ଆତ୍ମଜୀବନୀ, ଭ୍ରମଣ କାହାଣୀ ଓ ସମାଲୋଚନା ଇତ୍ୟାଦି ।

ଆଧୁନିକ ଓଡିଆ ସାହିତ୍ୟ ରାଧାନାଥ ପର୍ବ, ସତ୍ୟବାଦୀ ପର୍ବ, ସବୁଜ ପର୍ବ, ଉତ୍ତର ଆଧୁନିକ ପର୍ବ ଏମିତି ରଚି ଆନୁସାରେ ନବକଳେବର ଗ୍ରହଣ କରିଛି ।

କବିବର ରାଧାନାଥ ରାୟଙ୍କର ରଚିତ "ବିବେକୀ" ଓଡିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ । ଜଗନ୍ମୋହନ ଲାଲ ଓଡିଆ ସାହିତ୍ୟର ପ୍ରଥମ ନାଟ୍ୟକାର, "ବାବାଜୀ" ତାଙ୍କର ପ୍ରଥମ ନାଟକ । ଉମେଶଚନ୍ଦ୍ର ସରକାରଙ୍କ "ପଦ୍ମମାଳୀ" ଓଡିଆ ସାହିତ୍ୟରେ ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସ । ଗୋପାଳ ଚନ୍ଦ୍ର ପ୍ରହରାଜଙ୍କର "ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ" ଓଡିଆ ଭାଷାର ଗୋଟିଏ ଅକ୍ଷୟ କୀର୍ତ୍ତି । କିନ୍ତୁ ତା ପୂର୍ବରୁ ୧୯୦୪ ବେଳଠାରୁ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ପ୍ରସ୍ତୁତ କରିସାରିଥିଲେ "ଓଡିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ" । ଏହା ଉତ୍କଳ ସାହିତ୍ୟ ପ୍ରେସ୍ ଦ୍ୱାରା ପ୍ରକାଶିତ ହୋଇଥିଲା । ସେତେବେଳକୁ ବଙ୍ଗଳା ବା ହିନ୍ଦୀରେ ସୁଦ୍ଧା ସେଭଳି ଏକ ଭାଷାକୋଷ ମିଳି ନଥିଲା ।

ରାଧାନାଥ ଯୁଗର ଅବସାନ ନ ହେଉଣୁ ସତ୍ୟବାଦୀ ଯୁଗର ଉନ୍ମେଷ ଘଟେ ( ୧୯୦୯ ) ଓ ଏହି ପର୍ବ ପ୍ରଭାବ ବିସ୍ତାର କରେ ୧୯୨୫ ମସିହା ପର୍ଯ୍ୟନ୍ତ । ପଣ୍ଡିତ ଗୋପବନ୍ଧୁ ଦାସ ସତ୍ୟବାଦୀ ଯୁଗର କର୍ଣ୍ଣଧାର । ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର, ପଣ୍ଡିତ ବାସୁଦେବ ମହାପାତ୍ର ପ୍ରଭୃତି ବିଦ୍ୱାନଗଣ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ଉଦ୍‌ବୋଧକ କାବ୍ୟ କବିତା ରଚନା କରି ଯାଇଛନ୍ତି । ସତ୍ୟବାଦୀ ଯୁଗର ଆଦର୍ଶ ପ୍ରତିଧ୍ୱନିତ ହୋଇଛି ଅନ୍ୟାନ୍ୟ କେତେ ଲେଖକ ମାନଙ୍କର କୃତିରେ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କୁନ୍ତଳା କୁମାରୀ ସାବତ, ଗୋଦାବରୀଶ ମହାପାତ୍ର ପରି ସାଧକ ମାନଙ୍କ ସହିତ ଏ ଯୁଗର ପାଞ୍ଚଜଣ ତରୁଣ ଲେଖକ (ଅନ୍ନଦା ଶଙ୍କର ରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତ ଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର) ଅଛନ୍ତି ।



ଭାରତୀୟ ମୁକ୍ତି-ସଂଗ୍ରାମକୁ ଅବଲମ୍ବନ କରି ଲେଖକ ମାନଙ୍କର ହୃଦୟ ତରଙ୍ଗାୟିତ ହୋଇ ଉଠିଲା। ପ୍ରଗତିବାଦୀ ଆଭିମୁଖ୍ୟ ନେଇ ବିଭିନ୍ନ ପତ୍ରପତ୍ରିକା ପ୍ରକାଶିତ ହେଲା। ମାର୍କ୍ସବାଦ ଓ ପ୍ରଗତିବାଦ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବହୁ ଲେଖକ ଓ ସାହିତ୍ୟିକ ସୃଷ୍ଟିକଲେ ସାରସ୍ୱତ ରଚନା। ଭଗବତୀ ଚରଣ ପାଣିଗ୍ରାହୀ, ମନ ମୋହନ ମିଶ୍ର, ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ, କାହ୍ନୁ ଚରଣ ମହାନ୍ତି, ରାଧାମୋହନ ଗଡନାୟକ, କୁଞ୍ଜ ବିହାରୀ ଦାସ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ରାଜ କିଶୋର ରାୟ, ପ୍ରାଣବନ୍ଧୁ କର, ଅନନ୍ତ ପ୍ରସାଦ ପଣ୍ଡା, ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ସ୍ୱାଧୀନତା ପୂର୍ବରୁ ସାହିତ୍ୟ ରଚନା କରି ଓଡିଆ ଭାଷାକୁ ସମୃଦ୍ଧ କରିଥିଲେ।

ସ୍ୱାଧୀନତା ଲାଭପରେ ଓଡିଆ ସାହିତ୍ୟରେ ପାଶ୍ଚାତ୍ୟ ସଂକ୍ରମଣ ଫଳରେ ଅତ୍ୟାଧୁନିକ ଯୁଗର ଅୟମାରମ୍ଭ ହେଲା। ଗଳ୍ପ, କବିତା, ରମ୍ୟ ରଚନା, ଭ୍ରମଣ କାହାଣୀ ଆଦି ରଚନା କରି ସୁରେନ୍ଦ୍ର ମହାନ୍ତି, ଗୁରୁ ପ୍ରସାଦ ମହାନ୍ତି, ଗୋପୀନାଥ ମହାନ୍ତି, ସୀତାକାନ୍ତ ମହାପାତ୍ର, ପ୍ରତିଭା ଶତପଥୀ, ବିଭୂତି ପଟ୍ଟନାୟକ, ଚନ୍ଦ୍ର ଶେଖର ରଥ, ବାମା ଚରଣ ମିତ୍ର, ପ୍ରତିଭା ରାୟ, ହରେକୃଷ୍ଣ ମହତାବ, କୁଞ୍ଜବିହାରୀ ଦାସ, ଗୌରହରି ଦାସ ମାନଙ୍କ ସହିତ ଆହୁରି ଅନେକ ସାହିତ୍ୟିକ ଓଡିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିପାରିଛନ୍ତି, ସାହିତ୍ୟକୁ ସମାଜଧର୍ମୀ ଓ ପ୍ରତ୍ୟକ୍ଷଦର୍ଶୀ କରିଛନ୍ତି।

ଏହିପରି ଭାବରେ ରସ କଲ୍ଲୋଳିନୀ ଓଡିଆ ସାହିତ୍ୟ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ମୋଡ ନେଇଛି। ବିଭିନ୍ନ ବିଭାଗରେ ଓଡିଆ ସାହିତ୍ୟ ବଜାୟ ରଖିଛି ନିଜର ସ୍ୱାତନ୍ତ୍ର୍ୟ। ତଥାପି ବିଗତ କେତେ ବର୍ଷ ମଧ୍ୟରେ ସମାଜଗଠନରେ ସର୍ଜନାମୂଳକ ରଚନା ଦେଖିବାକୁ ବିରଳ। ମାନବ ବିଜ୍ଞାନ, ସମାଜ ବିଜ୍ଞାନ, ମନୋବିଜ୍ଞାନ, ଭାଷା ବିଜ୍ଞାନ କ୍ଷେତ୍ରରେ ସାହିତ୍ୟ ଊଣା ପଡିଯାଇଥିବା ପ୍ରତୀୟମାନ ହୁଏ। ଓଡିଆ ଭାଷାରେ ଉଚ୍ଚଶିକ୍ଷା ମାଧ୍ୟମ ବିନା ବିଜ୍ଞାନ, କାରିଗରୀ କିମ୍ବା ପ୍ରଯୁକ୍ତି ବିଦ୍ୟାର ସାହିତ୍ୟ ସୃଷ୍ଟି ହେବା ଅସମ୍ଭବ।

ତେଣୁ ଓଡିଆ ପ୍ରେମୀମାନେ ନିଜ ମାତୃଭାଷାର ସୁରକ୍ଷା ପାଇଁ ନୂଆ ରଣନୀତି ପ୍ରସ୍ତୁତ କରିବା ସମୀଚୀନ ମନେହୁଏ। ଯୁଗ ପରିବର୍ତ୍ତନ ହେବା ସହିତ ସରବରାହ ମାଧ୍ୟମ ନୂତନରୁ ନୂତନତର ହେଉଛି। ବିଶ୍ୱରେ ଭାଷା କ୍ଷେତ୍ରରେ କେନ୍ଦ୍ରୀକରଣ ହୋଇ ଭାଷା ପରିମାଣ ସୀମିତ ହେବାକୁ ବସିଥିବା ବେଳେ, ଓଡିଆ ସାହିତ୍ୟକୁ ପ୍ରୋତ୍ସାହନ ଦେବାକୁ ପାଠକ ମାନଙ୍କର ଅଭାବ ଦୁଃଖର ବିଷୟ। ବିନା ପାଠକରେ ସାହିତ୍ୟ ବଞ୍ଚିବା ସମସ୍ୟା ସହିତ ନୂତନ ପିଢି ମାତୃଭାଷାରୁ ଅନ୍ତର ହେବାର ଦୃଶ୍ୟ ଭବିଷ୍ୟତକୁ ଓଡିଆ ଭାଷା ପାଇଁ କଅଣ ରଖିଛି, ସମୟ ହିଁ କହିବ।

ବହୁ ଘାତ ପ୍ରତିଘାତରେ ତିଷ୍ଠି ରହିଥିବା ଏହି ପ୍ରାକୃତିକ ଐତିହାସିକ ଭିତିଭୂମିର ସମୃଦ୍ଧ ଭାଷା ନିଶ୍ଚିତ ନିଜର ସ୍ଥିତି ଉଚ୍ଚରୁ ଉଚ୍ଚତର କରିଚାଲିବ, ଏଥିରେ ସନ୍ଦେହର ଅବକାଶ ନାହିଁ। ସେଇ ସରବରାହ ମାଧ୍ୟମକୁ ବାହାନ କରି ଓଡିଆ ବିକଶିତ ଓ ପ୍ରସାରିତ ହେବ, ଏଥିରେ ଓଡିଆ ପ୍ରେମୀ ମାନଙ୍କର ପୂର୍ଣ୍ଣ ବିଶ୍ୱାସ ରହିଛି।

ପ୍ଲଟ-୧୩୬,
ଖାନ ନଗର, (ନେହେରୁ ବିଶ୍ୱ ଉଦ୍ୟାନ ସାମନା)
ପୋ-ବାଦାମବାଡି, କଟକ
ମୋ - ୯୪୩୮୬୫୬୮୦୦

●●●●



# ଓଡ଼ିଆଭାଷାର ଅସ୍ମିତା - ବ୍ୟାସାବତାର ସାରଳା ଦାସ

*ଦ୍ୱାରିକା ମୋହନ ମିଶ୍ର*

ଓଡ଼ିଆ ମାଟିର ମହାକବି ସାରଳା ଦାସ। ଜଣେ ନିରାଡମ୍ବର, ନିରଭିମାନ ନିର୍ମଳଚେତ କୃଷିଜୀବୀ ଓଡିଆ ଜାତିର ଇତିହାସରେ ଅଗ୍ରଗଣ୍ୟ ନେତୃତ୍ୱ ନେଇ ଭାଷା ସାହିତ୍ୟକୁ ନବ ପରିଚୟ ଦେଇଛନ୍ତି। ଉଦାହରଣ ନୁହେଁ, ସତକୁ ସତ ଗଢି ତୋଳିଛନ୍ତି ଓଡିଆ ଭାଷା ନିମନ୍ତେ ଏକ ସୁଦଢ଼ ଭିତ୍ତିଭୂମି। ମହାଭାରତର ବିଷୟବସ୍ତୁ ଓଡିଆ ରଙ୍ଗରେ ରଞ୍ଜିତ, ଓଡିଶା ଭୂଗୋଳରେ ଖଚିତ, ଓଡଆ ଜୀବନଧାରାରେ ପ୍ରାଣବନ୍ତ ହୋଇ ନୂତନ ରୂପ ପରିଗ୍ରହ କଲା। ସାରଳା ଦାସଙ୍କର ମହାଭାରତ ଏ ଜାତିକୁ ଦେଇଛି ଏକ ନୂଆ ଦିଗ୍ ଦର୍ଶନ। ଓଡିଶାର ଅନ୍ତରରୁ ଝରି ଆସିଛି ଭାଷାର ଏକ ନିର୍ଝରିଣୀ। ସେଇ ଜଳ ସ୍ରୋତରୁ ଉଚ୍ଛୁଳି ଉଠିଛି  ଓଡିଆ ମୌଳିକତା, ଆଧ୍ୟାତ୍ମିକତା ଓ ସାମାଜିକ ଚରିତ୍ରର କଲ୍ଲୋଳିନୀ। ପୁରାତନ ଓଡିଶା ରାଷ୍ଟ୍ର ତଥା ସାମ୍ରାଜ୍ୟରେ ସୃଷ୍ଟି କରିଛି ଓଡିଆ ଭାଷାର ପ୍ରକାଣ୍ଡ ପ୍ଲାବନ। ଗତିଶୀଳ ଓଡିଆ ଭାଷାର ଇତିହାସରେ ପ୍ରତିଷ୍ଠା ହୋଇଛି ଧ୍ରୁବତାରା ପରି କୀର୍ତ୍ତି। ଭାଷା ଗତିପଥର ମାଇଲ ଖୁଣ୍ଟ। ପଛରେ ଦେଖାଉଛି ପ୍ରାଚୀନ ଭାଷାର ସଂଚାର, ଶୈଶବ, ଓଡ୍ର ବିଭାଷାର ଭାଷା ବିନ୍ୟାସ, ଚର୍ଯ୍ୟା ସାହିତ୍ୟରେ ଓଡିଆର ପ୍ରାଧାନ୍ୟ, ସହସ୍ରାବ୍ଦର କୁମାରୀଗିରି ହାତୀଗୁମ୍ଫା ଲିଖନ ଅନୂଦିତ ଶବ୍ଦରେ ଓଡିଆ ଆଲୋକର କ୍ଷୀଣ ସ୍ୱାତନ୍ତ୍ର୍ୟ।

ଓଡିଆ ସାହିତ୍ୟର ଶୁଦ୍ରମୁନି ମା’ ସାରଳା ଠାକୁରାଣୀଙ୍କର ଜଣେ ବିନୀତ ଭକ୍ତ ଓ ସେବକ। ଜୀବନରେ ଦିବ୍ୟ ଶକ୍ତିର ଅଧିକାରୀ ହୋଇପାରିଥିଲେ। ଏହି ଦିବ୍ୟକୃପାରୁ ସୃଷ୍ଟି କରିଛନ୍ତି ଓଡିଆ ଆଧ୍ୟାତ୍ମିକ ଚେତନାର ଉଦ୍‌ଗୀତା। ମୂଳତଃ ନିଜର ଦୃଢ ସଂକଳ୍ପ।

ସୂର୍ଯ୍ୟବଂଶୀ ଗଜପତି କପିଳେନ୍ଦ୍ରଦେବଙ୍କ ରାଜୁତି କାଳରେ (୧୪୩୫-୧୪୬୬) ଓଡିଶା ଥିଲା ଗୋଟିଏ ସମୃଦ୍ଧ ରାଜନୈତିକ ଭୂଖଣ୍ଡ। ସେମିତି ମହତ୍ତ୍ୱପୂର୍ଣ୍ଣ ସମୟରେ ସାରଳା ଦାସ ଜଗତସିଂହପୁର ତିର୍ତ୍ତୋଲର ଝଙ୍କଡ ଗ୍ରାମରେ ଜନ୍ମ ହୋଇଥିଲେ। ମୂଳନାମ ତାଙ୍କର ସିଦ୍ଧେଶ୍ୱର ପରିଡା, ଛଦ୍ମନାମ ସାରଳା ଦାସ। ସେ ଓଡିଶାର ଆରାଧ୍ୟ ଦେବୀ ମା’ ସାରଳାଙ୍କର ସେବକ ଭାବରେ ନିଜକୁ ପରିଚିତ କରାଇଛନ୍ତି। ତଥ୍ୟଗତ ଭାବରେ ସିଏ କପିଳେନ୍ଦ୍ରଦେବଙ୍କ ସେନାବାହିନୀରେ କାର୍ଯ୍ୟ କରିଥିବା ଅନୁମାନ କରାଯାଏ।

ପଞ୍ଚଦଶ ଶତାବ୍ଦୀ ଓଡିଶାରେ କଥିତ ଭାଷାର ନିଜତ୍ୱ ଗଢି ଉଠିଥିଲା, ମାତ୍ର ଲିଖିତ ସାହିତ୍ୟ କେତେ ସମୃଦ୍ଧ ଥିଲା ତାହା କେବଳ ଅନୁମାନ ସାପେକ୍ଷ। ଏହି ସାଧକ ନିଜର ବୌଦ୍ଧିକ ବିକାଶ ପାଇଁ କେଉଁ ମାର୍ଗରୁ ଜ୍ଞାନଲାଭ କଲେ, ଆପାତତଃ କୌଣସି କଳ୍ପନାଶକ୍ତିର ବହିର୍ଭୁତ। ଜଣେ ସାଧାରଣ କୃଷକ ପରିବାରରେ ଜନ୍ମ ହୋଇଥିବାରୁ ଶିକ୍ଷା ମଧ ଓଡିଆ ଅକ୍ଷର ପଢିବା ଲେଖିବା ମଧ୍ୟରେ ସୀମିତ ହୋଇଥିବାର ଭାବନା ଆମ ମନକୁ ଆସିବା ନିଶ୍ଚିତ। ସେଇ ଜ୍ଞାନରେ ବିଶାଳ ମହାଭାରତର ଆୟ, ଓଡିଶା ଭୂଗୋଳର ବାୟବୀୟ ବିହଙ୍ଗାବଲୋକନ, ତଦାନୀନ୍ତନ ଓଡିଆ ସମାଜିକ ଚରିତ୍ରର ସମାଦର, ଓଡିଶା ରାଷ୍ଟ୍ରର ସାମରିକ ନୈପୁଣ୍ୟ ଦିବ୍ୟ ଅଲୌକିକତା ପରିପ୍ରକାଶ ବ୍ୟତୀତ ଆଉ କଅଣ ହୋଇପାରେ !

ସେ ସମୟର ସଂସ୍କୃତ କେବଳ ଦେବଭାଷା। ସମ୍ଭ୍ରାନ୍ତ ଓ ରାଜନ୍ୟବର୍ଗଙ୍କର ଆଦୃତ ଭାଷା। ସମାଜର ଆଦରର କଥିତ ଗୌରବମୟ ଭାଷା ବୋଲି ବିବେଚନା କରାଯାଇ ନପାରେ। ସାଧାରଣ ଲୋକ ଏହି ଭାଷା ଶିକ୍ଷା କରିବାର କୌଣସି ସୁଯୋଗ ନଥିଲା। କିନ୍ତୁ ଶୁଦ୍ରମୁନି ନିଶ୍ଚିତ ଅସାଧାରଣ ଧୀଶକ୍ତିସମ୍ପନ୍ନ, କାରଣ ନିଜେ କିପରି ସଂସ୍କୃତ ମହାଭାରତ ଆୟ□ କରିପାରିଲେ ?

କେଉଁ ବ୍ରାହ୍ମମୁହୂର୍ତ୍ତରେ ତାଙ୍କ ମନର ଅନୁକୋଣରେ ଭାବନା ସୃଷ୍ଟି ହେଲା ସିଏ କଥିତ ଓଡିଆ ଭାଷାରେ ମହାଭାରତ ନିଜ ଭାବରେ ରଚନା କରିବେ ? ପୁଣି ବର୍ଷ ବର୍ଷର ନିରବ ଅଧ୍ୟବସାୟ ବଳରେ ଅଧ୍ୟାୟ ପରେ ଅଧ୍ୟାୟ ରଚନା କରିବାର ସଂକଳ୍ପ କଲେ ? ତାଳପତ୍ର ପୋଥିରେ ଲୁହାର ଲେଖନୀରେ କେତେ କାଳ ଧୈର୍ଯ୍ୟର ସହିତ ଗୋଟି ଗୋଟି ଅକ୍ଷର ଯୁଟାଇ ଓଡିଆ ସମାଜ ପାଇଁ ଭାବମୟ କାବ୍ୟଟି ଲୋକାର୍ପଣ କରିବାର ଦୁର୍ବାର ମନୋବୃତ୍ତି ନେଲେ। ନମ ସେ ବ୍ରାହ୍ମମୁହୂର୍ତ୍ତ, ନମ ସେ ମାନସିକତା, ନମ ସେ ଅଧ୍ୟବସାୟ। ଆଜି

ଓଡ଼ିଆ ପ୍ରାଣ ସେଇ ସାରଳା ମହାଭାରତରେ ଅନୁପ୍ରାଣିତ, ଓଡ଼ିଆ ଜାତୀୟତାରେ ଉଦ୍‌ବୁଦ୍ଧ, ଓଡ଼ିଆ ଭାଷାରେ ସମୃଦ୍ଧ, ଅତୀତ ଓଡ଼ିଶା ସାମରିକତାରେ ବିମୁଗ୍ଧ ଆଉ ଏହି ଓଡ଼ିଆ କୃତିବଳରେ ସମ୍ମାନିତ।

ପଞ୍ଚଦଶ ଶତାବ୍ଦୀ ଭାରତର ଦୃଶ୍ୟପଟରେ ଭାରତବର୍ଷରେ ପ୍ରବେଶ କରି ସାରିଥିଲେ ତୁର୍କ ଆଫଗାନ୍ ମୁସଲମାନ୍ ଆକ୍ରମଣକାରୀ ମାନେ। ଅକ୍ତିଆର କରି ନେଇଥିଲେ ସମଗ୍ର ଉତ୍ତର ଓ ଆଂଶିକ ଦକ୍ଷିଣ ଭାରତ। କିନ୍ତୁ ଓଡ଼ିଶା ବଜାୟ ରଖିପାରିଥିଲା ନିଜର ରାଜନୈତିକ ସ୍ୱାତନ୍ତ୍ର୍ୟ, ସାଂସ୍କୃତିକ ପରିବେଶ। ଓଡ଼ିଶା ଉତ୍ତରରେ ବଙ୍ଗଳା ବିହାର ଶହ ଶହ ବର୍ଷ ଆଗରୁ ନବାବଙ୍କ କବଳିତ ହୋଇ ସାରିଥିଲା। କିନ୍ତୁ ଓଡ଼ିଶାର ଭୌଗୋଳିକ ସୀମା ଥିଲା ଆଗଙ୍ଗା ଗୋଦାବରୀ। କେତେକାଳ ଯାଏ ଆହୁରି ଦକ୍ଷିଣକୁ କୃଷ୍ଣାନଦୀ ପର୍ଯ୍ୟନ୍ତ ବା ତାଠାରୁ ଅଧିକ ବ୍ୟାପି ରହିଥିଲା। ତିନିଶହ ବର୍ଷ ପର୍ଯ୍ୟନ୍ତ ବୀର ଓଡ଼ିଆମାନେ ସ୍ୱାଧୀନତାର ଆଲୋକକୁ ପ୍ରଜ୍ୱଳିତ କରି ରଖିଥିଲେ। ବୀରତ୍ୱର ଗୌରବରେ ଗରୀୟାନ ହୋଇ ଏହି ବୀର ଓଡ଼ିଆମାନେ ଉତ୍ତରରେ ମୁସଲମାନ, ଦକ୍ଷିଣର ଆନ୍ଧ୍ର, ତାମିଲ, କର୍ଣ୍ଣାଟ ତଥା ଦକ୍ଷିଣର ମୁସଲମାନ୍ ମାନଙ୍କ ଆକ୍ରମଣକୁ ପ୍ରତିହତ କରି ଜାତିର ସ୍ୱାଭିମାନ ଓ ଟେକ ବଜାୟ ରଖିଥିଲେ।

ସେତେବେଳକୁ ଓଡ଼ିଶାରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର ଓ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ନିର୍ମିତ ହୋଇସାରିଥିଲା। ଦେଶରେ ଓଡ଼ିଶା ଅଦ୍ୱିତୀୟ କୀର୍ତ୍ତିରାଜିର ଅପୂର୍ବ ଶୋଭାର ଭଣ୍ଡାର ହୋଇ ସାରିଥିଲା। ଦୁଇଶହ ବର୍ଷ ପରେ, ଆଉରଙ୍ଗଜେବଙ୍କ ରାଜ ଦରବାରରୁ ପଳାୟନ କରିବା ସମୟରେ ଛତ୍ରପତି ଶିବାଜୀ ଓଡ଼ିଶା ଅତିକ୍ରମ କଲାବେଳେ, ଓଡ଼ିଶାକୁ 'ଦେବଭୂମି' ବୋଲି ଅଭିହିତ କରିଥିଲେ। ଓଡ଼ିଶାର ବିଶାଳ ବୈଚିତ୍ର୍ୟମୟ ଆରଣ୍ୟକ ସ୍ମୃତି ସୌଧ ତାଙ୍କୁ ମୁଗ୍ଧ ଓ ବିମୋହିତ କରିଥିଲା।

ଏସବୁ ଚମତ୍କାର ସମୃଦ୍ଧିର ପ୍ରତୀକ ହୋଇ ବି ଓଡ଼ିଆ ମାନେ ନିଜସ୍ୱ ସାହିତ୍ୟ କ୍ଷେତ୍ରରେ ପଛରେ ପଡ଼ି ଯାଇଥିଲେ। ଯାହା ଜଣାଯାଏ, ଓଡ଼ିଶାବାସୀ ସେମାନଙ୍କ ବିପୁଳ ମାନସିକ ଓ ଶାରୀରିକ ଶକ୍ତିକୁ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ପରଠାରୁ ମଗଧ ସମ୍ରାଟ ଅଶୋକଙ୍କ ଭଳି ଜଣେ ଦୁର୍ଦ୍ଧର୍ଷ ସମ୍ରାଜ୍ୟଲିପ୍ସୁ ଯୋଦ୍ଧାଙ୍କ ସହିତ ଯୁଦ୍ଧ କରିବାରେ ବିନିଯୋଗ କରି କ୍ଲାନ୍ତ ଓ ନଷ୍ଟଭ୍ରଷ୍ଟ ହୋଇଯାଇଥିଲେ। ଖୁବ୍ କମ୍ ବର୍ଷ ଶାନ୍ତିରେ ଅତିବାହିତ କରି ଓଡ଼ିଆମାନେ ପୁରୀ, ଭୁବନେଶ୍ୱର, କୋଣାର୍କ ଭଳି ମହାନ୍ କଳା-କୀର୍ତ୍ତି ପ୍ରତିଷ୍ଠା କରିବା ଦ୍ୱାରା ସେମାନଙ୍କ ହୃତ-ଗୌରବ ଫେରି ଆସିପାରିଥିଲା। ସାହିତ୍ୟ ସୃଷ୍ଟିର ଅବକାଶ ସେତେବେଳେ ନଥିଲା, କାରଣ ଯୁଦ୍ଧ ଓ ଦେବୋପାସନା ରାଜ୍ୟର ସମସ୍ତ ଶକ୍ତି ଓ ଚିନ୍ତାଧାରାକୁ ନିଃଶେଷ କରିଦେଇଥିଲା।

ରାଜ୍ୟର ବିଭିନ୍ନ ମନ୍ଦିର ଗାତ୍ରରେ ଖୋଦିତ ଶିଳାଲିପି ବା ବ୍ରାହ୍ମଣମାନଙ୍କୁ ଦିଆଯାଇଥିବା ଉପହାର ବା ଦାନ ସମ୍ପର୍କିତ ଫଳକକୁ ଛାଡ଼ିଦେଲେ, ସେ ସମୟରେ ଓଡ଼ିଆ ଭାଷାରେ ଲିଖିତ ଅଳ୍ପକିଛି ଲୋକଗୀତ ବ୍ୟତୀତ ସାହିତ୍ୟ ବୋଲି କିଛି ନଥିଲା। ସେହି ଲୋକଗୀତ ଗୁଡ଼ିକରେ ବିଭିନ୍ନ ଋତୁ ବର୍ଣ୍ଣନା ଦେଖିବାକୁ ମିଳେ ବା ରାମ କୃଷ୍ଣଙ୍କ ଜୀବନର କେତେଗୁଡ଼ିଏ ସରଳ ଉପାଖ୍ୟାନର ବର୍ଣ୍ଣନା ଦେଖିବାକୁ ମିଳେ।

ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ, ଓଡ଼ିଶା ପରି ଦେବଭୂମିରେ କଳା ଓ ସ୍ଥାପତ୍ୟ ପ୍ରତିଫଳିତ କରୁଥିଲା ତଦାନୀନ୍ତନ ସମୟର ଯୁଦ୍ଧର ଚିତ୍ର, ସେନାବାହିନୀର ରଣହୁଙ୍କାର, ଆକ୍ରମଣକାଳୀନ ଚିତ୍ର ସହିତ ମାନବିକ ପ୍ରେମ ଓ ପ୍ରଣୟର ଚିତ୍ର। ସେଗୁଡ଼ିକ ଅତି ଜୀବନ୍ତ, ଚିତ୍ତାକର୍ଷକ ଏବଂ ଗୋଟିଏ ବୀର ଜାତିର ଆତ୍ମ ପରିଚୟ। ତାହା ଆଜି ଉପାସନା ପୀଠ ମାନଙ୍କରେ ଅସମୀଚୀନ ମନେହେଉଛି।

ଓଡ଼ିଆ ସାହିତ୍ୟର ପ୍ରାଚୀନ ଯୁଗରେ ଅନ୍ୟାନ୍ୟ ସାହିତ୍ୟିକ ମାନଙ୍କ ମଧ୍ୟରୁ ସାରଳା ଦାସ ନିଜ ସମ୍ପର୍କରେ କେତେ ବିଶ୍ୱାସ ଯୋଗ୍ୟ ଚିତ୍ର ଛାଡ଼ି ଦେଇଯାଇଛନ୍ତି। ସିଏ ନିଜ ଜନ୍ମମାଟି, ନିଜ ରାଜ୍ୟ ଓ ଉପାସନା କରୁଥିବା ଦେବୀ ମା' ସାରଳାଙ୍କ ପାଇଁ ଗର୍ବ ଅନୁଭବ କରୁଥିଲେ। ସେ ଯେଉଁ ଗାଁରେ ଜନ୍ମ ହୋଇ ଜୀବନ କଟାଇଥିଲେ, ଯେଉଁ ନଈରେ ପ୍ରତିଦିନ ସ୍ନାନ କରୁଥିଲେ, ରାଜା କପିଳେନ୍ଦ୍ରଦେବଙ୍କର ବିଜୟ ଗୌରବ ମଣ୍ଡିତ ସେନାବାହିନୀର ଜଣେ ସୈନିକ ଭାବରେ ଯେଉଁ ସ୍ଥାନଗୁଡ଼ିକୁ ପରିଦର୍ଶନ କରିଥିଲେ, ସେ ସବୁର ବିବରଣୀ ତାଙ୍କର ପ୍ରଖ୍ୟାତ ଲେଖନୀରୁ ନିସୃତ ଓଡ଼ିଆ ମହାଭାରତରେ ଜ୍ଞାନ ଗଙ୍ଗା ହୋଇ ଅମର। ଓଡ଼ିଶାର ସେଇ ଅଳ୍ପଶିକ୍ଷିତ ଚାଷୀ ପୁଅ କିପରି ମୂଳ ସଂସ୍କୃତ ମହାଭାରତ ଭିତରକୁ ପ୍ରବେଶ କରି ନିଜର ଅଦ୍ଭୁତ କଳ୍ପନା ଶକ୍ତି ବଳରେ ନିଜ ଶୈଳୀରେ ସାଧାରଣ ଓଡ଼ିଆ ଲୋକମାନଙ୍କର ବୋଧଗମ୍ୟ ହେବାଭଳି କଥିତ ଭାଷାରେ ରଚନା କରି ପାରିଥିଲେ। ତାଙ୍କ ଜାତି, ବର୍ଣ୍ଣ, ଶିକ୍ଷା ଓ ଆର୍ଥିକ ଅବସ୍ଥାକୁ ବିବେଚନା କଲେ, ଏହି ଓଡ଼ିଆ ମହାଭାରତ ଏକ ସାର୍ଥକ ଅବଦାନ, ମାତୃଭାଷାକୁ ଋଦ୍ଧିମନ୍ତ କରିବାର ଏକ ବିଶାଳ ସୌଧ।

ଏହି ଦେଶୀୟ କବିଙ୍କର ଅସାଧାରଣ କାବ୍ୟକୃତି ନିଃସନ୍ଦେହରେ ପ୍ରମାଣିତ କରିଦେଇଛି ଯେ, ଓଡ଼ିଆ ଭାଷାରେ ମଧ୍ୟ ସଂସ୍କୃତ ଭାଷା ଭଳି ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟିର ପର୍ଯ୍ୟାପ୍ତ ଉପାଦାନ ଭରି ରହିଛି। ସାରଳା ଦାସ ନିଜ ମହାଭାରତରେ ଗଢ଼ି କରିଥିବା ଶୁଦ୍ଧ ଓଡ଼ିଆ ଭାଷାର ମାର୍ଗ ପ୍ରଦର୍ଶକ। ଏହା ପର ପିଢ଼ିର ଅନେକଙ୍କୁ ସାହିତ୍ୟର ଏହି ପଥରେ ଅଗ୍ରସର ହେବାର ପ୍ରେରଣା ଦେଇଛି। ସାରଳାଙ୍କ ମହାଭାରତରେ ବିଶୁଦ୍ଧ ଓଡ଼ିଆ ଭାଷାରେ ରଚନା ହୋଇଥିଲେ ହେଁ, ଉପାଖ୍ୟାନର ଆବଶ୍ୟକତା ଅନୁସାରେ କେତେକ ସଂସ୍କୃତ ଶବ୍ଦର

ପ୍ରୟୋଗ କରାଯାଇଛି । ପାଠକର ବୋଧଗମ୍ୟତା ପାଇଁ କବିଙ୍କର ପଦ୍ଧତି ତାଙ୍କର ବିଚକ୍ଷଣ ବୁଦ୍ଧିମତ୍ତାର ପରିଚୟ ମିଳେ ।

ସାରଳା ମହାଭାରତ ଯୁବ କବିଙ୍କର କୃଷି ଓ ସାମରିକ କଳାରେ ଗଭୀର ପାରଦର୍ଶିତାର ବାର୍ତ୍ତା ବହନ କରେ । ଏହି କାବ୍ୟରେ କବିଙ୍କର ବିଭିନ୍ନ ସମରସଜା ଓ ଯୁଦ୍ଧକାଳୀନ ଦୃଶ୍ୟର ବର୍ଣ୍ଣନା ବେଶ୍ ଜୀବନ୍ତ ଓ ମର୍ମସ୍ପର୍ଶୀ ।

ଏହି ମହାଭାରତରେ ଆସନ୍ନ ମୃତ୍ୟୁ ଅପେକ୍ଷାରେ ଶରଶଯ୍ୟାରେ ଶାୟିତ ଭୀଷ୍ମ ପିତାମହ ନୂଆ ରାଜା ଯୁଧିଷ୍ଠିରଙ୍କୁ ପ୍ରଶାସନର ମୌଳିକ ନୀତି ନିୟମ ଉପରେ ଦେଇଥିବା ଉପଦେଶାବଳୀ କୃଷିଜୀବୀମାନଙ୍କର କଲ୍ୟାଣ ଉପରେ ଅଧିକ ଗୁରୁତ୍ୱ ଆରୋପ କରିଥିବା ଦେଖିବାକୁ ମିଳେ । କବିଙ୍କ ମତରେ କୃଷି ଓ କୃଷକ ରାଷ୍ଟ୍ରର ମୂଳଦୁଆ । ସେ ଭୀଷ୍ମଙ୍କ ମୁଖରୁ କୃଷକ ମାନଙ୍କ ଚାଷଜମିର ପରିମାଣ ନିର୍ଦ୍ଧାରଣ କରିବାରେ ରାଷ୍ଟ୍ରର କର୍ମଚାରୀମାନେ କେଉଁ ମାପଦଣ୍ଡ ବ୍ୟବହାର କରିବେ ଏବଂ ଅମଳ ହୋଇଥିବା ଫସଲରେ କୃଷକଙ୍କ ଅଂଶ ସ୍ଥିର କରିବାକୁ କେଉଁ ଧାନ ମାପ ବ୍ୟବହାର କରିବେ ସେ କଥା ମଧ୍ୟ କୁହାଇଥିଲେ । ସାତ ଶତାବ୍ଦୀ ପୂର୍ବରୁ ଲେଖକ ଓ କଳାକାର ମାନଙ୍କୁ କିପରି ଭାବରେ ସମ୍ମାନିତ ଓ ପୁରସ୍କୃତ କରାଯିବ, ତାହାର କବି କଳ୍ପନା କୁଳବୃଦ୍ଧ ରାଷ୍ଟ୍ରନୀତିଜ୍ଞ ଭୀଷ୍ମଙ୍କ ମୁଖ ନିସୃତ ମର୍ମସ୍ପର୍ଶୀ ଭାଷାରେ ବର୍ଣ୍ଣନା କରିଥିଲେ –

> "ସର୍ବୋପରି, ହେ ରାଜା, ତୁମେ ଜାଣ ଓ ମନେରଖ ଯେ, ତୁମ ରାଜ୍ୟର ସବୁ ପ୍ରତିଭାବାନ ବ୍ୟକ୍ତିଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରିବାକୁ ଭୁଲିବ ନାହିଁ ଏବଂ ଆହୁରି ମନେରଖ ଯେ ବିଶେଷ କରି ତୁମ ରାଜ୍ୟର କବିମାନଙ୍କୁ ଉପହାର ଓ ପୁରସ୍କାର ଦେବାରେ ଆଦୌ କାର୍ପଣ୍ୟ ପ୍ରକାଶ କରିବନାହିଁ ।"

ସାରଳା ଦାସ ଅନୁନ୍ନତ ଓ ଅବହେଳିତ ଜନଗୋଷ୍ଠୀଙ୍କ ପ୍ରତି ସମ୍ବେଦନଶୀଳତା ପ୍ରଦର୍ଶନ କରିଛନ୍ତି । ରାଜନୀତି ବା ଶାସନକଳାର ସହଜାତ ଦୂରଦୃଷ୍ଟି ସମ୍ପନ୍ନ କବିଙ୍କର କୃଷି ବ୍ୟାପାର ଓ ଓଡିଶାର ଆଦିବାସୀ ସମ୍ପ୍ରଦାୟ ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା । ତେଣୁ ସେ ଓଡିଶାରେ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ସଂକ୍ରାନ୍ତ ଏକ କିମ୍ବଦନ୍ତୀକୁ ଅତ୍ୟନ୍ତ ସରଳ ବିଶ୍ୱାସ ଓ ଏକ ଆଦର୍ଶ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟ ନେଇ ସୃଷ୍ଟି କରିଥିବା ମନେହୁଏ । ତାଙ୍କ ବର୍ଣ୍ଣିତ ଉପାଖ୍ୟାନରେ ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ନାଭିକମଳ ଘଟଣାକ୍ରମରେ ପୁରୀ ଶ୍ରୀମନ୍ଦିର ଠାରେ ଶ୍ରୀଜଗନ୍ନାଥଙ୍କ ରୂପରେ ଉପାସିତ ହେଉଥିଲେ । ସେହି ବର୍ଣ୍ଣନାରୁ ଜଣାଯାଏ ସିଏ ଆଜିଠାରୁ ସାତ ଶତାବ୍ଦୀ ପୂର୍ବରୁ ଆଦିବାସୀ ସମାଜ ଓ ସଂସ୍କୃତି ପ୍ରତି କେତେ ଉଦାର ମନୋଭାବ ପୋଷଣ କରୁଥିଲେ ।

ସାରଳା ମହାଭାରତରେ ବର୍ଣ୍ଣିତ କିମ୍ବଦନ୍ତୀ ଅନୁସାରେ ସାରା ଓଡିଶାରେ ଏହା ସାର୍ବଜନୀନ ଭାବେ ଗ୍ରହଣ କରି ନିଆଯାଇଛି ଯେ ଶ୍ରୀକୃଷ୍ଣଙ୍କ ମର ଶରୀରକୁ ଦ୍ୱାରକାର ସମୁଦ୍ର କୂଳରେ ଦାହ କରା ଯାଇଥିବା ସ୍ଥାନରେ ତାଙ୍କ ନାଭି ମଣ୍ଡଳ କଳା ପଡି ଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଦଗ୍ଧ ହୋଇ ନଥିଲା । ସେହି ଅର୍ଦ୍ଧଦଗ୍ଧ ଭାସମାନ ନାଭିମଣ୍ଡଳ ସମଗ୍ର ଉପମହାଦେଶର ସମୁଦ୍ର ଉପକୂଳ ଅତିକ୍ରମ କରି ପହଞ୍ଚିଲା ମହୋଦଧି ପୁରୀ କୂଳରେ । ପୂର୍ବରୁ ପୁରୀ ସମୁଦ୍ର କୂଳବର୍ତ୍ତୀ ସ୍ଥାନରେ ଗୋଟିଏ ନଦୀ ପ୍ରବାହିତ ହେଉଥିଲା । ସେହି ନଦୀ ସ୍ରୋତରେ ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ନାଭିର ଅସ୍ଥିଟିକୁ ଜରା ଶବର ଠାବ କରି ତାକୁ ଯତ୍ନର ସହିତ ଆଣି ପାରମ୍ପରିକ ରୀତିରେ ନିଜେ ଉପାସନା କରିବାକୁ ଲାଗିଲା । ବହୁ ଯୁଗ ବିତି ଯିବା ପରେ ସେହି ପ୍ରସ୍ତରୀଭୂତ ନାଭିମଣ୍ଡଳ ଶବରମାନଙ୍କର ଆଦିଦେବତାରେ ପରିଣତ ହୋଇଗଲେ ଏବଂ ଜରା ଶବରର ବଂଶଧରମାନେ ତାକୁ ଯଥାରୀତି ପୂଜା କଲେ ।

ଇତି ମଧ୍ୟରେ ବର୍ତ୍ତମାନ ଆନୁମାନିକ ଭାବେ ଗୁଜରାଟର ପ୍ରଖ୍ୟାତ ରୁଦ୍ରଦମନ ବୋଲାଉଥିବା ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନ ପୃଥିବୀରେ ବିଷ୍ଣୁ ଉପାସନାର ସଂକଳ୍ପ କରି ବିଷ୍ଣୁଙ୍କର ଏକ ପ୍ରକୃତ ବିଗ୍ରହକୁ ଠାବ କରିବା ପାଇଁ ଭାରତର ସବୁ ଅଞ୍ଚଳକୁ ଦୂତ ପ୍ରେରଣ କଲେ । ସେହି ଉଦ୍ଦେଶ୍ୟରେ ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣଙ୍କୁ ପୂର୍ବା□ଳକୁ ପ୍ରେରଣ କରିଥିଲେ ।


ବିବାହିତ ହୋଇଥିଲେ ମଧ୍ୟ ବ୍ରାହ୍ମଣ ବିଦ୍ୟାପତି ଶବର ରାଜା ବିଶ୍ୱାବସୁଙ୍କର କନ୍ୟାକୁ ବିବାହ କରିବାକୁ ପଡିଥିଲା କାରଣ ସେ ଶୁଣିବାକୁ ପାଇଲେ ଶବରରାଜ କୌଣସି ଅଜ୍ଞାତ ଗୁପ୍ତ ସ୍ଥାନରେ ନୀଳମାଧବ ମୂର୍ତ୍ତି ରଖି ପୂଜା କରୁଛି । ସେ ଶବରକୂଳ ସେମାନଙ୍କର ଆଦି ଦେବତାଙ୍କ ଗୁପ୍ତ ରହସ୍ୟକୁ ସୁରକ୍ଷିତ ରଖିବା ପାଇଁ ଜୀବନକୁ ବାଜି ଲଗାଇ ଭୟଙ୍କର ହୋଇପାରିବାର ଭୟ ରହିଛି । ତାଙ୍କର ନୂତନ ଆଦିବାସୀ ଧର୍ମପତ୍ନୀଙ୍କ ସରଳତା ଓ ବିଶ୍ୱାସର ସୁଯୋଗ ନେଇ ସେ ଭଗବାନ ବିଷ୍ଣୁଙ୍କ ପାର୍ଥିବ ପ୍ରତିମା ଶ୍ରୀନୀଳମାଧବଙ୍କୁ ଆବିଷ୍କାର କଲେ । ଦିବ୍ୟ ଜ୍ୟୋତିରେ ଝଟକୁଥିବା ସେହି ଭୁବନମୋହନ ବିଷ୍ଣୁଙ୍କ ପ୍ରତିମୂର୍ତ୍ତିକୁ ସ୍ୱଚକ୍ଷୁରେ ଦର୍ଶନକଲେ । ଏହି ବିଷ୍ଣୁ ପ୍ରତିମାଙ୍କ ଆବିର୍ଭାବ ଏବଂ ତାହା ସେଠାକୁ କିପରି ଆସିଲେ ସବୁ ବିଷୟରେ ସେ ଟିକିନିଖି ବିରଣୀ ସଂଗ୍ରହକଲେ । ଭଗବାନ ବିଷ୍ଣୁଙ୍କର ସାକ୍ଷାତ ପ୍ରତିମା ଅନ୍ୱେଷଣର ଅନିଶ୍ଚିତ ଦୀର୍ଘ ଯାତ୍ରାର ଅନ୍ତହେଲା ।

ଶବରରାଜ ବିଶ୍ୱାବସୁ କନ୍ୟା ଲଳିତାଙ୍କ ପ୍ରଣୟ ପାଶରେ ଆବଦ୍ଧ ହୋଇ ତାଙ୍କୁ ବିବାହ କରିବାପରେ ତା'ରି ସହାୟତାରେ ନୀଳମାଧବ ମୂର୍ତ୍ତିଟିକୁ କୌଣସିମତେ ପୁରୀ ନେଇ ଆସିବାପାଇଁ ଯୋଜନା ପ୍ରସ୍ତୁତ ହେଲା । ଅଳ୍ପଦିନ ମଧ୍ୟରେ ବିଦ୍ୟାପତି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସାଥିରେ ଧରି ସୈନ୍ୟସାମନ୍ତଙ୍କ ସହ ଆସି ନୀଳମାଧବ ମୂର୍ତ୍ତିକୁ ବଳ ପ୍ରୟୋଗ

କରି ପୁରୀ ନେଇଯିବା ପାଇଁ ଶବରପଲ୍ଲୀକୁ ଘେରାଉ କଲେ। କିନ୍ତୁ ହଠାତ୍ ଆଶ୍ଚର୍ଯ୍ୟଜନକ ଭାବେ ନୀଳମାଧବଙ୍କ ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ସ୍ୱପ୍ନରେ ରାଜାଙ୍କୁ ଦେଖାଦେଇ ଜଣେ ପରମ ବିଷ୍ଣୁ ଭକ୍ତଙ୍କୁ ଅପମାନିତ କରିଥିବା ଯୋଗୁଁ ତାଙ୍କୁ ଭର୍ତ୍ସନା କଲେ।

ଅନୁତପ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ପୁଣି ନିଷ୍ପାପର ଭାବେ ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ଠାକୁର ସନ୍ତୁଷ୍ଟ ହୋଇ ସ୍ୱପ୍ନରେ କହିଲେ ବର୍ତ୍ତମାନ ସେହି ନୀଳମାଧବ ମୂର୍ତ୍ତି କାଠଗଣ୍ଡି ଆକାରରେ ପୁରୀ ନିକଟବର୍ତ୍ତୀ ସମୁଦ୍ରରେ ଭାସୁଛନ୍ତି ଏବଂ ତାଙ୍କୁ ଆଣି ପୂଜା କର।

କାଠଗଣ୍ଡିଟି ସ୍ୱପ୍ନାଦେଶାନୁସାରେ ସମୁଦ୍ରରେ ମିଶିଥିବା ନଦୀମୁହାଣରେ (ବାଙ୍କି ମୁହାଣରେ) ଭାସୁଥିବା ଦେଖାଗଲା, କିନ୍ତୁ ଗଣ୍ଡିଟିର ଓଜନ ଏତେ ଭାରି ହୋଇଥିଲା ଯେ ରାଜାଙ୍କର ସବୁ ସୈନ୍ୟବଳ ତାକୁ ଉଠାଇ ଆଣିପାରିଲେ ନାହିଁ। ରାଜା ଇନ୍ଦ୍ରଦ୍ୟୁମ୍ନ ପୁଣି ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି ସ୍ୱପ୍ନାଦିଷ୍ଟ ହେଲେ ଯେ, ମୋର ବିଗ୍ରହକୁ ବାହୁବଳରେ ବା କୌଣସି ରାଜକୀୟ ସଂପଦ ବଳରେ ଉଠା ଯାଇ ପାରିବନାହିଁ। ମୋତେ ଯେଉଁଭଳି ଶ୍ରଦ୍ଧାରେ ଓ ଆନ୍ତରିକ ଭକ୍ତି ସହ ଖାଲି ଛୁଇଁଦେଲେ ମୁଁ ଉଠିଯିବି। ତେଣୁ ଗୋଟିଏ ପାଖରେ ତୁମର ବ୍ରାହ୍ମଣ ମନ୍ତ୍ରୀ ବିଦ୍ୟାପତି ଓ ଅନ୍ୟ ପାଖରେ ମୋର ପରମ ଭକ୍ତ ଶବରରାଜ ଆସି ମୋତେ ଖାଲି ଛୁଇଁଦେବେ ମୁ ସହଜରେ ଉଠିଯିବି। ଏହାହିଁ ସନାତନ ଧର୍ମର ଆଦର୍ଶ। ବ୍ରାହ୍ମଣ ଓ ଶବର ଭେଦରେ ଭକ୍ତିର ଭେଦାଭେଦ ନଥାଏ। ଭକ୍ତି ଦୃଷ୍ଟିରେ ଜାତି, ବର୍ଣ୍ଣର ବିଚାର ନଥାଏ।



ଶୁଦ୍ରମୁନି ସାରଳା ଦାସ ନିଜର ଏକନିଷ୍ଠ ଭକ୍ତି ଓ ସାଧନା ବଳରେ ତାଙ୍କ ରଚିତ ମହାଭାରତରେ ଏହି ବର୍ଣ୍ଣନା କରିଛନ୍ତି। ସେ ଥିଲେ ବିନମ୍ରତାର ମୂର୍ତ୍ତିମନ୍ତ ପ୍ରତୀକ। ସେ କେବେ ଭୁଲିଯାଇ ନଥିଲେ ଯେ ସେ ସ୍ତରୀଭୂତ ସମାଜର ନୀଚ ଶ୍ରେଣୀର ଲୋକ, କିନ୍ତୁ ତାଙ୍କର ଅନ୍ତର୍ନିହିତ ଭାବମୟ ଶକ୍ତି ଅଦମନୀୟ ଥିଲା। ନିଜ ଜ୍ଞାନର ପରିସର ମଧ୍ୟରେ ଭାବନା ଓ ଭାଷାର ସମନ୍ୱୟରେ ଯେଉଁ ମହାଭାରତୀୟ ଓଡିଆ ପରମ୍ପରା କରିଦେଇଛନ୍ତି, ତାହା ଯୁଗ ଯୁଗର ଓଡିଆ ଜୀବନର ମୁଖ୍ୟ ସ୍ରୋତକୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରିବା ସହିତ ସାହିତ୍ୟଧାରାରେ ଧ୍ରୁବତାରା ସଦୃଶ ରହିଥିବ, ଏଥିରେ ଟିକିଏ ଦ୍ୱିମତ ହେବାର ଅବକାଶ ନାହିଁ।

ସାରଳା ଦାସ କେବଳ ମାଆ ସାରଳାଙ୍କ କୃପାରୁ ଏତେ ବଡ ପ୍ରତିଭାର ଅଧିକାରୀ ହୋଇପାରିଥିଲେ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି। ଝଙ୍କଡବାସିନୀ ମା' ସାରଳା ଆମ ଦେଶର ପୂର୍ବାଞ୍ଚଳରେ ପ୍ରସିଦ୍ଧ ଦେବୀ। ମାଆ ତାଙ୍କୁ ସ୍ୱପ୍ନରେ ଯାହା ବତାଇ ଦିଅନ୍ତି ଜଣେ ମୂର୍ଖ ଓ ଅଜ୍ଞ ସେବକ କେବଳ ନିମିତ୍ତ ମାତ୍ର ହୋଇ ସେ ଆସନ୍ତାକାଲି ସେତିକି ପ୍ରକାଶ କରିଥାନ୍ତି ବୋଲି କବି ବାରମ୍ବାର ପ୍ରକାଶ କରିଛନ୍ତି, ଠିକ୍ ସେହିପରି ତାଙ୍କର ଚାରିଶହ ବର୍ଷ ପରେ ମହାନ୍ ନିରକ୍ଷର ରାମକୃଷ୍ଣ ପରମହଂସ ଅବଚେତନ ଅବସ୍ଥାରେ ପ୍ରଜ୍ଞାର ଅମୂଲ୍ୟ ମୁକ୍ତାଗୁଡିକୁ ଚତୁର୍ଦ୍ଦିଗକୁ ବିଚ୍ଛୁରିତ କରିବା ପରି ବାରମ୍ବାର କହି ଚାଲିଥିଲେ। ଦୈବୀଶକ୍ତିର ଅବତାରଣା !

ସାରଳା ଦାସ ତାଙ୍କ ମହାଭାରତରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି, "ମା' ସାରଳା ମୋ ପ୍ରତି ପ୍ରସନ୍ନ ହୋଇ ସ୍ୱପ୍ନରେ ଯାହା ସବୁ ପଦ ଡାକୁଥିଲେ, ମୁଁ ତାହାହିଁ ଲେଖିଛି। ମୋର ଏଥିରେ ନିଜର କିଛି କୃତିତ୍ୱ ନାହିଁ। ମୁଁ ଜଣେ ଅଶିକ୍ଷିତ ଚାଷୀ, ମୋର ବେଦବିଧି ସଂକ୍ରାନ୍ତ କି ସାହିତ୍ୟ-ଭାଷା-ବ୍ୟାକରଣ ସଂକ୍ରାନ୍ତ କିଛି ଜ୍ଞାନ ନାହିଁ। ମୁଁ ମୋର ମାଟିର ମଣିଷ, ମା'ର ମୁହଁରୁ ଶୁଣିଥିବା ଭାଷାରେ ଏହି ଗ୍ରନ୍ଥ ରଚନା କରିଛି।"

ଏହା କବିଙ୍କର ବିଶାଳ ହୃଦୟର ଗର୍ବହୀନ ସରଳ ଉପକ୍ରମ ହୋଇପାରେ, ତାଙ୍କ ମାନସପଟରେ ଯେଉଁ ଭାବଗର୍ଭକ ମହାଭାରତର ଲୀଳା ଖେଳି ଯାଉଥିଲା, ସିଏ ତାକୁ ଆଧ୍ୟାତ୍ମିକ ଭାବଧାରାରେ ଦେବୀ ସାରଳାଙ୍କୁ ଉତ୍ସର୍ଗ କରିଛନ୍ତି, ଏଥିରେ କିଛି ସନ୍ଦେହର ଅବକାଶ ନାହିଁ।

ସାରଳା ମହାଭାରତ ବିଗତ ସାତଶହ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି କୋଟି କୋଟି ଓଡିଆ ମନ ଓ ପ୍ରାଣକୁ ଜୟ କରିଆସିଛି ଏବଂ ଏବେବି ଜନମାନସରେ ଆଲୋଡନ ସୃଷ୍ଟି କରୁଛି। ଭାରତର ପୁଣ୍ୟଭୂମି ଓଡିଶାର ଧର୍ମ ପରମ୍ପରାରେ ସାରଳା ଦାସ ଜଣେ ସନ୍ଥ କବି ଭାବେ ଦ୍ୱିତୀୟ ବ୍ୟାସାବତାର ସଦୃଶ କାଳକାଳକୁ ସ୍ମରଣୀୟ ହୋଇ ରହିଥିବେ।

*ଗଜପତି ନଗର, ଭୁବନେଶ୍ୱର-୫,*
*ମୋ - ୯୪୩୭୦୬୦୭୦୩*

••••

# ସାହିତ୍ୟରେ 'ଗଣ' ଓ 'ଜଣ' ପ୍ରସଙ୍ଗକ୍ରମେ ଓଡ଼ିଆ ଜାତିର ଆତ୍ମ-ପ୍ରତ୍ୟୟ ସମୀକ୍ଷା

*ଡ଼. ଶ୍ରୀକାନ୍ତ ମହାନ୍ତି*

କୌଣସି ଜାତିର ଆତ୍ମ-ପ୍ରତ୍ୟୟକୁ ନିର୍ଦ୍ଦେଶ କଲାଭଳି କିଛି ଶବ୍ଦମାନଙ୍କୁ ପ୍ରଥମେ ନିଆଯାଇ ପାରେ। ଯଥା: ଅସ୍ମିତା, ସ୍ୱାଭିମାନ, ଆତ୍ମ-ଗୌରବ, ଆତ୍ମ-ପ୍ରତ୍ୟୟ, ଆତ୍ମ-ପରିଚୟ, ଇତ୍ୟାଦି... ଏହି ଶବ୍ଦଗୁଡ଼ିକ ସମ ଅର୍ଥବୋଧକ ନୁହଁନ୍ତି। 'ସ୍ୱାଭିମାନ' ଏବଂ 'ଅସ୍ମିତା' ଶବ୍ଦର ଅର୍ଥ ଖୁବ୍ ପାଖାପାଖି ହେଲେ ମଧ୍ୟ ଶବ୍ଦ ଦୁଇଟି ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି। 'ସ୍ୱାଭିମାନ' ଶବ୍ଦଟି ଏକ ବ୍ୟକ୍ତି ଚରିତ୍ରର ଗୁଣ ହୋଇଥିବା ବେଳେ, 'ଅସ୍ମିତା' ଶବ୍ଦଟି ଗୋଟିଏ ଜାତି, ଗୋଷ୍ଠୀ (community) ପ୍ରତି ପ୍ରଯୁଜ୍ୟ। ଅନେକ ସମୟରେ ସ୍ୱାଭିମାନୀ ବ୍ୟକ୍ତି ଟି ନିଜର ଗୁଣାବଳୀକୁ ଜନ ସମୀପରେ ସାବ୍ୟସ୍ତ କରିପାରେ ନାହିଁ। ସ୍ୱାଭିମାନୀ ବ୍ୟକ୍ତି ଅନେକାଂଶରେ ଲାଜକୁଳା। ସାମାନ୍ୟ ଦ୍ୱନ୍ଦ୍ୱ, କଳହ, ସାମ୍ନାକୁ ଆସିଲେ ସେ ନିଜ ଭିତରେ ଆଶ୍ରୟ ଲୋଡ଼ିଥାଏ। ଇଂରାଜୀ ଶବ୍ଦ intravertedness ଏହି ଅବସ୍ଥାର ପାଖାପାଖି। ଗୋଟିଏ ଜାତିର ସ୍ୱାଭିମାନ କଥା ଉଠିଲା ବେଳେ, ପ୍ରାରମ୍ଭରୁ ଏହା ସୂଚିତ ହେଉଛି ଯେ, କୌଣସି ସ୍ୱାଭିମାନୀ ଜାତି ନିଜର ସ୍ୱାତନ୍ତ୍ର୍ୟ (ବିଶିଷ୍ଟ ଗୁଣାବଳୀ ଏବଂ ଗର୍ବ ଗୌରବର ଗାଥା)କୁ ସାବ୍ୟସ୍ତ କରିବାକୁ ଏ'ପର୍ଯ୍ୟନ୍ତ ସମର୍ଥ ହୋଇନାହିଁ। ଏହା ଏକ ଗୋଷ୍ଠୀ କିମ୍ବା ଜାତିର ମାନସିକତା – କୌଣସି ଜାତିର ସାମୂହିକ ଅବଚେତନରେ (collective psyche)ଏହା ନିହିତ। ଓଡ଼ିଆ ଜାତିର ସ୍ୱାଭିମାନ କଥା ଉଠିଲାବେଳେ, ଏହା ସ୍ପଷ୍ଟ ହେଉଛି ଯେ, ତା'ର ଯଦି ସ୍ୱାଭିମାନ ଅଛି, ବୁଝିବାକୁ ହେବ ଯେ, ସେ ଜାତି ଅନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ନିଜ ଡେଙ୍ଗୁରା ପିଟିବାର ସାମର୍ଥ୍ୟ ରଖିନାହିଁ। ଅପର ପକ୍ଷେ ଅସ୍ମିତା ଶବ୍ଦଟି ଗୋଟିଏ ଜାତି କିମ୍ବା ଗୋଷ୍ଠୀ ପାଖରେ ପ୍ରଯୁଜ୍ୟ। 'ଅସ୍ମିତା' ଏକ ସୂକ୍ଷ୍ମ ଅହଙ୍କାରୀ ସତ୍ତା; ଯାହା ଉପରେ ଆ□ ଆସିଲେ ଗୋଟିଏ ଜାତି ବା ଗୋଷ୍ଠୀର ଅସ୍ତିତ୍ୱ ଦୋହଲି ଉଠେ। ଏହି ଶବ୍ଦଟି ଆତ୍ମମର୍ଯ୍ୟାଦାର ଖୁବ୍ ପାଖାପାଖି। ଆଜିର ଏହି ସନ୍ଧିକ୍ଷଣରେ ଆମେ ଯେଉଁ 'ଓଡ଼ିଆତ୍ୱ' (Odia-ness)ର ସଂଧାନରେ ବାହାରିଛୁ, ତାହା 'ଅସ୍ମିତା' କିମ୍ବା 'ସ୍ୱାଭିମାନ' ଶୀର୍ଷକ ଶବ୍ଦରେ ବର୍ଣ୍ଣନା କରିବା କଠିନ। ମୋ ମତରେ 'ଆତ୍ମପ୍ରତ୍ୟୟ' ଶବ୍ଦଟି ଗ୍ରହଣୀୟ ଅଟେ।

ଓଡ଼ିଆ ଜାତିର ଆତ୍ମ-ପ୍ରତ୍ୟୟ ଅନ୍ୱେଷଣରେ ଜୀବନର ବିଭିନ୍ନ ବିଭାବ ଦୃଷ୍ଟିଗୋଚର ହୋଇଥାଏ। ଯଥା:- ଖାଦ୍ୟରୁଚି, ପର୍ବପର୍ବାଣି, ଲୋକସମ୍ପର୍କ, ରୀତିନୀତି, ଇତ୍ୟାଦି। ଯାହାକୁ ନେଇ ଓଡ଼ିଆ ଶିଶୁଟିଏ ଜୀବନ ଜୀଇଁ କ୍ରମଶଃ ପ୍ରାପ୍ତବୟସ୍କ ହୁଏ। ତା' ଭିତରେ ସେ ନିଜେ ଓଡ଼ିଆ ବୋଲି ମନରେ ଯେଉଁ ଆତ୍ମ-ପ୍ରତ୍ୟୟ ସୃଷ୍ଟିହୁଏ – ତାହା ଅଙ୍ଗେ ନିଭେଇ ଥିବା ଅନୁଭୂତି (lived experience)। ଗଣ-ସାହିତ୍ୟ ଏହି ଅନୁଭୂତିରେ ପ୍ରାଣ ସଂଚାର କରେ।

ସବୁ ଯୁଗରେ ସାହିତ୍ୟ ପ୍ରତି ଦୁଇ ପ୍ରକାର ଦୃଷ୍ଟିଭଙ୍ଗୀ ରହିଆସିଛି। ଗୋଟିଏ ହେଲା ଯେଉଁ ସାହିତ୍ୟକୃତି ସମାଜର ସବୁ ଶ୍ରେଣୀର ବୃହତ୍ତର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆଦୃତ ହୁଏ ତାହା ଉଚ୍ଚକୋଟୀର ସାହିତ୍ୟ। ଅନ୍ୟଟି ହେଲା ଯେଉଁ ସାହିତ୍ୟ ମୁଷ୍ଟିମେୟ ବୁଦ୍ଧିଜୀବୀଙ୍କୁ ଆକୃଷ୍ଟ କରୁଛି, ସେଥିରେ ନିହିତ କଳାଚେତନା ସାଧାରଣ ଲୋକଙ୍କଠାରେ ନଥିବାରୁ ସମାଜର ବୃହତ୍ତର ଗୋଷ୍ଠୀ ତାକୁ ଗ୍ରହଣ କରିପାରୁନାହିଁ, ତେଣୁ ସେହି କୃତିଗୁଡ଼ିକ ଅଧିକ ଉତ୍କର୍ଷ। ବହୁଜନାଦୃତ ସାହିତ୍ୟକୁ 'ଗଣ-ସାହିତ୍ୟ' ରୂପେ ଆଖ୍ୟା ଦେଇ ଏକ ଗଣତାନ୍ତ୍ରିକ ପଦ୍ଧତିରେ ସାହିତ୍ୟର ମୂଲ୍ୟାୟନ କରିବାର ଦୃଷ୍ଟାନ୍ତ ଯୁଗେ ଯୁଗେ ରହି ଆସିଅଛି। ଯେ କୌଣସି ସମୟର ସାହିତ୍ୟ ତତ୍‌କାଳୀନ ସମାଜରେ ବହୁଜନାଦୃତ ହୋଇପାରିନାହିଁ। ଏପରି ଅଭିଯୋଗ ସବୁ ଯୁଗରେ ହୋଇ ଆସୁଅଛି। 'ଗଣ' ଓ 'ଜଣ'କୁ ନେଇ ସାହିତ୍ୟିକ ମୂଲ୍ୟବୋଧର ଏହି ଅବଧାରଣା ଅନେକ ଲେଖକଙ୍କୁ ବିଭ୍ରାନ୍ତ କରିଛି। 'ଗଣ' ଓ 'ଜଣ'ସାହିତ୍ୟ ବୋଲି ସେପରି କିଛି ଅଛିକି ? ଯଦି ଅଛି, କେଉଁ ମୂଲ୍ୟବୋଧ ଉପରେ ତାହା ଆଧାରିତ। ଏପରି କେତେକ ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ଯେଉଁ କିଛି ଫଳାଫଳ ମତେ ମିଳିଥିଲା ତାହା ଏହି କ୍ଷୁଦ୍ର ପ୍ରବନ୍ଧରେ ଆଲୋଚନା କରୁଛି।

କୌଣସି ସାହିତ୍ୟ ଗଣମୁଖୀ ହୁଏ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ସଂଚାର ମାଧ୍ୟମ ଦେଇ ଏହା ପାଠକ/ଶ୍ରୋତା/ ଦର୍ଶକ ପାଖରେ ପହଞ୍ଚିଲା ବେଳକୁ ସେ ଏହାର ବିଷୟବସ୍ତୁ ସଂପର୍କରେ ଆଗରୁ ଅବଗତ ହୋଇ ସାରିଥାଏ। ପ୍ରକାରାନ୍ତରେ, ବକ୍ତା ଏବଂ ଶ୍ରୋତା, କିମ୍ବା ଲେଖକ ଏବଂ ପାଠକ—ଉଭୟଙ୍କ ନିକଟରେ ବିଷୟବସ୍ତୁଟି ଅଜଣା ନଥାଏ। ଏହି ପରିପ୍ରେକ୍ଷୀରେ ମୋର ଗୋଟିଏ କଥା ମନେ ପଡେ। ଥରେ ରାମଲୀଳା ଦେଖିଲାବେଳେ ବୁଢ଼ାଟିଏ ତା' ପାଖରେ ବସିଥିବା ନାତିକୁ କହିଲା "ମୋତେ ନିଦ ଲାଗିଲାଣି। ମୁଁ ଟିକିଏ ଘୁମେଇ ପଡୁଛି। ବିଭୀଷଣ ରାଜାହେଲାବେଳେ ମତେ ଟିକେ ନିଦରୁ ଉଠେଇ ଦେବୁ।" ଯଦି ଏହି ରାମଲୀଳା ପରିବେଷଣ ଏକ ମୁଖ୍ୟ ସଂଚାର ମଂଚ ଓ ମାଧ୍ୟମ ହୁଏ ଆଉ ଏକ ଗୌଣ ସଂଚାରମାଧ୍ୟମ

ଦେଇ ବିଷୟବସ୍ତୁଟି ପାଠକ/ଶ୍ରୋତା/ଦର୍ଶକମାନଙ୍କ ନିକଟରେ ଆଗରୁ ପହଞ୍ଚି ସାରିଥାଏ, ମୁଖ୍ୟସଂଚାର ମାଧ୍ୟମ ସିଧାସଳଖ ସାହିତ୍ୟର । ତାହା ନାଟ୍ୟାଭିନୟ ହେଉ, ଉପନ୍ୟାସ, ଗଳ୍ପ ବା ପୁରାଣ ହେଉ । ଅଥଚ ଗୌଣ ମାଧ୍ୟମଟି ମୁଖ୍ୟତଃ ଲୋକମୁଖକୁ ନେଇ । ଉଦାହରଣ ସ୍ୱରୂପ ପୁରାଣ ପଢ଼ିବା ପୂର୍ବରୁ ଜଣେ ପାଠକ ଏହାର ବିଷୟବସ୍ତୁ ସଂପର୍କରେ ଊଣା ଅଧିକେ ଅନ୍ୟମାନଙ୍କଠାରୁ ଶୁଣି ସାରିଥାଏ । ପିଲାଟିଏ ଭାଗବତ ପଢ଼ିବା ପୂର୍ବରୁ ଜେଜେମା' ଜେଜେବାପା ପ୍ରଭୃତି ଗୁରୁଜନ ଶ୍ରେଣୀୟ ଲୋକଙ୍କ ମୁଖରୁ ଅଳ୍ପ ବହୁତେ ଏହି ବିଷୟରେ ଜାଣି ସାରିଥାଏ । ଯେଉଁ ସାହିତ୍ୟ ପାଇଁ ଏପରି ଏକ ଗୌଣ ସଂଚାର ମାଧ୍ୟମ ସୃଷ୍ଟି ହୋଇ ପାରିନାହିଁ, ତାହା ଗଣମୁଖୀ ହୋଇ ପାରିବ ନାହିଁ ।

ଗଣ ସାହିତ୍ୟର ଆଉ ଏକ ସ୍ୱାତନ୍ତ୍ର୍ୟ ହେଉଛି ଏହାର ପରିବେଷଣ ପର୍ବ । ଉଦୁଉଦିଆ ଖରାବେଳେ, ଗାଁ ଦାଣ୍ଡରେ ଯୋଗୀଟିଏ କେନ୍ଦେରା ବଜାଇ 'ଭଜୁ କିନା ରାମ ନାମରେ ଗୋବିନ୍ଦ' ଗାଉଛି । ଏକ କାରୁଣ୍ୟ ଓ ନିଃସହାୟତା ଅନୁରଣିତ ହେଉଛି ଘର ଭିତରେ ଶୁଣୁଥିବା ପ୍ରତ୍ୟେକ ଲୋକ ମନରେ । ତାଟି କବାଟ ଖୋଲି ଯାଉଛି । ଯୋଗୀର ଭିକ୍ଷାଝୁଲି ଧୀରେ ଧୀରେ ଭରି ଉଠୁଛି । ଏକ ଅହେତୁକ ପାପ ବୋଧରେ ଜର୍ଜରିତ ହୋଇ ବୁଢ଼ୀଟିଏ ଦାଣ୍ଡପିଣ୍ଡାରୁ "ପ୍ରଭୁ ! ରକ୍ଷାକର !" ବୋଲି ପ୍ରଳାପ କରୁଛି । ତା'ପରେ ଯୋଗୀ କଣ୍ଠରେ ଗୀତଟିର ପୁନରାବୃତ୍ତିରେ ବୃଦ୍ଧା ତା' ପ୍ରଶ୍ନର ଉତ୍ତର ଖୋଜୁଛି । ଏ' ହେଲା ଏକ ପରିବେଷଣ ପର୍ବ । ସେଥିରେ ସମସ୍ତେ ଯୋଡ଼ି ହୋଇ ଯାଉଛନ୍ତି । ଶ୍ରୋତାମାନଙ୍କର ପ୍ରତିକ୍ରିୟା ଯେମିତି ନିର୍ଦ୍ଧାରିତ ଓ ଚିରାଚରିତ । ଘରର ବୋହୂ ଭୂଆଶୁଣୀ ଝରକାବାଟେ ଗୀତ ଶୁଣିବା– ସବୁ ଯେମିତି ନିର୍ଦ୍ଧାରିତ, ମପାଚୁପା—ଏକ ଲୌକିକ ଆଚରଣର ଅଂଶ ରୂପେ ନିତିଦିନିଆ ଗ୍ରାମୀଣ ଜୀବନ ଧାରକୁ ଆଗେଇ ନେଉଛି । ଅନ୍ୟ ପକ୍ଷରେ ଚିନ୍ତା କରନ୍ତୁ, କେନ୍ଦେରାଗୀତଟିକୁ ଏକ ଶୋଭନ ପୁସ୍ତକ ମାଧ୍ୟମରେ ସହରୀ ପରିବେଶ ଭିତରେ ଯଦି କେହି ପଢ଼େ, ସେଇ ନର୍ଦ୍ଦିଷ୍ଟ ପାଠକ ପାଇଁ ଗୀତଟି ଗଣ ସାହିତ୍ୟ ହୋଇପାରିବ ନାହିଁ । ଏମିତିବି ହୋଇପାରେ, ଗାଁରେ ଶୁଣୁଥିବା ଲୋକଠାରୁ ଏକ ଗଭୀରତର ଦାର୍ଶନିକ ସ୍ଥିତିରେ ସହରୀ ପାଠକ ନିଜକୁ ଆବିଷ୍କାର ହୁଏତ କରିପାରେ, କିନ୍ତୁ ପରିବେଷଣ ପର୍ବର ଅଭାବରେ ସହରୀ ଲୋକଟି ପଢୁଥିବା ଗୀତଟି ଗଣମୁଖୀ ହୋଇପାରିଲା ନାହିଁ । ଏପରି ମଧ୍ୟ ହୋଇପାରେ "ଭଜୁକିନା ରାମ..." ଠାରୁ ଆହୁରି ମାର୍ମିକ ଏକ ଗୀତିକବିତାକୁ ଶହଶହ ବର୍ଷ ଅପେକ୍ଷା କରିବାକୁ ହେବ ଗଣମୁଖୀ ହେବାପାଇଁ, ଯଦି ତା' ପାଇଁ ନର୍ଦ୍ଦିଷ୍ଟ ପରିବେଷଣ ପର୍ବ ସୃଷ୍ଟି ହୋଇ ନଥିବ । ଦିନ, ବାର, ମାସ, ତିଥି, ଋତୁ, ସମୟ, ସ୍ଥାନ, କାଳ, ପାତ୍ର, ଅନୁଭାବ ଓ ବିଭାବକୁ ନେଇ ପରିବେଷଣ ପର୍ବଟିଏ ଗଢ଼ିଉଠେ । କେତେବେଳେ ସାହିତ୍ୟ ଡାକିଆଣେ ଏପରି ପରିବେଷଣ ପର୍ବଟିଏ ତ ଆଉ କେତେବେଳେ ପର୍ବଟିଏ ସାହିତ୍ୟକୁ ଜନ୍ମଦିଏ । ଏହି ପର୍ବରେ କୌଣସି କ୍ରିୟା-ପ୍ରତିକ୍ରିୟା ଅପ୍ରତ୍ୟାଶିତ ନୁହେଁ । ବକ୍ତାର ବକ୍ତବ୍ୟ ଶୈଳୀ ଓ ଶ୍ରୋତାର ଆଖିଦୃଶା ପ୍ରତିକ୍ରିୟା ଲୋକାଚାର ରୀତିରେ ସ୍ଥିରିକୃତ ହୋଇସାରିଥାଏ । ଆଉଗୋଟିଏ ଉଦାହରଣ ନିଆଯାଉ । ଭାଗବତ ଟୁଙ୍ଗୀରେ ଶ୍ରୋତାମାନଙ୍କ ସହଯୋଗରେ ପୁରାଣ ପଢ଼ାହୁଏ । ନବାକ୍ଷରୀ ଛନ୍ଦରେ ଧୃତ ଓ ବିଳମ୍ବିତ ଲୟରେ ପଠନ ଶୈଳୀ, ଶ୍ରୋତାମାନଙ୍କର ପ୍ରତିକ୍ରିୟା, ସହଯୋଗ ଓ ଆନୁଷଙ୍ଗିକ ରୀତିରେ ଏହାର ଉଦ୍‌ଘାଟନ ଓ ଉଦ୍‌ଯାପନ ଇତ୍ୟାଦି କେତେକ ପୁରାଣ ସାହିତ୍ୟକୁ ଗଣସାହିତ୍ୟରେ ପରିଣତ କରିଛି । ପରିବେଷଣ ପର୍ବ ସହ ଅସମ୍ପର୍କିତ ରହି ଯଦି କେହି ତଥାକଥିତ ଗଣସାହିତ୍ୟ ପଠନ କରେ ଏବଂ ସେଥିରେ ଗଭୀର ତତ୍ତ୍ୱଜ୍ଞାନ ସଂଧାନ ପାଇବା ସଂଗେ ସଂଗେ ରସୋପଲବ୍ଧି କରିଥାଏ, ସେହି ପାଠକ ପାଇଁ ତାହା ଗଣସାହିତ୍ୟ ହୋଇଯିବ ନାହିଁ । ଏହି ଦୃଷ୍ଟିରୁ ଗଣସାହିତ୍ୟ ଏକ ଜୀବନଧାରା । ସାହିତ୍ୟର ଉପଲବ୍ଧି ଅପେକ୍ଷା ସାହିତ୍ୟରେ ସହଯୋଗ ଏଠାରେ ଅଧିକ ସତ୍ୟ । ରସ ଅଥବା ତତ୍ତ୍ୱ ଉପଲବ୍ଧି ସବୁବେଳେ ବ୍ୟକ୍ତିନିଷ୍ଠ । ହୁଏତ ଗଣସାହିତ୍ୟର ପରିବେଷଣ ପର୍ବରେ ସକ୍ରିୟ ଅଂଶ ଗ୍ରହଣ କରି କେହି ସ୍ୱକୀୟ ଅନୁଭୂତିରେ ନିଜକୁ ଗଣଠାରୁ ଭିନ୍ନ ରଖିପାରେ । ଏହିଭଳି ଉପଲବ୍ଧିରେ ମଜ୍ଜିଗଲାବେଳେ ସେ ଗଣ ପାଖରେ ବାଛ ପଡିଯିବ । ପରିବେଷଣ ମଂଚ ଦେଇଥିବା ଦାୟିତ୍ୱ ସେ ତୁଲାଇ ପାରିବ ନାହିଁ । ତା ନିଜସ୍ୱ ଉପଲବ୍ଧିର ସ୍ୱତନ୍ତ୍ରତାକୁ ଗଣ ସହ ସାମିଲ୍ ହେବାକୁ ଦେବନାହିଁ ।

ଏ'ତ ଗଲା ଗଣ ସାହିତ୍ୟର ଦୁଇଟି ଉପାଦାନ । ଏହା ବ୍ୟତୀତ ଆଉ ଗୋଟିଏ ଉପାଦାନ ଗଣ-ସାହିତ୍ୟ ରଚନା ଓ ତା'ର ପରିବେଷଣ ଶୈଳୀରେ ପରିଲକ୍ଷିତ ହୁଏ । ତାହାହେଲା ମୂଳ ରଚନା ଶୈଳୀ । ସେଥିରେ ଶ୍ରୋତା ବା ପାଠକ ମନରେ ପ୍ରତିକ୍ରିୟା ସୃଷ୍ଟି କରାଇ ଶ୍ରୋତାକୁ ତା'ର ପ୍ରତିକ୍ରିୟା ପାଇଁ ସ୍ୱୀକୃତି ପ୍ରଦାନ କରିବାର ସୁଯୋଗ, ଏହାକୁ ଭାବସଂଚାର ବିଜ୍ଞାନରେ ପ୍ରତିକ୍ଷେପଣ (feedback) ବୋଲି କୁହାଯାଇପାରେ । କୌଣସି ସାହିତ୍ୟରେ ଏହି ପ୍ରତିକ୍ଷେପଣ ପାଇଁ ବ୍ୟବସ୍ଥା ଥିଲେ ତାହାର ପରିବେଷଣ କିମ୍ବା ପଠନ ଏକତରଫା ପଠନ କିମ୍ବା ଲିଖନ ନହୋଇ କଥୋପକଥନ ସ୍ତରକୁ ଉତ୍ତୀର୍ଣ୍ଣ ହୁଏ । ଏପରି ସ୍ଥଳେ ସାହିତ୍ୟିକ ତା'ର ପାଠକଙ୍କୁ କେବେ ଅବହେଳା କରେ ନାହିଁ । ପାଠକ ମଧ ଅନୁଭବ କରେ ଯେ, ଲେଖାଟି ତା' ପାଇଁ ଲେଖାଯାଇଛି । ଏଠାରେ ପ୍ରତିକ୍ଷେପଣର ଗୁରୁତ୍ୱ ସମ୍ପର୍କରେ କିଛି କହିବା ଉଚିତ୍ ହେବ । ଆମେ ନିଜେ କହୁଥିବା କଥା ନିଜେ ଶୁଣିପାରୁ, ତେଣୁ ଆମେ କଥା କହିପାରୁ । ଶ୍ରବଣ ଶକ୍ତି ହରାଇଥିବା ବ୍ୟକ୍ତି କଥାକହିପାରେ ନାହିଁ । ଆଉ ଗୋଟିଏ ଉଦାହରଣ : ଜଣେ ବାଦ୍ୟକାର ଇଲେକଟ୍ରିକ୍ ଗିଟାର ବଜାଉଥିବାବେଳେ ଯଦି ହଠାତ୍ ବିଜୁଳି ଚାଲିଯାଏ ସେ ବାଦ୍ୟଯନ୍ତ୍ରରେ ଠିକ୍ ଭାବେ ଅଙ୍ଗୁଳି ଚାଳନା କରିପାରିବେ ନାହିଁ । ସେହିପରି ଜଣେ କହୁଥିବା କଥା ଶ୍ରୋତା ମନରେ କି ପ୍ରତିକ୍ରିୟା ସୃଷ୍ଟି କରୁଛି ତାହା ନଜାଣିପାରିଲେ ଲେଖକ/ବକ୍ତାର ବକ୍ତବ୍ୟ କ୍ରମଶଃ ଦୁର୍ବଳ ହୋଇପଡ଼େ । ତେଣୁ ଶ୍ରୋତାର ପ୍ରତିକ୍ରିୟା ବକ୍ତାପାଇଁ ଏକ ପ୍ରତିକ୍ଷେପଣ ପରି କାର୍ଯ୍ୟ କରେ । ଅପରପକ୍ଷରେ ଶ୍ରୋତାର ପ୍ରତିକ୍ରିୟା ତା' ନିଜ ପାଇଁ ଏକ ଭାବପ୍ରବାହ ଯାହା ଶ୍ରୋତା ତା'ର ପ୍ରତିକ୍ରିୟାରେ ପ୍ରକାଶ କରେ । ପରେ ବକ୍ତାର ପ୍ରତିକ୍ରିୟା ଶ୍ରୋତା ପାଇଁ ଆଉ ଏକ ପ୍ରତିକ୍ଷେପଣ ପରି କାମ ଦିଏ । ଫଳରେ ଶ୍ରୋତା ଏବଂ ବକ୍ତା, ପାଠକ ଏବଂ ଲେଖକ ମଧ୍ୟରେ ପ୍ରତିକ୍ଷେପଣର ଆଦାନପ୍ରଦାନ ପାଇଁ ସୁଯୋଗ, ବକ୍ତା/ଲେଖକ ବକ୍ତବ୍ୟ/ଲେଖା ଶୈଳୀରେ ନିହିତ ଥାଏ । ପାଠକ କିମ୍ବା ଶ୍ରୋତାଠାରେ ଏକ ନିର୍ଦ୍ଧାରିତ

ରସାନୁଭୂତି ତଥା ପ୍ରତିକ୍ରିୟା ସୃଷ୍ଟି କରିବା ପ୍ରତ୍ୟେକ ସାହିତ୍ୟିକର ଉଦ୍ଦେଶ୍ୟ। ଭାବଟି କେବଳ ଭାଷାରେ ଲିପିବଦ୍ଧ ହୋଇଗଲେ ଏହି ପ୍ରତିକ୍ରିୟା ସୃଷ୍ଟି ହୋଇଯିବ ନାହିଁ। ପାଠକ ତାହାକୁ ପଢ଼ି, ବୁଝି, ଯେଉଁ ପ୍ରତିକ୍ରିୟା ପ୍ରକାଶ କରେ, ତାହା ପୁନର୍ବାର ପ୍ରତିକ୍ଷେପଣଭାବେ ସେଇ ମାଧ୍ୟମ ବା ଅନ୍ୟ କୌଣସି ମାଧ୍ୟମ ଦେଇ ଲେଖକ ପାଖରେ ପହଞ୍ଚି ପାରିଲେ ଯାଇ ସାହିତ୍ୟର ସଂଚାରପଥ ସଂପୂର୍ଣ୍ଣ ହୁଏ ବୋଲି ବୁଝିବାକୁ ହେବ। ଲେଖାଟି ଲେଖିଦେବା ଏକ ସାହିତ୍ୟ କର୍ମ ହୋଇପାରେ। କିନ୍ତୁ ଲେଖାଟି ଏକ ମାଧ୍ୟମ ଦେଇ ଗତି କରି ପାଠକକୁ ଛୁଇଁ ତା'ର ପ୍ରତିକ୍ଷେପଣ ପୁନର୍ବାର ଲେଖକ ପାଖକୁ ନ ଆଣିବା ଯାଏ ତାହା ସାହିତ୍ୟ ନହୋଇ କେବଳ ସାହିତ୍ୟ କର୍ମ ହୋଇ ରହିଯିବ। ଏହି ପରିପ୍ରେକ୍ଷୀରେ ସାହିତ୍ୟକର୍ମ ଓ ସାହିତ୍ୟ ମଧ୍ୟରେ ଏକ ସୂକ୍ଷ୍ମ ବିଭେଦ ରହିଛି। ଗଣସାହିତ୍ୟରେ ଏହି ପ୍ରତିକ୍ଷେପଣ ପ୍ରକ୍ରିୟାଟି ସୁସଂଗଠିତ। ଯେଉଁ ସାହିତ୍ୟର ମାଧ୍ୟମରେ ଏହି ପ୍ରତିକ୍ଷେପଣ ପ୍ରଣାଳୀବଦ୍ଧ ନୁହେଁ ତାହା ବ୍ୟକ୍ତି-ସାହିତ୍ୟ ବା ଜଣ-ସାହିତ୍ୟ ହୋଇ ରହିଥାଏ। ଏହାର ଅର୍ଥ ନୁହେଁ ଯେ, ଜଣ-ସାହିତ୍ୟ, ଗଣ-ସାହିତ୍ୟଠାରୁ ନିକୃଷ୍ଟ। ହୁଏତ, ଜଣ-ସାହିତ୍ୟର ସ୍ରଷ୍ଟା ପ୍ରତିକ୍ଷେପଣ ପାଇଁ ସଚେତନ ନୁହେଁ, ଅର୍ଥାତ ପାଠକ ମନରେ ଏକ ନିର୍ଦ୍ଧାରିତ ରସାନୁଭୂତି ତଥା ପ୍ରତିକ୍ରିୟା ସୃଷ୍ଟି କରିବା ଜଣ-ସାହିତ୍ୟିକର ମୁଖ୍ୟ ଉଦ୍ଦେଶ୍ୟ ନଥିଲା, ବରଂ ଜଣ-ସାହିତ୍ୟିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆତ୍ମ-ଅଭିବ୍ୟକ୍ତି। ଯେତେବେଳେ ଏହି ଆତ୍ମ-ଅଭିବ୍ୟକ୍ତିକୁ ସବୁଠାରୁ ମୁଖ୍ୟ ସ୍ଥାନଦେଇ ଜଣେ ସାହିତ୍ୟ କର୍ମ କରେ, ଅଥଚ ସଂଚାର ମାଧ୍ୟମ ଏବଂ ପ୍ରତିକ୍ଷେପଣ ପ୍ରତି ସଚେତନ ହୋଇପାରେ ନାହିଁ, ଏବଂ ସାହିତ୍ୟର ବଡ଼ପଣ୍ଡାମାନେ ସେହି ସାହିତ୍ୟ କର୍ମକୁ ଉପଯୁକ୍ତ ସଂଚାର ମାଧ୍ୟମଠାରେ ପହଞ୍ଚାଇ ପାରନ୍ତି ନାହିଁ, ସେତେବେଳେ ଉକ୍ତ ସାହିତ୍ୟକୃତି ବ୍ୟକ୍ତି ସାହିତ୍ୟ ହୋଇ ରହିଯାଏ। ଏହି ଉଦାର ବ୍ୟକ୍ତି-ସାହିତ୍ୟିକ କେବଳ ଆତ୍ମ ଅଭିବ୍ୟକ୍ତି ପାଇଁ ଲେଖୁଥିବାରୁ ପାଠକର ପ୍ରତିକ୍ଷେପଣ ନ ପାଉଛି ବୋଲି କ୍ଷୋଭ ପ୍ରକାଶ କରେ ନାହିଁ। ଏହି ବ୍ୟକ୍ତି ବା ଜଣ-ସାହିତ୍ୟିକ ଯେ ଅଜ୍ଞାତସାରରେ କାହାକୁ ପ୍ରଭାବିତ ନ କରୁଥିବ ତା ନୁହେଁ, ବରଂ ପ୍ରତିକ୍ଷେପଣ ଅଭାବରୁ ଲେଖକ ଓ ପାଠକ ମଧ୍ୟରେ ଥିବା ସଂଯୋଗ ସେତୁଟି ଛିନ୍ନ ହୋଇଯାଏ। ଲେଖକ ଏବଂ ପାଠକ ମନରେ ଏହି ବିଚ୍ଛିନ୍ନତାବୋଧ ଯେତିକି ଅଧିକ, ସଂଶ୍ଳିଷ୍ଟ ସାହିତ୍ୟକୃତିଟି ସେତିକି ଜଣମୁଖୀ ବୋଲି ବୁଝିବାକୁ ହେବ।

ବେଳେବେଳେ ସାହିତ୍ୟକର୍ମ ପାଇଁ ଉପଯୁକ୍ତ ସଞ୍ଚାର ମାଧ୍ୟମଟିଏ ବାଛିପାରିଲେ ସମସ୍ୟାର ଅନେକାଂଶରେ ସମାଧାନ ହୋଇପାରିବ। ଲେଖକଠାରୁ ଆରମ୍ଭ କରି ପାଠକର ପ୍ରତିକ୍ଷେପଣ ଦେଇ ପୁଣି ଲେଖକ ପର୍ଯ୍ୟନ୍ତ ପରିବ୍ୟାପ୍ତ ସଞ୍ଚାର ଚେଟି ଗଣମାଧ୍ୟମରେ ଏତେ ମାତ୍ରାରେ ଶୃଙ୍ଖଳାବଦ୍ଧ ହୋଇଯାଏ ଯେ, ସେହି ଶୃଙ୍ଖଳାକୁ ଆଖି ଆଗରେ ରଖି ଯେଉଁ ସାହିତ୍ୟ ଲେଖାଯାଏ ତାହା ଗଣମୁଖୀ ହେବାକୁ ବାଧ୍ୟହୁଏ। କିଛିଦିନ ତଳେ ଜଣେ ମହିଳାଙ୍କ ଦ୍ୱାରା ପରିବେଷିତ ଉତ୍ତରଭାରତର ପାଲା ଦେଖିବାର ସୁଯୋଗ ପାଇଥିଲି। ମହିଳାଙ୍କ ସହଯୋଗୀ ବାଦ୍ୟକାରମାନେ ମଞ୍ଚରେ ବସି ଥାଆନ୍ତି। ପାଲା ଗାୟିକା ଏକତାରା ଭଳି ଏକ ବାଦ୍ୟଯନ୍ତ ଚାମର ପରି ବ୍ୟବହାର କରୁଥାନ୍ତି। ମହାଭାରତର ଏକ ବିଷୟବସ୍ତୁକୁ ଆଧାରକରି ସେ ତାଙ୍କ ପାଲା ଆରମ୍ଭକଲେ। ଆଗରୁ କହିଛି ଗଣ-ସାହିତ୍ୟର ବିଷୟବସ୍ତୁଟି ଊଣାଅଧିକେ ଶ୍ରୋତାକୁ ପୂର୍ବରୁ ଜଣାଥାଏ। ଏହି ପାଲା ଶୈଳୀରେ ପ୍ରତିକ୍ଷେପଣ ପର୍ଯ୍ୟାୟକୁ ତିନି ଭାଗରେ ବିଭକ୍ତ କରାଯାଇ ପାରେ। ପ୍ରଥମ ପର୍ଯ୍ୟାୟରେ ମହିଳା ଜଣକ ଏକ ସୂତ୍ରଧର ଭୂମିକାରେ ଅବତୀର୍ଣ୍ଣ ହୋଇ ବିଷୟବସ୍ତୁର ଅବତାରଣା କଲେ ( ଘୋର ଜଙ୍ଗଲ ଭିତରେ ଭୀମ ଆସୁଛି, ଇତ୍ୟାଦି) ଦ୍ୱିତୀୟ ପର୍ଯ୍ୟାୟରେ ମହିଳା ଜଣକ ଭୀମର ଭୂମିକାରେ ଅବତୀର୍ଣ୍ଣ ହେଲେ। ବାଦ୍ୟଯନ୍ତ୍ରଟିକୁ ହାତରେ ଉତ୍‌ଥାପନ ପୂର୍ବକ ସେ ଭୀମର ଅଭିନୟ କରି ଗୀତରେ ଗୀତରେ ସଂଳାପ କହିଲେ। ଏବଂ ତୃତୀୟ ପର୍ଯ୍ୟାୟରେ ବାଦ୍ୟକାର ସହଯୋଗୀମାନେ ସ୍ୱରଟିକୁ ବାଦ୍ୟରେ ପରିବେଷଣ କଲେ ଏବଂ ଗାୟିକା ଜଣକ ସେହି ବାଦ୍ୟର ତାଳରେ ମୁଣ୍ଡହଲାଇ ଦର୍ଶକର ଭୂମିକାରେ ଅବତୀର୍ଣ୍ଣ ହେଲେ ଏବଂ ଉତଫୁଲିତ ଚିତ୍ତରେ ଦର୍ଶକମାନଙ୍କ ସହ ଦୃଷ୍ଟି ବିନିମୟ କଲେ। ଏହି ତିନୋଟି ପର୍ଯ୍ୟାୟର ପୁନରାବୃତ୍ତି ଘଟିଲା କାର୍ଯ୍ୟକ୍ରମଟିରେ।

ପ୍ରଥମ ପର୍ଯ୍ୟାୟରେ ସୂତ୍ରଧର ସହ ଦର୍ଶକ ସମ୍ପୃକ୍ତ ହୋଇଛି କାରଣ ବିଷୟବସ୍ତୁ ସମ୍ପର୍କରେ ଦର୍ଶକର ଆଗରୁ ଅଳ୍ପବହୁତ ଜ୍ଞାନ ଅଛି। ସୂତ୍ରଧର ଭୂମିକାରେ ଗାୟିକାଜଣକ ଦର୍ଶକର ପ୍ରତିନିଧିତ୍ୱ କରୁଥିବାରୁ ସେ ଦର୍ଶକର ଆତ୍ମୀୟ ହୋଇ ଉଠିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ସେ ନିଜେ ଚରିତ୍ରମାନଙ୍କର ଭୂମିକାକୁ ଓହ୍ଲାଇ ଆସିଲା ବେଳେ ଦର୍ଶକ ପାଇଁ ତାହା ଅଧିକ ଆମୋଦଦାୟକ ହୋଇଛି। ତୃତୀୟ ପର୍ଯ୍ୟାୟରେ ଗାୟିକା ନିଜେ ଦର୍ଶକ ପାଲଟି ଗଲାବେଳେ ଦର୍ଶକ ସହ ସମ୍ପୂର୍ଣ୍ଣ ଏକାତ୍ମ ହୋଇ ଯାଉଛନ୍ତି। କ୍ରମଶଃ ଶ୍ରୋତା ଏବଂ ବକ୍ତା, ପରିବେଷଣ ପର୍ବରେ ଏକୀଭୂତ ହୋଇଯାଉଛନ୍ତି। ଫଳରେ ଲେଖକ ଓ ପାଠକ, ବକ୍ତା ଓ ଶ୍ରୋତା ମଧ୍ୟରେ ଥିବା ସାଂସ୍କୃତିକ ବାଧାବନ୍ଧନ ଧୀରେଧୀରେ ଉଭେଇଯାଇ ଭାବ ବିନିମୟର ପଥ ସୁଗମ ହୋଇ ଉଠୁଛି। ଯେ କୌଣସି ଗଣ ସାହିତ୍ୟରେ ପାଠକର ପ୍ରତିକ୍ଷେପଣ ପାଇଁ ମୂଳ ସାହିତ୍ୟ ଓ ତା'ର ପରିବେଷଣ ପର୍ବରେ ଯଥେଷ୍ଟ ସୁଯୋଗ ସୃଷ୍ଟି କରାଯାଇଥାଏ। ଧରି ନିଆଯାଉ କାର୍ଯ୍ୟକ୍ରମଟି ଏକ ଘଣ୍ଟାର। ଏଥିରେ ଦର୍ଶକ/ପାଠକର ପ୍ରତିକ୍ଷେପଣ ଶୃଙ୍ଖଳାବଦ୍ଧ ଏବଂ ଛନ୍ଦାୟିତ। କ୍ରମାନ୍ୱୟରେ ତିନୋଟି ପର୍ଯ୍ୟାୟର ପୁନରାବୃତ୍ତି ହେଉଛି ପ୍ରତି ଚାରି କିମ୍ବା ପାଞ୍ଚମିନିଟ୍‌ରେ ଥରେ। ଗୀତଟିଏ ତାଳକୁ ଡାକି ନେଲାପରି ଶ୍ରୋତା ଓ ବକ୍ତା ପରସ୍ପର ଛନ୍ଦାଛନ୍ଦି ହୋଇ ଯାଉଛନ୍ତି ପ୍ରତିକ୍ଷେପଣର ଏକ ବିଧିବଦ୍ଧ ତାଳ ଏବଂ ଲୟରେ। ପ୍ରତ୍ୟେକ ଗଣ-ସାହିତ୍ୟ ପାଇଁ ଏହି ତାଳ, ଲୟ, ଭିନ୍ନ ଭିନ୍ନ। ଯେ କୌଣସି ଗଣସାହିତ୍ୟ ଓ ତା'ର ପରିବେଷଣ ପର୍ବକୁ ଅନୁଧ୍ୟାନ କଲେ ଏହି ପ୍ରତିକ୍ଷେପଣର ଛନ୍ଦ ଓ ତା'ର ବୈଶିଷ୍ଟ୍ୟକୁ ଶ୍ରେଣୀଭୁକ୍ତ କରି, ଶ୍ରୋତା/ଦର୍ଶକ/ପାଠକ ଉପରେ ତା'ର କି ପ୍ରକାର ପ୍ରଭାବ ପଡୁଛି କୁହାଯାଇ ପାରିବ।

ଗଣ-ସାହିତ୍ୟରେ ଭାଗ ନେଉଥିବା ଲୋକ ତତ୍ତ୍ୱଜ୍ଞାନ ବା ରସୋପଲବ୍ଧିର ଏକାନ୍ତ ଆଗ୍ରହ ନେଇ ସେଥିରେ ଯୋଗ ଦିଏନାହିଁ। ଗାଁରେ ଥିବା ମନ୍ଦିର ବେଢ଼ାରେ ପାଲା ଦେଖିବାକୁ ଆସୁଥିବା ମହିଳାମାନଙ୍କର ବହୁ ଆନୁସଙ୍ଗିକ ଉଦ୍ଦେଶ୍ୟମାନ ରହିଥାଏ। ସେମାନେ ଅନ୍ୟ ସାହିର ସହୀସଙ୍ଗାତଙ୍କ

ସହ ଭେଟାଭେଟି ହେବା, ପେଡ଼ିରେ ସାଇତା ହୋଇଥିବା ବାହାର ପିନ୍ଧା ଶାଢ଼ୀଟିକୁ ଅକାଳେ ସକାଳେ ପିନ୍ଧିବାର ସୁଯୋଗ ଏହି ପାଲା ପରିବେଷଣ ପର୍ବର ମଧ୍ୟ ଅଂଶ ବିଶେଷ। ଗଣ-ସାହିତ୍ୟର ପାଠକ କିମ୍ବା ଦର୍ଶକ ଏକନିଷ୍ଠ ସାହିତ୍ୟ ସାଧକ ନୁହଁନ୍ତି। ସାହିତ୍ୟ ଏଠାରେ ଏକ ଜୀବନର ଧାରା ହୋଇଥିବାରୁ ଅବଲୀଳାକ୍ରମେ ସାହିତ୍ୟ ପର୍ବ ଭିତରେ ଯାହା ପ୍ରବେଶ ବା ଅନୁପ୍ରବେଶ କରିଯାଏ ତାହା ସମୟ କ୍ରମେ ସ୍ୱୀକୃତି ହାସଲ କରେ। ଗଣ ସାହିତ୍ୟର ଶୈଳୀ, ଜଣାଶୁଣା ବିଷୟବସ୍ତୁ ଓ ପରିବେଷଣ ପର୍ବକୁ ନିଜସ୍ୱ କରିବା ପରେ ସାହିତ୍ୟିକ ଯତ୍‌କିଞ୍ଚିତ ନୂଆକଥା ସେଥିରେ ଅନୁପ୍ରବେଶ କରାଇପାରିବ। ଗଣ ସାହିତ୍ୟର ଏହି ବିକାଶଧାରା ଡାରଉଇନ୍‌ଙ୍କ ବିବର୍ତ୍ତନ ପରି ବହୁକାଳସାପେକ୍ଷ ଓ ମନ୍ଥର। ପ୍ରତ୍ୟେକ ପରିବେଷଣ ପର୍ବର ଏକ ସାଂସ୍କୃତିକ ଭିତ୍ତିରହିଛି। ଏହି ଭିତ୍ତିପ୍ରସ୍ତରକୁ କାଢ଼ିନେଇ, ପର୍ବ ଓ ଶୈଳୀକୁ ସ୍ଥାନାନ୍ତରିତ କରି ଗଣ ସାହିତ୍ୟ ସୃଷ୍ଟି କରାଯାଇ ପାରିବ ନାହିଁ। ଏପରି କଲେ ତାହାକୁ ଗଣ-ସାହିତ୍ୟର ବ୍ୟଙ୍ଗ ଅନୁକରଣ (କ୍ସବଦ୍ଧକ୍ସୟଚ) କୁହାଯିବ, ଏବଂ ନୂତନ ସାଂସ୍କୃତିକ ଭିତ୍ତିରେ ଏହା ଉଧେଇବ ନାହିଁ, ଫଳରେ ମୂଳ ସାହିତ୍ୟର ମର୍ଯ୍ୟାଦା ମଧ୍ୟ କ୍ଷୁଣ୍ଣ ହେବ।

ଆଜିକାଲି ଅନେକ ସାହିତ୍ୟିକଙ୍କର ପ୍ରବଳ ଇଚ୍ଛା ଯେ ତାଙ୍କ ସାହିତ୍ୟ ଗଣ ସାହିତ୍ୟ ହୋଇଯାଉ। ବିଲରେ ଚଷା ଓ ଅନ୍ତଃପୁରରେ ଯୋଷା ତାଙ୍କ ସାହିତ୍ୟକୁ ସ୍ମରଣ କରନ୍ତୁ ଏବଂ ଯା' ସହିତ ଆଉ ଗୋଟିଏ ଇଚ୍ଛା ମଧ୍ୟ ତାଙ୍କର ପୂରଣ ହେଉ—ସେଇଟି ହେଲା: ସେମାନେ ନୂଆ କଥା ଲେଖିବେ—ନୂଆ ନୂଆ ଜୀବନଦର୍ଶନ ପରିଷିଜିବେ—କେହି ଅଙ୍ଗେ ନ ଲିଭେଇଥିବା କଥା ସେମାନେ ସମସ୍ତଙ୍କୁ ଜଣାଇଦେବେ। ଏହି ଦୁଇଟି ଯାକ ଇଚ୍ଛା କେବେ ଏକାଠି ପୂରଣ ହୋଇପାରିବନାହିଁ। ଇଂରାଜୀରେ ଥିବା ଢ଼ଗ "to eat the cake and have it" ଭଳି ଏହା ଗୋଟିଏ ଅସଙ୍ଗତ ଇଚ୍ଛା। ଗତ କୋଡିଏ ପଚିଶି ବର୍ଷ ଭିତରେ ଅନେକ ଓଡିଆ ସାହିତ୍ୟିକ ଏଇଭଳି ଅନେକ ଅସଙ୍ଗତ ଇଚ୍ଛା ପୋଷଣ କରିବା ସଂଗେ ସଂଗେ ତାକୁ ପୂରଣ କରିବା ପାଇଁ ବହୁ ଅପଚେଷ୍ଟା କରି ଆସିଛନ୍ତି। ନବନାଟ୍ୟ ଆନ୍ଦୋଳନ ନାଁରେ ନୂଆ ନୂଆ ବିଷୟବସ୍ତୁ ଓ ଦର୍ଶନସବୁ ବହିରୁ ଧାର୍ ଆଣି ତା' ଭିତରେ ଗୀତନାଟ୍ୟର ଶୈଳୀ ପୂରାଇ ଜନତା ପାଖରେ ପହଞ୍ଚାଇ ଥିବାର ଏକ ଅହେତୁକ ଆତ୍ମସନ୍ତୋଷ ଲାଭ କରିଛନ୍ତି। ସେଇ ଆତ୍ମସନ୍ତୋଷକୁ କହି, କୁହାଇ, ସରକାରୀ ସ୍ୱୀକୃତି ମଧ୍ୟ ହାସଲ କରିଛନ୍ତି। ତା' ଛଡା ସାହିତ୍ୟଟିଏ ଗଣର ନ ହେଲେ କ୍ଷତି କ'ଣ ହୋଇଯିବ ? ଗୋଟିଏ ଦୀପ ଆଉ ଗୋଟିଏ ଦୀପକୁ ଜଳାଏ। ସେଇ ଦୀପକୁନେଇ ବାରୁଦସ୍ତୁପରେ ଲଗାଇଲେ ତାହାକୁ ବାଣ-ମହୋତ୍ସବ କୁହାଯିବ। ମହୋତ୍ସବରେ ଲୋକ ଭାଗ ନିଅନ୍ତି। ସେଥିପାଇଁ ଦିନ, ବାର, ତିଥି, ସହିତ ଲୋକାଚାରର ଆବଶ୍ୟକତା ପଡ଼େ , କିନ୍ତୁ ଦୀପଟିଏ ଆଉ ଗୋଟିଏ ଦୀପକୁ ଲଗାଇବା ଅଲଗା କଥା। ଜଣ-ସାହିତ୍ୟ ଆତ୍ମ ଅଭିବ୍ୟକ୍ତିକୁ ଅଧିକ ଗୁରୁତ୍ୱ ଦେଲାବେଳେ ଗଣସାହିତ୍ୟ ଜନଜୀବନର ଧାରାକୁ ଆପଣେଇ ଥାଏ। ଏଥିରେ ଉପଲବ୍ଧି ଅପେକ୍ଷା ସହଯୋଗର ଅବଶ୍ୟକତା ଅଧିକ। ଏହା ସତ୍ୟ ଯେ, ସାମୁହିକ ଅଚେତନ (collective unconscious)ର ବିଷୟବସ୍ତୁ: ମିଥ, ଆର୍କେଟାଇପ, ମୋଟିଫ୍, ଇତ୍ୟାଦିର ପ୍ରେକ୍ଷାପଟ୍ଟରେ ଜଣ ଓ ଗଣସାହିତ୍ୟର ବିଶ୍ଳେଷଣ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ହେବ, ଯାହା ସ୍ଥାନାଭାବ ଦୃଷ୍ଟିରୁ ଆଲୋଚନା ପରିସରଭୁକ୍ତ କରିହେଉ ନାହିଁ।

ସଂକ୍ଷିପ୍ତରେ କୁହାଯାଇ ପାରେ, ଯେ କୌଣସି ସାହିତ୍ୟ ଗଣମୁଖୀ ହେବାପାଇଁ ତିନୋଟି ସର୍ତ୍ତାବଳୀ ରହିଛି।

୧. ପରିବେଷଣ ପର୍ବ ଓ ମଞ୍ଚ

୨. ସାହିତ୍ୟରେ ଥିବା ବିଷୟବସ୍ତୁ ଗୌଣ ସଂଚାର-ମାଧ୍ୟମ ଜରିଆରେ ଦର୍ଶକଙ୍କୁ ଊଣା ଅଧିକ ଆଗରୁ ଜଣାଥିବ।

୩. ଦର୍ଶକ /ଶ୍ରୋତା ପ୍ରତିକ୍ଷେପଣ ପ୍ରକ୍ରିୟାରେ ସହଭାଗୀ ହୋଇଥିବେ।

ଉଦାହରଣ ସ୍ୱରୂପ, ଜଗନ୍ନାଥଙ୍କର ବାର ମାସରେ ତେର ପର୍ବ; ବିଶେଷ କରି ରଥଯାତ୍ରାକୁ ଏକ ମହାନାଟକର ଆଖ୍ୟା ଦିଆଯାଇପାରେ। ଏହି ସମୟରେ ସମଗ୍ର ବଡ଼ଦାଣ୍ଡ ଏବଂ ପୁରୀ ସହର ଏକ ମଞ୍ଚରେ ପରିଣତ ହୁଏ। ଏଥିରେ ସମସ୍ତେ ଅଂଶ ଗ୍ରହଣ କରିଥାନ୍ତି। ବହୁକାଳରୁ ନାଟକର ପାଣ୍ଡୁଲିପି ଚୂଡ଼ାନ୍ତ ହୋଇସାରିଥାଏ। ସବୁ ନାଟକୀୟ ଢଙ୍ଗରେ ଘଟେ। ସାଲବେଗଙ୍କ ସମାଧିପୀଠରେ ରଥ ମୁହୂର୍ତ୍ତେ ଅଟକିଯାଏ। ଲକ୍ଷ୍ମୀଠାକୁରାଣୀ ରଷନ୍ତି। ରଥର କାଠ ଭାଙ୍ଗି ଦିଅନ୍ତି। ଚାହାଣୀ ମଣ୍ଡପରୁ ଭେଟ ମଣ୍ଡପ - ଲକ୍ଷ୍ମୀଠାକୁରାଣୀଙ୍କର ମାନଭଞ୍ଜନ ହୁଏ – ରୀତିଯୁଗର ଗୀତିକବିତା ବୋଲାଯାଏ, ଯାହାର ବିଷୟବସ୍ତୁ ସମସ୍ତଙ୍କୁ ଆଗରୁ ଜଣାଥାଏ। ଏହି କ୍ରମରେ ଗୋଟିଏ ଜାତିର ଜୀବନଯାତ୍ରାରେ ପରିବେଷଣ ପର୍ବ, ମଞ୍ଚ, ତଥା ପାଣ୍ଡୁଲିପି ବଦଳି ଚାଲିଥାଏ। ଦେଖାଯାଏ ଯେ, ସବୁ ପରିବେଷଣ ପର୍ବରେ 'ପାଣ୍ଡୁଲିପି' ମୁଖ୍ୟ ଅଂଶ ଭାବରେ ପ୍ରାଧାନ୍ୟ ଲାଭ କରିଥାଏ।

ତେବେ ଏହା କଣ କୁହାଯାଇ ପାରିବ ଯେ, ଯେଉଁ ବ୍ୟକ୍ତି ଏ' ପରିବେଷଣ ପର୍ବରେ ସହଯୋଗୀ ଭାବରେ ସାମିଲ୍ ହୋଇନାହିଁ କିମ୍ବା ସହଭାଗୀତାର ହୃଦୟ ଖୋଲିନାହିଁ, ସେହି ବ୍ୟକ୍ତିର 'ଓଡ଼ିଆତ୍ୱ' ଏକ ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁକି ?

ସମୟର ସୀମିତ ଖଣ୍ଡରେ ଓଡ଼ିଆ ଜାତିର ଆତ୍ମପ୍ରତ୍ୟୟର ରୂପରେଖ ଏହିପରି ହୋଇପାରେ। ଯେମିତି ୧୯୩୦ ଦଶକରୁ ୧୯୮୦ ଦଶକ ମଧ୍ୟରେ ଜନ୍ମଲାଭ କରିଥିବା ଏବଂ ଓଡ଼ିଶାର ପୁରପଲ୍ଲୀରୁ ଜୀବନ ଆରମ୍ଭ କରିଥିବା ଲୋକଙ୍କର ଆତ୍ମପ୍ରତ୍ୟୟ ଆଲୋଚିତ ଗଣ-ସାହିତ୍ୟର ଭିତ୍ତିଭୂମି ଉପରେ ପରିସ୍ଫୁଟ ହୋଇଥାଇପାରେ। ଅଥଚ ଆଜିକାଲି ଯେଉଁମାନେ ସହରରେ ଜନ୍ମହୋଇ ଓଡ଼ିଆ ଗଣ-ସାହିତ୍ୟ ପରମ୍ପରା ସହ ଅସମ୍ପର୍କିତ ରହି ତା'ଙ୍କ ସ୍ୱପ୍ନ ଏବଂ ସଫଳତାରେ ବ୍ରତୀ, ସେମାନଙ୍କ ପାଇଁ ଓଡ଼ିଆ ଜାତିର ଆତ୍ମ-ପ୍ରତ୍ୟୟର ରୂପରେଖ ଭିନ୍ନ ଧରଣର ହେବ।

ଏହା ସତ୍ୟ ଯେ, ବ୍ୟକ୍ତି ନିଜ ପାଇଁ ଏକ ଆତ୍ମ-ପ୍ରତ୍ୟୟ ସୃଷ୍ଟିକରେ। ଏହି ପ୍ରତ୍ୟୟ ସ୍ପଷ୍ଟ ନହେବା ଯାଏଁ ସେ ବଞ୍ଚିବାର ଅର୍ଥ ଖୋଜି ପାଏନାହିଁ। ଫଳତଃ ତା'ର ବ୍ୟକ୍ତିତ୍ୱ ବିକଶିତ ହୋଇପାରେ ନାହିଁ। ଅନେକ ଦାର୍ଶନିକ ଓ

ସମାଜବିଜ୍ଞାନୀଙ୍କ ମତରେ – କୌଣସି 'ବ୍ୟକ୍ତିର ଆତ୍ମ-ପ୍ରତ୍ୟୟ' ଏବଂ ତା' 'ଜାତିର ଆତ୍ମ-ପ୍ରତ୍ୟୟ', ଦୁଇଟି ଭିନ୍ନ ଭିନ୍ନ ଶବ୍ଦ ନୁହନ୍ତି । ଏଠାରେ ସମାଜବିଜ୍ଞାନୀ କୁଲେ (C.H. Cooley)ଙ୍କ କଥା ମନକୁ ଆସେ । ତାଙ୍କର looking glass self ଅବଧାରଣାଟି ଅତି ଚମତ୍କାର । ତାହା ହେଉଛି – ଅନ୍ୟ ଜଣେ ବ୍ୟକ୍ତିର ମୋ ପ୍ରତି ଯେଉଁ ଧାରଣା ଅଛି ବୋଲି ମୁଁ ଭାବେ । ଜଣେ ଯେତେବେଳେ ଦର୍ପଣ ଆଗରେ ଠିଆହୋଇ ନିଜକୁ ନିରୀକ୍ଷଣ କରେ, ସେ ଅନ୍ୟର ଆଖି (ଦୃଷ୍ଟିଭଙ୍ଗୀ) ନେଇ ନିଜକୁ ଦେଖୁଥାଏ । ତେଣୁ ସମାଜର ବିଭିନ୍ନ ବ୍ୟକ୍ତିମାନେ ମତେ ଯାହା ଭାବୁଛନ୍ତି ବୋଲି ମୁଁ ବିଶ୍ୱାସ କରେ, ସେହି ବିଶ୍ୱାସ (ସତ ହେଉ ବା ମିଛ ହେଉ) ମୋ' ଆତ୍ମ-ପ୍ରତ୍ୟୟକୁ ଗଢ଼ି ତୋଳିଥାଏ । ଏହି ଦୃଷ୍ଟିରୁ "ବ୍ୟକ୍ତିର ଆତ୍ମ-ପ୍ରତ୍ୟୟ" ଓ ତା' "ଜାତିର ଆତ୍ମ-ପ୍ରତ୍ୟୟ" ଧୀରେ ଧୀରେ ଏକ ଏବଂ ଅଭିନ୍ନ ହୋଇଯାଏ । ଏତିକି କୁହାଯାଇ ପାରେ ଯେ, ଓଡ଼ିଆ ଜାତିର ଆତ୍ମ-ପ୍ରତ୍ୟୟ ବ୍ୟକ୍ତି ଏବଂ ପରିସ୍ଥିତିକୁ ନେଇ ତା'ର ରୂପରେଖ ବଦଳି ଚାଲିଥିବ ।


*୪୧୧, ସହିଦନଗର, ଭୁବନେଶ୍ୱର - ୭୫୧୦୦୭*

*ମୋ - ୯୮୬୧୧୧୭୨୪୦*

*email: mohanty.srikanta@gmail.com*


••••



# ଲୋକକବିତା : ଓଡ଼ିଆ ଅସ୍ମିତା

*ଡ. ମନୋରମା ବିଶ୍ୱାଳ ମହାପାତ୍ର*

ଲୋକସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ଲୋକଗୀତ ବା ଲୋକକବିତା ଅତ୍ୟନ୍ତ ବ୍ୟାପକ ଓ ପ୍ରଭାବଶାଳୀ । ଜୀବନର ବିଭିନ୍ନ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ଉଭୟ ସୁଖଦୁଃଖ ଏବଂ ଆନନ୍ଦ ଓ ଆଲୋକର ଉତ୍ସ । ଊନବିଂଶ ଶତାବ୍ଦୀର ଶେଷଭାଗରେ ପାଶ୍ଚାତ୍ୟ ବିଦ୍ୱାନ ଜନ୍ ବିମସ ଓଡ଼ିଶାର ଲୋକଗୀତ କାହାଣୀ ସଂଗ୍ରହର ସୂତ୍ରପାତ କରିଥିଲେ । ଏ ସଂପର୍କରେ ତାଙ୍କ ପ୍ରବନ୍ଧ (Folklore of Orissa) ୧୮୭୨ ମସିହାରେ ଇଣ୍ଡିଆନ୍ ଏଣ୍ଟିକୁଆରୀ ପତ୍ରିକାରେ ପ୍ରକାଶ ପାଇଥିଲା । ସେହି ସମୟରୁ ଓଡ଼ିଶାରେ ଲୋକସାହିତ୍ୟ ସଂଗ୍ରହ ପାଇଁ ଉଦ୍ୟମ ଆରମ୍ଭ ହେଲା । ବିଂଶ ଶତାବ୍ଦୀ ଆରମ୍ଭରେ ନୀଳମଣି ବିଦ୍ୟାରତ୍ନ, ମୁନସୀ ଶେଖ ଅବଦୁଲ, ଚନ୍ଦ୍ରଶେଖର ବାହିନୀପତି, ପଣ୍ଡିତ ଭଗବାନ ହୋତା କାବ୍ୟତୀର୍ଥ ପ୍ରଭୃତିଙ୍କ ଉଦ୍ୟମ ସ୍ମରଣୀୟ । ଏମାନେ ମୁଖ୍ୟତଃ ଢଗଢମାଳି ଓ ପ୍ରବଚନ ହିଁ ସଂଗ୍ରହ କରିଛନ୍ତି । ଓଡ଼ିଆ ଲୋକଗାଥାର ପ୍ରଥମ ସଂଗ୍ରାହକ ସମ୍ଭବତଃ ଭାଷାକୋଷକାର ଗୋପାଳ ପ୍ରହରାଜ । ପ୍ରହରାଜଙ୍କ ପରେ ଲୋକଗୀତ ସଂଗ୍ରହ ଭିତରେ ଲୋକଗାଥା ପ୍ରତି ବିଶେଷ ଦୃଷ୍ଟି ଦେଇଛନ୍ତି ଶ୍ରୀଯୁକ୍ତ ଚକ୍ରଧର ମହାପାତ୍ର ଏବଂ ଡଃ କୁଞ୍ଜବିହାରୀ ଦାଶ ।

ଜର୍ଜ ହରଜଗ୍ ବସ୍ତୁତ ଲୋକଗୀତ ସଂପର୍କରେ କହିଛନ୍ତି ଯେ ଲୋକଗୀତର ବିକାଶ ଦ୍ୱାରା କବିତାର ଉନ୍ମେଷ ହୋଇଛି । ଲୋକଗୀତ ରଚିତ ଗୀତର ଜନନୀ । ରଚିତ କବିତା ସହ ଏହା ସମାନ୍ତରାଳ ଭାବରେ ଗତି କରିଚାଲେ । ରଚିତ କବିତାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅନବରତ ଉପାଦାନ ଯୋଗାଇ ଚାଲିଥାଏ । ସେଥିପାଇଁ ଲୋକଗୀତ ସର୍ବଦା ବିଦଗ୍ଧ ସମାଜରେ ଆଦରଣୀୟ ।

ଲୋକଗୀତ ପ୍ରାଣ ପ୍ରାଚୁର୍ଯ୍ୟରେ ଭରପୂର । ଯେଉଁ ଗୀତରେ ହୃଦୟାବେଗର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ ଘଟିଥାଏ ତାହାକୁ 'ଲିରିକ୍' ବା ଉଚ୍ଛ୍ୱାସଗୀତି କହନ୍ତି । ଏ ପ୍ରକାର ଗୀତ ସାଧାରଣତଃ ସଂକ୍ଷିପ୍ତ, ବ୍ୟକ୍ତିନିଷ୍ଠ ଓ ଗାନଯୋଗ୍ୟ । ବସ୍ତୁତଃ ଗାନଯୋଗ୍ୟତା ଲୋକଗୀତ କାନ୍ଦଣା ଗୀତର ଐତିହାସିକ ଦୃଷ୍ଟିରୁ ସ୍ଥିର କରିବା ଅସମ୍ଭବ । ଲକ୍ଷ୍ୟକଲେ ଜଣାଯାଏ ଯେ ଯେତେବେଳେ ନାରୀର ସମସ୍ତ ସ୍ୱାଧୀନତା ଅବରୋଧ କରି ତାକୁ ଘରକୋଣରେ ବନ୍ଦୀ କରାଯାଇଛି ଏହା ସେହି ସମୟର ରଚନା । ସେତେବେଳେ ଓଡ଼ିଶାର ସ୍ୱାଧୀନତା ଅବଲୁପ୍ତ । ବାଣିଜ୍ୟ ବ୍ୟବସାୟ ଧ୍ୱସ୍ତବିଧ୍ୱସ୍ତ । ଆଫଗାନ, ମୋଗଲ, ମରହଟ୍ଟା ଅତ୍ୟାଚାରରେ ଦେଶ ଭୀତତ୍ରସ୍ତ ବିପନ୍ନ । ସେହି ସମୟର ରୁଦ୍ଧ କଣ୍ଠର କରୁଣ ଧ୍ୱନି କାନ୍ଦଣାରୁ ମିଳେ ।

ଆମେରିକାର ବିଶିଷ୍ଟ ଲୋକସଂସ୍କୃତିବିତ୍ ଷ୍ଟିଥ୍ 'ଥମ୍ପସନ' ଲୋକ ସଂସ୍କୃତିର ବିଭାଗୀକରଣ କରିଛନ୍ତି – ତାଙ୍କ ଦୃଷ୍ଟିରେ ଲୋକ ସଂସ୍କୃତି ଦୁଇ ଭାଗରେ ବିଭକ୍ତ । (୧) କଥିତ ଲୋକସଂସ୍କୃତି (Folklore of spoken word) ବା ଲୋକ ସାହିତ୍ୟ (୨) ଚଳଣି (Practices)

୧. ମୌଖିକ ଲୋକସଂସ୍କୃତି
   - (କ) କାହାଣୀ, କିମ୍ବଦନ୍ତୀ ଓ ପୁରାଣକଥା (ମିଥ୍)
   - (ଖ) ଗୀତ- ଗାଥା, ଗୀତିକବିତା, କର୍ମଗୀତ, ଖେଳଗୀତ, ଶିଶୁଗୀତ ଇତ୍ୟାଦି ।
   - (ଗ) ନାଁ ଦିଆ ବା ଧନ୍ଦା
   - (ଘ) ପ୍ରବାଦ ବା ପ୍ରବଚନ
   - (ଙ) ଢଗ, ଛଟା
   - (ଚ) ମନ୍ତ୍ରଗୀତ
   - (ଛ) ଲୋକ ନାଟକ

୨. ଚଳଣି
   - (କ) ଋତୁଭିତ୍ତିକ ଉତ୍ସବ ଅନୁଷ୍ଠାନ
   - (ଖ) କୃଷି ସଂପର୍କିତ ରୀତିନୀତି
   - (ଗ) ଲୋକ ଚିକିତ୍ସା
   - (ଘ) ଅନ୍ଧବିଶ୍ୱାସ

୩. ଲୋକ କଳା
   - ଅନ୍ୟାନ୍ୟ ସୃଜନଶୀଳ କର୍ମ
   - ଚିତ୍ର ଭାସ୍କର୍ଯ୍ୟ
   - କାରୁଶିଳ୍ପ ଓ ହସ୍ତଶିଳ୍ପ ଆଦି

ସାରା ବିଶ୍ୱର ଲୋକ ହୃଦୟ ଏକ ଓ ଅଭିନ୍ନ । ତେଣୁ ଏକ ଅଖଣ୍ଡ ମାନବ ସମାଜର ଚିତ୍ର ଆମେ ଏଥିରୁ ଦେଖିବାକୁ ପାଉଁ । ପ୍ରକୃତି ଓ ପରିବେଶ ଲୋକଗୀତର ମହିମା ବୃଦ୍ଧି କରେ । ସ୍ୱର ହେଉଛି ଏହି ଗୀତର ପ୍ରାଣ । ଶୁଣିଶୁଣି

ଲୋକମାନେ ଏହା ଶିଖନ୍ତି । ଲୋକକବି ନାରୀ ଓ ପୁରୁଷ ଉଭୟ । ନାରୀମାନଙ୍କର ଗୀତ ପୁରୁଷମାନଙ୍କ ଅପେକ୍ଷା ସ୍ୱତନ୍ତ୍ର । ନାରୀମାନଙ୍କର ଲୋକକବିତାରେ ପାରିବାରିକ ସୁଖଦୁଃଖ, ଓଷା, ବ୍ରତ, ଢଗଢମାଳି, ଦୋଳିଗୀତ, କାନ୍ଦଣାଗୀତ, ପୁଚିଖେଳ ଗୀତ ଇତ୍ୟାଦି ଅନ୍ୟତମ ।

ଲୋକକବିତା କଳ୍ପନାର ସାଧନା ନାହିଁ । ତାର ଗୀତ ଗାଇବା ଏକ ସ୍ୱାଭାବିକ ରୀତି । ପୂର୍ବର ପ୍ରସ୍ତୁତି ତହିଁରେ ନଥାଏ । ଅଧ୍ୟୟନ ମଧ୍ୟ ନଥାଏ । ଥାଏ ହୁଏତ ଆଶୁକବିର ମନକୁ ମନ ଗୀତ ଗାଇବା ଅଭ୍ୟାସ । ସ୍ୱତଃସ୍ଫୂର୍ତ୍ତ ଭାବରେ ସେ ଗାଏ । ଯାହା ସେ ନିଜ ଅଙ୍ଗେ ନିଭେଇଥାଏ, ତାହାହିଁ ସେ ଗାଏ । ସେ ଅବସରର କବି ନୁହେଁ । କର୍ମର କବି । ନନ୍ଦନବନ ପାରିଜାତର ସ୍ୱପ୍ନ ଦେଖିବାର ଅବକାଶ ଲୋକକବିର ନଥାଏ ଅଧିକାଂଶ ଲୋକଗୀତ ପଲ୍ଲୀକୁ କେନ୍ଦ୍ରକରି ରଚିତ । କାନ୍ଦଣାଗୀତର ମାର୍ମିକ ଆବେଦନଠାରୁ ଆରମ୍ଭ କରି ଢଗଢମାଳି ଓ ଓଷାବ୍ରତ ପର୍ଯ୍ୟନ୍ତ ଲୋକକବିତାର ସାର୍ବଜନୀନତା ଉପଲବ୍ଧି କରାଯାଇପାରେ ।

ଲୋକଗୀତ ମୁଖ୍ୟତଃ କ୍ରିୟାମୂଳକ । ସାମାଜିକ ଓ ବ୍ୟକ୍ତିଗତ ଜୀବନର ବିଭିନ୍ନ କର୍ମସହ ଏହା ଜଡ଼ିତ । ଜନ୍ମ, ମୃତ୍ୟୁ, ବିବାହ ପରି ବ୍ୟକ୍ତିଗତ ତଥା ସାମାଜିକ ଜୀବନର ବିଶେଷ ଘଟଣାରେ ଲୋକଗୀତ ଅପରିହାର୍ଯ୍ୟ ହୋଇପଡେ । କୃଷି-ସଂଗୀତ ମାନଙ୍କରେ କାର୍ଯ୍ୟ ସଂପୃକ୍ତି ଅତ୍ୟଧିକ । ତଳି ରୁଆ କିମ୍ବା ଧାନକଟା ପରି କୃଷିକାର୍ଯ୍ୟରେ ଲୋକଗୀତ କୃଷି ସରଞ୍ଜାମ ପରି ଅପରିହାର୍ଯ୍ୟ । ଏକୁଟିଆ କର୍ମରତ ମଣିଷ ନିଜେ ନିଜେ ଗୀତ ଗାଇ ନିଜେ ଶୁଣିବାରେ କିଛି ଅସୁବିଧା ନାହିଁ । କିନ୍ତୁ ଗୋଷ୍ଠୀବଦ୍ଧ ଭାବରେ କାମ କରୁଥିବା ଲୋକେ ଅନ୍ୟଙ୍କୁ ମଧ୍ୟ ଗୀତ ଶୁଣାଇ ଥାଆନ୍ତି ।

ହାତୀ ଦେଲି ଛତି ଦେଲି ଝିଅ ଦେଲି ଜେମା
ଓଡ଼ିଶାରୁ ଅଧେ ଦେଲି ଦୋଷକର କ୍ଷମା ।

କାନ୍ଦଣା ଗୀତ–

ଫୁଲ ମଉଳଇ ଖରାତେଜକୁ ଲୋ ବୋଉ
ଝିଅ ମଉଳଇ କଥା ପଦକୁ ଲୋ ବୋଉ
ଦୁବ ବଢୁଥିଲା କାକର ଖାଇ
ମୁଁ ତ ବଢୁଥିଲି ତୋ ସ୍ନେହ ପାଇ
ଦୁବକୁ କାକର ସହିଲା ନାହିଁ
ମୋ ଅଲିଅଳ ତ ରହିଲା ନାହିଁ ।

XXX XXX XXX

ଚାଲିଲେ ନଣନ୍ଦ ପାଦ ଉଣ୍ଡିବେ
ପଦକ କଥାରେ କଳି କରିବେ
ଝିଙ୍ଗାସିବେ ମୋତେ ଘଡ଼ିକିଘଡ଼ି
ହାଡ଼ରୁ ମାଉଁସ ପଡ଼ିବ ଝଡ଼ି ।

XXX XXX XXX

ଏଣିକି ଚାହିଁଲେ ଗଛପତର
ତେଣିକି ଚାହିଁଲେ ସମସ୍ତେ ପର
ବାପଘର କଥା ବଡ଼ ତ ମିଠା
ଶାଶୂଘର କଥା କଲିଜା କଟା ।
ମାଆ ଘରେ ଝିଅ କାନର ସୁନା
ଶାଶୁଘରେ ଲୁହା ଘଣା ।

ତେଣୁ ଏ ଗୀତ ଉଚ୍ଚ କଣ୍ଠରେ ବୋଲାଯାଇଥାଏ । ଜୀବନର ବିଭିନ୍ନ କ୍ଷେତ୍ରରେ ଶ୍ରମକୁ କେନ୍ଦ୍ରକରି ଓଡ଼ିଆ କର୍ମଗୀତମାନ ଗଢ଼ିଉଠିଛି । ହଳିଆଗୀତ, ନାଉରିଆ ଗୀତ, ଶଗଡ଼ିଆ ଗୀତ, ସବାରୀ ବାହକଙ୍କ ଗୀତ, ଚିଡାକୁଟା ଗୀତ, ଚକିପେଷା ଗୀତ ଆଦି ଏହାର ଉଦାହରଣ । ପୁରାଣଶାସ୍ତ୍ର ଠାରୁ ଆରମ୍ଭ କରି ନିତିଦିନିଆ ଜୀବନର ଅନୁଭୂତି ଏଗୁଡ଼ିକର ଉପଦବ୍ୟ । ଏରୁ ଜଣକ ମୁହଁରୁ ସ୍ୱତଃସ୍ଫୂର୍ତ୍ତ ଭାବରେ ପଦଟିଏ ଗୀତ ପ୍ରକାଶ ପାଇଲେ ଅନ୍ୟ ଜଣେ ଆଉ ପଦେ ଯୋଡ଼ିଦିଏ । ଏହି ପ୍ରକ୍ରିୟାରେ ଲୋକମହାକାବ୍ୟ (Folk epic) ମଧ୍ୟ ଆତ୍ମପ୍ରକାଶ କରେ । ଲୋକମୁଖରେ ସଙ୍ଗୀତର ପ୍ଲାବନ ଏହି ମହାକାବ୍ୟ । ଏଣୁ ଲୋକଗୀତ ବା ଲୋକମହାକାବ୍ୟରେ କୌଣସି ରଚୟତାଙ୍କ ନାମ ଦେଖିବାକୁ ମିଳେ ନାହିଁ ।

ଖେଳ ସହିତ ଗୀତର ସମନ୍ୱୟ ଏକ ବିସ୍ମୟକର ପରିକଳ୍ପନା । ଏହି ଗୀତ ସବୁ ମାନସିକ ସରସତାର ବାର୍ତ୍ତାବହ କହିଲେ ଭୁଲ୍ ହେବ ନାହିଁ । ଖେଳର ପ୍ରକ୍ରିୟା ସହିତ ଗୀତର ସଂଯୋଗ ଅଧିକ ଆମୋଦଦାୟକ କରିଥାଏ । ବୟସ ଭେଦରେ ଆବଶ୍ୟକତା ଅନୁଯାୟୀ ଖେଳର ପରମ୍ପରା ସମାଜ ଜୀବନକୁ ବିପୁଳ ଅବଦାନ ଯୋଗାଇଥାଏ । 'ପିଲାଭୁଲାଣିଆ' ଗୀତରେ ଓଡ଼ିଆ ଲୋକ ନାରୀ କବିର କଳ୍ପନା ପ୍ରବଣତା ସହଜରେ ଅନୁମିତ ହୋଇଥାଏ । ଜେଜେମା କିମ୍ବା ମାଆମାନଙ୍କ କଣ୍ଠରୁ ନିସୃତ ଏହି ଗୀତ ଅଝଟ ପିଲାଙ୍କ ପାଇଁ ମହୌଷଧି ପରି କାମ କରିଥାଏ । ଶିଶୁ ନିଦରୁ ଉଠିବା ଠାରୁ ପୁଣି ନିଦ୍ରା ଯିବା ପର୍ଯ୍ୟନ୍ତ ଏହି ଗୀତର ମୂର୍ଚ୍ଛନା ତାର କୋମଳତାକୁ ଅଧିକ ସୁକୁମାର କରିଥାଏ । 'ଧୋ' ରେ ବାଇଆ ଧୋ' କିମ୍ବା 'ଆ ଜହ୍ନମାମୁଁ ସରଗ ଶଶୀ' ପରି ସଂଗୀତର ମର୍ମ ସେ ନ ବୁଝିଲେ ମଧ୍ୟ ସ୍ୱରର ଯାଦୁକରୀ ସ୍ପର୍ଶରେ ମନପବନ କଠଉ ପିନ୍ଧି କାହିଁ କେତେ ଦୂରକୁ ସେ ଯେମିତି ଉଡ଼ିଯାଏ ।

ଲୋକ ନାରୀ କବିମାନଙ୍କ କୋମଳ ହୃଦୟରୁ ଅଶ୍ରୁବିନ୍ଦୁ ସହିତ ଯେଉଁ ଅମୂଲ୍ୟ ମୁକ୍ତା କଣିକା ମାନ ଝଡିପଡ଼ିଥାଏ, ତାହାହିଁ କାନ୍ଦଣା ଗୀତ ।

(୧) କାନ୍ଦଣାଗୀତରେ ଲୋକ ଉପାଦାନ
(୨) ପିଲା ଭୁଲାଣିଆ ଗୀତରେ ଲୋକ ଉପାଦାନ
(୩) ହଳିଆ ଗୀତରେ ଲୋକ ଉପାଦାନ

ହଳିଆ ଗୀତ ଅବସରର ସୃଷ୍ଟି ନୁହେଁ । କର୍ମର ସାଥୀ । ଗୀତ ଆଉ କର୍ମ ପରସ୍ପରର ପରିପୂରକ । କର୍ମ ଓ ଗୀତ ଗୋଟିଏ ଛନ୍ଦରେ ଗତିକରନ୍ତି । 'ରାମ ହୋ ଲଇଖଣ ଯେ ଗଲେ ମୃଗମାରି' କିମ୍ବା ଗାଁ ଭାଗବତଟୁଙ୍ଗୀରେ ବସି ସେ ରାମାୟଣ ମହାଭାରତ ଶୁଣେ ହଳିଆ କବି ସାରଳା ଦାସ ହଳିଆ ଜାତିର ଆଦର୍ଶ । ହଳିଆ ସଂସ୍କୃତିର ପ୍ରତୀକ । ଗୋଟିଏ ଗୋଟିଏ ପଦରେ ହଳିଆ ପୁରାଣର ଗୋଟିଏ ଗୋଟିଏ ଅଧ୍ୟାୟ କହି ଦେଇଛି । ତା ଭିତରେ ଅଳଙ୍କାର ନାହିଁ । ଅଛି ମାଧୁରୀ, ବର୍ଣ୍ଣନା ନାହିଁ – ବ୍ୟଞ୍ଜନା ଅଛି ।

ରାମ ମୋ ଲଇଖଣ କାଟି ତ ଗଲେ ଗାର
ପତ୍ରକୁଡିଆକୁରେ ଡାହିଆ ଘେରା କର
ପତ୍ରକୁଡିଆରେ କି ଭିକ୍ଷା ଦେବି ମୁଁ ନଣ୍ଡାରେ ଯୋଗିଆ –

ଏହା ଲୋକଗୀତର ଅନ୍ୟ ଏକ ବିଭବ । ଏଥିରେ ଲୋକଙ୍କ କଳ୍ପନା ଶକ୍ତିର ପରାକଷ୍ଠା ଅଧିକ ଉଜ୍ଜ୍ୱଳ ।

ଗଛଟି ଲଣ୍ଡା
ଉପରେ ବସିଛି ଫକୀର ପଣ୍ଡା
ଏମନ୍ତ ସୁନ୍ଦର ଭେଣ୍ଡିଆଟିଏ
ହାତଗୋଡ ନାହିଁ ଖଣ୍ଡିଆଟିଏ

ମାଟି ଘର କାନ୍ଥରେ କିମ୍ବା ତୁଳସୀ ଚଉଁରା ମୂଳରେ ଝୋଟି ମୁରୁଜ, ଚିତା ଅଙ୍କାରେ, ବିଞ୍ଚଣା, ଚାଙ୍ଗୁଡି ବୁଣାରେ, ସଖୀକଣ୍ଢେଇ ଗଢ଼ାରେ ଲୋକକବିର ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧର ପରିଚୟ ମିଳିଥାଏ ।

ମାନବବାଦିତା ଲୋକକବିତାର ଅନ୍ୟ ଏକ ବିଭବ । ସେ ମଣିଷକୁ ଭଲପାଏ । ଚିରକାଳ ସେ ଜୀବନକୁ ଜୀବନ ଭାବରେ ଦେଖି ଆସିଛି । ଜୀବନଠାରୁ ଦୂରେଇ ଯାଇ ନୁହେଁ; ଜୀବନ ଭିତରୁ, ଜୀବନର ଜଟିଳ ସମସ୍ୟା ଭିତରୁ ସେ ପ୍ରେରଣା ପାଇଛି । ଘର, ପରିବାର, ସାଙ୍ଗସାଥୀ, ବନ୍ଧୁବାନ୍ଧବ ତା ମନର ଚାରଣଭୂମି । ଶୈଶବ ଠାରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଯାବତୀୟ ଘଟଣା ଏଥିରେ ବ୍ୟକ୍ତ ହୋଇଛି । ସର୍ବତ୍ର ଜୀବନର ପ୍ରାଚୁର୍ଯ୍ୟ । ଜୀବନର ଜଟିଳ ସମସ୍ୟା ଯେତେବେଳେ ସମାଧାନ କରିପାରି ନାହିଁ ମଣିଷ ଦେବତାର ସାହାଯ୍ୟ ଲୋଡିଛି । ମନୁଷ୍ୟ ଓ ଦେବତାର ତାରତମ୍ୟ ଏଠି ନାହିଁ । ସ୍ୱର୍ଗ-ମର୍ତ୍ତ୍ୟର ଦୂରତା ପ୍ରେମର କୋଳାକୋଳିରେ ମିଳାଇ ଯାଇଛି ।

ଲୋକକବିତାର ସାର୍ବଜନୀନ ଆବେଦନ ଯୁଗେ ଯୁଗେ ରହିଛି । ଏହା ଏକ ଅମୂଲ୍ୟ ଜାତୀୟ ସଂପତ୍ତି । ମାତୃଭାଷାର ପ୍ରକୃତ ସ୍ୱରୂପ ଏଥିରେ ବ୍ୟକ୍ତ ହୋଇଛି । ଲୋକଗୀତରୁ ଓଡ଼ିଆ ସାହିତ୍ୟର ଆଜି ଓଁକାର ଜନ୍ମଲାଭ କରିଛି । ଓଡ଼ିଆ ସାହିତ୍ୟର ଆଦି ମହାକବି ସଂସ୍କୃତଜ୍ଞ ପଣ୍ଡିତ ନୁହଁନ୍ତି । ସେ ହଳିଆ ଲୋକସଂସ୍କୃତିର ଯଥାର୍ଥ ପ୍ରତିନିଧି । ଲୋକଗୀତ ଢାଞ୍ଚାରେ ସେ ମହାଭାରତ ରଚନା କରିବା ନିମନ୍ତେ ଚେଷ୍ଟା କରିଥିଲେ । ସେଥିପାଇଁ ସାରଳା ମହାଭାରତ ଏତେ ଲୋକପ୍ରିୟ । ପଞ୍ଚସଖା ଯୁଗରେ ମଧ୍ୟ ଏହି ଲୋକକବିତାର ଧାରା ବ୍ୟାପକ ହୋଇଥିବାର ଦେଖାଯାଏ । ଢଗଢମାଳି କବିତା ନୁହେଁ – କିନ୍ତୁ ଏଥିରେ କବିତ୍ୱ ଅଛି – ପ୍ରତ୍ୟକ୍ଷ ଅନୁଭୂତିର ନିର୍ଯ୍ୟାସ ଢଗଢମାଳିରେ ସଂକ୍ଷିପ୍ତ ଭାବରେ ରୂପପାଏ । ଏହା ଗାଉଁଲି ଲୋକଙ୍କ ରସିକତାର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରେ – ରୂପକ ଓ ବକ୍ରୋକ୍ତି ଏହାର ପ୍ରଧାନ ଅବଲମ୍ବନ । ନାରୀମାନେ ଏହାର ରଚୟିତା – ଯେକୌଣସି ନାରୀ ଏହା ରଚନା କରିପାରନ୍ତି ନାହିଁ । ଏଥିପାଇଁ ସ୍ୱଭାବସିଦ୍ଧ କବିତ୍ୱ ପ୍ରତ୍ୟୁତ୍ପନ୍ନମତିତା ଆବଶ୍ୟକ । ହାସ୍ୟରସ ଏହାର ଶିରାରେ ଶିରାରେ ପ୍ରବାହିତ ।



କଡା କେତରି କଡା କେମରି
କଡାକେ ପରଦୁଆର କରି

XXX XXX XXX

ପର ଲୁଗା ପିନ୍ଧି ଜାତକୁ ଯାଏ
ପଚାରିଲେ ମୁଣ୍ଡ ଟୁଙ୍ଗାରୁଥାଏ

ଢଗଢମାଳି ଆମର ଜାତୀୟ ସମ୍ପତ୍ତି । ନୃତତ୍ତ୍ୱ, ସମାଜତତ୍ତ୍ୱ, ଭାଷାତତ୍ତ୍ୱ ଦିଗରୁ ଏହାର ମୂଲ୍ୟ ଅସୀମ । ଏହା ସଂଗୃହୀତ ହୋଇ ଜାତୀୟ ସାହିତ୍ୟ ଭଣ୍ଡାରରେ ସୁରକ୍ଷିତ ହେବା ବାଞ୍ଛନୀୟ । ଢଗଢମାଳି ଅତି ପ୍ରାଚୀନ । ମାନବ ସଭ୍ୟତାର ଉନ୍ମେଷ ସହିତ ଏହା ଜଡ଼ିତ ।

*ପ୍ରୀତମପୁରୀ, ୧୨୫, ଆଚାର୍ଯ୍ୟବିହାର, ଭୁବନେଶ୍ୱର*
*ମୋ. : ୯୪୩୭୦୧୧୦୦୩*

••••

# ଚିନ୍ତା ଓ ଚେତନାର ଭାଷା ଓଡ଼ିଆ

*ମନୋଜ କୁମାର ମହାପାତ୍ର*

ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷାର ପ୍ରଚଳନ ସମ୍ବନ୍ଧିତ ତର୍କ - ବିତର୍କ ଆଜିର ଗଣମାଧ୍ୟମକୁ ବେଶ ଚଳଚଞ୍ଚଳ କରିଛି। ନିଶ୍ଚିତ ଭାବରେ ଏହା ଏକ ସକରାତ୍ମକ ଧାରା ଏଥିରେ ଦ୍ୱିମତ ନାହିଁ। ଭାଷାକୁ ନେଇ ଗୋଟିଏ ଜାତିର ପରିଚୟ। ଭାଷା କ୍ଷୀଣ ହେଲେ, ଜାତିର ଅସ୍ତିତ୍ୱ ଟଳମଳ ହୁଏ। ଆମର ପୂର୍ବସୁରୀମାନେ ଏହି କଥାଟିକୁ ହେଜି ଥିବାରୁ ଭାଷାକୁ ବଂଚାଇବାକୁ ଅଣ୍ଟା ଭିଡ଼ିଥିଲେ। ଆମକୁ ତାହାର ସୁଫଳ ମିଳିଛି। ହେଲେ କ'ଣ ହେବ ? ଅଣ୍ଟା ଭିଡ଼ିବାର ପ୍ରକ୍ରିୟା ଭିତରେ ଥିଲା ସେମାନଙ୍କର ସ୍ୱତଃସ୍ଫୂର୍ତ୍ତ ଆଗ୍ରହ, ଏକ ବଳିଷ୍ଠ ଦୂରଦୃଷ୍ଟି ଏବଂ ଜୀବନକୁ ପଣ ଲଗାଇବାର ସାହସ ଓ ବୀରତ୍ୱ। କିନ୍ତୁ ସ୍ୱାଧୀନୋତ୍ତର କାଳରେ ସେଇଟି କ୍ରମାଗତ ଭାବେ 'ସ୍ୱଜାତି ପରହିଂସୁକ' ନ୍ୟାୟରେ ନିମ୍ନାଭିମୁଖୀ ହେଲା। କେତେକ ଉଚ୍ଚ ଶିକ୍ଷିତ ଓଡ଼ିଆ, ଧନୀକ ଓଡ଼ିଆ, ଉଚ୍ଚ ପଦସ୍ଥ ସରକାରୀ ଓ ବେସରକାରୀ ଓଡ଼ିଆ ନିଜର ସନ୍ତାନ ମାନଙ୍କୁ ଇଂରାଜୀ ମାଧ୍ୟମ ପବ୍ଲିକ୍ ସ୍କୁଲରେ ପାଠ ପଢ଼ାଇବାକୁ ବେଶି ପସନ୍ଦ କଲେ। ସେହିଠୁଁ ଏକ ନୂଆ ଧାରା ସୃଷ୍ଟି ହେଲା। ସାଧାରଣ ଓଡ଼ିଆ ପ୍ରଥମେ ସୂକ୍ଷ୍ମସ୍ତରରେ ଏବଂ ପରେ ସ୍ଥୁଳ ସ୍ତରରେ ପ୍ରତ୍ୟେକ କ୍ଷେତ୍ରରେ ଇଂରାଜୀ ପଢ଼ୁଆ ଶିକ୍ଷିତଙ୍କର ଅହଂକାର ନିକଟରେ ନତଜାନୁ ହୋଇ ପ୍ରଚଣ୍ଡ ହୀନମନ୍ୟତା (Inferior complexity) ର ଶିକାର ହେଲେ। କିନ୍ତୁ ପରେ ଅର୍ଥନୈତିକ ସମୃଦ୍ଧିର ତାଳେତାଳେ ସାଧାରଣ ଲୋକେ ଇଂରାଜୀ ପବ୍ଲିକ୍ ସ୍କୁଲରେ ନିଜର ପିଲାମାନଙ୍କୁ ପଢ଼ାଇବାକୁ ଆଗଭର ହେଲେ। ସୀମିତ ସୁଯୋଗ ଯେତେବେଳେ ପ୍ରସାରିତ ସୁଯୋଗରେ ପରିଣତ ହୁଏ, ସେତେବେଳେ ଇଂରାଜୀ ଭାଷାରେ ଶିକ୍ଷିତ ଲୋକଙ୍କର ସାମାଜିକ ଉଚ୍ଚତାକୁ ଲକ୍ଷ୍ୟ କରି ସାଧାରଣ ଜନତା ହାତପାଆନ୍ତାରେ ଉପଲବ୍ଧ ସୁଯୋଗକୁ ହାତଛଡ଼ା କରିବା ଲାଗି ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ସେମାନେ ଯେମିତି ଜୀବନଯାକ ହୀନମନ୍ୟତାର ଶିକାର ହୋଇଛନ୍ତି, ସେମାନଙ୍କର ବଂଶଧର ମାନେ ସେଭଳି ମାନସିକତାର ଶରବ୍ୟ ନ ହୁଅନ୍ତି ବୋଲି ଭାବିବା ସ୍ୱଭାବିକ। ଇଂରେଜ ମାଧ୍ୟମରେ ପିଲାଙ୍କୁ ପଢ଼ାଇବାର ଯେଉଁ କୃତ୍ରିମ ମାନସିକତାର ଧାରା ଏକଦା କେତେକ ମୁଷ୍ଟିମେୟ ଓଡ଼ିଆଙ୍କ ଭିତରେ ଜାତ ହୋଇଥିଲା, ତାହା ବର୍ତ୍ତମାନ ବିଶାଳ ଆକାରରେ ସ୍ରୋତଗାମୀ ହୋଇ ଓଡ଼ିଆ ସମାଜରେ ଚରି ଗଲାଣି। ସେଥିପାଇଁ ଯେ, ଇଂରାଜୀ ଦାୟୀ, ତାହା ଭାବିବା ଏକଦମ୍ ଭୁଲ୍, ବରଂ ଆମର କୃତ୍ରିମ ଓ ଛଳନାପୂର୍ଣ୍ଣ ହୀନମନ୍ୟତା ଦାୟୀ। ତତ୍‌ସହିତ ସରକାରୀ ନିଷ୍କ୍ରିୟତା, ହେୟ ମନୋଭାବ ଏବଂ ସର୍ବୋପରି ଜଗତିକରଣ ଓ ପ୍ରଯୁକ୍ତିବିଦ୍ୟାର ସଂପ୍ରସାରଣ ସହ ଆମର ଭାଷାକୁ ଯୁଗୋପଯୋଗୀ କରିବାର ଅସମର୍ଥତା ମଧ୍ୟ ସମପରିମାଣରେ ଦାୟୀ।

ଭାଷାକୁ ଜାଣିଶୁଣି କେହି ତିଆରି କରିନାହିଁ। ବରଂ ସ୍ୱତଃସ୍ଫୂର୍ତ୍ତ ଭାବେ ସଭ୍ୟତା ଓ ସଂସ୍କୃତି ଭିତରୁ ସୃଷ୍ଟି ହୋଇଥାଏ। ପ୍ରତ୍ୟେକ ଭାଷାର ଗୋଟିଏ ଲେଖାଏଁ ବୈଶିଷ୍ଟ୍ୟ ରହିଛି। ଗୋଟିଏ ଭାଷା ଗୋଟିଏ ଜାତି ସହିତ ଓତପ୍ରୋତଃ ଭାବରେ ଜଡ଼ିତ। ଗୋଟିଏ ଗୋଟିଏ ଶବ୍ଦ ଭିତରେ ରହିଛି ସେହି ଜାତିର ଇତିହାସ, ସଂସ୍କୃତି, ଚେତନା, ଭାବାବେଗ, ଚଳଣି ଇତ୍ୟାଦି। ଆର.ଏ.ୟେଲେ ସଂସ୍କୃତ ମନ୍ତ୍ରକୁ ବ୍ୟାଖ୍ୟା କରି ତାଙ୍କ ପୁସ୍ତକ *Ritual, Rhetoric, and The Dream of A Natural Language in Hindu Tantra* ùe KjòQ«ò - a natural language is the cross- cultural idea of a language that, having a direct connection to reality, both true and effective.

ସେହି ଦୃଷ୍ଟିରୁ ଓଡ଼ିଆ ଏକ ପ୍ରାଚୀନ ଭାଷା ଯାହା ଏକ ଜୀବନ୍ତ ଗତ୍ୟାତ୍ମକ ସଂସ୍କୃତିରୁ ଜନ୍ମ - a language that arose spontaneously in a living culture....... । ଏହାର ଶବ୍ଦ ଗୁଡ଼ିକ ଭିତରେ ଯେପରି ରହିଛି ପ୍ରଚଣ୍ଡ ଶକ୍ତି, ସେପରି ତାହାର ମାଡ଼ିବସିଲା ଭଳି ଉଚ୍ଚାରଣ। ଏହାର ଶବ୍ଦ ଗୁଡ଼ିକୁ ଅନ୍ୟଭାଷାରେ ବିଶେଷକରି ବିଦେଶୀ ଭାଷାରେ ଅନୁବାଦ କଲେ ମଧ୍ୟ ଏହାର ନିହିତାର୍ଥକୁ ଅନ୍ୟମାନେ ସହଜରେ ବୁଝି ପାରନ୍ତିନି ଯେମିତି ଓଡ଼ିଆ ମାନେ ବୁଝି ପାରନ୍ତି। " a lizard meanwhile tick tick, the old man said - true true.. । "ଏମନ୍ତ ସମୟରେ ଝିଟିପିଟି ଟିଏ ଟିକ୍ ଟିକ୍ କଲା, ବୁଢ଼ା କହିଲା - ସତ୍ ସତ୍।" ଏଭଳି ଅନେକ ଶବ୍ଦ ଓ ବାକ୍ୟକୁ ଉଦାହରଣ ଭାବେ ନିଆଯାଇ ପାରେ। କହିବାର ତାତ୍ପର୍ଯ୍ୟ ଯେ, ବିଦେଶୀମାନେ ସେମାନଙ୍କ ଭାଷାରେ ଏହି ସବୁ ଅନୂଦିତ ଓଡ଼ିଆ ଶବ୍ଦକୁ ବୁଝି ପାରନ୍ତି ଏଥିରେ ସନ୍ଦେହ ନାହିଁ, କିନ୍ତୁ ଓଡ଼ିଆ ପାଠକ ସେହି ଶବ୍ଦ ଓ ଭାବର ଶକ୍ତିଶାଳିତାକୁ ଯେପରି ଅନୁଭବ କରି ତନ୍ମୟ ଓ ଉଲ୍ଲସିତ ହୁଅନ୍ତି, ସେପରି ସେମାନେ ହେଇପାରିବେ ନାହିଁ। କେବଳ ଓଡ଼ିଆ ଭାଷା ନୁହେଁ, ସବୁ ଭାଷାର ଅସ୍ତିତ୍ୱ ସେପରି। କାହିଁକି ନା ଗୋଟିଏ ମହାଜାଗତିକ ଶବ୍ଦ (cosmic sound) ଭିତରୁ ଅନେକ ଭାଷାର ସୃଷ୍ଟି।

ତାହା ନହୋଇଥିଲେ, ସମଗ୍ର ବିଶ୍ୱର ଗୋଟିଏ ଭାଷା ହୋଇଥାନ୍ତା, ଗୋଟିଏ ପ୍ରକାର କଥା କହୁଥାନ୍ତେ । ପ୍ରକୃତିର ବୈଶିଷ୍ଟ୍ୟ ହେଲା ବିବିଧତା । 'ଦେଶ୍‌କା ଫାଙ୍କ୍ ନଇକା ବାଙ୍କ୍' ନ୍ୟାୟରେ ସବୁ ଭାଷାର ସୃଷ୍ଟି । ଯେଉଁ ଭାଷାରେ ଲୋକେ ନିଜର ଭାଷାକୁ ହେୟ ଜ୍ଞାନ କରନ୍ତି, ସେହି ଭାଷାଟି ସମୟ ଚକ୍ରରେ ବିଲୁପ୍ତ ହୋଇଯାଏ ।

ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସ ଏହି ପରିପ୍ରେକ୍ଷୀରେ ଏକ ସାକ୍ଷାତକାରରେ କହିଥିଲେ - ପ୍ରତି ଭାଷା ପଛରେ ଏକ ଚେତନା, ଏକ ଦିବ୍ୟ ଶକ୍ତି ରହିଥାଏ । ଭାରତୀୟ ପରମ୍ପରାରେ ଦେବୀ ସରସ୍ୱତୀ ଯେମିତି ସାହିତ୍ୟରେ ଆରାଧ୍ୟା - ଏ ବିଶ୍ୱାସ ତାହାରି ପାଖାପାଖି । ନମ୍ରତା ଓ ଶ୍ରଦ୍ଧା ସହ ଏକ ଭାଷାରେ ସେ ଭାଷାର ସେହି ପ୍ରଚ୍ଛନ୍ନଶକ୍ତି ପ୍ରତି ଜଣେ ଉନ୍ମୁଖ ହେଲେ ସେ ଭାଷାର ଗୌରବମୟ ଦୁର୍ଗ ଭିତରକୁ ତା' ପାଇଁ ଏକ ବ୍ୟକ୍ତିଗତ ବାଟ ଖୋଲିଯାଏ । .... ମୋର ବିଶ୍ୱାସ, ଖାଣ୍ଟି କବିତା କେବଳ ମାତୃଭାଷାରେ ହିଁ ଲେଖା ହୋଇପାରେ, ଯେଉଁ ଭାଷା ଜରିଆରେ ବିଭିନ୍ନ ଧାରଣା ଓ ବସ୍ତୁର ପରିଚୟ ମନରେ ପ୍ରଥମେ ତା ଭାବାବେଗ ପ୍ରକାଶ କରିବାକୁ ଚେଷ୍ଟା କରିଥାଏ, ଯେଉଁ ଭାଷାରେ ସେ ପ୍ରଥମେ ତା' ସ୍ୱପ୍ନ ଓ ତା'ର ଅସଲଗ୍ନ ଚିନ୍ତା ସବୁକୁ ରୂପ ଦେଇଥାଏ । ଏହାହିଁ ସାଧାରଣ ନିୟମ । ବ୍ୟତିକ୍ରମ ରହିଛି କିନ୍ତୁ ବିରଳ ।'

ଆଜକୁ ପ୍ରାୟ ଛବିଶ ଶହ ବର୍ଷ ପୂର୍ବେ ଭଗବାନ ବୁଦ୍ଧଙ୍କୁ ଦୁଇଜଣ ବ୍ରାହ୍ମଣ ସଂସ୍କୃତ ଭାଷାରେ ତାଙ୍କ ମୁଖ ନିଃସୃତ ଧମ୍ମକୁ ଲିପିବଦ୍ଧ କରିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ବୁଦ୍ଧ ଏଭଳି ଅନୁରୋଧକୁ ତତ୍‌କ୍ଷଣାତ ପ୍ରତ୍ୟାଖାନ କରି କହିଥିଲେ - "ନା ବ୍ରାହ୍ମଣ ! ସାଧାରଣ ଜନତାଙ୍କ ଚିନ୍ତା ଓ ଚେତନାର ଭାଷାରେ ଧମ୍ମର ଉପଦେଶ ଦେଉଛି, ସେମାନଙ୍କୁ ଅବୋଧ୍ୟ ତତ୍ୱ ଜାଲରେ ଅକାରଣେ ଛନ୍ଦିବାକୁ ଚାହେଁନି ।" ସେଥିପାଇଁ ତ ତତ୍‌କାଳୀନ ସମାଜରେ ବୁଦ୍ଧଙ୍କର ଧମ୍ମକୁ ସବୁବର୍ଗର ଲୋକେ ଗ୍ରହଣ କରିପାରିଥିଲେ । ଉନବିଂଶ ଶତାବ୍ଦୀର ଅନ୍ତିମ ଭାଗରେ ସ୍ୱାମୀ ବିବେକାନନ୍ଦ ମଧ୍ୟ ସୁପ୍ତ ଭାରତୀୟଙ୍କ ଭିତରେ ଦେଶଭକ୍ତି ଜାଗ୍ରତ କରିବା ଲାଗି କହିଥିଲେ - teach our people in vernacular. ଅର୍ଥାତ ମାତୃଭାଷାରେ ଲୋକମାନଙ୍କୁ ଶିକ୍ଷା ଦିଅ । ସେହି କାରଣରୁ ଆମ ପାଖରେ ସଂସ୍କୃତ ରାମାୟଣ, ମହାଭାରତ, ଭାଗବତ ଭଳି ଅନେକ ଗ୍ରନ୍ଥ ରହିଥିଲେ ବି ଓଡ଼ିଆ ଭାଗବତ, ମହାଭାରତ ଓ ଅନ୍ୟାନ୍ୟ ଧର୍ମ ଗ୍ରନ୍ଥ ଆଜିବି ଓଡ଼ିଆ ମାନଙ୍କ ହୃଦୟକୁ ସ୍ପର୍ଶ କରୁଛି ।

ହୀନମନ୍ୟତାର ଶିକାର ହୋଇଥିବା ଓଡ଼ିଆମାନେ ନିଜର ମହିମମୟ ଭାଷା ପ୍ରତି କେମିତି ବର୍ତ୍ତମାନ ନିଃସ୍ପୃହ ଓ ଚେତନଶୂନ୍ୟ, ଗୋଟିଏ ଉଦାହରଣରୁ ବେଶ୍ ବୁଝିପାରିବା । ନିକଟରେ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ମହାଆଡମ୍ବରରେ ପାଳିତ ହୋଇଛି । ସେଥିପାଇଁ ଏକ ସ୍ମରଣିକା ପ୍ରକାଶ ହୋଇଛି । ଯେଉଁଥିରେ ଦୁଇଟି ଓଡ଼ିଆ ଲେଖାକୁ ଛାଡ଼ିଦେଲେ ସବୁ ଇଂରାଜୀ । ଖଣି ଗୁଡ଼ିକରେ ଶତପ୍ରତିଶତ ଓଡ଼ିଆ କାର୍ଯ୍ୟରତ । ଖଣି ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ହିଁ ଏଭଳି mines environment & mineral conservtion week ପ୍ରତିବର୍ଷ ପାଳିତ ହୁଏ । ଏହି ଇଂରାଜୀ ସ୍ମରଣିକାଟି କେମିତି ଶ୍ରମିକ ମାନଙ୍କୁ ସଚେତନ କରିବାରେ ସାହାଯ୍ୟ କରିବ ତାହା ବୁଝି ହୁଏ ନାହିଁ । କିନ୍ତୁ ବେଶ୍ ବୁଝି ହୁଏ ଆମ ଉଚ୍ଚ ଶିକ୍ଷିତ, ଉଚ୍ଚପଦସ୍ଥ ଅଫିସର ଏବଂ ଖଣି ମାଲିକ ମାନଙ୍କର ଓଡ଼ିଆ ଭାଷା ପ୍ରତି ହେୟ ମନୋଭାବକୁ । ଏଭଳି ଅନେକ ଦୃଷ୍ଟାନ୍ତ ପ୍ରତିଦିନ ଆମର ଦୃଷ୍ଟିକୁ ଆସେ । କିନ୍ତୁ ଆମେ ନଦେଖିଲା ପରି ଏସବୁକୁ ଏଡ଼ାଇ ଦେଇଥାନ୍ତି । କିନ୍ତୁ ଆମର ସାମାନ୍ୟତମ ସଚେତନତା ଏତାଦୃଶ ହୀନମନ୍ୟତାକୁ ଦୂର କରିପାରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ।

ଆମର ଓଡ଼ିଆ ଭାଷା ସେହି ମହାଜାଗତିକ ଶବ୍ଦରୁ ଉଦ୍‌ଭବ, କେହି ଦୟାକରି ଆମ ଉପରେ ଏହି ଭାଷାକୁ ଲଦି ଦେଇନାହାନ୍ତି । ବରଂ ପ୍ରାକୃତିକ ନିୟମରେ ଆବହମାନ କାଳରୁ ଉଚ୍ଚାରିତ ଓ ଉଚ୍ଚାରିତ ହେଇ ଆସୁଛି, ଉଚ୍ଚାରିତ ହେଉଥିବ ମଧ୍ୟ ଯେ ପର୍ଯ୍ୟନ୍ତ ଆମେ ଏକୁ ହେୟ ଜ୍ଞାନ କରିନାହୁଁ । ବର୍ତ୍ତମାନର କୃତ୍ରିମ ହୀନମାନ୍ୟତାକୁ କ୍ଷୀଣ ଅଥବା ମୂଳପୋଛ କରିବାକୁ ହେଲେ ସରକାରଙ୍କର ଭୂମିକା ଯେତେମାତ୍ରାରେ ରହିଛି, ସମପରିମାଣରେ ବି ଆମର ରହିଛି । ଆମକୁ ଜାତିପ୍ରାଣ ସିନ୍ଧୁରେ ବିନ୍ଦୁଟିଏ ହୋଇ ଡେଇଁବାକୁ ହେବ । ଆଜି ଭାଷାର ସୁରକ୍ଷା ଓ ଉନ୍ନତି ନିମନ୍ତେ ଯେଉଁ କେତେଜଣ ଭାଷା ପ୍ରେମୀ ନିଷ୍ଠାପର ଉଦ୍ୟମ ଚଳାଇଛନ୍ତି, ସେମାନଙ୍କ ପଛରେ କାୟମନୋବାକ୍ୟରେ ଆମକୁ ଠିଆ ହେବାର ଆବଶ୍ୟକତା ରହିଛି । ଓଡ଼ିଆ ଭାଷା ହିଁ ଆମ ଚିନ୍ତା ଓ ଚେତନାର ଭାଷା, ଏହା ବ୍ୟତିରେକ ଏ ଜାତିର ଅସ୍ତିତ୍ୱ ନାହିଁ, ଏହି ମର୍ମ କଥାଟିକୁ ଆମକୁ ବୁଝିବାକୁ ହେବ ।

*ପ୍ଲଟ ନମ୍ବର– ୩୭୧/୨୪୭୬*
*ପଟିଆ ଛକ, ଶିଶୁବିହାର, ପୋଷ୍ଟ– କିଟ, ଭୁବନେଶ୍ୱର–୭୫୧୦୨୪*
*ମୋବାଇଲ - ୯୯୩୭୨୯୭୦୩୯*

●●●●

# ମୁଁ ପରା ଓଡ଼ିଆ

*ଡ. ସୋମନାଥ ବିଷୋୟୀ*

ହଠାତ୍ ଅଧ୍ୟାପିକା ଜଣକ ତାଙ୍କ କୁନି ପୁଅଟି ଉଦ୍ଦେଶ୍ୟରେ ପାଟି କରି ଉଠିଲେ– ଆରେ ହେ, ହେ ପୁପୁନ୍ ! ସେ ୱାଟର୍ ଗୁଡ଼ା ଡ୍ରିଙ୍କ୍ କର୍‌ନା, ମୋ ଧନଟା ପରା ! ସେଗୁଡ଼ା ଡାର୍ଟି ।

ଏତିକି କହିସାରିଲା ବେଳକୁ ତାଂକର ଦୃଷ୍ଟି ମୋ ଉପରେ ପଡ଼ିଲା । ସେ ଟିକେ ହସିଦେଲେ ଏବଂ ମୋତେ କହିଲେ, ସାର୍ ! ତାକୁ ଟିକେ ମନା କଲେ, ସିଏ ସେ ପାଣି ଗୁଡ଼ା ନହେଲେ ପିଇଦବ ।

ମୁଁ ସେତେବେଳକୁ ତାଙ୍କ ତୁଣ୍ଡରୁ ତାଙ୍କ ପୁଅ ଉଦ୍ଦେଶ୍ୟରେ ନିର୍ଗତ ବାକ୍ୟ ତଥା ଶବ୍ଦ କେତୋଟିକୁ ମନ ଭିତରେ ଧରି ପେଟ ଭିତରେ ହଜମ କରିବାକୁ ଚେଷ୍ଟା କରୁଥିଲି । ମୋ'ର ଗୋଟାଏ ବଦଗୁଣ ଯେ ଅନେକ କଥା ଏମିତି ମୁଁ ହଜମ କରିପାରେନି ଅନ୍ୟମାନଂକର ।

ସେ ମୋତେ ଅବଶ୍ୟ ଗାଳି ଦେଇନାହାଁନ୍ତି । କିଂତୁ ଏଇଠି ମୁଁ ଜୋର୍ ଦେଇ କହିପାରେ ଯେ କ୍ଷେତ୍ର ବିଶେଷରେ ମୁଁ ଗାଳି ସିନା ହଜମ କରିପାରେ, କିଂତୁ ମୋ ଭାଷା ପ୍ରତି ଏମିତି ବେଖାତିର୍ ଓ ଅନାଦର ଭାବକୁ ମୁଁ ଜମା ହଜମ କରିପାରେନି । ଆପଣମାନେ ହୁଏତ ଏଇଠି ଭାବିପାରନ୍ତି, ମୁଁ ତେବେ କ'ଣ ଖାଲି ଶୁଦ୍ଧ ଓଡ଼ିଆ କହୁଚି ? ଏବଂ ସବୁ ଓଡ଼ିଆ ଅଧ୍ୟାପକ ଅଧ୍ୟାପିକାମାନେ କ'ଣ ସବୁବେଳେ ଶୁଦ୍ଧ ଓଡ଼ିଆ କହନ୍ତି ଏବଂ କହିବାକୁ ବାଧ୍ୟ ?

ନାଇଁ ଆଜ୍ଞା, ଏମିତି କଥା କୋଉଠି ହୁଏନି । ଇଂରାଜୀ ଆମକୁ ଆବଶ୍ୟକ ସ୍ଥଳେ ଏବଂ ଯେତିକି ଆବଶ୍ୟକ କହିବାକୁ ହେବ । ନ କହିଲେ ଚଳିବନି ।

କିଂତୁ ଆମେ ଅନାବଶ୍ୟକ ଇଂରାଜୀ କହିବା କାହିଁକି ?

ଆପଣମାନେ ଭାବିପାରନ୍ତି, କୋଉଠି ଆବଶ୍ୟକ, ଆଉ କୋଉଠି ଅନାବଶ୍ୟକ, ଆମେ ଜାଣିବୁ କେମିତି ? ଆଜ୍ଞା, ପିଲାଟିକୁ କୁହାଯାଉଚି ମାନେ ଡାକ ପକାଯାଉଛି, 'ଆରେ ହେ, ହେ ପୁପୁନ୍' । ତା' ନାଁ ପୁପୁନ୍ । ଏଇଟା ତ ଓଡ଼ିଆ ନୁହଁ ? ତଥାପି ଏଇଟାକୁ ଆମେ ଓଡ଼ିଆ ବୋଲି ଗ୍ରହଣ କରିଗଲେ କିଛି ଅସୁବିଧା ନାହିଁ । 'ଆରେ ହେ ହେ' ତ ନିଛକ ଓଡ଼ିଆ ! ପୁଣି 'ସେ ୱାଟର୍ ଗୁଡ଼ା'– ଏଠି 'ସେ' ଆଉ 'ଗୁଡ଼ା' ଏ ଦିଟା ତ ପୂରା ଓଡ଼ିଆ । 'ଡ୍ରିଙ୍କ୍ କର୍‌ନା'– ଏଥିରେ କର୍‌ନା ବି ଓଡ଼ିଆ । ମୋ 'ଧନଟା ପରା' ସଂପୂର୍ଣ୍ଣ ଓଡ଼ିଆ । 'ସେ ଗୁଡ଼ା ଡାର୍ଟି' – ଏଥିରେ ସେଗୁଡ଼ା ଓଡ଼ିଆ ।

ଅତଏବ୍ ଏ ବାକ୍ୟଟି ଓଡ଼ିଆ । ଏହାର ଗଠନ ଓଡ଼ିଆ, ଏହାର ଉଚ୍ଚାରଣ ଓଡ଼ିଆ, ଏହାର ଭାବାର୍ଥ ମଧ୍ୟ ଓଡ଼ିଆ । ଯୋଉ ଯାଗାରେ କୁହାଯାଉଚି, ସେ ଯାଗା ମଧ୍ୟ ଓଡ଼ିଶା । ଯିଏ କହୁଚି, ସିଏ ଜଣେ ଓଡ଼ିଆ ଘରର ଉଚ୍ଚଶିକ୍ଷିତା ଏବଂ ବିବାହିତା । ତେବେ ସିଏ ଯା' ଭିତରେ ୱାଟର୍, ଡ୍ରିଙ୍କ୍ ଓ ଡାର୍ଟି ଶବ୍ଦ କେତୋଟି ପୂରେଇଲେ କାହିଁକି ? ପିଲାକୁ ଇଂରାଜୀ ପ୍ରତି ଆକୃଷ୍ଟ କରିବାକୁ ? ନିଜ ଇଂରାଜୀ ଜ୍ଞାନର ପରିଚ୍ୟ ଦେବାକୁ ? ବାହାଦୂରୀ ମାରିବାକୁ ? ଶିକ୍ଷିତ ପଣିଆର ପରିଚ୍ୟ ଦେବାକୁ ? କ'ଣ ପାଇଁ ? ସିଏ ଯେମିତି ଇଂରାଜୀ ଢଂଗରେ ଓ ଯାହା କହିଲେ, ସେମିତି ଓ ତାହା କ'ଣ ଆମେ କହିପାରିବୁନି ? ଆମେ କ'ଣ କହିପାରିବୁନି ଡ୍ରିଂକ୍ କର୍‌ନା, ସେ ଗୁଡ଼ା ଡାର୍ଟି ? ତେବେ ସିଏ କାହିଁକି ଏମିତି କହିଲେ ?

ଏହାର କିଛି କାରଣ ବା ହେତୁ ମୁଁ ଏଯାଏଁ ବୁଝିପାରୁନି ଆଜ୍ଞା ! ଅଧ୍ୟାପକ ଓ ଅଧ୍ୟାପିକା ଖାଲି ନୁହଁନ୍ତି, ବହୁ ଶିକ୍ଷିତ ଓ ଉଚ୍ଚଶିକ୍ଷିତ ବର୍ଗର ଓଡ଼ିଆ (ଓଡ଼ିଆ ନା ଓଡ଼ିଶାବାସୀ ?) ଏମିତି କହନ୍ତି । ପୁଣି ଜ୍ଞାନମୁତାବକ ଆଉ ଟିକିଏ ଅଧିକ ଓ ଢଂଗରେ କହନ୍ତି । ଓଡ଼ିଆ କହନ୍ତି, ପୁଣି ପଦେ ନହେଲେ ଦି'ପଦ, ନହେଲେ ତିନି ଚାରିପଦ ଇଂରାଜୀ କହିଦେଇ ପୁଣି ଓଡ଼ିଆକୁ ଫେରି ଆସନ୍ତି । ତାଂକ ତୁଣ୍ଡରେ ଆଉ ଇଂରାଜୀର କସରତ୍ ହେଇପାରେନି । ସେମାନେ ଭଲରକମ୍ ଜାଣନ୍ତି ଯେ ସେମାନେ ସ୍ୱଚ୍ଛନ୍ଦରେ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଦୀର୍ଘ ସମୟ ଧରି ଅଥବା କିଛି ସମୟ ଧରି ଧାରାବାହିକ ଭାବରେ ନିରୋଳା ଇଂରାଜୀ କହିପାରିବେ ନାହିଁ ବା ଯଦି କହିବେ ସେଥିରେ ଭାବ ବିନିମୟର ସ୍ପଷ୍ଟତା ଓ ସ୍ୱାଭାବିକତା ନଥିବ ।

ତଥାପି ସେମାନେ କହନ୍ତି । କିଛି ଭାବନ୍ତିନି ।

ଚନ୍ଦ୍ରମଣି ସାର୍ ସେଦିନ କହିଲେ– ତମେ ବିଶ୍ୱାସ କର, ସେ ଦିନ I was there and I saw their quarrel. O! What a nonsence quarrel that was! ସେ ଲୋକ ତ ପୂରା ମା' ଭଉଣୀ ଇଜ୍ଜତ ସାରିକି ଶୋଧିଲା । କାନରେ ଶୁଣିବନି ସେ ଭାଷା । ମୁଁ ତ କଳ୍ପନା ବି କରିପାରି ନଥିଲି । But it is true that inside him there was a very unsivilized being, ହଁ !

ଆଜ୍ଞା, ଏମିତି କଥାବାର୍ତ୍ତା ଏବେ ପ୍ରାୟ ସମସ୍ତେ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। କିଂତୁ କେହି ହସୁ ନାହାଁନ୍ତି। କେହି ଖରାପ ଭାବୁନାହାଁନ୍ତି। କେହି ବି ଏମିତି କହିବାକୁ ଲଜ୍ଜା ଅନୁଭବ କରୁନାହାଁନ୍ତି।

ମୁଁ ସେଦିନ କଲେଜ୍‌ରେ ଯେତେବେଳେ ପ୍ରଥମ କ୍ଲାସ୍‌ଟି ନେଲି, ପିଲାଙ୍କର ଉପସ୍ଥାନ ପକେଇଲି ଓଡ଼ିଆରେ। କହିଲି 'ପିଲେ ନିରବତା ରକ୍ଷା କର ଏବଂ ଉପସ୍ଥାନ ଦିଅ'। ପିଲେ ତାଟକା ପରି ଉଣ୍ଡିଲେ ଏବଂ ମୁଁ ଯେତେବେଳେ ଏକ୍, ଦୁଇ, ତିନି, ଚାରି ଏମିତି କରି ଜଣକ ପରେ ଜଣେ ପକେଇ ଚାଲିଲି, ସେମାନେ ହସିବାକୁ ଲାଗିଲେ। ଗୋଟାଏ ହାସ୍ୟରୋଳ ଉଠିଲା।

ମୁଁ ଲଜ୍ଜିତ ଅନୁଭବ କରିବା କଥା କି କ'ଣ, କିଂତୁ ମୁଁ ନିଜକୁ ବୋକା ବା ନିର୍ବୋଧ ଅନୁଭବ କଲି। କିଂତୁ ମୁଁ ଜାଣିଥିଲି ଯେ ସମସ୍ତେ ଇଂରାଜୀରେ ହିଁ ଉପସ୍ଥାନ ପକାନ୍ତି ଏବଂ ମୁଁ ଜାଣିଗଲି ମୁଁ ଓଡ଼ିଆରେ ପକାଇବାରୁ ହିଁ ପିଲାଏ ଏମିତି ହସୁଛନ୍ତି। ଏବେବି ମୁଁ ଯଦି ମୋବାଇଲ୍ ନମ୍ବର ଓଡ଼ିଆରେ କାହାକୁ ଡାକେ, ସେମାନେ ହସନ୍ତି। ଆଜିକାଲି ମୂର୍ଖ ପିଲାଏ ଯୋଉଠି ମୋବାଇଲ୍‌ର ନମ୍ବର ଇଂରାଜୀରେ ଡାକୁଛନ୍ତି, ମୁଁ ସେଇଠି ଓଡ଼ିଆରେ ଡାକିଲେ ସେମାନେ ହସିବେନି ?

ସେଦିନ କିଂତୁ ପିଲାଙ୍କ ଉପରେ ନ ଚିଡ଼ି, ଏ ବାବଦରେ ଅଧଘ□ ପଢ଼େଇଲି। ଓଡ଼ିଆମାନେ ତ ସବୁବେଳେ ଏଇଆ। ସାଧାରଣ କଥାକୁ ପଢ଼େଇଲେ ପଢ଼ିବେ, ବୁଝେଇଲେ ବୁଝିବେ, ନହେଲେ ନାଇଁ। ସେଦିନଠୁ ଅବଶ୍ୟ ପିଲାମାନେ କେହି ଆଉ ଏଥିପାଇଁ ହସୁ ନାହାନ୍ତି। କିଂତୁ କେତୁଟା ପିଲା 'yes sir', ବଦଳରେ ଆଜ୍ଞା ସାର୍, ଅଛି ସାର୍, ଉପସ୍ଥିତ ସାର୍ କହି ଆଉ ଗୋଟିଏ ଭିନ୍ନ ଭାବର ହାସ୍ୟ ପରିବେଶ ସୃଷ୍ଟି କଲେ। ଇଏତ ଚିଡ଼େଇଲା ପରି ହେଲା ! ନହେଲେ ଅନ୍ୟମାନେ ହସିଲେ କାହିଁକି ?

ମୁଁ କିଂତୁ ଯୋଉ ଅଧାପିକା ଜଣଙ୍କ କଥା ପ୍ରଥମରୁ କହୁଥେଲି, ସିଏ ତ ଯାହା ତାଂକ ପୁଅଟିକୁ କହିଲେ କହିଲେ, ମତେ କାହିଁକି ଉଣ୍ଡିକି ହସିଲେ ? ମୁଁ କିଂତୁ ସେଥରକ ଆଉ ନିଜକୁ ବୋକା ଅନୁଭବ କଲିନି। ପ୍ରତିହସ ଟିକିଏ ଦେଇଦେଲି। ଆଉ ଅପେକ୍ଷା କଲି ପଦେ କ'ଣ କହିବାର ସୁଯୋଗକୁ। ଆଜ୍ଞା, ମୁଁ ତ ସବୁବେଳେ ଏମିତି ସୁଯୋଗକୁ ହିଁ ଅପେକ୍ଷା କରେ।

ସେ କଥାର ପନ୍ଦର କି କୋଡ଼ିଏ ମିନିଟ୍ ପରେ ଆଉ ଗୋଟିଏ ପରିସ୍ଥିତିରେ ପୁଣି ସେଇ ମାଡାମ୍ ଜଣକ କହି ଉଠିଲେ, ଆରେ ଦେଖୁନ ଏ ପିଲା ଦି'ଟାଙ୍କୁ। କେମିତି ଲାଗିଛନ୍ତି। ଦି ସଉତୁଣୀ ବି ଏମିତି ଲାଗିବେନି।

ମୁଁ ଏଥର ଆଉ ରହିପାରିଲିନି। ଆରମ୍ଭିଲି – ଏଇ ବାକ୍ୟଟି ମାଡାମ୍ କେଡ଼େ ବଢ଼ିଆ ଶୁଭିଲା ଆପଣଙ୍କ ତୁଣ୍ଡରେ ! ଏମିତି ନିଛକ ଓଡ଼ିଆ ଶବ୍ଦ ବା ବାକ୍ୟ ଆପଣ ଜମା ଇଚ୍ଛା କରି କହିନାହାନ୍ତି। ଏହା ସ୍ୱତଃସ୍ଫୂର୍ତ୍ତ ଓ ସ୍ୱଭାବ ସୁଲଭ। ଆପଣ ଯେତେ ଇଂରାଜୀ କହିଲେ ବି ଆପଣ ଯେ ଜଣେ ଓଡ଼ିଆ ଏଇ ବାକ୍ୟଟି ହିଁ ଆପଣଙ୍କୁ ଧରାପକେଇ ଦଉଚି। ଆପଣ ତେବେ କାହିଁକି ମିଛଟାରେ ଛଳନା କରି ଇଂରାଜୀ କହନ୍ତି ? କହି ମଧ କୋଉ କହି ପାରନ୍ତି ? ଆପଣ ତ ଧରା ହିଁ ପଡ଼ନ୍ତି ଏବଂ ପଡ଼ିବାକୁ ବାଧ। କାରଣ ମାତୃଭାଷା ରକ୍ତରେ ଆଉ ଚେତନାରେ ଘର କରି ରହିଛି। କାହିଁକି ଏ ମିଛ ଦେଖାଣିଆ ?

ଏଥର ମାଡାମ୍ ଜଣକ ଅପମାନ ବୋଧ କଲେ ହୁଏତ। ଏବଂ କହିଲେ ଆପଣ କ'ଣ ସତିଆ ? କଥାବାର୍ତ୍ତାରେ ଜମା ଇଂରାଜୀ କହନ୍ତିନି ? ତା' ଛଡ଼ା ଆପଣ ତ ଓଡ଼ିଆ ଅଧାପକ ଇଂରାଜୀରେ ଦୁର୍ବଳ ରହିବା ସ୍ୱାବାଭିକ୍। ସେଇଥିପାଇଁ ସହି ପାରୁନାହାଁନ୍ତି ! ଆମେ ପରା ଇଂଲିଶ୍ ମିଡ଼ିଅମ୍‌ରେ ମୂଳରୁ ପଢ଼ି ଆସିଛୁ। ଆପଣଙ୍କ ପରି କ'ଣ ଓଡ଼ିଆ !

ମୁଁ ସେଦିନ କଦାପି ନିଜକୁ ବୋକା ଅନୁଭବ କରିନଥିଲି, ବରଂ ସବୁଠୁ ଅସହାୟ ଓ ଦୁଃଖୀ ଅନୁଭବ କରିଥିଲି। କାରଣ ମୁଁ ପରା ଓଡ଼ିଆ !

## କ'ଣ ହେବ ଏ ଜାତିର ଅବସ୍ଥା ?

ଓଡ଼ିଶାର ଏକ ସୁପରିଚିତ ପାଠ୍ୟପୁସ୍ତକ ପ୍ରକାଶନ ସଂସ୍ଥା ତା'ର ବିଜ୍ଞାପନ ପାଇଁ ସରକାରୀ ଓ ବେସରକାରୀ କଲେଜମାନଂକରେ ବୁଲି ବୁଲି ପୁସ୍ତକମାନ ବିତରଣ କରୁଥିଲେ। ବିଭିନ୍ନ ବିଭାଗର ଅଧାପକ/ଅଧାପିକା ମାନଂକୁ ଉପହାର ସ୍ୱରୂପ କିଛି କିଛି ବହି ସେମାନେ ନମୁନା ସ୍ୱରୂପ ଦେଉଥିଲେ ଏବଂ କହୁଥିଲେ ଯେ ପିଲାମାନଂକୁ ସେହି ପ୍ରକାଶନର ବହି କ୍ରୟ କରିବା ପାଇଁ କହିବାକୁ।

ସେଦିନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାଧାରଣ ପ୍ରକୋଷ୍ଠରେ ଏମିତି ବଢାକୁ□। ଚାଲିଥିଲା ବେଳେ ଆମ ନିରୂପମା ମାଡ଼ାମ୍ ପଚାରି ଦେଲେ,

ଓଡ଼ିଆର କ'ଣ କିଛି ବହି ଛାପିନ ?

ସେମାନେ ନମ୍ରତା ସୂଚକ 'ନାହିଁ' ଜଣାଇଲେ। ଏବଂ କହିଲେ ଯେ 'ଏଇ ଯେଉଁ ନୂଆ କୋର୍ସ ଆସିଛି, ଏଥିପାଇଁ ବହି ଲେଖିବାକୁ କେହି ମଙ୍ଗୁ ନାହାଁନ୍ତି ଆଜ୍ଞା !

ଏତିକି କଥାରେ ହଠାତ୍ ଜଣେ ଅଧାପକ ମହାଶୟ କହି ଉଠିଲେ, ମଙ୍ଗୁ ନାହାନ୍ତି ନା କେହି ପାରୁନାହାନ୍ତି ?

ତାଙ୍କ କଥାରେ, ଅନ୍ୟଜଣେ 'ଦୁଆ' ଦେଇ କହି ପକେଇଲେ- ଆହେ, ପାରୁନାହାନ୍ତି କ'ଣ ପଚାରୁଚ ? 'କେହି ନାହାନ୍ତି' କହୁନ ? କିଏ ଅଛି ? ଥିଲେ କ'ଣ ବାହାରି ନଥାନ୍ତା ?

ଅନ୍ୟମାନେ ହଠାତ୍ ହସର ଖୋରାକ୍ ପାଇଗଲେ। ଅବଶ୍ୟ ଏ କଥାଟି ଅଧିକ ପ୍ରଯୁଜ୍ୟ ଥିଲା ନିରୂପମା ମାଡ଼ାମଙ୍କ ପାଇଁ। କାରଣ ସିଏ ଥିଲେ ସମସ୍ତଙ୍କର 'ପ୍ରାୟ ଭାଉଜ ସଂପର୍କୀୟା'।

କିନ୍ତୁ ଭାଉଜକୁ ଥଟ୍ଟା ପରିହାସ କରିବା ପାଇଁ ଭାଷାସାହିତ୍ୟକୁ ଥୋପ କରାଯିବ କାହିଁକି ? ପୁଣି ଜଣେ ଓଡ଼ିଆ ହେଇ ? ମତେ ଖୁବ୍ ବାଧୁଥିଲା ଏମିତି କଥା।

ହଠାତ୍ ଏତିକିବେଳକୁ ଆଉ ଜଣେ ପ୍ରଭାବଶାଳୀ ଅଧାପକ, ଯିଏକି ଭୁବନେଶ୍ୱରରେ ରହନ୍ତି, ଯଦିଓ ତାଙ୍କର କଲେଜ ପାଖାପାଖି ଗୋଟିଏ ଗାଁ

ଅଛି ଏବଂ ସିଏ ସେଇ ଗାଁରେ ଦୀର୍ଘକାଳ ରହି ସେଇ କଲେଜ୍‌ର ଆରମ୍ଭରୁ ଚାକିରି କରିଆସୁଛନ୍ତି । ସାଇକେଲ୍ ଖଣ୍ଡେ ଧରି କେତେବର୍ଷ ଆସିଛନ୍ତି । ତା'ପରେ ଖଣ୍ଡେ ସେକେଣ୍ଡ୍ ହ୍ୟାଣ୍ଡ୍ ମଟର ସାଇକେଲ୍‌ରେ କେତେଦିନ । ଏବେ ପୂର୍ଣ୍ଣ ସରକାରୀ ଅନୁଦାନ ପାଇଲାପରେ କାର୍ ଖଣ୍ଡିଏ କରିଛନ୍ତି । ଗାଁରେ ବୁଢ଼ା ବାପା ମାଆଙ୍କୁ ଗାଁ ର ଚାଷ ଉପରେ ନିର୍ଭରକରୁଥିବା ଭାଇଟି ପାଖରେ ଛାଡ଼ି ଦେଇ ସସ୍ତ୍ରିକ ରହୁଛନ୍ତି ଭୁବନେଶ୍ୱରରେ । ଦୈନିକ ଆସୁଛନ୍ତି ଏଗାରଟା ପରେ, ଆଉ ଫେରିଯାଉଛନ୍ତି ଦି'ଟା ପୂର୍ବରୁ ।

ସେ ମହାଶୟ ପ୍ରଭାବଶାଳୀ ଏଇଥିପାଇଁ ଯେ କଲେଜ୍ ପରିଚାଳନାରେ ତାଙ୍କର କ୍ଷମତା ସର୍ବଜନାଦୃତ । ଅଧ୍ୟାପକ କମ୍, ପ୍ରଶାସକ ବେଶୀ । ଷ୍ଟାଫ୍ କମନ୍‌ରୁମ୍‌ରେ ତାଙ୍କୁ ଦେଖିବାକୁ ମିଳେ ଖୁବ୍ କମ୍ । ପ୍ରାୟ ସମୟ ପ୍ରିନ୍ସପାଲ୍‌ଙ୍କ ରୁମ୍‌ରେ, ଆକାଉଣ୍ଟ୍ ସେକ୍ସନ୍‌ରେ, ଏକ୍‌ଜାମ୍ ସେକ୍ସନରେ, କମ୍ପ୍ୟୁଟର ସେକ୍ସନରେ ଆଦି ତାଂକର ଆତଯାତ । ଲାଇବ୍ରେରୀ ବ୍ଲକ୍‌କୁ କେବେ ଯିବା, ଆଉ ସେ'ଠି ଅଧଘଣ୍ଟା ପଢ଼ିବା କେହି କେବେ ଦେଖିନି ।

ଆଜ୍ଞା, ମୁଁ ଏ ମହାଶୟଙ୍କର ଚରିତ୍ର ସଂହାର କରୁନି । ମତେ କ୍ଷମା କରିବେ । ଜାତୀୟ ସ୍ୱାଭିମାନର ଏବଂ ପରିହାସ ପ୍ରିୟତାର ନମୁନାଟିଏ ଦବାକୁ ଚାହୁଁଚି ।

ସେ ମହାଶୟ, ହଠାତ୍ ଆଉ ଟିକିଏ ଗମାତ କରିବାକୁ, ନିରୂପମା ମାଡାମ୍‌ଙ୍କ ଆଡ଼କୁ ଟିକେ କଣେଇ ଚାହିଁ କହିଦେଲେ- ଆହେ, ଓଡ଼ିଆ ଓଡ଼ିଆ କ'ଣ ହଉଚ ? ଓଡ଼ିଆଟା କ'ଣ ଗୋଟେ ପାଠ ଯେ ବହି ବାହାରିବ ?

ଏତିକି କଥାରେ 'ହୋ' କିନି ଗୋଟେ ହାସ୍ୟରୋଳ ଉଠିଲା । ନିରୂପମା ମାଡାମ୍ ଦାନ୍ତ ନେଫେଡ଼େଇ ହସୁଥିଲେ । ଏ କଥାର ପ୍ରତିବାଦ କରିବା ପାଇଁ ତାଂକ ପାଖରେ କ୍ଷମତା ନଥିଲା । ତାଂକର ଉପାୟ କ'ଣ ?

ମୁଁ କିଂତୁ ସେ'ଠି ଉପସ୍ଥିତ ଅଛି ବୋଲି ସମସ୍ତେ ଜାଣୁଥିଲେ । ମତେ ଅବଶ୍ୟ ପରିହାସ ଛଳରେ ଏମିତି କଥା କେହି କହିନାହାନ୍ତି- କି କହିବାକୁ ସାହସ କରିନାହାନ୍ତି । ମୁଁ କିଂତୁ ମୋ ଭାଷାସାହିତ୍ୟର ଅପମାନ ସହିପାରେନି । ଭିତରେ ଭିତରେ ପ୍ରତିକ୍ରିୟାଶୀଳ ହେଇପଡ଼େ ।

ସେଦିନ ନିରବତା ଭଂଗ କରି ସେ ହାସ୍ୟରୋଳକୁ ସାମ୍‌ନା କଲି । ମୁଁ ଆଘାତପ୍ରାପ୍ତ ହୋଇଚି ବୋଲି ସମସ୍ତେ ଅନୁଭବ କଲେ । ଜଣେ କହିଲେ, ଆମେ ତାଂକୁ ଥଟ୍ଟାରେ ସେମିତି କହୁଚୁ ନା ? ଆପଣ କାହିଁକି ଦିହକୁ ନଉଛନ୍ତି ?

ମୁଁ କହିଲି ଆଜ୍ଞା, ଭାଷାସାହିତ୍ୟ କ'ଣ ଗୋଟେ ପରିହାସର ମାଧ୍ୟମ ? ସଂସ୍କୃତିକୁ ନେଇ, ପରଂପରାକୁ ନେଇ କେହି କ'ଣ ପରିହାସ କରେ ? ମା'କୁ ନେଇ, ମାତୃଭୂମିକୁ ନେଇ କେହି କ'ଣ ପରିହାସ କରିପାରେ ? ଓଡ଼ିଆ ଆପଣଙ୍କର ମାତୃଭାଷା, ଓଡ଼ିଶା ଆପଣଙ୍କର ମାତୃଭୂମି ବୋଲି ଆପଣ କ'ଣ ଜାଣନ୍ତି ନାହିଁ ? ତେବେ କେମିତି ଯାକୁ ପରିହାସର ଥୋପ କରୁଛନ୍ତି ?

ଆମ ଭାଷାର ଗୋଟେ ସମୃଦ୍ଧ ପରଂପରା ଅଛି, ବିକାଶଧାରା ଅଛି । ଆମ ସାହିତ୍ୟର ଗୋଟେ ସମୃଦ୍ଧ ଭଣ୍ଡାର ଅଛି । ସେଥିରେ ଆମ ସଂସ୍କୃତି, ଆମ ସ୍ୱାଭିମାନ ଅଛି; ଆମ ଜାତୀୟ ଅସ୍ମିତା ଅଛି । ଆମ ଅସ୍ତିତ୍ୱ ଅଛି । ଜୀବନ ଅଛି । ଚିନ୍ତାଚେତନା ଅଛି । ଏହା କ'ଣ ଗୋଟେ ପରିହାସର ପାତ୍ର ? ମୁଁ ଯଦି ଆପଣମାନଂକର ନିଜ ନିଜ ବିଷୟକୁ ଥୋପ କରି ଆପଣମାନଙ୍କର ଜ୍ଞାନ ପରୀକ୍ଷା କରିବାକୁ ଚାହିଁବି ଏବଂ ଏଥିନେଇ ଆପଣମାନଙ୍କୁ ଅପମାନିତ କରିବି ? ଆପଣମାନେ କେତେ ପଢ଼ନ୍ତି ନିଜ ନିଜ କୋର୍ସ ପାଠ ? କେତେ ଖଣ୍ଡ କୋର୍ସ ବହି ଲେଖିଛନ୍ତି ? କେତେଜଣ ଲେଖକଙ୍କୁ ଚିହ୍ନିଛନ୍ତି ? କେତେ ଇଂରାଜୀ ବହି ପଢ଼ନ୍ତି ? କେତେ ଇଂରାଜୀରେ ପଢ଼ାନ୍ତି ?

ମୁଁ ଏମିତି ଗାଳି ଚାଲିଥିଲି ମୋର କ୍ଷୋଭକୁ, ପ୍ରତିବାଦକୁ, ବିଦ୍ରୋହକୁ । ସମସ୍ତେ ନୀରବ । ଲଜ୍ଜିତ । ମୁଁ ଇଂରାଜୀ କହିପାରେ, ଲେଖିପାରେ, ପଢ଼େଇପାରେ । ଆବଶ୍ୟକ ସ୍ଥଳେ ରାଜନୀତି ବିଜ୍ଞାନ, ସଂସ୍କୃତ, ମନସ୍ତତ୍ତ୍ୱ, ଦର୍ଶନ, ସମାଜବିଜ୍ଞାନ, ଇଂରାଜୀ ଆଦି ପୁସ୍ତକ ଲାଇବ୍ରେରୀରୁ ଆଣି ପଢ଼େ । କାହିଁକି ? ଗପ, କବିତା, ପ୍ରବନ୍ଧ, ସମାଲୋଚନା ଆଦି ଲେଖେ । ଆପଣ ପାରିବେ ? ତେବେ କୋଉ ଅହଂକାରକୁ ନେଇ ଆପଣମାନେ ନିଜର ମାତୃଭାଷା ଓ ସାହିତ୍ୟକୁ ଅପମାନିତ କରୁଛନ୍ତି ? କାଲି ଅର୍ଥନୀତି ଅଧ୍ୟାପକ କହୁଥିଲେ, ଅର୍ଥନୀତି ବାଣିଜ୍ୟର ମା' । ଆଉ ଦିନେ ସଂସ୍କୃତ ପଣ୍ଡିତ କହୁଥିଲେ, ସଂସ୍କୃତ ଓଡ଼ିଆର ମା' । ଇଂରାଜୀ ଅଧ୍ୟାପକ କହୁଛନ୍ତି, ଇଂରାଜୀ ଆନ୍ତର୍ଜାତିକ ଭାଷା । ଇଂରାଜୀ ବିନା ଶିକ୍ଷା ନାହିଁ । ଇଂରାଜୀ ନଜାଣି କେହି ଶିକ୍ଷିତ ହେଇପାରିବେନି । ଇଂରାଜୀ ବିନା ଦେଶ ଚାଲିବନି ।

ସେ'ଠି ଓଡ଼ିଆ ଅଧ୍ୟାପକର ଚାରା କ'ଣ ? ଓଡ଼ିଆ ଭାଷାର ସ୍ଥିତି କ'ଣ ? ଆମେ ସବୁ କେବଳ କ୍ଲାସ୍ ରୁମ୍ ଛାଡ଼ିଦେଲେ ଅନ୍ୟ ସବୁଠି ଓଡ଼ିଆ ହିଁ କହୁଚେ । ଘରେ, ବାହାରେ-ସବୁଠି । ଓଡ଼ିଆରେ ବଂଚୁଛେ । ଓଡ଼ିଆରେ ହିଁ ଆମର ଦିନରାତି ହଉଚି । ଆମର ଦୁଃଖ ସୁଖ, ରାଗରୋଷ, ମାନ ଅଭିମାନ, ହସ କାନ୍ଦ - ସବୁତ ଓଡ଼ିଆ । ତେବେ ବି ଆମେ ଓଡ଼ିଆକୁ ଘୃଣା କରିବା, ଅସମ୍ମାନ କରିବା ?

ସେଦିନ ସଂସ୍କୃତ ପଣ୍ଡିତ, ଇଂରାଜୀ ଅଧ୍ୟାପକ- ସମସ୍ତେ ନିରବ ହେଇ ଯାଇଥିଲେ । ଇଂରାଜୀ ଅଧ୍ୟାପକଙ୍କ ଉଦ୍ଦେଶ୍ୟରେ କହିଲି - ଆପଣ କହୁଛନ୍ତି ଇଂରାଜୀ ବିନା ବଂଚି ହବନି । ଓଡ଼ିଆ ବିନା ବଂଚିପାରିବେ ? ଆପଣ ଆଜିଠାରୁ ଜମା ଓଡ଼ିଆ ନ କହି ଇଂରାଜୀରେ କଥାବାର୍ତ୍ତା କରି ମନର ସବୁ ଭାବକୁ ସହଜ ଭାବରେ ବ୍ୟକ୍ତ କରିପାରିବେ ଅନ୍ୟ ଆଗରେ ? ଆପଣ ଇଂରାଜୀକୁ ଶିଖିଛନ୍ତି । ପରିଶ୍ରମ କରି ହାସଲ କରିଛନ୍ତି । ତାକୁ ଆପଣ ଆବଶ୍ୟକ ମୁତାବକ ହାସଲ କରି ବିତରଣ କରିବେ । ତା' ପ୍ରତି ମମତାର କି ପ୍ରୟୋଜନ ? ମମତା କେବଳ ମା'କୁ ଦିଆଯାଏ । ମା'ଠୁ ଲାଭ କରାଯାଏ । ଇଂରାଜୀ ଆମର ମା' ନୁହଁ, ଓଡ଼ିଆ ଆମର ମା' ।

ସେ ନିରବ ଓ ଲଜ୍ଜିତ ।

ସଂସ୍କୃତ ପଣ୍ଡିତଙ୍କୁ ଆଉ କିଛି କହିବାକୁ ଆବଶ୍ୟକତା ଅନୁଭବ କରୁନଥିଲେ ବି ଦି'ପଦ ନକହି ଛାଡ଼ିଲିନି । ଦିପଦ ହାଙ୍କିଦେଲି- ସଂସ୍କୃତ ଓଡ଼ିଆର ମା' କି ଜେଜେମା' ସେଇଟା ତ ଭିନ୍ନ କଥା । କିନ୍ତୁ ଆପଣ ଓଡ଼ିଆ । ସଂସ୍କୃତ ଆପଣଙ୍କ ପାଇଁ ଗୋଟାଏ ବିଷୟ କେବଳ । ଆପଣ ସେଥିରେ

ବିଶାରଦ ହେଇପାରନ୍ତି । ତାହା କିଂତୁ ଆପଣଙ୍କର ଜାତୀୟ ପରିଚୟ ନୁହେଁ । ଆପଣ ସଂସ୍କୃତରେ ବଂଚିପାରିବେନି, କେବଳ ବ୍ୟାଖ୍ୟା କରିବା ଛଡ଼ା । ଆମେ ବି ରୀତିସାହିତ୍ୟ କି ସାରଳା ସାହିତ୍ୟକୁ ନେଇ ବଂଚିନୁ, ବଂଚିଚୁ ଭାଷାକୁ ନେଇ । ଆମ ସମସ୍ତଙ୍କର କର୍ତ୍ତବ୍ୟ ଆମ ଭାଷାକୁ ଭଲପାଇବା ଓ ଆମ ସାହିତ୍ୟକୁ ଭଲପାଇବା । ଏଥିପାଇଁ ଆମ ପ୍ରତ୍ୟେକଙ୍କର ଯେ କିଛି କିଛି ଦାୟୀତ୍ୱ ଅଛି, ସେ କଥା ଚିନ୍ତା କରିବା ଉଚିତ୍ ।


ସେତେବେଳକୁ ଗୋଟାଏ ନିରବତା ଛାଇ ଯାଇଥିଲା, କମନ୍ ରୁମ୍ ସାରା । ଖୁବ୍ ଶେଷ ପଦିକ କହିଲି- ଇଂରାଜୀକୁ ବାଦ୍ ଦେଇ ବଂଚିହବନି ନୁହଁ, ଏବେ ଇଂରାଜୀକୁ ଆମ ତୁଣ୍ଡରୁ ବାଦ୍ ଦେଇ ହବନି । ତେବେ ତା' ଅର୍ଥ କ'ଣ ଓଡ଼ିଆକୁ ତା' ଯାଗାରୁ ବାଦ୍ ଦେଇଦବା ? ତା'ହେଲେ ଆମର ରହିବ କ'ଣ ?

ଇଂରାଜୀ ସହ ବଂଧୁତା ସ୍ୱାଗତଯୋଗ୍ୟ, ବନ୍ଧୁ ! କିଂତୁ ଓଡ଼ିଆ ସହ ବୈରତା ଅପରାଧ କେବଳ ନୁହେଁ, ଗୋଟେ ଜାତୀୟ ଅପରାଧ । ଏ କଥାକୁ ଯେମିତି ଭୁଲି ନଯାନ୍ତି ।

ମୁଁ ଚିନ୍ତା କରୁଥିଲି ଯେ "ମୋର ଏତିକି କଥାରେ କ'ଣ ଓଡ଼ିଆ ଭାଷାର ଦୁର୍ଭାଗ୍ୟ ହଟିଯିବ ?" ଆଉ ଚିନ୍ତା କଲା ମାତ୍ରେ କାହିଁକି କେଜାଣି ବଡ଼ ଅସହାୟ ଲାଗୁଥିଲା ନିଜକୁ । ସତରେ ଯଦି ଓଡ଼ିଆ ଭାଷା ଦିନେ ଲୋପ ପାଇଯାଏ, କ'ଣ ହବ ଏ ଜାତିର ଅବସ୍ଥା ! ଏ ସାହିତ୍ୟର ଅବସ୍ଥା ! ଏ ମହାନ ପରଂପରା ଓ ସଂସ୍କୃତିର ଅବସ୍ଥା ?

*ଅଧ୍ୟାପକ,*
*ଓଡ଼ିଆବିଭାଗ, ରଣପୁର କଲେଜ, ରଣପୁର*
*ମୋ: ୮୩୪୨୦୧୫୦୮୪*

●●●●



# ମାତୃଭାଷା : ନିଜେ କହିବା, ବାଧ କରିବାନି

*ଶତ୍ରୁଜିତ୍*

ଓଡ଼ିଆରେ ସରକାରୀ କାର୍ଯ୍ୟ ନକଲେ, ସରକାରୀ କର୍ମଚାରୀମାନଙ୍କୁ ଦଣ୍ଡ ଦେବାର ବିଧାନ ରଖିବା ଦାବିରେ ରାଜ୍ୟରେ ବେଶ୍ କିଛିଦିନ ହେଲା ଆନ୍ଦୋଳନ ଚାଲିଛି। ଅନ୍ୟପକ୍ଷରେ କିଛି ଲୋକ କହୁଛନ୍ତି, ଓଡ଼ିଆକୁ ସରକାରୀ ଭାଷା କରାଯାଇଥିବାରୁ ଯେଉଁମାନେ ଏହାକୁ ନମାନିବେ, ସେମାନଙ୍କ ବିରୋଧରେ ସ୍ୱାଭାବିକ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏଥିପାଇଁ ସ୍ୱତନ୍ତ୍ର ବିଧାନର ଆବଶ୍ୟକତା ନାହିଁ। ମୂଳ ଆଇନରେ ହିଁ ଏଥିପାଇଁ ବ୍ୟବସ୍ଥା ରହିଛି। ଦୁଇ ବର୍ଷ ତଳେ ଓଡ଼ିଆରେ ନାମଫଳକ ଲେଖିବା ଦାବିରେ ଭୁବନେଶ୍ୱରର ଗୋଟିଏ ସଂଗଠନର ସଦସ୍ୟସଦସ୍ୟାମାନେ ବିଭିନ୍ନ ଅନୁଷ୍ଠାନର ଇଂରାଜୀ ଭାଷାରେ ଲିଖିତ ନାମଫଳକରେ କଳା ବୋଳୁଥିଲେ। ଏମାନେ ସରକାରୀ ଅଧିକାରୀମାନଙ୍କ ବାସଭବନ ବାହାରେ ଲିଖିତ ନାମଫଳକକୁ ମଧ୍ୟ ଛାଡ଼ିନଥିଲେ। ଏବେ ବି କାଁଭାଁ କୋଉଠି କେମିତି ଏଭଳି ଘଟଣା ଘଟୁଛି।

ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ପରେ କିଛି ଲୋକଙ୍କ ମନରେ ହଠାତ୍ ଭାଷା ପ୍ରୀତି ବଢ଼ିଯାଇଥିବା ମନେହେଉଛି। ଏଭଳି ଦୃଶ୍ୟ ବାରମ୍ବାର ଦେଖିଦେଖି ମନରେ ପ୍ରଶ୍ନଟିଏ ଉଠୁଛି। ଆମେ ଆମ ମାତୃଭାଷାକୁ ଗୁରୁତ୍ୱ ଦେବାପାଇଁ ଉଦ୍ୟମ କରିବା ନିଶ୍ଚିତ ରୂପେ ଭଲକଥା। କିନ୍ତୁ ତା'ବୋଲି କ'ଣ ଅନ୍ୟ ଭାଷା ପ୍ରତି ଅସହିଷ୍ଣୁ ହେବା ! ଯେଉଁମାନେ ଓଡ଼ିଶାରେ ରହି ଓଡ଼ିଆ ଭାଷାରେ କିଛି କରିବାକୁ ଚାହୁଁନାହାଁନ୍ତି, ସେମାନଙ୍କୁ ହୁଏତ ଆମେ ଓଡ଼ିଆ ଭାଷାକୁ ସମ୍ମାନ ଦେବା ପାଇଁ ଅନୁରୋଧ କରିପାରିବା। କିନ୍ତୁ ସେମାନଙ୍କୁ ଜବରଦସ୍ତ କରିବା ଉଚିତ ନୁହେଁ। ସେମାନଙ୍କ ପାଇଁ କ'ଣ ଆମ ଭାଷା ନିଜର ଗୁରୁତ୍ୱ ହରାଇବ ! ସେମାନେ ଓଡ଼ିଆରେ ନଲେଖିଲେ କ'ଣ ଲୋକେ ଓଡ଼ିଆ ଭାଷା କି ଓଡ଼ିଆ ଅକ୍ଷରକୁ ଭୁଲିଯିବେ ! ଯିଏ ନକରୁଛନ୍ତି, ନକରନ୍ତୁ। ଆମେ କରିବା। ମୁଁ ମୋ ପୁଅର ବ୍ରତଘର ନିମନ୍ତ୍ରଣ ପତ୍ର ଓଡ଼ିଆରେ ଲେଖିଥିଲି। କିନ୍ତୁ କେହି ଇଂରାଜୀରେ ଲେଖିଥିବା ନିମନ୍ତ୍ରଣ ପତ୍ର ମୋତେ ଦେଲେ, ମୁଁ କ୍ଷୁବ୍ଧ ହେଉନାହିଁ। କାରଣ ମୁଁ ଜାଣେ, ପ୍ରତିକ୍ରିୟାଶୀଳ ହୋଇ ମୁଁ ସେମାନଙ୍କ ମନ ବଦଳାଇ ପାରିବି ନାହିଁ। ଯେମିତି ଅନ୍ଧାର ହଟାଇବା ପାଇଁ ଦୀପଟିଏ ଯଥେଷ୍ଟ, ସେମିତି ଆମ ଭାଷାର ସୁରକ୍ଷା ପାଇଁ ଆମେ କାମ କରିଲେ କ'ଣ ଯଥେଷ୍ଟ ହେବନାହିଁ ! ତା'ଛଡ଼ା ଇଂରାଜୀ ଭାଷାଟି ହେଲା ମାନକ ଭାଷା। ଚାକିରି, ବାକିରି ସବୁପାଇଁ ଏ ଭାଷାଟି ଦରକାର ପଡୁଛି। ଏ ଭାଷାଟି ଉପରେ ଅତ୍ୟାଚାର କରିଲେ ଲାଭ କ'ଣ ହେବ ? ଯଦି ସମ୍ଭବ ହେଉଛି, ଆମ ଭାଷା ବ୍ୟବହାର କରିବା, ଯେଉଁଠି ଆବଶ୍ୟକ ପଡୁଛି ମାନକ ଭାଷା ବ୍ୟବହାର କରିବା।

ମୁଁ 'ବିଜ୍ଞାପନ' ନାମକ ପ୍ରକାଶନୀ ସଂସ୍ଥାରେ ସଂପାଦକ ଭାବେ କାର୍ଯ୍ୟକରେ। ଆମେ ଓଡ଼ିଶାର ବିଭିନ୍ନ ବିଷୟକୁ ନେଇ ଇଂରାଜୀ ଭାଷାରେ ଡିରେକ୍ଟୋରିମାନ ପ୍ରକାଶ କରୁ। ଇଂରାଜୀ ଭାଷାର ପୁସ୍ତକ ହୋଇଥିବାରୁ ମୁଁ ଏଥିରେ ଇଂରାଜୀ ଭାଷାରେ ସମ୍ପାଦକୀୟ ଲେଖେ। କିନ୍ତୁ ପୁସ୍ତକର ଉନ୍ମୋଚନ ସଭାରେ ମୁଁ ଓଡ଼ିଆରେ କହେ। ଆମର ଅନେକ ଅତିଥି ମଧ୍ୟ ଓଡ଼ିଆରେ କହିବାରେ କାର୍ପଣ୍ୟ ପ୍ରକାଶ କରନ୍ତି ନାହିଁ, ଯଦିଓ ଇଂରାଜୀ ଭାଷାର ପୁସ୍ତକ ଉନ୍ମୋଚନ ସଭାକୁ ଆସିଥିବାରୁ କେତେଜଣ ଅତିଥି ଇଂରାଜୀରେ କହିଥାଆନ୍ତି। କିନ୍ତୁ ଏହା ବୋଲି କ'ଣ ସେମାନଙ୍କୁ ଆମେ ବାଧା ଦେବୁ ନା ଓଡ଼ିଆରେ କହିବାକୁ ବାଧ କରିପାରିବୁ ? କଥାଟି ହେଉଛି, ଯିଏ ଯେମିତି ଚାହୁଁଛି କରୁ, ଆମକୁ ପସନ୍ଦ ନଲାଗିଲେ ଆମେ ତାକୁ ଅନୁସରଣ / ଅନୁକରଣ କରିବା ନାହିଁ। ଏହାର ଅର୍ଥ ନୁହେଁ, ଆମେ ତାଙ୍କ ଉପରେ ଜୁଲମ କରିବା।

ମୁଁ ଏକଥା ଲେଖିବା ବେଳେ ଅନ୍ୟ ଦିଗଟି ସଂପର୍କରେ ମଧ୍ୟ ଭାବୁଛି। ଆମ ଭିତରୁ କିଛି ଲୋକ ଯେମିତି ଆମ ଭାଷାଟିକୁ ଗୁରୁତ୍ୱ ଦେବାକୁ ଚାହୁଁନାହାଁନ୍ତି, ବା ବ୍ୟବହାର କରିବାକୁ ଚାହୁଁନାହାଁନ୍ତି, ସେମିତି ତା'ର ଠିକ୍ ବିପରୀତ କଥାଟି ମଧ୍ୟ ଘଟୁଛି। ଓଡ଼ିଶାରେ ଚାକିରି କରୁଥିବା ହଜାର ହଜାର ଅଣଓଡ଼ିଆ ଏଠି ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁଛନ୍ତି। ମାତ୍ର ବର୍ଷେ / ଦୁଇବର୍ଷ ଚାକିରି କରିବା ଭିତରେ ଅନେକ ଅଣଓଡ଼ିଆ ଆଇ.ଏ.ଏସ୍./ ଆଇ.ପି.ଏସ୍. ଅଫିସର ଏତେ ସୁନ୍ଦର ଭାବେ ଓଡ଼ିଆ କହୁଛନ୍ତି ଯେ, ଶୁଣିଲେ ଖୁସି ଲାଗୁଛି। କେହି କେହି ଭାବନ୍ତି ଯେ, ଅଣଓଡ଼ିଆ ଅଫିସରଙ୍କ ପାଖକୁ କାମ ପାଇଁ ଗଲେ, ସେମାନଙ୍କ ସହିତ ଇଂରାଜୀରେ କଥା ନକହିଲେ କାମଟି ହେବନାହିଁ। କିନ୍ତୁ ସେମାନଙ୍କର ଏ ପ୍ରକାର ଧାରଣା ମଧ୍ୟ ସବୁବେଳେ ଠିକ୍ ସାବ୍ୟସ୍ତ ହୋଇନଥାଏ। ଅଣଓଡ଼ିଆ ଅଧିକାରୀମାନେ କେବଳ ଓଡ଼ିଆରେ କଥାବାର୍ତ୍ତା କରିବାକୁ ଉଦ୍ୟମ କରନ୍ତି ନାହିଁ, ସାମ୍ନାରେ ବସିଥିବା ଲୋକଟି ଯଦି ଓଡ଼ିଆରେ କହିବାକୁ ଚାହେଁ, ଏମାନେ ଆପତ୍ତି ଉଠାନ୍ତି ନାହିଁ। ମୋ ନିଜସ୍ୱ ଅଭିଜ୍ଞତାରୁ ଦୁଇଟି ଉଦାହରଣ ଦେବି। ଗୋଟିଏ ରାଷ୍ଟ୍ରାୟତ୍ତ ନିଗମର ଆଞ୍ଚଳିକ ମୁଖ୍ୟଙ୍କୁ ଭେଟିବାକୁ ତାଙ୍କ ଓଡ଼ିଶା ମୁଖ୍ୟାଳୟକୁ ମୋ ଅନୁଷ୍ଠାନର

ନିର୍ଦ୍ଦେଶକଙ୍କ ସହିତ ମୁଁ ଯାଇଥିଲି । ଭଦ୍ରଲୋକ ଜଣେ ବଙ୍ଗୀୟ ବ୍ୟକ୍ତି । ପ୍ରତୀକ୍ଷାଳୟରେ ଅପେକ୍ଷା କରିଛୁ, ଭିତରୁ ସେ ତାଙ୍କର ଜଣେ ଅଧସ୍ଥନଙ୍କ ସହିତ ଓଡ଼ିଆରେ କଥା ହେଉଥିବା ଶୁଣିବାକୁ ପାଇଲୁ । କର୍ମଚାରୀ ଜଣଙ୍କ ବାହାରିବା ପରେ ଆମକୁ ଡାକରା ଆସିଲା । ଭିତରକୁ ଯାଇ ମହାଶୟଙ୍କୁ ନମସ୍କାର କଲୁ । ସେ ଅଣଓଡ଼ିଆ ହୋଇଥିବାରୁ ମୋ ନିର୍ଦ୍ଦେଶକ ଇଂରାଜୀରେ କହିବା ଆରମ୍ଭ କରିବାରୁ ସେ ମଧ୍ୟ ଇଂରାଜୀରେ କଥା ହେଲେ । କଥାଛଳରେ ଜାଣିଲୁ, ସେ ମହାଶୟ ଏଇ ଛଅ ମାସ ହେଲା ଓଡ଼ିଶାକୁ ଆସିଛନ୍ତି । ଓଡ଼ିଶାରେ ଏହା ତାଙ୍କର ପ୍ରଥମ ନିଯୁକ୍ତି । ଏହା ପୂର୍ବରୁ ଉକ୍ତ ନିଗମର ସିଙ୍ଗାପୁର ଶାଖା ଏବଂ ତା ପୂର୍ବରୁ ଦିଲ୍ଲୀ ମୁଖ୍ୟାଳୟରେ ସେ କାର୍ଯ୍ୟରତ ଥିଲେ । ଆମର କଥାବାର୍ତ୍ତା ଚାଲିଥିବା ବେଳେ ମୁଁ ଭାବୁଥାଏ, ଆମେ ବାହାରେ ବସିଥିଲା ବେଳେ ଇଏ ଓଡ଼ିଆରେ କଥା ହେଉଥିବାର ଯାହା ଶୁଣିଥିଲୁ, ତାହା ବୋଧହୁଏ ଆମର ଭ୍ରମ ଥିଲା । କିନ୍ତୁ କଥା ମଝିରେ ସେ ତାଙ୍କ ପି.ଏସ୍‌ଙ୍କୁ ଇଣ୍ଟରକମ୍‌ରେ ଡାକିଲେ, ଶୁଦ୍ଧ ଓଡ଼ିଆ ଭାଷାରେ । ମୁଁ ଚମକିଲି । କାରଣ, ଭଦ୍ରବ୍ୟକ୍ତି ତ ମାତ୍ର ଛଅ ମାସ ହେଲା ଓଡ଼ିଶା ଆସିଛନ୍ତି ବୋଲି କେଇ ମିନିଟ୍ ପୂର୍ବରୁ କହିଥିଲେ । ଛଅ ମାସରେ ଏତେ ଶୁଦ୍ଧ ଉଚ୍ଚାରଣ ! କୌତୂହଳକୁ ଚାପି ନପାରି ପଦମର୍ଯ୍ୟାଦାକୁ ଭୁଲିଯାଇ ମୁଁ ତାଙ୍କୁ ପଚାରିଦେଲି , 'ଏତେ କମ୍ ସମୟରେ ଆପଣ ତ ବଢ଼ିଆ ଓଡ଼ିଆ କହୁଛନ୍ତି !' ସେ ଉତ୍ତର ଦେଲେ ଯେ, ପ୍ରକୃତରେ ତାଙ୍କ ପିଲାଦିନଟି ଓଡ଼ିଶାରେ କଟିଥିଲା, ବାପାଙ୍କ ଚାକିରି ହେତୁ । କେନ୍ଦୁଝରରେ ପାଠ ପଢ଼ିଥିଲେ । ଯେହେତୁ ପିଲାଦିନେ ଓଡ଼ିଆ ସ୍କୁଲରେ ପଢୁଥିଲେ ଓ ଓଡ଼ିଆ କହୁଥିଲେ, ଏତେ ବର୍ଷ ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ଭୁଲିନାହାନ୍ତି । ପୁଣି ଏତେ ବର୍ଷ ବ୍ୟବଧାନ ପରେ ଓଡ଼ିଶାକୁ ଫେରିଥିବାରୁ ଓଡ଼ିଆଙ୍କ ସହିତ ଓଡ଼ିଆରେ ହିଁ କଥା ହେବାକୁ ସେ ପସନ୍ଦ କରୁଛନ୍ତି । ଓଡ଼ିଆ ଅକ୍ଷର ଅବଶ୍ୟ କିଛି କିଛି ଭୁଲିଯାଇଥିଲେ ଏ ଭିତରେ ଅଭ୍ୟାସ ଅଭାବରୁ । ଏବେ ପୁଣି ଚିହ୍ନୁଛନ୍ତି । ଏତେ ଉଚ୍ଚ ପଦବିରେ ଥିବା ଜଣେ ଅଣଓଡ଼ିଆ ନିଜର ପିଲାଦିନର ସ୍ମୃତିକୁ ସାଇତି ରଖି ଓଡ଼ିଆଙ୍କ ସହିତ ଓଡ଼ିଆରେ କଥା ହେବାକୁ ପସନ୍ଦ କରୁଛନ୍ତି ଶୁଣି ଖୁସି ଲାଗିଲା । ତାଙ୍କ ସହିତ ତେଣିକି ଆମେ ବି ଓଡ଼ିଆରେ କଥାହେଲୁ ।

ଆଉ ଏକ ଘଟଣା । ଏକ କେନ୍ଦ୍ର ସରକାରୀ ଶିକ୍ଷାନୁଷ୍ଠାନକୁ ଯାଇଥିଲି । ଏହାର ଓଡ଼ିଶା ମୁଖ୍ୟ ଜଣେ ତେଲଗୁଭାଷୀ । ବେଶ୍ ଅମାୟିକ ବ୍ୟବହାର । ମୁଁ ପ୍ରଥମେ ତାଙ୍କ ସହିତ ଇଂରାଜୀ ଓ ହିନ୍ଦିରେ କଥା ହେଉଥିଲି । ହଠାତ୍ ଜଣେ ଓଡ଼ିଆ କର୍ମଚାରୀ ପଶିଆସିଲେ ଓ ଓଡ଼ିଆରେ କିଛି କହିଲେ । ଏ ଭଦ୍ରବ୍ୟକ୍ତି ସାଙ୍ଗେ ସାଙ୍ଗେ ଖଣ୍ଟି ଓଡ଼ିଆରେ ଉତ୍ତର (ଆବଶ୍ୟକୀୟ ନିର୍ଦ୍ଦେଶ) ଦେଲେ । କର୍ମଚାରୀ ଜଣକ ଚାଲିଯିବା ପରେ ମୁଁ କହିଲି, 'ସାର୍ ଆପଣ ତ ଓଡ଼ିଆ ବୁଝୁଛନ୍ତି , ଆପଣ କିଛି ନଭାବିଲେ ମୁଁ ଓଡ଼ିଆରେ କହନ୍ତି ।' ସେ ଉତ୍ତର ଦେଲେ, ' ହିନ୍ଦି ବି ଚଳିବ । କୁହନ୍ତୁ ।' ସେତେବେଳକୁ ମୁଁ ତାଙ୍କ ପାଖରେ ବେଶ୍ ସହଜ ହୋଇସାରିଲିଣି । ପ୍ରଥମେ ପ୍ରବେଶ କରିବା ବେଳର କୁଣ୍ଠିତଭାବ ନଥିଲା । କହିଲି, 'ଉଭୟ ହିନ୍ଦି ଓ ଇଂରାଜୀ ଆମ ଦୁହିଁଙ୍କର ମାତୃଭାଷା ନୁହେଁ । ମୁଁ ଆପଣଙ୍କ ମାତୃଭାଷା ବୁଝିପାରିବିନି । କିନ୍ତୁ ଆପଣ ମୋ ମାତୃଭାଷା ବୁଝିପାରୁଛନ୍ତି । ତେଣୁ ଅନ୍ୟ ଧାର୍‌କରା ଭାଷାରେ କାହିଁକି କଥା ହେବା ? ଅନ୍ତତଃ କାହାର ଜଣକର ମାତୃଭାଷା ବ୍ୟବହାର କରାଯାଉ ।' ସେ ହସିଲେ ଓ ମୁଁ ଓଡ଼ିଆରେ କଥା ହେବାର ଅନୁମତି ପାଇଲି । ସେ ମଧ୍ୟ ମୋ ସହିତ ଯଥାସମ୍ଭବ ଓଡ଼ିଆରେ କଥା ହେଲେ ଏବଂ ମଝିରେ କହିଲେ, ଓଡ଼ିଆ ଭାଷାଟି ମତେ ଭଲ ଲାଗୁଛି ।

ବାଃ ! ମହାଶୟଙ୍କ ଉତ୍ତର ଶୁଣି ଖୁସି ଲାଗିଲା । ଆମ ଭିତରୁ କିଛି ଲୋକ ଆମ ଭାଷାକୁ ବ୍ୟବହାର ନକଲେ କ'ଣ ହେଲା, ଅନ୍ୟ ରାଜ୍ୟର ଲୋକଙ୍କ ଭିତରୁ ତ କିଛି ଲୋକ ଆମ ଭାଷାକୁ ଆପଣାଇ ନେଲେଣି । ସେମାନେ ଚାହିଁଲେ ଓଡ଼ିଆରେ ନକହି ଇଂରାଜୀ ଓ ହିନ୍ଦି ଭାଷାରେ କହିପାରନ୍ତେ । ତାଙ୍କୁ କିଏ ବା ବାରଣ କରିପାରନ୍ତା ! ଅଥଚ ନିଜର ଆଗ୍ରହ ଯୋଗୁଁ ସେମାନେ ଆମ ଭାଷାକୁ ଆପଣାଇବାକୁ ଚାହିଁଲେ । ଅତଏବ ଅସଲ କଥାଟି ହେଉଛି, ଆଗ୍ରହ ଓ ସମ୍ମାନବୋଧର କଥା । ଆମର ଯଦି ନିଜ ମାତୃଭାଷା ପ୍ରତି ଆଗ୍ରହ ଓ ସମ୍ମାନବୋଧ ଥିବ, ଆମେ ଆମ ଭାଷାକୁ ଯଥାସମ୍ଭବ ବ୍ୟବହାର କରିବା । କିନ୍ତୁ ଯେଉଁମାନେ ଓଡ଼ିଶାରେ ରହି ବା ଓଡ଼ିଆ ହୋଇ ବି ଓଡ଼ିଆ ଭାଷା ବ୍ୟବହାର କରୁନାହାଁନ୍ତି, ସେମାନଙ୍କୁ ଆମେ ଆକ୍ରମଣ କାହିଁକି କରିବା ? ସେମାନେ କ'ଣ ଆମର ଆଦର୍ଶସ୍ଥାନୀୟ ଯେ, ସେମାନେ ଓଡ଼ିଆ ଭାଷାକୁ ହତାଦର କଲେ ଆମ ଭାଷାର କ୍ଷତି ହୋଇଯିବ !

*ମୋ: ୯୮୬୧୫୫୦୭୬୧*

●●●●

# ସ୍ନେହ, ସୌହାର୍ଦ୍ଦ୍ୟର ସହାବସ୍ଥାନ - ଆମ ଓଡିଆ ପାର୍ବଣ

*ଡକ୍ଟର ଉର୍ମିମାଳା ଆଚାର୍ଯ୍ୟ*

ଉତ୍କଳର ଉପଯୁକ୍ତ ଦାୟାଦ ଉତ୍କଳମଣି ଗୋପବନ୍ଧୁ ଦାସ ଏକଦା ଏକ ସାଧାରଣ ମଞ୍ଚରେ ଘୋଷଣା କରି କହିଥିଲେ ଯେ, ଓଡିଶାବାସୀ ଆମେ ସମସ୍ତେ ସର୍ବପ୍ରଥମେ ମଣିଷ, ତା' ପରେ ଭାରତୀୟ ଓ ସର୍ବଶେଷରେ ଓଡିଆ । ତତ୍କାଳୀନ ସମୟର ପରିପ୍ରେକ୍ଷୀରେ ଏପରି ଏକ ବିଶ୍ୱ ଭ୍ରାତୃତ୍ୱର ଆହ୍ୱାନ ଦେବାପାଇଁ ଅନେକ ସାହାସ ଏବଂ ଆତ୍ମବିଶ୍ୱାସର ଆବଶ୍ୟକ ହେଉଥିବ । ଏହିପରି ଆମର ଏହି ଉତ୍କଳମାଟିରେ ଜନ୍ମ ନେଇଥିବା ଅନେକ ମହାମନୀଷୀମାନେ ଦେଶ ଏବଂ ଜାତିପାଇଁ ନିଜକୁ ବଳିଦାନ ଦେଇଛନ୍ତି । ସେମାନଙ୍କର ବଳିଦାନର କାହାଣୀ ଆମେମାନେ ପଢି ପ୍ରେରଣା ପାଉ ଓ ଉତ୍ସାହିତ ହେଉ । ଛାତ୍ରାବସ୍ଥାରେ ଜୟୀ ରାଜଗୁରୁଙ୍କ ସମ୍ପର୍କରେ ନିମ୍ନ କବିତା ଆବୃତ୍ତି କଲାବେଳେ କଣ୍ଠରୁଦ୍ଧ ହୁଏ, ଆଖିରେ ଲୁହ ଆସିଯାଏ ।

"ଏ ମହାଜାତିର ସନ୍ତାନ ହେଲା ଠିଆ,
ବରଗଛ ତଳେ ଫାଶୀରେ ଲଗାଇ ମଥା
ଅନ୍ତର ତାର କହୁଥିଲା ଅବା କଥା,
ମୃତ୍ୟୁ ଭିତରେ ମରେନାହିଁ ସ୍ୱାଧୀନତା ।"

ଯଦିଓ ସେତେବେଳେ ଜୟୀ ରାଜଗୁରୁଙ୍କୁ ବୁଝିବାର ବୟସ ହୋଇ ନଥିଲା, ତେବେ ସେଇ କବିତା ମନ ଓ ପ୍ରାଣରେ ରୋମାଞ୍ଚ ସୃଷ୍ଟି କରୁଥିଲା । ଏହିପରି କେତେ ସାହାସିକତାର କାହାଣୀ ପଢି ଓଡିଆମାନେ ଯେ ବୀରତା ଓ ସାହସିକତାର ଉପଯୁକ୍ତ ଦାୟାଦ, ଏହା ବୁଝିବାକୁ କିଛି ପ୍ରମାଣର ଆବଶ୍ୟକତା ନଥିଲା ।

ଆମ ଓଡିଆ ସଂସ୍କୃତି ଓ ପରମ୍ପରା ମଧ୍ୟ ନିଆରା । ଆମର ଇଷ୍ଟଦେବ ଜଗନ୍ନାଥଙ୍କ ସହିତ ଆମର ଦୈନନ୍ଦିନ ଜୀବନ ଓତପ୍ରୋତ ଭାବରେ ବନ୍ଧା । ସାରା ବିଶ୍ୱରେ ଯେତେବେଳେ ବିଚ୍ଛିନ୍ନତାବାଦ ଓ ଆତଙ୍କବାଦର କରାଳ ଛାୟା ବ୍ୟାପୀ ରହିଛି, ସେଇ ଅବସରରେ ସାଂସ୍କୃତିକ ଅଭିବ୍ୟକ୍ତିର ପ୍ରଚାର ପ୍ରସାର ଏହାର ନିରାକରଣ ପାଇଁ ଏକ ସଶକ୍ତ ମାଧ୍ୟମ ବୋଲି ବିବେଚନା କରାଯାଇ ପାରିବ । ସାଂସ୍କୃତିକ ବିଚାରରେ ଆଦାନ ପ୍ରଦାନ ପାଇଁ ପର୍ବପର୍ବାଣୀର ପ୍ରମୁଖ ଭୂମିକା ରହିଛି ।

ସଂସ୍କୃତରେ କୁହାଯାଏ, 'ଉତ୍ସବପ୍ରିୟାଃ ଖଳୁ ମନୁଷ୍ୟାଃ' । ନିଜର ଇଚ୍ଛା ଏବଂ ଆନନ୍ଦକୁ ଅଭିବ୍ୟକ୍ତ କରିବାପାଇଁ ମନୁଷ୍ୟ ଉତ୍ସବ, ପର୍ବ ପର୍ବାଣୀ ପାଳନ କରିଥାଏ । ଜଗନ୍ନାଥ ସଂସ୍କୃତି ଭିତରେ ଆମ୍ଭେମାନେ ବୈଦିକ ପରମ୍ପରା ତଥା ଶବର ସଂସ୍କୃତିର ସଙ୍ଗମ ଦେଖିବାକୁ ପାଇଥାଉ । ଏହାଛଡା ଗାଣପତ୍ୟ, ବୈଷ୍ଣବ, ଶୈବ, ଶାକ୍ତ ଏବଂ ସୌର ଆଦି ସ୍ମାର୍ତ୍ତ ସମ୍ପ୍ରଦାୟ ମାନଙ୍କର ସମନ୍ୱୟ ମଧ୍ୟ ଜଗନ୍ନାଥ ସଂସ୍କୃତିରେ ଦେଖିବାକୁ ମିଳେ । ପର୍ବ-ପର୍ବାଣୀ ତଥା ଉତ୍ସବ ସମାରୋହରେ ଓଡିଶାର ଜନଜୀବନ ଏହାକୁ ପାଳନ କରି ଉଲ୍ଲସିତ, ମୁଖରିତ ତଥା ମହିମାମଣ୍ଡିତ ହୋଇଥାଏ ।

କୁହାଯାଏ, ଓଡ଼ିଶାରେ ବରଷକ ବାରମାସରେ ତେର ପର୍ବ ପାଳନ କରାଯାଏ । ମହାବିଷୁବ ସଂକ୍ରାନ୍ତି ଅପ୍ରେଲ୍ ମାସ ୧୩ କିମ୍ବା ୧୪ ତାରିଖରେ ପଡିଥାଏ । ଏହି ଦିନଟିକୁ ଓଡିଆମାନେ ନବବର୍ଷ ରୂପରେ ପାଳନ କରନ୍ତି । ଏହିଦିନ ସୂର୍ଯ୍ୟ ମେଷରାଶିରେ ପ୍ରବେଶ କରନ୍ତି, ତଥା ବିଷୁବରେଖା ଉପରେ ଅବସ୍ଥାନ କରିବା କାରଣରୁ ସୂର୍ଯ୍ୟକିରଣ ପ୍ରଖର ହୋଇଥାଏ । ସୂର୍ଯ୍ୟତାପରୁ ନିଜ ଶରୀରକୁ ରକ୍ଷା କରିବାପାଇଁ ତଥା ଶରୀରକୁ ଶୀତଳତା ପହୁଁଚାଇଁବା ପାଇଁ ପଣା ପ୍ରସ୍ତୁତ କରି ପୂଜା କରାଯାଏ ତଥା ସମସ୍ତେ ପଣା ପିଅନ୍ତି । ତେଣୁ ଏହି ସଂକ୍ରାନ୍ତିଟିର ଅନ୍ୟନାମ - ପଣା ସଂକ୍ରାନ୍ତି । ଅନେକ ସ୍ଥାନରେ ଜଳଛତ୍ର ଦିଆଯାଇଥାଏ ତଥା ତୁଳସୀ ଚଉରା ଉପରେ ଠେକି ବସାଇ ସେଥିରେ ଛିଦ୍ର କରି ତୁଳସୀ ଗଛରେ ପାଣି ଦିଆଯାଏ । ଏହି ଦିନ ହନୁମାନଙ୍କର ଜୟନ୍ତୀ ଉତ୍ସବ ମଧ୍ୟ ପାଳନ କରାଯାଏ, କାରଣ ଏହି ସମୟରେ ଅଗ୍ନି ଓ ବାୟୁର ପ୍ରକୋପ ବୃଦ୍ଧି ପାଇଥାଏ ।

ଅକ୍ଷୟ ତୃତୀୟା ଏକ କୃଷିଭିତ୍ତିକ ପର୍ବ ରୂପରେ ପାଳନ କରାଯାଇଥାଏ । ଭାରତୀୟ କୃଷକ ମାନଙ୍କର ପ୍ରତିନିଧି ଭାବେ ମହର୍ଷି ଜନକ ଭୂମିକର୍ଷଣ ସମୟରେ ସୀତାଙ୍କୁ ପ୍ରାପ୍ତ ହୋଇଥିଲେ । ଋକବେଦରେ ସୀତାଙ୍କୁ ଉତ୍କୃଷ୍ଟ ବୀଜଦାତ୍ରୀ ଭାବରେ ବର୍ଣ୍ଣନା କରାଯାଇଛି । ବୈଦିକ ଋଷିମାନେ ବୈଶାଖ ଶୁକ୍ଳ ତୃତୀୟାକୁ ଅକ୍ଷୟ ତୃତୀୟା କହି ଏହି ଦିନଟିକୁ ପାଳନ କରନ୍ତି । ଦେଶର କେବଳ ହିନ୍ଦୁମାନେ ନୁହନ୍ତି, ଜୈନ ଓ ବୌଦ୍ଧ ଧର୍ମାବଲମ୍ବୀ ମାନେ ବି ନିଜ ଧର୍ମର ପର୍ବ ଭାବରେ ପାଳନ କରନ୍ତି । ଓଡିଶାର ଜାତୀୟ ପର୍ବ ଭାବରେ ଶ୍ରୀଜଗନ୍ନାଥଙ୍କର ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ । ମହାପ୍ରଭୁ ଏହି ଦିନରୁ ଚନ୍ଦନଯାତ୍ରାର ଚାପ ଖେଳନ୍ତି ନରେନ୍ଦ୍ର ପୁଷ୍କରିଣୀରେ । ଏହି ଦିନଟି କାଳବେଳ ଅନୁସାରେ ସବୁଠାରୁ ଶୁଭ, ସବୁ ଅନୁକୂଳ ଓ ଯାତ୍ରାରମ୍ଭର ମାନସିକ ଦିନ । କିନ୍ତୁ ଓଡ଼ିଶାର ଲୋକମାନେ ଏହାକୁ ନିଜ ଘର ଓ ବେଉସାର ଶୁଭଦିନ

ବୋଲି ମାନି କୃଷିକାର୍ଯ୍ୟର ଶୁଭ ଦିଅନ୍ତି । ଘରେ ବଡିସକାଳୁ ଶୁଭ ବେଳାରେ ପୂଜାରମ୍ଭ କରି ଅଖିମୁଠି ନେଇ ନିଜ ଜମିର ଅଚାଏ ଜାଗାରେ ଧାନ ବୁଣିବା ଚାଷକାମର ଶୁଭାରମ୍ଭ କରନ୍ତି । ବରଷକର କୃଷି କାମର ଆରମ୍ଭ, କୃଷି ପାଇଁ ବର୍ଷାର ଆଶା ହିଁ ଏହି ସମୟରୁ ଥାଏ ଓ ବିନା ଜଳସେଚନରେ ଏହି ସମୟରୁ ହିଁ ଧାନ ଫସଲ ଆରମ୍ଭ କରିବାର ପ୍ରକୃଷ୍ଟ ଦିନ । ଏହା ଓଡିଆ ଜୀବନର ଗୋଟିଏ ଶୁଭଦିନ ।

ଜ୍ୟେଷ୍ଠ ବା ବୃଷ ମାସର ଶେଷଦିନ, ମିଥୁନ ସଂକ୍ରାନ୍ତି ଓ ଆଷାଢ ମାସର ପ୍ରଥମ ଦିନ ମିଶି ତିନିଦିନ ଓଡିଶାର ତଟୀୟ କ୍ଷେତ୍ରରେ ବହୁ ଆନନ୍ଦ ଉତ୍ସବରେ ପାଳିତ ହୁଏ ରଜପର୍ବ । କୃଷିକୁ ନିଜର ଆଜୀବିକା ରୂପରେ ଗ୍ରହଣ କରିଥିବା ଓଡିଆ ମାନେ ମାଟିକୁ ନିଜର ମା' ବୋଲି ଭାବନ୍ତି । କୁହାଯାଏ, ରଜପର୍ବର ଏହି ତିନିଦିନ ପୃଥିବୀ ମା ରଜସ୍ୱଳା ହୁଏ, ସେଥିପାଇଁ ଏହି ତିନିଦିନ କୌଣସି ଭୂକର୍ଷଣ ଅବା ଭୂଖନନ କାର୍ଯ୍ୟ ନିଷିଦ୍ଧ । ଓଡିଆ ଘରର କୁମାରୀ ଝିଅ ମାନଙ୍କର ଏଇଟା ଗୋଟିଏ ବଡ ପର୍ବ । ସେମାନେ ମାଟି ଉପରେ ବିନା ପାଦୁକାରେ ପାଦ ରଖନ୍ତିନି, ଏମିତିକି ପରିବା କାଟି ଘରେ କିଛି କାମ କରିବା ମନା । ଏହି ଓଡିଆ ଚଳଣିକୁ କେହି ନ କହିଲେ ବି କନ୍ୟା ସନ୍ତାନର ସାମାଜିକ ମାନ୍ୟତା ଓ ସେମାନଙ୍କର ଭବିଷ୍ୟତ ପାରିବାରିକ ଓ ସାମାଜିକ ଦାୟିତ୍ୱର ଏକ ସଙ୍କେତ ଭାବରେ ନିଆଯାଏ । ନୂଆ ପୋଷାକ ପିନ୍ଧି ପାଦରେ ଅଳତା ଲଗାଇ ମଥାରେ ଚନ୍ଦନ ଚିତା ଲଗାଇ ପାନଖାଇ ସ୍ୱତନ୍ତ୍ର ଓଡିଆ ଦୋଳିଗୀତ ଗାଇ ଦୋଳିରେ ଝୁଲନ୍ତି । କେତେ ପ୍ରକାରର ସ୍ୱାଦିଷ୍ଟ ପିଠା କରାଯାଏ, ପୋଡ ପିଠା ରଜର ଆକର୍ଷଣ । ଗୋଟି ଗୋଟି ଘର ନୁହେଁ ସମଗ୍ର ଗାଁ, ସାହି, ବସ୍ତି ମୁଖରିତ ହୋଇଯାଏ ରଜଦୋଳି ଗୀତରେ ।

ରଜପର୍ବ କୌଣସି ଠାକୁରଙ୍କୁ ଉତ୍ସର୍ଗୀତ ନୁହେଁ, ଏହା ଓଡିଆ ମାନଙ୍କର ଏକ ସ୍ଥାନୀୟ ପର୍ବ । ରଜପର୍ବକୁ ଛାଡିଦେଲେ, ଏହି ମାସର ଅନ୍ୟ ଦୁଇଟି ବିଶିଷ୍ଟ ପର୍ବ ହେଉଛି, ଶୀତଳ ଷଷ୍ଠୀ ଓ ସ୍ନାନ ପୂର୍ଣ୍ଣିମା ।

ଆଷାଢ ମାସରେ ରଥଯାତ୍ରା ଅବସରରେ ଗୁଣ୍ଡିଚାରୁ ଆରମ୍ଭ କରି ବାହୁଡା ଯାଏ ଆଠଦିନ କେତେ ପ୍ରକାର ପୂଜା, ପିଠା ପଣା କରାଯାଏ । ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସାଥିରେ ନେଇ ମାଉସୀ ମା ଘରକୁ ଯାଆନ୍ତି । ରଥଯାତ୍ରାରେ ଆଚାଣ୍ଡାଳ ବ୍ରାହ୍ମଣ ମହାପ୍ରଭୁଙ୍କର ଦର୍ଶନ ଲାଭ କରିପାରନ୍ତି । ସମସ୍ତ ମନୁଷ୍ୟ ସମାନ ତଥା ଈଶ୍ୱରଙ୍କ ପାଖରେ ଧନୀ ଗରିବର ଭେଦଭାବ ନାହିଁ ଏହା ରଥଯାତ୍ରାରୁ ଉପଲବ୍ଧ ହୁଏ ।

କୃଷିଭିତ୍ତିକ ଓଡିଶାରେ ଯେତେ ଗୁଡିଏ ଲୋକପ୍ରିୟ ପର୍ବପର୍ବାଣୀରେ ରହିଛି, ଅକ୍ଷୟ ତୃତୀୟାର ଅଖିମୁଠି ବୁଣା, ଗର୍ଭଣା ସଂକ୍ରାନ୍ତିରେ ଧାନଗଛର ପେଟରେ ଟାଣଟୁଣ ହୋଇ ଧାନକେଣ୍ଡାର ଗର୍ଭଧାରଣ, ନୂଆଖାଇ ପର୍ବର ପହିଲି ଧାନ ଅମଳ ଓ ନୂଆ ଚାଉଳ ବ୍ୟବହାର ସମଗ୍ର ରାଜ୍ୟରେ ପାର୍ବଣମୁଖର ହୋଇଉଠେ । ସେଇପରି ଆଉ ଦୁଇଟି ପରବ ହେଉଛି ଶ୍ରାବଣ ମାସର ଚିତାଲାଗି ଅମାବାସ୍ୟା ଓ ଗହ୍ମାପୂନେଇଁ । ଶ୍ରାବଣ ମାସର ଅମାବାସ୍ୟା ତିଥିରେ ତିନି ଦେବତା ମଥାରେ ରତ୍ନ ଖଚିତ ଟୀକା ଧାରଣ କରି ରତ୍ନ ସିଂହାସନରେ ବସନ୍ତି । ଗାଁ ଗଣ୍ଡାରେ ଚତଉ ପିଠା ତିଆରି କରାଯାଏ । ବିଲରେ ପିଠା ପକାଇବା ଅବସରରେ ଚାଷକ୍ଷେତର ଧାନଫସଲର ଜଳସେଚନ ନିରୀକ୍ଷଣ ଏହାର ଉଦ୍ଦେଶ୍ୟ । ଏହା ବ୍ୟତୀତ ଚାଷ ବୃତ୍ତିର ସମସ୍ତ ଅଶୁଭ ଦୃଷ୍ଟିକୁ ଏଡାଇବା ପାଇଁ ବନ୍ୟା, ମହାମାରୀ, ସରିସୃପ ସାପ, ଗେଣ୍ଡା ଆଦିର ଫସଲହାନୀ, ଧନ, ଜୀବନହାନୀକୁ ମାନସିକ ଭାବରେ ନିବାରଣ କରିବାକୁ ଏପରି ଚିତଉ ପିଠା ବ୍ୟବହାର କରାଯାଏ ।

ସେମିତି ଗହ୍ମା ପୂର୍ଣ୍ଣମୀରେ ବଳଭଦ୍ର ଜନ୍ମ ଭାବରେ ଘରର ଗୋରୁଗାଈଙ୍କର ଯତ୍ନ ନିଆଯାଏ, ଏହି ସମୟରେ ଚାଷ କ୍ଷେତରେ ବହୁ ପରିଶ୍ରମ କରିଥିବା ଗୋସମ୍ପଦକୁ ପୂଜା କରାଯାଏ, ବିଶ୍ରାମ ଦିଆଯାଏ । କିନ୍ତୁ ଓଡିଆ ଜୀବିକାରୁ ଚାଷବନ୍ଧି କାମର ଅପସାରଣ ପରଠାରୁ ଏହା ସାମାଜିକ ଭାବରେ ରାକ୍ଷୀବନ୍ଧନ ପର୍ବରେ ପରିଣତ ହୋଇଛି । ଆଜିର ସହର ସଭ୍ୟତା ଭୁଲିଯିବାକୁ ବସିଲାଣି ଦିନେ ବିନା ବଳଦରେ ଜମି ପଡିଆ ପଡୁଥିଲା । ଆଜିର ଯନ୍ତ୍ର ସଭ୍ୟତାର କୃଷି ଯନ୍ତ୍ରର ବହୁଳ ବ୍ୟବହାର ଚାଷଜମି ବିନା ଗୋସମ୍ପଦରେ ଚାଷ କରିହେବା ବି ହୋଇପାରେ ଏହାର କାରଣ ।



ବହୁକାଳରୁ ଓଡିଶାର ଗ୍ରାମାଞ୍ଚଳ ଭାଦ୍ରବ ମାସର ରବିବାର ଦିନ ଦଳଦଳ କୁମାରୀ କନ୍ୟାମାନଙ୍କର ବଡି ସକାଳୁ ଫୁଲ ତୋଳା, ବାଲିରେ ବାଲୁଙ୍କା ଗଢା ଓ ସଂଧ୍ୟାରେ ଭାଲୁକୁଣୀ ପୂଜା ସୂଚାଇ ଦିଏ ଓଡିଆ ଜାତିର ପୂର୍ବ ଗୌରବ, କଳିଙ୍ଗ ସାଧବଙ୍କ ସାଗରିକ ବ୍ୟବସାୟ । ଏହି ପର୍ବରେ ଓଡିଶାର ପରମ ମାତୃଶକ୍ତି ମା ମଙ୍ଗଳାଙ୍କୁ ପୂଜା କରି କିପରି ତଅପୋଇ ନିଜ

ଭାଇ ମାନଙ୍କୁ ପାଇ ନିଜର ଦୁଃଖ ଦୂର କରିପାରିଛି ଏହା ପରିବାରର ଅନ୍ତର କଥା ଖୋଲିଦିଏ। ରାତିରେ ପଢାଯାଉଥିବା ତଅପୋଇ ଗୀତ ବହୁ ପୁରୁଣା, ସେ ସମୟର ଓଡିଶାର ଦରିଆପାରି ବେପାର ଓ ଓଡିଆ ଜାତିର ଗୌରବମୟ ଐତିହ୍ୟ ଧରିବସିଛି। ଏଇ ପର୍ବଟି ଏ ଜାତିର ନୌବାଣିଜ୍ୟ ପ୍ରସଙ୍ଗ ଉତ୍ଥାପନ କରିଥାଏ। ତଅପୋଇ ଗୀତ ଓ ବାଲିଯାତ୍ରା ଏ ଦୁଇଟି ପର୍ବ ଆମର କୁଶଳ ନୌବାଣିଜ୍ୟର ପରିଚୟ ହୋଇ ରହିଚି। ଅନେକ ପ୍ରନ୍ତତାତ୍ତ୍ୱିକ ପ୍ରମାଣକୁ ତାଳ ଦେଇ ଏଇ ଦୁଇଟି ତଥ୍ୟ ହିଁ ଆମର ଐତିହ୍ୟ ପ୍ରତିପାଦନ କରେ।

ଓଡିଶାରେ ପୂର୍ବପୁରୁଷ ମାନଙ୍କ ପାଇଁ ଶ୍ରାଦ୍ଧ ଓ ପିଣ୍ଡଦାନ ଉତ୍ସବ ବହୁ ନିଷ୍ଠାର ସହ ପାଳିତ ହୁଏ। ସୂର୍ଯ୍ୟ କନ୍ୟାରାଶିରେ ଅବସ୍ଥାନ କରୁଥିବା ସମୟରେ ମହାଳୟା ଅମାବାସ୍ୟା ଆସେ। ଶ୍ରୀମନ୍ଦିରରେ ପିତୃଲୋକ, ନାଗଲୋକ, ଧ୍ରୁବଲୋକ, ବ୍ରହ୍ମଲୋକ ଆଦି ସପ୍ତଲୋକର ଅବସ୍ଥିତି କଳ୍ପନା କରାଯାଇଛି। ବାଇଶ ପାହାଚରେ ମହାଳୟାଦିନ ପିଣ୍ଡଦାନ କରି ଓଡିଆମାନେ ପିତୃପୁରୁଷଙ୍କୁ ନିଜର କୃତଜ୍ଞତା ଜ୍ଞାପନ କରନ୍ତି।

ଶାରଦୀୟ ଉତ୍ସବ ଭାବରେ ସାରା ଭାରତରେ ଦୁର୍ଗାପୂଜା ପାଳନ କରାଯାଏ, କିନ୍ତୁ ଓଡିଶାରେ ଏହି ପର୍ବ ସ୍ୱତନ୍ତ୍ର ଏବଂ ଏଥିରେ ବୈଶିଷ୍ଟ୍ୟ ରହିଛି। ଏହି ଓଡିଶା ଭୂଇଁରେ ମାତୃପୂଜାର ଶାସ୍ତ୍ରୀୟ ପରମ୍ପରା ବେଶ୍ ପ୍ରାଚୀନ। ସବୁ ଗାଁରେ ଗ୍ରାମଦେବତୀ ତଥା ପାର୍ବତ ଅଞ୍ଚଳରେ ଧରିତ୍ରୀ ଦେବୀ, ବନଦେବୀ, କୃଷିଦେବୀ ଆଦି ରୂପରେ ଶକ୍ତିପୂଜା କରାଯାଏ। ଓଡିଶାର କ୍ଷତ୍ରୀୟ ବୀରମାନେ ଦେଶ ଏବଂ ଧର୍ମର ସୁରକ୍ଷା ପାଇଁ ଖଡ୍ଗ ବା ଖଣ୍ଡାର ପୂଜା କରନ୍ତି; କରଣ ବା କାୟସ୍ଥ ଜାତିର ଲୋକମାନେ ସାହିତ୍ୟର ସୁରକ୍ଷା ପାଇଁ ଲେଖନୀ; କୃଷକ ମାନେ ନିଜର କୃଷି ଉପକରଣ ତଥା ବୈଶ୍ୟମାନେ ନିଜନିଜ ବୃତ୍ତିରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରର ପୂଜା କରନ୍ତି। ବ୍ରାହ୍ମଣମାନେ ପୋଥି, ପୁସ୍ତକ ତଥା ପୁରାଣ ଗୁଡିକର ପୂଜା କରିବା ସହିତ ଷଷ୍ଠ ପୂଜା ଠାରୁ ଦଶମୀ ପର୍ଯ୍ୟନ୍ତ ଏହି ପୂଜା ଅନୁଷ୍ଠିତ ହୁଏ। ଦଶହରା ଓଡିଶାର ପୁରପଲ୍ଲୀର ବଡପର୍ବ, ବିଶେଷ ଭାବରେ ସହରା□ଳ ଦୁର୍ଗାଙ୍କ ମେଢମାଳାରେ ପୂରିଉଠେ, ବାଜା ଓ ରୋଶଣିରେ ଆଖି ଝଲସି ଉଠେ। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପୂଜା ସହିତ ତାପୂର୍ବର ମୂର୍ତ୍ତି ଓ ମେଢ ଓ ତୋରଣର ଶୋଭାରେ ବହୁ ସମୟ ଓ ଅର୍ଥ ବ୍ୟୟ କରି ଜାକଜମକରେ ଦୁର୍ଗାପୂଜା ଅନୁଷ୍ଠିତ ହୁଏ। ପ୍ରତ୍ୟେକ ସାହି ସହର ମାନଙ୍କରେ ପ୍ରତିଦ୍ୱନ୍ଦ୍ୱିତା ଭିତ୍ତିରେ ମେଢ, ମୂର୍ତ୍ତି ଓ ଭସାଣି ପର୍ବରେ ମଜ୍ଜି ରହନ୍ତି। ମନେହୁଏ ପ୍ରାଚୀନ ଓଡିଶାର ମନ୍ତ୍ରପୂତ ଶକ୍ତିପୂଜା ଆଜିର ବଂଗଳା ରାଜ୍ୟର ମେଢମୟ ମୂର୍ତ୍ତିମୟ ପ୍ରତିଦ୍ୱନ୍ଦ୍ୱିତାକୁ ପରିବର୍ତ୍ତିତ ହୋଇଛି। କିନ୍ତୁ ଓଡିଆ ଘର ପିଠାପଣା ଓ ବନ୍ଧୁବାନ୍ଧବଙ୍କ ଗହଳଚହଳରେ ଘର ପୂରିଉଠେ। ଶାରଦୀୟ ଦଶହରାର ଗ୍ରାମ୍ୟଜୀବନରେ ବିଶେଷ ମହତ୍ୱ ରହିଛି।

ଓଡ଼ିଶାର ନାରୀକବି ଡାକ୍ତର କୁନ୍ତଳା କୁମାରୀ ସାବତ କହିଥିଲେ, ସ୍ୱର୍ଗରେ ଦେବୀମାନେ ନିବାସ କରନ୍ତି, କିନ୍ତୁ ମୁଁ ସେମାନଙ୍କୁ ହିନ୍ଦୁମାନଙ୍କ ଘରେଘରେ ଦେଖିଥାଏ। ଅବଶ୍ୟ ସେ ଓଡିଶାର କୁମାରୋତ୍ସବ ଦେଖି ଏହା କହିଥିବା ପ୍ରତୀୟମାନ ହୁଏ। କୁମାର ପୂର୍ଣ୍ଣମୀ ବା ସାଧା ଓଡିଆରେ କୁଆଁର ପୁନେଇଦିନ କୁମାରୀ ମାନେ ଭୋରରୁ ହଳଦୀ ଲଗାଇ ଗାଧୋଇ ଉଦିତ ସୂର୍ଯ୍ୟଙ୍କୁ ତୁଳସୀ ଚଉରା ମୂଳେ ଆଞ୍ଜୁଳି ଟେକନ୍ତି। ନୂତନ ବସ୍ତ୍ର ପରିଧାନ ଓ ଅଳତା ସିନ୍ଦୂର, କୁଙ୍କୁମ ଓ ଅଳଙ୍କାର ପରିଧାନ କରି କୁମାରୀମାନେ ସଂଧ୍ୟାରେ ପୂର୍ଣ୍ଣିମା ଚନ୍ଦ୍ର ଉଦୟରେ ଚାନ୍ଦପୂଜା କରନ୍ତି, ନିଜ ନିଜ ବନ୍ଧୁତ୍ୱ ସୁଦୃଢ କରନ୍ତି ଚାନ୍ଦ ବସି, ଏଥିପାଇଁ ପୂଜା ହେଉଥିବା ଚାନ୍ଦ ଆକାରର ଭୋଗ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରି। ପୌରାଣିକ ମତରେ ଏହି କୁମାରୋତ୍ସବ ଦିନ ଓଡିଶାରେ ମହାଲକ୍ଷ୍ମୀଙ୍କର ଆରାଧନା କରାଯାଏ। ଏହି ଦିନରେ ରାତିର ପ୍ରଥମ ପ୍ରହରରେ ଦେବଦାନବଙ୍କର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀଙ୍କର ଆବିର୍ଭାବ ହୋଇଥିଲା। ତାଙ୍କ ଦର୍ଶନରେ ଦେବ ଓ ଗନ୍ଧର୍ବ ତଥା ଅପ୍ସରାମାନେ ନୃତ୍ୟ କରିବାକୁ ଲାଗିଲେ। ତାଙ୍କର ଅଭିଷେକ ପାଇଁ ସ୍ୱୟଂ ଗଙ୍ଗାଦେବୀ ସେଠାରେ ପହଞ୍ଚିଲେ। ବିଶ୍ୱକର୍ମା ଅନେକ ଅଳଙ୍କାରପ୍ରଦାନ କଲେ। ଏମିତି ଘରେଘରେ ଏହି ପୂଜା ଲାଗି ରହିଥାଏ।

ଓଡିଶାରେ ଦୀପାବଳିକୁ ପୟାଁ ଅମାବାସ୍ୟା କୁହାଯାଏ। ଏହିଦିନ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ରୋଚ୍ୟ ପଦାର୍ଥରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଇ ତୃପ୍ତି କରାଯାଏ। ଦିବଂଗତ ଆତ୍ମାଙ୍କ ସନ୍ତୋଷ ପାଇଁ ଶ୍ରାଦ୍ଧ ଅର୍ପଣ କରାଯାଏ। ବୈଶାଖ, ଆଷାଢ, କାର୍ତ୍ତିକ, ମାଘ ଏହି ଚାରି ମାସକୁ ଧର୍ମଶାସ୍ତ୍ରରେ ଅତ୍ୟନ୍ତ ପବିତ୍ର ତଥା ଦେବତା ଉପାସନା ପାଇଁ ଅନୁକୂଳ କୁହାଯାଇଥାଏ। କାର୍ତ୍ତିକ ପୂର୍ଣ୍ଣମୀ ଓଡିଶାରେ ରାହାସ ପୂର୍ଣ୍ଣମୀ ଭାବରେ ନାମିତ। ଓଡିଶା ଇତିହାସ ପୃଷ୍ଠାରେ ପ୍ରାଚୀନ କାଳରେ ଏହି ପୂର୍ଣ୍ଣମୀ ଓଡିଆ ସାମାଜିକ ଜୀବନରେ ମୁଖ୍ୟ ଭୂମିକା ଗ୍ରହଣ କରିଅଛି। ଏହି ମାସଟି ବର୍ଷକର ସବୁଠାରୁ ଧର୍ମର ମାସ। ଯେଉଁମାନେ ସକାଳୁ ସ୍ନାନ କରି ହବିଷ ଭୋଜନ କରି ପୂଜାପାଠ କରନ୍ତି, ସେମାନେ ହବିଷ୍ୟାଳୀ, ଜୀତେନ୍ଦ୍ରୀୟ ଓ ସେମାନଙ୍କର ସମସ୍ତ ପାପ ଧୋଇ ହୋଇଯାଏ। ବହୁ ବିଧବା ଧର୍ମ ଅର୍ଜନ ପାଇଁ ହବିଷ କରି କାର୍ତ୍ତିକ ବ୍ରତ ପାଳନ କରନ୍ତି।

ଏହି କାର୍ତ୍ତିକ ପୂର୍ଣ୍ଣମୀ ରାଜ୍ୟର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ପରମ୍ପରା ସହିତ ଯୋଡି ହୋଇଥିବାରୁ ଏହାକୁ ଓଡିଶାର ଜାତୀୟ ପର୍ବ ରୂପରେ ପାଳିତ କରାଯାଏ। ଖ୍ରୀଷ୍ଟଙ୍କ ଜନ୍ମ ପୂର୍ବରୁ ବିଶ୍ୱର ବିଭିନ୍ନ ଦେଶ ସହିତ ବଣିଜ ସମ୍ବନ୍ଧ ତଥା ଉତ୍କଳୀୟ କାରିଗରୀ ଏବଂ ରପ୍ତାନୀ କରାଯାଉଥିବା ଶିଳ୍ପ ପଦାର୍ଥ ଗୁଡିକରେ ବିଦେଶରେ ଆଦରର ଖ୍ୟାତିରେ କେବଳ ସାଧବ ବା ଶାସକ ନୁହନ୍ତି, ସାଧାରଣ ଉତ୍କଳୀୟ ବି ଗର୍ବିତ ହେଉଥିଲେ। କାର୍ତ୍ତିକ ପୂର୍ଣ୍ଣମୀର ବଡଓଷାକୁ ଗାଁଗଣ୍ଡାର ଲୋକ ମାନେ ବିବିଧ ପୂଜାର୍ଚ୍ଚନାରେ ପାଳନ କରନ୍ତି, ଇତିହାସର ହଜିଯାଇଥିବା ସାଗର ବଣିଜର ସ୍ମରଣରେ ଆ କା ମା ବୈ ସ୍ୱର ଉଚ୍ଚାରଣ କରି ଡଙ୍ଗା ଭସାଇବାର ଅଭ୍ୟାସ ତଥା କଟକରେ ବାଲିଯାତ୍ରା ସହସ୍ରାବ୍ଦର ଅତୀତ ଅବଲୋକନ କରେ।


ପରିବାରରେ ପାରମ୍ପରିକ ଶ୍ରଦ୍ଧା ଏବଂ ସ୍ନେହର ଅଭିବୃଦ୍ଧି ପାଇଁ ପ୍ରଥମାଷ୍ଟମୀ ଏକ ପାରିବାରିକ ପର୍ବ ଅଟେ। ଶ୍ରୀମଦ୍ଭାଗବତ ଗୀତାରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ 'ମାସାନାଂ ମାର୍ଗଶୀର୍ଷୋହମ୍' କହି ମାର୍ଗଶୀର ମାସର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ଜଗନ୍ନାଥ ମନ୍ଦିରରେ ମଧ୍ୟ ପ୍ରଥମାଷ୍ଟମୀ ଦିନ ବଡଭାଇ ବଳଭଦ୍ରଙ୍କ ପାଇଁ ପୂଜାର୍ଚ୍ଚନା କରାଯାଏ ତଥା ଏଣ୍ଡୁରି ପିଠା ଭୋଗ ଲଗାଯାଏ। ପରିବାରର ଜ୍ୟେଷ୍ଠ ସନ୍ତାନର ସୁଖ, ସମୃଦ୍ଧି ଏବଂ ଦୀର୍ଘାୟୁ କାମନା କରି ଷଠି ଦୁଷେଇ ବା ଷଷ୍ଠୀଦେବୀଙ୍କର ପୂଜା ବି ଷଠି ଓଷା ଦିନ କରାଯାଏ। ଆମ

ସମାଜରେ ପୋରୁହାଁ ବା ଜ୍ୟେଷ୍ଠ ସନ୍ତାନଙ୍କୁ ଧର୍ମଜ ବୋଲି ଧାରଣା ନେଇ ସମ୍ମାନ ଦିଆଯାଏ ଏବଂ ପରିବାର ପ୍ରତି ସେମାନଙ୍କର ଉତ୍ତରଦାୟିତାର ଅବବୋଧ କରାଯାଇଥାଏ। ଏହି ସନ୍ତାନ ସନ୍ତତିଙ୍କ ପରିବାରର ସ୍ନେହର ପର୍ବ ଦୁଇଟି ମଧ୍ୟରୁ ଷଠି ଓଷା ପଡେ ଭାଦ୍ରବ ମାସରେ ଓ ପ୍ରଥମାଷ୍ଟମୀ ମାର୍ଗଶୀର କୃଷ୍ଣ ଅଷ୍ଟମୀ ତିଥିରେ।

ଓଡ଼ିଶାରେ ପାଳନ କରାଯାଉଥିବା ସମସ୍ତ ପୂଜାପର୍ବ ମଧ୍ୟରେ ମାଣବସା ଗୁରୁବାର ଗୋଟିଏ ପୁରାତନ ମହତ ଗୁରୁତ୍ୱପୂର୍ଣ୍ଣ ଓଷା। ଓଡିଶା ବ୍ୟତୀରେକ କୌଣସି ସ୍ଥାନରେ ଏହି ଲକ୍ଷ୍ମୀପୂଜା ପର୍ବ ଦେଖିବାକୁ ମିଳେନି। ମାର୍ଗଶୀର ମାସରେ ପଡୁଥିବା ଚାରି ବା ପାଞ୍ଚ ଗୁରୁବାର ଏହି ପୂଜା ହୋଇ ଶେଷ ପାଳି ବଡ ଆକାରରେ ପାଳିତ ହୁଏ। କହିବାକୁ ଗଲେ, ଏଇଟି ଓଡିଆଣୀ ମାନଙ୍କର ପୂଜା, ଆରାଧନାର ଦେବୀ ଲକ୍ଷ୍ମୀ, ପୂଜା ପାଆନ୍ତି ଧାନ ଚାଉଳ ମାପ କରାଯାଉଥିବା ଅଧସେରୀ ମାଣ ମଧ୍ୟରେ ଲକ୍ଷ୍ମୀ ପ୍ରତିମା ଧାନ ମେ□ା ଉପରେ ଓଢଣୀ ପକାଇ ବୋହୂ ବେଶରେ ପୂଜା ପାଆନ୍ତି। ବିଧି ଅନେକ, ପାଖରେ ଅଖଣ୍ଡ ଦୀପ, ବର୍ଷବର୍ଷ ଧରି ପୂଜା ପାଇଥିବା ଅନେକ ଗୁଡିଏ ଗୁଆ, ଧାନ ଉପରେ ସଜ୍ଜିତ ମାଣ, କଡରେ ବିରି ମୁଗ, ମୂଳା, ଠାକୁରାଣୀଙ୍କୁ ସକାଳୁ ପଣା, ଅସଂଖ୍ୟ ପିଠା ପଣାର ମଧ୍ୟାହ୍ନ ଭୋଗ ଲଗାଇ ବୋହୂ ଗାଇ ବୋଲେ ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ, ଯାହା ଜାତି ବର୍ଣ୍ଣ ନିର୍ବିଶେଷରେ ଧନ ସଂଚୟ ହିଁ ଲକ୍ଷ୍ମୀଙ୍କୁ ପାଇବାର ବାଟ ବୋଲି ଦର୍ଶାଯାଇଛି।

ସୃଷ୍ଟି, ସ୍ଥିତି, ପ୍ରଳୟର ମୂଳ ଆଧାର ସୂର୍ଯ୍ୟଦେବଙ୍କ ପୂଜା ଆଦିମ କାଳରୁ ପ୍ରଚଳିତ। ଓଡ଼ିଶାରେ ମଧ୍ୟ ସୂର୍ଯ୍ୟପୂଜାର ଏକ ସୁଦୀର୍ଘ ପରମ୍ପରା ଦେଖିବାକୁ ମିଳେ। ପୁଷମାସର ଶୁକ୍ଳ ଦଶମୀ ଦିନ ଶାମ୍ବ ଦଶମୀ ଭାବରେ ପାଳିତ ହୁଏ। ସୁସ୍ଥ ଓ ଆରୋଗ୍ୟ ରହିବାର ଅଭିପ୍ରାୟ ନେଇ ଏହି ସୂର୍ଯ୍ୟପୂଜା କରାଯାଏ -ବ୍ରାହ୍ମ ମୁହୂର୍ତ୍ତରେ ବାଳ ସୂର୍ଯ୍ୟଙ୍କୁ ଫଳ ଓ ମିଠେଇ ଭୋଗ ଲାଗେ, ମଧ୍ୟାହ୍ନରେ ଖେଚେଡି, ଡାଲି, ତରକାରି, ଶାଗଭଜା, ଖିରି ଆଦି ପୂଜା କରାଯାଏ, ଅପରାହ୍ନ ଅସ୍ତଗାମୀ ସୂର୍ଯ୍ୟଙ୍କୁ ବୁଡା ଚକୁଳି ଓ ଘୁଡୁଘୁଡିଆ ତରକାରି ଦିଆଯାଏ। ଏହି ଶାମ୍ବଦଶମୀ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବଙ୍କର ଅର୍କକ୍ଷେତ୍ର କୋଣାର୍କରେ ସୂର୍ଯ୍ୟପୂଜା ବଳରେ ଦୁରାରୋଗ୍ୟ ମୁକ୍ତ ହେବା ପ୍ରସଙ୍ଗ ସ୍ମରଣ କରାଇଦିଏ। ସୂର୍ଯ୍ୟଙ୍କର ରୋଗନିବାରକ ଶକ୍ତିର ଏହା ପୂଜା।

ଫଗୁଣର ଦୋଳ ପର୍ବ ଓଡିଶାରେ ଗାଁ ଗାଁରେ ଦଶମୀରୁ ପୂର୍ଣ୍ଣମୀ ତିଥି ପର୍ଯ୍ୟନ୍ତ ପାଳିତ ହୁଏ। ବସନ୍ତୋତ୍ସବ ନାମରେ ହୋଲି ବୈଦିକ କାଳରୁ ସାମାଜିକ ସ୍ନେହ ସଂପ୍ରୀତିର ପର୍ବ ରୂପରେ ପାଳନ କରାଯାଉଛି। ପୌରାଣିକ ପୃଷ୍ଠଭୂମିରେ ଗୋପାଳ ମାନେ ଧୂମଧାମରେ ପାଳନ କରନ୍ତି। ଆନନ୍ଦ ଉଲ୍ଲାସରେ ଗାଁର ଲୋକମାନେ ପରସ୍ପରକୁ ଅବିର ରଙ୍ଗରେ ରଙ୍ଗାଇ ହୋଲି ପାଳନ କରନ୍ତି। ଏହା ରାଧାକୃଷ୍ଣଙ୍କର ପୂଜା, ଦୋଳ ବିମାନରେ ଗାଁର ଘର ଘର ବୁଲି ଭୋଗ ଖାଆନ୍ତି ଓ ପ୍ରତି ଗ୍ରାମରେ ଦୋଳପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହୁଏ।



ସତରେ ଓଡିଆ ଘରର ବୋହୂ କେତେ ସଂଖ୍ୟାର ସ୍ୱାଦିଷ୍ଟ ବ୍ୟଞ୍ଜନ ତିଆରି କରିଥାଏ, ତାହା ଅସୁମାରି, ଗେଟେଇ, ଅଟକାଳି, ଭାତ, ଡାଲମା, ଦହିଭାତ, ଖେଚେଡି, ଖିରି, ବେସର, ମହୁର, ଆମ୍ବିଳ, ମଂଜାରାଇ, କୋଶଳା ଶାଗ ଭଜା, ଆରିସା, କାକରା, ସରୁ ଚକୁଳି, ଚିତଉ, ମଣ୍ଡା, ସରପୁଳି, ଦୁଧପୁଳି, ମୁଗପୁଳି, ମୁଗକାନ୍ତି, ନଡିଆ ଲଡୁ, ବିରିଲଡୁ ଆହୁରି ଅନେକ ପ୍ରକାରର।

ସୁଖ-ସୁବିଧାର ସାମଗ୍ରୀ ଗୁଡିକର ନିରନ୍ତର ବିକାଶ ସହିତ ମଣିଷ ପ୍ରକୃତିଠାରୁ ଦୁରେଇ ଯାଉଛି। ଧୀରେ ଧୀରେ ନିଜର ଆଧାର ଭୂମିରୁ ଅଲଗା ହୋଇଯାଉଛି ତଥା ତାର ସହନଶକ୍ତି କ୍ଷୀଣ ହୋଇଯାଉଛି। ପ୍ରକୃତିର ସାହଚର୍ଯ୍ୟ ପାଖରୁ ଦୂରେଇ ରହି ମଣିଷ ସମ୍ବେଦନଶୀଳତା ହରେଇ ବସିଛି। ଏହି ପରିପ୍ରେକ୍ଷୀରେ ଓଡିଶାରେ ପାଳନ କରାଯାଉଥିବା ବାରମାସର ତେର ପର୍ବ ଆମମାନଙ୍କୁ ଆମର ପୁରୁଣା ସଂସ୍କୃତି ତଥା ପରମ୍ପରାକୁ ଉଦ୍‌ଜିବିତ କରାଇ ପାରିବ ତଥା ସ୍ନେହ, ପ୍ରେମ ଓ ସହଯୋଗର ବାତାବରଣ ବଜାୟ ରଖିବ।

*ଅମୃତାୟନ,*
*୪୫୫, ଶକ୍ତିବିହାର, ଭୁବନେଶ୍ୱର-୧୭,*
*ମୋ - ୯୪୩୭୩୦୦୪୨୩*

●●●●

# ନୀଳାଦ୍ରି ବିଜୟ ଯାତ୍ରାର ରସଗୋଲା ଉପାଖ୍ୟାନ

*ଡ଼. ସୁରେନ୍ଦ୍ରନାଥ ମିଶ୍ର*

ଶ୍ରୀ ଜଗନ୍ନାଥ ମନ୍ଦିରରେ ବାରମାସରେ ତେରୋଟି ଯାତ୍ରା ସମ୍ପାଦିତ ହେବା ଦେଖିବାକୁ ମିଳିଥାଏ । ଏହି ଯାତ୍ରାଗୁଡ଼ିକ ହେଲା - ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ଝୁଲଣ ଯାତ୍ରା, ଚନ୍ଦନ ଯାତ୍ରା, ଦୋଳ ଯାତ୍ରା, ସ୍ନାନ ଯାତ୍ରା ଇତ୍ୟାଦି । ଏ ସମସ୍ତ ଯାତ୍ରା ମଧ୍ୟରେ ନବଦିନାତ୍ମକ ଗୁଣ୍ଡିଚା ଯାତ୍ରା ବିଶେଷ ଗୁରୁତ୍ୱ ବହନ କରିଥାଏ । ଗୁଣ୍ଡିଚା ଯାତ୍ରା ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ଦିନ ଆରମ୍ଭ ହୋଇ ବାହୁଡ଼ା ଯାତ୍ରାରେ ସମାପ୍ତ ହୋଇଥାଏ । ଏହି ଯାତ୍ରାକାଳରେ ତିନୋଟି ସ୍ୱତନ୍ତ୍ର ରଥରେ ପ୍ରଭୁ ବଳଭଦ୍ର, ମା' ସୁଭଦ୍ରା ଏବଂ ପ୍ରଭୁ ଜଗନ୍ନାଥ ବିଜେକରି ତାଙ୍କ ଜନ୍ମବେଦୀକୁ ଯାଇଥାଆନ୍ତି, ଯାହା ଆଡପ ମଣ୍ଡପ ଭାବରେ ଖ୍ୟାତ । ଯେଉଁ ରଥ ମାନଙ୍କରେ ପ୍ରଭୁ ବିଜେ କରିଥାନ୍ତି, ସେଗୁଡ଼ିକ ହେଲା - ବଳଭଦ୍ରଙ୍କର ତାଳଧ୍ୱଜ, ମା ସୁଭଦ୍ରାଙ୍କର ଦେବଦଳନ ରଥ ଏବଂ ଜଗନ୍ନାଥଙ୍କର ରଥ ହେଲା ନନ୍ଦିଘୋଷ ରଥ । ଶ୍ରୀ ସୁଦର୍ଶନ ମା ସୁଭଦ୍ରାଙ୍କ ରଥରେ ହିଁ ବିରାଜମାନ କରିଥାଆନ୍ତି । ପ୍ରଭୁଙ୍କର ଶ୍ରୀମନ୍ଦିର ବାହାରେ ବର୍ଷକୁ ଥରେ ଏହି ରଥଯାତ୍ରା କରିବା ମୂଳରେ ଉଦ୍ଦେଶ୍ୟ ହେଲା ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ଓ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତ ଭକ୍ତ ମାନଙ୍କୁ ବଡଦାଣ୍ଡରେ ଦର୍ଶନ ଦେବା । ଯେଉଁ ଭକ୍ତମାନେ ଉପରୋକ୍ତ କାରଣରୁ ଶ୍ରୀମନ୍ଦିର ଭିତରେ ପୂର୍ଣ୍ଣ ଦର୍ଶନ କରିବାର ସୁଯୋଗ ପାଇ ନଥାନ୍ତି, ସେମାନଙ୍କ ଆତ୍ମସନ୍ତୋଷ ପାଇଁଏହି ଯାତ୍ରାରେ ଦର୍ଶନ ଦେବା । ସେ ତ ଜଗତର ନାଥ ଜଗନ୍ନାଥ । ଭକ୍ତର ଭଗବାନ ଭାବେ ଏହି ମାନବୀୟ ଲୀଳା ସଂଯୋଜନା କରି ସମସ୍ତ ଭକ୍ତ ମଣ୍ଡଳୀକୁ ଆଶିଷ ପ୍ରଦାନ କରିଥାନ୍ତି । ଗୁଣ୍ଡିଚା ମନ୍ଦିରରେ ନଅ ଦିନ ରହିବାପରେ ବାହୁଡ଼ା ଦଶମୀଦିନ ପ୍ରଭୁମାନେ ରଥରେ ପହଣ୍ଡିବିଜେ କରି ଶ୍ରୀମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥାନ୍ତି, ଯାହା ବାହୁଡ଼ା ଯାତ୍ରା ନାମରେ ଖ୍ୟାତ । ସିଂହଦ୍ୱାରରେ ରଥ ଗୁଡ଼ିକ ପହଞ୍ଚିବା ପରେ ତିନିଦିନ ଯେଉଁ ଉପଯାତ୍ରା ମାନ ଅନୁଷ୍ଠିତ ହୁଏ, ସେଗୁଡ଼ିକ ହେଲା - ଏକାଦଶୀ ତିଥିରେ ସୁନାବେଶ, ଦ୍ୱାଦଶୀ ତିଥିରେ ଅଧରପଣା ଉତ୍ସବ ଓ ତ୍ରୟୋଦଶୀ ତିଥିରେ ନୀଳାଦ୍ରି ବିଜେ ଉତ୍ସବ । ଏହି ତିନୋଟି ଉପଯାତ୍ରା ଭକ୍ତମଣ୍ଡଳୀଙ୍କ ପାଇଁ ସ୍ୱାତନ୍ତ୍ର୍ୟ ବହନ କରିଥାଏ । ସୁନାବେଶରେ ପ୍ରଭୁମାନେ ସ୍ୱର୍ଣ୍ଣ ଆଭୂଷଣରେ ମଣ୍ଡିତ ହୋଇ ଦର୍ଶନ ଦେଉଥାନ୍ତି, ଲକ୍ଷଲକ୍ଷ ଲୋକ ଏହି ଉତ୍ସବ ଦେଖିବାକୁ ଆକୃଷ୍ଟ କରିଥାଏ ।

ତହିଁ ପରିଦିନ ଅଧରପଣା ଉତ୍ସବ ଅନୁଷ୍ଠିତ ହୁଏ । ରଥାରୂଢ଼ ଦେବାଦେବୀଙ୍କ ସମ୍ମୁଖରେ ସେମାନଙ୍କ ଅଧର ସ୍ପର୍ଶ ପର୍ଯ୍ୟନ୍ତ ପ୍ରତ୍ୟେକ ତିନୋଟି ଲେଖାଏଁ ଡ଼ୁମ୍ବ ସ୍ଥାପନ କରାଯାଇଥାଏ । ତିନି ରଥରେ ଗାଏ ମୋଟ ନ'ଟି ଡ଼ୁମ୍ବ ବ୍ୟବହୃତ ହୋଇଥାଏ । ଉକ୍ତ ଡ଼ୁମ୍ବ ବା ମାଠିଆରେ ସୁମିଷ୍ଟ ପଣା ପ୍ରସ୍ତୁତ ହୋଇ ପ୍ରଭୁମାନଙ୍କୁ ଅର୍ପଣ କରାଯାଇଥାଏ । ମୁଖ୍ୟ ଉଦ୍ଦେଶ୍ୟ ହେଲା ହେଲା ଉକ୍ତ ପଣା ଦେଇ ପ୍ରଭୁ ଯାତ୍ରାକାଳରେ ସଂପୃକ୍ତ ଥିବା ଅଶରୀର ଆତ୍ମା, ଭୂତ, ପ୍ରେତ, ଯୋଗିନୀ ଏବଂ ଚାଣ୍ଡାଳ ମାନଙ୍କୁ ସନ୍ତୁଷ୍ଟ କରିବା । ଏହା ସେହି ମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ଭକ୍ତବୃନ୍ଦ ସେଇ ପଣାକୁ ସେବନ କରିବାକୁ ବାରଣ କରାଯାଇଥାଏ । ପୂଜା ଉପଚାର ସରିବାପରେ ଦଇତା ସେବକ ମାନଙ୍କ ଦ୍ୱାରା ଡ଼ୁମ୍ବ ମାନଙ୍କୁ ରଥରେ ଭଙ୍ଗାଯାଏ ଏବଂ ସେଥିରେ ଥିବା ପଣା ରଥାଯାକ ଭାସି ରଥରେ ଥିବା ପାର୍ଶ୍ୱଦେବତା ଏବଂ ଅଶରୀର ଆତ୍ମାକୁ ସନ୍ତୁଷ୍ଟ କରିଥାଏ ।

ତହିଁ ପରଦିନ ଅନୁଷ୍ଠିତ ହୁଏ ନୀଳାଦ୍ରି ବିଜୟ ଉତ୍ସବ । ଏହା ଗୁଣ୍ଡିଚା ଯାତ୍ରାର ଶେଷପର୍ବ । ଏହିଦିନ ପ୍ରଭୁମାନେ ଶ୍ରୀମନ୍ଦିରସ୍ଥ ରତ୍ନସିଂହାସନକୁ ବିଜେ କରିଥାଆନ୍ତି । ବାହୁଡ଼ା ଯାତ୍ରାପରେ ଯେଉଁ ତିନିଦିନ ପ୍ରଭୁମାନେ ସିଂହଦ୍ୱାରରେ ଅବସ୍ଥାନ କରନ୍ତି ବୋଲି ସେହି ସମୟରେ ରଥ ଉପରେ ଦୈନନ୍ଦିନ ନୀତିକାନ୍ତି ଚାଲୁରହିଥାଏ । ଶୁଖିଲି ଭୋଗ ଏବଂ ବିଭିନ୍ନ ଫଳମାନ ଭୋଗ ହୋଇଥାଏ ।

ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜୟ ପ୍ରତ୍ୟେକ ଉପଯାତ୍ରାର ସ୍ଥାନ ସ୍ୱତନ୍ତ୍ର । ତନ୍ମଧ୍ୟରେ ନୀଳାଦ୍ରି ବିଜୟ ଯାତ୍ରା ଏକ ନିଆରା ଉତ୍ସବ । ଏହିଦିନ ପ୍ରାତଃକାଳରେ ମଙ୍ଗଳ ଆଳତି ଓ ପଣା ଅର୍ପଣ ପରେ ପ୍ରଭୁମାନଙ୍କୁ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ନିଆଯାଇଥାଏ । ପ୍ରଥମେ ମଦନ ମୋହନ ଏବଂ ରାମକୃଷ୍ଣଙ୍କ ପ୍ରତିମା ବିଜେ କରାଯାଇ ଶ୍ରୀମନ୍ଦିରସ୍ଥ ରତ୍ନ ସିଂହାସନରେ ଅବସ୍ଥାନ କରାଯାଇଥାଏ । ଏହାପରେ ସୁଦର୍ଶନଙ୍କ ପହଣ୍ଡି ଆରମ୍ଭ ହୁଏ । ଶ୍ରୀକ୍ଷେତ୍ରରେ ଚକ୍ରରାଜ ସୁଦର୍ଶନ ସ୍ତମ୍ଭ ଆକାରରେ ବିରାଜମାନ, ଏଣୁ ସେବକମାନେ ତାଙ୍କୁ କାନ୍ଧରେ ଟେକିନେଇ ସିଂହାସନାରୂଢ଼ କରିଥାନ୍ତି । ସୁଦର୍ଶନଙ୍କ ପରେ ପ୍ରଭୁ ବଳଭଦ୍ର ଏବଂ ପରେ ମା ସୁଭଦ୍ରା ଗୋଟି ପହଣ୍ଡିରେ ନୀଳକନ୍ଦରକୁ ପ୍ରବେଶ କରିଥାନ୍ତି ।

ପ୍ରଭୁ ମାନଙ୍କ ପହଣ୍ଡି ଦୃଶ୍ୟ ଅତି ରମଣୀୟ । ପହଣ୍ଡି ଆରମ୍ଭରୁ ପ୍ରଭୁଙ୍କର ମସ୍ତକରେ ଟାହିଆମାନ ଲଗାଯାଇଥାଏ, ଗତି କଲାବେଳେ ଏହାର ଦୋଳାୟମାନ ଦୃଶ୍ୟ ଅତି ଶୋଭନୀୟ । ଏହି ଟାହିଆମାନ ମନ୍ଦିର ନିକଟସ୍ଥ ରାଘବ ଦାସ ମଠରୁ ଯୋଗାଇଦିଆ ଯାଇଥାଏ । ଏହି ମଠ ତରଫରୁ ଗୁଣ୍ଡିଚା

ଯାତ୍ରାରୁ ଆରମ୍ଭ କରି ନୀଳାଦ୍ରି ବିଜୟ ପର୍ଯ୍ୟନ୍ତ ମୋଟ ୧୬ଟି ଟାହିଆ ଚାରି ଦିଅଁଙ୍କ ପାଇଁ ଯୋଗାଇ ଦିଆଯାଇଥାଏ। ଏହା ମଠ ଏବଂ ଶ୍ରୀମନ୍ଦିର ସମ୍ପର୍କର ଏକ ଜ୍ୱଳନ୍ତ ନିଦର୍ଶନ।

ସୁଦର୍ଶନ, ଶ୍ରୀବଳଭଦ୍ର ଓ ମା' ଗୁଣ୍ଡିଚା ଶ୍ରୀମନ୍ଦିର ବିଜେକଲାପରେ ସର୍ବ ଶେଷରେ ଆସନ୍ତି କାଳିଆ ସାଆନ୍ତ ପ୍ରଭୁ ଶ୍ରୀଜଗନ୍ନାଥ। ଜଗନ୍ନାଥଙ୍କ ପହଣ୍ଡିବିଜେ ନିଶ୍ଚିତ ଭାବେ ଅତି ଆକର୍ଷଣୀୟ। ନୀଳାଦ୍ରିବିଜୟ ଉତ୍ସବରେ ଘଣ୍ଟୁଆ ମାନଙ୍କ ଘଣ୍ଟ ବାଦ୍ୟ, ସାହି ଯାଗାମାନଙ୍କର ବନାଟି ଖେଳ, ପାଇକ ମାନଙ୍କ ବାଡିନୃତ୍ୟ, ବିଭିନ୍ନ ସଙ୍ଗୀତାନୁଷ୍ଠାନ ମାନଙ୍କର ଓଡିଶୀ, ମାହାରୀ ଓ ଗୋଟିପୁଅ ନାଚ ବେଶ୍ ମନଲୋଭା ଏବଂ ଉପଭୋଗ୍ୟ ହୋଇଥାଏ। ଏହି ଦୃଶ୍ୟ ଦେଖିବାକୁ ଭକ୍ତଙ୍କ ଭିଡ ବେଶ୍ ଜମିଥାଏ।

ପ୍ରଭୁ ବଳଭଦ୍ର ଏବଂ ମା ସୁଭଦ୍ରାଙ୍କର ନୀଳାଦ୍ରି ବିଜେ କଲାପରେ ମା' ଲକ୍ଷ୍ମୀ ସାଆନ୍ତାଣୀ ବିନା ବାଜା ବାଜେଣିରେ ଚାହାଣି ମଣ୍ଡପ ବିଜେ କରିଥାନ୍ତି ଗୋପନରେ। ଏହାର ଦୁଇଟି କାରଣ ରହିଛି। ପ୍ରଥମତଃ ମାନ୍ୟତା ଦୃଷ୍ଟିରୁ ପ୍ରଭୁ ବଳଭଦ୍ର ହେଉଛନ୍ତି ଲକ୍ଷ୍ମୀ ମା' ଙ୍କର ଦେଢଶୁର। ଏଣୁ କାଳେ ଦେଢଶୁରଙ୍କ ଛାଇ ତାଙ୍କ ଉପରେ ପଡିଯିବ, ସେହି କାରଣରୁ ସେ ବିନା ଆଡମ୍ବରରେ ଚାହାଣି ମଣ୍ଡପ ବିଜେ କରିଥାନ୍ତି। ଦ୍ୱିତୀୟ କାରଣଟି ହେଲା, ଦୀର୍ଘଦିନ ହେଲା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମା ଲକ୍ଷ୍ମୀ ଦର୍ଶନ କରି ନଥିବାରୁ ଉତ୍କଣ୍ଠାର ସହ ତାଙ୍କୁ ଚାହିଁବା ପାଇଁ ଚାହାଣି ମଣ୍ଡପରେ ବିରାଜମାନ। ଏହି ଅଭିମାନପୂର୍ଣ୍ଣ ଚାହାଣି, କ୍ରୋଧଭରା ସ୍ନେହ ଓ ପ୍ରେମର ପରିପ୍ରକାଶ। ଏହା ମଧ୍ୟ ଉତ୍କଳୀୟ ତଥା ଭାରତୀୟ ନାରୀ ମାନଙ୍କର ସଂସ୍କାର ଓ ଆଦର୍ଶର ନିଛକ ଦୃଷ୍ଟାନ୍ତ। ଏହି ଚାହାଣି ମଣ୍ଡପ ସିଂହଦ୍ୱାରର ଡାହାଣ ପାଖ ମେଘନାଦ ପାଚେରି ଉପରେ ଅବସ୍ଥିତ। ମା' ଲକ୍ଷ୍ମୀଙ୍କୁ ଯାତ୍ରାରେ ନନେଇ ପ୍ରଭୁ ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଯାତ୍ରା କରିଥିବାରୁ ଲକ୍ଷ୍ମୀ ମା' ଅଭିମାନ ଏବଂ କ୍ରୋଧିତ ହେବା ସ୍ୱାଭାବିକ। ଏଣୁ ତାଙ୍କ ବ୍ୟାକୁଳତା ଏବଂ ଉତ୍କଣ୍ଠା ସହଜରେ ଅନୁମେୟ। ଏହି କାରଣରୁ ସେ ଚାହାଣି ମଣ୍ଡପରେ ସତୃଷ୍ଣ ନୟନରେ ପ୍ରଭୁଙ୍କ ଆଗମନକୁ ଅପେକ୍ଷା କରିଥାନ୍ତି। ଏହି ଦୃଶ୍ୟ ଭକ୍ତମାନଙ୍କୁ ଅତ୍ମହରା କରିବା ସଙ୍ଗେ ବିରହ ବେଦନାରେ ପିଡିତା ନାରୀର ସ୍ୱାମୀପ୍ରତି ଯେଉଁ ଅନୁରକ୍ତି ତାହା ହୃଦୟଙ୍ଗମ କରିବା ସଙ୍ଗେ ଆତ୍ମନିରୀକ୍ଷା କରିବାପାଇଁ ଭକ୍ତଙ୍କୁ ସୁଯୋଗ ଦେଇଥାନ୍ତି।

ଶ୍ରୀଜଗନ୍ନାଥଙ୍କ ଟାହିଆ ଲାଗିଲାପରେ ରଥରେ ଆଳତି ଓ ପଣାଭୋଗ ହୋଇଥାଏ। ଏହାପରେ ପ୍ରଭୁଙ୍କର ପହଣ୍ଡି ବିଜେ ହୁଏ। ଚାରମାଳରୁ ଓହ୍ଲାଇ ପ୍ରଥମେ ପ୍ରଭୁ କିଛି ବାଟ ଗୋଟି ପହଣ୍ଡିରେ ଦୋଳମଣ୍ଡପ ସାହି ଆଡକୁ ଯାଇଥାନ୍ତି। ଉଦ୍ଦେଶ୍ୟ ତାଙ୍କ ପ୍ରିୟ ଦଇତା ସେବକଙ୍କର ଭଲମନ୍ଦ ଅନୁଧ୍ୟାନ କରିବା। ପ୍ରଭୁଙ୍କ ସନ୍ତୋଷ ପାଇଁ ଦଇତା ସେବକ ସମ୍ପ୍ରଦାୟ ଦୋଳମଣ୍ଡପ ସାହି ପ୍ରବେଶ ପଥରେ ଏମାର ମଠ ଚକଡାରେ ପଂକ୍ତିଭୋଗ ଅର୍ପଣ କରନ୍ତି।

ପ୍ରଭୁଙ୍କ ଭୋଗ ଲାଗିବା ପରେ ସେ ଶ୍ରୀମନ୍ଦିର ଅଭିମୁଖେ ବିଜେ କରିଥାନ୍ତି। ଅରୁଣ ଖମ୍ବ ପାରହୋଇ ସିଂହଦ୍ୱାର ଆଡକୁ ଯିବା ସମୟରେ ମହାଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ସିଂହଦ୍ୱାର ବନ୍ଦ କରାଯାଇଥାଏ। ଏହା ହିଁ ମହାଲକ୍ଷ୍ମୀ ଓ କାଳିଆ ସାଆନ୍ତଙ୍କ କଳିର ଅୟମାରମ୍ଭ। ସିଂହଦ୍ୱାର ଭିତର କବାଟ ପାଖରେ ମହାଲକ୍ଷ୍ମୀଙ୍କୁ ଧରି ପତି ମହାପାତ୍ର ସେବକ ମାନେ ଠିଆ ହୋଇଥାଆନ୍ତି। ଏପଟେ ସିଂହଦ୍ୱାର କବାଟ ବାହାରେ ଜଗନ୍ନାଥଙ୍କୁ ଧରି ଦଇତାପତି ସେବକମାନେ ମହାଲକ୍ଷ୍ମୀଙ୍କୁ ବାଟ ଛାଡିବାକୁ ଅନୁରୋଧ କରୁଥାନ୍ତି। କିନ୍ତୁ ମହାଲକ୍ଷ୍ମୀଙ୍କର ଏକ ଜିଦ୍ ଯେ ତାଙ୍କୁ ଗୁଣ୍ଡିଚାଯାତ୍ରାରେ ଯିବାପାଇଁ ପ୍ରଭୁ କାହିଁକି ବାରଣ କଲେ ? କାହିଁକି ଭଉଣୀକୁ ନେଲେ, ଅଥଚ ସ୍ତ୍ରୀଙ୍କୁ ନେଲେନି ? ଏମିତି କେତେ ଅଭିମାନ। ଏହି କଥୋପକଥନ ବହୁ ଆତ୍ମୀୟ ଓ ଉପଭୋଗ୍ୟ। ଯାହାର କାନରେ ପଡିଛି, ସେ ଆତ୍ମହରା ହୋଇ ପଡିଛି। ଏଠାରେ ପ୍ରଭୁ ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ତ୍ରିବାର ସତ୍ୟ କରି କହନ୍ତି ଯେ ଭିତର ଗୁଣ୍ଡିଚା ଦିନ ସେ ଏକାକୀ ତାଙ୍କୁ ସଙ୍ଗରେ ନେଇ ଯାତ୍ରା କରିବେ। ଏହି ଯାତ୍ରାରେ ଅନ୍ୟ କାହାକୁ ସେ ନେବେ ନାହିଁ।

ଏହା ପରେ ପ୍ରଭୁ ଶ୍ରୀଜଗନ୍ନାଥ ମା' ଲକ୍ଷ୍ମୀଙ୍କର କ୍ରୋଧ ଓ ଅଭିମାନ ପ୍ରଶମିତ କରିବାପାଇଁ ତାଙ୍କୁ 'ରସଗୋଲା' ଖୁଆଇଥାନ୍ତି। ଏହା 'ମାନଭଞ୍ଜନ ରସଗୋଲା' ନାମେ ସର୍ବଜନ ବିଦିତ। ଏହାପରେ ମା' ଲକ୍ଷ୍ମୀଙ୍କର କ୍ରୋଧ ଏବଂ ଅଭିମାନ ଶାନ୍ତ ହୁଏ ଏବଂ ସିଂହଦ୍ୱାର ଖୋଲିବା ପାଇଁ ସେବକ ମାନଙ୍କୁ ନିର୍ଦ୍ଦେଶ ଦିଅନ୍ତି। ସିଂହଦ୍ୱାର ଖୋଲିଲା ପରେ ଉଭୟ ପ୍ରଭୁ ଜଗନ୍ନାଥ ଓ ମା' ଲକ୍ଷ୍ମୀ ଶ୍ରୀ ମନ୍ଦିର ଭିତରେ ପ୍ରବେଶ କରନ୍ତି। ଏଠାରେ ପୁନର୍ବାର ଲକ୍ଷ୍ମୀ ନାରାୟଣ ଭେଟ ହୁଏ ଏବଂ ସେବକମାନେ ଉଭୟଙ୍କୁ ରସଗୋଲାରେ ଆପ୍ୟାୟିତ କରିଥାଆନ୍ତି। ଏହା ଭୋଗମଣ୍ଡପରେ ସମ୍ପାଦିତ ହୋଇଥାଏ।

ଏ ସମ୍ପର୍କରେ ବିଶିଷ୍ଟ ସାରସ୍ୱତ ସାଧିକା ଏବଂ ସାହିତ୍ୟିକା ଡ. ସୁଲୋଚନା ଦାସଙ୍କ ବିଚାର ଉଲ୍ଲେଖଯୋଗ୍ୟ। ତାଙ୍କ ଭାଷାରେ, ନଅ ଦିନପରେ ସେମାନେ ମନ୍ଦିରକୁ ଫେରିଯାଆନ୍ତି। ଇତ୍ୟବସରରେ ମା ଲକ୍ଷ୍ମୀ କ୍ଷୁବ୍ଧ ହୋଇ ଶ୍ରୀମନ୍ଦିରରେ ସିଂହଦ୍ୱାର ବନ୍ଦ କରିଦିଅନ୍ତି। ମା ଲକ୍ଷ୍ମୀ ଜଣେ ସାଧାରଣ ନାରୀ ଭାବରେ ବ୍ୟବହାର କରନ୍ତି ଓ ମହାପ୍ରଭୁଙ୍କ ସହ ଝଗଡା କରନ୍ତି। ତାଙ୍କର ଝଗଡା କରିବାର କାରଣ ହେଲା କାହିଁକି ମହାପ୍ରଭୁ ନିଜ ସହିତ ରଥଯାତ୍ରାରେ ନେଲେନାହିଁ। ମହାପ୍ରଭୁ ଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ଅନେକ ଚାଟୁ ବାକ୍ୟ କହି ଓ ତା ସହିତ ରସଗୋଲା ଦେଇ ତାଙ୍କୁ ଶାନ୍ତ କରନ୍ତି। ଏହାପରେ ମା ଲକ୍ଷ୍ମୀ ସିଂହଦ୍ୱାର ଖୋଲନ୍ତି ଓ ମହାପ୍ରଭୁଙ୍କୁ ସ୍ୱାଗତ କରନ୍ତି। (ଶ୍ରୀଜଗନ୍ନାଥ ଓ ଓଡିଶା ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ନବକଳେବର ବିଶେଷ ସଂଖ୍ୟା, ପ୍ରଜ୍ଞାନ ମିଶନ, କଟକ, ୨୦୧୫)

ମନସ୍ତାତ୍ତ୍ୱିକ ଦୃଷ୍ଟି କୋଣରୁ ବିଚାରକଲେ, ଏହା ନିଶ୍ଚିତ ଯେ, ନାରୀମାନେ ବିଶେଷ ସହିଷ୍ଣୁ, କିନ୍ତୁ ଅଭିମାନିନୀ, ଶାନ୍ତ କିନ୍ତୁ କ୍ଷଣକୋପିନୀ, ବିଚାରବନ୍ତ କିନ୍ତୁ ଯୁକ୍ତିଶୀଳା। ସ୍ୱାମୀ କିଛି ବିରୋଧାଚରଣ କଲେ ସେମାନେ ଅସହିଷ୍ଣୁ ହୋଇଯାଆନ୍ତି। ଏହି ସମୟରେ ସେମାନଙ୍କୁ ଶାନ୍ତ କରିବା ଓ ମନାଇବା ପାଇଁ ସ୍ୱର୍ଣ୍ଣ ଅଳଙ୍କାର ବା ବସ୍ତ୍ର ଆଦିର ଆବଶ୍ୟକତା ନଥାଏ। କେବଳ ପାଟି ସୁଆଦ ପାଇଁ ସୁମିଷ୍ଟ ଖାଦ୍ୟର ଏକମାତ୍ର ପ୍ରୟୋଜନ। ସମ୍ଭବତଃ ଶ୍ରୀଜଗନ୍ନାଥ ସାଧାରଣ ମଣିଷ କ୍ଷେତ୍ରରେ ଦୈନନ୍ଦିନ ଜୀବନରେ ଯାହା ଦେଖାଦେଇଥାଏ, ତାହା ହିଁ ଅନୁସରଣ କରିଛନ୍ତି। ଏଣୁ ନୀଳାଦ୍ରି ବିଜୟ

ଯାତ୍ରାରେ ମାନଭଞ୍ଜନ ରସଗୋଲା ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି । ଏହି ଦିନ ସମସ୍ତ ଜଗନ୍ନାଥ ପ୍ରେମୀ ଭକ୍ତ, ସାଧୁସନ୍ଥ, ମଠାଧୀଶ, ତୀର୍ଥଯାତ୍ରୀ, ଦର୍ଶକ, ପର୍ଯ୍ୟଟକ ତଥା ଶ୍ରୀଜଗନ୍ନାଥଙ୍କ ସେବକମାନେ ପରମ୍ପରାକୁ ସମ୍ମାନ ଜଣାଇ ରସଗୋଲା ଭୋଗ ଅବଶ୍ୟ କରିଥାନ୍ତି ।

ଏଠାରେ ରସଗୋଲାର ଉତ୍ପତ୍ତି ଓ ବିସ୍ତାର ବିଷୟରେ ସବିଶେଷ ଆଲୋଚନା କରିବା ଏକାନ୍ତ ଆବଶ୍ୟକ ମନେହୁଏ । ବିଗତ କିଛି ବର୍ଷ ହେବ ରସଗୋଲାର ଜନ୍ମସ୍ଥାନ ଓଡିଶା ନା ବଙ୍ଗଳା ଏ ସମ୍ପର୍କରେ ତର୍କ ବିତର୍କ ଲାଗି ରହିଛି । କେତେକଙ୍କ ମତରେ, ଏହା ମୁଖ୍ୟତଃ ବଙ୍ଗାଳୀମାନେ ସୃଷ୍ଟି କରିଛନ୍ତି । ସେମାନଙ୍କ ମତ ହେଲା କଲିକତା ହିଁ ରସଗୋଲାର ଜନ୍ମସ୍ଥାନ ଏବଂ ସେଠାରୁ ରସଗୋଲା ଯାଇ ଦେଶ ବିଦେଶରେ ପ୍ରସାର ଲାଭ କରିଛି । ସେମାନଙ୍କ ଯୁକ୍ତି ହେଲା, ଅନ୍ୟମାନେ ବଙ୍ଗଳାର ରସଗୋଲାକୁ ଅନୁକରଣ କରି ପ୍ରସ୍ତୁତ କରିଛନ୍ତି ଏବଂ ଏଥିରୁ ଶ୍ରୀକ୍ଷେତ୍ର ପୁରୀ ମଧ୍ୟ ବାଦ୍ ପଡିନାହିଁ ।

ରସଗୋଲା ଯେ ବଙ୍ଗଳାର ଉତ୍ପତ୍ତିସ୍ଥଳ ତାହାକୁ ପ୍ରମାଣ କରିବାକୁ ଯାଇ ସେମାନେ କହନ୍ତି, ପଶ୍ଚିମ ବଙ୍ଗକୁ ପର୍ତ୍ତୁଗୀଜ୍ ମାନେ ଆସିବା ପରେ ହିଁ ପ୍ରଥମ କରି ଛେନାର ବ୍ୟବହାର ଆରମ୍ଭ ହୋଇଥିଲା । କଲିକତାର ମିଠା ବ୍ୟବସାୟୀମାନେ ହିଁ ପର୍ତ୍ତୁଗୀଜ ମାନଙ୍କଠାରୁ ଛେନା ତିଆରି ବିଧି ଶିଖିବା ପରେ ରସଗୋଲା ବ୍ୟବସାୟ ଆରମ୍ଭ କରିଥିଲେ । ପୂର୍ବରୁ ଭାରତରେ କେବଳ କ୍ଷୀର ଏବଂ ଖୁଆରେ ମିଠା ପ୍ରସ୍ତୁତ ହେଉଥିଲା । (ସୁନୀଲ ରଥ, ରସଗୋଲାର ଜନ୍ମଭୂମି ଶ୍ରୀ କ୍ଷେତ୍ର ଓ ଶ୍ରୀମନ୍ଦିର, ପୌରୁଷ, ଜୁଲାଇ ୨୦୧୬)

ଦ୍ୱିତୀୟ ଦାବିଟି ହେଲା, ନବୀନ ଦାସ ନାମକ ଜଣେ ବ୍ୟବସାୟୀଙ୍କ ଦ୍ୱାରା ୧୮୬୮ ମସିହାରେ ପ୍ରଥମେ ରସଗୋଲାର ପ୍ରଚଳନ କଲିକତାରୁ ଆରମ୍ଭ ହୋଇଥିଲା । ବର୍ତ୍ତମାନ କଲିକତାର ଏସ୍‌ପ୍ଲାନେଡ୍ ଅଞ୍ଚଳରେ ଅବସ୍ଥିତ ମେସର୍ସ କେ.ସି. ଦାସ ଆଣ୍ଡ ସନ୍ସ ମିଠା ଦୋକାନୀଙ୍କ ପୂର୍ବ ବଂଶଧର ହେଉଛନ୍ତି ନବୀନ ଦାସ । ଏହି ମିଠା ବ୍ୟବସାୟୀ ହିଁ ରସଗୋଲାର ପ୍ରଥମ ପ୍ରସ୍ତୁତକାରୀ ।

ଏହି ଯୁକ୍ତି ସହିତ ଅନ୍ୟ ଯେଉଁ ଯୁକ୍ତିମାନ ବଙ୍ଗୀୟମାନେ ଉପସ୍ଥାପନ କରୁଛନ୍ତି, ତାହା ଅବାନ୍ତର ମନେହୁଏ । ରସଗୋଲାର ଜନ୍ମ ସମୟ ବହୁ ପୁରୁଣା । ପ୍ରାୟ ପାଞ୍ଚ ଶହ ବର୍ଷ ତଳର କଥା । ଏହା ଭାରତର ବିଶିଷ୍ଟ ରୋଷଶାଳା ଶ୍ରୀକ୍ଷେତ୍ର ବ୍ୟତୀରେକ ଆଉ କେଉଁଠାରୁ ସମ୍ଭବ ନୁହେଁ ।

ଅପର ପକ୍ଷରେ ଉତ୍କଳୀୟ ଯୁକ୍ତି ହେଲା, ଏକଥା ଏକ ସର୍ବବାଦୀ ସତ୍ୟ ଯେ, ଛେନାର ବହୁଳ ବ୍ୟବହାର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଛପନଭୋଗ ବ୍ୟବସ୍ଥାରେ ରହି ଆସିଅଛି । ମାଦଳାପାଞ୍ଜି ସୂଚନା ଅନୁସାରେ ତଥା ଶ୍ରୀମନ୍ଦିର ସ୍ୱତ୍ୱଲିପି ଆଧାରିତ ବିଭିନ୍ନ ସମୟରେ ଯେଉଁ ପ୍ରକାରର ଭୋଗ କରାଯାଇଛି ତାହା ଗଙ୍ଗବଂଶୀ ରାଜା ଅନଙ୍ଗଭୀମ ଦେବଙ୍କ ଅମଳରୁ ଆରମ୍ଭ ହୋଇଥିଲା । ତାହା ଅନ୍ତତଃ ପକ୍ଷେ ୭୦୦ ବର୍ଷର ପ୍ରାଚୀନ ପରମ୍ପରା ବୋଲି କହିଲେ କିଛି ଭୁଲ ହେବ ନାହିଁ । ଶ୍ରୀଜଗନ୍ନାଥଙ୍କ ଭୋଗ ବ୍ୟବସ୍ଥାରେ ଚକଟା (ଛେନା ଓ କଦଳୀ), ମାଣ୍ଡୁଅ (ଛେନାରେ ତିଆରି କାକରା), ଛେନାମଣ୍ଡା, ପାଣିମଣ୍ଡା (ଛେନା ପୁର ଦେଇ ପାଣିରେ ଛଣାଯାଏ), ରସାବଳି, ଛେନା ତାଡିଆ, ଘେଉଠି, ଅନ୍ତରୀକ୍ଷ ମଣ୍ଡା, ପାରିଜାତକ, କେଳି ପ୍ରଭୃତି ପିଠା ଓ ମିଠା ଛେନାରୁ ହିଁ ପ୍ରସ୍ତୁତ ହୋଇ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରାଯାଇଥାଏ । ଏହି କ୍ରମରେ ନୀଳାଦ୍ରି ବିଜେ ସମୟରେ ଭିତରଛୁ ମହପାତ୍ରଙ୍କ ଦ୍ୱାରା ଭୋଗ ମଣ୍ଡପଠାରେ ଲକ୍ଷ୍ମୀନାରାୟଣଙ୍କୁ ରସଗୋଲା ଭୋଗ ପ୍ରଦାନ କରିବାର ପରମ୍ପରା ଅନେକ କାଳରୁ ରହିଆସିଅଛି । (ସୁନୀଲ ରଥ, ପୌରୁଷ, ଜୁଲାଇ, ୨୦୧୬, ପୃଷ୍ଠା-୩୪).

ଦ୍ୱିତୀୟ ଯୁକ୍ତି ହେଲା, ଶ୍ରୀମନ୍ଦିର ଭୋଗ ପରମ୍ପରା ବ୍ୟତୀତ ଶ୍ରୀକ୍ଷେତ୍ରରେ ସୁପ୍ରତିଷ୍ଠିତ କେତେକ ସମ୍ପ୍ରଦାୟର ମଠାନୁଷ୍ଠାନ ମାନେ ମଧ୍ୟ ନୀଳାଦ୍ରି ବିଜୟ ଦିବସରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରଥ ସମ୍ମୁଖରେ ପୂଜାପଣ୍ଡା ସେବକ ମାନଙ୍କ ଦ୍ୱାରା ରସଗୋଲା ଭୋଗ କରିବା ଶହ ଶହ ବର୍ଷ ହେବ ପ୍ରଚଳିତ ହୋଇ ଆସୁଅଛି । ବିଶେଷ କରି ପାଞ୍ଚଶହ ବର୍ଷ ପୂର୍ବରୁ ପ୍ରତିଷ୍ଠିତ ଶ୍ରୀକ୍ଷେତ୍ରର କେତେକ ପ୍ରାଚୀନ ମଠାନୁଷ୍ଠାନ ମାନେ ରସଗୋଲା ଭୋଗ ସହ ସମ୍ପୃକ୍ତି ରହିଥିବାର ପ୍ରମାଣ ମିଳୁଅଛି । (ଡ. ଭାସ୍କର ମିଶ୍ର, ମଠ ପରମ୍ପରାରେ ରସହୋଲା ଭୋଗ, ପୌରୁଷ, ଜୁଲାଇ, ୨୦୧୬, ପୃଷ୍ଠା-୪୪)

ତୃତୀୟ ମତାମତ ହେଲା, ମହାପ୍ରଭୁଙ୍କ ଦୈନନ୍ଦିନ ଭୋଗରେ ରସହୋଲା ଅନୁରୂପ ମିଠା ଯଥା ଛେନା ଲଡୁ, ରସକୋରା, ଛେନାମଣ୍ଡା ଆଦି ଭୋଗ ଲାଗୁଥିବାର ପ୍ରମାଣ ମାଦଳା ପାଞ୍ଜି ସୂତ୍ରରୁ ଏହାର ସେବକ ଭିଆଣ ଓ ବିବରଣରେ ଦେଖିବାକୁ ମିଳେ । ଏଥିରେ ଠାକୁର ମାନଙ୍କ ବିଭିନ୍ନ ଧୂପରେ ଯେଉଁ ଭୋଗ ସାମଗ୍ରିର ବର୍ଣ୍ଣନା ରହିଅଛି, ଏଥିରେ ରସଗୋଲା, ଛେନାଲଡୁ, ଛେନାମଣ୍ଡା ଦିଆ ଯାଇଥିବାର ଉଲ୍ଲେଖ ଅଛି । ଶ୍ରୀମନ୍ଦିର ପରମ୍ପରା ଦୃଷ୍ଟିରୁ ଶ୍ରୀମନ୍ଦିର ବାହାରେ ପ୍ରସ୍ତୁତ ହେଉଥିବା ସାମଗ୍ରୀକୁ ଠାକୁର ମାନଙ୍କ ପାଖରେ ନୈବେଦ୍ୟ ଭାବରେ ଦିଆଯାଏ ନାହିଁ । ସେଥିପାଇଁ ଠାକୁରମାନେ ଶ୍ରୀମନ୍ଦିର ବାହାରେ ଅର୍ଥାତ୍ ରଥ ଉପରେ ଥିବା ସମୟରେ ଏହା ଭୋଗ ହୋଇଥାଏ ଏବଂ ଏହା ବହୁ ପ୍ରାଚୀନ କାଳରୁ ପ୍ରଚଳିତ । (ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଶ୍ରୀ ଜଗନ୍ନାଥଙ୍କ ଉପାସନାରେ ରସଗୋଲା, ପୌରୁଷ, ୨୦୦୬ ସଂଖ୍ୟା, ପୃଷ୍ଠା-୪୨-୪୩).

ଚତୁର୍ଥ ଯୁକ୍ତିଟି ହେଲା, କୌଣସି ବସ୍ତୁ, ଦ୍ରବ୍ୟ ବା ଖାଦ୍ୟ ପଦାର୍ଥ ଏକ ଅଞ୍ଚଳରେ ନିଜସ୍ୱ ହୋଇଥିଲେ, ତାହା ସେହି ଅଞ୍ଚଳର ଲୋକ ଗୀତ ବା ଲୋକ ସାହିତ୍ୟରେ ବହୁଳ ଭାବେ ବ୍ୟବହାର କରାଯାଇଥିବା ଦେଖା ଯାଇଥାଏ । ବହିରାଗତ କୌଣସି ଦ୍ରବ୍ୟ ବା ବସ୍ତୁ ଆଞ୍ଚଳିକ ଲୋକଗୀତ ଓ ସାହିତ୍ୟରେ ସେପରି ପ୍ରଭାବ ପକାଇ ନଥାଏ । ଉଦାହରଣ ସ୍ୱରୂପ ରସକୋରା, ଛେନାମଣ୍ଡା, ଛେନା ପାପୁଡି ଆଦି ମିଷ୍ଟାନ୍ନ ଆଜି ଶ୍ରୀମନ୍ଦିରରେ ବହୁଳ ବ୍ୟବହାର ହେଉଥିବାର ଦୃଷ୍ଟାନ୍ତ ସାରଳା ମହାଭାରତ, ଓଡିଆ ଭାଗବତ, ସ୍କନ୍ଧ ପୁରାଣ ଓ କୈବର୍ତ୍ତପୁରାଣ ଆଦିରେ ଦେଖିବାକୁ ମିଳିଥାଏ । ଏପରିକି ଚଉତିଶା, ଛାନ୍ଦ ଓ ଜଣାଣ ଆଦିରେ ମଧ୍ୟ ସେ ସବୁର ଉଦାହରଣ ଦେଖିବାକୁ ମିଳୀଥାଏ । ଏଠାରେ କୁହାଯାଇ ପାରେ ଯେ ମହାକବି ଜୟଦେବ ଓ ତାଙ୍କ ରଚିତ ଗୀତ ଗୋବିନ୍ଦ କାବ୍ୟ ଯଦି ଉତ୍କଳୀୟ ହୋଇ ନଥାନ୍ତା, ତା ହେଲେ ବଡସିଂହାର ବେଶରେ ଗୀତଗୋବିନ୍ଦ ପଦ୍ୟାବଳୀ ସୂଚିତ ଖଣ୍ଡୁଆ ପାଟ ଶ୍ରୀଜଗନ୍ନାଥଙ୍କୁ ଲାଗି ହୋଇ ନଥାନ୍ତା କି ପ୍ରଭୁଙ୍କ ପହୁଡ ସମୟରେ ଗୀତ ଗୋବିନ୍ଦ ଗାନ କରାଯାଉ ନଥାନ୍ତା । ଏହା ଆମର ନିଜସ୍ୱ ହୋଇଥରବାରୁ ଉଭୟ ରସଗୋଲା

ଏବଂ ମହାକାବ୍ୟ ଗୀତଗୋବିନ୍ଦ ଆମ ଠାକୁରଙ୍କ ପ୍ରିୟ ଏବଂ ସେ ଆଗ୍ରହ ସହକାରେ ତାହା ଉପଭୋଗ କରିଥାନ୍ତି । (ଡ. ତୁଳସୀ ଓଝା, ଓଡିଶା ଲୋକ ସାହିତ୍ୟରେ ଛେନା ରସଗୋଲାର ଉଲ୍ଲେଖ, ପୌରୁଷ, ୨୦୧୬)

ଶେଷରେ ବଙ୍ଗାଳୀ ମାନଙ୍କ ଶ୍ରୀକ୍ଷେତ୍ର ସହ ସମ୍ପର୍କ ଅତି ପୁରାତନ । ବିଶେଷତଃ ଚୈତନ୍ୟଙ୍କ ଶ୍ରୀକ୍ଷେତ୍ର ଆଗମନ ପରେ ଏବଂ ତାଙ୍କ ପ୍ରଚାରିତ ଗୌଡୀୟ ବୈଷ୍ଣବଧର୍ମ ଗଜପତି ମହାରାଜ ପ୍ରତାପରୁଦ୍ର ଦେବ ଗ୍ରହଣ କରିବା ପରେ ବଙ୍ଗୀୟ ମାନଙ୍କ ଶ୍ରୀକ୍ଷେତ୍ର ଆସିବା ଅନେକାଂଶରେ ବୃଦ୍ଧି ପାଇଥିଲା । ଶ୍ରୀକ୍ଷେତ୍ରରେ ଅନେକ ମଠବାଡି କରି ବଙ୍ଗାଳୀ ମାନେ ବସବାସ କରିବାକୁ ଲାଗିଲେ । ସେହିପରି ବିଲାତି ସରକାରଙ୍କ ଦ୍ୱାରା ଅନୁସୃତ 'ସୂର୍ଯାସ୍ତ ଆଇନ' ବଳରେ ବହୁ ବଙ୍ଗାଳୀ ଧନାଢ୍ୟ ଓ ଜମିଦାର ଓଡିଶାରେ ଜମି ଅଧିଗ୍ରହଣ କରି ବସବାସ କରିବାକୁ ଲାଗିଲେ । ଜଗତସିଂହପୁର, କେନ୍ଦ୍ରାପଡା, ସାଲେପୁର, ଚାନ୍ଦବାଲି, ବାଲେଶ୍ୱର, ଜଳେଶ୍ୱର, ପୁରୀ, ଖୋର୍ଦ୍ଧା ଆଦି ଅଞ୍ଚଳରେ ବହୁ ବଙ୍ଗାଳୀ ବସବାସ କରିଥିବାର ନଜିର ରହିଛି । ଅଦ୍ୟାବଧି ବଙ୍ଗାଳୀ ଯାତ୍ରୀ ମାନଙ୍କର ଶ୍ରୀକ୍ଷେତ୍ରରେ ବହୁ ସଂଖ୍ୟାରେ ବୃଦ୍ଧି ପାଇବାରେ ଲାଗିଛି । ଏହି ବଙ୍ଗୀୟ ଜମିଦାର ଓ ଉଚ୍ଚବର୍ଗର ଲୋକଙ୍କ ଘରେ ଓଡିଆ ପୂଜାରୀ ମାନେ ରୋଷେୟା ଭାବେ କାମ କରିବାର ଦେଖିବାକୁ ମିଳିଥିଲା । ଏପରିକି ସେମାନଙ୍କ ମଧ୍ୟରୁ ଅଧିକାଂଶ କଲିକତା ଯାଇ ରୋଷେୟା ଭାବେ କାମ କରିବାର ଦୃଷ୍ଟାନ୍ତ ରହିଛି । ଏଥିପାଇଁ ବଙ୍ଗାଳୀମାନେ ତାଙ୍କୁ "ଠାକୁର" ଭାବେ ସମ୍ବୋଧନ କରିଥାନ୍ତି । ଏହି ରୋଷେୟା ମାନେ ମୁଖ୍ୟତଃ ଛେନା ଉତ୍ପାଦିତ ଅଞ୍ଚଳର ବାସିନ୍ଦା ହୋଇଥିବାରୁ ସେମାନେ ବଙ୍ଗୀୟ ପରିବାରରେ ରସଗୋଲା ମିଠା ତିଆରି କରି ପରିବେଷଣ କରୁଥିଲେ । ଏଣୁ ବଙ୍ଗୀୟମାନେ ଓଡିଆ କାରିଗରଙ୍କ ଠାରୁ ହିଁ ରସଗୋଲା ତିଆରି ଏବଂ ପରବର୍ତ୍ତୀ ସମୟରେ ତାହାର ପ୍ରଚାର ଓ ପ୍ରସାର କରିଥିବା ସ୍ୱାଭାବିକ ମନେହୁଏ । (ଅସିତ୍ ମହାନ୍ତି, ରସଗୋଲା ପ୍ରସଙ୍ଗ, ସମାଜ, ରବିବାର ସଂଖ୍ୟା, ୨୦୧୬) ।

ଏଠାରେ ପେଙ୍ଗୁଇନ୍ ଫୁଡ୍ ଗାଇଡ୍ ଟୁ ଇଣ୍ଡିଆ (୨୦୧୧) ପୁସ୍ତକରେ ପ୍ରକାଶିତ ଓଡିଶା ଫିଡିଙ୍ଗ୍ ଦି ଡିଭାଇନ୍ ପ୍ରବନ୍ଧର ଆଲୋଚନା ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ, ରସଗୋଲା ଆମ ରାଜ୍ୟର, ଆମ ଦେବାତା ଶ୍ରୀଜଗନ୍ନାଥଙ୍କର, ଆମ ଲୋକଗୀତ ଏବଂ ସାହିତ୍ୟର ଆଧାର । ଏହି ସୁମିଷ୍ଟ ଦ୍ରବ୍ୟ କାଳକ୍ରମେ ଅନ୍ୟ ସ୍ଥାନରେ ଆଦୃତ ହୋଇ ପ୍ରସାର ଲାଭ କରିବା କିଛି ବିଚିତ୍ର କଥା ନୁହେଁ । ଏହି କାରଣରୁ ରସଗୋଲା ସାରା ଭାରତରେ ପ୍ରମୁଖ ସହର ମାନଙ୍କରେ  ଦେଖିବାକୁ ମିଳିଥାଏ । କିନ୍ତୁ ଏହାର ଜନ୍ମସ୍ଥାନ ଓଡିଶା ଏବଂ ଏହାର ଆଦରକର୍ତ୍ତା ଯେ ସ୍ୱୟଂ ଶ୍ରୀଜଗନ୍ନାଥ, ତାହା ଏହି ଆଲୋଚ୍ୟର ମୁଖ୍ୟ ବିଷୟବସ୍ତୁ ।

ବରିଷ୍ଠ ଶିକ୍ଷାବିତ୍ ଏବଂ ସୁସାହିତ୍ୟିକା ସ୍ୱର୍ଗୀୟ ପ୍ରଫେସର ବିଜୟିନୀ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏ ଆଲେଖ୍ୟ

*ପ୍ରାକ୍ତନ ଅର୍ଥନୀତି ପ୍ରଫେସର, ଏନ.ସି.ଡି.ଏସ୍, ଭୁବନେଶ୍ୱର,*
*ସଦସ୍ୟ, ମୁକ୍ତି ମଣ୍ଡପ (ବ୍ରହ୍ମାସନ), ଶ୍ରୀମନ୍ଦିର, ପୁରୀ.*
*ମୋ - ୯୮୬୧୩୨୧୫୮୦*

●●●●



# ଓଡ଼ିଆ ସନ୍ତକ

*ଡାକ୍ତର ସୋମନାଥ ପ୍ରସାଦ ଜେନା*

ଗୁମାନି ବୋଉ ସସ୍ମିତାର ଆଈ ହିସାବ। ଶରଧାପୁର ଗାଁଟି ଖୋରଧା ଅଞ୍ଚଳରେ ସମସ୍ତଙ୍କ ଜଣାଶୁଣା ଗାଁଟିଏ। ଏଇ ଗାଁର ଝିଅ ସସ୍ମିତା ଏବେ ଭୁବନେଶ୍ୱରରୁ ପାଠ ପଢିସାରି ସେଠାରେ ଚାକିରି କରିଛି। ବହୁ ସମୟରେ ଗାଁକୁ ଆସେ। ଘରେ ବାପା ବୋଉ ଓ ସାନ ଭାଇଟିଏ।

ସମ୍ରାଟ ବୋଲି ଜଣେ ସହକର୍ମୀଙ୍କ ସହିତ ସସ୍ମିତାର ପରିଚୟ ହୋଇଯାଇଛି ଚାକିରି କରିବାଠାରୁ। ଦୁହିଁଙ୍କର ସମ୍ପର୍କ ସୌହାର୍ଦ୍ଦ୍ୟରୁ ବଢି ବଢି କେତେ ବାଟରେ ପାଇଲାଣି। ବାହାରେ କାହାକୁ ଜଣା ନ ପଡିଲେ ବି ସସ୍ମିତା ବୋଧ କଲାଣି ସିଏ ସମ୍ରାଟକୁ ବିବାହ କରିବାକୁ ବେଶି ଡେରି ନାହିଁ। କେବଳ ସମ୍ରାଟ ପରିବାର ବିଷୟରେ ଟିକିଏ ନିଶ୍ଚିତ ହେବାକୁ ବାକିଅଛି। ସମ୍ରାଟ ଯେତେ ରାଜି ହେଲେ ବି, ତାର ବାପା ମା' କେତେଦୂର ବୋହୂ ଭାବରେ ତାକୁ ଆପଣେଇବେ, ସେ ବିଷୟରେ ସସ୍ମିତା ଷୋଳପଣେ ସମ୍ରାଟକୁ ବିଶ୍ୱାସକୁ ନେଇପାରୁନି।

ସମ୍ରାଟ ବି ବାପା ମା' ଙ୍କର ଗୋଟିଏ ବୋଲି ପୁଅ। ଗାଁର ବଡ ପରିବାରଟିର ନାଁ ଅଛି। ମଞ୍ଚଗଜପାଟଣା ଗାଁର ଡିଆଁବାଘ ପରିବାର। ଜିଲ୍ଲାରେ ବୋଧେ ସବୁଠାରୁ ବଡ ପରିବାର, କେତେ ପୁରୁଷ ହେବ ସେମାନେ ଏକାନ୍ନ ହୋଇ ରହିଛନ୍ତି, ଗାଁଟିର ଅଧା ଡିଆଁବାଘ ପରିବାରର। କେତେ ଗଉଣି ଚାଉଳ ରୋଷେଇ ହେଉଛି, କିଏ ହିସାବ କରି ପାରିବେନି। ଦିନରେ ଅତିକମ୍‌ରେ ପନ୍ଦର କି କୋଡିଏ ଅତିଥି ଅଭ୍ୟାଗତ। ସକାଳୁ ରାତିଯାଏ ଚୁଲି ଲିଭେନି। ବିଶାଶହେ ମୁଣ୍ଡଗଣତି ଥିଲା ଏଇ ପରିବାରର  କେଇ ବରଷତଳେ।

ସସ୍ମିତା ମନକୁ ମନ ଭାବୁଚି, ଏଇ ବଡ ପରିବାରଟିରେ ସିଏ କିପରି ଚଳିବ ? ଯୁଗ୍ମ ପରିବାର ତ ସିଏ ଶୁଣିଛି, ହେଲେ ଏମିତି ବିଶାଳ ପରିବାର ଆଜିର ଦୁନିଆଁରେ ଯେ ବର୍ତ୍ତି ରହିଛି, କେହି ବିଶ୍ୱାସ କରିପାରିବେନି।

କିନ୍ତୁ ଏଇଟା ସତ ଯେ, ବିବାହ ପରେ ସେ ଗାଁରେ ରହିବାର ସୁଯୋଗ ବହୁତ କମ୍ ଆସିବ। ନିଜେ ଚାକିରି କରିଥିବାରୁ ସେମାନେ ପରିବାର ଭିତରେ ରହି ଏତେଟା ଚଳିବାକୁ ପଡିବନି। କିନ୍ତୁ ଯେତେ ହେଲେ ବି ଶାଶୂଘର। ବୋହୂ ଶାଶୂ ଶଶୁର ଘର ଦୁଆର ନ ଜାଣି କିପରି ସେଇ ଏରୁଣ୍ଡି ଡେଇଁ ସମ୍ରାଟ ଘରେ ପଶିବ ?

ସମ୍ରାଟ ନିଜ ନାମ ପରି ବଡ ହୃଦୟର। ତା' ପାଇଁ  କିଛି ଅସମ୍ଭବ କି ଅସାଧ ନାହିଁ। ନିଜ ଘରେ କିଛି ସମସ୍ୟା ନାହିଁ ବୋଲି ସିଏ ସବୁବେଳେ କହେ। ବାପା ମା'ଙ୍କର କେବଳ ନୁହେଁ, ସାରା କୁଟୁମ୍ବରେ ସିଏ ବଡ ପୁଅ ଆଉ ତାର ବାପା ମା' ଜ୍ୟେଷ୍ଠକୁଳ। ଅନ୍ୟଦାଦା ମାନେ ସବୁ ବାପାଙ୍କଠାରୁ ସାନ। ମଞ୍ଚଗଜ ପାଟଣାର ଡିଆଁବାଘ କହିଲେ ବୁଝାଏ ବୀରବର ଡିଆଁବାଘ। ସମ୍ରାଟର ବାପା। ଖାଲି ଗାଁ କି ପଞ୍ଚାୟତରେ ନୁହେଁ ସାରା ଖୋରଧା ଅଞ୍ଚଳରେ ତାଙ୍କର ନାଁଟି ଡାକ। ଥାନାରେ ହେଉ କି ଆଖପାଖ ଦଶ ମଉଜାରେ ମାମଲତକାର ଭାବରେ ନାଁ ଅଛି। ଏବେ କୌଣସି ବିଷୟ ନେଇ ଗାଁର କୌଣସି ଝାମଲା ଆସିଲେ, ବୀରବର ନ ଆସିବା ଯାଏ କୌଣସି ଫଇସଲା ହୋଇ ପାରିବନି। ଅନ୍ୟ ମଉଜାର କଳି ସମାଧାନ କରିବାକୁ ବି ତାଙ୍କୁ ଡକରା ହୁଏ।

ସବୁ ଶୁଣି ଶୁଣି ସସ୍ମିତା ଥୋବରା ହୋଇଗଲାଣି। କିନ୍ତୁ ନିଜ ଘର ବିଷୟରେ ଯେତେ ପଚାରିଲେ ସମ୍ରାଟର ଗୋଟିଏ ଆଶ୍ୱାସନା, "ନଈ ନଦେଖି ନଙ୍ଗଳା ହେବାର ଉପକ୍ରମ କାହିଁକି କରୁଚ ? ମୋ ବାପା ମା' ଙ୍କୁ ତୁମେ ଚିହ୍ନିନ। ବୋଉ ମତେ କହି ଦେଇଛି, ତୁ ଯେଉଁଠି ବାହାହେବୁ ଆମର ଆପତ୍ତି ନାହିଁ। କିନ୍ତୁ ଆମ ଜାତିର ହୋଇଥିବ ଯଦି ଆମେ ବହୁତ ଖୁସି ହେବୁ। ହୋଇପାରେ ଧର୍ମାନ୍ଧ, କିନ୍ତୁ ମୁଁ ତାର ଏହି ସର୍ବନିମ୍ନ ଆବଶ୍ୟକତାଟି ତ ମାନିଛି।"

ସେଇଦିନଠାରୁ ଆଉ ସସ୍ମିତା କେବେ ମୁହଁ ଖୋଲିନି ଏ ବିଷୟରେ ପଚାରିବାକୁ। ମଣିଷ ମନ ତ। କିଏ କହିବ କାଲିକୁ କଅଣ ଅଛି ? ସମ୍ରାଟଠାରୁ ଆଉ କିଛି ଖବର ମିଳିବନି।

ମନେପଡୁଛି ସସ୍ମିତାର, ଗୁମାନିବୋଉ ଆଈ ତ ସେଇ ମଞ୍ଚଗଜପାଟଣାର ଝିଅ ବୋଲି ଗାଁର ସାରା ହୁରି। କେହି କେହି ଥଟ୍ଟାରେ ଡାକି ଦିଅନ୍ତି ପାଟଣା ଆଈ। ତା ପାଖରେ କିଛି ଖାସ୍ ଖବର ଅନ୍ତର ନିଶ୍ଚିତ ଥିବ। ଗାଁ ଟାର ଏତେ ବଡ ପରିବାର। ଆଈ ଜାଣି ନଥିବେ କିପରି।

ହେଲେ ଆଈକୁ ଜଣାଇବ କେମିତି ? ଆଈ ତ ହେବ ପ୍ରଥମ ଏ ବିଷୟରେ ଜାଣିବାକୁ। କୁଣ୍ଠା ଆସୁଛି ମନକୁ, ନିଜର ପ୍ରେମ ବିଷୟରେ ଜଣାଇବାକୁ। କିପରି କହିବ ? କୋଉ ଭାଷାରେ କହିବ ? ଦ୍ୱିଧା ଆସିଛି ମନରେ। ବହୁ ଚିନ୍ତା କରିବା ପରେ ଗୋଟିଏ ଉପାୟ ମନକୁ ଆସିଲା

ସସ୍ମିତାର। ଗୋଟିଏ ଅନ୍ତରଙ୍ଗ ସାଙ୍ଗର ବିଭାଘର ହେବ ବୋଲି କହି ସବୁ ଖବର ନେଇପାରିବ !

ଆଇର ତ କେହି ଛୁଆ ପିଲା ଘରେ ନଥାନ୍ତି। ତା ଦୁଆର ସବୁବେଳେ ମେଲା। ଗୋଟିଏ ବୋଲି ଝିଅ, ଗୁମାନି। ଗୁମାନିର ଏବେ ନାତି ନାତୁଣି ହେଲେଣି। ସିଏ ତ ତା କାମରେ ବ୍ୟସ୍ତ। ତା ଶାଶୂ ଘର ଗାଁ ନଈ ସେପାରିରେ। ଆଇ ଏକୁଟିଆ ଥିବ, ତା ଘର ଆଡକୁ ଯିବାକୁ ସସ୍ମିତା କଳ୍ପନା କରିଛି।

ଟିକେ ଛାତି ଧଡ୍ ଧଡ୍ ହେଲା, କିନ୍ତୁ ମନକୁ ସାହସ ଆସିଲା ଏକୁଟିଆ ଆଇକୁ ଦେଖି।

"ଆରେ ମିତା ତୁ କଅଣ ଗାଁକୁ ଆସିଛୁ କି ?" ଆଇ ପଚାରିଲା।

ସାହସ ସହିତ ମିତା ପ୍ରଣାମ କରି କହିଲା, "ଆଇ ଗାଁକୁ ଛୁଟିରେ ତିନି ଦିନ ହେବ ଆସିଲିଣି, ହେଲେ ମନେ ପଡିଗଲା ମୋର ସାଙ୍ଗ ମଧୁସ୍ମିତା କଥା। ତାର କଅଣ ଦରକାର ଅଛି ତୁମ ମଉଗଜପୁର ମଉଜାର ଡିଆଁବାଘ ଘର ବିଷୟ ଜାଣିବାକୁ। ମୁଁ କହିଲି, ରହ ମୋ ଆଇ ସେଇ ଗାଁର। ବୁଝି ଦେବି।"

"ଆଲୋ କଅଣ ବାହାଘର ମିଠା ଖବର କି ? ମୋତେ ମଧସ୍ତି ଶାଢି ମିଳିବ ତ ? ସବୁ କହିଦେବି।"

"ଦେଖାଯାଉ, ତୋ ହାତ ବାଜିଲେ କଅଣ ହେଉଛି, ଶାଢି ତ ପଛକଥା।"

"ଆଲୋ ତୋ ସାଙ୍ଗ ନାଁ କଅଣ ?"

"ମଧୁସ୍ମିତା"

"ଦେଖିବାକୁ ତୋ ପରି ତ ?"

"ମୁଁ କହିପାରିବି ନି, ତୁ ଦେଖିଲେ କହିବୁ।"

"କହିଲୁ କୋଉ ଡିଆଁବାଘ ତା'ର ପସନ୍ଦ ? ଆମ ଗାଁଟା ସାରା ତ ଡିଆଁବାଘ, ଗୋଟିଏ ପଲାର ଅଧାରୁ ତିନିପା ତାଙ୍କରି ଗୋଟିଏ କୁଟୁମ୍ବ। ପଲେ ବୁଢାବୁଢୀ, କେତେ ଲୋକ ସେ କୁଟୁମ୍ବର କେବଳ ଜନଗଣନା ବାଲା ହିସାବ କରି ପାରିବେ। "

"ଆଇ ଜଣେ ବୀରବର ଡିଆଁବାଘ ସେଇ ଘରର ଭାଇ ?"

"ଆଲୋ ମିତା ତୋତେ କିଏ କହିଲା ବା ?"

"ତାଙ୍କରି ବିଷୟରେ ତ ପଚାରିବାକୁ ଆସିଛି। ଯାହା ଶୁଣିବି ଯାଇ ମଧୁସ୍ମିତାକୁ କହିବି।"

"ମଧୁସ୍ମିତା କଅଣ ବୀରର ପୁଅକୁ ବାହା ହେବ କି ?"

"ଲାଜ ସଡସଡ ମୁହଁରେ ସସ୍ମିତା 'ହୁଁ' କହିଲା।"

"ଭାଗ୍ୟରେ ଥିଲେ ଏମିତି ଘର ମିଳିବ। କୋଉଆଡୁ କହିବି କହ। ବୀରର ପିଇସୀ ମା ମୋର ସହି। ତାଙ୍କ ଘରର ଭଲ ମନ୍ଦ ଓ ସବୁ ଗୋଇ ମୋ ପାଖରେ। ମୁଁ ବାଡୁଅ ବେଳର ବହୁ ସମୟ ସେଇ ଡିଆଁବାଘ ଉଆସରେ କଟାଇଛି। ଏବେ ଗାଁକୁ କାଳେ ଅଧେ ଗଲେ କିଏ ହେଲେ ବି ମୋତେ ଡାକି ପଠାଇବେ।

ବୀର ତ ମାମଲତକାର। ଦଶଖଣ୍ଡ କାହିଁକି, ସାରା ଖୋରଧା ଅଞ୍ଚଳର ନାମୀ ଲୋକ। ତା ପୁଅ ଭାରି ଚାଲାକ ପିଲାଟିଏ। ଭଲ ବୁଦ୍ଧିର ପିଲା। କହନ୍ତି ଧନୀଘରର ପିଲା ପଢନ୍ତି ନାହିଁ। ଲକ୍ଷ୍ମୀ ସରସ୍ୱତୀ ଏକାଠି ରହନ୍ତି ନାହିଁ। କିନ୍ତୁ ବୀରର ପୁଅ ପାଖରେ ସେ ଫର୍ମୁଲା ଫେଲ୍ ମାରିଛି। ନାଁଟା ତାର ମୁଁ ଭୁଲିଯାଇଛି, ହେଲେ ଭାରି ସୁଧାର ପିଲା।

ଆଉ ନିରବ ହୋଇ ଶୁଣି ଚୁପ୍ ରହି ପାରିଲାନି ସସ୍ମିତା। କୁରୁକୁରୁ ହୋଇ ହସିଲା।

ଆଲୋ ମିତା ତୋ ମନକୁ ଆସିଲା କି ? ତୁ ସେ ଘରର ବୋହୂ ହୋଇଯାଉନୁ ? ଆଉ ଅନେକ କଥା ଅଛି ଲୋ। ଶୁଣିଲାବାଲା ବି ଲୋଭ ସମ୍ଭାଳି ରହିପାରିବ ନି !

ଏବେ ଆରମ୍ଭ କରୁଛି ଆଇ ତା ଗାଁର କାହାଣୀ। ମଞ୍ଚଗଜପାଟଣା ଗାଁର କାହାଣୀ ଯାହା ଯୁଗଯୁଗ ଧରି ଗୋଟିଏ ପରିବାରର ଖ୍ୟାତି ନେଇ ଡାକ ହୋଇଯାଇଛି କୋଶ କୋଶକୁ।

ବୀରବର ଡିଆଁବାଘ ପରିବାର ଗୋଟିଏ ହାଣ୍ଡିରେ ଖାଉଥିଲେ ବି ମୁହଁ ଗୋଟିଏ। ବୀର ପାଟିରୁ ଯାହା ବାହାରିଲା, ସେଇଟା ଘରର କଥା। ଯାହା ବୀର କହିବ, ଅନ୍ୟ ଭାଇମାନଙ୍କର ଶିରୋଧାର୍ଯ୍ୟ। ତଥାପି ବୀର ଘରପାଇଁ କହନ୍ତି, ନିଜପାଇଁ କେବେ ବି ନୁହେଁ।

ବୀରବରଙ୍କର ବାପା ବି ପରିବାରର ବଡ ଭାଇଥିଲେ। ସେ ଜଣେ ଅତି ଧାର୍ମିକ ଲୋକ। ନିଜ ଧର୍ମ ବଳରେ ଏତେ ବଡ ପରିବାର ପୂର୍ଣ୍ଣ ଭରସାରେ ଚଳୁଛି। ଦେଖିବାକୁ ଗଲେ, ପୂରା ଡିଆଁବାଘ ପରିବାରଟି ଏକ ପ୍ରକାର ପୂରା ଧର୍ମ ପଥରେ ଚାଲନ୍ତି। ନା କାହାର ଅନିଷ୍ଟ କରିବେ ନା ନିଜର ବାହାଦୁରି ଗାଇ ବୁଲିବେ।

ଡିଆଁବାଘ ପରିବାରର ଇତିହାସ ନିଶ୍ଚିତ ଭାବରେ ଗୁରୁତ୍ୱପୂର୍ଣ୍ଣ। ସେମାନେ କେଉଁ କାଳରୁ ଏହି ଡିଆଁବାଘ ଉପାଧି ପାଇଛନ୍ତି। ପୁଣି ଆଉ କାହାଠୁ ନୁହେଁ, ଖୋଦ୍ ଓଡିଶା ରାଷ୍ଟ୍ରର ଗଜପତି ସମ୍ରାଟ କପିଳଙ୍କ ଡିଆଁବାଘ ବୋଲି ଉପାଧି ସହିତ ମ□ଗଜପାଟଣା ପରି ଗୋଟିଏ ପଲ୍ଲୀ ପାଇବା କଅଣ ସାଧାରଣ କଥା ?

କପିଳେଶ୍ୱର ଗଜପତି କୁଆଡେ ଭାରି ଯୁଦ୍ଧଖୋର। ଡିଆଁବାଘ ଘରର ସହି ମୋର କହିଛି, ରାଜା ହୋଇଗଲେ ଖାଲି ଉଆସରେ ବସି ଖାଲି ଆନନ୍ଦ ଉଲ୍ଲାସରେ ଦିନ କଟିବ, ସେଇଟା ଯେତିକି ଆନନ୍ଦମୟ ନିଜ ସୈନ୍ୟ ସାମନ୍ତ ଯୋଗାଡ କରି ସେମାନଙ୍କ ସମର ନିମିତ୍ତ ଉତ୍ସର୍ଗୀକୃତ ଜୀବନର ଅଙ୍ଗୀକାରବଦ୍ଧତା ହିଁ ରାଜାର ଏକନିଷ୍ଠ କାର୍ଯ୍ୟ। ଇତିହାସରେ ଆମ ଓଡିଶା ରାଇଜରେ କେତେଜଣ ରାଜା ବା ଗଜପତି ଏମିତି ସମର୍ଥ ସେନା ବାହିନୀ ଗଢି ପାରିଥିବେ ? ଚାରିଦିଗକୁ ଚାହିଁ ନିଜ ରାଜ୍ୟର ମାନବ ସମ୍ବଳ ଓ ପଶୁ

ସମ୍ବଳକୁ ସାମରିକ ଶକ୍ତିକୁ ରୂପାନ୍ତରିତ କରିପାରିଥିବେ ସେଇଟା ତାଙ୍କର ସାମର୍ଥ୍ୟ।

କିନ୍ତୁ କପିଳ ଗଜପତି ନିଜେ ଜଣେ ଦକ୍ଷ ସେନାନାୟକ, ସେ ଓଡିଶାର ସେନାବାହିନୀର ଉତ୍କର୍ଷ ସାଧନ କରିଥିଲେ। ସେ ବାରାଣସୀ କଟକରେ ବସିବା ରାଜା ନୁହଁନ୍ତି, ରାଇଜର ସବୁ ସାମନ୍ତରାଜାଙ୍କୁ ବରଷରେ କେଇଥର ଭେଟି ସେମାନଙ୍କ ଅକ୍ତିଆରରେ ଥିବା ସେନାଶକ୍ତିକୁ ଜାଗରିତ କରି ରଖୁଥିଲେ ଆଉ ମଖା ମଖା ମଲ୍ଲ ଓ କୁଶଳୀ ଯୋଦ୍ଧାଙ୍କୁ ମାନସିକ ଭାବରେ ଜୀବନ ମୂଲ୍ୟଦେଇ ସମର କରିବାର ମାନସିକତା ଭରି ଦେଉଥିଲେ।

ସିଏ ଦକ୍ଷିଣ ରାଇଜ ଗୁଡିକୁ ଅନେଇ ରହିଥିଲେ। ସମୁଦ୍ରକୂଳ ରାଇଜ ନହେଲେ, ଚାଷ ସହିତ ବଣିଜ କିପରି ବଢିବ? ଏଇ ଓଡିଶା ନଦନଦୀରେ ଯେତିକି ପ୍ଲାବିତ, ଯେତିକି ଉର୍ବର ସାଗର କର୍ତ୍ତୃକ ବିଦେଶ ବଣିଜରୁ ସେତିକି ଅମଳ। ବର୍ଷ ବର୍ଷ ଲାଗି ଗଜଶକ୍ତି, ଅଶ୍ୱଶକ୍ତି, ସାମରିକ ପାରଙ୍ଗମତା, ପାଇକ ମାନସିକତା, ପର୍ଯ୍ୟାପ୍ତ ଅସ୍ତ୍ର ବ୍ୟବସ୍ଥା କରି ମୁଣ୍ଡ ଟେକି ଭାରତବର୍ଷର ସମ୍ଭାବ୍ୟ ଦିଗକୁ ଦୃଷ୍ଟି ନିକ୍ଷେପ କଲେ।

କିନ୍ତୁ କପିଳ ଗଜପତିଙ୍କର ଗୋଟିଏ ବୀରପରାକ୍ରମ ନିଜର ସୈନ୍ୟ ଶୃଙ୍ଖଳରୁ ଉପଲବ୍ଧ ହୁଏ। ସିଏ ଉତ୍କଳୀୟ ସେନାବାହିନୀର ଆଗୁଆଣୀ ଥାଟରେ ଯୋଡିଦେଲେ ଗୋଟିଏ ଚିତାବାଘ ପରି ଝାମ୍ପମାରିବା ଡିଆଁବାଘ ସେନା। ଦେଶରେ ନୂତନ, କେବଳ ଚମକାଇଦେଲାନି ଦେଶର ଯୁଦ୍ଧ ଦୁନିଆ, ଓଡିଶା ପାଇଲା ଜୟ ପର ଜୟ, ଗଙ୍ଗାରୁ କାବେରୀ ଓଡିଶା ରାଷ୍ଟ୍ର।

କିନ୍ତୁ ଏ ସବୁ କାମରେ ଡିଆଁବାଘ କୁଟୁମ୍ବ କିପରି ଜଡିତ? ସତରେ ସହି ଠାରୁ ମୁଁ ଶୁଣିଚି। ଥରେ ନୁହେଁ, କେଇଥର। ଡିଆଁବାଘ ଘରେ ରହିଛି ଗୋଟିଏ ମୂଲ୍ୟବାନ ଅସ୍ତ୍ର ଯାହା ସେଇ କୁଟୁମ୍ବଟିର ବଂଶ ପରିଚୟ। ସେଇଟି କୁଆଡେ ଗଜପତି କପିଳେଶ୍ୱର ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଦକ୍ଷିଣ ଦେଶ ଜୟ ପର ସମୟରେ। ପୁଣି ଜଗନ୍ନାଥଙ୍କ ମହିମାରେ ସମନ୍ୱିତ ସେଇ ଦୁଇହାତିଆ ତରବାରିଟି ଜାତି ପାଇଁ ବିଜୟ ଆଣିନି, ପର ସମୟରେ ତ୍ରାଣକର୍ତ୍ତା ସାଜିଛି ଡିଆଁବାଘ ପରିବାରର କେତେ କେତେ ଥାଟ ଯୋଦ୍ଧାମାନଙ୍କର।

ସସ୍ମିତା ଆଶ୍ଚର୍ଯ୍ୟରେ ପଚାରିଛି, ସତରେ ଗୁମାନିବୋଉ ଆଇ, ଏମିତି କଅଣ ଐଶ୍ୱରୀୟ ଶକ୍ତି ରହିଛି ?

ଆଇ ଏକାଲୟରେ କହି ଚାଲିଛନ୍ତି – ଡିଆଁବାଘ ଘରେ ଏଇ ତରବାରିଟିକୁ ଗୁପ୍ତରେ ରଖନ୍ତି, ଏହାର ପାରିବାରିକ ନାଁ 'ବଳଭଦ୍ର'। କେଉଁ ଯୋଗରେ ଏଇଟି ପାଇଥିଲେ, ଧନ୍ୟ ମନେକରନ୍ତି ସେମାନେ। ଅନୁମାନ କରନ୍ତି, ଯେଉଁ ପ୍ରପିତାମହ ଏଇଟିକୁ ଅର୍ଜନ କରିଛନ୍ତି ସମ୍ଭବତଃ ତାଙ୍କ ନାମ ବଳଭଦ୍ର ଓ ତାଙ୍କ ପରଠାରୁ ବଂଶ ପରମ୍ପରା ହୋଇଛି ବଳଭଦ୍ର ଡିଆଁବାଘ ଓ ତାଙ୍କର ନିବାସ ମ□ଗଜପାଟଣା। ସତରେ ସେଇ ବଳଭଦ୍ର କଅଣ ଗୋଟିଏ ଡିଆଁବାଘ ପରି କାମରେ ଓ ମଞ୍ଜଗଜ ପରି ମନରେ ଦକ୍ଷିଣ ଦେଶରେ ଯୁଦ୍ଧ କରୁଥିଲେ ? ଅସମ୍ଭବ ହୋଇ ନପାରେ !

ଘରେ କିମ୍ବଦନ୍ତୀ ରହିଛି, ଏଇ ତରବାରୀଟି ବିସ୍ମୟ ସୃଷ୍ଟି କରିପାରେ ଯୁଦ୍ଧକ୍ଷେତ୍ରରେ। ବଳଭଦ୍ରଙ୍କ ନାତି ପୁଣି ଦକ୍ଷିଣ ଯୁଦ୍ଧରେ ଏଇ ତରବାରିଟି ହଜାଇଦେଇ ବିନା ଅସ୍ତ୍ରରେ ଦୁର୍ଦ୍ଧର୍ଶ ବିଜୟନଗର ସେନା ଖଡ୍‌ଗ ମୁଖରେ ପଡିଥିଲେ। କିନ୍ତୁ ଦେଖିବାବେଳକୁ ହଜାଇଥିବା ତରବାରି ତାଙ୍କ ପାଦ ସମ୍ମୁଖରେ ଥୁଆ ହୋଇଥିଲା। ଜୀବନ ବଞ୍ଚାଇ ଜୟଲାଭ କରିଥିଲେ ସେଇ କ୍ଷଣଯୁଦ୍ଧରେ।

ସସ୍ମିତା ଆଇକୁ ପଚାରିଛି, "ସତରେ ଆଇ ଏତେ କାଳର ତରବାରି ସେମାନେ ରଖି କଅଣ କରନ୍ତି ସେଥିରେ ?"


"ପୂଜା ପାଉଛି ସେଇ ପାଇକ ତରବାରିଟି। ଆମ ଖଣ୍ଡାୟତ ପରିବାରରେ ଦଶହରାରେ ଏହି ବିଧିରେ ପୂଜା ଚାଲିଛି। କିନ୍ତୁ ଅନେକ ଖଣ୍ଡାୟତ କେବଳ ଖୋରଧାରେ କାହିଁକି ସାରା ଓଡ଼ିଶାରେ ଏମିତି ପୂଜା କରନ୍ତି। ଖୋରଧାରେ କିନ୍ତୁ ଖଣ୍ଡା ସବୁ ବ୍ରିଟିଶ ସରକାର ନେଇଯାଇଛନ୍ତି। ଯାହା ଗୋଟେ ଅଧେ ଲୋକ ସାହସର ସହିତ ଲୁଚାଇ ରଖିଛନ୍ତି।"

ସସ୍ମିତା କୌତୂହଳୀ ହୋଇ ସେଇ ବଳଭଦ୍ର ତରବାରି କିପରି ସବୁ ଦୁର୍ଯୋଗକୁ ଏଡାଇ ରହିଛି ବୋଲି ପଚାରିଚି ଗୁମାନିବୋଉ ଆଇକୁ।

ଆଇ କହିଲେ, "ଏକ ସମୟରେ ଇଂରେଜ ସରକାର ଯେତେବେଳେ ଖୋରଧା ଦୁର୍ଗ ନିଜ ଦଖଲକୁ ନେଲେ, ଓଡିଆ ଜାତି ସେମାନଙ୍କୁ ସହଜରେ ଗ୍ରହଣ କରିଲାନି। ବରଷ କେଇଟାରେ ବକ୍‌ସି ଆସିଲେ, ଓଡ଼ିଶାଯାକ ମେଳି ହେଲା। ପାଇକମାନଙ୍କର ବିଦ୍ରୋହର ଫଳ ସ୍ୱରୂପ ଖୋରଧା ଓ ପୁରୀର ଅଫିସ୍ ସବୁ ଭାଙ୍ଗି ଚୁରମାର କରିଦେଲେ ବିଦ୍ରୋହୀମାନେ। କେତେ ଦିନ ଧରି ଖୋଲା, ଲୁଚାଛପା ଗରିଲା ଯୁଦ୍ଧ ଚାଲିଲା। ଶେଷକୁ ବିଶାଳ ସଂଗଠିତ ଇଂରେଜ ବାହିନୀ ବାହାର ବିଦ୍ରୋହ ଦମନ କରି କେଇ ବର୍ଷରେ କୌଶଳରେ ବକ୍ସିଙ୍କୁ କଟକରେ ରଖିଲା।

କିନ୍ତୁ ଖୋରଧା ରାଜଧାନୀରୁ ଆଦେଶ ଆସିଲା ସବୁ ଗଡ ଓ ଗାଁ ମାନଙ୍କରୁ ସବୁ ଯୁଦ୍ଧ ଉପକରଣ ସଂଗ୍ରହ କରିଆଣ। କୌଣସି ପାଇକ କି ଯୋଦ୍ଧା କୌଣସି ଅସ୍ତ୍ର ରଖିପାରିବେନି। ଗାଁ ଗାଁରୁ ଶଗଡ ଶଗଡ ରୋଦର ରୋଦର ଖଣ୍ଡା, ଢାଲ, ବର୍ଚ୍ଛା, ଛୁରି, ତେ□ା ସବୁ ପ୍ରକାର ଯୁଦ୍ଧ ସରଞ୍ଜାମ ଲଦି ଖୋରଧାରେ ସମର୍ପଣ କରାଗଲା। ଗାଁର ମକଦ୍ଦମ ମାନେ ଏ ସବୁ ତଦାରଖ କରି ଗାଁକୁ ଏମିତି ଧାତବ ଅସ୍ତ୍ର ଗୁଡିକୁ ସମୂଳେ ସମର୍ପଣ କରିଥିଲେ। ଜଣା ପାଇକ ଓ ମୁଖିଆ ମାନଙ୍କ ଘର ଖାନତଲାସୀ ନେଇ ଅସୁଲ କରିଥିଲେ।

ତେବେ ଡିଆଁବାଘ କୁଟୁମ୍ବ କୌଣସିମତେ ଏଇ ତରବାରିଟିକୁ ଲୁଚାଇଦେଲେ। ତଥାପି ମକଦ୍ଦମ ଘର ବାଡିରୁ କେତେ ଜାଗା ଖୋଳିଲେ, ପାଇଲେ ଗୋଟିଏ କଳା ଦୁର୍ବଳ ନତପତିଆ ତରବାରି। ସେଇଟିକୁ ଡିଆଁବାଘ ତରବାରି ବୋଲି ଖୁସିରେ ନେଇ ଚାଲିଗଲେ। କିନ୍ତୁ କେଇ ବର୍ଷଯାଏ ଡିଆଁବାଘ ପରିବାର ତାଙ୍କର ଓହଳ ବିଲର ସାହାଡା ମୂଳରୁ ପୋତା ଓଜନିଆ ବଳଭଦ୍ରକୁ ଆଣି ପୂଜା କରନ୍ତି। ପୁଣି ପୋତିଦିଅନ୍ତି। ଏମିତି ସେହି ତରବାରିଟି ମକଦ୍ଦମ ଦୃଷ୍ଟି ଏଡାଇ ରହିଯାଇଥିଲା।



ସେଇ ତରବାରିଟି ଆଉ ସାହାଡ଼ା ମୂଳକୁ ଯାଉନି। କୋଠିଘର ଗମ୍ଭୀରା ଭିତରୁ ରୁ ପ୍ରତି ଦଶହରାରେ ପୂଜାପାଇଁ ବଡବୋହୂ କାଢିଆଣେ। ସେଇ ସମୟରେ ଡିଆଁବାଘ କୁଟୁମ୍ବଲୋକ ନିଜ ପୂର୍ବପୁରୁଷଙ୍କର ଉଷ୍ଣମରକ୍ତ ଅନୁଭବ କରନ୍ତି ! ଓଡିଆ ଜାତି, ଓଡିଆ ରକତ !"

ସସ୍ମିତା କାହିଁକି ଲାଜେଇଲା ଓଠରେ ପଚାରୁଛି, "ମା ସାଅନ୍ତାଣୀ ବଡ ବୋହୂ ମାଣ ଓଷା କରନ୍ତି ?"

"ଆଲୋ ତୁ କଅଣ ପଚାରୁଛୁ ? ମାଣବସା ଆଉ କଅଣ କେବଳ ଓଡିଆ ଘରରେ ଲୁଚି ରହିଛି ? ଆଗରୁ କେବଳ ଚାଷବନ୍ଧି ଘରେ ଧାନ ଲକ୍ଷ୍ମୀଙ୍କର ଗୁପ୍ତ ପୂଜା ପରି କାଷ୍ଠାରେ ଘର ବୋହୂ ପରିବାରର ମାଙ୍ଗଳିକ କାର୍ଯ୍ୟ ଭାବରେ କରୁଥିଲେ। ଏବେ ତ ଓଡିଶାରେ ଏହା ସର୍ବଜନୀନ ହୋଇସାରିଲାଣି। କି ଧନୀ, ନିର୍ଧନ, ଜମିହୀନ ସବୁ ମାଣ ବସେଇଲେଣି। ମଙ୍ଗଳ ଆମ ଓଡିଆ ଜାତିକୁ।

ବଡ ଗୋଟାଏ ପାଇକ ଜାଗିର ଭୋଗୁଛନ୍ତି ସେଇ ପରିବାର। ବାଟି ବାଟିର ଚାଷ, ହଳ ଲଙ୍ଗଳ। ଧାନ ଗଦା ଦେଖିଲେ ଆଖି ଖୋସି ହୋଇଯିବ। ସେ ଘର ମାଣବସା କରିବ ନି ତ କିଏ କରିବ ?

କିନ୍ତୁ ଡିଆଁବାଘ ଘର କଥା ଅଲଗା। ମୁଁ ତ ଆଜିକା କଥା କହି ପାରୁନି, ମୁଁ ତ ଏଇ ଶରଧାପୁରରେ ବୁଢୀ ହେଲି। ମଞ୍ଚଗଜପାଟଣା ମୋ ଅଭିଆଡି ବେଳର ସ୍ମୃତିରେ ଯାହା ଅଛି। ସେତେବେଳର ବଡ ବୋହୂ ଭାଗ୍ୟବତୀ। ଭାରି ଚଞ୍ଚଳୀ, କଥା କହେ ତରବର ହୋଇ। ତା ମୁହଁରୁ ଶୁଣିଛି, ଆମେ ଜାତିରେ ଓଡିଆ। ସିଏ ଆଉ ଖଣ୍ଡାୟତ କି କ୍ଷତ୍ରିୟ କହେନି। କିନ୍ତୁ ରଙ୍ଗଢଙ୍ଗରେ ଖାଣ୍ଟି ଓଡ଼ିଆ ବେଶ ହୁଏ। ଦୁଇଟି ପରବରେ ଭାଗ୍ୟବତୀର ବେଶ ଦେଖିବାକଥା।

ମାଣବସା ଗୁରୁବାର ଆଉ ଅକ୍ଷୟ ତୃତୀୟା। ଅକ୍ଷୟ ତୃତୀୟା ଦିନ ସକାଳୁ ଧଳା ସମ୍ବଲପୁରୀ ପାଟ ପିନ୍ଧି ସଜଫୁଟା ପଦ୍ମ ପରି ହସ ହସ ମୁହଁରେ ସ୍ୱାମୀଙ୍କ ମୁଣ୍ଡକୁ ଟେକି ଦିଅନ୍ତି ଅଖିମୁଠି ବୁହା ନୂଆ ଟୋକେଇ। ସଜାଇ ଥାଆନ୍ତି ଧାନ କେଇ ମୁଠା ସହିତ ସବୁ ପୂଜା ସାମଗ୍ରୀ, ଘରର ସବୁଠାରୁ ଲକ୍ଷ୍ମୀବନ୍ତ ଦଶଗୁଣିଆ ବିଲରେ ବୁଣା ଅନୁକୂଳ କରିବାକୁ। ସ୍ୱାମୀ ଟିକିଏ ଭାଗ୍ୟବତୀ ମୁହଁକୁ ଚାହିଁ ଅନୁକୂଳ କରନ୍ତି। କେହି ନ ଜାଣିଲେ ବି ଭାଗ୍ୟବତୀ ଜାଣନ୍ତି, ତାଙ୍କ ମୁହଁ ଚାହିଁଲେ ଡିଆଁବାଘ ଘରେ ବରଷକ ଅମଳ ମନମୁତାବକ ହେବ।

ସେଇଥିପାଇଁ ଭାଗ୍ୟବତୀ ନିଜକୁ ଠିକ୍‌ରେ ସଜାଇଦିଏ। ସବୁ ସୁନା ସଜ, ରୂପା ପାଉଁଜ, ବଟଫଳ ସହିତ ସଯତ୍ନରେ ଥିବା ଓଡ଼ିଆଣି ମେଖଳା। ଏଇ ଓଡ଼ିଆଣି ଅଣ୍ଟାସୂତା ନପିନ୍ଧିଲେ, ଭାଗ୍ୟବତୀ ନିଜକୁ ପୂର୍ଣ୍ଣାଙ୍ଗ ଓଡିଆଣୀ ବୋଲେ ମନେକରେନି। ଏଇଟା ତାକୁ ତା ଶାଶୂ କହିଥିଲେ ବୋଲି ମୁଁ ଶୁଣିଛି।"

ସସ୍ମିତା ପାଟିରୁ ବାହାରି ପଡିଛି, "ଏଇ ଓଡିଆଣି କଅଣ ଆଜିକାଲି କେହି ପିନ୍ଧୁଛନ୍ତି ?"

"ନାଁ, କିନ୍ତୁ ମୁଁ ଯାହା ଶୁଣିଛି, ଡିଆଁବାଘ ଘରେ ଏହାର ବି କିଛି କିମ୍ବଦନ୍ତୀ ରହିଛି, କହି ଚାଲିଲେ ଗୁମାନି ବୋଉ ଆଇ। ଆମ ଶିଳାଶିଳ୍ପରେ ଯେତିକି ସ୍ତ୍ରୀ ମୂର୍ତ୍ତି ଦେଖାଯାଏ, ସମସ୍ତଙ୍କର ଏହି ଓଡ଼ିଆଣି ଅଣ୍ଟାସୂତା। ଡିଆଁବାଘ ଘରେ ଏଇ ଓଡିଆଣିଟିର ସେଇ ସମୟର ସମ୍ବନ୍ଧ ଥିବା ପ୍ରତୀୟମାନ ହୁଏ। ଏଇ କୁଟୁମ୍ବରେ ସମସ୍ତେ ବିଶ୍ୱାସ କରନ୍ତି, ସେଇ ଦକ୍ଷିଣ ବିଜୟ ସମୟରୁ ଡିଆଁବାଘଙ୍କର ଅଭୂତପୂର୍ବ କୃତିତ୍ୱ ପାଇଁ ଗଜପତି ଏହି ପରିବାରକୁ ତରବାରି ଦେବା ସଙ୍ଗେସଙ୍ଗେ ପାଟରାଣୀ ଗୋଟିଏ ଓଡିଆଣି ଉପହାର ଦେଇଥିଲେ।

କି ବ୍ୟକ୍ତିଗତ ସମ୍ପର୍କ ରଖିଥିଲେ ଗଜପତି। କାହିଁ ଗାଁର ପାଇକ ସୈନ୍ୟ ସେନାପତି, କାହିଁ ବିଡାନାସୀ କଟକ ରାଜଧାନୀ। ମଣିଷ ଜୀବନକୁ ମୂଲ୍ୟ ଦେଇ ଗଜପତି କପିଳ ନିଜର ବଳ ସାଉଁଟି ଭାରତ ଦିଗବିଜୟ ରଚିଥିଲେ। ସେଥିରେ ନିଜର ବ୍ୟକ୍ତିତ୍ୱକୁ ମିଶାଇ ଦେଇଥିଲେ ପ୍ରତିଟି କରିତକର୍ମା ସୈନିକ ସହିତ।

ସେଇ ଓଡିଆଣି ଅଳଙ୍କାରଟି ବି ପରିବାରର ମଉରସୀ ଅଳଙ୍କାର ହୋଇ ରହିଛି। ଆଜିକା ବଣିଆ ତ ତାକୁ ଦେଖି ନଥିବେ। ସେମିତି ଖାଣ୍ଟି ନିଦା ଓଜନଦାର ରୁପା ପାଇବେ ବା କାହୁଁ ?

ବୁଝିଲୁ ମିତା, ଏବେ ତ ଭାଗ୍ୟବତୀର ବଡବୋହୂ ସୁଲକ୍ଷଣୀ ଏ ସବୁ ମୌରସୀ ସମ୍ପଦର ଅଧିକାରିଣୀ। ଏବେ ତ ସୁଲକ୍ଷଣୀ ତାର ବୋହୂ ଦେଖିବା ବେଳ ଆସିଛି।"

ମୁହଁଟି ସସ୍ମିତାର କିପରି ମନର ଭାବରେ ଉଲ୍ଲସି ଉଠିଲା।

ବୟସ ମାପରେ ଆଇର କଅଣ ଏଇ ଉଲ୍ଲାସକୁ ପଢିବାକୁ ଅଭିଜ୍ଞତା ନାହିଁ ? ଏଇ ଗୁମାନି ବୋଉ ପରା ସାତ ସାତଟା ବାହାଘରରେ ମଧ୍ୟସ୍ଥି ହୋଇଥିବ ! ମନକୁ ପତିଆରା ଆସୁନି କାଇଁକି। ତଥାପି ସସ୍ମିତାକୁ ଏତିକି କହିଲେ, "ହଉ ମିତା, ଦେଖାଯାଉ। କିଏ ସେ ଖଣ୍ଡା ପୂଜିବ ଦଶହରାରେ ଆଉ ଓଡିଆଣି ନାଇବ ଅକ୍ଷିତୃତୀୟାରେ ! ସତରେ କାହାର ଏମିତି ଶତ ଶିବ ପୂଜାର ଭାଗ୍ୟ ରହିଛି !"

ସସ୍ମିତା ପାଟିରୁ କିଛି ଭାଷା ବାହାରିଲାନି। କେବଳ ଲମ୍ବ ହୋଇ ଆଇ ଗୋଡ ତଳେ ପଡିଗଲା।

*ସମାରୋହ, ୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର - ୩୦*

*ମୋ - ୯୮୬୧୧୧୭୫୭୩*

"ଏହି ଗଳ୍ପଟି ମୋ ମମି ପ୍ରଫେସର ବିଜୟିନୀ ମହାନ୍ତିଙ୍କର ପ୍ରକାଶିତ 'ହସୁନି ମୋନାଲିସା' ଉପନ୍ୟାସ ଆଧାରରେ ରଚିତ"

●●●●

# ୮. ଓଡିଆ ଚେତନାର ଦିଗବଳୟ - "ସ୍ୱପ୍ନର ଓଡିଶା" ଦିଗଦିଶା

# ସମୟ ଆଖିରେ ପ୍ରଶ୍ନ

*ବିଦେଶୀ ଭଞ୍ଜ*

(୧)

ମୁଁ ଅଦୃଶ୍ୟ - ଅବିଭାଜିତ,
ନଭଶ୍ଚୁମ୍ବୀ ମନ ମୋର
ଚାଲେ ଏକା ଏକା ନିରୋଳାରେ ନିଶବ୍ଦ ରାତିରେ,
ଜରଦଗବ ଆଖିନେଇ ନିରେଖି ଚାହେଁ ମୁଁ
ଏ ବିଶ୍ୱ ସତ୍ତାକୁ ।
ତା ଦେହରେ ସଂଘଟିତ ଆବର୍ତ୍ତନ, ବିବର୍ତ୍ତନ ଓ ମାର୍ମିକ ବ୍ୟଥାକୁ,
ମୋର ଏଇ ମହାଯାତ୍ରା ମାଟିରୁ ଆକାଶ ଛୁଇଁ
ସମୁଦ୍ରରୁ ଦିଗ୍‌ବଳୟ ଡେଇଁ
ମହାଶୂନ୍ୟେ ଦେହେ ବିଲୀନ ହୋଇଛି,
ପୃଥିବୀର ଭୂମିକମ୍ପ, ମହାବାତ୍ୟା ପରି ଧ୍ୱଂସକାରୀ ଲୀଳା
ସାମୁଦ୍ରିକ ସୁନାମୀ ଓ କୁଢକୁଢ ଲାଭା ଉଦ୍‌ଗିରଣ
ସବୁ ଦୃଶ୍ୟ ଆଖିରେ ଲେଖିଛି !
କାଳାନ୍ତରେ ସ୍ଥିତିପ୍ରଜ୍ଞ, ନିର୍ବାକ୍ ଓ ନିର୍ବିକାର ମତି ନେଇ
ଚାଲୁ ଚାଲୁ ନିଜକୁ ମୁଁ ସମ୍ଭାଳିଛି ପ୍ରକୃତିସ୍ଥ ହୋଇ ।
ସମ୍ମୁଖେ ମୋ ଯୁଦ୍ଧର କରାଳ ଦୃଶ୍ୟ
ଭାଇ ଭାଇ ଆତ୍ମୀୟ ସ୍ୱଜନ ମଧ୍ୟେ ରକ୍ତ ହୋରିଖେଳ
ଲୋଭ ଓ କାମନା ପଛେ ଧାଇଁ ଧାଇଁ ଏ ମଣିଷ
ମରୁଭୂମି ସ୍ୱପ୍ନଛାୟା ଦେଖି ମୃଗତୃଷ୍ଣା ମନେକରି
ପରାଜିତ ଜ୍ୱାଳା ଦେହେ ଦଗ୍‌ଧୀଭୂତ ହେଲାପରେ
ମୋ କୋଳରେ ଶାନ୍ତି ପାଇଁ ଆଶ୍ରୟ ଲୋଡ଼ିଛି ।
ମୁଁ ସଦାତତ୍ପର ମୋର ଆଶ୍ରିତକୁ କ୍ଷମା ଦେବାପାଇଁ,
ମୁଁ ସଦାଉତ୍ସୁକ ନିସ୍ୱାର୍ଥ ଓ ସରଳ ମନ ଯେ
ପ୍ରବଞ୍ଚିତ ହୋଇଥାଏ
ତା ଦେହରେ ସାନ୍ତ୍ୱନାର ଫୁଲଶେଯ ମହକକୁ ବିଞ୍ଚିଦେବାପାଇଁ,
ମୁଁ ଭେଟିଛି ଜନ୍ମ ମୃତ୍ୟୁ ଅତି ନିକଟରୁ
ଆତ୍ମୀୟସ୍ୱଜନ ଶୋକ ରହି ରହି
ମୋ ଅସ୍ତିତ୍ୱେ ମିଳାଇ ଯାଇଛି ।
ଋଷିମୁନି କୃଚ୍ଛ୍ର ସାଧନାରେ ବ୍ରତୀ
ଲେଖିଛନ୍ତି କାବ୍ୟ ଶାସ୍ତ୍ର ଅମର ସେ ଯୁଗେଯୁଗେ
ମୋ କବଳେ ତାଙ୍କ ସ୍ଥିତି ହୋଇନାହିଁ କ୍ଷୟ
ମୋ ବୁକୁରେ ତାଙ୍କ ପରିଚୟ ଉଜ୍ଜ୍ୱଳ ଅକ୍ଷରେ ଲେଖା
ଚିରକାଳ ଅଜେୟ-ଅମର

(୨)

ଅମର ସନ୍ତାନ ମୋର ବୁଦ୍ଧଦେବ "ଭିକ୍ଷାଂ ଦେହି" ଶୁଦ୍ଧ ଉଚ୍ଚାରଣେ
ବାଟହୁଡ଼ା ସମାଜର ମୋକ୍ଷ ପ୍ରାପ୍ତି ପାଇଁ
ସହଜ ସୁନ୍ଦର ପଥ ବାଛି ଦେଇଗଲେ ।
ମୋ ଛାତିରେ କେତେ କେତେ କରୁଣ ଆର୍ତ୍ତନାଦ
ସର୍ବନାଶର ସ୍ଫୁଲିଙ୍ଗ ହୋଇ ଜଳୁଥିବା ଦେଖି
ନିରୁପାୟ ହୋଇ ଆତ୍ମସ୍ଥ କରେ ମୁଁ ।
କୁରୁକ୍ଷେତ୍ର କୋଳାହଳ, ମାୟାର କୁହୁକ ବନ୍ଧନ
ମୁଁ ଦେଖିଛି ମୋ ଦେହରେ ଏତେ ତ୍ୟାଗ, ବଳୀଦାନ
ରାମଙ୍କର ବନବାସ ଜାନକୀ ହରଣ
ଦୁରାଚାରୀ ରାବଣର ଘୃଣ୍ୟ ଯବନିକା
ମହାକାଳ ସୃଷ୍ଟିର ଦହନ ।
ମହାତ୍ୟାଗୀ ଶରାହତ ଭୀଷ୍ମଙ୍କ ଦୃଢୋକ୍ତି
ନିର୍ଦ୍ଦୋଷ ପଞ୍ଚୁପାଣ୍ଡବଙ୍କ ସହ ଯାଜ୍ଞସେନୀ ବନବାସ
ଦ୍ରୌପଦୀ ବସ୍ତ୍ରହରଣ
ଦୁର୍ଯ୍ୟୋଧନ ଔଦ୍ଧତ୍ୟର ଉଲଗ୍ନ ଅଧ୍ୟାୟ ।
ମୁଁ ଭେଟିଛି ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କୁ ଦେହତ୍ୟାଗ ବେଳେ
ମୋ ଅବୟବର ପ୍ରତିପର୍ଦ୍ଦେ ଲେଖା
ଯୁଗ ଯୁଗ ଅଭିଲେଖାଗାର -
'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେଯୁଗେ',
କେତେ ମହାମୁନି-ବାଲ୍ମୀକି - ସାରଳା ଦାସ
ବନ୍ଦନୀୟ ସ୍ୱଲେଖନୀରେ ।
ମୁଁ ଏଠି ଦେଖିଛି କେତେ କେତେ ବଳୀୟାନ ବୀର
ଅତ୍ୟାଚାରୀ ହତ୍ୟାକାରୀ ହିଟ୍‌ଲର, ନେପୋଲିୟନ୍, ଆଲେକ୍‌ଜାଣ୍ଡର୍
ଲଜ୍ଜାରେ ମୁଁ ଯା ଲାଗି ହେଉଛି ବିବ୍ରତ ।

ଆରପଟେ ଦେଖେ ପୁଣି ସ୍ଥିତପ୍ରଜ୍ଞ ନାନକ ଓ ମହାସନ୍ଥ କବୀର ଦାସଙ୍କୁ
ବୟସ ମୋ ବଢ଼ି ବଢ଼ି ଅସରନ୍ତି ଅନୁଭବ ନେଇ ବିହ୍ୱଳ ହୋଇଛି ।
ନଭଶ୍ଚୁମ୍ବୀ ଐଶ୍ୱର୍ଯ୍ୟରେ କୀର୍ତ୍ତିମାନ ସତ୍ୟର ସ୍ପର୍ଦ୍ଧାକୁ ନେଇ
ମୋ ବକ୍ଷ ଗର୍ବିତ,
ଅନୁଭବୀ ଆଖି ମୋର ଦେଖେ ଏଠି ଆଦର୍ଶ ଓ ନୈତିକତାହୀନ
ମାନବର ଦିଶାହୀନ ଯାତ୍ରା
ହଣାକଟା, ରାହାଜାନି, ସ୍ୱାର୍ଥ ପାଇଁ ଶତ୍ରୁତା ଓ
ମୁଣ୍ଡକାଟ, ନାରୀ ବଳାତ୍କାର ।
ଜାତିଧର୍ମ ନିର୍ବିଶେଷେ ଅସହିଷ୍ଣୁ ଉଗ୍ର ଅତ୍ୟାଚାର ।
କିଏ ଲୁଟେ ଜୀବନର ଖୁସି
କ୍ଷୁଧାର୍ତ୍ତକୁ ଆହାର ମିଳେନି
ଗରିବ ଯେ ଆହୁରି ଗରିବ ହୁଏ
ଅନ୍ୟାୟ ଓ ଅବିଚାରେ କିଏ ହୁଏ ଧନୀ
ମୁଁ ସହିଛି ମୋ ଦେହରେ ଅସହ୍ୟ ଲୁଣ୍ଠନ
କ୍ଷତ ଓ ଆଘାତେ ଭରା ମୋ ଦେହ ବିଦୀର୍ଣ୍ଣ
ଅନିର୍ବଚନୀୟ ଅତ୍ୟାଚାର
ପଶୁଠାରୁ ଅଧିକ ବର୍ବର
ଧ୍ୱଂସମୁଖୀ ସଭ୍ୟତାର ନଗ୍ନ ଇସ୍ତାହାର ।
ତଥାପି ନିରବ ମୁହିଁ
ମୂକ ଆଉ ପାଷାଣ ମୋ ଦେହ

(୩)

ଅକାରଣେ ସ୍ୱାମୀ ନିଏ ସ୍ତ୍ରୀର ଜୀବନ
ଅନ୍ୟାୟକୁ ପ୍ରତିରୋଧ କରି
ସହିବାକୁ ହୁଏ ବିଷର ଜ୍ୱଳନ ।
ଆତ୍ମା ହୁଏ ଦଗ୍ଧୀଭୂତ
ଦେଖି ତୁଚ୍ଛା ବିବେକ ଦହନ ।
ମୁଁ ପୁଣି ଦେଖିଛି ଏଠି ନାରୀପୂଜା
ଲକ୍ଷ୍ମୀ, କାଳୀ, ସରସ୍ୱତୀ, ଦେବୀ ଦଶଭୂଜା
ନାରୀ ଶ୍ରେଷ୍ଠ ଲୀଳାବତୀ, ବିଦୁଷିନୀ, ଗାର୍ଗୀ ପୁଣି ଲୋପାମୁଦ୍ରା
ପାଣ୍ଡିତ୍ୟରେ ଝଲ୍ ମଲ୍ ଗଗନ ପବନ ।
ଏ ଜାତି ସ୍ମରଣ କରେ ଗୋପବନ୍ଧୁ, କୁଳବୃଦ୍ଧ ମଧୁସୂଦନଙ୍କୁ
ମାତୃମୁକ୍ତିପାଇଁ ଉତ୍ସର୍ଗୀକୃତ ସମଗ୍ର ଜୀବନ,
ଆଜି ଯାହା ଦେଖେ ନେତ୍ର
ନାରୀଜାତି ପ୍ରତି ହୁଏ ଅହେତୁକ ଅତ୍ୟାଚାର
ବୋହୂଟିଏ କି ପାପର ପ୍ରାୟଶ୍ଚିତ କରେ
କିରୋସିନି ଜଳା ଦେହୁ ନିଆଁ ହୋଇ ଧୂଆଁ ଉଠେ
ଜୀବନ ହାରିଲା ପରେ -
ଘୁରି ଘୁରି ଆତ୍ମା ତାର ବିକଳରେ ଛଟପଟ ହୁଏ ।

ଯଉତୁକ ଶତ୍ରୁ ହୋଇ
ତା ପାଇଁକି ସଉତୁଣୀ ସାଜେ ।
ନିଷ୍ପାପ ହୋଇବି କଳଙ୍କିନୀ ସିଏ
କଳବଳ ଜୀବନରେ ଘାଣ୍ଟି ହୋଇ ଶାନ୍ତି ଟିକେ ଖୋଜେ
ସରଳ ପ୍ରାଣରେ ଖାଲି ଅକୁହା ଦହନ
ପତିତା ଯନ୍ତ୍ରଣା ଦେଖି ବିଗଳିତ-ବିଚଳିତ ମନ ।
କନ୍ୟା ଭ୍ରୁଣ ହତ୍ୟା, ଯାହା ବିବେକ ଦଂଶନକାରୀ
ଆଖି ଖୋଲି ସଂସାରକୁ ଦେଖିବା ପୂର୍ବରୁ
ଝଡର ସଂଘାତ ଦେହେ ବିଦାୟ ନିଏ ସେ,
ଆନପଟେ ଦିଶୁଥାଏ ବୁଭୁକ୍ଷୁର ଭୋକଭରା ଦୃଷ୍ଟି
ତୁଣ୍ଡରୁ ତା' ଶୁଭୁଥାଏ ହାଃ ଅନ୍ନ - ହା ଅନ୍ନ
ବର୍ଷ ସାରା ଖଟେ ସିଏ
ଦୂର କରି ପାରେନାହିଁ ପେଟର କ୍ଷୁଧାକୁ
ଅର୍ଦ୍ଧ ଉଲଗ୍ନ ହୋଇ ଚାଲୁଥାଏ ବାଟ
ଦେହ ଢାଙ୍କିବାକୁ ପ୍ରସାରିତ କନା ଖଣ୍ଡେ ମିଳେ ନାହିଁ ତାକୁ ।
ଏ ଦୃଶ୍ୟରେ ଧକ୍କାରେ ମୁଁ ନିଜକୁ ଲଜ୍ଜାରେ
ମଣିଷର ନାହିଁ ଯେହ୍ନେ ଏଠାରେ
କିଛି ମୂଲ୍ୟବୋଧ, ସୁସ୍ଥ ପରିଭାଷା
ମଣିଷ ପଣିଆଁର ବିକାକିଣା ନିତି ଚାଲେ ଏଠି
ମିଛ ଆଦର୍ଶର ଉଇଲଗା ଆସ୍ଫାଳନ
ଲିଭିଯାଏ ଅମାବାସ୍ୟା ଅନ୍ଧକାର ବୁକେ
ନିଜକୁ ଯେ ବିଜ୍ଞପିତ କରିପାରେ - ଖୋଲିପାରେ ସୁଚତୁରେ
ଶସ୍ତା ଆଉ ମିଥ୍ୟାରୂପୀ ପ୍ରଲୋଭିତ ଦାମ୍ଭିକତା ମଧ୍ୟେ
ଖ୍ୟାତିମାନେ ଲମ୍ବିଯାନ୍ତି ତା ଜୀବନ ପରିଧିରେ
ମାଟିରୁ ଆକାଶ ଯାଏଁ,
ସ୍ରୋତସ୍ୱିନୀ ରୂପ ନେଇ ବହିଯାନ୍ତି ମେଞ୍ଚା ମେଞ୍ଚା ସ୍ୱପ୍ନର ଶାମୁକା ହୋଇ
ନଦୀରୁ ସାଗର ଯାଏଁ ।

ସ୍ୱତଃ ପ୍ରଶ୍ନ ଆସେ ..........
ଘଟଣା ଚକ୍ରରେ ଥାଇ କାହିଁକି ମୁଁ ନିର୍ବାକ୍, ଅସହାୟ ...........
ସୁଧୀବୃନ୍ଦ ମୋର ପ୍ରିୟ ପାଠକଙ୍କୁ ପ୍ରଶ୍ନ
ସମାଧାନ ଖୋଜି ଆଣ
ଏଇ ସମସ୍ୟାର - ଏକବିଂଶ ଶତାବ୍ଦୀର ମୂକ ଜିଜ୍ଞାସାର !

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ,*
*ସୃଜନିକା, ନିଳାଦ୍ରୀନଗର, ଡୁମୁଡୁମା (କ), ଜାଗମରା*
*ଖଣ୍ଡଗିରି, ଭୁବନେଶ୍ୱର-୩୦,*
*ମୋ-୯୪୩୭୦୮୨୧୦୬*

●●●●

# ସ୍ୱୀକାରୋକ୍ତି

*ନିକୁଞ୍ଜ ଜେନା*

କିଏ ଦେଖିଛି,
ପଶୁ-ପକ୍ଷୀ, କୀଟ ପତଂଗ
ସମଜାତିର ଜୀବଯନ୍ତୁ
ନିଜ ନିଜ ଭିତରେ ରକ୍ତରେ
ହୋଲି ଖେଳିବାର ଦୃଶ୍ୟ ?

ମାନବବାଦର ନୀତି ଦ୍ୱାହି ଦେଉଥିବା
ମଣିଷ,
ଖେଳିଚାଲେ ତମାମ ଜୀବନ,
ରକ୍ତରେ ହୋଲି ।

ବିତିଯାଏ ଯୁଗ ।
ମେଲିଯାଏ ସଂକୀର୍ଣ୍ଣ ସ୍ୱାର୍ଥର
ନିଃସଂକୋଚ ପସରା ।
ଦୁଃଖ ନାହିଁ, ଆତ୍ମଗ୍ଲାନି ବି ନାହିଁ
ଅହଂତ୍ୱରେ ମତୁଆଲ୍ ମଣିଷ,
ନିଜ ଅଲକ୍ଷ୍ୟରେ
କେତେବେଳେ ପରପାରିର
ଯାତ୍ରୀ ହୋଇଯାଏ,
ସେ ଜାଣି ନଥାଏ ।

ଅଦୃଶ୍ୟର ପଥିକ ମୁଁ ।
ରକ୍ତ ହୋଇ ବହି ଯାଇଛି ସବୁଠି,
ପ୍ରାଚୀନ ସଭ୍ୟତାଠାରୁ ଅତ୍ୟାଧୁନିକତାର
ଆତ୍ମିକ ଚେତନାରେ ।
ପୃଥିବୀ-ମା ଗର୍ଭରୁ ସ୍ପନ୍ଦିତ ହେଉଥିବା
ମୋ ଦେଶର ପ୍ରତିଟି ଅଣୁପରମାଣୁରେ ।
ଶାନ୍ତି ଓ ପ୍ରେମର ମାଂଗଳିକ ମୂର୍ଚ୍ଛନାରେ ।

ଭୟ କାହାକୁ -
ବୋମାବର୍ଷୀ ବିମାନକୁ ନା ଅସୂୟାରେ
ଜଳିଯାଉଥିବା ପଡୋଶୀ ରାଷ୍ଟ୍ରର
ଲାଲ ଆଖିକୁ ।

ମୋ ଦେଶର ବରପୁତ୍ର
ଦେଶାନ୍ତରେ ସ୍ମରଣ କରିଛି
ମାଟି ମା'କୁ,
ସମ୍ମାନ ଦେଇଛି ମୋ ଦେଶକୁ
ମୃତ୍ୟୁମୁଖର ଆଲିଂଗନ କରିଛି ବୀରତାକୁ ।

ମୋ ଦେଶର ଜଳାଶୟ, ନଦୀ, ସମୁଦ୍ର
ଗଛ, ବୃକ୍ଷ, ପର୍ବତ, ପାହାଡ ଗୁମ୍ଫାରେ
ଅନୁରଣିତ ହେଉଛି ନିରଂତର ଓଁ କାର ।

ସାର୍ବଜନୀନ ହୋଇଯାଇଛି,
ମୋ ଦେଶର ମୁନି ଋଷିଙ୍କ
ମୁଖ ନିସୃତ ଅମୃତବାଣୀ ।
ଐଶ୍ୱରିକ ଚେତନାରେ
ଗୁଂଜରି ଉଠୁଛି ଅବତାର-ପୁରୁଷଙ୍କ
ମନ୍ତ୍ରମୁଗ୍ଧ ଉଚ୍ଚାରଣ ।
କାହାକୁ ହତ୍ୟା କରୁଛି କିଏ ?
ଶରୀରକୁ ନା ଅଶରୀରୀ ଆତ୍ମାକୁ ?

୧୨୧/କ, ଡୁମୁଡୁମା (କ),
ଜାଗମରା, ଭୁବନେଶ୍ୱର-୩୦

●●●●

# ପଛଘରର ମଣିଷ

*ଡ. ନାରାୟଣ ସାହୁ*

ପ୍ରତିଦିନ ପରି ସେଦିନ ମଧ୍ୟ ଦେଖା ହୋଇଥିଲା ସନାତନବାବୁଙ୍କ ସହିତ ରବୀନ୍ଦ୍ରମଣ୍ଡପ ଛକରେ। ସେହି ଚା' ଦୋକାନରେ। ହେଲେ ଦିନ ଦଶଟା ବେଳେ ନୁହେଁ। ସକାଳ ଆଠଟାରେ। ଚା' ଆଉ ପରେ ପରେ ଟିଫିନ୍ ବରାଦ କରିଥିଲେ ନାରୁବାବୁ।

ସନାତନ ବାବୁଙ୍କ ଚକ୍ଷୁରେ ଥିଲା ବିସ୍ମୟ। ନାରୁବାବୁ ଟିଫିନ୍ କରୁଛନ୍ତି ଏଠି ! କଥାଟା କେମିତି କେମିତି ଲାଗିଲା ସନାତନ ବାବୁଙ୍କୁ। ଟିଫିନ୍ ଅଧାଅଧି ସରିଥାଏ। ମୁହଁ ଖୋଲିଲେ ସନାତନ ବାବୁ – 'ସଂସାର କେମିତି ଚାଲିଛି ? ପୁଅ ବାହାଘରକୁ ଯାଇହେଲା ନାହିଁ। ବାଲେଶ୍ୱର ବିନ୍ଦୁବଳୟ ଡ୍ରାମା ଫେଷ୍ଟିଭାଲ୍‌କୁ ଚାଲି ଯାଇଥିଲି। ହଁ, କେବେ ଡାକୁଛ ଘରକୁ? ବୋହୂକୁ ଥରେ ନିହାତି ଆଶୀର୍ବାଦ କରିବା ଦରକାର।'

ଏକାଥରକେ ଏତେକଥା କହିଗଲେ ସନାତନବାବୁ। ନାରୁବାବୁ ପ୍ରମାଦ ଗଣୁଥାଆନ୍ତି। କେମିତି ଆଉ କଅଣ କହି ଘଟଣା ଆରମ୍ଭ କରିବେ ? ଆଉ ଟିକିଏ କଥାଟାକୁ ହାଲକା କରିବାକୁ ଯାଇ ସନାତନ ବାବୁ ଆରମ୍ଭ କଲେ – 'ଏବେ ଅନେକ କାମ ହାତରେ। ଯାଇହବନି। ହେଲେ ନିଶ୍ଚୟ ଯିବି। କିଛିଦିନ ଯାଉ।'

ଦୁଃଖମିଶା ହସଟିଏ ଛାଡିଦେଇ ନାରୁବାନୁ ମୌନରେ ସମ୍ମତି ଜଣାଇଲେ। ସନାତନବାବୁ ଜାଣିପାରୁଥିଲେ, ନାରୁବାବୁଙ୍କର କ'ଣ ହୋଇଛି ! କାହିଁକି ଏତେଟା ବିଷର୍ଣ୍ଣ ! ପୁଅ ଅଧ୍ୟାପକ। ଭଲ ଚାକିରୀ। ବାଛି ବାଛି ଭଲ ଓଡିଆଣୀ ବୋହୂଟିଏ ଗାଁରୁ ଆଣିଛନ୍ତି ନାରୁବାବୁ। ଗାଁ ଝିଅ ସବୁ କାମକୁ ପାରିବ। ବି.ଏ. ପାଶ୍। କିଛି ମନ୍ଦ ନୁହେଁ। ବାହାଘର ଆଗରୁ ପୁଅକୁ ଅବଶ୍ୟ ପଚାରିଥିଲେ। ପୁଅ ସମ୍ମତି ଭରିବାରୁ ନାରୁବାବୁ ବିବାହ ପାଇଁ ଆଗେଇଥିଲେ।

ନାରୁବାବୁଙ୍କର ସ୍ତ୍ରୀ ମରିବା ଯା' ଭିତରେ ତିନିବର୍ଷ ବିତିଗଲାଣି। ଘରର ସବୁ ପର୍ବପର୍ବାଣିରେ ଘରଣୀଥିଲେ ଧୂରନ୍ଧର। ବର୍ଷତମାମ ପିଠାପଣା ଲାଗି ରହିଥାଏ। ବନ୍ଧୁବାନ୍ଧବଙ୍କର ବେଶ୍ ଚର୍ଚ୍ଚା କରନ୍ତି ନାରୁବାବୁଙ୍କ ସହଧର୍ମିଣୀ ସୁମତିଦେବୀ। ଯେତେବେଳେ ଇଚ୍ଛା, ସନାତନବାବୁ ଘରେ ପହଂଚିଯାଆନ୍ତି। ବେଶ୍ ଜମିଯାଏ ବନ୍ଧୁମିଳନ। ଖିଆପିଆ ଗପ ଭିତରେ ସମୟ ଚାଲିଯାଏ।

ବର୍ଷେହେବ ନାରୁବାବୁ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏଡେବଡ ଘରଟା ଖାଁ ଖାଁ ଲାଗୁଥିଲା। ସେଇଥିପାଇଁ ଭଲ ବୋହୂଟିଏ ପାଇଁ ବର୍ଷେ ହେଲା ଧାଁ ଧଉଡ କରୁଥିଲେ। ସନାତନ ବାବୁ ମଧ୍ୟ ଦୁଇତିନିଟି ପ୍ରସ୍ତାବ ଆଣିଥିଲେ।

ହେଲେ, ନାରୁବାବୁ ଗାଉଁଲି ଝିଅଟିଏ ଖୋଜୁଥିଲେ। ଯିଏ ଓଷାବ୍ରତ, ପୂଜାପାଠ, ପିଠାପଣା ସବୁ ଜାଣିଥିବ। ପରିବାରର ଉଚିତ ଯତ୍ନ ନେଇପାରିବ। ନିଜେ ହିଁ ଚୟନ କରିଥିଲେ ଝିଅଟିକୁ। ନାରୁବାବୁଙ୍କ ଏମିତି ଏକ ଖିଆଲକୁ ବନ୍ଧୁଗଣ ପସନ୍ଦ କରି ନଥିଲେ। ହେଲେ ନାରୁବାବୁ ନିଜ ଜିଦ୍‌ରେ ଥିଲେ ଅଟଳ। ଗାଁ ଝିଅ ସବୁ ଜାଣେ। ଯେଉଁ ଜାଗାକୁ ଗଲେ ବି ସେ ଚଳିପାରିବ। ସହରୀ ଝିଅ ପରି କାଦୁଅ ରାସ୍ତାକୁ ନାକ ଟେକିବନି। ଗାଁ ଝିଅଟି ଶାଢି, ଶଙ୍ଖା ସିନ୍ଦୂରର ସମ୍ମାନ ରଖି ପାରିବ। ଏମିତି କେତେକଣ ଭାବି ଘରକୁ ବୋହୂଟିଏ ଆଣିଥିଲେ ଗାଁରୁ। ଅଧ୍ୟାପକ ପୁତ୍ର ବି ପିତାଙ୍କ ନିଷ୍ପତ୍ତିର ପ୍ରତିବାଦ କରି ନଥିଲା। କାରଣ ମା ଚାଲିଯିବା ପରେ ବାପା ହିଁ ତାର ସବୁ ଯତ୍ନ ନେଇଥିଲେ। କଥାଟିଏ ବାପାଙ୍କୁ କହିବା ପୂର୍ବରୁ ତାକୁ ତିନିଥର ଭାବିବାକୁ ପଡେ।

କଥାର ମୋଡ ବଦଳାଇ ସନାତନ ବାବୁ ଆରମ୍ଭ କଲେ – 'ଆଚ୍ଛା ନାରୁବାବୁ, ତୁମେ ତ ଏତେ ସକାଳୁ ଆସିବା କଥା ନୁହଁ। ଘରେ ତ ନିଶ୍ଚୟ ଚା ପିଇଥିବ। ପୁଣି ଟିଫିନ୍‌ଟା ଏଠି ?' ଅଗତ୍ୟା କହିବାକୁ ବାଧହେଲେ ନାରୁବାବୁ, ଯାହା ସେ କହିବାକୁ ଚାହୁଁ ନଥିଲେ। 'ବୋହୂ ନ'ଟା ବେଳେ ଉଠିବେ। ପୁଅ କାମରେ ଲାଗିପଡିବେ। ମୋର ତ ସକାଳୁ ଚା' ପିଆ ଅଭ୍ୟାସ। ତେଣୁ ବାହାରେ ଚଳେଇ ଦେଉଚି।'

ସନାତନ ବାବୁଙ୍କ ମୁଣ୍ଡ ଝାଇଁ ଝାଇଁ କରି ଉଠି ଥିଲା। ଗାଁ ଝିଅ। ପୁଣି ଉଠିବ ସକାଳ ନ'ଟାରେ! ନାରୁବାବୁଙ୍କ ସିଲେକ୍‌ସନ ତାହେଲେ ଠିକ୍ ହୋଇନି। କେତେଦିନ ନାରୁବାବୁ ଆଡ୍‌ଜଷ୍ଟ୍ କରି ଚାଲିବେ !

କଥାଟା ସେଠି ନାହିଁ। ବାହାଘର ପ୍ରସ୍ତାବ ପଡିବା ଦିନଠାରୁ, କନ୍ୟାର ପିତାମାତା କନ୍ୟାର ହାବଭାବ ପରିବର୍ତ୍ତନ କରିବାରେ ଲାଗି ପଡିଥିଲେ। କାରଣ ବଡଘର। ଶିକ୍ଷିତ ପରିବାର। ଧନ ସଂପଦର ଅଭାବ ନାହିଁ। ସହରୀ ଜୀବନ ସହିତ ଖାପଖୁଆଇ ଚଳି ପାରିଲେ କନ୍ୟାଟି ଭଲ ବୋହୂ ହୋଇପାରିବ।

କନ୍ୟାର ବାପାମା' ଲାଗି ପଡିଥିଲେ ଝିଅ ପଛରେ। ତାକୁ ଯେମିତି ହେଉ, ଆଧୁନିକା କରିବାକୁ ପଡ଼ିବ। ଡେରିରେ ଶୋଇବ, ଡେରିରେ ଉଠିବ। କଣ୍ଟା ଚାମଚରେ ଚେୟାର ଟେବୁଲରେ ବସି ଖାଇବ, ସ୍ୱାମୀର ମନ ମୋହିବା

ପାଇଁ ଦିନରାତି ନିଜକୁ ସଜେଇ ରଖିବ, ସକାଳେ ସଂଧ୍ୟାରେ ଗୁଡ୍ ମର୍ଣ୍ଣିଂ, ଗୁଡ୍ ଇଭନିଙ୍ଗ୍ କହିବ, ବଡ ଲୋକଙ୍କ ସହିତ କେମିତି ପାର୍ଟି ପିକ୍‌ନିକ୍ ଆଟେଣ୍ଡ କରିବ, ହାତକୁ ହାତ ଛନ୍ଦି କେମିତି ନାଚିବ... ଇତ୍ୟାଦି...ଇତ୍ୟାଦି... ।

ଏ ସବୁ କାମ ପାଇଁ ପାଖ ଗାଁର ଜଣେ ଆଧୁନିକା ମହିଳାଙ୍କର ସାହାଯ୍ୟ ନେବାକୁ ପଡିଥିଲା । ଅବଶ୍ୟ ମହିଳା ଜଣକ ସ୍ୱାମୀ ପରିତ୍ୟକ୍ତା ଥିଲେ । ତେବେ ସହରୀ ଅଜବ କାଇଦା ତାଙ୍କୁ ବେଶ୍ ଭଲଭାବେ ଜଣାଥିଲା, ଯେଉଁଥିପାଇଁ ସ୍ୱାମୀ ତାଙ୍କୁ ଡାଇଭୋର୍ସ କରିଥିଲେ । ଏଇ ମହିଳାଜଣକ ନାଚଗୀତରୁ ଆରମ୍ଭ କରି କଥନଭଙ୍ଗୀ ପର୍ଯ୍ୟନ୍ତ ସବୁକିଛି ଝିଅକୁ ଅଭ୍ୟାସ କରାଇ ଦେଇଥିଲେ । ଏଇମିତି ଦି’ ମାସ ଚାଲିଥିଲା ଝିଅର ଟ୍ରେନିଂ । ନୂଆ ରଚି ପ୍ରତି ଝିଅର ଆକର୍ଷଣ ଦେଖି ମହିଳା ମଧ୍ୟ ବେଶ୍ ଖୁସି ହୋଇଥିଲେ । ଝିଅର ପିତାମାତା ବି ।

ବାହାଘର ଭୋଜିଭାତ ସରିଲା । ଗାଁ ଝିଅ ସହରକୁ ବୋହୂ ହୋଇ ଆସିଲା । ନାରୁବାବୁ ଭାବିଥିଲେ, ଘରେ ସୁମତୀଙ୍କର ଶୂନ୍ୟସ୍ଥାନଟିକୁ ପୂର୍ଣ୍ଣକରିବ ବୋହୂ । ହେଲେ ସବୁ କିଛି ଘଟିଲା ତାଂକ ଆଶାର ବିପରୀତ ଭାବେ । ପ୍ରଥମ ଝଟ୍‌କା ଲାଗିଥିଲା ନାରୁବାବୁଙ୍କୁ, ଯେଉଁଦିନ ବୋହୂ ମାରୁବାବୁଙ୍କୁ ଗୁଡ୍ ମର୍ଣ୍ଣି କହି ପ୍ରଶ୍ନ କରିଥିଲା – ‘ଡାଡି, କ୍ଷୀର ଚା ଆପଣଙ୍କ ସ୍ୱାସ୍ଥ୍ୟ ପକ୍ଷେ ଭଲନୁହେଁ । ବ୍ଲାକ୍ ଟି ପିଅନ୍ତୁ । ସୁଗାର ନ ମଶାଇଲେ ଭଲ ।’ ମୁଣ୍ଡ ଟୁଙ୍ଗରିବା ଛଡା ଅନ୍ୟ ଗତି ନଥିଲା ନାରୁବାବୁଙ୍କର ।

ମାସକ ପରେ ପଡିବ ମାଣବସା ଗୁରୁବାର ଓଷା । ସୁମତି ମଲା ପୁର୍ବରୁ ନିଜ ବୋହୂ ପାଇଁ ଖଟୁଲି, ପିଢା ଆଦି ମାଣବସାର ସବୁ ସାଜ ସରଂଜାମ ସାଇତି ରଖିଯାଇଥିଲେ । ନାରୁବାବୁ ମଧ୍ୟ ବହୁତ ଆଶା କରିଥିଲେ, ବୋହୂ ଘରର ସବୁ ଓଷାବ୍ରତ ପର୍ବପର୍ବାଣିକୁ ସୁମତିଙ୍କ ପରି ଜାରି ରଖିବେ । ବୋହୂର ଢଙ୍ଗଢାଙ୍ଗରୁ ଜଣା ପଡୁ ନଥିଲା, ସେ ଗୁରୁବାର ଓଷା କରିବ ବୋଲି । ତଥାପି ଭରସି କରି ନାରୁବାବୁ କହିଲେ, ‘ମା, ମାସକ ପରେ ମାଣବସା ଗରୁବାର । ତମ ଶାଶୂ ସବୁ ସଜେଇ କରି ରଖିଦେଇଛି । ବଡି ଭୋରୁ ଉଠି ମାଣ ବସେଇବାକୁ ପଡିବ । କିଛି ଖାଇବନି ।’

ବୋହୂ ତତ୍‌କ୍ଷଣାତ୍ ଉତ୍ତର ଦେଇଥିଲା – ‘ଡାଡି, 21st Century ରେ ତୁମେ ଏସବୁ କଥା କେମିତି ଚିନ୍ତା କରିପାରୁଛ ! ତାପରେ, ମୁଁ ଫାଷ୍ଟିଙ୍ଗ୍ କରିପାରେନା । ମୋର ଏସିଡିଟି ପ୍ରୋବ୍ଲେମ୍ ଅଛି । ମୋ ବୋଉ କହିଛି, ଯଦି ଓଷାବ୍ରତ କରି ନପାରିବୁ, ତାର ସାଜ ସରଂଜାମ ପାଣିରେ ଉଝେଇଦେବୁ । ଡାଡି, ପାଖରେ ଏଠି ନଈ କି ପୋଖରୀ କୋଉଠି ଅଛି ?’

ଭାବି ପାରୁନଥିଲେ ନାରୁବାବୁ । ଖାଲିଏତିକି କହିଥିଲେ – ‘ଠିକ୍ ଅଛି’ । ବୋହୂ ଓ ପୁଅ ଗାଡି ଧରି ବାହାରି ଯାଇଥିଲେ । ଗଲାବେଳେ ବୋହୂ କହୁଥିଲା – ‘ଡାଡି, ଆମେ ବାହାରେ ଆଜି ଖାଇବୁ । ତମେ ଚଳେଇନବ । ରାତିକୁ ଆମେ ପ୍ୟାକିଙ୍ଗ୍ କରି ନେଇଆସିବୁ ତମପାଇଁ ।’

ନାରୁବାବୁ ଯାଇଥିଲେ ଘର ଭିତରକୁ । ସୁମତିଙ୍କ ଫଟୋ ପାଖକୁ । ଯାହାର ପ୍ରମୋଶନ ହୋଇଥିଲା ଡ୍ରଇଂରୁମ୍‌ରୁ ଷ୍ଟୋରରୁମ୍‌କୁ । ଘଡିଏ ଚାହିଁ ରହିଲେ ସୁମିଙ୍କ ଫଟୋକୁ । ଗୁଣୁଗୁଣୁ ସ୍ୱରରେ କହିଲେ – “ତମେ ପୂର୍ବରୁ ଖସିଯାଇ ଭଲକରିଛ । ଅନ୍ତତଃ ଏଗୁଡାକ ସବୁ ଦେଖିବାକୁ ପଡିଲାନି । ତମ ପସନ୍ଦର ଗାଁଉଲି ଝିଅଟିକୁ ବୋହୂକରି ଆଣିଥିଲି । ଏବେ ଭାବୁଛି । ଆମ ଐତିହ୍ୟ, ପରଂପରା, ରୀତିନୀତିକୁ ଏ ଝିଅ ପୋଡି ଖାଇଦେବ । ତମ ପୁଅଟା ବି ମାଇଚିଆ, କିଛି କହୁନି ବୋହୂଟାକୁ !”

ନିଜ ଭିତରେ ଖୁବ୍ ଭାଙ୍ଗି ପଡୁଥିଲେ ନାରୁବାବୁ । କାହା ସହିତ ମନଖୋଲି କଥାବାର୍ତ୍ତା ମଧ୍ୟ କରିପାରୁ ନଥିଲେ । ତାଂକୁ ବୁଝିବା ଭଳି ଲୋକଟି ଥିଲେ କେବଳ ସନାତନବାବୁ । ଯାହାଙ୍କ ସହିତ କିଛି ଅନ୍ତରଙ୍ଗ କଥା ଗପି ପାରୁଥିଲେ । ଆଜି କିନ୍ତୁ ନାରୁବାବୁ....... ।

ମୁହଁ ଖୋଲିଲେ ସନାତନବାବୁ – ‘ଆଉ କପେ ଚା’ ଚଳିବ ? ଆରେ ମନୁ, ଚା’ ଦିଟା ଦବୁ । ନିଜ ଭିତରେ କିଛି ଲୁଚାଇ ରଖନି । ଖୋଲିଦିଅ । ଭାରି ହାଲ୍‌କା ଲାଗିବ । ବୋହୂଟି ନିଶ୍ଚୟ କିଛି ଅସୁବିଧା ସୃଷ୍ଟି କରିଛି ।’

ନାରୁବାବୁ ମୁହଁ ଖୋଲିଲେ – ‘ଗାଁରୁ ଝିଅଟିଏ ବୋହୂକରି ଆଣିଥିଲି । ଭାବିଥିଲି, ସିଏ ଆମ ପରଂପରା ବଂଚେଇ ରଖିବ । ଆମକୁ ପାଣିପଣା ଦେବ. ହେଲେ, ସେ ତ ପୂରାପୂରି ଓଲଟା । ଭାବିଥିଲି କ’ଣ, ହେଲେ ଘଟିଲା କ’ଣ !’

ସନାତନ ବାବୁ ସ୍ମିତ ହସ ହସି ଉତ୍ତର ଦେଲେ –‘ ଆମେ ସବୁ ବୁଢା ହୋଇଯାଇଛେ । ସେମାନଂକ ପାଇଁ ଅଲୋଡା । ତାଙ୍କ ପାଇଁ ଟିଭି, ଇଣ୍ଟରନେଟ୍, ସ୍ମାର୍ଟଫୋନ୍ ରହିଛି । ଆମବେଳେ ଏ ସବୁ ନଥିଲା । ଯୁଗ ସହିତ ମଣିଷର ହାବଭାବ ବି ବଦଳିଯାଉଛି । ଗାଁ ଗୁଡାକ ଆଉ ଗାଁ ହୋଇ ରହିନି । ସେଗୁଡାକ ମିନି ସହର ପାଲଟି ଯାଇଛି । ତେଣୁ ଗାଁରେ ରହୁଥିବା ପିଲାଏ ବଦଳିବାକୁ ବାଧ୍ୟ । ହଁ, ଆମକୁ ସେମାନଂକ ସହ ତାଳଦେଇ ଚାଲିବାକୁ ହେବ । ଆମର ସ୍ଥାନ ଆଉ ଆଗଘର ନୁହେଁ, ଆମେ ଚାଲିଯିବା ପଛଘରକୁ । ସେଇଠି ରହି ପରଂପରା ସହିତ ଏକାନ୍ତରେ କଥାହେବା । ଯାହା ଯାଇଛି, ଯାଇଛି । ଯାହା ଅଛି, ସେଗୁଡିକୁ ଅନ୍ତତଃ ବଂଚେଇବାକୁ ଚେଷ୍ଟାକରିବା ।’

କଥାଟା ନାରୁବାବୁଙ୍କ ମନକୁ ପାଇଥିଲା । ସିଏ ଚିନ୍ତା କରୁଥିଲେ ପଛଘର କଥା । ଯାହା ଚାକର ପାଇଁ ତିଆରି ହୋଇଥିଲା । ତାକୁ ଏଣିକି ସଜାଡିବାକୁ ପଡିବ । ଘରର ଯନ୍ ପାଇଁ ପିଲାଏ କେବେ ପଇସାଟିଏ ବାହାର କରିବେନି । କିଛି ବ୍ୟସ୍ତ ହେବାର ନାହିଁ । ଏ ପଛଘରର ମଣିଷଟା ନିଶ୍ଚୟ କାମରେ ଆସିବ । ନିଜ ଘର ତ ! !

ଜି.ଏଲ୍ – ୨୪, ବୀର ସୁରେନ୍ଦ୍ର ସାଏ ନଗର,
ବାଣୀବିହାର, ଭୁବନେଶ୍ୱର, ୭୫୧୦୦୭
ମୋ – ୯୪୩୭୯୧୯୧୨୩

●●●●

# ଅଲିଭା ବାର୍ତ୍ତା

*ଡ. ରାମଚନ୍ଦ୍ର ମହାନ୍ତି*

କାହାଣୀ ପରି ମନେହୁଏ । କିନ୍ତୁ ଘଟଣା ପ୍ରବାହଟି ଏକ ନିଚ୍ଛକ ସତ୍ୟର ଅବତାରଣା ମାତ୍ର । ମହାନଦୀ କୂଳର ମଣିଭଦ୍ରା ପାହାଡ ତାର ମୂକସାକ୍ଷୀ । ସାତକୋଶିଆ ଗଣ୍ଡର ଅନତି ଦୂରରେ ପୁରୀ ଜିଲ୍ଲାର ଦଶପଲ୍ଲା ବ୍ଲକ । ସେଠିକାର ଛାଡମୂଳ ଗାଁର ଅନ୍ତେବାସୀମାନେ ଆଜି ବି ସେଇ ଗଛବୃଚ୍ଛ ବାବାଙ୍କର ଅଘୋଷିତ ଆଦର୍ଶରେ ଅନୁପ୍ରାଣିତ । ପ୍ରକୃତିର ସମ୍ପଦ ଅମୂଲ୍ୟ । ସେଇ ସମ୍ପଦର ସଂରକ୍ଷଣ ମଣିଷ ଜୀବନକୁ ବିପଦମୁକ୍ତ କରେ, ଏହି ଅନୁଭବ ଦେଇଛନ୍ତି ସେଇ ବାବା । କେତେ ପୁରୁଷର ଘଟଣା ହେଲେବି ଲୋକମାନଙ୍କର ମାନସପଟରୁ ପୋଛି ହୋଇଯାଇନି ସେ ଆଦର୍ଶ । ଅଙ୍ଗେ ନିଭାଇଥିବା ବିପତ୍ତିର ପ୍ରତିକାର ପାଇଛନ୍ତି ଏଇ ସାଧାରଣ ମୂଲ୍ୟବୋଧରୁ । କହିବା ବାହୁଲ୍ୟ ଏହି ଯେ, ଗଛବୃଚ୍ଛ ବାବା ଚିର ଅଭୁଲା ହୋଇ ମଣିଭଦ୍ରା ଉପରେ ଯେ ଘୁରି ବୁଲୁଛନ୍ତି, ଏଇଟା ହୋଇଯାଇଛି ସମସ୍ତଙ୍କ ଅନୁଭବ ।

ସିଏ ସୁନାର ମଣିଷଟିଏ । ଦରଦୀ ହୃଦୟ ନେଇ ସଭିଙ୍କ ଅନ୍ତରର ବ୍ୟଥା ଠିକ୍ ବୁଝୁଥିଲା । 'କା' ସାଜି କେତେ ଯେ ମୁହଁରେ ହସ ଫୁଟାଇ ପାରିଛି, ତା'ର ହିସାବ ରଖିନି କି ରଖିବାର ଆଗ୍ରହ ନାହିଁ । ଠୁମୁରି ଅଜା ପାହାଡ ଉପରେ କୁଡିଆରେ ରହି ନାଳଦଣ୍ଡା କଡର କଙ୍କାଳ ସର୍ବସ୍ୱ ମଣିଷକୁ ଚିହ୍ନିନେବା ପରି, ତା କାନିରେ ଦାଣ୍ଡ ଅଗଣାକୁ ଝାଡି ପାଇଥିବା ପାଉଣା ଭରିଦେଲା ପରି କି ଶଅର ସାହିର ଗାନ୍ଧୀ ନିର୍ବାସିତ କୁଷ୍ଠ କୁଟୀରର ଗଳିତ ଚର୍ମକୁ ନିର୍ମଳ କରି କପଡାରେ ପୋଛିଦେବା ପରି । ସିଏ ଅଲୋଡା ଭୂଇଁରେ ମାଳ ମାଳ ନିମ୍ବଗଛ ଲଗେଇଛି । ଅନେକ ଦିନ ପରେ ଆଜି ସେ ଗଛବୃଚ୍ଛ ଭେଦି ମଳୟ ବହୁଛି । ପକ୍ଷୀ ମାନଙ୍କର କାକଳିରେ ଫାଟି ପଡୁଚି ସେ ପରିବେଶ । ଗଛବୃଚ୍ଛର ମଣିଷ ସିଏ ।

ଗାଁ ଲୋକଙ୍କ କାମରେ ସହାୟ ହେଉଛି ଏହି ନିମ୍ବ । କାହା ଦେହରେ ମାହାପ୍ରଭୁ ଲାଗିଲେ, ଡାଳପତ୍ରର ସିଝାପାଣିରେ ଠିକ୍ ସାତଦିନପରେ ହଳଦି ଲଗାଇ ସାହି ପୁଅଝିଅ ଗାଧୋଇ ପଡ଼ନ୍ତି । କେହି କହି ତାକୁ ପିଇ ପେଟରୁ କୁରୁମି ବି ସଫା କରିଦିଅନ୍ତି । ସକାଳୁ ସକାଳୁ ପୋଖରୀପାଣି ସାରି ନିମ୍ବ ଦାନ୍ତକାଠିରେ ଦାନ୍ତ ଘଷିବା ନିତିଦିନିଆ ଅଭ୍ୟାସ । ଦୋଳମେଳଣ ସରିଗଲା ପରେ ନିମ୍ବ ଫୁଲରେ ଭରିଯାଏ ଠୁମୁରି ଅଜାର ନିମ୍ବ ବଗିଚାଟି । ଗାଁ ଲୋକ ଦୋଳ ପରବ ବେଳକୁ ଗଛରୁ ନିମ୍ବକଢ ସାଉଁଟି ସାଉଁଟି ଚଟଣି, ଖରଡା କି ପିଠା କରି ଖାଆନ୍ତି । ଏମିତିକି ଗରିବ ଗୁରୁବା ମୁଣ୍ଡରେ ନେଇ ହାଟ ବଜାରରେ ବିକ୍ରି କରନ୍ତି । ଝଡି ପଡୁଥିବା ପତ୍ରଫୁଲଫଳକୁ ପଡିଆ ଭୂଇଁରେ ପିଡିଆ କି ଖତ କରି ଫସଲ କରୁଛନ୍ତି ଗାଁର ଲୋକମାନେ । ନିମ୍ବଫଳରୁ ତେଲ ବାହାର କରିବା ଆଜିକାଲିକା ଲୋକ ଶିଖିଗଲେଣି । କିରୋସିନି ଟିରୋଟ ପଡିଲେ ନିମ୍ବ ତେଲରେ ଡିବିରି ଜଳୁଛି । କିଛି ନ ହେଲେ ଗମ୍ଭିରା ଭିତରେ ଦୀପଟିଏ ଜଳିବ । ବାରଣ୍ଡା ଆଲୁଅରେ ଚାଉଳ ଦିଟା ତ ଫୁଟାଇହେବ । ପିଲାମାନେ ଘଣ୍ଟେ ପଢ଼ିପାରିବେ । ପୁଣି ନିମ୍ବତେଲର କେତେ ଯେ ଔଷଧିୟଗୁଣ । ନିମ୍ବପତ୍ର ତ ମହୌଷଧି ।

ଖଣ୍ଡମଣ୍ଡଳରେ ପବନ କୁଆଡେ ରୋଗ ବଇରାଗର ଭଗାରି । ବଳୟ ପରାୟ ଜଗିରହେ ମଣିଷ ଶରୀରକୁ । ସକାଳେ ସଞ୍ଜେ ନିମ୍ବ ବଗିଚାରେ ବୁଲି ଆସିଲେ ମନରେ ଉନ୍ମାଦନା ସଊରେ । ଖରାବେଳେ ଗାମୁଛା ପାରି ଦି' ଘଣ୍ଟା ଶୋଇପଡିଲେ, କି ଶାନ୍ତି ! ରୋଗ ନା ଫୋଗ ! ନିମ୍ବଗଛର ଯେତେ ଅସୁମାରି ଗୁଣ ସବୁର ମୂଳ ଠୁମୁରି ଅଜା । କେଉଁ ବେଳରେ ଏ ବଗିଚାଟି ବଢେଇଛନ୍ତି, ତାହାର ଉପକାର ନେବାରେ ଗାଁର ଲୋକମାନେ କେବେ ପଛେଇନାହାନ୍ତି । ଏଥିପାଇଁ ମନରେ ଅଜାର ଶତ ପ୍ରଶଂସା ।

ଠୁମୁରି ଅଜାର ଗୁଣ ବି ଠିକ୍ ନିମ୍ବଗଛ ପରି । ସମୟର ପରିକ୍ରମାରେ ସେ ଗାଁ ଗାଁ ବୁଲି ଲୋକଙ୍କ ଦୁଃଖସୁଖରେ ସହଭାଗୀ । ଦୁଃଖୀର ଅବେଳାରେ ସମ୍ବେଦନା ଓ ସହାନୁଭୂତିରେ ମନ ବଦଳେଇବାରେ ଲାଗିଥାଏ ଠୁମୁରି ଅଜା, କେବେ ବି ପର ବୋଲି ଭାବେନା । ଠୁମୁରି ଅଜାର ଖାଇବା ଶୋଇବା କେହି ଦେଖନ୍ତି ନି । ଲୋକ ଦେଖନ୍ତି ସବୁ କାମରେ ନସରପସର ହୋଇ ଲାଗିଥାଏ ।

ଆଜି ସିଏ ଶୋଇ ଶୋଇ ଭାବୁଚି ତା'ର ବୁଢୀ ମା କଥା । ସ୍ୱର୍ଗକୁ ଚାଲିଗଲାଣି ସିନା, କିନ୍ତୁ ସପନରେ ଆସେ । ଫୁଲମାଳଟିଏ ଆଣି କହେ, "ତୁ କେବେ ବଡ ହେଲୁରେ ? ଗାଁଟା ଯାକର ସେବାରେ ଲାଗିଚୁ ? କାଲି ମୋ କୋଳରେ ଏତେ ଅଝଟ ହେଉଥିଲୁ । ବଣ ଜଙ୍ଗଲକୁ ଯାଇ ଭଇଁଚ, ଖଜୁରୀ, ଜାମୁ କୋଳି ତୋଳିବୁ, ଗୁଞ୍ଜର ପୋକଟିଏ ଧରି ପୋଷିବୁ ବୋଲି ଜିଦ୍ ଧରୁଥିଲୁ । ତୋ ସାଙ୍ଗ ପବନା ବାଡିଖଣ୍ଡେ ଧରି ତୋରେ ଅପେକ୍ଷା କରିଥାଏ । ହେଲେ ତତେ ମୁଁ ଛାଡେନି ତା ସାଥିରେ । ତା ମା ଦିନରାତି ମୋତେ ସଂପୁଛି, କେତେ ଶାପ ଦେଉଚି ତୋ ସହିତ ତା ପୁଅ ମିଶୁଚି ବୋଲି । ସିଏ ତ ଦି ପାଞ୍ଜିରୁ ଗଲାଣି, ଆଉ କହୁଚି ନା କଅଣ ତୁ ତାକୁ ଅବାଟରେ ନେଉଛୁ ! ତୁ ମୋ ସୁନାଟା ପରା । ମୋ କଥା ମାନ । ସବୁବେଳେ ମୋ କାନିତଳେ ଥାଆ । ମତେ ଛାଡି କୁଆଡେ ଯାଆନା.... । କଥାଟା ଅସ୍ପଷ୍ଟ ହୋଇଯିବା ପରେ ବୁଢୀମାର ଫୁଲମାଳ କୁଆଡେ ଧୂଆଁ ଭିତରେ ମିଳେଇଯାଇଚି । ଧୂମାଳ ଆକାଶ ଭିତରେ ହଜିଯାଇଚି । ଆଉ ଆଇମା ଦୃଷ୍ଟିଗୋଚର ହେଉନି । ହୁଏତ କାଲିକୁ ଆସିବ ।

ବୁଢୀମା' ର ଖାତିର ଥିଲା ଅନେକ। ଲୋକ କହନ୍ତି ସିଏ ସତ୍ୟଯୁଗର ଲୋକ। ପୁଣ୍ୟବଳରେ ଏତେକାଳ ବଞ୍ଚିରହିଥିଲା। ତା ନାଁରେ ଦୀପ ଜଳିଚି ସିନା କେବେ ନିଶାପ ବସିନି। ଗୁଜବ ଉଠିନି। ଗାଁର ସବୁ ଉଚ୍ଛବରେ ସିଏ ଲୋଡା ହୁଏ। ହସ ହସ ମୁହଁ, ଦୁଃଖୀ ମନର ସହାୟ। ବିପଦ ଆପଦରେ ଠିଆହୁଏ, ଦି ପଦ ଆଶ୍ୱାସନା ଦିଏ। ଦୁଃଖ ହରିବାକୁ ମନ ବୁଝାଏ, ଶକ୍ତିମତେ ସାହାଯ୍ୟ କରିବାରେ ପଛୁଆ ନୁହଁ। ତା ଅନ୍ତେ, ଏବେ କଥା କଥାରେ ବୁଢୀମା ମନକୁ ଆସେ। ସିଏ ମନରୁ ଲିଭିବନାହିଁ।

ନିଜ ବୁଢୀମା'କୁ ଆଦର୍ଶ କରି ଠୁମୁରି ଅଜା ନିଜର ପ୍ରତିଟି ପାହୁଣ୍ଡ ଚାଲୁଚି। ମନ ଉନ୍ମାଦନାରେ ଆଗକୁ ପାଦ ବଢେଇଚି। ପରକୁ ନିଜର କରିଛି, ଭୋକିଲା ମୁହଁରେ ହସ ଫୁଟାଇଚି। ଦିନରାତି ଗାଁ ଗାଁ ବୁଲି ରୋଗ ବଇରାଗରେ ସବୁରି ସେବା କରିଚି। ନିଜେ ସମାଜ ଓ ସାମାଜିକତା କଅଣ ନଜାଣି ବି ସେ ସମାଜରେ ସମସ୍ତଙ୍କର ଅନ୍ତରଙ୍ଗ ସାଜିଛି। କାହାରି ପ୍ରଶଂସା ଲୋଡିନି। ସେବାକୁ ପରମଧର୍ମ ଆଦରି ନେଇ ଆଉ ସବୁ କାମକୁ ତୁଚ୍ଛ କରିଦେଇଚି।

ଗଲାସନ ମରୁଡି ପଡିଲା। ଗାଈଗୋରୁ କ୍ଷେତ ଚରିଲେ। ଫସଲ ଉଜୁଡିଗଲା। କିଏ କୋଉଠି ମାଟି କି ଗୋବର ପାଇବ ଯେ ବିଲବାଡି ଫସଲଯୋଗ୍ୟ କରିବ ? ଚାଷୀ ମୁଣ୍ଡରେ ହାତଦେଇ ବସିଚି। ଚଡକ ପଡିଲା। ଇନ୍ଦ୍ରଦେବତା କାହିଁକି କୋପ ସାଧିଲେ ? ସୁଧାର ହେବା କିପରି ଅନ୍ଧକାର ଦେଖାଯାଉଚି। ଜୀବନ ବଞ୍ଚେଇବାର ରାହା ନାହିଁ। ପେଟ ବିକଳରେ ଲୋକ ବଣ ଜଙ୍ଗଲରୁ କନ୍ଦା ଆଉ କୋଳି ଖାଇ ବଞ୍ଚୁଛନ୍ତି। ଭଳି ଭଳିକା ଅଖାଦ୍ୟ ଶାଗ। ଶୁଖିଲା ପୋଖରୀର ପଦ୍ମନାଡ। ଯେତେ ପ୍ରକାର ଫଳ ଅଛି ବଣରେ। ପେଟ ପାଇଁ ସବୁନାଟ। କେତେ ଯେ ଗାଁ ଘର ନିଶୂନ ହୋଇଗଲା ଖାଦ୍ୟ ଅଭାବରେ। ତିରୋଟ ସମୟରେ ଜୀବନ ବଞ୍ଚାଇବାକୁ ଚାରିଦିଗକୁ ଲୋକ ଡହଳବିକଳରେ ଧାଇଁ ଚାଲିଲେ। କେତେଦିନ ବାହାରେ ରହିବେ ? ଏ ବରଷ ବରଷା ଆଗରୁ ଫେରିଲେ ଗାଁର ସେଇ ଉଜୁଡି ଯାଇଥିବା ଓଳିତଳକୁ।

ବରଷା ଏ ସନ ହସ ଫୁଟାଇଛି ଚାଷୀମନରେ। ମୂଷଳ ଧାରାରେ ବରଷା ! କାଲିର ଜଳନ୍ତା ଅଗ୍ନିପିଣ୍ଡ ସାଜିଥିବା ସୂର୍ଯ୍ୟ ଆଜି ସୁନାର ଟୀକା ଆଙ୍କି ଦେଉଚି ପଲ୍ଲୀଶ୍ରୀର ସଲ୍ଲଜ ଲଲାଟରେ ! କଇଁ ଆଉ ପଦ୍ମର ଶୋଭା ଗାଁ ପୋଖରୀରେ। ନଈତୁଠରେ କାଶତଣ୍ଡୀର ପଟୁଆର। ବିସ୍ମୃତ ହେବାକୁ ବସିଲାଣି ଗଲାସନର ତିରୋଟ। ଉଜୁଡା ବେଳଗତ ହୋଇଚି। ନୂଆ ସକାଳ ହଜେଇଦେଇଛି ପଛ କଥା। ପୁଣି ସବୁଜ କ୍ଷେତରେ ପବନରେ ଲହରାଉଥିବା ସୁପୁଷ୍ଟ ଧାନବିଲ ମନ ପୂରାଇ ଦେଉଚି। ପୋଛି ନେଉଚି ଗଲା ବରଷର ଅଖାଦ୍ୟର ରଚି, ଉଜ୍ଜ୍ୱଳ ଭାବନାରେ ଆଗକୁ ଆଗକୁ ସମସ୍ତେ ଆଶାର ସଓାର କରିଚାଲିଛନ୍ତି।

ଦୂରରୁ ଚାହିଁଚି ମଣିଭଦ୍ରା। ନିର୍ଦ୍ଦୟ ମଣିଷର ଜ୍ୱାଳା ସହି ନପାରି ସବୁଜିମା ହରାଇଚି ଚିରକାଳପାଇଁ। ବରଷାରେ କିଛିଟା ବୁଦବୁଦିଆ ଜଙ୍ଗଲ କ୍ଷୀଣ ହାସ୍ୟ ଫୁଟାଇଚି ମଣିଭଦ୍ରା ମୁହଁରେ। ଅସଜଡା ଦୁନିଆଟା ଟିକେ ପ୍ରକୃତିସ୍ଥ ହୋଇଚି କି ନାହିଁ, ଆକାଶରେ ଦିଶୁଚି ଅଶୁଭ କଳା ବାଦଲ। ହଠାତ୍ କରୁଣାମୟୀ ପ୍ରକୃତି କାହିଁକି ରୂପ ବଦଳାଇ କ୍ରୋଧିତ ହୋଇଗଲେ ? ଘନଘନ ବିଜୁଳି। ଘଡଘଡି ଧ୍ୱନିରେ ଚମକୁଚି ଧରା। ଆକାଶର ବକ୍ଷଚିରି ଅବାରିତ ବର୍ଷା, ବଜ୍ରପାତ। କଅଣ ମଣିଷ କୁଠାରାଘାତ କରିଛି ଗଛ ପତ୍ରରେ, ଜଙ୍ଗଲ ନାଶରେ, ବିଜ୍ଞାନର ପରାକ୍ରମରେ ?

ଚାଷୀକୁଳ ଦୁଃସ୍ୱପ୍ନରେ ଜର୍ଜରିତ। ଜଳବହୁଳ ସୃଷ୍ଟି ନାଶ କରିବାକୁ ତତ୍ପର। କାଳବର୍ଷା ଲାଗିରହିଛି। ଜଳାର୍ଣ୍ଣବ ହେଲାଣି ବିଲବାଡି। ଗ୍ରାମଦେବତୀଙ୍କୁ ପୂଜା ମନାସିବା ଛଡା କୌଣସି ଉପାୟ ଦେଖାଯାଉନି କାହାକୁ ଏସନର ଧୋଇକୁ ପ୍ରତିରୋଧ କରିବାକୁ।

ଆହୁରି ବିପଦ ପାହାଡ ଆଡରୁ। ଧସୁଛି ମାଟି ଅତଡା। ବୋଝ ଉପରେ ନଳିତା ବିଡା। କାଳବରଷା, ତହିଁକୁ ପାହାଡ ମାଟିର ସୁଅ। ଦିନ ଦିଟାରେ ଚାଷଜମି ପୋତିହେବା ନିଶ୍ଚିତ। ବୁଦ୍ଧି ହଜିଗଲା ଲୋକମାନଙ୍କର।

ଉପାୟଶୂନ ହୋଇ ଧାଇଁଲେ ଗଛବୃଚ୍ଛ ବାବାଙ୍କ ପାଖକୁ। ଆଉ ତ କେହି ସହାୟ ନାହିଁ। ଯଦି କିଛି ଉପାୟଥିବ ବାବାଙ୍କର, ଚାଷୀର ଉଜୁଡା ସଂସାରକୁ ବଞ୍ଚାଇହେବ।

କାହିଁ ପ୍ରକୃତିର ତାଣ୍ଡବ, କାହିଁ ଏ ଧୂଳିଆ କୌପୁନି ପରିହିତ ଗଛବୃଚ୍ଛ ବାବା ! ଏଇ କ୍ଷୀଣ କୁଟୀରସ୍ଥ କଙ୍କାଳସାର ବାବା କେମିତି ହେବ ଅଗଣିତ ଲୋକଙ୍କର ତ୍ରାଣକର୍ତ୍ତା ?

ସତରେ ବାବା ଉପାୟଶୂନ୍ୟ ନୁହଁନ୍ତି। ନିଜର ପଚଣ୍ଡ ଆତ୍ମବିଶ୍ୱାସ ଓ ଆତ୍ମପ୍ରତ୍ୟୟ। ଏତେ ଲୋକ ଶକ୍ତି ବଳରେ ସିଏ ଯେ ପ୍ରକୃତିର ତାଣ୍ଡବର ରୂପ ପରିବର୍ତ୍ତିତ କରିପାରିବେ, ସେ ବିଶ୍ୱାସ ଆସିଛି ଏହି ଦୃଢଚେତ ବାବାଙ୍କର।

ସଭିଙ୍କୁ ନେଇ ବର୍ଷାର ପ୍ରତିକୂଳରେ ବାବା ଚାଲିଲେ ପାହାଡକୂଳକୁ। ସମସ୍ତେ ବଡବଡ ପଥର ଖଞ୍ଜିବା ଆରମ୍ଭ କରିଦେଲେ। ସହସ୍ରହାତ। ପାଣି ମାଟିର ସୁଅକୁ ଉପରୁ ତଳକୁ ଦିଗ ପରିବର୍ତ୍ତନ କରିବା ଗହନ କାମ ହୋଇପାରେ, କିନ୍ତୁ ସମ୍ଭବ।

ବାବାଙ୍କ ଆହ୍ୱାନ – ପାହାଡି ବନ୍ଧ ଯୋଡିବା। ପଥର ଗୋଡି ଧାଡିକରି ପାଣି ସୁଅକୁ ବିଲମୁହଁରୁ ଦୂରକୁ ପରିବର୍ତ୍ତନ କରିବା ହେଲା ଉପସ୍ଥିତ ବୁଦ୍ଧି। ଲୋକ ଖିଆପିଆ ଭୁଲି ଘଣ୍ଟାଘଣ୍ଟା ବରଷାରେ ଭିଜି ବନ୍ଧବାଡ କରିବାରେ ଲାଗିପଡିଲେ। ପାଣି ମାଟି ତାଙ୍କ ବାଟ ଧରିଲେ। ମଣିଭଦ୍ରାକୂଳ ଚାଷ କ୍ଷେତ୍ର ବିପଦମୁକ୍ତ ହେଲା।

ନେତୃତ୍ୱ ନେଇଥିବା ବିପଦ ସମୟରେ ବାବାଙ୍କ ଉପସ୍ଥିତ ବୁଦ୍ଧି ଓ ବିଶ୍ୱାସକୁ ଲୋକ ପ୍ରଶଂସାକଲେ। ଏମିତି ଉତ୍ସର୍ଗୀକୃତ ଜୀବନ କେତଜଣଙ୍କର ଅଛି ? ବାବା ନିଜେ କିଛି ନ ଚାହିଲେ ବି ଗାଁ ଗାଁର ଲୋକମାନେ ବାବାଙ୍କୁ ନିଜର କରିନେଲେ। ଗଛବୃଚ୍ଛ ବାବା। ଗଛ ପରି ଦୃଢ – ଗଛ ପରି ଉପକାରୀ !

ବାବା କିନ୍ତୁ ଅଳ୍ପକେ କହିଲେ, "ପରିବେଶ ତୁମର ସ୍ରଷ୍ଟା। ପରିବେଶ ନ ବଞ୍ଚାଇଲେ, ବିନାଶ ଅବଶ୍ୟମ୍ଭାବୀ ! ଆରମ୍ଭ କରିବା ମଣିଭଦ୍ରାରେ ବୃକ୍ଷରୋପଣ। ସବୁଜିମା ଜୀବନର ଆଧାର। ବିନା ଗଛ ପତ୍ରରେ ମଣିଭଦ୍ରା ଯେମିତି ଲଣ୍ଡିତ, ସବୁ ବିପଦ ଆସି ମଣିଷ ମୁଣ୍ଡରେ ପଡିବା ସୁନିଶ୍ଚିତ।"

ଅଦ୍ୟାବଧି ଗ୍ରାମବାସୀଙ୍କର ପ୍ରଚେଷ୍ଟା ଓ ରକ୍ଷଣାବେକ୍ଷଣ ଶୈଳୀ ପର୍ବତକୁ ପୁନର୍ଜନ୍ମ ଦେଇଛି। ଏହା ରାଜ୍ୟର ପ୍ରବେଶ ରହିତ ଜଙ୍ଗଲାଞ୍ଚଳ ମାନ୍ୟତା ଆଣିଛି। ଛାତମୂଳ ଗାଁର ଏହି କୃତିତ୍ୱ ସାତକୋଶିଆ ଗଣ୍ଡ ପରିପାର୍ଶ୍ୱର ଅଞ୍ଚଳରେ ହୋଇ ପାରିଛି ବିରାଟ ଆହ୍ୱାନ !

*ଗଜପତି ନଗର, ଭୁବନେଶ୍ୱର*

*ମୋ – ୯୪୩୭୨୩୧୯୯୪*

●●●●

# ଓଡ଼ିଆ ଜାତିର ପରିଚୟ ଏବଂ ଅସ୍ମିତାର ଅନ୍ୱେଷଣରେ: ଏକ ଉପକ୍ରମଣିକା

*ଡ. ତନୟା ମହାନ୍ତି*

ଓଡ଼ିଆର ପରିଚୟ ଖୋଜିବାକୁ ଯାଇ ଆମ ଆଖିରେ ପଡ଼େ କିଛି ଐତିହାସିକ ତଥ୍ୟ, ଆଦର୍ଶଗତ ବୈଶିଷ୍ଟ୍ୟ, ଓଡ଼ିଆ ଲୋକଚରିତ୍ର ତଥା ସାହିତ୍ୟ, କଳା, ସ୍ଥାପତ୍ୟ, ସଂସ୍କୃତି ଇତ୍ୟାଦି। ଏସବୁ କଥାକୁ ନେଇ ଓଡ଼ିଆ ଜାତିର ଅସ୍ମିତା ଓ ପରିଚୟର ରୂପରେଖ ଆକଳନ କଲାବେଳେ ନିରାଶ ଏବଂ ସନ୍ଦିହାନ ହେବାକୁ ପଡ଼େ।

ଓଡ଼ିଆର ପରିଚୟ କଣ ସବୁବେଳେ ଏ ଜାତିର ହତ ଏବଂ ଗତ ଗୌରବରୁ ପ୍ରବାହିତ ହୋଇଥାଏ ? ଓଡ଼ିଆ ଭାବରେ ଗର୍ବ ଅନୁଭବ କରିବାର ବୈଶିଷ୍ଟ୍ୟଗୁଡ଼ିକୁ ବର୍ଣ୍ଣନା କରିବା ପୂର୍ବରୁ ଗୋଟିଏ ପ୍ରଶ୍ନ ମନକୁ ଆସେ – ଓଡ଼ିଆ କିଏ ? ଜଣେ, ଯିଏ ଓଡ଼ିଆ କହେ ? ନା ଯିଏ ଓଡିଶାର ବାସିନ୍ଦା ? ଏହି ପ୍ରଶ୍ନର ଉତ୍ତର ଖୋଜିବା ପୂର୍ବରୁ ଜାତୀୟ ସ୍ତରରେ ଓଡ଼ିଆଙ୍କ ଭାବମୂର୍ତ୍ତି ପ୍ରତି ମୁଁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବି। ଭାବିଲେ ବ୍ୟଥିତ ଏବଂ ବିବ୍ରତ ହେବାକୁ ପଡ଼େ ଯେ, ଜାତୀୟ ସ୍ତରରେ ଲୋକପ୍ରିୟ ଗଣମାଧ୍ୟମ ଗୁଡ଼ିକରେ ଜଣେ ଓଡ଼ିଆ କିମ୍ବା ଓଡ଼ିଶାର ଉପସ୍ଥାପନା ଦୃଶ୍ୟମାନ ହୁଏନାହିଁ। ପ୍ରତ୍ୟେକ ଜାତି, ସଂପ୍ରଦାୟ ସମୁଦାୟ ନିଜ ନିଜର ପ୍ରତିନିଧିତ୍ୱ କରିବାରେ କିଛି ନିର୍ଦ୍ଧିଷ୍ଟ ବୈଶିଷ୍ଟ ଉପସ୍ଥାପନା କରିବାକୁ ଭଲପା'ନ୍ତି ଯାହା ଜାତୀୟ ଗଣମାଧ୍ୟମଗୁଡ଼ିକରେ ପ୍ରତଫଳିତ ଏବଂ ପ୍ରସାରିତ ହୋଇଥାଏ। ଉଦାହରଣ ସ୍ୱରୁପ ଯଦି ଆମେ ପଞ୍ଜାବୀଙ୍କ କଥା କହିବା, ଲୋକପ୍ରିୟ ଜାତୀୟ ଗଣମାଧ୍ୟମ ସେମାନଙ୍କୁ ଖୁସି ମିଜାଜ୍‌ର ଲୋକ ଭାବେ ଦର୍ଶାଇଥାଏ, ବଙ୍ଗାଳୀମାନେ ପ୍ରବୃଦ୍ଧ ସମ୍ପନ୍ନ ବ୍ୟକ୍ତି, ଉତ୍ତର ପ୍ରଦେଶ ବାସିନ୍ଦା ପାରମ୍ପରିକ ଲୋକ ଭାବେ ପ୍ରତିନିଧିତ୍ୱ କରିଥାନ୍ତି, ମାତ୍ର ଯେତେବେଳେ ଓଡ଼ିଆ ସମୁଦାୟର କଥା ଆସେ, ଏକ ସଂପୂର୍ଣ୍ଣ ଶୂନ୍ୟସ୍ଥାନ ଅନୁଭୂତ ହୁଏ, କାରଣ ଜାତୀୟ ସଂଚାର ଓ ଗଣମାଧ୍ୟମରେ ଏହାର କେବେବି ବାସ୍ତବ ଚିତ୍ରଣ ହୋଇନାହିଁ।

ବିଭିନ୍ନ ଜାତିର ପ୍ରତ୍ୟୟ ଓ ଭାବମୂର୍ତ୍ତି ଚିତ୍ରଣ କଲାବେଳେ ଜାତୀୟ ଗଣମାଧ୍ୟମଗୁଡ଼ିକ ସେ ଜାତିଗୁଡ଼ିକ ପ୍ରତି କିଛି ନିର୍ଦ୍ଦିଷ୍ଟ ରଢ଼ିବାଦୀ ତଥା ବଦ୍ଧମୂଳ ଧାରଣା (stereotype)ର ଆଶ୍ରୟ ନେଇଥାନ୍ତି। ଏସବୁ ସତ୍ୱେ ଯେତେବେଳେ ଓଡ଼ିଆଙ୍କ କଥା ଉଠେ, ସେଭଳି କୌଣସି ରଢ଼ିବାଦୀ ଧାରଣା ମଧ୍ୟ ସାମ୍ନାକୁ ଆସେନାହିଁ, ଯାହା ଓଡ଼ିଆଙ୍କୁ ପ୍ରଯୁଜ୍ୟ। ଏହାକୁ ତ୍ରୁଟିପୂର୍ଣ୍ଣ କିମ୍ବା ଭୁଲ୍ ପ୍ରତିନିଧିତ୍ୱ ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ। ଜାତୀୟ ସ□ାର ତଥା ଗଣମାଧ୍ୟମରେ ଓଡ଼ିଆ ତଥା ଓଡ଼ିଶାର ବାରି ହୋଇଯାଉଥିବା ଅନୁପସ୍ଥିତି ପ୍ରଣିଧାନ ଯୋଗ୍ୟ। ଉଦାହରଣ ସ୍ୱରୂପ ୨୦୦୭ରେ ଗୋଟିଏ ହିନ୍ଦି ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା, ଯାହାର ନାଁ ଥିଲା 'ଚକ୍ ଦେ ଇଣ୍ଡିଆ'। ଜାତୀୟ ସଂହତି ଉପରେ ଏହା ଏକ ବଳିଷ୍ଠ ବାର୍ତ୍ତା ବହନ କରିଥିଲା। ବିଷୟବସ୍ତୁଟି ଏକ ମହିଳା ହକି ଟିମ୍‌କୁ ନେଇ। ସେମାନେ ପ୍ରତ୍ୟକେ ଭିନ୍ନ ଭିନ୍ନ ଜାତି, ସଂପ୍ରଦାୟ, ଓ ସଂସ୍କୃତିକୁ ପ୍ରତିନିଧିତ୍ୱ କରୁଥିଲେ। ଚିରାଚରିତ ଭାବେ ଏହି ଚଳଚ୍ଚିତ୍ରରେ ଓଡ଼ିଆ, ଜାତି, କିମ୍ବା ଓଡ଼ିଶାର ନାଁ ଗନ୍ଧ ନ ଥିଲା; ଯଦିଓ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବାବେଳେ ପାଞ୍ଚଜଣ ଓଡ଼ିଆ ହକି ଖେଳାଳୀ ଜାତୀୟ ସ୍ତରରେ ଏହି ଖେଳକୁ ଆଗେଇ ନେଉଥିଲେ। ଏହା ବ୍ୟତୀତ, ଜଣେ ମହିଳା ହକି ଖେଳାଳୀ ୨୦୦୬ରେ ଭାରତୀୟ ହକିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ।

ଏହା ବିଚାରକୁ ନିଆଯିବା ଉଚିତ ଯେ, ଓଡ଼ିଶା ସର୍ବ ପ୍ରଥମେ ୧୯୩୬ ମସିହାରେ ଭାଷା ଆଧାରରେ ସ୍ୱାତନ୍ତ୍ର୍ୟ ହାସଲ କରି ସାରିଥିଲା। ଦୁଃଖର ବିଷୟ ଏହି ଯେ, ଏହାର ବହୁବର୍ଷ ପରେ ୧୯୫୩ ମସହାରେ ଆନ୍ଧ୍ରପ୍ରଦେଶକୁ ଭାଷା ଆଧାରରେ ପ୍ରଥମେ ସୃଷ୍ଟି ହୋଇଥିବା ପ୍ରଦେଶ ବୋଲି କୁହାଯାଏ। ତଥାପି ଏଯାବତ୍ ଓଡ଼ିଶା ନିଜକୁ ଦୃଶ୍ୟମାନ କରିପାରୁ ନାହିଁ। ଆଜି ଅନେକ ଦୂରଦର୍ଶନରେ ପ୍ରସାରିତ ଧାରାବାହିକଗୁଡ଼ିକରେ ରାଜସ୍ଥାନ, ହରିୟାଣା, ଉତ୍ତରପ୍ରଦେଶ, ବିହାର ଓ ମହାରାଷ୍ଟ୍ର ପ୍ରଭୃତି ପ୍ରଦେଶର ପରମ୍ପରା, ସଂସ୍କୃତି ଓ ଲୋକାଚାର ଦେଖିବାକୁ ମିଳୁଥିବା ସ୍ଥଳେ ଓଡ଼ିଆ ଓ ଓଡ଼ିଶାର ଅଲଗା ପରିଚୟ ହଜି ଯାଇଛି, ଏହାକୁ କଳ୍ପନା କରିବା ମଧ୍ୟ କଷ୍ଟକର ବ୍ୟାପାର ଅଟେ।

କହିବାକୁ ଗଲେ ସାଧାରଣ ଜନ-ମାନସରେ ଓଡ଼ିଆ ଜାତିର ଦୁଇଟି ରୂପ ଦେଖିବାକୁ ମିଳେ। ପ୍ରଥମଟି ଜଗନ୍ନାଥଙ୍କୁ ନେଇ। ଜାତୀୟ ଗଣମାଧ୍ୟମ ଓଡ଼ିଆଙ୍କୁ ଯେପରି ଚିତ୍ରଣ କରିଥାନ୍ତି, ସେଥିରୁ ଦ୍ୱିତୀୟ ରୂପଟି ମିଳେ। ଜାତୀୟ ଦୂରଦର୍ଶନରେ ରଥଯାତ୍ରାର ସିଧା ପ୍ରସାରଣ ହେଲାବେଳେ ଓଡ଼ିଶା ତା'ର ପରିଚୟ ଲାଭକରେ। ଗୋଟିଏ ସ୍ଥାନୀୟ କାର୍ଯ୍ୟକ୍ରମ ଏବଂ ଜଗନ୍ନାଥ-ଧର୍ମଧାରା

ମାଧ୍ୟମରେ ଓଡ଼ିଆ ତାର ଆତ୍ମ-ପ୍ରତ୍ୟୟ ଖୋଜିବାକୁ ଚେଷ୍ଟାକରେ। କିନ୍ତୁ ଓଡ଼ିଶା ବାହାର ଲୋକଙ୍କ ପାଇଁ ଓଡ଼ିଶା ଓ ଜଗନ୍ନାଥ ଧାମ୍ – ଦୁଇଟି ଅଲଗା ଅଲଗା କଥା। ଅଙ୍ଗେ ଲିଭେଇଥିବା କଥାଟିଏ କହିବି। ଓଡ଼ିଶା ବାହାରକୁ ଟ୍ରେନ୍‌ରେ ଗଲାବେଳେ କିଛି ସହଯାତ୍ରୀ କେଉଁଠୁ ଆସିଛନ୍ତି ବୋଲି ପଚାରନ୍ତି। ଓଡ଼ିଶାରୁ ଆସିଛି କହିଲେ ସେମାନେ ବୁଝି ପାରନ୍ତି ନାହିଁ ଏବଂ ପଚାରନ୍ତି, "ଉଡିଶା ! ଓ କାହାଁ ହୈ ?" ବିଡ଼ମ୍ବନା ଏହି ଯେ, ଜଗନ୍ନାଥ-ପୁରୀରୁ ଆସିଛି କହିଲେ ବୁଝିଯାଆନ୍ତି।

ଓଡ଼ିଆତ୍ୱର ଦ୍ୱିତୀୟ ବିକୃତ ରୂପଟି ଦେଖିବାକୁ ମିଳେ ଜାତୀୟ ଦୂରଦର୍ଶନ ଦ୍ୱାରା ପ୍ରସାରିତ ଏକ ବିଜ୍ଞାପନଧର୍ମୀ ଚିତ୍ରଗୀତି ମାଧ୍ୟମରେ – "ମିଲେ ସୁର୍ ମେରା ତୁମ୍ହାରା" ଯାହା ଭାରତର ସାଂସ୍କୃତିକ ବିବିଧତା ମଧ୍ୟରେ ଏକତା ଓ ଐକ୍ୟର ବାର୍ତ୍ତା ବହନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ଗୀତରେ ଗୀତରେ ଓଡ଼ିଶାକୁ ଚିତ୍ରଣ କଲାବେଳେ ଦେଖାଯାଇଛି – ଗୋଟିଏ ଦମ୍ପତି ପାଖାପାଖି ଠିଆ ହୋଇଛନ୍ତି। ପୁରୁଷଟିର ଦେହ ଫୁଙ୍ଗୁଳା, କୁର୍ତ୍ତାଟିଏ ମଧ୍ୟ ନାହିଁ। ମହିଳା ଜଣକ ଦେହରେ ଶାଢ଼ୀଟିଏ ଗୁଡ଼ାଇ ହୋଇଛନ୍ତି ଏକ ଅଣ-ଆର୍ଯ୍ୟ ଓ ଅଣ-ଆଧୁନିକ ଢ଼ଙ୍ଗରେ – ଦେହରେ ଶାୟା କି ବ୍ଲାଉଜ୍ ନାହିଁ ବୋଲି ସ୍ପଷ୍ଟ ବାରି ହୋଇଯାଉଛି। ତାଙ୍କ ମୁହଁରେ ଯେଉଁ ଗୀତ ଦିଆଯାଇଛି ତାହା ଅସ୍ପଷ୍ଟ ଏବଂ ଓଡ଼ିଆ କହିଲା ପରି ଲାଗୁନାହିଁ।

ଏହା ପୂର୍ବରୁ ବଙ୍ଗାଳୀମାନଙ୍କୁ ଚିତ୍ରଣ କରାଯାଇଥିବା କ୍ଲିପ୍‌ଟିରେ ଯାହା ଦେଖାଯାଇଛି ତାହା ଏହିପରି – କିଛି ଆଧୁନିକ, ସ୍ୱନାମଧନ୍ୟ, ସଂଭ୍ରାନ୍ତ, ବୁଦ୍ଧିଜୀବୀ ବ୍ୟକ୍ତିବିଶେଷ ମେଟ୍ରୋ ରେଳଡ଼ବାରୁ ମନ୍ଥର ଗତି (slow motion)ରେ ଓହ୍ଲାଇ ଆସୁଛନ୍ତି। ବାସ୍ତବରେ ଏହି ବିରଳ ଉଦାହରଣ ଓଡ଼ିଆ ଜାତିର ଅସ୍ମିତାର ଏକ ନୂତନ ଅନ୍ୱେଷଣ ତଥା ଆତ୍ମ-ସମୀକ୍ଷା ପାଇଁ ମୋ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛି। ମୋଟାମୋଟି ଭାବେ କହିବାକୁ ଗଲେ ଓଡ଼ିଆ ଅସ୍ମିତାର ରୂପରେଖ ନିର୍ଣ୍ଣୟ କଲାବେଳେ ଆମକୁ ଏକ ଶୂନ୍ୟତା (vacuum)ର ସାମ୍ନା କରିବାକୁ ହୁଏ। ଏଇ ଶୂନ୍ୟତାରେ କିଏ କେମିତି ରଂଗ ଭରିବ, କେଉଁ ଆଧାରରେ ଭରିବ – ତାହା ଏବେବି ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଓଡ଼ିଆ ଅସ୍ମିତା ଓ ପ୍ରତ୍ୟୟର ଅନୁସନ୍ଧାନରେ ଆମେ ସାମ୍ନାସାମ୍ନି ଦୁଇଟି ସଂପ୍ରଦାୟକୁ ଭେଟୁ – ଗୋଟିଏ ଓଡ଼ିଆ ଓ ଅନ୍ୟଟି ବଙ୍ଗାଳୀ। ଓଡ଼ିଆଙ୍କ ପ୍ରତିପକ୍ଷ (the other) ଭାବେ ବଙ୍ଗାଳୀଙ୍କର ଉପସ୍ଥିତି ଅଧିକ ବା କମ୍ ମାତ୍ରାରେ ଓଡ଼ିଆ ପରିଚୟକୁ ଆକାର ଦେଇଥିବାର ମନେହୁଏ। ଏହା ମନରେ ଆଶଂକା ଏବଂ ସଂଶୟ ସୃଷ୍ଟି କରେ ଯେ, ଓଡ଼ିଶା ଏକ ଆଦିବାସୀମାନଙ୍କର ଦେଶ। ଏହି ମୋହରଟି ଇତିହାସ ଆମ ଉପରେ ଲଗାଇ ସାରିଛି – ଜଗନ୍ନାଥ ସଂସ୍କୃତି ଆଧାରରେ ହେଉ ଅଥବା ବହୁ ଜାତିର ଆଦିବାସୀ ଓଡ଼ିଶାରେ ବସବାସ



ଜାତୀୟ ଦୂରଦର୍ଶନରେ ବିଜ୍ଞାପନଧର୍ମୀ ଚିତ୍ରଗୀତି କାର୍ଯ୍ୟକ୍ରମ
"ମିଲେ ସୁର୍ ମେରା ତୁମ୍ହାରା" ରେ ଓଡ଼ିଆଙ୍କ ଭାବମୂର୍ତ୍ତି।

କରୁଥିବା ହେତୁ ଏପରି ହୋଇଥାଇପାରେ । ଏକ ସମୟରେ ଆଦିବାସୀ ଭୂଖଣ୍ଡ ଭାବେ (ବଙ୍ଗାଳୀଙ୍କ ପ୍ରତିପକ୍ଷରେ) ଓଡ଼ିଆ ତା'ର ପରିଚୟ ସୃଷ୍ଟି କରି ନିରବଧି ଏହାକୁ ଅଧିକ ଶାଣିତ କରିବାକୁ ଚେଷ୍ଟା କରିଛି ।

ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ କିଛି ଅଣଓଡ଼ିଆ ବୁଦ୍ଧିଜୀବୀ ଓଡ଼ିଆ ଭାଷା ବିଲୁପ୍ତ ହେବାକୁ ଯାଉଛି ବୋଲି ମନ୍ତବ୍ୟ ଦେବା ସହ ଓଡ଼ିଆ ବଙ୍ଗଳାର ଏକ ଉପଭାଷା (dialect) ବୋଲି ଜୋର୍ କରି କହୁଥିଲେ । ଏପରିକି ଶିକ୍ଷାନୁଷ୍ଠାନମାନଙ୍କରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷାକୁ ଶିକ୍ଷାଦାନର ମାଧ୍ୟମ କରାଯାଉ ବୋଲି ସୁପାରିସ୍ କରିଥିଲେ । କାରଣ ସେତେବେଳେ ଓଡ଼ିଆ ଭାଷାରେ ଲିଖିତ ପାଠ୍ୟପୁସ୍ତକର ଘୋର ଅଭାବ ଥିଲା । "ଓଡ଼ିଆ ଯକ୍ଟା ସ୍ୱତନ୍ତ ଭାଷା ନୟ" – ଏହି ସଂଘାତରୁ ପ୍ରଥମ କରି ଭାଷା ଆଧାରରେ ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନ ମୁଣ୍ଡଟେକିଲା । ଏହି ପରିପ୍ରେକ୍ଷୀରେ ଅନେକ ଓଡ଼ିଆ ମଧ୍ୟବି□ ବୁଦ୍ଧିଜୀବୀଙ୍କର ସଙ୍ଘବଦ୍ଧ ଅଭ୍ୟୁଦୟ ହେଲା, ଯେଉଁମାନେ ଓଡ଼ିଆର ପରିଚୟ ପାଇଁ ଏହି ଭାଷା-ଆନ୍ଦୋଳନକୁ ଆଗେଇନେଲେ । ଭାଷା ଆଧାରରେ ଓଡ଼ିଆଙ୍କ ପରିଚୟ ସୃଷ୍ଟି କରିବାରେ ଏହାଥିଲା ସର୍ବ ପ୍ରଥମ ପଦକ୍ଷେପ । ଭାଷା ସହ ସାହିତ୍ୟ ଓ ସଂସ୍କୃତି ସହଜାତ ହୋଇଥିବାରୁ ସେ ସବୁ ପ୍ରସଙ୍ଗ ମଧ୍ୟ ଯୋଡ଼ି ହୋଇ ଏହା ଏକ ସାମାଜିକ-ରାଜନୀତିକ ଆନ୍ଦୋଳନର ରୂପ ନେଲା । ଏହି ଆନ୍ଦୋଳନର ପ୍ରତିପକ୍ଷ ଭାବେ ଠିଆହେଲା ବଙ୍ଗଳା ଭାଷା, ସାହିତ୍ୟ ଓ ସଂସ୍କୃତି ।

ଏକଦା ଏହି ସମୟରେ ଓଡ଼ିଆ ଭାଷା-ଆନ୍ଦୋଳନ ଏକ ଦୋ'ଛକିରେ ନିଜକୁ ଆବିଷ୍କାର କଲା । ଗୋଟିଏ ପଟୁ 'ପ୍ରତିକ୍ରିୟାଶୀଳ ପ୍ରତିପକ୍ଷ' (the other) ଭାବେ ବଙ୍ଗାଳୀ "ଭଦ୍ରଲୋକ୍" ସମାଜ – ଯେଉଁମାନେ ପାଶ୍ଚାତ୍ୟ ସଭ୍ୟତାକୁ ଆଦରି ନେଉଥିବା ଆଧୁନିକ ମଧ୍ୟବି□ ବୁଦ୍ଧିଜୀବୀ ଏବଂ ଅନ୍ୟ ପକ୍ଷରେ ଓଡ଼ିଶାର ବହୁଳ ଭୂଖଣ୍ଡରେ ବାସକରୁଥିବା ଆଦିବାସୀ ଜନଜାତି ଆଉ ଏକ 'ଆଭ୍ୟନ୍ତରୀଣ ପ୍ରତିପକ୍ଷ' (the internal other) ଭାବରେ ସେମାନଙ୍କର ଅସ୍ତିତ୍ୱ ଜାହିର୍ କରୁଥିଲେ । ତଥାକଥିତ "ଭଦ୍ରଲୋକ୍"ଙ୍କର ପ୍ରତୀତିରେ ଓଡ଼ିଆ ଜାତି ତା'ର ପ୍ରତ୍ୟୟ ସୃଷ୍ଟି କରିପାରିଲା ନାହିଁ । ଯଦିଓ ଭାଷା-ଆନ୍ଦୋଳନର ପୁରଧାମାନେ ଉଚ୍ଚ ବର୍ଣ୍ଣ ଓ ବର୍ଗର ଶିକ୍ଷିତ ଲୋକ, ତଥାପି ଗାଁ'ରେ ରହୁଥିବା କୃଷକସମାଜର କଥିତ ଭାଷାକୁ ପ୍ରାଧାନ୍ୟ ଦେଇ ଓଡ଼ିଆତ୍ୱର ପୁନର୍ଗଠନ କରିବାକୁ ଚେଷ୍ଟାକଲେ । ଯାହାଥିଲା ଅଧିକନ୍ତୁ ପ୍ରତୀକାତ୍ମକ । ଏହି କୃଷକସମାଜକୁ ଗୋଟିଏ ସମ୍ପ୍ରଦାୟ ଭାବେ କଳ୍ପନା କରାଯାଇଥିଲା, ଯେଉଁଥିରେ ସବୁ ଜାତିର ଲୋକ ଥିଲେ ମଧ୍ୟ ଜାତିଭେଦର ବାର୍ତ୍ତା ନ ଥିଲା । ବଙ୍ଗାଳୀ 'ଭଦ୍ରଲୋକ୍'ଙ୍କ ପ୍ରତିପକ୍ଷରେ ଏ ଥିଲା ଏକ ଯୋଜନାବଦ୍ଧ ପରିକଳ୍ପନା । ଏଣେ 'ଆଭ୍ୟନ୍ତରୀଣ ପ୍ରତିପକ୍ଷ' ଭାବେ ଆଦିବାସୀ ଜନଜାତି ଓଡ଼ିଆ କୁହନ୍ତି ନାହିଁ । ଭାଷା ଆଧାରରେ ଓଡ଼ିଶା ଭୂଖଣ୍ଡ, ଆଦିବାସୀ ଓ ଅଣ-ଆଦିବାସୀଙ୍କୁ ନେଇ ଦୁଇ ଭାଗରେ ବିଭକ୍ତ ହୋଇଗଲା । ଆଦିବାସୀ ଭାଷା ଓ ସଂସ୍କୃତିକୁ ବାଦ୍ ଦେଇ ଓଡ଼ିଆ ଅସ୍ମିତାର ରୂପରେଖ ନିର୍ଣ୍ଣୟ କଲେ, ସମଗ୍ର ଆଦିବାସୀ ବସବାସ କରୁଥିବା ଅଞ୍ଚଳକୁ ଭାଷା ଆଧାରରେ ଓଡ଼ିଶାରୁ ବାଦ୍ ଦେବାକୁ ହେବ, ଯାହା ଓଡ଼ିଆ ଜାତିର ଅସ୍ମିତାକୁ ଆହୁରି ନିକୃଷ୍ଟ ଓ ନ୍ୟୁନ କରିଦେବ । ଭାଷା ଆଧାରରେ ଓଡ଼ିଶାର ପ୍ରତ୍ୟୟ ସୃଷ୍ଟି ହୋଇପାରିଲା ନାହିଁ । ତେଣୁ ଓଡ଼ିଆ ଜାତିର ପରିଚୟ ଓ ଅସ୍ମିତାର ସଂଧାନରେ ଆମେ ପାଇକ ବିଦ୍ରୋହକୁ ନେଇ ଗର୍ବ କରୁ, ଯେଉଁଥିରେ ଆଦିବାସୀ ଓ ଅଣ-ଆଦିବାସୀ ଉଭୟେ ଝାସ ଦେଇଥିଲେ ।

ପୁଣିଥରେ ନୂଆକରି ଓଡ଼ିଆ ଜାତିର ଆତ୍ମ-ପରିଚୟ ଖୋଜିବାକୁ ହେବ । କିଏ ଓଡ଼ିଆ ? କାହାର ଅସ୍ମିତା ?

*ଅଧ୍ୟାପିକା, ସମାଜ ବିଜ୍ଞାନ ବିଭାଗ,*
*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର*
*email: tanaya.mohanty309@gmail.com*

●●●●



# ମୋ ଅଭିଜ୍ଞତାରେ ଅତିଥି ଚର୍ଚ୍ଚା

*ରାଧାମାଧବ ମହାପାତ୍ର*

ସେ ଦିନ ସକାଳେ ଲୋକଟି ହାତରୁ ଲୋଚାକୋଚା କାଗଜ ଟୁକୁଡାଟିକୁ ନେଇ ଆଖି ପହଁରାଇଲି ଓ ଆଖିରେ ଚଷମା ଲଗାଇ ଚିହ୍ନି ପାରିଲି ମୋ ହସ୍ତଲିପିକୁ । ସେଥିରେ ମୋର ଠିକଣା, ନାମ ସ୍ପଷ୍ଟ ଭାବରେ ଲେଖା ହୋଇଥିବାର ଦେଖି ପଚାରିଲି- "ଏ କାଗଜଟି କେଉଁଠୁ ପାଇଲ ?"

ଲୋକଟି ତା ନିଜ ମାତୃଭାଷା ବଙ୍ଗଳାରେ କହିଲା, ବୁଝିବାକୁ ମୋତେ ଅସୁବିଧା ହେଲାନି - "ଅନେକ ବର୍ଷ ତଳର କଥା ବାବୁ, ତୁମର କଅଣ ମନେ ଥିବ ।"

"କେବେକାର କଥା ?", ପଚାରିଲି ମୁଁ ।

"ବହୁତ ଦିନ ହୋଇଗଲାଣି, ବାବୁ । ଆପଣ ଦାର୍ଜିଲିଂ ଯାଇଥିଲେ ମା'ଙ୍କ ସହିତ ।"

"ହଁ, ମନେ ପଡିଲା । ଅନ୍ତତଃ କୋଡିଏ ବର୍ଷ ହୋଇଯିବଣି । କଣ ହେଲା ସେଇଠୁ ?" ପଚାରିଲି ।

"ବାବୁ, ଟାଇଗର ହିଲ୍‌ରୁ ସକାଳେ ସୂର୍ଯ୍ୟୋଦୟ ଦେଖି ଫେରୁଥିଲେ । ଭଡା ଜିପ୍‌ଟି ଅଟକିଲା ପାଦଦେଶର ଗଛମୂଳରେ ଯେଉଁଠି କଫିବାଲାମାନେ ଗରମ କଫି ବିକ୍ରି କରନ୍ତି । ଆପଣଙ୍କର ଚା' ଦରକାର ଥିଲା । ପାଖରେ ଆମର କାଠ କ୍ୟାବିନ ଘର । ମା' (ଆପଣଙ୍କ ପତ୍ନୀ) ଆମ କ୍ୟାବିନ ଆଡକୁ ଚାହିଁ ଆସି ପଚାରିଲେ- "ଚା' ମିଳିବ ?"

ଆମେ କହିଲୁ, "ଟିକିଏ ବସନ୍ତୁ । ମୁଁ ଚା' ବସେଇ ଦେଉଛି ।" ଚା' ପ୍ରସ୍ତୁତ କରି ମାଙ୍କୁ କପେ ଦେଲୁ । ମା କହିଲେ, ଖୁବ୍ ବଢିଆ ହୋଇଛି । ଆଉ କପେ ଚା' ବସାଅ । ମୁଁ ବାବୁଙ୍କୁ ଡାକି ଆଣୁଛି.... । ଆପଣଙ୍କୁ ଡାକି ମା ଆସିଲେ । ଆପଣ ଆସି ଚା' ଖାଇ ବହୁ ତାରିଫ କଲେ....

ଏଥର ମୋର ବହୁ ବର୍ଷ ତଳର ସେଇ ଭଡା ଜିପ୍‌ରେ ଗୋଟିଏ ସ୍ଥାନରେ ଓହ୍ଲାଇ ଚା' ପିଇବାର ଘଟଣାଟି ମନେ ପଡିଗଲା । ଚା ଖୋଜି ଖୋଜି କଫିବାଲା ମେଳରେ ମୁଁ ହଜି ଯାଇଥିବା ବେଳେ ମୋର ପତ୍ନୀ ପ୍ରତିଭା ଯେତେବେଳେ ଚୁପ୍ କରି ଆସି କହିଲେ, ଆସ ଏହି କ୍ୟାବିନ ପାଖକୁ । ଚା' ବସାଇ ଆସିଛି, ଚା' ଖୋଜୁଛ ପରା ? ମୁଁ ଗଲି । ଚା' ଖାଇ ତାରିଫ କରିବାକୁ ବାଧ୍ୟ ହେଲି । ଲୋକଟି କହିଲା - ଦାର୍ଜିଲିଂ ଚା ବଗିଚାରେ ଆମେ କାମ କରୁ । ମାଲିକ ଆମେ ସଂଗ୍ରହ କରିଥିବା ଚା ପତ୍ରକୁ ନେଇଯାନ୍ତି । ଆମକୁ ମଜୁରି ଦିଅନ୍ତି । ନିଜ ପାଇଁ କିଛି ପତ୍ର ମାଗି ଆଣିଥାଉଁ । ତାକୁ ଆମେ ବ୍ୟବହାର କରୁ । ବିକ୍ରି କରୁ ନା । ଆପଣଙ୍କ ଚା ଖାଇବାର ଇଚ୍ଛା ଦେଖି କପେ ବସେଇ ଦେଇଥିଲୁ, ପୁଣି ବାବୁଙ୍କ ପାଇଁ କପେ....

କ୍ୟାବିନ ମାଲିକର ସ୍ତ୍ରୀ (ସମ୍ଭବତଃ) ଓ ତାର ମା' ଗାଈ ଦୁହିଁ ଚୁଲିରେ କ୍ଷୀର ଆଉଟିବାରେ ଲାଗିଥିଲେ । ଛେନା ପାଣି ଦେଇ ଛେନା ପ୍ରସ୍ତୁତ କରୁଥିଲେ । ସଦ୍ୟ ଶୁଭ୍ର ଛେନାର ଲୋଭ କିଏ ସମ୍ଭାଳେ ? ମନରୁ ବାହାରି ପଡିଲା - ଛେନା ଟିକିଏ ଦେବ ?

ମାଲିକର ସ୍ତ୍ରୀ ଗୋଟିଏ ପ୍ଲେଟରେ ଛେନା ଆଣି ଦେଲା । ଅତି ଆନନ୍ଦରେ ତାକୁ ଆସ୍ୱାଦନ କଲାବେଳେ ଆମ ଭଡାଟିଆ ଜିପ୍‌ର ହର୍ଣ୍ଣ ଶୁଭିଲା ।

କେତେ ପଇସା - ମୁଁ ପଚାରିଥିଲି ।

ସେମାନେ ବଡ ଆଖିରେ ଆମକୁ ଅନେଇ ଚାହିଁଲେ । ପଇସା କ'ଣ ବୋଲି ପଚାରିଲେ । କହିଲେ, ଆମେ ଚା' କି ଛେନା ବିକ୍ରି କରୁନା ।

ମୁଁ ଆଶ୍ଚର୍ଯ୍ୟ ହୋଇଯାଇ ମନେ ମନେ ଭାବିଲି, ସାମାନ୍ୟ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଛନ୍ତି । ଚା' ଓ ଛେନା ପଇସା କେତେ ଦେବାକୁ ପଚାରିବାକୁ ସେମାନେ ତାହା ନେବାକୁ ଅରାଜି !

କହିଲେ, "ତମେ ଆମ ଅତିଥି । ଭାଇ, ଭାଉଜ ସଦୃଶ । ଆମେ ବିକ୍ରି ଚିଜ ଦେଇଥିଲେ ପଇସା ନେଇଥାନ୍ତୁ ନିଶ୍ଚୟ ।"

ପଚାରିଲେ - "ଆପଣଙ୍କର ଘର କେଉଁଠି ?"

"ଓଡ଼ିଶା"

"ଓଡ଼ିଶା କେଉଁଠି ?"

କହିଲି, "ଜଗନ୍ନାଥ ଧାମ ପୁରୀ, ଦେଖିଛ ? ସେଇ ପାଖରେ ଭୁବନେଶ୍ୱର, ଆମ ଘର ।"

ଏତିକି ବେଳେ ଆମ ଜିପ୍‌ର ଘନଘନ ହର୍ଣ୍ଣ ଶୁଭିଲା । ଖଣ୍ଡିଏ ଟୁକୁଡା କାଗଜରେ ମୋ ନାଁ ଆଉ ଠିକଣା ଲେଖିଦେଇ କ୍ୟାବିନ ମାଲିକକୁ ବଢାଇ

ଦେଇ କହିଲି, "ଏଥିରେ ମୋର ଠିକଣା ଟିପା ଅଛି । କେବେ ପୁରୀ ଆସିଲେ, ନିଶ୍ଚୟ ଆସିବେ । ନିମନ୍ତ୍ରଣ ରହିଲା....."

ବିଦାୟ ନେଲୁ ।

ଏ ଭିତରେ କୋଡ଼ିଏ ବର୍ଷ ବିତି ଗଲେ ବି ସେଇ ଅତୀତର କିଛି ସମୟର ମଣିଷ ସ୍ୱଭାବ ସେଇ ଠିକଣା ଲେଖା ଲୋଚାକୋଚା କାଗଜ ଖଣ୍ଡିକ ମନରେ ଖେଳାଇଦେଲା । ହାତଲେଖା ଚିଠିଟି ଦାର୍ଜିଲିଂ ଭ୍ରମଣ ବୃତ୍ତାନ୍ତ ମନେ ପକାଇବା ସହିତ ସେଇ ପରିବାରର ଆତ୍ମୀୟତା ବି ସ୍ମୃତିଚାରିତ ହେଉଥିଲା । କିନ୍ତୁ ଲୋକଟିର ବ୍ୟସ୍ତ ଓ ବିବ୍ରତ କଥାବାର୍ତ୍ତା ମୋର ଦୃଷ୍ଟିକୁ ଆସିଲା ।

ପଚାରିଲି, "ଜଗନ୍ନାଥ ଦର୍ଶନ କଲ ? କଣ ଅସୁବିଧା ହୋଇଛି କି ?"

ଲୋକ ଜଣକ କହିଲା, "ଭାରି ଅସୁବିଧାରେ ପଡ଼ିଛୁ ବାବୁ ! ଗୋଟେ ତୀର୍ଥଯାତ୍ରୀ ବସ୍ କରି ଆମେ ୩୫ ଜଣ ଯାତ୍ରୀ ଆସିଥିଲୁ । ଫେରିଲା ବାଟରେ ଧଉଳିଠାରେ ବୁଦ୍ଧ ଦର୍ଶନ କଲୁ । ଗତକାଲି ରାତିର ଘଟଣା । ଆମ ପିଛା କରୁଥିଲେ କେତେଟା ମଟର ସାଇକେଲ୍ । ବାଟରେ ଆମ ବସ୍ ଅଟକାଇଲେ । ଆମ ଚାଲାକ୍ ଡ୍ରାଇଭରକୁ ବାଟରେ କୋଉଠି ଗାଡ଼ି ନ ଅଟକାଇବାକୁ ସତର୍କ କରିଥିଲୁ । କିନ୍ତୁ ରାସ୍ତାରେ ବ୍ରିଜ୍ ଉପରେ ଆସିବା ବେଳେ ସେମାନେ ମୋଟର ସାଇକେଲ ବାଟରେ ଥୋଇଦେଇ ବାଟ ଓଗାଳିଦେଲେ । ଡ୍ରାଇଭର ମୁହଁରେ



ପିସ୍ତଲ ଲଗାଇ ଆମମାନଙ୍କୁ ଭୟଭୀତ କରି ଯାହା ପାଖେ ଯାହା ଥିଲା ଛଡ଼ାଇନେଇ ଚାଲିଗଲେ । ପାଖରେ ପଇସାଟିଏ ନାହିଁ, ଦାର୍ଜିଲିଂ ଫେରିବୁ କେମିତି ? ଆପଣ ଦେଇଥିବା ଚିଠାଟା ମୋ ସ୍ତ୍ରୀ କାନିରେ ଗଣ୍ଠି ପକାଇ ଧରି ଆସିଛି । ଠିକଣା ଖୋଜି ଆସି ଆପଣଙ୍କ ପାଖରେ ପହଞ୍ଚିଗଲି ଅଟୋରେ । ବାବୁ ଦୟାକର....."

ମୁଣ୍ଡରେ ହାତ ଦେଇ ବସିଗଲି । ଆଜି ଆମ ପ୍ରଦେଶ ଓଡ଼ିଶାର ଅବସ୍ଥା କେଉଁଠି ହେଲାଣି ! ଲୁଣ୍ଠନ, ଶୋଷଣ, ଅନ୍ୟାୟ, ଅତ୍ୟାଚାର, ବଳାତ୍କାର, ଧର୍ଷଣର ବାନା ଉଡ଼ୁଛି । ମଣିଷ ପଣିଆ ଅତୀତର କଥା ହୋଇଗଲାଣି । ଆଗନ୍ତୁକ-ଅତିଥି ଦେବତା ଭବନ୍ତି – ପାସୋରି ସାରିଲାଣି ଆଜିର ସମାଜ । ମୋ ମନରେ ଚେଇଁ ଉଠିଲା ସେମାନଙ୍କର ଅତୀତର ଆନ୍ତରିକ ଅତିଥି ପରାୟଣତା ଓ ପରିଚର୍ଯ୍ୟା ।

ମନରେ ବହୁ ଅନୁତାପର ଘୂର୍ଣ୍ଣିବାତ୍ୟା ଚକକ୍ର କାଟୁଥିଲେ ।

ତଥାପି ଏହି ଆକସ୍ମିକ ପରିସ୍ଥିତିରେ ସେମାନଙ୍କୁ ଯତ୍ପରୋନାସ୍ତି ସାହାଯ୍ୟ ଓ ଅକୁଣ୍ଠ ସହଯୋଗର ମାନସିକତା ସ୍ୱତଃ ମନରେ ଖେଳିଗଲା । ଏହି ସାଧାରଣ ଲୋକଟିର ଦାର୍ଜିଲିଂରେ ଯେଉଁ ଆତିଥ୍ୟର ନମୁନା ମୋ ମନରେ ଦୀର୍ଘକାଳର ସ୍ଥାନ ନେଇଥିଲା, ସେଇ ମଣିଷପଣିଆ ମୋର ବିବେକକୁ ଉତ୍ସାହିତ କରୁଥିଲା ।

ପରିସ୍ଥିତିରେ ଲୋକ ଜଣକ ପାଣି କି ଚା ଗ୍ଲାସେ ପିଇବାକୁ ରାଜି ନଥିଲା ।

ମୁଁ ମୋ ପାଖରେ ଥିବା ଦଶ ହଜାର ଟଙ୍କା ନେଇ ସେଇ ଦାର୍ଜିଲିଂ ଅତିଥିଙ୍କ ସହିତ ଦୁର୍ଦ୍ଦଶାଗ୍ରସ୍ତ ବସ୍ ଲୋକଙ୍କୁ ସମବେଦନା ଜଣାଇବାକୁ ବାହାରିଲି । ବାଟରେ ଉପଦେଶ ଦେଲି, "ଚାଲନ୍ତୁ ପୋଲିସ୍‌କୁ ଖବର ଦେଇ ଡାକୁମାନଙ୍କୁ ଧରିବା" ।

ଲୋକଟି କହିଲା, "ପୋଲିସ୍ ଝିନ୍‌ଝଟ୍‌ରେ ଆମେ ପଶିବୁନି ବାବୁ । ଏଠାରେ ରହିବାକୁ ଆମକୁ କଷ୍ଟ, ପୁଣି ଦାର୍ଜିଲିଂରୁ ଆସି ପୋଲିସ ଇନକ୍ୱାରିରେ ସାକ୍ଷ୍ୟ ଦେବା ସମ୍ଭବ ନୁହେଁ ।"

ସେମାନେ ଅଳ୍ପ ସମୟ ଭିତରେ ବସ୍ ଷ୍ଟାର୍ଟ କରି ଉତ୍ତରମୁହାଁ ହୋଇ ଚାଲିଲେ । ସେଇ ଦାର୍ଜିଲିଂର ଜଣା ଲୋକଟି ନମସ୍କାର କରି କହିଥିଲା – "ବାବୁ ଆମେ ଦାର୍ଜିଲିଂରେ ପହଞ୍ଚିବା ମାତ୍ରେ ଆପଣଙ୍କ ପଇସା ମନିଅର୍ଡର କରିଦେବୁ ।"

କିନ୍ତୁ ମୋ ମନର ଦୁଇ ତୋଳାରେ ସେଇ ବ୍ୟକ୍ତିଟିର ମୋତେ ଦେଇଥିବା ଆତିଥ୍ୟ ଓ ଏଠାରେ ସେମାନେ ପାଇଥିବା ପରାଭବର ରଖି ତୋଳୁଥିଲି । ଯୁଗଯୁଗ ଧରି ବିଶ୍ୱ ପର୍ଯ୍ୟଟନର ସମସ୍ତ ଆକର୍ଷଣ ସାଜିଥିବା ଏଇ ଓଡ଼ିଶାର ଅବସ୍ଥା ଆଜି କୁଆଡ଼କୁ ଯାଉଛି ?

*୧୪୭, ବୁଦ୍ଧେଶ୍ୱରୀ, ଭୁବନେଶ୍ୱର,*
*ମୋ - ୯୮୬୧୧୮୯୯୩୬*

●●●●

# ସଂକଳ୍ପିତ ଓଡ଼ିଆ ଜାତି

*ରଞ୍ଜନ କୁମାର ସାମଲ*

କିଏ କହିବ ଓଡିଆ ଜାତିର ସଂକଳ୍ପ ନାହିଁ ହଜାଇ ଦେଇଛି ନିଜର ମାନ ସ୍ୱାଭିମାନ ? ଇତିହାସର ପୋତି ହୋଇଯାଇଥିବା ମାଟି ଖପରା ଦେଖାଇ କହୁଛି ବୀର ଓଡିଆ । ଓଡିଆ ଲିପିକୁ ଖେଳେଇ କହୁଛି ଏଇଟା ସବୁଠାରୁ ପୁରୁଣା । ହୋଇପାରେ । ଗଲାକଥା ତ ଗଲାଣି । କେତେ ପୁରୁଷ ଅମଳରେ କଂସାରେ ଅଜାଡି ଘିଅ ଖାଉଥିଲ ଆଜି ତ ଡାଙ୍ଗଣ ଅଗରେ ଛୁଇଁ ଖାଇବାକୁ ମିଳୁନି । ଖାଲି ବିଲରେ ଫଳେଇଲେ ହେବନି, ଆଜି ଦିନରେ ଯେଉଁ ଗଣତନ୍ତ୍ରର ଟୋପି ପିନ୍ଧିଛ, ତା ଭିତରୁ ଅକଲ୍ ବାହାର କର ।

ଆଜି ସେଇ ଦାଣ୍ଡରେ ଚାଲିବା ସମ୍ଭବ ହେଉନି । ଗର୍ଭିଣୀ ବୋହୂ କିପରି ଡାକ୍ତରଖାନା ଯାଉଛି, ଶବ କିପରି ବୁହା ହେଉଛି, ରାମଶିଆଳ କେମିତି ମେଣ୍ଢା କଲିଜା ଖାଉଛି ସବୁ ଦୁନିଆ ଦେଖିବାକୁ ପାଉଛି । ତୁମର ଶହେ କଳାଭାସ୍କର୍ଯ୍ୟର ମାନମର୍ଯ୍ୟାଦା ଧୂଳିସାତ ହେଉଛି । ଜବର ଖବର ଦୁନିଆଁରେ ଆଜିର ଚଳଣି କାଲିକି ଲଜ୍ୟା । ସେଗୁଡିକ ତିଳକୁ ତାଳ ହୋଇନି, ଆମର ମହତ ଭାସିଯାଉଛି ।

ବର୍ଷକ ତଳର କଥା । ଅକ୍ଟୋବର ୧୦ ତାରିଖ । ୨୦୧୬ ମସିହା । କାହିଁକି କେଜାଣି, ଅପୃଷ୍ଟେ ଅନାହୂତେ ମୁଖପୁସ୍ତିକା ବା ଫେସ୍ ବୁକ୍‌ରେ ଅବାନ୍ତର ଅଶାଳୀନ ମନ୍ତବ୍ୟଟିଏ ଲେଖିଦେଲେ ଦେଶର ସର୍ବୋଚ୍ଚ ନ୍ୟାୟପାଳିକାର ଅବସରପ୍ରାପ୍ତ ଜଣେ ବିଚାରପତି, ମାର୍କଣ୍ଡେୟ କାଟ୍‌ଜୁ । ନାତି ହିସାବରେ ସିଏ ସବ୍‌ଜାନତା । ଓଡିଶା ଇତିହାସର ପୋକ ହେବାକୁ ତାଙ୍କର ବଂଶକଣିକା ରହିଚି । ଜେଜବାପା ତାଙ୍କର ୧୯୪୭ ମସିହାରେ ଓଡିଶାର ରାଜ୍ୟପାଳ ଥିଲେ । ଜେଜେବାପା ତାଙ୍କର ଓଡିଶାରେ କିଛି କରିଥିବାର ଓଡିଆମାନେ ମନେରଖିଛନ୍ତି କି ନା ପରଖିବା ପାଇଁ ନିମ୍ନ ପଦଟି ମାର୍କଣ୍ଡେୟ ଲେଖିଦେଇଛନ୍ତି ତ ...

"ମୋତେ ଓଡିଆଙ୍କ ବିଷୟରେ କିଛି ଲେଖିବାକୁ କୁହାଗଲା । ବିଚରା ଓଡ଼ିଆଙ୍କ ବିଷୟରେ ମୋର କଅଣ ଲେଖିବାକୁ ଅଛି ? କଳିଙ୍ଗ ଯୁଦ୍ଧରେ ଅଶୋକଙ୍କଦ୍ୱାରା ହତାଶ ହେବା ପରେ ସେମାନଙ୍କ ପାଖରେ କଅଣ ଅଛି ? ଏବେ କେବଳ ସେମାନଙ୍କ ଭିତରେ ଅଛନ୍ତି କିଛି ପାତ୍ର, ମହାପାତ୍ର ଓ ମନେମନେ ଚାଲାକ ପଟ୍ଟନାୟକ । ଅବଶ୍ୟ ସେମାନଙ୍କ ପାଖରେ ପ୍ରଭୁ ଜଗନ୍ନାଥ ଅଛନ୍ତି, ତାଙ୍କୁ ସେମାନେ ଆରାଧନା କରନ୍ତି । କେବଳ ସେଇ ଜଘନ୍ୟ ବିହାରୀଙ୍କ ଉପରେ ପ୍ରତିଶୋଧ ନେବାକୁ..."

କାଟ୍‌ଜୁ ଯାଆନ୍ତି କୁଆଡେ ? ଦେଖୁଛନ୍ତି ପୁରୀରେ ନିଜର ପ୍ରତିକୃତି କିପରି ହୁତ୍ ହୁତ୍ ହୋଇ ଜଳୁଛି ! ସାରା ଓଡିଶା ମାଗୁଛି ଜବାବ । କାଟଜୁ ତ ସତରେ ସେଇ ଅଲାଜୁକ ମନ୍ତବ୍ୟ ପଛରେ ଲେଖିଥିଲେ ଏଇଟା ଗୋଟାଏ ଥଟ୍ଟା ରହସ୍ୟ ବୋଲି । ବାଚାଳ ପ୍ରବର ଭାବରେ ଏଇଟି ତାଙ୍କର ଏକମାତ୍ର ପରିହାସ ନୁହେଁ, ସେ ଅଭ୍ୟାସଗତ ପରିହାସମୟ ଓ କ୍ଷମାମାଗିବା ପ୍ରିୟ । ଓଡିଆ ଜାତିକୁ ମର୍ମାହତ କରିଥିବାରୁ ସିଏ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କଲେ ।

କାଟ୍‌ଜୁ ବୋଧେ ଇତିହାସର ସାରମର୍ମ ବୁଝି ନାହାନ୍ତି । ହଇହେ, ଓଡ଼ିଶା ମାତା ଆଉ ବିହାର ମାତା ଦି ଭଉଣୀ । ହେଲେ ଓଡିଶା ମାଆର ନେଳି ନୋଥଟିଏ ଅଛି । ବିହାର ମାଆର ନାହିଁ । କାଳକାଳକୁ ଏଇ ନୋଥ କଳି ଲାଗିଛି । ନୋଥଟି ହେଉଛି ମହୋଦଧି । ଏଇ କାରଣରୁ ଦିନେ ଚଣ୍ଡାଶୋକ ବଳପ୍ରୟୋଗ କରି ନୋଥ ଛଡାଇନେଲେ । ଏମିତି କାଳକ୍ରମେ ବିହାର-ଓଡିଶା ମିଳିତ ରାଜ୍ୟ ବି ହୋଇଛି ତାହାର ୨୨୭୩ ବର୍ଷ ପରେ ଇଂରେଜ ଶାସନକାଳରେ । ଏମିତି କି ବ୍ରିଟିଶ ପାର୍ଲିଆମେ□ରେ ଲର୍ଡ କର୍ଜନ ମନ୍ତବ୍ୟ ଦେଇଥିଲେ, ବିହାରକୁ ଓଡିଶା ସହିତ ମିଶାଇବା ଦ୍ୱାରା ଓଡିଶାକୁ କଅଣ ମିଳୁ ନମିଳୁ ବିହାରକୁ ତ ସମୁଦ୍ର ମିଳିଗଲା !

କାଟ୍‌ଜୁ ଆହୁରି ଶୁଣ, ଇତିହାସ ବି ମୂକନୁହେଁ ତୁମେ ଫାନ୍ଦିଥିବା ବିଷୟରେ । ଓଡ଼ିଶାର ଇତିହାସ, ଭାରତର ଇତିହାସ, ପୃଥିବୀର ଇତିହାସ ଲେଖେ, ଦିନେ ବିହାରର ନନ୍ଦ ବଂଶ ଆଶୋକଙ୍କ ପୂର୍ବରୁ ତତକାଳୀନ କଳିଙ୍ଗର ରାଷ୍ଟ୍ରଦେବତା ଆଦିଜିନ (କଳିଙ୍ଗଜିନ୍) ପଣ ସ୍ୱରୂପ ମଗଧ ନେଇଯାଇଥିଲେ । କଳିଙ୍ଗ ସଂକଳ୍ପ କରି ୩୦୦ ବର୍ଷ ପରେ ଆଦିଜିନାଙ୍କୁ ଫେରାଇ ଆଣିଥିଲା । ମଗଧରାଜ ପଦଲେହନ କରିଥିଲେ କଳିଙ୍ଗାଧିପତିଙ୍କର । ଏହି ଅଧ୍ୟାୟଟି କାଟଜୁ ପଢିବାରେ ଧ୍ୟାନ ଦେଇ ନଥିବା ମନେହୁଏ ।

ଆହୁରି ଶୁଣ କାଟ୍‌ଜୁ । ପଞ୍ଚଦଶ ଶତାବ୍ଦୀର ଘଟଣା । ବରଘର ଦେଖିବାକୁ ଆସିଥିଲେ କାଞ୍ଚୀରାଜା ଶାଳ୍ୱ ନରସିଂହ । ଓଡିଶାର ରଥଯାତ୍ରା ପର୍ବରେ । ନିଜର ପ୍ରସ୍ତାବିତ ଜାମାତା ଉତ୍କଳର ଗଜପତି ସୁବର୍ଣ୍ଣ ମାର୍ଜନୀରେ ରଥରେ ଛେରାପହଁରା କରିବାର ଦେଖି ଗଜପତିଙ୍କୁ ଚାଣ୍ଡାଳ ବୋଲି ଆଖ୍ୟାୟିତ କରି ଏଠାରେ ନିଜର କନ୍ୟା ରୂପାମ୍ବିକାଙ୍କୁ ବାହା ନ କରିବାର ମତାମତ ଦେଇଥିଲେ । ଏଇଟା ଲକ୍ଷେ ରାଜାର ମଉଡମଣି ଗଜପତିଙ୍କୁ ଅପମାନ ନୁହେଁ,

ମହାପ୍ରଭୁ ଜଗନ୍ନାଥଙ୍କୁ, ଓଡିଆ ପ୍ରାଣକୁ, ଓଡ଼ିଆ ଜାତୀୟତାକୁ। ଏଇଟା କାଞ୍ଚୀ-କାବେରୀ ଉପାଖ୍ୟାନ। ଓଡିଆ ଅଖଣ୍ଡତା ଓ ଅସ୍ମିତାର ପରିଚୟ ପାଇଲେ ଶାଳ୍ୱ। ରୂପାମ୍ବିକା ହେଲେ ଚାଣ୍ଡାଳୁଣି, ବିବାହ କଲେ ଗଜପତି ପୁରୁଷୋତ୍ତମଙ୍କୁ ଚଣ୍ଡାଳ ବେଶରେ !

ସେଇ ଓଡିଆ ଜାତି ଚିରସଂକଳ୍ପ। ଇତିହାସ ସାଉଁଟିଲେ ସେଇ ଚିରକାଳ ପାଇଁ ଜାତୀୟ ଅସ୍ମିତା ଜାଗ୍ରତ ଓ ପରିପୁଷ୍ଟ ହୋଇଛି କଳିଙ୍ଗଯୁଦ୍ଧୋତ୍ତର ସଂବେଦନାରେ, କଳାପାହାଡର ବର୍ବର ଦେବଦହନରେ, ନଅଙ୍କ ଦୁର୍ଭିକ୍ଷର ଦଶଲକ୍ଷ ନିରୀହ ପ୍ରାଣ ନିଧନରେ ତଥା ଓଡିଆ ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେ ବୋଲି କୁତ୍ସିତ ମନ୍ତବ୍ୟ ଶୁଣିବା ପରେ।

ସାଧାରଣ ଦୃଷ୍ଟିରୁ ଦେଖିଲେ ଏଇ ଗମନାଗମନ-କ୍ଲିଷ୍ଟ ଓଡିଶା କିପରି ଦିନେ ସମୃଦ୍ଧ ଓ ବିଭବଶାଳୀ ଥିଲା ସନ୍ଦେହ ଆସେ ମନରେ। ହୋଇପାରେ ରାସ୍ତା ନଥିବା ବେଳେ ନଦୀନାଳରେ ବହୁ ପରିମାଣରେ ଚଳପ୍ରଚଳ ହେଉଥିବା ନୌଶକ୍ତି ଓ ସ୍ଥଳଭାଗର ଅଶ୍ୱ ଶକ୍ତି ରାଜ୍ୟକୁ ସଂଚାଳିତ ଓ ସମନ୍ୱିତ କରି ରଖିଥିଲା। ସେଇ ରାଜ୍ୟ ଯଦି ନଅଙ୍କଗ୍ରସ୍ତ ହୋଇଥାଏ, କେବଳ ଇଂରେଜ ଅବହେଳା ଓ ଗମନାଗମନ ସୁବିଧା ନ କରିବାରୁ।

ଆଜି ବି ଓଡିଶା ଯେତେ ଉନ୍ନତି କରୁ, ଏହି ଗମନାଗମନ କ୍ଷେତ୍ରରେ ନିନ୍ଦା ପାଉଛି ବିଶ୍ୱ ଦରବାରରେ। ସମ୍ବାଦ ମାଧ୍ୟମ ଓ କ୍ୟାମେରା ସବୁ ଅଭ୍ୟନ୍ତରକୁ ଭେଦି ପାରୁଛନ୍ତି, କିନ୍ତୁ ସରକାରଙ୍କର କାଳକ୍ଷେପଣ ନୀତି ଓ ରକ୍ଷଣା ବେକ୍ଷଣା ଅଭାବରୁ ଲୋକ ଅସୁବିଧା ସାଙ୍ଗକୁ ଲଜ୍ଜିତ ହେଉଛନ୍ତି।

ଆମର ଅସ୍ମିତାର ସଂହତିକୁ ନେଇ ଆମେ ସବୁଜ ଚଳଚଞ୍ଚଳ ଓଡ଼ିଶା ଭୂମି ଗଢିପାରିବାର ଦୁର୍ବାର ସ୍ୱପ୍ନ ରହିଛି। ଆମ ରାଜନୈତିକ ଶକ୍ତିର ଏକକ ପରିଚୟ ଦେଇ ଆମେ ଆମ ମାଟି ମାଆର ବିଶାଳ ଖଣିଜ ସମ୍ପଦର ବିନିଯୋଗ କରିବାର ସୁଯୋଗ ରହିଛି।

ସବୁର ମୂଳରେ ରହିଛି ପୁନରାୟ ସଂକଳ୍ପ ନେବା। କିଏ କହିବେନି ଓଡିଆ ଚରିତ୍ର ଦୁର୍ବଳ ଆଉ ଭିକ୍ଷା ମନୋବୃତ୍ତିର; କିଏ କହିବେନି ଓଡିଆମାନେ ଦୁଶ୍ଚରିତ୍ର; କିଏ କହିବେନି ଓଡିଆମାନେ ନିଷ୍ଫଳ, ଅସହଯୋଗୀ ଆଉ ସ୍ୱାର୍ଥପର; କିଏ କହିବେନି ଓଡିଆ ଲକ୍ଷ୍ୟହୀନ, ଭାଷାହୀନ ଓ ଧର୍ମାନ୍ଧ; କିଏ କହିବେନି ଏ ଜାତି ଗୋଟିଏ ହତାଶ ଜାତି। ଆମର ନିଜର ଚରିତ୍ର ସେହି ମତେ ଗଢିବା। ସାମାଜିକ ସମନ୍ୱିତ ଫଳପ୍ରଦ ଓଡିଆ ସ୍ୱାଭିମାନ।

ସଂକଳ୍ପସିଦ୍ଧ ଓଡ଼ିଆ ଅସ୍ମିତା ନିଶ୍ଚିତ ନୂତନ ସାମାଜିକ ଓ ରାଜନୈତିକ ମାନ ନିର୍ଦ୍ଧାରଣ କରିବ।

ମୋ ଓଡିଶା ମା ସବୁଠାରୁ ସୁନ୍ଦର ଓ ଶ୍ରେଷ୍ଠ !!!

*ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୭୫୧୦୦୪*
*ମୋ - ୯୩୩୭୦୩୭୨୫*

●●●●



# କାଲି ପାଇଁ ମାଆର କଲ୍ୟାଣ...

*ବଳଭଦ୍ର ରଥ*

ପଶ୍ଚାତ୍ ଭାଗରେ ମୋର ସ୍ୱର୍ଣ୍ଣିମ ଇତିହାସ, ସମ୍ମୁଖ ଭାଗରେ ମୋତେ ନେଇ ଅନେକ ସ୍ୱପ୍ନର ପାହାଡ । ତାରି ମଝିରେ ମୁଁ ଦଣ୍ଡାୟମାନ । ଛିଡା ହୋଇଛି କିଛି ଜାବୁଡି ଧରି, ଆଉ କିଛି ଧରି ରଖିବା ପାଇଁ ପ୍ରୟାସରେ ।

ବେଶ୍ କିଛିଦିନ ଧରି ମୋ ଗାରିମା, ବଡିମାକୁ ବିଶେଷ ରୂପ ଦେବା ପାଇଁ ସମସ୍ତେ ଜାଗ୍ରତ, ବ୍ୟସ୍ତ ଓ ତତ୍ପର । ଲାଗୁଛି ଶୌର୍ଯ୍ୟ ଫେରିଛି । ସେମାନେ ଶକ୍ତ ହୋଇଛନ୍ତି । ମୋତେ ବି ଦମ୍ଭିଲା ଲାଗୁଛି । ସେମାନେ ଉଠିଛନ୍ତି, ଜାଗ୍ରତ ହୋଇଛନ୍ତି-ଅସ୍ମିତାକୁ, ଅସ୍ତିତ୍ୱକୁ ଅନ୍ୟ ମାଆ ସହିତ ସମକକ୍ଷ କରିଦେବେ । କେଉଁ ମାଆ ଖୁସି ନହୁଅନ୍ତା କି ? ମୁଁ ବି ଖୁସି । ଖୁସି ଭିତରେ କିନ୍ତୁ କଥା ଅସରନ୍ତି । ଅସରାଏ ଅଳନ୍ଧୁର ଆସ୍ତରଣ ।

ସେମାନଙ୍କୁ ମୋର ସାଧୁବାଦ ଯେଉଁମାନେ ମୋତେ ଆଜକୁ ଠିକ୍ ଏକାଅଶୀ ବର୍ଷ ତଳେ ଓଡିଶା ବୋଲି ସ୍ୱତନ୍ତ୍ର ରୂପ ଦେଲେ । ସେହି ଉଦ୍ୟମକୁ ଶତପ୍ରଶଂସା କଲେ ମଧ୍ୟ, ବୋଧେ ମୋର ସବୁ ଶବ୍ଦ କେବଳ ନିଅଣ୍ଟିଆ ପଡିଯିବେ । ସେମାନଙ୍କୁ ବି ମୋର ଧନ୍ୟବାଦ ଯେଉଁମାନେ ମୋ ଭାଷ୍ୟକୁ ଅନେକ ଅକ୍ଳାନ୍ତ ପରିଶ୍ରମ ଓ ପ୍ରୟାସ ଦ୍ୱାରା ତିନିବର୍ଷ ତଳେ ଶାସ୍ତ୍ରୀୟ ମାନ୍ୟତା ଦେଲେ । ସେହିମାନେ ବି ଧନ୍ୟବାଦର ପାତ୍ର ଯେଉଁମାନେ ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ମୋତେ କେନ୍ଦ୍ର କରି ଉତ୍ସବ ପାଳିଲେ, ମୁଁ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଗଲି ବୋଲି ଘୋଷଣା କଲେ । ମାନ୍ୟତା ତ ଦେଲେ । ଅଥଚ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବା ପରେ ମୋତେ ଯେତିକି ସମ୍ମାନ ଦେବା କଥା ସେତିକି ଦେଇଛନ୍ତି ତ ? ସେମାନେ ଚିନ୍ତା କରନ୍ତୁ । ଯଥୋଚିତ ସମ୍ମାନ ଦିଅନ୍ତୁ କି ନଦିଅନ୍ତୁ-ସେଥିପ୍ରତି ମୋର ପରବାୟ ନାହିଁ । କିନ୍ତୁ କଷ୍ଟ ହେଉଛି ରାଜନୀତି । ପୀଡା ହେଉଛି ମୋତେ ନେଇ ଚାଲିଥିବା ପଶାପାଲିର ଖେଳ । ଆଜି ମଧ୍ୟ ମୁଁ ବିକ୍ଷିପ୍ତ ଭାବେ ରହିଛି । ମନରେ ଆଉ ମାନସିକତାରେ । ହେଲେ ବି ସହିଛି । ସବୁଦିନ ଏମିତି ହିଁ ସହ୍ୟ କରୁଥିବି । ସାମର୍ଥ୍ୟ ଅଛି । ଥିବା ଯାଏଁ ସହ୍ୟ କରୁଥିବି ।

ତଥାପି ନୀରବରେ ମୋତେ ନିରୀକ୍ଷଣ କରିବାକୁ ହେଉଛି । ତଥାକଥିତ ସ୍ୱର୍ଣ୍ଣାକ୍ଷରର ଚମକ ବାସ୍ତବରେ ରୂପାନ୍ତରିତ ହେବା ଯାଏଁ ମୋର ଅପେକ୍ଷା । ଭୂଚିତ୍ରର ଭୂଗୋଳ ଅତୁଟ ରହୁ । କେତେ କେତେ ପ୍ରଶ୍ନବାଚୀ ମୋ ସମ୍ମୁଖରେ ଦଣ୍ଡାୟମାନ ଥିଲେ ସୁଦ୍ଧା ମୋର ଆଶା ମଉଳିନି । ଆଜି ଏ ଆହ୍ୱାନ କେବଳ ଭବିଷ୍ୟତ ପାଇଁ । ରୂପ ଥିଲେ ସିନା ରେଖା ରହିବ ।

ଥିଲେ ସେମାନଙ୍କର, ମୋର ମଧ୍ୟ । ନଥିଲେ ବି ମୋର ଯିବ, ସେମାନଙ୍କର ଯିବ । ହେଲେ ମୋତେ ନେଇ ସେମାନେ କରୁଥିବା ରାଜନୀତି ବନ୍ଦ ହେବ ବୋଲି ମୋର ଆଶା । ଅଜସ୍ର ଇତିହାସର ମୂକସାକ୍ଷୀ, ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପ୍ତି ଓ ବିସ୍ତୃତିର ବିଶାଳ ଭୂଖଣ୍ଡ, ବୀର ପୁଙ୍ଗବ ପୂର୍ବସୂରୀ, ରଣ ଦୁନ୍ଦୁଭିତ ପରାକାଷ୍ଠାର ଗୌରବମୟ ଅତୀତ-ଏସବୁ ଆଜି କେବଳ ମୋ ନାଁ ପୂର୍ବର କେବଳ ଗୋଟିଏ ଗୋଟିଏ ବିଶେଷଣ ମାତ୍ର । କାହିଁକି ?

କାନ୍ଧରେ କାନ୍ଧ ଦେଇ ଚାଲିବେ ତ ଏ ଜାତି ପୁଏ । ଅତୀତ ଓ ଆଗତକୁ ଏକାକାର, ଏକୀଭୂତ କରିବେ । କେବଳ ଅତୀତକୁ ଜାବୁଡି ଧରି ବର୍ତ୍ତମାନ ବଞ୍ଚିବେନି । ଭବିଷ୍ୟତ ପାଇଁ ଜଣେ ଜଣେ ଧ୍ୱଜାଧାରୀ ହେବେ । ଚେତନା ଫେରିଲେ ଆପେ ବୁଝିଯିବେ ମୋ ଯନ୍ତ୍ରଣା, ଏଇଠି ସେଇଠି-ଦାଣ୍ଡରେ, ହାଟରେ ଗଡୁଥିବା ବିକ୍ଷିପ୍ତ ବେଦନା । ଏମାନେ ପରା ଆଗକୁ ଆଲୋକର ବର୍ତ୍ତିକା ସାଜିବେ । ଏବେ ଯେଉଁ ସମୟ ଆଉ ଭବିଷ୍ୟତର ସ୍ୱପ୍ନ ସବୁ ପଡିରହିଛି ରାଜନୀତିର ଶରଶଯ୍ୟାରେ, କ୍ଷୁଧିତ କ୍ଷମତାର କ୍ଷେତ୍ରଫଳ ମଧ୍ୟରେ, ସେସବୁ ଅପସରି ଯିବ ନିଶ୍ଚୟ । ଧମନୀରେ ପ୍ରବାହିତ ହେଉଥିବା ରକ୍ତ ସବୁ ହିମାବର୍ତ୍ତ ଭଳି ସ୍ଥିରତା ସବୁ ପୁଣି ଜାଗ୍ରତ ହେବ, ତେଜୀୟାନ୍ ହେବ ।

ସବୁ ଭିତରେ ମୋ ଜାତି ପୁଅ ମୋତେ ସତରେ ବୁଝିଛନ୍ତି । ହଁ ବୁଝିଛନ୍ତି ବୋଧେ । ନଚେତ୍ କାହିଁକି ଏବେ ଏତେ କୋଳାହଳ ଲାଗିଥାନ୍ତା । ମୋ ପଲ୍ଲୀ ପୁଅର ବୀରତ୍ୱକୁ ଆଉ ମୋତେ ଦିଲ୍ଲୀରେ ଦର୍ଶାଗଲାଣି । ଯାହା ଦର୍ଶାଇଯାଇଛି ତାହା ପ୍ରକୃତରେ ପ୍ରତିଫଳିତ ହେବ ବୋଲି ମୋର ଦୃଢ ବିଶ୍ୱାସ । ସେମାନେ ଥିଲେ ବୀର, ସାହସୀ, ପ୍ରଥମ ସ୍ୱାଧୀନତାର ଅଗ୍ନିସ୍ଫୁଲିଙ୍ଗ । ବୀରତ୍ୱ ଏବଂ ଶୌର୍ଯ୍ୟର ପ୍ରତୀକ । ହେଲେ ଏବେ ସେମାନଙ୍କ ଭଳି କାହାନ୍ତି ମୋ ପୁଅ ? ନିଶ୍ଚୟ ଅଛନ୍ତି ? ଏ ମାଟିର ସେମାନେ ବାର୍ତ୍ତାବହ । ମୁଁ ପରା ବୀରଭୋଗ୍ୟା । ହଁ, ହଁ ମୁଁ ସଦର୍ପେ ମୁଁ କହୁଛି -ବର୍ତ୍ତମାନର ପଙ୍ଗୁ, ଅଥର୍ବ, ନିଥର, ମାଆକୁ ନେଇ ରାଜନୀତି କରୁଥିବା ପୁଅମାନଙ୍କ ଆଖିରେ କେବଳ

ଅନ୍ଧାରର ଗୋଟେ ପରଦା ରହିଯାଇଛି । ତାକୁ ସେମାନେ କାଢିନେବେ। ଏଇମାନେ ମଧ୍ୟ ମୋର ରକ୍ତର । ପରାକ୍ରମଶାଳୀ ଏବଂ ବୈଭବଶାଳୀ ସନ୍ତାନ।

ଇତିହାସରୁ ଆଜି ଯାଏଁ କେତେ ସବୁ ମୁଁ କହିସାରିଲିଣି । ଲକ୍ଷ୍ୟ କରିପାରୁଛି ସବୁକିଛି । ଅନୁଭବ ବି କରିପାରୁଛି । ଏଠି ଚାଲିଥିବା ତଥାକଥିତ ଯେତେ ସବୁ ଆଦର୍ଶ ଏବଂ ବଚନ, ତାହା ବାସ୍ତବତାକୁ ଫେରବି ? ରଙ୍ଗମଖା କୁତ୍ସିତ କଳ୍ପନା କଫିନ୍‌ରେ ଶୋଇବ ?

ମୋର ମାଟିରେ, ପାଣିରେ, ପବନରେ, ଦାନାରେ, କନାରେ ବଢିଥିବା ଏବଂ ବଞ୍ଚିଥିବା ମୋ ପିଲାଏ । ଇତିହାସକୁ ଆଉ ଧରନି ରେ । ପାରୁଛ ଯଦି ସୃଷ୍ଟି କର ଇତିହାସ । ଏବେବି ଶକ୍ତ ଅଛି କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ନିଅ । ତାକୁ ସମୃଦ୍ଧ କର, ସଶକ୍ତ କର । କଥା ଦେଉଛି ସହିବି । ତୁମେ ସବୁ ବଞ୍ଚିଲେ ମୁଁ ଥିବି । ମୋର ଅସ୍ତିତ୍ୱ କେବଳ ତୁମେମାନେ ।

ମୁଁ ପରା ତୁମ ମାଆ-ଉତ୍କଳ ଜନନୀ । ଯାଅ ଯଶସ୍ୱୀ ହୁଅ, ବିଶ୍ୱବିଜୟୀ ହୁଅ । କଲ୍ୟାଣ..

*ସହିଦନଗର, ଭୁବନେଶ୍ୱର*
*ମୋ-୯୯୩୮୧୧୬୧୪୪*

